# କଳାକୁଞ୍ଜ

## କଳାଶିକ୍ଷା ନିମନ୍ତେ ପାଠ୍ୟପୁସ୍ତକ

### ଷଷ୍ଠ ଶ୍ରେଣୀ

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ
ଓଡ଼ିଶା ସରକାର

ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ
ରାଜ୍ୟ ଶିକ୍ଷା ଗବେଷଣା ଓ
ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର

ଓଡ଼ିଶା ବିଦ୍ୟାଳୟ ଶିକ୍ଷା
କାର୍ଯ୍ୟକ୍ରମ ପ୍ରାଧିକରଣ, ଭୁବନେଶ୍ୱର

# କଳାକୁଞ୍ଜ

ପରୀକ୍ଷାମୂଳକ ସଂସ୍କରଣ - ୨୦୨୬

**ସମ୍ପାଦକ ମଣ୍ଡଳୀ**

ଶ୍ରୀ ନରେନ୍ଦ୍ର ପଣ୍ଡା
ପଣ୍ଡିତ ଦେବେନ୍ଦ୍ର ନାରାୟଣ ଶତପଥୀ
ଶ୍ରୀ ସନ୍ତୋଷ କୁମାର ସିଂ ଖୁଣ୍ଟିଆ
ଶ୍ରୀମତୀ ପ୍ରଣତି ସାହୁ
ଶ୍ରୀ କମଳ ଲୋଚନ ମହାନ୍ତ
ଶ୍ରୀ ଧୀରେନ୍ଦ୍ର ନାଥ ମଲ୍ଲିକ

**ସମୀକ୍ଷକ ମଣ୍ଡଳୀ**

ଡ. କୀର୍ତ୍ତନ ନାରାୟଣ ପାଢ଼ୀ
ଶ୍ରୀ ଧୀରେନ୍ଦ୍ର ନାଥ ମଲ୍ଲିକ
ଶ୍ରୀ ସୀମନ୍ତ ମହାନ୍ତି
ଶ୍ରୀ କମଳ ଲୋଚନ ମହନ୍ତ
ଶ୍ରୀ ଦିଲ୍ଲୀପ କୁମାର ସିଂଦେଓ

**ସଂଯୋଜିକା**

ଶ୍ରୀମତୀ ଜସ୍ମିନ୍ ପଟ୍ଟନାୟକ

**ମୁଖ୍ୟ-ସଂଯୋଜିକା**

ଡ. ସବିତା ସାହୁ

**ବିଷୟ ବିଶେଷଜ୍ଞ**

ଡ. ଗୋପାଳ ପ୍ରସାଦ ମହାପାତ୍ର
ଡ. ନିଳାଦ୍ରୀ କଲ୍ୟାଣ ଦାସ


**ପ୍ରକାଶକ :** ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର

**ମୁଦ୍ରଣ ବର୍ଷ :** ୨୦୨୬

**ପ୍ରସ୍ତୁତି :** **ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର**

**ଡି.ଟି.ପି ଓ ଡିଜାଇନ୍ :** **ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର**

**ମୁଦ୍ରଣ :** ପାଠ୍ୟ ପୁସ୍ତକ ଉତ୍ପାଦନ ଓ ବିକ୍ରୟ, ଭୁବନେଶ୍ୱର




https://withteachers.in/

# ପ୍ରସ୍ତାବନା

ଜାତୀୟ ଶିକ୍ଷାନୀତି ୨୦୨୦ ହେଉଛି ଏକବିଂଶ ଶତାବ୍ଦୀର ପ୍ରଥମ ତଥା ପ୍ରମୁଖ ଶିକ୍ଷାନୀତି, ଯାହାକି ଦେଶରେ ଏକ ନୂତନ ଅଭିନବ ଶିକ୍ଷା ବ୍ୟବସ୍ଥାର ପରିକଳ୍ପନା କରିଛି । ଭାରତର ନୀତି ଓ ଆଦର୍ଶ, ମାନବୀୟ ପ୍ରୟାସ ତଥା ଜ୍ଞାନ ବିକାଶର ସମସ୍ତ କ୍ଷେତ୍ରରେ ଭାରତୀୟ ପରମ୍ପରା ଏବଂ ସଭ୍ୟତାର ଉପଲବ୍ଧି ଉପରେ ଏହା ଆଧାରିତ ହୋଇଛି । ଏହା ସହିତ ଗଠନମୂଳକ ଭାବେ ଚଳିତ ଶତାବ୍ଦୀର ସୁଯୋଗ, ସମ୍ଭାବନା ଓ ଆହ୍ୱାନ ସହିତ ଜଡ଼ିତ ହେବାପାଇଁ ଛାତ୍ରଛାତ୍ରୀମାନଙ୍କୁ ଅଭିପ୍ରେରିତ ତଥା ପ୍ରସ୍ତୁତ କରାଉଛି । ନୂତନ ଶିକ୍ଷାନୀତିର ଆକାଂକ୍ଷୀ ଦୃଷ୍ଟିକୋଣର ଆଧାରରେ ବିଦ୍ୟାଳୟ ଶିକ୍ଷା ପାଇଁ ଜାତୀୟ ପାଠ୍ୟକ୍ରମ ଢାଞ୍ଚା ୨୦୨୩ର ରୂପରେଖ ଅନୁସାରେ ସମସ୍ତ ବିଷୟରେ ଓ ସବୁ ସ୍ତରରେ ପାଠ୍ୟକ୍ରମ ସୁବ୍ୟବସ୍ଥିତ କରାଯାଇଛି । ମାନବ ଅସ୍ତିତ୍ୱର ସମସ୍ତ ପାଞ୍ଚଟି ସ୍ତର; ପଞ୍ଚକୋଷକୁ ସ୍ପର୍ଶ କରି ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ କ୍ଷମତାକୁ ମୌଳିକ ଏବଂ ପ୍ରସ୍ତୁତି ପର୍ଯ୍ୟାୟରେ ପୋଷଣ କରି ମଧ୍ୟମ ପର୍ଯ୍ୟାୟରେ ସେମାନଙ୍କର ଶିକ୍ଷାର ଆହୁରି ଅଗ୍ରଗତି ପାଇଁ ପଥ ପ୍ରଶସ୍ତ କରିଛି । ଏହିପରି ମଧ୍ୟମ ପର୍ଯ୍ୟାୟ ଷଷ୍ଠ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ତିନି ବର୍ଷ ବ୍ୟାପୀ, ପ୍ରସ୍ତୁତି ଏବଂ ମାଧ୍ୟମିକ ପର୍ଯ୍ୟାୟ ମଧ୍ୟରେ ଏକ ସେତୁ ଭାବରେ କାର୍ଯ୍ୟ କରୁଛି ।

ବିଦ୍ୟାଳୟ ଶିକ୍ଷାପାଇଁ ଜାତୀୟ ପାଠ୍ୟକ୍ରମ ଢାଞ୍ଚା-୨୦୨୩ (NCF-SE-2023) ମଧ୍ୟମ ପର୍ଯ୍ୟାୟରେ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ଜୀବନରେ ଆଗକୁ ବଢ଼ିବା ସହିତ ଅଧିକ ବିକଶିତ କରିବା ପାଇଁ ଆବଶ୍ୟକ ଦକ୍ଷତା ସହିତ ସଂଯୋଜିତ କରିବା ଲକ୍ଷ୍ୟ ରଖିଛି । ଏହା ସେମାନଙ୍କର ବିଶ୍ଳେଷଣାତ୍ମକ, ବର୍ଣ୍ଣନାତ୍ମକ ଏବଂ ଆଲୋଚନାତ୍ମକ କ୍ଷମତାକୁ ବୃଦ୍ଧି କରିବା ଏବଂ ସେମାନଙ୍କୁ ଅପେକ୍ଷା କରିଥିବା ଆହ୍ୱାନ ଏବଂ ସୁଯୋଗ ପାଇଁ ପ୍ରସ୍ତୁତ କରିବାକୁ ପ୍ରୟାସ କରିଛି । ଛାତ୍ରଛାତ୍ରୀମାନଙ୍କର ସାମଗ୍ରିକ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ତିନୋଟି ଭାଷାରୁ ଅତିକମ୍‌ରେ ଦୁଇଟି ଭାରତୀୟ ଭାଷାରୁ ଆରମ୍ଭ କରି ବିଜ୍ଞାନ, ଗଣିତ, ସାମାଜିକ ବିଜ୍ଞାନ, କଳାଶିକ୍ଷା, ଶାରୀରିକ ଶିକ୍ଷା ଓ ସୁସ୍ଥତା ଏବଂ ବୃତ୍ତିଗତ ଶିକ୍ଷା ପର୍ଯ୍ୟନ୍ତ ନଅଟି ବିଷୟ ଅନ୍ତର୍ଭୁକ୍ତ କରି ଏକ ବିବିଧ ପାଠ୍ୟକ୍ରମର ପରିକଳ୍ପନା କରାଯାଇଛି । ଏପରି ଏକ ପରିବର୍ତ୍ତନଶୀଳ ଶିକ୍ଷା-ସଂସ୍କୃତି ପାଇଁ କିଛି ଅତ୍ୟାବଶ୍ୟକୀୟ ପରିସ୍ଥିତିର ଆବଶ୍ୟକତା ରହିଛି । ସେଥିମଧ୍ୟରୁ ଗୋଟିଏ ହେଉଛି, ବିଭିନ୍ନ ପାଠ୍ୟକ୍ରମ କ୍ଷେତ୍ରରେ ଉପଯୁକ୍ତ ପାଠ୍ୟପୁସ୍ତକ ପ୍ରଣୟନ; କାରଣ ଏହି ପାଠ୍ୟପୁସ୍ତକଗୁଡ଼ିକ ବିଷୟବସ୍ତୁ ଏବଂ ଶିକ୍ଷାଦାନ ମଧ୍ୟରେ ସମନ୍ୱୟ ରକ୍ଷା କରିବାରେ ଏକ ମୁଖ୍ୟ ଭୂମିକା ଗ୍ରହଣ କରିବ, ଯାହା ସିଧାସଳଖ ଶିକ୍ଷା ଏବଂ ତତ୍‌ସମ୍ବନ୍ଧୀୟ ଅନୁସନ୍ଧାନର ସୁଯୋଗ ମଧ୍ୟରେ ଏକ ବିଚାରପୂର୍ଣ୍ଣ ସନ୍ତୁଳନ ସ୍ଥାପନ କରିପାରିବ । ଅନ୍ୟାନ୍ୟ ସର୍ତ୍ତ ମଧ୍ୟରେ, ଶିକ୍ଷକ ପ୍ରସ୍ତୁତି ଏବଂ ଶ୍ରେଣୀଗୃହ ବ୍ୟବସ୍ଥା ଉଭୟ ପାଠ୍ୟକ୍ରମ ମଧ୍ୟରେ ଓ ପାଠ୍ୟକ୍ରମ ବାହାରେ ଧାରଣାଗତ ସଂଯୋଗ ସ୍ଥାପନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ ।

ଜାତୀୟ ଶିକ୍ଷା ଗବେଷଣା ଏବଂ ପ୍ରଶିକ୍ଷଣ ପରିଷଦକୁ ଅନୁସରଣ କରି ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ଛାତ୍ରଛାତ୍ରୀମାନଙ୍କୁ ଏପରି ଉଚ୍ଚ - ଗୁଣବତ୍ତା ସମ୍ପନ୍ନ ପାଠ୍ୟପୁସ୍ତକ ପ୍ରଦାନ କରିବାକୁ ପ୍ରତିଶ୍ରୁତିବଦ୍ଧ । ବିଭିନ୍ନ ବିଷୟରେ ପାଠ୍ୟକ୍ରମ ସମୂହ ଏକ ମହତ ଉଦ୍ଦେଶ୍ୟରେ



https://withteachers.in/

ଗଠନ କରାଯାଇଛି । ଏଥିରେ ବିଷୟବସ୍ତୁ ବିଶେଷଜ୍ଞ, ବିଷୟଭିତ୍ତିକ ଶିକ୍ଷକ ଏବଂ ଅଭିଜ୍ଞ ଅଧ୍ୟାପକ ସେମାନଙ୍କର ସଦସ୍ୟ ଭାବରେ ସମ୍ମିଳିତ ହୋଇ ଗୁଣାବତ୍ତାପୂର୍ଣ୍ଣ ପାଠ୍ୟ ବିଷୟବସ୍ତୁ ରଖିବାକୁ ସମସ୍ତ ସମ୍ଭାବ୍ୟ ପ୍ରୟାସ କରିଛନ୍ତି ।

ଷଷ୍ଠ ଶ୍ରେଣୀ ପାଇଁ ଉଦ୍ଦିଷ୍ଟ ପାଠ୍ୟପୁସ୍ତକ ଓଡ଼ିଶା ପାଠ୍ୟକ୍ରମ ଢ଼ାଞ୍ଚା- ୨ ୦ ୨ ୫ (OCF-2025) ଆଧାରରେ ମଧ୍ୟମ ପର୍ଯ୍ୟାୟର ପ୍ରଥମ ବର୍ଷ ନିମନ୍ତେ ପ୍ରସ୍ତୁତ କରାଯାଇଛି । ଏହି ପାଠ୍ୟପୁସ୍ତକଟି ବିକାଶମୂଳକ ସ୍ତର ପାଇଁ ଆବଶ୍ୟକୀୟ ବୋଧଗମ୍ୟ ସୃଜନଶୀଳତା ମୂଲ୍ୟବୋଧ, ସମସ୍ୟା ସମାଧାନ ଓ ସ୍ୱଭାବ ଉପରେ ଗୁରୁତ୍ୱାରୋପ କରିଛି । ଏହି ପୁସ୍ତକଟି ପିଲାଙ୍କ ମଧ୍ୟରେ ପ୍ରାକୃତକ ଭାବେ ନିହିତ କୌତୁହଳକୁ ପ୍ରୋତ୍ସାହିତ କରିବା ସହ ବିଭିନ୍ନ କଳା ଯେପରି ଦୃଶ୍ୟକଳା, ନୃତ୍ୟ, ନାଟକ, ସଂଗୀତ ମାଧ୍ୟମରେ ନିଜର ଭାବନା ପ୍ରକାଶ କରିବାପାଇଁ ଅନେକ ସୁଯୋଗ ସୃଷ୍ଟି କରିଛି । ପୁସ୍ତକଟି ଲିଙ୍ଗ, ଦକ୍ଷତା ଆଦି ନିର୍ବିଶେଷରେ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ସମାନ ସୁଯୋଗ ଦେବାପାଇଁ ପ୍ରୟାସ କରିଛି । ପୁସ୍ତକରେ ଦିଆଯାଇଥିବା କ୍ରିୟାକଳାପ ଗୁଡିକ ପିଲାମାନଙ୍କୁ ବିଷୟ ସମ୍ବନ୍ଧିତ ଅତିରିକ୍ତ ଶିକ୍ଷଣ ସମ୍ବଳ ଆବିଷ୍କାର କରିବା ପାଇଁ ଉତ୍ସାହିତ କରିବ । ଏହି ପରିପ୍ରେକ୍ଷୀରେ ଶିକ୍ଷକଙ୍କ ବ୍ୟତୀତ ପିତାମାତାଙ୍କ ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଅଟେ ।

ପାଠ୍ୟପୁସ୍ତକଟିକୁ ପ୍ରସ୍ତୁତ କରିଥିବା ଏନସିଇଆରଟି, ନୂଆଦିଲ୍ଲୀର ସମସ୍ତ ଶିକ୍ଷାବିଦ୍‌ଙ୍କୁ ମୁଁ ହାର୍ଦ୍ଦିକ ଅଭିନନ୍ଦନ ଓ କୃତଜ୍ଞତା ଜଣାଉଛି । ଏଥିସହିତ ଆମ ରାଜ୍ୟରେ ଏହି ପାଠ୍ୟପୁସ୍ତକକୁ ଅନୁବାଦ ଓ ପ୍ରାସଙ୍ଗିକ କରିଥିବା ଶିକ୍ଷାବିଦ୍, ବିଷୟ ବିଶେଷଜ୍ଞ, ଚିତ୍ରକରମାନଙ୍କୁ ମୁଁ ଧନ୍ୟବାଦ ଜ୍ଞାପନ କରୁଛି । ଖୁବ କମ ସମୟ ମଧ୍ୟରେ ସମସ୍ତଙ୍କ ମିଳିତ ପ୍ରଚେଷ୍ଟାରେ ପାଠ୍ୟପୁସ୍ତକଗୁଡିକୁ ପ୍ରସ୍ତୁତ କରାଯାଇଛି । ଆମ ରାଜ୍ୟର ପ୍ରାଥମିକ ଶିକ୍ଷାରେ ସଂସ୍କାର ଆଣିବା ସହିତ ପିଲାମାନେ ଖୁସିରେ ଶିଖିବା ପାଇଁ ଏହି ପାଠ୍ୟପୁସ୍ତକ ନିଶ୍ଚୟ ସାହାଯ୍ୟ କରିବ ବୋଲି ଆଶା କରୁଛି । ପରୀକ୍ଷାମୂଳକ ଭାବରେ ଏହି ପାଠ୍ୟପୁସ୍ତକକୁ ପ୍ରସ୍ତୁତ କରାଯାଇଛି । ଏହି ପାଠ୍ୟପୁସ୍ତକକୁ ଆହୁରି ସମୃଦ୍ଧ କରିବା ପାଇଁ ମୁଁ ଆପଣମାନଙ୍କ ମତାମତ ଓ ପରାମର୍ଶକୁ ଅପେକ୍ଷା କରିବି ।

**(ମନୋଜ କୁମାର ପାଢୀ)**
ନିର୍ଦ୍ଦେଶକ
ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ
ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ
ଓଡିଶା, ଭୁବନେଶ୍ୱର



https://withteachers.in/

# ପୁସ୍ତକ ସମ୍ବନ୍ଧରେ....

କଳାକୁଞ୍ଜ - ଏହା ଏକ କଳା ପାଠ୍ୟପୁସ୍ତକ ଯାହା ତୁମକୁ ଏକ କଳାର ଦୁନିଆକୁ ନେଇଯିବ, ଯେଉଁଠି ଦୃଶ୍ୟ କଳା ପରିବେଷଣ, କଳାର ବିଶାଳତା ଏବଂ ଆକର୍ଷଣୀୟ ବ୍ରହ୍ମାଣ୍ଡର ଅନୁସନ୍ଧାନ ଓ ଆବିଷ୍କାର କରିବା ହେଉଛି ଏହାର ଏକମାତ୍ର ଉଦ୍ଦେଶ୍ୟ । ସୃଜନଶୀଳତାକୁ ଜାଗ୍ରତ କରିବା ବିଭିନ୍ନ ପ୍ରକାର କଳାପାଇଁ ପ୍ରଶଂସା ବୃଦ୍ଧି କରିବା ଏବଂ ଛାତ୍ରଛାତ୍ରୀଙ୍କର କଳାତ୍ମକ ଦକ୍ଷତା ବିକାଶ କରିବା ତତ୍ ସହିତ ମଧ୍ୟ ଏହି କାର୍ଯ୍ୟର ଏକ ଅଂଶ ଅଟେ । ଷଷ୍ଠ ଶ୍ରେଣୀ ପାଇଁ ପ୍ରସ୍ତୁତ ହୋଇଥିବା ଏହି ପୁସ୍ତକରେ ଦୃଶ୍ୟକଳା, ସଙ୍ଗୀତ, ନୃତ୍ୟ ଓ ନାଟକ ଇତ୍ୟାଦି ଅନ୍ତର୍ଭୁକ୍ତ କଳାର ବିଭିନ୍ନ ବିଭାଗ ରହିଛି ।

ଜାତୀୟ ଶିକ୍ଷାନୀତି (NEP) ୨୦୨୦ ଏବଂ କଳାଶିକ୍ଷା ପାଇଁ ଜାତୀୟ ପାଠ୍ୟକ୍ରମର ଢାଞ୍ଚା (NCF-SE)ରେ ଧାର୍ଯ୍ୟ କରାଯାଇଥିବା ପାଠ୍ୟକ୍ରମର ଲକ୍ଷ୍ୟ, ଓଡ଼ିଶା ପାଠ୍ୟକ୍ରମ ଢ଼ାଞ୍ଚା- ୨୦୨୫ (OCF-2025) ଦକ୍ଷତା ଏବଂ ଶିକ୍ଷଣ ଫଳାଫଳ ଉପରେ ଆଧାରିତ "କଳାକୁଞ୍ଜ" ପୁସ୍ତକ ବିଭିନ୍ନ କଳା ଶିକ୍ଷା ପାଇଁ ଏକ ଉପାଦେୟ ପୁସ୍ତକ । ଏଥିରେ ଥିବା ଆକର୍ଷଣୀୟ କ୍ରିୟାକଳାପ ଏବଂ ପ୍ରେରଣାଦାୟକ ପ୍ରକଳ୍ପ ଜୀବନରେ କଳାର ଭୂମିକାକୁ ବୁଝିବା ଓ କଳା ସର୍ଜନା କରିବାରେ ସାହାଯ୍ୟ କରିବ । ଛାତ୍ରଛାତ୍ରୀ ମାନେ ପ୍ରସିଦ୍ଧ କଳାକାର ଏବଂ ସେମାନଙ୍କର କାର୍ଯ୍ୟ ବିଷୟରେ ଜାଣିବେ ତଥା ବିଭିନ୍ନ କଳାର କୌଶଳ ଓ ଶୈଳୀ ବିଷୟରେ ଶିଖିବେ ଏବଂ ନିଜେ ମଧ୍ୟ ସୃଷ୍ଟି କରିବେ । ପ୍ରତ୍ୟେକ କ୍ରିୟାକଳାପ ଶିକ୍ଷାର୍ଥୀମାନଙ୍କୁ ଏକ ସ୍ୱତନ୍ତ୍ର ଅନୁଭୂତି ପ୍ରଦାନ କରିବ ।

ଏହି ପୁସ୍ତକରେ ବିଭିନ୍ନ ପ୍ରକାର କ୍ରିୟାକଳାପ ଓ ତତ୍‌ସମ୍ବନ୍ଧୀୟ ସୂଚନାଗୁଡ଼ିକ ପ୍ରଦାନ କରାଯାଇଅଛି, ଯାହା କଳାର ସୌନ୍ଦର୍ଯ୍ୟ ପ୍ରତି ଆଗ୍ରହ ଓ ରୁଚି ରଖୁଥିବା ଲୋକଙ୍କ ସହ ସଂଯୋଗ ସ୍ଥାପନ କରିପାରିବ । ପ୍ରତ୍ୟେକ ବ୍ୟକ୍ତି କଳା ସହିତ ନିଜର କଳାତ୍ମକ ସ୍ୱତନ୍ତ୍ରତାକୁ ସ୍ଥାପନ କରିପାରିବେ । ଆମ ଦେଶର ଐତିହ୍ୟ, ସଂସ୍କୃତିର ଏକ ସୁଦୀର୍ଘ ଇତିହାସ ରହିଛି ଯେଉଁଠାରେ ସେହି ସମସ୍ତ କଳାଗୁଡ଼ିକୁ ଅଭ୍ୟାସ କରାଯିବା ସହିତ ତାହାର ପରିବେଷଣ/ପ୍ରଦର୍ଶନ ପ୍ରତି ଗୁରୁତ୍ୱ ପ୍ରଦାନ କରାଯାଉଥିଲା ।

'କଳା' ମାନବ ଜୀବନର ସୌନ୍ଦର୍ଯ୍ୟବୋଧ ଓ ସମ୍ବେଦନଶୀଳତାର ଏକ ବିଶେଷ ପ୍ରସଙ୍ଗ ଅଟେ । ସୌନ୍ଦର୍ଯ୍ୟବୋଧ ଓ ସମ୍ବେଦନଶୀଳତା ହେଉଛି ସୌନ୍ଦର୍ଯ୍ୟକୁ ଅନୁଭବ କରିବା, ଭଲ ଓ ସୁନ୍ଦର ବିଷୟରେ ବିଚାର କରିବା ଏବଂ କଳା ନିର୍ମାଣ ଦିଗରେ ପ୍ରୟାସ କରିବାରେ ଦକ୍ଷତା ବୃଦ୍ଧି କରିବା ଇତ୍ୟାଦି । କଳା ହେଉଛି ସୌନ୍ଦର୍ଯ୍ୟ, ଆକୃତି, ସମାନତା, ଶୈଳୀ ଏବଂ ବିଭିନ୍ନ ଗତିକୁ ବୁଝିବାର ଏକ ସ୍ୱତନ୍ତ୍ର ମାଧ୍ୟମ ଯାହା ଭାବନାକୁ ଜାଗ୍ରତ କରିବାପାଇଁ ଅଭିବ୍ୟକ୍ତିରେ ମିଶ୍ରିତ ହୋଇଥାଏ । କଳାତ୍ମକ କାର୍ଯ୍ୟ ଉଭୟ ଧାର୍ମିକ ଓ ପ୍ରକ୍ରିୟାଗତ ଜ୍ଞାନକୁ ଅନ୍ତର୍ଭୁକ୍ତ କରେ । ଏହା ମନୁଷ୍ୟର ସମ୍ବେଦନଶୀଳ ଏବଂ ଭାବନାତ୍ମକ ଅନୁଭୂତି ସହିତ ଜଡ଼ିତ । ଏହି ପୁସ୍ତକଟିର ପ୍ରଣୟନ କରିବା ପଛର ମୂଳ ଉଦ୍ଦେଶ୍ୟ ହେଉଛି ଯେ, କିପରି ଶିକ୍ଷାର୍ଥୀମାନେ ବିଭିନ୍ନ କଳା ଜଗତରେ ଅନୁସନ୍ଧାନର ସମଗ୍ର ପ୍ରକ୍ରିୟାକୁ ଉପଭୋଗ କରିବେ । ପାଠ୍ୟପୁସ୍ତକ ପ୍ରସ୍ତୁତ କରିବାର ଉଦେଶ୍ୟ ହେଉଛି ଯେ, ପିଲାଙ୍କ ପାଇଁ କିଛି ଶିଖିବା କିମ୍ବା କିଛି ନୂଆ କରିବାକୁ ଚେଷ୍ଟା କରିବା ଇତ୍ୟାଦି । ଅଧ୍ୟୟନ ସମୟରେ ଯେପରି କୌଣସି ସ୍ଥାନରେ ପିଲାମାନେ ଚାପଗ୍ରସ୍ତ ହେବେ ନାହିଁ ସେଥିପ୍ରତି



https://withteachers.in/

ଦୃଷ୍ଟି ଦିଆଯାଇଛି, ପ୍ରତ୍ୟେକ ଶିକ୍ଷାର୍ଥୀ ନିଜ ନିଜ ଉପାୟରେ କଳା ସହିତ ଜଡ଼ିତ ହୋଇଥାନ୍ତି । ତେଣୁ ଶିକ୍ଷକମାନେ ଶିକ୍ଷାର୍ଥୀଙ୍କୁ ବାଧ କରିବା ପରିବର୍ତ୍ତେ କଳାଶିକ୍ଷାର ଏହି ଯାତ୍ରାରେ ସହଯୋଗ କରିବା ଓ ବିଭିନ୍ନ କାର୍ଯ୍ୟକଳାପରେ ସକ୍ରିୟ ଅଂଶ ଗ୍ରହଣ କରିବା କ୍ଷେତ୍ରରେ ସେମାନଙ୍କୁ ନିଶ୍ଚୟ ସାହାର୍ଯ୍ୟ କରିବେ । 'କଳାକୁଞ୍ଜ' ପୁସ୍ତକରେ ଚାରିଗୋଟି ବିଭାଗ ଅଛି । ଯଥା : ଦୃଶ୍ୟକଳା, ସଙ୍ଗୀତ, ନୃତ୍ୟ ଓ ନାଟକ ଫଳପ୍ରଦ ହେବ ।

ପ୍ରତ୍ୟେକ ବିଭାଗର ଅଧ୍ୟୟନରେ ଆନନ୍ଦଦାୟକ ଅନୁଭୂତି ସୃଷ୍ଟିକରିବା ପାଇଁ ଏହାକୁ ସ୍ୱତନ୍ତ୍ରଭାବରେ ପ୍ରସ୍ତୁତ କାଯାଇଅଛି ।

'ଦୃଶ୍ୟକଳା' ବିଭାଗ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ଆଖପାଖରେ ଥିବା ଦୈନନ୍ଦିନ ଅନୁଭୂତି ଏବଂ ପର୍ଯ୍ୟବେକ୍ଷଣରୁ ସେମାନଙ୍କର ଧାରଣା ଏବଂ ଭାବନାକୁ ରୂପାୟନ କରିବାରେ ଏହି ପୁସ୍ତକ ସହାୟକ ହେବ । ଏହି ଏକକରେ କାର୍ଯ୍ୟକଳାଗୁଡ଼ିକ ସେମାନଙ୍କୁ ଦ୍ୱି-ପାର୍ଶ୍ୱିକ ଓ ତ୍ରି-ପାର୍ଶ୍ୱିକ କୌଶଳର ମୌଳିକତା ସହିତ ପରିଚୟ କରାଇବ । ଏହା ଦୃଶ୍ୟକଳାର ବିଭିନ୍ନ ମାଧ୍ୟମ ଏବଂ ସାମଗ୍ରୀସହ ଅନୁସନ୍ଧାନ କରିବାରେ ବିଶେଷ ସହାୟକ ହେବ । ସମସ୍ତ ଅଧ୍ୟାୟରେ ଛାତ୍ରଛାତ୍ରୀମାନେ ବିଭିନ୍ନ ସାମଗ୍ରୀ ଓ କୌଶଳ ସହିତ ପରିଚିତ ହେବେ, ଯାହା ଗତ ଶହଶହ ବର୍ଷ ମଧ୍ୟରେ ବ୍ୟବହୃତ ହୋଇଥିଲା । ଏଠାରେ ଅନେକ ଅବସର ରହିଛି ଯାହା ସେମାନେ ନିଜେ ଅନୁସନ୍ଧାନ ଏବଂ ଆବିଷ୍କାର କରିପାରିବେ ।

ପ୍ରଥମେ ତିନୋଟି ଅଧ୍ୟାୟରେ ବିଭିନ୍ନ ଚିତ୍ରାଙ୍କନର ଅଭ୍ୟାସ ମାଧ୍ୟମରେ ପ୍ରତ୍ୟେକ ଛାତ୍ରଙ୍କର ପର୍ଯ୍ୟବେକ୍ଷଣ ଦକ୍ଷତାକୁ ଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଇଛି । ଆକର୍ଷଣୀୟ କ୍ରିୟାକଳାପ ମାଧ୍ୟମରେ ପ୍ରାକୃତିକ ରଙ୍ଗ ତିଆରି କରିବାର କୌଶଳ, ରଙ୍ଗ ମିଶ୍ରଣ ଓ ରଙ୍ଗର ଆଭା ଇତ୍ୟାଦି କୌଶଳ ସମ୍ବନ୍ଧରେ ପ୍ରଦାନ କରାଯାଇଛି । ନିଜସ୍ୱ ସିଲ୍, ଚିତ୍ର, କାଗଜ, କାରିଗରୀ ଏବଂ ଫ୍ଲିପ୍ ବୁକ୍ ତିଆରି କରିବାରେ ସଂପୃକ୍ତ ପ୍ରକ୍ରିୟା ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ପାଇଁ ଅନେକ ନୂତନ ଅନୁସନ୍ଧାନ ଏବଂ ଅନୁଭୂତି ସୃଷ୍ଟି କରିବ ।

ଏହି ଏକକରେ ଜାତୀୟ କଳାକାର ଏବଂ କଳାପରମ୍ପରାର ପ୍ରାରମ୍ଭିକ ଝଲକ ମଧ୍ୟ ଅନ୍ତର୍ଭୁକ୍ତ, ଯାହାକୁ ପୁସ୍ତକରେ ଉଲ୍ଲେଖ କରାଯାଇଥିବା ଉଦାହରଣଠାରୁ ଅଧିକ ବିସ୍ତାର କରାଯିବା ଆବଶ୍ୟକ । ଛାତ୍ରଛାତ୍ରୀମାନେ ନିଜ ଅଞ୍ଚଳ କିମ୍ବା ରାଜ୍ୟରେ ମିଳୁଥିବା ବିଭିନ୍ନ କଳା ଅଭ୍ୟାସ, ପରଂପରା ଏବଂ କଳାକାରଙ୍କ ବିଷୟରେ ଅନୁସନ୍ଧାନ ଏବଂ ଅଧ୍ୟୟନ କରିବା ଉଚିତ୍ । ଏଭଳି ପ୍ରଦର୍ଶନରୁ ପ୍ରାପ୍ତ ଜ୍ଞାନ ସେମାନଙ୍କର ସୌନ୍ଦର୍ଯ୍ୟ, ସମ୍ବେଦନଶୀଳତା, ସୃଜନଶୀଳତା, କଳ୍ପନାଶକ୍ତି ଏବଂ ସେମାନେ କରୁଥିବା ସମସ୍ତ କାର୍ଯ୍ୟରେ ସେମାନଙ୍କର ସମାଲୋଚନାତ୍ମକ ଚିନ୍ତାଧାରା ଦକ୍ଷତା ବୃଦ୍ଧି ପାଇବ ।

ଏହି ବିଭାଗରେ ସଙ୍ଗୀତର ଜ୍ଞାନ ଅନୁସନ୍ଧାନ ପାଇଁ ଅନେକ ସମ୍ବଳ ରହିଛି । ଯାହା ଛାତ୍ରଛାତ୍ରୀମାନଙ୍କୁ ଆବିଷ୍କାରର ଏହି ଯାତ୍ରା ସମୟରେ ଅନେକ ଧାରଣା ଅନୁଭବ କରିବାର ସୁଯୋଗ ଦେଇଥାଏ । ଯଦିଓ କିଛି ଉପାଦାନ ପରିଚିତ ଏବଂ ଆରାମଦାୟକ ଅନୁଭବ ଦେଇପାରନ୍ତି କିନ୍ତୁ କିଛି ଧାରଣା ସଂପୂର୍ଣ୍ଣ ନୂତନ ହୋଇପାରେ ।



https://withteachers.in/

ଏହି ପାଠ୍ୟପୁସ୍ତକ ଆମ ଦେଶର ବିଭିନ୍ନ ଅଞ୍ଚଳରେ ପ୍ରଚଳିତ ଥିବା ବିଭିନ୍ନ ପ୍ରକାର ସଙ୍ଗୀତ ବିଷୟରେ ସମସ୍ତଙ୍କୁ ଆକର୍ଷିତ କରିବାକୁ ଚାହୁଁଛି । ଯେଉଁଠାରେ ଲୋକମାନେ ଏକାଧିକ କଳାଶୈଳୀ ଅଭ୍ୟାସ କରୁଛନ୍ତି । ସଙ୍ଗୀତ ଆମ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଛି । ଜାତୀୟ ପର୍ବପର୍ବାଣୀ, ସାମାଜିକ ସମାବେଶ, ଧାର୍ମିକ ପର୍ବ ହେଉ କିମ୍ବା ସଙ୍ଗୀତ ସମାରୋହ, ଫସଲ ଅମଳ କିମ୍ବା ଅନ୍ୟ କୌଣସି ଋତୁରେ ନୃତ୍ୟପାଇଁ ବଜା ଯାଉଥିବା ବାଦ୍ୟଯନ୍ତ୍ର ହେଉ, ସଙ୍ଗୀତ ବର୍ଷସାରା ସମସ୍ତ ଉତ୍ସବର ଏକ ପ୍ରଧାନ ଅଙ୍ଗ ଅଟେ । ଦୈନନ୍ଦିନ ଜୀବନରେ ସଙ୍ଗୀତ ସମସ୍ତଙ୍କର ଆନନ୍ଦ, ବିଶ୍ୱାସ, ଅଭ୍ୟାସ ଓ ରୀତିନୀତି ଇତ୍ୟାଦିରେ ସଂଶ୍ଳିଷ୍ଟ ହୋଇ ରହିଥାଏ ।

ସମସ୍ତେ ଗୀତ ଗାଇବା ସହିତ ସଙ୍ଗୀତରେ ନୃତ୍ୟ କରିବାକୁ ଭଲପାଆନ୍ତି । ଏହି ପାଠ୍ୟପୁସ୍ତକ ସହିତ, ସଙ୍ଗୀତ ଶିଖିବାର ଏହି ପ୍ରୟାସରେ ପରିବାରର ଜେଜେବାପା, ଜେଜେମାଆ, ପିତାମାତା ଏବଂ ଅନ୍ୟ ସଂପ୍ରଦାୟର ସଦସ୍ୟମାନେ ମଧ୍ୟ ଏକ ଚମତ୍କାର ସମ୍ବଳ ସ୍ୱରୂପ ସଙ୍ଗୀତର ଅନୁଭୂତିକୁ ବୃଦ୍ଧି କରିବାପାଇଁ ଏହାକୁ ଅଧିକ ଜୀବନ୍ତ ଓ ଗତିଶୀଳ କରାଯାଇପାରିବ । ତତ୍‌ସହିତ ସଙ୍ଗୀତର ଗୀତି କବିତା, ତାଳ, ବାଦ୍ୟଯନ୍ତ୍ରର ଧ୍ୱନି, ଶାରୀରିକ ଗତିବିଧି, ଗୀତ ସହିତ ଅଙ୍ଗଭଙ୍ଗୀ, ବଜାଯାଇଥିବା ସଙ୍ଗୀତରେ ପଦଚାଳନା ଓ ଉତ୍ତମ ଗତିବିଧିକୁ ବୃଦ୍ଧି କରିବାରେ ସହାୟତ ବେବ । ସଙ୍ଗୀତ ଶିକ୍ଷାରୁ ଆନନ୍ଦିତ ହୋଇ ଛାତ୍ରଛାତ୍ରୀମାନେ ଚାପମୁକ୍ତ ହେବେ ।

ଜେଜେମା'ଙ୍କ ଲୋରିଗୀତ ସହାୟକ ହେବ । ଶୁଣିବା, କ୍ଷେତରେ ଗୀତ ଗାଉଥିବା କୃଷକ, ପକ୍ଷୀଙ୍କ କାକଳୀ ଓ ମହୁମାଛିର ଗୁଣୁଗୁଣୁ ଗୁଞ୍ଜନରୁ ସଙ୍ଗୀତ ଶିକ୍ଷ ଆରମ୍ଭ ହୁଏ । ଆସନ୍ତୁ ମିଳିମିଶି ସଙ୍ଗୀତ ଶିକ୍ଷା ଓ ଗବେଷଣାର ଏହି ଯାତ୍ରା ଆରମ୍ଭ କରିବା ।

ଶିକ୍ଷାର୍ଥୀଙ୍କୁ ଭାରତର ବିଭିନ୍ନ ନୃତ୍ୟଶୈଳୀ ସମ୍ବନ୍ଧର ଅଧିକ ପରିଚୟ ଦେବାପାଇଁ 'ନୃତ୍ୟ' ଏକକ ପ୍ରସ୍ତୁତ କରାଯାଇଛି । ଭାରତର ଲୋକନୃତ୍ୟ ଶୈଳୀ ସମ୍ବନ୍ଧରେ ଜ୍ଞାନ ବୃଦ୍ଧିକରିବା ପାଇଁ ଏହି ବିଭାଗର ଛାତ୍ରଛାତ୍ରୀଙ୍କୁ ପାରମ୍ପରିକ ଶୈଳୀ ସହିତ ପରିଚିତ କରାଇବ । ଛଉ ଏବଂ ଯକ୍ଷଗାନ, ଏହି ବିଭାଗ ସେମାନଙ୍କୁ ଶାସ୍ତ୍ରୀୟ ନୃତ୍ୟର ମୌଳିକ ବିଷୟରେ ଅବଗତ କରିବା ଏବଂ କିଛି ବୈଷୟିକ ଶବ୍ଦ ସହିତ ପରିଚିତ ହେବାପାଇଁ ମଧ୍ୟ ପ୍ରେରଣା ପ୍ରଦାନ କରିବ । ଅଧ୍ୟାୟଗୁଡ଼ିକର ପରିବେଷଣର ଭାବପ୍ରବଣ ଯୁକ୍ତ ନବରସ ବିଷୟବସ୍ତୁର ପରିଚୟ ପ୍ରଦାନ କରାଯାଇଛି । ପିଲାମାନଙ୍କୁ ସେମାନଙ୍କର ଭାବନା ସହିତ ଆରାମଦାୟକ ଭାବେ କାର୍ଯ୍ୟ କରିବା ଏବଂ ସେମାନଙ୍କୁ ନିଜର ଭାବ ପ୍ରକାଶ କରିବାକୁ ସୁଯୋଗ ଦିଆଯାଇଛି । ଏଠାରେ ସାଙ୍କେତିକ ଭାଷାର ଭଣ୍ଡାର ବିଷୟରେ ଧାରଣା ଦେବା ସହିତ ବିଭିନ୍ନ ହସ୍ତମୁଦ୍ରା ମଧ୍ୟ ପ୍ରଚଳନ କରାଯାଇଛି । ତତ୍‌ସହିତ ଏକକ ନୃତ୍ୟରେ ଲିଙ୍ଗ ନିରପେକ୍ଷତା ଉପରେ ଗୁରୁତ୍ୱ ଦେଇ ନୃତ୍ୟର ବୈଶିଷ୍ଟ୍ୟ ସହିତ ନୃତ୍ୟର ଚିତ୍ରଣ କରାଯାଇଛି । ଏଥିରେ ପାଠ୍ୟକ୍ରମର ବିଭିନ୍ନ ଦିଗକୁ ଅନ୍ତର୍ଭୁକ୍ତ କରାଯାଇଛି ଏବଂ ସେମାନଙ୍କୁ ନିଜେ ଅଧିକ ସୂଚନା ଖୋଜିବାକୁ ପ୍ରୋତ୍ସାହିତ କରାଯାଇଛି ।

ବହିରେ ବିଭିନ୍ନ ନାଟକର ବିଭିନ୍ନ ରୂପକୁ ଜାଣିବା ପାଇଁ 'ନାଟକ' ବିଭାଗ ଗଠନ କରାଯାଇଛି । ପ୍ରତ୍ୟେକ ଅଧ୍ୟାୟର ଉଦ୍ଦେଶ୍ୟ ହେଉଛି ସୃଜନଶୀଳ, ଦକ୍ଷତା ବିକାଶ, କଳାତ୍ମକ ଅଭିବ୍ୟକ୍ତି ବୃଦ୍ଧି ଏବଂ କଳାପ୍ରତି ଥିବା ଅନୁରାଗକୁ ବଳିଷ୍ଠ କରିବା ।



https://withteachers.in/

ଭାବନାକୁ ବୁଝିବା ଏବଂ ପ୍ରକାଶ କରିବା କେବଳ କଳାର ମୌଳିକତା ନୁହେଁ ବରଂ ଶିକ୍ଷାର୍ଥୀଙ୍କ ମଧ୍ୟରେ ସଠିକ୍ ଭାବନାତ୍ମକ ସନ୍ତୁଳନ ସୃଷ୍ଟି କରିବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ଏହି ଅଧ୍ୟାୟରେ ରୂପସଜ୍ଜା, ପୋଷାକ ପ୍ରସ୍ତୁତି, ମଞ୍ଚ, ନାଟକର ପାଣ୍ଡୁଲିପି, କଣ୍ଢେଇ ନାଚ କଳାର ବୈଷୟିକ ଉପାଦାନଗୁଡ଼ିକର ମଧ୍ୟ ବ୍ୟାବହାରିକ କାର୍ଯ୍ୟକଳାପରେ ପରିଚୟ ପ୍ରଦାନ କରାଯାଇଛି, ଯାହା ପ୍ରତ୍ୟେକ ପିଲାଙ୍କୁ ସେମାନଙ୍କର ସାମର୍ଥ୍ୟକୁ ଅନୁସନ୍ଧାନ କରିବା ଏବଂ ଆଗ୍ରହର ସହ ଏକ ବିଷୟ ଖୋଜିବାରେ ସକ୍ଷମ କରିବ, ଯେଉଁଥିରେ ସେମାନେ ଉତ୍କୃଷ୍ଟ ହୋଇ ପାରିବେ । କିଛି ଦଶନ୍ଧିର ଭାରତୀୟ ପାରମ୍ପରିକ ନାଟକ ଉପରେ ଆଧାରିତ ଏହି ଅଧ୍ୟାୟ ପିଲାମାନଙ୍କୁ ନିଶ୍ଚିତ ଭାବରେ ଆକର୍ଷିତ କରିବ ।

'ନାଟ୍ୟକଳା' ବିଭାଗର ନାଟକକୁ ଏକ ଭଲ ଆଭିମୁଖ୍ୟ ପ୍ରଦାନ କରିବାପାଇଁ ପ୍ରସ୍ତୁତ କରାଯାଇଛି, ଯାହା ଛାତ୍ରଛାତ୍ରୀମାନଙ୍କୁ ଉତ୍ତମ ଅନୁସନ୍ଧାନ, ସୃଜନ ଏବଂ ପ୍ରଦର୍ଶନ କରିବାକୁ ଉତ୍ସାହିତ କରେ । ଆକର୍ଷଣୀୟ ଶିକ୍ଷା ଏବଂ କାର୍ଯ୍ୟକ୍ରମ ପରିଚାଳନା ମାଧ୍ୟମରେ ସେମାନେ ନିଶ୍ଚିତ ଭାବରେ ମୂଲ୍ୟବାନ ଦକ୍ଷତା ଏବଂ 'ନାଟକ'ରେ ବିବିଧ ଆୟାମ କ୍ଷେତ୍ରରେ ଅନେକ ପ୍ରଶଂସା ହାସଲ କରିବେ ।

"କଳାକୁଞ୍ଜ"ର ଶେଷ ଅଧ୍ୟାୟରେ ସମସ୍ତ କଳାର ମିଶ୍ରଣ ସହିତ ପଞ୍ଚତତ୍ତ୍ୱର ବିଷୟବସ୍ତୁ ରହିଛି । ଛାତ୍ରଛାତ୍ରୀମାନେ ଯେପରି କଳାରେ ଅନ୍ତତଃ ଶୃଙ୍ଖଳାଗତ ଆଭିମୁଖ୍ୟର ଅଭିଜ୍ଞତା ପାଇପାରିବେ ସେଥିପାଇଁ ପରାମର୍ଶ ଦିଆଯାଇଛି ପୁସ୍ତକ ଶେଷରେ ମୂଲ୍ୟାୟନ ବିଭାଗରେ ସମସ୍ତ କଳାର ମୂଲ୍ୟାୟନକୁ ତାଲିକା କରିବା ପାଇଁ ମାନଦଣ୍ଡ ପ୍ରଦାନ କରାଯିବା ସହିତ ଏକ ସାଧାରଣ ଶୀର୍ଷକ ପ୍ରଦାନ କରାଯାଇଛି ଯାହା ମୂଲ୍ୟାୟନ ପାଇଁ ବ୍ୟବହୃତ ହୋଇପାରିବ ।

**କଳା ଶ୍ରେଣୀର ରୂପରେଖ :**

ଯଦି ଶ୍ରେଣୀଗୃହ କୌଣସି ପ୍ରତିବନ୍ଧକରୁ ମୁକ୍ତ ହୁଏ ତେବେ, ତାହା ଆଦର୍ଶ ପଦବାଚ୍ୟ ହେବ । ଯାହାଦ୍ୱାରା ପିଲାମାନେ ନୃତ୍ୟ ଏବଂ ନାଟକ ପାଇଁ ମୁକ୍ତ ଭାବରେ ବୁଲି ପାରିବେ କିମ୍ବା ସେମାନେ କଳ୍ପନା କରିଥିବା ଚିତ୍ର ଅଙ୍କନ କରିବାକୁ ଚାହୁଁଥିବା ସ୍ଥାନରେ ବସିପାରିବେ । ଭୌତିକ ପରିବେଶରେ ମୁକ୍ତଭାବରେ ଏହି ଉପାଦାନ ଚିନ୍ତାଧାରାରେ ମୁକ୍ତତା ବା 'ଖୋଲାପଣ'ର ପ୍ରତିଫଳନ କରେ । କଳାକକ୍ଷ ସୁସଜ୍ଜିତ ହେବା ଉଚିତ୍ ଏବଂ ସୂଚନାପ୍ରଦ ପ୍ରଦର୍ଶନ ସାମଗ୍ରୀ ସହିତ ଦୃଶ୍ୟମାନ ହେବା ଉଚିତ୍ । ଶିକ୍ଷକ/ଶିକ୍ଷୟିତ୍ରୀ ତଥା ସହକର୍ମୀଙ୍କ ମଧ୍ୟରେ ମଧ୍ୟ ପରସ୍ପର ଏହି ପ୍ରସଙ୍ଗରେ କଥାବାର୍ତ୍ତା ହେବା ଉଚିତ ।

**ଶ୍ରେଣୀ ସମୟସାରଣୀ :**

ଶିକ୍ଷାବର୍ଷରେ ଚାରୋଟି କଳା ଶିଖିବାର ସନ୍ତୁଳିତ ଅଗ୍ରଗତି ପାଇଁ ପ୍ରତି ସପ୍ତାହରେ ପାଞ୍ଚୋଟି ଅବଧି ଆବଣ୍ଟନ କରାଯାଇ ପାରିବ । ତାହା ୪୦ ମିନିଟ୍‌ର ଅଲଗା ଅଲଗା ଅବଧି ହୋଇପାରେ କିମ୍ବା ଦୁଇଟି ୪୦ ମିନିଟ୍‌ର ଅବଧିକୁ ଏକାଠି କରାଯାଇ ପାରେ ।



https://withteachers.in/

# ପ୍ରିୟ ଛାତ୍ରଛାତ୍ରୀ,

ତୁମମାନଙ୍କ ହାତରେ ହସ, ମଜା ଆଉ କ୍ରିୟାକଳାପରେ ଭରପୁର କଳାଶିକ୍ଷା ପୁସ୍ତକ 'କଳାକୁଞ୍ଜ' ଅଛି । ତୁମ ସମସ୍ତଙ୍କ ଭିତରେ ବିଭିନ୍ନ କଳା ନିମନ୍ତେ ଏକ ସଦିଚ୍ଛା ରହିଛି ଏବଂ ତୁମେ ସବୁ ତୁମ ଜୀବନର ପ୍ରାରମ୍ଭରୁ ସୃଜନଶୀଳ ହୋଇପାରିଛ । ତୁମେ ବର୍ତ୍ତମାନ ବିଦ୍ୟାଳୟ ଶିକ୍ଷାର ଆଉ ଏକ ପର୍ଯ୍ୟାୟକୁ ପ୍ରବେଶ କରୁଛ ଯୋଉଁଠିକି ଆହୁରି ଅନେକ ଅଧିକ ଅନୁସନ୍ଧାନ ଓ ପରୀକ୍ଷାନିରୀକ୍ଷା କରିବା ନିମନ୍ତେ ସୁଯୋଗ ମିଳିବ । ଏହି ପୁସ୍ତକ ତୁମକୁ ତୁମ ପାରିପାର୍ଶ୍ୱିକ ଅବସ୍ଥା, ପରିବେଶ, ମଣିଷ ଓ ସମାଜ ପ୍ରତି ଅଧିକ ସଚେତନ ଏବଂ ସମ୍ବେଦନଶୀଳ କରାଇବ ।

ତୁମେମାନେ ପୂର୍ବ ଶ୍ରେଣୀ ମାନଙ୍କରେ-କଳାକର୍ମ କରିବାକୁ, ସେଗୁଡ଼ିକୁ ଦେଖିବାକୁ ଓ ଶୁଣିବାକୁ, ନାଚିବାକୁ, ବାଦ୍ୟ ଯନ୍ତ୍ର ବଜାଇବାକୁ, ଚିତ୍ର ଆଙ୍କିବାକୁ, ମାଟି ଆଉ କାଗଜରେ ମୂର୍ତ୍ତି ଗଢ଼ିବାକୁ ପୁଣି ଏହା ସହିତ ଗୀତ ଗାଇବା, ଅନୁକରଣ କରିବା, ନାଟକ, ଜୀବନ୍ତ କଳା (ଆନିମେସନ୍) ଆଦି ଅନେକ କଳା ବିଧା(Art Form) ବିଷୟରେ ଅଭିଜ୍ଞତା ଆହାରଣ କରିଛ । ତୁମେ ସବୁବେଳେ ସୃଜନକୁ ଆନନ୍ଦର ସହିତ ଉପଭୋଗ କରିଛ ଓ ଦୈନ୍ୟନ୍ଦିନ ଜୀବନରେ, ବିଦ୍ୟାଳୟରେ, ଘରେ କିମ୍ବା ଭ୍ରମଣ ସମୟରେ ଏଗୁଡ଼ିକୁ ପରିଲିଖିତ କରିଛ । ତୁମେ ତୁମ ଚାରିପାଖରେ ଥିବା ଅନେକ ଜିନିଷକୁ ନିରୀକ୍ଷଣ କର- କାମ କରୁଥିବା ମଣିଷ, ଋତୁ ଅନୁସାରେ ବଦଳୁଥିବା ପ୍ରକୃତି, ପଶୁମାନଙ୍କର ସ୍ୱର, ଚଢ଼େଇ ଉଡ଼ିବା, ପତ୍ରରେ ପତ୍ର ଘସି ହେବା, ଫୁଲମାନଙ୍କର ନାନା ରଙ୍ଗ, ମହୁମାଛିଙ୍କ ଗୁଣୁଗୁଣୁ ଗୁଞ୍ଜାରଣ, ତୁମ ଘରର ନିତିଦିନିଆ କାମ, ବଗିଚାରେ ପୂରି ବୁଲୁଥିବା ରଙ୍ଗୀନ ପ୍ରଜାପତି, ରେଳ ଗାଡିର ଶବ୍ଦ, ଉଡ଼ନ୍ତା ଉଡ଼ାଜାହାଜ ଏବଂ ଆହୁରି କେତେ କ'ଣ । ଏହାସବୁ ମନ ମୋହିଲା ଭଳିଆ ଘଟଣା ଯାହା ଆମକୁ ସୃଜନ ସୃଷ୍ଟି ପାଇଁ ଏବଂ ନିଜକୁ ବ୍ୟକ୍ତ କରିବା ପାଇଁ ଅନୁପ୍ରାଣୀତ କରେ । ସେମାନେ ଆମକୁ ବିସ୍ମିତ କରନ୍ତି- କେମିତି, କାହିଁକି, କେତେବେଳେ ଏବଂ କ'ଣ !

ଏହି ଭାରତ ଭୂମି ହଜାର ହଜାର ବର୍ଷର ମାନବ ସଭ୍ୟତା ଏବଂ ତାହାର ବିବର୍ତ୍ତନ ଦେଖିଆସିଛି । ଆମେ ସୃଷ୍ଟି କରୁଥାଇପାରୁ ବା ଅନୁଭବ କରୁଥାଇପାରୁ, କଳା ଆମ ଚତୁପାର୍ଶ୍ୱରେ ରହି ଆମକୁ ଆନନ୍ଦ ପ୍ରଦାନ କରେ । ଆମ ଜୀବନକୁ ସରସ ସୁନ୍ଦର କରିତୋଳେ । ତୁମ ସମସ୍ତଙ୍କ ଭିତରେ ଗୋଟିଏ ଗୋଟିଏ କଳାକାର ଅଛି, ଯିଏ କିଛି ସୃଷ୍ଟି କରିବା ପାଇଁ ଆଗ୍ରହ ଉତ୍ସାହର ସହିତ ବିହାରକୁ ବାହାରି ଆସେ । ସୃଜନଶୀଳ ହେବାକୁ ଓ କଳାକୃତି ସୃଷ୍ଟି କରିବାକୁ ହେଲେ, ତୁମକୁ ଜଣେ ଭଲ ପର୍ଯ୍ୟବେକ୍ଷକ ହେବାକୁ ହେବ, କଳ୍ପନା ଶକ୍ତି ଏବଂ ଦୃଶ୍ୟୀକରଣ କ୍ଷମତା ହାସଲ କରିବାକୁ ହେବ ।

କଳାକୁଞ୍ଜରେ ହସ, ଖୁସି ଆଉ ଆନନ୍ଦଭରା ଚାରିଟି କଳାବିଧା ସ୍ଥାନିତ ହୋଇଛି ଯାହାଦ୍ୱାରା ତୁମେ ଅନୁସନ୍ଧାନ କରିବ ଏବଂ କଳା ବିଧା ଗୁଡ଼ିକୁ ଶିକ୍ଷା କରିବ – ପ୍ରତିଦିନ ତୁମ ସାଙ୍ଗସାଥୀ, ଶିକ୍ଷକ ଓ ପରିବାରବର୍ଗଙ୍କ ସହିତ ମିଶି ନୂଆ କିଛି ସୃଷ୍ଟି କରିବ ।



https://withteachers.in/

# କଳା ଶ୍ରେଣୀ ଆରମ୍ଭ କରିବା ପୂର୍ବରୁ ପ୍ରାର୍ଥନା

ସାଧାରଣତଃ, କଳାକାରମାନେ ସେମାନଙ୍କର କଳା ପରିବେଷଣ, ଆରମ୍ଭ କରିବା ପୂର୍ବରୁ ଏହି ପ୍ରାର୍ଥନାଟିକୁ ପାଠ କରିଥାନ୍ତି । ତୁମେମାନେ ମଧ୍ୟ ପ୍ରତ୍ୟେକ କଳାଶ୍ରେଣୀ ଆରମ୍ଭ କରିବା ପୂର୍ବରୁ ଏହି ପ୍ରାର୍ଥନାଟିକୁ ସ୍ୱଷ୍ଟ ଭାବରେ ଉଚ୍ଚାରଣ କରି ଗାନ କରିବ ।

**ଆଙ୍ଗିକଂ ଭୁବନଂ ଯସ୍ୟ, ବାଚିକଂ ସର୍ବ ବାଙ୍ମୟମ୍ ।**
**ଆହାର୍ଯ୍ୟଂ ଚନ୍ଦ୍ର ତାରାଦି, ତଂ ବନ୍ଦେ ସାତ୍ତ୍ୱିକଂ ଶିବମ୍ ।।**

**ଅର୍ଥ :** ଯାହାଙ୍କର ଶରୀର ସକଳ ଭୁବନ, ଯାହାଙ୍କର ବାଣୀ ସବୁ ପ୍ରକାର ଧ୍ୱନି, ଚନ୍ଦ୍ର, ତାରା ଆଦି ଯାହାଙ୍କର ଅଳଙ୍କାର ଓ ଯେ ଆଧ୍ୟାତ୍ମିକ ଭାବର ଆଧାର, ମୁଁ ସେହି ପରମେଶ୍ୱର ଶିବଙ୍କୁ ପ୍ରଣାମ କରୁଛି ।

ଏହା କଳାର ସମସ୍ତ ଚାରିପ୍ରକାରର ପରିଭାଷାକୁ ଏକାଠି କରିଥାଏ ବା ଏକତ୍ରୀତ କରିଥାଏ ।

**ଅଙ୍ଗିକ :** ଗତି କାର୍ଯ୍ୟ ଏବଂ ପ୍ରକାଶନ ସହିତ ଶାରୀରିକ ପ୍ରଦର୍ଶନ ।

**ବାଚିକ :** ଭାଷଣ, ସଂଳାପ, ଗୀତ ଏବଂ ଗୀତିକାବ୍ୟ / ଗୀତିବାକ୍ୟ ।

**ଆହାର୍ଯ୍ୟ :** ବେଶଭୂଷା, ଅଳଙ୍କାର, ମୂର୍ତ୍ତି ଏବଂ ଚିତ୍ରକଳା

**ସାତ୍ତ୍ୱିକ :** କଳାକାର ଏବଂ ଦର୍ଶକଙ୍କ ପାଇଁ ଗଭୀରତମ ଆଧ୍ୟାତ୍ମିକ ଭାବର ପରିପ୍ରକାଶ ।

ଏହା ପ୍ରାୟ ଏକ ହଜାର ବର୍ଷପୂର୍ବେ ଅଭିନୟ ଦର୍ପଣରେ ନନ୍ଦିକେଶ୍ୱରଙ୍କ ଦ୍ୱାରା ସଂସ୍କୃତ ଭାଷାରେ ଲିଖିତ ହୋଇଥିବା ଶ୍ଳୋକର ଏକ ଉଦାହରଣ ଅଟେ ।



https://withteachers.in/

# ସିଲାବସ ଓ ପାଠ୍ୟପୁସ୍ତକ ସମୀକ୍ଷା ପାଇଁ କୋର କମିଟି

| | | |
|---|---|---|
| ୧. | କମିଶନର ତଥା ଶାସନ ସଚିବ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ | ଅଧ୍ୟକ୍ଷ |
| ୨. | ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ | ସଦସ୍ୟ |
| ୩. | ନିର୍ଦ୍ଦେଶକ, ଉଚ୍ଚ ମାଧ୍ୟମିକ ଶିକ୍ଷା | ସଦସ୍ୟ |
| ୪. | ନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷା | ସଦସ୍ୟ |
| ୫. | ନିର୍ଦ୍ଦେଶକ, ପ୍ରାଥମିକ ଶିକ୍ଷା | ସଦସ୍ୟ |
| ୬. | ସଭାପତି, ମାଧ୍ୟମିକ ଶିକ୍ଷା ପରିଷଦ | ସଦସ୍ୟ |
| ୭. | ଅଧ୍ୟକ୍ଷ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ | ସଦସ୍ୟ |
| ୮. | ନିର୍ଦ୍ଦେଶକ, ପାଠ୍ୟ ପୁସ୍ତକ ଉତ୍ପାଦନ ଓ ବିକ୍ରୟ ନିର୍ଦ୍ଦେଶାଳୟ | ସଦସ୍ୟ |
| ୯. | ନିର୍ଦ୍ଦେଶକ, ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟ | ସଦସ୍ୟ |
| ୧୦. | ନିର୍ଦ୍ଦେଶକ, ଓଡ଼ିଶା ଭାଷା ପ୍ରତିଷ୍ଠାନ | ସଦସ୍ୟ |
| ୧୧. | ନିର୍ଦ୍ଦେଶକ, ସମାଜ କଲ୍ୟାଣ, ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା | ସଦସ୍ୟ |
| ୧୨. | ଏନ ସି ଇ ଆର ଟି ପ୍ରତିନିଧି | ସଦସ୍ୟ |
| ୧୩. | ଅଧ୍ୟକ୍ଷ, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱର | ସଦସ୍ୟ |
| ୧୪. | ପ୍ରଫେସର ନିତ୍ୟାନନ୍ଦ ପ୍ରଧାନ, ଅବସରପ୍ରାପ୍ତ ଅଧ୍ୟକ୍ଷ,<br>ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୋପାଳ ଏବଂ ଅଧ୍ୟକ୍ଷ, ଏସ ସି ଏଫ, ଓଡ଼ିଶା | ସଦସ୍ୟ |
| ୧୫. | ଡକ୍ଟର ଗୋପାଳ ପ୍ରସାଦ ମହାପାତ୍ର,<br>ଅବସରପ୍ରାପ୍ତ ପ୍ରାଧ୍ୟାପକ, ସଂସ୍କୃତ ବିଭାଗ | ସଦସ୍ୟ |
| ୧୬. | ଡକ୍ଟର କିଶୋର ଚନ୍ଦ୍ର ମହାନ୍ତି, ଅବସରପ୍ରାପ୍ତ ଶିକ୍ଷାବିତ (ବିଜ୍ଞାନ) | ସଦସ୍ୟ |
| ୧୭. | ଡକ୍ଟର ବିନୟ ପଟ୍ଟନାୟକ, ମୁଖ୍ୟ ପରାମର୍ଶଦାତା,<br>ଏନ ଏସ ଟି ସି କାର୍ଯ୍ୟକ୍ରମ, ଏନ ସି ଇ ଆର ଟି | ସଦସ୍ୟ |
| ୧୮. | ଡକ୍ଟର ସୁଶାନ୍ତ କୁମାର ଦାସ, ପୂର୍ବତନ ସଭାପତି,<br>ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା | ସଦସ୍ୟ |
| ୧୯. | ଡକ୍ଟର ଲଳିତ କୁମାର ଲେଙ୍କା, ଅବସରପ୍ରାପ୍ତ ପ୍ରାଧ୍ୟାପକ, ଓଡ଼ିଆ ବିଭାଗ,<br>ଏକାମ୍ର କଲେଜ, ଭୁବନେଶ୍ୱର | ସଦସ୍ୟ |
| ୨୦. | ଡକ୍ଟର ସରୋଜଲକ୍ଷ୍ମୀ ସିଂ, ଅଧ୍ୟକ୍ଷ, ରମାଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ,<br>ଭୁବନେଶ୍ୱର | ସଦସ୍ୟ |
| ୨୧. | ଡକ୍ଟର ଖଗେଶ୍ୱର ଦାସ, ଇଂରାଜୀ ବିଶେଷଜ୍ଞ, ଅଧ୍ୟକ୍ଷ,<br>ପଦ୍ମପୁର କଲେଜ, ବରଗଡ଼ | ସଦସ୍ୟ |
| ୨୨. | ଡକ୍ଟର ବଳରାମ ସାହୁ, ପ୍ରଫେସର ମାଇକ୍ରୋବାଇଓଲୋଜି,<br>ସୋଆ ବିଶ୍ୱବିଦ୍ୟାଳୟ,<br>ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର | ସଦସ୍ୟ |
| ୨୩. | ଡକ୍ଟର ଗୌରାଙ୍ଗ ମହାନ୍ତି, ପଦାର୍ଥ ବିଜ୍ଞାନ ବିଶେଷଜ୍ଞ, ଅବସରପ୍ରାପ୍ତ ଅଧ୍ୟକ୍ଷ,<br>ଖଲ୍ଲିକୋଟ ସ୍ୱୟଂଶାସିତ କଲେଜ, ବ୍ରହ୍ମପୁର, ଗଞ୍ଜାମ | ସଦସ୍ୟ |
| ୨୪. | ନିର୍ଦ୍ଦେଶକ, ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ<br>ପ୍ରଶିକ୍ଷଣ ପରିଷଦ, ଓଡ଼ିଶା | ସଦସ୍ୟ ସଚିବ |



https://withteachers.in/

# ବନ୍ଦେ ଉତ୍କଳ ଜନନୀ

ବନ୍ଦେ ଉତ୍କଳ ଜନନୀ
ଚାରୁହାସମୟୀ ଚାରୁ ଭାଷମୟୀ, ଜନନୀ, ଜନନୀ, ଜନନୀ ।
ପୂତ-ପୟୋଧି-ବିଧୌତ-ଶରୀରା,
ତାଳତମାଳ-ସୁଶୋଭିତ-ତୀରା,
ଶୁଭ୍ରତଟିନୀକୂଳ-ଶୀକର-ସମୀରା
ଜନନୀ, ଜନନୀ, ଜନନୀ ।।

ଘନ ବନଭୂମି ରାଜିତ ଅଙ୍ଗେ,
ନୀଳ ଭୂଧରମାଳା ସାଜେ ତରଙ୍ଗେ,
କଳ କଳ ମୁଖରିତ ଚାରୁ ବିହଙ୍ଗେ
ଜନନୀ, ଜନନୀ, ଜନନୀ ।।

ସୁନ୍ଦରଶାଳି-ସୁଶୋଭିତ-କ୍ଷେତ୍ରା,
ଜ୍ଞାନବିଜ୍ଞାନ-ପ୍ରଦର୍ଶିତ-ନେତ୍ରା,
ଯୋଗୀଋଷିଗଣ-ଉଟଜ-ପବିତ୍ରା
ଜନନୀ, ଜନନୀ, ଜନନୀ ।।

ସୁନ୍ଦର ମନ୍ଦିର ମଣ୍ଡିତ-ଦେଶା,
ଚାରୁକଳାବଳି-ଶୋଭିତ-ବେଶା,
ପୁଣ୍ୟ ତୀର୍ଥଚୟ-ପୂର୍ଣ୍ଣ-ପ୍ରଦେଶା
ଜନନୀ, ଜନନୀ, ଜନନୀ ।।

ଉତ୍କଳ ସୁରବର-ଦର୍ପିତ-ଗେହା,
ଅରିକୁଳ-ଶୋଣିତ-ଚର୍ଚ୍ଚିତ-ଦେହା,
ବିଶ୍ୱଭୂମଣ୍ଡଳ-କୃତବର-ସ୍ନେହା
ଜନନୀ, ଜନନୀ, ଜନନୀ ।।

କବିକୁଳମୌଳି ସୁନନ୍ଦନ-ବନ୍ଦ୍ୟା,
ଭୁବନବିଘୋଷିତ-କୀର୍ତ୍ତିଅନିନ୍ଦ୍ୟା,
ଧନ୍ୟେ, ପୁଣ୍ୟେ, ଚିରଶରଣ୍ୟେ
ଜନନୀ, ଜନନୀ, ଜନନୀ ।।

(କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର)



https://withteachers.in/

# ସୂଚୀପତ୍ର


ପ୍ରସ୍ତାବନା ........ iii

ପୁସ୍ତକ ସମ୍ବନ୍ଧରେ ........ v

ପ୍ରିୟ ଛାତ୍ରଛାତ୍ରୀ ........ ix





**ଦୃଶ୍ୟକଳା** ୦୧

୧. ବସ୍ତୁ ଚିତ୍ରଣ ........ ୦୩

୨. ଦୃଷ୍ଟାନ୍ତ ଚିତ୍ରର ପରିବର୍ତ୍ତନ ........ ୧୦

୩. ବ୍ୟକ୍ତି ଚିତ୍ରଣ ........ ୨୦

୪. କାଗଜ କଳା ........ ୨୫

୫. ଛାପା ଚିତ୍ର ........ ୨୯





**ସଙ୍ଗୀତ** ୩୪

୬. ସଙ୍ଗୀତ ଓ ଭାବ ........ ୩୭

୭. ସଙ୍ଗୀତମୟ ବାଦ୍ୟଯନ୍ତ୍ର ........ ୫୧

୮. ଭାରତୀୟ ସଙ୍ଗୀତରେ ରାଗ ଓ ତାଳ ........ ୫୭

୯. ବିବିଧ ଗୀତର ମଧୁର ସ୍ୱର ........ ୬୫

୧୦. ଗୀତ ରଚନାର କୌଶଳ ........ ୭୫

୧୧. ସଙ୍ଗୀତ ଓ ସମାଜ ........ ୭୮




https://withteachers.in/





## ନୃତ୍ୟକଳା ୮୧


୧୨. ଚଳଚଞ୍ଚଳତାରେ ମୋ ଶରୀର ........ ୮୩

୧୩. ନୃତ୍ୟରେ ପ୍ରତିବନ୍ଧକ ଦୂରୀକରଣ ........ ୯୬

୧୪. ନୃତ୍ୟର ଗତି ସମନ୍ୱୟ ........ ୧୦୧

୧୫. ଆମ ଅଞ୍ଚଳର ନୃତ୍ୟ ........ ୧୦୮


## ନାଟ୍ୟକଳା ୧୧୬


୧୬. ରସ ଉନ୍ମୋଚନ ........ ୧୧୮

୧୭. ଆସ ସଜାଇବା ........ ୧୩୧

୧୮. ନାଟ୍ୟଦଳ ସହ ........ ୧୪୫

୧୯. ଛାଇ ଏବଂ ସୂତାର କଥା – କଣ୍ଢେଇ ନାଚ ........ ୧୫୦

୨୦. ଉପସଂହାର ........ ୧୫୯

୨୧. ସମସ୍ତ କଳାରୂପ ଗୁଡ଼ିକର ଏକତ୍ରୀକରଣ ........ ୧୬୨

୨୨. ମାନ ନିର୍ଦ୍ଧାରଣ ........ ୧୬୮




https://withteachers.in/

# ଦୃଶ୍ୟକଳା

ରୂପଭେଦଃ ପ୍ରମାଣାନି
ଭାବଲାବଣ୍ୟ ଯୋଜନମ୍ ।
ସାଦୃଶ୍ୟଂ ବର୍ଣ୍ଣିକାଭଂଗ
ଇତିଚିତ୍ରଂ ଷଡ଼ଂଗକମ୍ ॥

**କଳାର ଛଅଟି ଅଙ୍ଗ ହେଉଛି :**

୧. ବିଭିନ୍ନ ରୂପରେ ଭିନ୍ନତା
୨. ଅନୁପାତ
୩. ଭାବ
୪. ଲାବଣ୍ୟ/ଲାଳିତ୍ୟ
୫. ସାଦୃଶ୍ୟତା
୬. ରଙ୍ଗ ବିନ୍ୟାସ

ଉତ୍ସ : ବିଷ୍ଣୁଧର୍ମୋତ୍ତର ପୁରାଣ





https://withteachers.in/

## ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ପାଇଁ ଶ୍ରେଣୀଗୃହ ଓ ଉପକରଣ :

୧) ଛାତ୍ରଛାତ୍ରୀମାନଙ୍କ ପାଇଁ ଆରାମରେ ବସି କାର୍ଯ୍ୟ କରିବା ନିମନ୍ତେ ପର୍ଯ୍ୟାପ୍ତ ସ୍ଥାନର ବ୍ୟବସ୍ଥା ।

୨) ଯଥେଷ୍ଟ ଆଲୋକ ଏବଂ ବାୟୁ ଚଳାଚଳ କରୁଥିବା ଶ୍ରେଣୀକକ୍ଷ ।

୩) ପାଗର ଅନୁକୂଳ ପରିସ୍ଥିତିରେ ଶ୍ରେଣୀକକ୍ଷର ବାହାରେ ବସିବା ବ୍ୟବସ୍ଥା ।

୪) କଳା ସାମଗ୍ରୀ ଓ ଆବଶ୍ୟକୀୟ ଉପକରଣର ବ୍ୟବସ୍ଥା କରିବା ।

୫) ପିଲାମାନଙ୍କର କଳାକୃତି ଓ ଅନ୍ୟାନ୍ୟ ଉପକରଣ ନିରାପଦରେ ସାଇତି ରଖିବା ବ୍ୟବସ୍ଥା ।

୬) କଳାକୃତିଗୁଡ଼ିକ ପ୍ରଦର୍ଶନ ନିମନ୍ତେ ପ୍ରାଚୀର ଫଳକର ବ୍ୟବହାର ଯେଉଁଥିରେ କଳାକୃତିଗୁଡ଼ିକ ନିୟମିତ ପରିବର୍ତ୍ତନ କରାଯାଇପାରିବ ।

୭) ଛାତ୍ରଛାତ୍ରୀମାନଙ୍କ ପାଇଁ କ୍ଷେତ୍ର ପରିଭ୍ରମଣ, ସଂଗ୍ରହାଳୟ ପରିଦର୍ଶନ ଏବଂ ବିଦ୍ୟାଳୟର ପରିସର ଭିତରେ ଚିତ୍ରକଳା ପାଇଁ କର୍ମଶାଳାର ଆୟୋଜନର ବ୍ୟବସ୍ଥା କରିବା ।

୮) ଛାତ୍ରଛାତ୍ରୀମାନଙ୍କ, ସଂପୃକ୍ତ ଚିତ୍ରାବଳୀ, ଭିଡିଓ, ଅନ୍ୟାନ୍ୟ କଳାକୃତୀ ଦେଖାଇବା ପାଇଁ ପ୍ରୋଜେକ୍ଟର, କମ୍ପ୍ୟୁଟର, ସ୍କିନର ଏବଂ ଅନ୍ୟାନ୍ୟ ସାମଗ୍ରୀ ଥିବା ଦରକାର ।

## ପାଠ୍ୟପଦ୍ଧତି :

୧) ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ନିଜର ସୃଜନୀ ଶକ୍ତି, କଳ୍ପନାବୋଧ, ଆବେଗ ଏବଂ ଆଗ୍ରହ ସୃଷ୍ଟି କରିବା ପାଇଁ ଉତ୍ସାହିତ କରିବା । ସେମାନଙ୍କର ନିଜସ୍ୱ ମୌଳିକ ଭାବନାକୁ କଳାମାଧ୍ୟମରେ ପ୍ରତିଫଳିତ କରିବାକୁ ସୁଯୋଗ ଦେବ ।

୨) ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପରୀକ୍ଷଣ ଏବଂ ଅନୁସନ୍ଧାନପାଇଁ ନିଜ ନିଜ ମଧ୍ୟରେ କଥୋପକଥନର ସୁଯୋଗ ଦେବା ।

୩) ବାହ୍ୟ କ୍ରିୟା କଳାପକୁ ମଧ୍ୟ ପ୍ରାଧାନ୍ୟ ଦେବା ଉଚିତ୍ । ଏହି କ୍ରମରେ ବିକଳ୍ପ ଚୟନ ଦ୍ୱାରା ବିଭିନ୍ନ ସଂଗ୍ରହାଳୟ, ଆର୍ଟ ଗ୍ୟାଲେରୀ, ସ୍ଥାନୀୟ ଉଦ୍ୟାନ, ବଜାର, ମେଳା ମହୋତ୍ସବ ଇତ୍ୟାଦିକୁ ଛାତ୍ରମାନଙ୍କୁ ଭ୍ରମଣର ସୁବିଧା ଦେବା ଯେଉଁଠାରେ ସେମାନେ ତାଙ୍କର ଚାରିପାଖର ଜୀବନଶୈଳୀ ଓ ସଂସ୍କୃତିକୁ ବୁଝିପାରିବେ ।

୪) ଆଖପାଖ ଅଞ୍ଚଳର ଚିତ୍ରଶିଳ୍ପୀ ଓ କାରିଗରମାନଙ୍କୁ ସେମାନଙ୍କର ହସ୍ତକର୍ମ ଓ କଳା କର୍ମଶାଳା ଓ ଭାବ ବିନିମୟ ପାଇଁ ବିଦ୍ୟାଳୟକୁ ନିୟମିତ ବ୍ୟବଧାନରେ ଆମନ୍ତ୍ରଣ କରିବା ଉଚିତ୍ ।

୫) ଛାତ୍ରଛାତ୍ରୀମାନେ କାର୍ଯ୍ୟ କରିବା ପରେ ସେହିସ୍ଥାନକୁ ସଫା କରିବା ଓ ନିଜନିଜର କଳାସାମଗ୍ରୀକୁ ଯଥାସ୍ଥାନରେ ସାଇତି ରଖିବାର ଅଭ୍ୟାସ କରାଇବା ।

୬) ଛାତ୍ରଛାତ୍ରୀମାନଙ୍କ ନିଜର କଳାକୃତିର ଚୟନ ଓ ପ୍ରଦର୍ଶନ ପାଇଁ ନିଜେ ନିଷ୍ପତ୍ତି ନେବା ଉଚିତ୍ ।

୭) କେମିତି ଚିତ୍ରଟି ଅଙ୍କନ କରାଯାଇଛି, ତାହା ବୁଝେଇବା ପାଇଁ ବିଦ୍ୟାର୍ଥୀଙ୍କ ବୋର୍ଡ଼ ବା ଖାତାରେ ନ ଆଙ୍କି ଅନ୍ୟ କାଗଜରେ ଅଙ୍କନ କରି ଦର୍ଶାନ୍ତୁ ।

୮) ପଠନ ସମୟରେ ଛାତ୍ରଛାତ୍ରୀମାନେ କଳାର ବିଭିନ୍ନ ଉପାଦାନ ଯଥା – ରେଖା, ଆକାର, ଗଠନ, ରଙ୍ଗ, ଇତ୍ୟାଦିକୁ ପାଠ୍ୟପୁସ୍ତକରେ ରେଖାଙ୍କିତ କରିବେ ।

୯) ଯଦି କ୍ରିୟାକଳାପ ଗୋଟିଏ ପୃଷ୍ଠାରେ ନ ସରି ଅନ୍ୟ ଏକ ପୃଷ୍ଠାକୁ ବ୍ୟାପ୍ତ ହେଉଥାଏ, ତେବେ ଘରେ ଓ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନେ ପ୍ରଥମ ପୃଷ୍ଠାର ଶେଷରେ 'କ୍ରମଶଃ' ଶବ୍ଦର ବ୍ୟବହାର କରିବେ ।


https://withteachers.in/



# ଅଧ୍ୟାୟ -୧ : ବସ୍ତୁ ଚିତ୍ରଣ

ତୁମମାନଙ୍କୁ ପ୍ରଥମ ଅଧ୍ୟାୟକୁ ସ୍ୱାଗତ ! ଏହି ଅଧ୍ୟାୟରେ ଆମେ ବସ୍ତୁ ଓ ସ୍ଥିର ଚିତ୍ର ବିଷୟରେ ଶିଖିବା । ତୁମେମାନେ ତୁମର ତୂଳୀ ଓ ରଙ୍ଗ ମାଧ୍ୟମରେ ବିଭିନ୍ନ ବସ୍ତୁର ଜୀବନ୍ତ ଭାବେ ଚିତ୍ର କରିବା ଶିଖିବ ।

## କିପରି ?

- ବସ୍ତୁମାନଙ୍କୁ କିପରି ଅନୁଧ୍ୟାନ କରିବା ।
- ବସ୍ତୁମାନଙ୍କର ସଂଯୋଜନାତ୍ମକ ବ୍ୟବସ୍ଥାକୁ ଅନୁଧ୍ୟାନ କରିବା । ତାକୁ ନେଇ ଏକ ଚିତ୍ରକଳା ସଂରଚନା କରିବା ।
- ବିଭିନ୍ନ ବସ୍ତୁ ଉପରେ ଆଲୋକପାତ ଓ ତତ୍‌ଜନିତ ଛାୟା ସୃଷ୍ଟିକୁ ଅନୁଧ୍ୟାନ କରିବା ।
- ଯଦିଓ ବସ୍ତୁଗୁଡ଼ିକ ଗୋଟିଏ ଦିଗରୁ ପରସ୍ପରଠାରୁ ଅଲଗା ଦେଖାଯାଆନ୍ତି, ଅନ୍ୟ ଏକ ଦିଗର କିପରି ଗୋଟିଏ ପରେ ଗୋଟିଏ ରହିଲା ପରି ଦେଖାଯାଆନ୍ତି ।

ପ୍ରତ୍ୟେକ ଚିତ୍ର ତୁମର ଅନୁଧ୍ୟାନକୁ ବଳିଷ୍ଠ କରିବ ଯେତେବେଳେ ତୁମେ ତୁମ ଚାରିପାଖରେ ଥିବା ବସ୍ତୁଗୁଡ଼ିକୁ ଦେଖି ଯେପରି ଅନୁଭବ କରିବ ସେହିପରି ଚିତ୍ରଣ କରିବା ଆରମ୍ଭ କରିବ । ପ୍ରତ୍ୟେକ କ୍ରିୟାକଳାପ ତୁମର ଦକ୍ଷତାକୁ ଆହୁରି ଦୃଢ଼ ଓ ବଳିଷ୍ଠ କରିବା ସଙ୍ଗେସଙ୍ଗେ ସେଗୁଡ଼ିକୁ ଦ୍ୱି-ପାର୍ଶ୍ୱିକ ରୂପ ନେଇ ଆଙ୍କିବାରେ ସାହାଯ୍ୟ କରିବ । ଏକ ଦ୍ୱି-ପାର୍ଶ୍ୱିକ ଆକାରକୁ ଛାୟାପାତ ଦ୍ୱାରା ଉପଯୁକ୍ତ ଗଭୀରତା ଦେଇ କିପରି ଏକ ତ୍ରି-ପାର୍ଶ୍ୱିକ ଚିତ୍ର କରିପାରିବ ଚେଷ୍ଟାକର ।



ସ୍ଥିରଚିତ୍ର



ବିଭିନ୍ନ ବସ୍ତୁଗୁଡ଼ିକର ପ୍ରଦର୍ଶନ କରି ଜଣେ ଛାତ୍ର ଚିତ୍ର ଅଙ୍କନ କରିଛନ୍ତି ।

ଏଥିସହ ତୁମ୍ଭେମାନେ ଫ୍ଲିପ୍‌ବୁକ୍ ବା ପ୍ରତିଛବି ପୁସ୍ତକ ତିଆରି କରି ଆହୁରି ଚିତ୍ତାକର୍ଷକ କ୍ରିୟାକଳାପ ଶିଖିପାରିବ । ତେଣୁ ଚାଲ, ତୁମ୍ଭମାନଙ୍କ ସୃଜନୀଶକ୍ତି ଓ କଳାଜ୍ଞାନକୁ ବୃଦ୍ଧି କରିବା ।



https://withteachers.in/







ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରକାର ବସ୍ତୁଚିତ୍ରଣ କରୁଛନ୍ତି ।

## କ୍ରିୟାକଳାପ ୧ : ଆଖପାଖର ଜିନିଷଗୁଡ଼ିକୁ ଅନୁସନ୍ଧାନ କରିବା

ତୁମ୍ଭେମାନେ ତୁମର ଚର୍ତୁପାର୍ଶ୍ୱର ବସ୍ତୁଗୁଡ଼ିକୁ ଅନୁସନ୍ଧାନ କର । ପ୍ରତ୍ୟେକ ବସ୍ତୁ କେଉଁ ସାମଗ୍ରୀରେ ତିଆରି ? ଟିକିଏ ରହିକି ଭାବ ଯେ ସେଗୁଡ଼ିକ ଏକ ନିର୍ଦ୍ଦିଷ୍ଟ ଆକୃତିର କାହିଁକି ? ସେମାନଙ୍କର ଆକାର ଏବଂ ରୂପ ପଛରେ କୌଣସି କାରଣ ଅଛି କି ? ଏହା ସହିତ ଏହି ବସ୍ତୁଗୁଡ଼ିକର ଚାରିପାଖରେ ଥିବା ସ୍ଥାନକୁ ପର୍ଯ୍ୟବେକ୍ଷଣ କରି ଚାରିପାଖରେ ଘୂରି ବୁଲି ବିଭିନ୍ନ କୋଣରୁ ବସ୍ତୁଗୁଡ଼ିକୁ ନିରୀକ୍ଷଣ କର । କିଛି ସମୟ ନିରୀକ୍ଷଣ କରିବାପରେ, ତୁମ୍ଭେମାନେ ଆଙ୍କିବାକୁ ଚାହୁଁଥିବା ଦୁଇଟି କିମ୍ବା ତିନୋଟି ବସ୍ତୁ ବାଛ ।

## କ୍ରିୟାକଳାପ ୨ : ବିଭିନ୍ନ ଦିଗରୁ ବସ୍ତୁର ଚିତ୍ର ଅଙ୍କନ

ଭିନ୍ନ ଭିନ୍ନ ଉପାୟରେ ବସ୍ତୁ ଚିତ୍ରଣ (ବସ୍ତୁର ଚିତ୍ର ଅଙ୍କନ)କୁ ପ୍ରତ୍ୟେକ ବ୍ୟକ୍ତି ଭିନ୍ନ ଭାବରେ ଆଙ୍କନ୍ତି । ଏହା ସେମାନଙ୍କର ଅଭିବ୍ୟକ୍ତିକୁ ସ୍ୱତନ୍ତ୍ର କରିଥାଏ । ଏଠାରେ କିଛି ନୂଆ ଧାରଣା ଦିଆଯାଇଛି ଏହା ତୁମେମାନେ ଆଙ୍କିବାକୁ ଚେଷ୍ଟା କର ।

୧) ତୁମ୍ଭେମାନେ ଗୋଟିଏ ନିରନ୍ତର ରେଖା କିମ୍ବା ଗାର ବ୍ୟବହାର କରି ଏକ ବସ୍ତୁର ଚିତ୍ର ଆଙ୍କିପାରିବ । ଏହାର ଅର୍ଥ ବସ୍ତୁର ଚିତ୍ର କଲାବେଳେ ତୁମ୍ଭେମାନେ ତୁମର ପେନ୍‌ସିଲ୍ ଉଠାଇ ପାରିବନାହିଁ, ତୁମର ସହପାଠୀଙ୍କୁ ପଚାର ଯେ ସେମାନେ ଏହି ଚିତ୍ରରୁ ବସ୍ତୁଟିକୁ ଚିହ୍ନଟ କରିପାରୁଛନ୍ତି କି ନାହିଁ ?

୨) ତୁମେମାନେ ବସ୍ତୁର ବିଭିନ୍ନ ଅଂଶ ଆଙ୍କିପାରିବ । ଉଦାହରଣ ସ୍ୱରୂପ, ପାଣି ବୋତଲ ଆଙ୍କିବା ସମୟରେ ପ୍ରତ୍ୟେକ ଅଂଶ (ଠିପି, ବୋତଲ ଏବଂ ଅନ୍ୟାନ୍ୟ ଅଂଗ) ଅଲଗା ଅଲଗା କରି ଆଙ୍କିପାରିବ । ଏଠାରେ ତୁମ୍ଭେମାନେ ଅନୁପାତରେ ପାର୍ଥକ୍ୟ ଲକ୍ଷ୍ୟ କରିପାରିବ ।

୩) ତିନୋଟି ଭିନ୍ନ କୋଣରୁ ସେହି ସମାନ ବସ୍ତୁଟିକୁ ଆଙ୍କିବାକୁ ଚେଷ୍ଟାକର । ତୁମେମାନେ ନିଜ ବସିବା ଜାଗା ବଦଳାଇ ପାର କିମ୍ବା ବସ୍ତୁକୁ ଟିକିଏ ବୁଲାଇ ଦିଅ କିମ୍ବା ଘୁଞ୍ଚାଇ ଦିଅ । ତୁମେମାନେ ବସ୍ତୁକୁ ଭୂମି ଉପରେ ରଖିପାରିବ କିମ୍ବା କୌଣସି ସ୍ଥାନରେ ଝୁଲାଇ ପାରିବ । ତୁମେ ଏହି ବସ୍ତୁର ତିନୋଟି ପାର୍ଶ୍ୱର ଚିତ୍ର ଆଙ୍କିବାପରେ, ସେଗୁଡ଼ିକୁ ତୁମ୍ଭମାନଙ୍କ ସାଙ୍ଗ / ସହପାଠୀମାନଙ୍କୁ ଦେଖାଅ । ଚିତ୍ରର ତିନୋଟି ଦିଗ ଅଙ୍କନ ମଧ୍ୟରୁ କେଉଁଟିକୁ ସେମାନେ ସବୁଠାରୁ ଆକର୍ଷଣୀୟ ବୋଲି କହୁଛନ୍ତି ଲକ୍ଷ୍ୟକର ।

**କହିଲ ଦେଖି :**

ମୁଁ କିଏ ?

ତୁମେ ଯେଉଁଠାକୁ ଯାଅ, ମୁଁ ଅନୁକରଣ କରେ, ମୋର କୌଣସି ମୁହଁ କିମ୍ବା ରୂପ ନାହିଁ । ତୁମେ ମୋତେ ଧରିପାରିବ ନାହିଁ । ମୁଁ କିଏ ?

ଉତ୍ତର ହେଉଛି – ଛାଇ



https://withteachers.in/

## ଏହିଭଳି ଅଭ୍ୟାସ ଜାରି ରଖ :

ଘରେ ମିଳୁଥିବା ବିଭିନ୍ନ ସାମଗ୍ରୀର ବସ୍ତୁକୁ ଦେଖି ଅଙ୍କନ କର । କାଠ ଧାତୁ, ମାଟି, ପ୍ଲାଷ୍ଟିକ୍ ଓ କପଡ଼ା ଇତ୍ୟାଦିରେ ତିଆରି ବସ୍ତୁକୁ ଦେଖ । ସେଗୁଡ଼ିକୁ ଯେଉଁଠାରେ କିଛି ଆଲୋକ ଅଛି, ସେଠାରେ ରଖ ।

ତାହାର ଏକ ବାହ୍ୟରେଖା ଅଙ୍କନ କର ଏବଂ ଅନ୍ଧକାର ଓ ଆଲୋକ କ୍ଷେତ୍ରଗୁଡ଼ିକୁ ଚିହ୍ନିତ କରିବାକୁ ଚେଷ୍ଟା କର । ଛାୟା, ରଙ୍ଗ ଏବଂ ଆକୃତିକୁ ଲକ୍ଷ୍ୟ କରି ଏଗୁଡ଼ିକୁ ତୁମର ଚିତ୍ରରେ ଦେଖାଇବାକୁ ଚେଷ୍ଟାକର ।





ଛାତ୍ରଙ୍କ ଚିତ୍ର ଯେଉଁଥିରେ ଆଲୋକ ଓ ଛାୟାପାତ ଦେଖାଯାଇଛି

## କ୍ରିୟାକଳାପ ୩ : ଆଲୋକ ଏବଂ ଛାୟା

ତୁମ ସମ୍ମୁଖରେ ବିଭିନ୍ନ ବସ୍ତୁଗୁଡ଼ିକୁ ରଖ ।

- ସେମାନଙ୍କ ଆକୃତି, ଛାୟା ଏବଂ ଏହା ଉପରେ ଆଲୋକ କିପରି ପଡ଼େ, ତାହା ଦେଖ ।
- ସେମାନଙ୍କର ଛାୟାର ଆକୃତି କିପରି ?
- ତୁମେମାନେ ବସ୍ତୁର କେଉଁ ପାର୍ଶ୍ୱରେ ସେଗୁଡ଼ିକର ଛାୟା ସୃଷ୍ଟି ହେଉଥିବାର ଦେଖୁଛ ?

ଏକ ପେନ୍ସିଲ୍‌ରେ କିଛି ବସ୍ତୁକୁ ଦେଖି ଆଙ୍କିବା ଅଭ୍ୟାସ କର । ଯେକୌଣସି ଗୋଟିଏ ଦିଗରୁ ଏକ ଶୈଳୀର ପେନ୍ସିଲ୍ ଷ୍ଟ୍ରୋକ୍ ଦେବା ସମୟରେ ଆଙ୍ଗୁଠିରେ ଧରିଥିବା ପେନ୍ସିଲ୍‌ର ଚାପକୁ କମ୍ ବେଶି କରି ଦେଖ, ତୁମେ କ'ଣ କିଛି ହାଲୁକା ଏବଂ ଗାଢ଼ ରେଖା ସୃଷ୍ଟି କରିପାରୁଛ ? ଏହା ବସ୍ତୁର ଆଲୋକ ଓ ଛାୟାପାତ ଅଙ୍କନ ପାଇଁ ସହାୟକ ହେବ । ଏହାର ସେଡିଂ ଦେବା କୁହାଯାଏ ।

ତୁମେମାନେ ଏକ ପୃଥକ୍ କାଗଜ କିମ୍ବା ଚିତ୍ରାଙ୍କନ ଖାତାରେ ସେଡିଂ ଅଭ୍ୟାସ କରିବା ପରେ ତୁମମାନଙ୍କ ସମ୍ମୁଖରେ କିଛି ବସ୍ତୁକୁ ରଖି ଅଙ୍କନ କରି ପେନ୍ସିଲ୍‌ରେ ସେଡିଂ ଦିଅ ।


ବସ୍ତୁର ରେଖାଚିତ୍ର ମଧ୍ୟରେ ଗୋଟିଏ ଦିଗରୁ ଛୋଟ ଛୋଟ ରେଖା ଦ୍ୱାରା ହାଲୁକାରୁ ମଧ୍ୟମ ଓ ମଧ୍ୟମରୁ ଗାଢ଼ ରେଖା ଦ୍ୱାରା ସେଡିଂ ସୃଷ୍ଟି କର । ଏହି ସମୟରେ ବସ୍ତୁର ଛାୟାକୁ ନିରୀକ୍ଷଣ କର, ଏବଂ ଏହାକୁ ତୁମର ଚିତ୍ରରେ ଦେଖାଇବାକୁ ଚେଷ୍ଟାକର ।


https://withteachers.in/

## ତୁମେମାନେ ଜାଣିଛକି :

ଅମ୍ରିତା ଶେର-ଗିଲ ଜଣେ ଅତି ଖ୍ୟାତନାମ ଆଧୁନିକ ଭାରତୀୟ ମହିଳା ଚିତ୍ରକର । ତାଙ୍କର ଜନ୍ମ ୧୯୧୩ ମସିହାରେ ହୋଇଥିଲା । ତାଙ୍କ ମାଆ ହଙ୍ଗେରୀୟ ଏବଂ ବାପା ଭାରତୀୟ ଥିଲେ । ସେ ପ୍ୟାରିସରେ ଚିତ୍ରକଳା ପାଠ ପଢ଼ିଥିଲେ । ଯେତେବେଳେ ତାଙ୍କୁ ୨୧ ବର୍ଷ ବୟସ ହୋଇଥିଲା ସେ ଭାରତ ଫେରି ଆସିଥିଲେ । ସେ ତାଙ୍କର କାନ୍‌ଭାସ୍, ତୈଳରଙ୍ଗ ଏବଂ ତୂଳୀ ସାଥିରେ ନେଇ ଭାରତର ଛୋଟ ସହର ଏବଂ ଗ୍ରାମଗୁଡ଼ିକରେ ଭ୍ରମଣ କରି ଚିତ୍ର ଆଙ୍କୁଥିଲେ । ତାଙ୍କ ଚିତ୍ରଗୁଡ଼ିକରେ ସମୃଦ୍ଧ ମାଟିର ମହକ ଉପଲବ୍ଧ ହୁଏ । ସାଧାରଣ ଭାରତୀୟ ଲୋକଙ୍କ ଜୀବନ ଏବଂ ପରିସ୍ଥିତିକୁ ପର୍ଯ୍ୟବେକ୍ଷଣ କରି ଗଭୀର ଭାବରେ ପ୍ରଭାବିତ ହୋଇଥିଲେ ଏବଂ ଏହି ବିଷୟବସ୍ତୁ ଉପରେ ଆଧାରିତ ଚିତ୍ରକଳାଗୁଡ଼ିକ ସୃଷ୍ଟି କରିଥିଲେ ।





ଅମ୍ରିତା ଶେର ଗିଲଙ୍କ ଦ୍ୱାରା ବସ୍ତୁ ଚିତ୍ରଣ

ଏହି ଚିତ୍ରକଳାରେ ପ୍ରଦର୍ଶିତ ବସ୍ତୁ, ସଂଯୋଜନା, ଆଲୋକ ଏବଂ ଛାୟା ସମ୍ବନ୍ଧରେ ସାଙ୍ଗମାନଙ୍କ ସହ କଥାବାର୍ତ୍ତା ତଥା ଆଲୋଚନା କର ।

## କ୍ରିୟାକଳାପ ୪ : ଜଣେ ଶିଳ୍ପୀଙ୍କ ଆଖିରେ

ପ୍ରତ୍ୟେକ ଶିଳ୍ପୀଙ୍କର ବସ୍ତୁଗୁଡ଼ିକୁ ଭିନ୍ନ ଦୃଷ୍ଟିରେ ଦେଖିବାର ଅଭ୍ୟାସ ଥାଏ । ସେମାନେ ଚିତ୍ରକଳା, ମୂର୍ତ୍ତି ଏବଂ ଫଟୋଗ୍ରାଫ୍ ତିଆରି କରିବାପାଇଁ ସେଗୁଡ଼ିକୁ ଉପଯୁକ୍ତ ଢଙ୍ଗରେ ସଜାଇଥାଆନ୍ତି । ଏପରି କଳାକୃତିକୁ ସ୍ଥିର ଚିତ୍ର ବା ବସ୍ତୁ ଚିତ୍ରଣ କୁହାଯାଏ । ଏକ ବସ୍ତୁ ଚିତ୍ରଣରେ ବସ୍ତୁଗୁଡ଼ିକର ଚୟନ ଏବଂ ସେଗୁଡ଼ିକୁ କିପରି ସଜାଯିବ ସେ ବିଷୟରେ ପ୍ରଥମେ ଏକ ଧାରଣା କରାଯାଏ ।

ଫୁଲ, ଉଦ୍ଭିଦ, ପନିପରିବା, ଫଳ, ଖାଦ୍ୟ ସାମଗ୍ରୀ, ପୋଷାକ ଉପକରଣ ଏବଂ ଅନ୍ୟାନ୍ୟ ଘରୋଇ ବସ୍ତୁଗୁଡ଼ିକ ମଧ୍ୟ ଏକ ବସ୍ତୁ ଚିତ୍ରଣ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ କରାଯାଏ ।

ତୁମେମାନେ ଭାବ, କାହିଁକି ଏହାକୁ 'ସ୍ଥିର ଜୀବନ ଚିତ୍ର' ବା ଷ୍ଟିଲ-ଲାଇଫ୍ କୁହାଯାଏ ?

ଯଦି ଏକ ବସ୍ତୁର ଜୀବନ ନାହିଁ ତେବେ ତାହା କ'ଣ ସ୍ଥିର ଜୀବନ ହେବ ?

ଷ୍ଟିଲ ଲାଇଫ୍ (ସ୍ଥିର ଚିତ୍ର) କଳାକୃତିଗୁଡ଼ିକରେ ଏପରି ଜିନିଷ ଗୁଡ଼ିକୁ ଚିତ୍ରଣ କରାଯାଏ ଯାହା ସ୍ଥିର ରହେ ଏବଂ ଗତି କରେନାହିଁ । କଳାକୃତି ତିଆରି କରିବା ପ୍ରକ୍ରିୟାରେ ବସ୍ତୁଗୁଡ଼ିକ ଏକ ନୂତନ ଜୀବନ ପାଆନ୍ତି । ଜଣାଶୁଣା ଶିଳ୍ପୀମାନଙ୍କଦ୍ୱାରା ତିଆରି ସ୍ଥିର ଚିତ୍ର (ବସ୍ତୁ ଚିତ୍ରଣ) କଳାଗୁଡ଼ିକ ଦେଖି ତୁମ ଶ୍ରେଣୀରେ ସେ ଗୁଡ଼ିକ ବିଷୟରେ ସାଙ୍ଗମାନଙ୍କ ସହ ଆଲୋଚନା କର ।



https://withteachers.in/



## କ୍ରିୟାକଳାପ ୫ : ତୁମମାନଙ୍କର ନିଜସ୍ୱ ବସ୍ତୁ ଚିତ୍ରଣ ଅଙ୍କନ କର


ଚାରିପାଞ୍ଚ ଜଣିଆ ଗୋଷ୍ଠୀ ବା ଦଳ ତିଆରି କର ଏବଂ ଏକ ବୃତ୍ତ ଆକୃତିରେ ବସ । ବୃତ୍ତର କେନ୍ଦ୍ରରେ ଦୁଇରୁ ତିନୋଟି ବସ୍ତୁ ରଖ । ଏକ ବୋତଲ, ଫଳ, ଧାତୁ, କମ୍ପାସ, କାଠରୁଲ୍‌ର କପଡ଼ା କିମ୍ବା ତୁମମାନଙ୍କର ଆଗ୍ରହର ଯେକୌଣସି ଜିନିଷ (ଯେପରି ବିଭିନ୍ନ ସାମଗ୍ରୀରେ ତିଆରି ବସ୍ତୁଗୁଡ଼ିକ) ରଖିବା । ଏଗୁଡ଼ିକୁ ବିଭିନ୍ନ ଉପାୟରେ କିପରି ସଜାଡି ରଖିହେବ, ସେ କଥା ପରସ୍ପର ମଧ୍ୟରେ ଆଲୋଚନା କର । ବସ୍ତୁଗୁଡ଼ିକ ପରସ୍ପରକୁ ସ୍ପର୍ଶ କରିପାରିବେ କିମ୍ବା ସେଗୁଡ଼ିକୁ ତୁମେ ଅଲଗା ଅଲଗା ଏପରି ରଖିପାରିବ । ଯେପରି ସମସ୍ତେ ଏକ ବୃତ୍ତାକାରରେ ବସି ସମସ୍ତ ବସ୍ତୁଗୁଡ଼ିକର ସାଜସଜ୍ଜାକୁ ସ୍ପଷ୍ଟ ଭାବରେ ଦେଖିପାରିବ ।

ନିଜ ନିଜର ବସ୍ତୁ ଚିତ୍ରଣ ସୃଷ୍ଟି କରିବା ପାଇଁ ବସ୍ତୁଗୁଡ଼ିକୁ ସଜେଇ ରଖ ଓ ନିରୀକ୍ଷଣ କରି ଆଙ୍କ ।





https://withteachers.in/




## କ୍ରିୟାକଳାପ ୬ : ଫର୍ଣ୍ଣିଚର (ଚୌକି, ଟେବୁଲ୍, ସେଜ) ଆଙ୍କିବା

ବିଦ୍ୟାଳୟ ଏବଂ ଘରେ ତୁମେମାନେ କେଉଁ ପ୍ରକାରର ଗୃହ ଉପକରଣ ଦେଖୁଛ ? ଯେ କୌଣସି ଦୁଇ କିମ୍ବା ତିନୋଟି ଗୃହ ଉପକରଣ ବା ବସ୍ତୁକୁ ଅନୁଧ୍ୟାନ କର ଏବଂ ଅଙ୍କନ କର । ତୁମମାନଙ୍କର ଚିତ୍ରଗୁଡ଼ିକୁ ପ୍ରକୃତ ବସ୍ତୁ ସହିତ ତୁଳନା କର । ତୁମେମାନେ ଆଙ୍କିଥିବା ସରଳରେଖା, କୋଣ ଏବଂ ଆକୃତି ଗୁଡ଼ିକୁ ବସ୍ତୁରେ ଥିବା ସରଳରେଖା, କୋଣ ଏବଂ ଆକୃତି ସହିତ ତୁଳନା କର ।

ତୁମେ ଆଙ୍କିଥିବା ଚିତ୍ରର ମାତ୍ରା (ଡାଇମେନ୍ସନ୍) ଓ ଗଭୀରତାରେ ଏପରି ପରିବର୍ତ୍ତନ କର, ଯେପରିକି ଚିତ୍ରଟି ତ୍ରି-ମାତ୍ରିକ (ତ୍ରି-ପାର୍ଶ୍ୱିକ) ଘନ ଆକୃତିର ଦିଶିବ । ଏହାକୁ ପରିପ୍ରେକ୍ଷଣ (Perspective) କୁହାଯାଏ । ଏହାଦ୍ୱାରା ଆମକୁ ତ୍ରି-ପାର୍ଶ୍ୱିକ ବା ବସ୍ତୁଟି ସମ୍ମୁଖରେ ଦେଖିଲାପରି ମନେହେବ । ଛୋଟଛୋଟ ଦଳହୋଇ ତୁମ ସାଙ୍ଗମାନଙ୍କ କାର୍ଯ୍ୟ ଦେଖ ଏବଂ କାହା କାମରେ ଦୃଷ୍ଟିକୋଣ, କେମିତି ଅଛି ତାହା ଲକ୍ଷ୍ୟ କର । ପରିପ୍ରେକ୍ଷଣ ଦେଖାଇବାରେ ସାହାଯ୍ୟ କରୁଥିବା ରେଖା, ଆକାର ଏବଂ ଆକୃତିଗୁଡ଼ିକୁ ଚିହ୍ନିବାକୁ ଚେଷ୍ଟା କର ।

**ଏହିଭଳି ଅଭ୍ୟାସ ଜାରିରଖ –** କୋଠାର ଗୋଟିଏ ପାଖରୁ, ଝରକା, ପାଇପ୍, ଟ୍ୟାପ୍, ସଟର, ଫ୍ୟାନ୍ ଏବଂ ଲାଇଟ୍‌କୁ ନିରୀକ୍ଷଣ କରିବା ଏବଂ ଏଗୁଡ଼ିକୁ ଆଙ୍କିବା ।





https://withteachers.in/

## କ୍ରିୟାକଳାପ ୭ : ଏକ ଚଳନଶୀଳ ଚିତ୍ର ପୁସ୍ତିକା (ଫ୍ଲିପ୍ ବୁକ୍)

ଯଦି ତୁମେମାନେ ଚିତ୍ରରେ ତୁମମାନଙ୍କର ବସ୍ତୁଗୁଡ଼ିକୁ ଗତି କରାଇପାରିବ ତେବେ ଏହା କ'ଣ ମଜାଦାର ହେବନାହିଁ ? ତୁମର ଏକ ପ୍ରତିଛବି ପୁସ୍ତକ (ଫ୍ଲିପ୍‌ବୁକ୍) ତିଆରି କରି ଏହା କରିପାରିବ ।




**ସୋପାନ-୧ :** ଏକ A4 ଆକାରର କାଗଜକୁ ଆଠଟି ସମାନ ଖଣ୍ଡରେ କାଟି ସଜାଇ ଥାକକରି ରଖ । ଗୋଟି ପାଖରୁ ଖଣ୍ଡ କାଗଜଗୁଡ଼ିକୁ ଷ୍ଟାପଲ କରି ଏକାଠି କରି ରଖ, ତୁମମାନଙ୍କର ପୁସ୍ତକ ହୋଇଗଲା ।

**ସୋପାନ-୨ :** ଫ୍ଲିପ୍‌ବୁକ୍‌ର ପ୍ରତ୍ୟେକ ପୃଷ୍ଠାରେ, ଏକ ଚିତ୍ର ବାଛି ତାହା କାଗଜର ଡାହାଣ ଧାର ପାଖରେ ଆଙ୍କ । ପ୍ରଥମେ ଏକ ପେନ୍‌ସିଲ୍ ସାହାଯ୍ୟରେ ଆଙ୍କ ଏବଂ ଯଦି ତୁମେମାନେ ଚାହିଁବ



















ତେବେ ଏଥିରେ ବିବରଣୀ ଯୋଡ଼ିପାରିବ । ଯେତେବେଳେ ତୁମମାନଙ୍କ ପସନ୍ଦର ଚିତ୍ରଟି ହୋଇଯିବ, ସେତେବେଳେ ଏକ କଳା ମୋଟା କଲମ (ସ୍କେଚ ପେନ୍)ରେ ଏହା ଉପରେ ଗାଢ଼କରି ମଡ୍ରେଇଦିଅ ।

**ସୋପାନ ୩-୬ :** ଏବେ ତୁମମାନଙ୍କର ଚିତ୍ରରେ ଗତି ଦେଖାଇବାର ସମୟ ଆସିଛି । ଫ୍ଲିପ୍‌ବୁକ୍‌ର ଦ୍ୱିତୀୟ ପୃଷ୍ଠାରେ ଏକ ପେନ୍‌ସିଲ୍ ସାହାଯ୍ୟରେ ପ୍ରଥମ ଚିତ୍ରକୁ ଟ୍ରେସ୍ କର । ବସ୍ତୁର ସ୍ଥିତିକୁ ବହୁତ କମ୍ ପରିବର୍ତ୍ତନ କର । ଏହିପରି ତୁମେମାନେ ସମସ୍ତ ପୃଷ୍ଠାରେ ଏକା ଚିତ୍ରକୁ ପୁନରାବୃତ୍ତି କର । ପ୍ରତ୍ୟେକ ପୃଷ୍ଠାରେ ସାମାନ୍ୟ ପରିବର୍ତ୍ତନ କରି ଚାଲ ।

**ସୋପାନ-୭ :** ତୁମେ ଚିତ୍ରଗୁଡ଼ିକ ପୃଷ୍ଠାଗୁଡ଼ିକୁ ଶୀଘ୍ରଶୀଘ୍ର ଓଲଟାଅ । ଯାହା ଫଳରେ ତୁମେ ଚିତ୍ରଟି ଗତିଶୀଳ ହେଉଥିବାପରି ଦେଖିପାରିବ । ଚିତ୍ରଗୁଡ଼ିକ ଅଧିକ ଚାଲୁଥିବାର ବା ଚଳନଶୀଳ ଦେଖିବାପାଇଁ ଫ୍ଲିପ୍‌ବୁକ୍‌ର ପୃଷ୍ଠାସଂଖ୍ୟା ବଢ଼ାଇବାକୁ ପଡ଼ିବ ।




https://withteachers.in/



# ଅଧ୍ୟାୟ – ୨ : ଦୃଷ୍ଟାନ୍ତ ଚିତ୍ରର ପରିବର୍ତ୍ତନ


ଏହି ଅଧ୍ୟାୟ ତୁମମାନଙ୍କୁ ପ୍ରକୃତିର ବିସ୍ମୟତାରେ ନିମଜ୍ଜିତ କରିବ । ତୁମେମାନେ ବାହାରେ ପାଦ ଦେଇ, ଅନେକ ସୁନ୍ଦର ଆକୃତି, ରୂପ, ରଙ୍ଗ, ନମୁନା ଏବଂ ଅନ୍ୟାନ୍ୟ ଜୀବମାନଙ୍କ ରୂପରେ ବିଭିନ୍ନ ଗଠନକୁ ଆବିଷ୍କାର କରିପାରିବ । ତୁମେମାନେ ଚିତ୍ର ଏବଂ ଚିତ୍ରକଳା କାର୍ଯ୍ୟକଳାପ ମାଧମରେ ଏହି ବିବରଣୀ ଗୁଡ଼ିକୁ ରେକର୍ଡ କରିବା ଶିଖିବ । ତୁମେମାନେ ନିଜର ପ୍ରାକୃତିକ ରଙ୍ଗ ତିଆରି କରିବାର ଆକର୍ଷଣୀୟ ପ୍ରକ୍ରିୟା ରଙ୍ଗ ଏବଂ ଏହାର ଛାଇ, ସୃଷ୍ଟି କରିବାର କୌଶଳ ସହିତ ଶିଖିବ । ଏହି ଅଧ୍ୟାୟ ତୁମ୍ଭମାନଙ୍କୁ ସୃଜନଶୀଳ ଭାବରେ ଚିନ୍ତା କରିବାକୁ ଏବଂ ବିଶ୍ୱକୁ ନୂତନଭାବେ ଦେଖିବାର ଧାରାକୁ ପରିବର୍ତ୍ତନ କରିବାକୁ ପ୍ରେରଣା ଦେବ ।





https://withteachers.in/





## ପଥରଶିଳ୍ପୀ ରଘୁନାଥ ମହାପାତ୍ରଙ୍କୁ ଜାଣିଛ କି ?



ମହାନ୍ ପଥରଶିଳ୍ପୀ ଯେ କି ପଦ୍ମବିଭୂଷଣ ପୁରସ୍କାର ପାଇଛନ୍ତି । ସେ ପୃଥିବୀର ବିଭିନ୍ନ ସ୍ଥାନରେ ଓଡ଼ିଶାର ମନ୍ଦିର ଭାସ୍କର୍ଯ୍ୟ କଳାକୁ ପ୍ରତିଷ୍ଠିତ କରାଇଛନ୍ତି ।

## କ୍ରିୟାକଳାପ ୧ : ପ୍ରକୃତି ପଦଯାତ୍ରା

ଯେତେବେଳେ ତୁମ୍ଭମାନଙ୍କ ଚାରିପାଖରେ ଗଛଲତା ପାହାଡ଼, ଝରଣା, ସମୁଦ୍ର ଏବଂ ବାଲିଥାଏ, ସେତେବେଳେ ତୁମେମାନେ କିପରି ଅନୁଭବ କର ? ଦୁଇ ତିନି ମିନିଟ୍ କଳ୍ପନା କର ଯେ ତୁମ୍ଭେମାନେ ପ୍ରକୃତିଦ୍ୱାରା ଘେରି ରହିଛ । ତୁମ୍ଭେମାନେ କ'ଣ ଦେଖୁଛ ? ଯେତେବେଳେ ତୁମେମାନେ ସେଗୁଡ଼ିକ ସ୍ପର୍ଶ କର, ସେତେବେଳେ ବିଭିନ୍ନ ଜିନିଷ କିପରି ଅନୁଭବ ହୁଏ । ତୁମ୍ଭେମାନେ ତୁମ୍ଭମାନଙ୍କ ପାଦ ତଳେ କ'ଣ ଅନୁଭବ କର ? ତୁମେମାନେ କେତେଦୂର ଦେଖିପାରୁଛ ? କିଛି ଗତି କରୁଛି କି ? ତୁମେମାନେ କ'ଣ ଶୁଣୁଛ ?

ଚାରିରୁ ପାଞ୍ଚ ଜଣ ଛାତ୍ରଙ୍କର ଛୋଟ ଛୋଟ ଦଳ ତିଆରି କର ଏବଂ ତୁମମାନଙ୍କ ଭାବନା ପରସ୍ପର ସହିତ ବାଣ୍ଟ ।

ତୁମେମାନେ ଚିତ୍ର ପୁସ୍ତକ ଏବଂ ଏକ ପେନ୍‌ସିଲ୍ ନିଅ ଏବଂ ତୁମମାନଙ୍କ ଚର୍ତୁପାର୍ଶ୍ୱକୁ ଅନୁଧ୍ୟାନ କରିବା ପାଇଁ ବାହାରାକୁ ଯାଅ ।

୧) ଆକାଶକୁ ଦେଖ ଏବଂ ପ୍ରକୃତିର ବିଶାଳତାକୁ ଅନୁଭବ କର । ତୁମେମାନେ ପ୍ରକୃତିରେ ଦେଖୁଥିବା ରଙ୍ଗ କିମ୍ବା ମେଘର ବିଭିନ୍ନ ରୂପ ଉପରେ ତୁମର ଚିନ୍ତାଧାରା ଓ କଳ୍ପନାକୁ ଲିପିବଦ୍ଧ କର କି ?

୨) ଭୂମିକୁ ଦେଖ । ମାଟିର ରଙ୍ଗ, ବିଭିନ୍ନ ପ୍ରକାରର ପଥର, ବାଲିଗରଡ଼ା ଏବଂ ଛୋଟ ପଥରକୁ ପର୍ଯ୍ୟବେକ୍ଷଣ କର । ସେମାନଙ୍କୁ ସ୍ପର୍ଶ କର ଏବଂ ଅନୁଭବ କର । ସେଗୁଡ଼ିକ କ'ଣ ମସୃଣ, ଖଦଡ଼ିଆ, ଦାନାଦାର କିମ୍ବା ଅନ୍ୟ କୌଣସି ଗଠନର ?

୩) ଏପରି ଏକ ସ୍ଥାନ ଖୋଜ ଯେଉଁଠାରେ କିଛି ଗଛଲତା ଏବଂ ଉଦ୍ଭିଦ ଅଛି । ଗଛକୁ ଧୀରେ ସ୍ପର୍ଶ କର ଏବଂ ଏହାର ପତ୍ର, ଡାଳ, ଛାଲ, ଫୁଲ, ଫଳ ଇତ୍ୟାଦି ତୁମେମାନେ ଯାହା ଦେଖୁଛ ତାହା ଅନୁଭବ କର । ସେହିପରି ଗଠନଗୁଡ଼ିକୁ ଆଙ୍କିବାକୁ ଚେଷ୍ଟା କର କିମ୍ବା ଶବ୍ଦ ମାଧ୍ୟମରେ ଏହାକୁ ଲିପିବଦ୍ଧ କର ।

୪) ପତ୍ରର ଆକାର ଏବଂ ତୁମେମାନେ ଦେଖୁଥିବା ରେଖା ଏବଂ ଢାଞ୍ଚାଗୁଡ଼ିକୁ ନିକଟରୁ ନିରୀକ୍ଷଣ କର । ତିନୋଟି ପତ୍ର ଆଙ୍କ ଯେଉଁଗୁଡ଼ିକର ବିଭିନ୍ନ ଆକାର, ରେଖା ଏବଂ ଢାଞ୍ଚା ଅଛି । ସେମାନଙ୍କ ରଙ୍ଗଗୁଡ଼ିକୁ ଲିପିବଦ୍ଧ କର ।

୫) କୌଣସି ପ୍ରାଣୀ, ପକ୍ଷୀ କିମ୍ବା କୀଟପତଙ୍ଗକୁ ନିକଟରୁ ନିରୀକ୍ଷଣ କର । ସେମାନେ ବସିଛନ୍ତି, ଶୋଇଛନ୍ତି, ଠିଆ ହୋଇଛନ୍ତି କିମ୍ବା ଗତି କରୁଛନ୍ତି କି ? ସେମାନଙ୍କ ଆକୃତି ଆଙ୍କିବାକୁ ଚେଷ୍ଟା କର ।

ଏକ ଦଳରେ ଏକାଠି ହୁଅ ଏବଂ ତୁମମାନଙ୍କର ଚିତ୍ର ଏବଂ ପର୍ଯ୍ୟବେକ୍ଷଣର ଫଳାଫଳକୁ ଅନ୍ୟମାନଙ୍କୁ ଦେଖାଅ ।

**ଏହିଭଳି ଅଭ୍ୟାସ ଜାରିରଖ :** ଏକ ଭ୍ରମଣରେ ଯାଉଥିବା ଦୃଶ୍ୟକୁ ଦେଖ ଏବଂ ତୁମେ ଦେଖୁଥିବା ବିଭିନ୍ନ ଜିନିଷର ଚିତ୍ରଗୁଡ଼ିକୁ ପ୍ରତିଦିନ ଆଙ୍କ ।


https://withteachers.in/

## କ୍ରିୟାକଳାପ ୨ : କ୍ଷେତ୍ର ପରିଭ୍ରମଣ



ସଂଗ୍ରହାଳୟ, କଳାକାରଙ୍କ ଷ୍ଟୁଡ଼ିଓ କିମ୍ବା କୌଣସି ସ୍ଥାନ ପରଦର୍ଶନ କର ଯେଉଁଠି କଳାକାରମାନେ କାମ କରନ୍ତି । ନିମ୍ନ ପ୍ରଶ୍ନଗୁଡ଼ିକ ଉପରେ ତୁମର ପର୍ଯ୍ୟବେକ୍ଷଣକୁ ଲିପିବଦ୍ଧ କର ।

- ତୁମେ କେଉଁ ପ୍ରକାରର ଦୃଶ୍ୟ କଳାକୃତି ଦେଖୁଛ ?
- ଏହି କଳାକୃତି ତିଆରି କରିବାରେ କେଉଁ ସାମଗ୍ରୀ ବ୍ୟବହୃତ ହୋଇଛି ?
- କଳାକାର କିଏ ? ସେମାନେ କେଉଁ ଉପକରଣ ଏବଂ କୌଶଳ ବ୍ୟବହାର କରିଛନ୍ତି ?

କଳାକୃତି ତିଆରି କିମ୍ବା ପ୍ରଦର୍ଶନ ପାଇଁ ନିର୍ଦ୍ଦିଷ୍ଟ ସ୍ଥାନକୁ କିପରି ବ୍ୟବସ୍ଥିତ କରାଯାଇଛି ।

ତୁମେ କିଛି ନୂତନ ଚିନ୍ତାଧାରା କିମ୍ବା ଅନୁଭୂତି ପାଇଲ କି ?

ତୁମ ନିଜ ଅଭିଜ୍ଞତାକୁ ଭିତ୍ତି କରି ଚିତ୍ରାଙ୍କନ କର କିମ୍ବା ଏହି ଛବିଗୁଡ଼ିକୁ ଆଧାର ଭାବରେ ମଧ୍ୟ ବ୍ୟବହାର କରିପାର ।









https://withteachers.in/



## କ୍ରିୟାକଳାପ ୩ : ପ୍ରାକୃତିକ ରଙ୍ଗ ତିଆରି କର

ତୁମେମାନେ କେବେ ଭାବିଛକି ରଙ୍ଗ କେଉଁଠାରୁ ଆସେ ? ସେଗୁଡ଼ିକ କିପରି ତିଆରି ହୁଏ ? ବଜାରରେ ଉପଲବ୍ଧ ରଙ୍ଗ ପେନ୍‌ସିଲ୍, କ୍ରେୟନ୍, ଜଳ ରଙ୍ଗ ଇତ୍ୟାଦି ମିଳିବା ପୂର୍ବରୁ ଶିଳ୍ପୀମାନେ କ'ଣ ବ୍ୟବହାର କରୁଥିଲେ ?

ତୁମେମାନେ ଖାଉଥିବା ଖାଦ୍ୟ ବିଷୟରେ ଭାବ । ଯେତେବେଳେ ଘରେ ଡାଲି ରନ୍ଧା ହୁଏ, ସେତେବେଳେ ଏହାକୁ ଅଧିକ ହଳଦିଆ କରିବାପାଇଁ କ'ଣ ମିଶାଯାଏ ? ହଳଦୀ ! ତୁମମାନଙ୍କ ଭାଷାରେ ତୁମେ ଏହାକୁ ଘରେ କ'ଣ କୁହ ?

ବର୍ତ୍ତମାନ ତୁମେ ଖାଇଥିବା ଅନ୍ୟ ଖାଦ୍ୟ ବିଷୟରେ ଭାବ । ଯଦି କିଛି ରଙ୍ଗ ତୁମମାନଙ୍କର ଆଙ୍ଗୁଠି, ଜିଭ ଏବଂ ତୁମମାନଙ୍କର ପୋଷାକକୁ ମଧ୍ୟ ଦାଗ କରିଥାଏ । ସେହିପରି ଫୁଲରୁ ମଧ୍ୟ ରଙ୍ଗ ତିଆରି କରାଯାଇପାରିବ । ଉଦ୍ଭିଦ ବ୍ୟତୀତ ମାଟି ପଥର ଏବଂ ଖଣିଜ ପଦାର୍ଥରୁ ମଧ୍ୟ ରଙ୍ଗ ତିଆରି କରାଯାଇ ପାରିବ । ଏହି ପ୍ରକ୍ରିୟାରେ ଲୋକମାନେ, ବିଭିନ୍ନ କଳାକୃତି ଉଦ୍ଦେଶ୍ୟରେ ରଙ୍ଗ ପ୍ରସ୍ତୁତ କରି ବ୍ୟବହାର କରନ୍ତି ।

ତୁମମାନଙ୍କ ଖାଦ୍ୟରେ ବ୍ୟବହୃତ କିଛି ଫଳ, ପନିପରିବା, ପତ୍ର ଓ ମୂଳର ଏକ ତାଲିକା କର, ଯେଉଁଗୁଡ଼ିକୁ ଗୁଣ୍ଡ କଲେ କିମ୍ବା ରାନ୍ଧିଲେ ସେଥିରୁ ରଙ୍ଗ ବାହାରିଥାଏ ।

୧. ..............................................

୨. ..............................................

୩. ..............................................

୪. ..............................................

୫. ..............................................







https://withteachers.in/

## ଆସ, ପ୍ରାକୃତିକ ରଙ୍ଗ ତିଆରି କରିବା ଶିଖିବା





**ସୋପାନ ୧ :** ମାଟି, ଖଣିଜ ପଦାର୍ଥ, ପନିପରିବା, ଫୁଲ, ଫଳ, ମୂଳ, କୋଇଲା ଇତ୍ୟାଦିରୁ କଞ୍ଚାମାଲର ଉତ୍ସଗୁଡ଼ିକୁ ନିଅ । (କଳା କୋଇଲା ଏବଂ ନୀଳ ଲାପିସ୍ ଲାଜୁଲି ପଥରର ଚିତ୍ର ଦେଖ)

**ସୋପାନ ୨ :** ଉତ୍ସରୁ ପ୍ରାପ୍ତ ରଙ୍ଗଦ୍ରବ୍ୟଗୁଡ଼ିକୁ ସୂକ୍ଷ୍ମ ଭାବରେ ପାଉଡର ତିଆରି ଏବଂ ଆବର୍ଜନା ବାହାର କରିଦେବା ପାଇଁ ଏଗୁଡ଼ିକୁ ଛାଣି ପ୍ରସ୍ତୁତ କରାଯାଏ ।

**ସୋପାନ ୩ :** ରଙ୍ଗ ପାଉଡରରେ ସଠିକ୍ ଅନୁପାତରେ କିଛି ଅଠା ମିଶାଯାଏ ଏବଂ ଚିତ୍ରରେ ରଙ୍ଗ କରାଯାଏ । ଏହା ଅଠା ସେହି ପୃଷ୍ଠରେ ରଙ୍ଗ ଲାଗି ରହିବାକୁ ସାହାଯ୍ୟ କରେ । ଗମ୍ ଆରବିକ୍ (ବବୁଲ୍ ଗଛର ଛାଲିରୁ ରସ), ତେଲ, କ୍ଷୀର, ଅଣ୍ଡାର ଧଳା ଅଂଶ ଏବଂ ଅଣ୍ଡା କେଶରର କିଛି ଅଂଶ ପ୍ରାକୃତିକ ରଙ୍ଗ ତିଆରିରେ ଲାଗେ ।

**ସୋପାନ ୪ :** ଏହି ପ୍ରସ୍ତୁତ ରଙ୍ଗ କଳାକୃତିରେ ପ୍ରୟୋଗ କରାଯାଏ ।





## କ୍ରିୟାକଳାପ ୪ : ପ୍ରାକୃତିକ ରଙ୍ଗରେ ଏକ କଳାକୃତି ତିଆରି କର

**ସୋପାନ ୧ :** ମାଟି କିମ୍ବା ଉଦ୍ଭିଦରୁ କିଛି ସାମଗ୍ରୀ ସଂଗ୍ରହ କର ।

**ସୋପାନ ୨ :** ତୁମମାନଙ୍କ ଶିକ୍ଷକ ଏବଂ ସାଥୀମାନଙ୍କ ସହିତ ରଙ୍ଗ ପ୍ରସ୍ତୁତ କରିବାର ପ୍ରକ୍ରିୟା ବିଷୟରେ ଆଲୋଚନା କର, ଏବଂ ତୁମମାନଙ୍କ ରଙ୍ଗଗୁଡ଼ିକୁ ଏକାଠି ପ୍ରସ୍ତୁତ କର ।

**ସୋପାନ ୩ :** ତୁମେମାନେ ପ୍ରସ୍ତୁତ କରିଥିବା ରଙ୍ଗଗୁଡ଼ିକରୁ ବିଭିନ୍ନ ରଙ୍ଗ ବ୍ୟବହାର କରି କିଛି ନିଜ ଚିତ୍ରରେ ପରୀକ୍ଷଣ କର ।

**ସୋପାନ ୪ :** ତୁମମାନଙ୍କ କଳାକୃତିରେ କେଉଁ ରଙ୍ଗ ବ୍ୟବହାର କରାଯାଇପାରିବ, ଚିନ୍ତାକର ।

**ସୋପାନ ୫ :** ପ୍ରାକୃତିକ ରଙ୍ଗ ବ୍ୟବହାର କରି ତୁମମାନଙ୍କର କଳାକୃତି ସୃଷ୍ଟି କର ।

ସମସ୍ତେ ସେମାନଙ୍କ କଳାକୃତି ସମାପ୍ତ କରିବା ପରେ, କଳାକୃତିଗୁଡ଼ିକୁ ଶ୍ରେଣୀଗୃହରେ ପ୍ରଦର୍ଶନ କର । ତୁମେମାନେ ବ୍ୟବହାର କରିଥିବା ସାମଗ୍ରୀର ଶୀର୍ଷକ ଏବଂ ବିବରଣୀ ସହିତ ତୁମମାନଙ୍କର କାର୍ଯ୍ୟର ପ୍ରକ୍ରିୟାକୁ ଦର୍ଶାଇଥିବ । ସମସ୍ତଙ୍କ କଳାକୃତିରେ ଦେଖାଯାଉଥିବା ପ୍ରକ୍ରିୟା ଏବଂ ରଙ୍ଗ ବିଷୟରେ ଆଲୋଚନା କର ।



https://withteachers.in/

## କ୍ରିୟାକଳାପ ୫ : ରଙ୍ଗରୁ ଫିକାରଙ୍ଗ ଏବଂ ତାର ଛାୟା ସୃଷ୍ଟି କରିବା

### ଆମର ମନୋଭାବ ପରିବର୍ତ୍ତନ ହେବାପରି କ'ଣ ରଙ୍ଗଗୁଡ଼ିକ ମଧ୍ୟ ପରିବର୍ତ୍ତନ ହୁଏ ?

ତୁମେମାନେ ଦିନସାରା ଲକ୍ଷ୍ୟକରିଥିବ କି ତୁମମାନଙ୍କର ମନୋଭାବ କିପରି ପରିବର୍ତ୍ତନ ହୁଏ । ତୁମମାନଙ୍କ ମନୋଭାବକୁ ମନେ ପକାଅ ଏବଂ ସେଗୁଡ଼ିକ ବିଷୟରେ କଥା ହେବା ପାଇଁ ପାଞ୍ଚମିନିଟ୍ ସମୟ ନିଅ ।

୧) ସ୍କୁଲ ପରେ ଘରକୁ ଫେରିବା ସମୟରେ ତୁମମାନଙ୍କର ମନୋଭାବ କିପରି ହୋଇଥାଏ ?

୨) ରାତ୍ରି ଭୋଜନ ସମୟରେ ତୁମମାନଙ୍କର ମନୋଭାବ କିପରି ହୋଇଥାଏ ?

୩) ଶୋଇବା ପୂର୍ବରୁ ତୁମମାନଙ୍କର ମନୋଭାବ କିପରି ହୋଇଥାଏ ?

୪) ସକାଳେ ଉଠିବା ସମୟରେ ତୁମମାନଙ୍କର ମନୋଭାବ କିପରି ହୋଇଥାଏ ?

୫) ବର୍ତ୍ତମାନ ତୁମମାନଙ୍କର ମନୋଭାବ କିପରି ଅଛି ?

ମନୋଭାବ ଏବଂ ଭାବନା କିଛି ସମୟ ପାଇଁ ରହିଥାଏ ଏବଂ ଧୀରେଧୀରେ ପରିବର୍ତ୍ତନ ହୁଏ । ସେଗୁଡ଼ିକ ଦୃଢ଼ ଏବଂ ତୀବ୍ର କିମ୍ବା ହାଲୁକା ଅନୁଭବ କରିପାର । ରଙ୍ଗ ମଧ୍ୟ ସେହିପରି । ଆମେ ସେଗୁଡ଼ିକୁ ସ୍ପନ୍ଦନଶୀଳ, ତୀବ୍ର, ଗାଢ଼, ଫିକା, ହାଲୁକା ଇତ୍ୟାଦି କରିପାରିବା ।



(ଅଦରକାରୀ କପଡ଼ାର କୋଲାଜ)

ସୂର୍ଯ୍ୟୋଦୟ କିମ୍ବା ସୂର୍ଯ୍ୟାସ୍ତ ସମୟରେ ଆକାଶର ରଙ୍ଗ କିପରି ପରିବର୍ତ୍ତନ ହୁଏ ଚିନ୍ତାକର । କପଡ଼ାକୁ ସୂର୍ଯ୍ୟାଲୋକରେ ରଖିଲେ କିମ୍ବା ବାରମ୍ବାର ଧୋଇବା ଯୋଗୁ ତୁମମାନଙ୍କର ପୋଷାକର ରଙ୍ଗ ସମୟ ସହିତ ଫିକା ପଡ଼ିଯିବାର ତୁମେମାନେ ଲକ୍ଷ୍ୟ କରିଛ କି ?


ସେଗୁଡ଼ିକ ଉଜ୍ଜ୍ୱଳରୁ ମଳିନ କିମ୍ବା ଗାଢ଼ରୁ ଫିକା ହୋଇଥାଏ ।

କଳାରେ, ରଙ୍ଗର ଏହି ପରିବର୍ତ୍ତନଗୁଡ଼ିକୁ ଟିଣ୍ଟ (ଫିକା ରଙ୍ଗ) ଓ ରଙ୍ଗ ଛାୟା (ଗାଢ଼ ରଙ୍ଗ) କୁହାଯାଏ । ଆମେ ଯେକୌଣସି ରଙ୍ଗରେ ଧଳା ରଙ୍ଗ ମିଶାଇ ରଙ୍ଗ ଟିଣ୍ଟ ବା ଫିକା ରଙ୍ଗ ସୃଷ୍ଟି କରୁ । ଆମେ ଯେକୌଣସି ରଙ୍ଗରେ କଳା ରଙ୍ଗ ମିଶାଇ ରଙ୍ଗ ଛାୟା ସୃଷ୍ଟି କରୁ ।

**ରଙ୍ଗ+ଧଳା = ରଙ୍ଗ ଟିଣ୍ଟ (ଫିକା ରଙ୍ଗ)**

**ରଙ୍ଗ+କଳା = ରଙ୍ଗ ସେଡ୍ (ରଙ୍ଗ ଛାୟା)**

| ଲାଲ ରଙ୍ଗର ଛାୟା | ଫିକା ଲାଲ ରଙ୍ଗ |
|---|---|



### ଚିତ୍ରଶିଳ୍ପୀ ଶିବ ପାଣିଗ୍ରାହୀଙ୍କୁ ଜାଣିଛ କି ?



୧୯୪୩ ମସିହାରେ ମୟୂରଭଂଜ ଜିଲ୍ଲାର କୁଳିଅଣାରେ ଶିବ ପାଣିଗ୍ରାହୀ ଜନ୍ମ ଗ୍ରହଣ କରିଥିଲେ । ଯାହାଙ୍କ ସ୍ୱପ୍ନ ପ୍ରେରିତ ଧାରାବାହିକ 'ଡ୍ରିମ୍‌ସ୍କେପ୍ସ' ଏବଂ 'ଡ୍ରିମ୍ ଇନ୍ ଦି ସ୍କାଏ' ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ପ୍ରଶଂସା ପାଇଥିଲା । ବି.କେ ଚାରୁ ଓ କାରୁ କଳା ମହାବିଦ୍ୟାଳୟର ଚିତ୍ରକଳା ବିଭାଗର ମୁଖ୍ୟ ଏବଂ ଓଡ଼ିଶା ଲଳିତ କଳା ଏକାଡେମୀର ସଭାପତି ଭାବରେ ସେ ଓଡ଼ିଶାର କଳାକାରମାନଙ୍କ ଉନ୍ନତି ପାଇଁ କାର୍ଯ୍ୟ କରିଥିଲେ । ଜାତୀୟ ଲଳିତକଳା ଏକାଡେମୀ ପୁରସ୍କାର ଏବଂ ସାରଳା ପୁରସ୍କାରରେ ସମ୍ମାନିତ ହେବା ସହ ସେ ଓଡ଼ିଶା ଲଳିତକଳା ଏକାଡ଼େମୀ ପୁରସ୍କାର ମଧ୍ୟ ପାଇଥିଲେ ।



https://withteachers.in/





## ଆସ ଅଭ୍ୟାସ କରିବା -

**ସାମଗ୍ରୀ -** ଆଙ୍କିବା ଏବଂ ରଙ୍ଗ କରିବା ପାଇଁ ସାଧା କାଗଜ (ଜଳରଙ୍ଗ, ପୋଷ୍ଟର ରଙ୍ଗ କିମ୍ବା ପାଉଡର ରଙ୍ଗ) କଳା, ଧଳା ଏବଂ ଦୁଇ କିମ୍ବା ତିନୋଟି ଅନ୍ୟ ରଙ୍ଗ ନେବା ।

**ବିକଳ୍ପ -** ପୁରୁଣା ଖବର କାଗଜ କିମ୍ବା ପତ୍ରିକାରୁ ରଙ୍ଗ ପୃଷ୍ଠା ନିଅ ଏବଂ ଏକ କାଗଜ ମୋଜାଇକ୍ କିମ୍ବା କୋଲାଜ୍ ତିଆରି କରିବାପାଇଁ ବିଭିନ୍ନ ରଙ୍ଗର କାଗଜ ଖୋଜ ।

**ପ୍ରକୃତିର ପ୍ୟାଲେଟ୍ -** ତୁମେମାନେ କେବେ ପ୍ରକୃତିର ରଙ୍ଗର ବିଭିନ୍ନତା ଦେଖି ଆଶ୍ଚର୍ଯ୍ୟ ହୋଇଛ କି ? ବାହାରକୁ ଆସ ଏବଂ ତିନୋଟି ଭିନ୍ନଭିନ୍ନ ରଙ୍ଗ କିମ୍ବା ଭିନ୍ନ ଭିନ୍ନ ରଙ୍ଗର ତିନୋଟି ପତ୍ର ଖୋଜ । ତୁମେମାନେ ସେହିଭଳି ନିକଟତମ ରଙ୍ଗର ଛାୟା ପାଇବାପାଇଁ ବିଭିନ୍ନ ରଙ୍ଗ ମିଶ୍ରଣ କରିବାକୁ ଚେଷ୍ଟା କର ।

## ବିସ୍ତାର-ଫିକା ରଙ୍ଗ ଏବଂ ଛାୟାର ମାନଚିତ୍ର

ତୁମେମାନେ ସୃଷ୍ଟି କରିଥିବା ଫିକାରଙ୍ଗ ଏବଂ ରଙ୍ଗର ଛାୟାକୁ ଏକ ସନ୍ଦର୍ଭ ଭାବରେ ବ୍ୟବହାର କର । ଆର୍ଟ ଗ୍ୟାଲେରୀର ୱେବ୍‌ସାଇଟ୍ କିମ୍ବା ଚିତ୍ରିତ ପୁସ୍ତକରୁ ଅଙ୍କିତ ଚିତ୍ର ଖୋଜ ଯେଉଁ ସବୁ ଚିତ୍ରରେ ସମାନ ରଙ୍ଗ ଏବଂ ଛାୟା ଅଛି । ଲକ୍ଷ୍ୟ କର କିପରି ସେଥିରେ ବ୍ୟବହୃତ ଫିକା ରଙ୍ଗ କିମ୍ବା ରଙ୍ଗର ଛାୟା କଳାକୃତିର ସୌନ୍ଦର୍ଯ୍ୟ ଓ ଭାବକୁ ବୃଦ୍ଧି କରୁଛି । ଏହି ଅଭ୍ୟାସକୁ ଚାରିରୁ ପାଞ୍ଚଟି ଭିନ୍ନ ରଙ୍ଗ ଏବଂ ସେମାନଙ୍କର ରଙ୍ଗର ଛାୟା ସହିତ ପୁନରାବୃତ୍ତି କର । ଫିକାରଙ୍ଗ ଏବଂ ରଙ୍ଗର ଛାୟା ସହିତ ତୁମେ ଯେଉଁ ଭାବ ଅନୁଭବ କରୁଛ ତାହାର ଏକ ସଂକ୍ଷିପ୍ତ ବର୍ଣ୍ଣନା ଲେଖି ରଖ ।






https://withteachers.in/

## କ୍ରିୟାକଳାପ ୬ : ଚିତ୍ର ପୃଷ୍ଠ ଏବଂ ଶିଳ୍ପୀଙ୍କଦ୍ୱାରା ବ୍ୟବହୃତ ସାମଗ୍ରୀ







ଓଡ଼ିଶାର ପ୍ରାକ୍-ଐତିହାସିକ ଚିତ୍ର

ତୁମେ ଶିଖିଛ ଯେ ପ୍ରକୃତିରୁ ରଙ୍ଗ ତିଆରି କରାଯାଇପାରିବ । କାଗଜ ଆବିଷ୍କାର ପୂର୍ବରୁ କଳାକାରମାନେ ପଥର ଗୁମ୍ଫାର କାନ୍ଥ, ମାଟି, ପ୍ଲାଷ୍ଟର, ତାଳପତ୍ର, କାଠ ଏବଂ କପଡ଼ା ଭଳି ପ୍ରାକୃତିକ ପୃଷ୍ଠରେ ରଙ୍ଗ କରୁଥିଲେ । ସେମାନେ ବିଭିନ୍ନ ତ୍ରି-ପାର୍ଶ୍ୱିକ ବସ୍ତୁ ଏବଂ ମୂର୍ତ୍ତି ତିଆରି କରିବା ପାଇଁ ଟେରାକୋଟା, ପଥର, ପଶୁହାଡ଼, ଚମଡ଼ା, କାଠ, ଧାତୁ ଏବଂ ତନ୍ତୁ ମଧ୍ୟ ବ୍ୟବହାର କରୁଥିଲେ । ଏଥିପାଇଁ ସେମାନେ ବିଶେଷ ଉପକରଣ ଉଦ୍ଭାବନ କରିଥିଲେ ଏବଂ ପ୍ରତ୍ୟେକ ସାମଗ୍ରୀ ଏବଂ ପୃଷ୍ଠ ସହିତ କାମ କରିବା ପାଇଁ ଏହାର କୌଶଳ ବିକଶିତ କରିଥିଲେ । ଯଦି ତୁମପାଖରେ କାଗଜ ନଥାନ୍ତା, ତେବେ ତୁମେ ତୁମମାନଙ୍କର କଳାକୃତି ପାଇଁ କେଉଁ ଚିତ୍ର ପୃଷ୍ଠ ଏବଂ ସାମଗ୍ରୀ ବାଛିଥାନ୍ତ ? ଅଲଗା ଅଲଗା ପୃଷ୍ଠ ଉପରେ ଚିତ୍ର ପରୀକ୍ଷଣ କର ଏବଂ ତୁମମାନଙ୍କର କଳାକୃତି ତିଆରି କର । ଏହି ପୃଷ୍ଠାରେ ଉଦାହରଣ ଗୁଡ଼ିକ ଦେଖ । ଆମର ପ୍ରାକ୍-ଐତିହାସିକ ସମୟରୁ କଳାକାରମାନେ ବ୍ୟବହାର କରିଥିବା ବିଭିନ୍ନ ସାମଗ୍ରୀ ଏବଂ ପୃଷ୍ଠ ବିଷୟରେ ଜାଣିପାରିବ ।

**ତୁମେ ଜାଣିଛ କି ଗୁମ୍ଫା ଚିତ୍ରକଳା ଓଡ଼ିଶାରେ ମଧ୍ୟ ଅଛି ।**

**ଉତ୍ତର** : ଗୁମ୍ଫା ଚିତ୍ରକଳାଗୁଡ଼ିକ ପ୍ରାଗ୍ ଐତିହାସିକ ସମୟରୁ ଅଙ୍କିତ ହୋଇଥିଲା । ସେଥିମଧ୍ୟରୁ ବିକ୍ରମ ଖୋଲ, ଯୋଗୀମଠ ଏବଂ ଗୁଡ଼ହାଣ୍ଡି ଅନ୍ୟତମ ।










https://withteachers.in/




୧. ପଥର ପୃଷ୍ଠ – ମାଟି ରଙ୍ଗ – ବିକ୍ରମ ଖୋଲ (ଝାରସୁଗୁଡ଼ା)

୨. ଭିତ୍ତି ଚିତ୍ର – ମାଟି ରଙ୍ଗ ଏବଂ ଖଣିଜ ରଙ୍ଗ – ଧରାକୋଟ, ଗଂଜାମ ଜିଲ୍ଲା

୩. ପତ୍ର ପୃଷ୍ଠ – ପ୍ରାକୃତିକ ରଙ୍ଗ – ତାଳପତ୍ର ଚିତ୍ର

୪. କାନ୍ଥ ଏବଂ ଭୂ ଅଳଙ୍କରଣ – ଚାଉଳ ଚୂନା ଏବଂ ମାଟିର ରଙ୍ଗ – ଚିତା କିମ୍ବା ଝୋଟି (ଓଡ଼ିଶା)

୫. କପଡ଼ା ପୃଷ୍ଠ – ପ୍ରାକୃତିକ ରଙ୍ଗ – ପଟ୍ଟଚିତ୍ର (ଓଡ଼ିଶା)


https://withteachers.in/



## କ୍ରିୟା କଳାପ : ୭ -
## ପ୍ରକୃତିରୁ ପ୍ରେରଣା

ତୁମେ ଜାଣିଥିବ ଯେ ଶିଳ୍ପୀମାନେ ସେମାନଙ୍କର ପରିବେଶକୁ ନିକଟରୁ ନିରୀକ୍ଷଣ କରନ୍ତି ଏବଂ ତାର ସୂକ୍ଷ୍ମ ବିଶେଷତାକୁ ଗ୍ରହଣ କରନ୍ତି । ପ୍ରତ୍ୟେକ କଳାକାରଙ୍କର ନିଜସ୍ୱ କଳ୍ପନା ଶକ୍ତି ଥାଏ ଏବଂ ସେମାନେ ବ୍ୟବହାର କରୁଥିବା ସାମଗ୍ରୀ, ଉପକରଣ ଏବଂ କଳା କୌଶଳ ନିଜ ପସନ୍ଦରେ ବାଛନ୍ତି । ଏହା ହିଁ ସେମାନଙ୍କ କାର୍ଯ୍ୟକୁ ଅନନ୍ୟ କରିଥାଏ । ଜଣେ କଳାକାର ପରି, ତୁମେ ମଧ୍ୟ ତୁମମାନଙ୍କର ନିଜସ୍ୱ କଳ୍ପନାକୁ ବ୍ୟବହାର କରିପାରିବ । ପ୍ରକୃତି ତୁମମାନଙ୍କର ପ୍ରେରଣା ଏବଂ ତୁମେମାନେ ହେଉଛ ସ୍ରଷ୍ଟା । ତୁମମାନଙ୍କର ନିଜସ୍ୱ ଅଭିଜ୍ଞତା ଏବଂ ପ୍ରକୃତିର ପର୍ଯ୍ୟବେକ୍ଷଣ ଆଧାରରେ ଚିତ୍ରକଳା ସୃଷ୍ଟିକର ।

ଏହା କେବଳ ଏକ ପର୍ବତ, ନଦୀ କିମ୍ବା ସୂର୍ଯ୍ୟ ହେବା ଆବଶ୍ୟକ ତାହା ନୁହେଁ । ତୁମେ ନିର୍ଣ୍ଣୟ କର ଯେ ତୁମପାଇଁ ପ୍ରକୃତି କ'ଣ ପ୍ରତିନିଧିତ୍ୱ କରୁଛି । ଏହା ତୁମ ଚର୍ତୁପାର୍ଶ୍ୱ ପରିବେଶରୁ ବହୁତ ପାଖରୁ କିଛି ବି ହୋଇପାରେ । ମନେରଖ, ଚିତ୍ରଟି ତୁମ ନିଜ ଦୃଷ୍ଟି କୋଣରେ ଚିତ୍ରିତ ହେବା ଉଚିତ୍ ।



### ଦୁର୍ଗାପ୍ରସାଦ ଦାସ



ଓଡ଼ିଶାର ଜଣେ ପ୍ରବୀଣ ଚିତ୍ର ଶିଳ୍ପୀ ଏବଂ ବିଶ୍ୱ ଭାରତୀ ଶାନ୍ତିନିକେତନର ପୂର୍ବତନ ଛାତ୍ର ଦୁର୍ଗା ପ୍ରସାଦ ଦାସ ଟେମ୍ପୋରା ଚିତ୍ର ପାଇଁ ପ୍ରସିଦ୍ଧ । ତାଙ୍କର ଅନନ୍ୟ ଶୈଳୀର ଚିତ୍ର ରାଜ୍ୟ ତଥା ଜାତୀୟ ସ୍ତରରେ ସୁଖ୍ୟାତି ଲାଭ କରିଛି ।

ସେ ସରକାରୀ ଚାରୁ ଓ କାରୁକଳା ମହାବିଦ୍ୟାଳୟ ଖଲିକୋଟରେ ଅଧ୍ୟକ୍ଷ ଏବଂ ଓଡ଼ିଶା ଲଳିତ କଳା ଏକାଡେମୀର ସଭାପତି ଭାବେ ରହି ଶିଳ୍ପୀଙ୍କ ପାଇଁ ଉନ୍ନତିମୂଳକ କାର୍ଯ୍ୟ କରିଛନ୍ତି ।

### ତୁମେ ଜାଣିଛ କି ? ଚିତ୍ରଶିଳ୍ପୀ ବିମ୍ବାଧର ବର୍ମା

ବିମ୍ବାଧର ବର୍ମା ଓଡ଼ିଶାର ଚିତ୍ରକଳା ଜଗତର ଜଣେ ଉଜ୍ଜ୍ୱଳ ନକ୍ଷତ୍ର । ସେ କଟକ ଜିଲ୍ଲାର ମାହାଙ୍ଗା ଅଞ୍ଚଳର କୁସୁପୁର ଗ୍ରାମର ଏକ ମଧ୍ୟବିତ୍ତ ପରିବାରରେ ୧୯୦୧ ମସିହା ଅଗଷ୍ଟ ୨୧ ତାରିଖରେ ଜନ୍ମଲାଭ କରିଥିଲେ । ତାଙ୍କଦ୍ୱାରା ଅଙ୍କିତ ଧୌତଚିତ୍ର, ଜଳରଙ୍ଗ ଚିତ୍ର ଓ ତୈଳଚିତ୍ର ଖୁବ୍ ଲୋକପ୍ରିୟ । ତାଙ୍କ ଦ୍ୱାରା ଅଙ୍କିତ ପଲ୍ଲୀବଧୂ ଚିତ୍ରଟିକୁ ପୃଥିବୀ ପ୍ରସିଦ୍ଧ ମୋନାଲିସା ଚିତ୍ର ସହ ତୁଳନା କରାଯାଇଥାଏ । ତାଙ୍କ ଚିତ୍ରରେ ଓଡ଼ିଆ ଘରର ବେଶ, ପୋଷାକ, ପରିପାଟି, ସରଳ ଗ୍ରାମ୍ୟ ଜୀବନ ଆଦି ସୁନ୍ଦର ଭାବରେ ଚିତ୍ରଣ ହୋଇଅଛି । ତାଙ୍କ ଦ୍ୱାରା ଅଙ୍କିତ ପ୍ରମୁଖ ଚିତ୍ର ଗୁଡିକ ମଧ୍ୟରେ ଅସୀମ ପଥର ଯାତ୍ରା, ଗୋଧୂଳି ରାଗିଣୀ, ନବବଧୂର ପ୍ରସାଧନ, କରି ଓ କମଳ, ମୋ ମା', ସନ୍ଧ୍ୟା, ଅର୍ଦ୍ଧ ଶତାବ୍ଦୀ ପରେ, ଲବଙ୍ଗ ଲତା ଦେବୀ, କ୍ରନ୍ଦନ ରତା ବାଳା ଆଦି ଚିତ୍ର ଖୁବ୍ ଉଚ୍ଚ କୋଟୀର । ୧୯୫୩ ମସିହା ଡିସେମ୍ବର ୨୩ ତାରିଖରେ ସେ ଇହଲୀଳା ସମ୍ବରଣ କରିଥିଲେ । ସେ ଶିଳ୍ପୀଗୁରୁ ବିମ୍ବାଧର ବର୍ମା ନାମରେ ସୁପରିଚିତ ।





https://withteachers.in/




# ଅଧ୍ୟାୟ - ୩ : ବ୍ୟକ୍ତି ଚିତ୍ରଣ



ଏହି ଅଧ୍ୟାୟରେ ତୁମେ ଲୋକମାନଙ୍କୁ କିପରି ବିଭିନ୍ନ ଉପାୟରେ ଚିତ୍ରଣ କରାଯାଇ ପାରିବ ତାହା ଅନୁସନ୍ଧାନ କରିବ । ଏଥିପାଇଁ ତୁମ ସାଙ୍ଗମାନଙ୍କର ଶାରୀରିକ ବୈଶିଷ୍ଟ୍ୟ ଗୁଡ଼ିକୁ ନିକଟରୁ ନିରୀକ୍ଷଣ କରି ସେଗୁଡ଼ିକ ଆଙ୍କିବ । ତା'ପରେ ତୁମେ ସମସ୍ତଙ୍କ ଚିତ୍ର ବ୍ୟବହାର କରି ଏକ ଗୋଷ୍ଠୀ ଚିତ୍ର ରଚନା କରିବାକୁ ଚେଷ୍ଟା କରିବ । ଇତିହାସର କଳାକୃତିଗୁଡ଼ିକ ଅନୁଧ୍ୟାନ ଓ ଅଧ୍ୟୟନ କର ଯେଉଁଥିରେ ଲୋକମାନଙ୍କୁ ବିଭିନ୍ନ ଉପାୟରେ ଚିତ୍ରଣ କରାଯାଇଥାଏ । ଅନ୍ୟ ଏକ ରୋମାଞ୍ଚକର କ୍ରିୟାକଳାପରେ, ତୁମେ ଲୋକମାନଙ୍କ ବିଭିନ୍ନ ଭୂମିକା ଏବଂ ସେମାନଙ୍କ ପୋଷକ ପସନ୍ଦ ପଛରେ ଥିବା କାରଣଗୁଡ଼ିକୁ ଜାଣିବାକୁ ଚେଷ୍ଟା କର । ଏକ କଳାକୃତୀ ତିଆରି କରିବା ସମୟରେ, ଭବିଷ୍ୟତରେ ତୁମେ ସେହି ଭୂମିକାଗୁଡ଼ିକୁ କଳ୍ପନା କରିବ ଏବଂ ନିଜ ଚିତ୍ରରେ ଆଙ୍କିବାକୁ ଚେଷ୍ଟା କରିବ ।

**ତୁମେ ଜାଣିଛ କି ? ଚିତ୍ରଶିଳ୍ପୀ ପାବ୍ଲୋ ପିକାଶୋ :**



ପାବ୍ଲୋ ପିକାଶୋ ସାରା ପୃଥିବୀରେ ପ୍ରସିଦ୍ଧ ବିଂଶ ଶତାବ୍ଦୀର ସବୁଠାରୁ ଅଧିକ ଚର୍ଚ୍ଚିତ ଓ ପ୍ରତିଷ୍ଠିତ ତଥା ପ୍ରଭାବଶାଳୀ ଚିତ୍ରଶିଳ୍ପୀ । ପିଲାଦିନରୁ ତାଙ୍କ ମା'ଙ୍କୁ ସେ କହିଥିଲେ ଯେ ମୁଁ ବଡ ହେଲେ ଜଣେ ଚିତ୍ରକର ହେବି ଏବଂ ସାରା ପୃଥିବୀ ମୋତେ ପିକାଶୋ ଭାବେ ଜାଣିବେ ଏବଂ ତାହାହିଁ ହୋଇଥିଲା । ଏହି ଶିଳ୍ପୀଙ୍କ ଜନ୍ମ ୧୮୮୧ ମସିହା ଅକ୍ଟୋବର ୨୫ ତାରିଖରେ ସ୍ପେନ୍‌ର ମଲାଗାଁ ସହରରେ ହୋଇଥିଲା । ମାତ୍ର ୨୪ ବର୍ଷ ବୟସରେ ପିକାଶୋ ବଡ ବଡ ଶିଳ୍ପୀ ମାନଙ୍କ ପରି ଚିତ୍ର ଅଙ୍କନ କରିପାରିଥିଲେ । ସେ ନିଜ ଜୀବନ କାଳ ମଧ୍ୟରେ ୫,୦୦୦୦ରୁ ଅଧିକ ଚିତ୍ର ଆଙ୍କିଥିଲେ ଏବଂ ବିଶ୍ୱର ଧନୀ ଚିତ୍ରଶିଳ୍ପୀ ଭାବେ ପରିଗଣିତ ହୋଇଥିଲେ । ସେ ୧୯୭୩ ମସିହା, ଅପ୍ରେଲ ୮ ତାରିଖରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ ।


https://withteachers.in/





## କ୍ରିୟା କଳାପ ୧ : ପ୍ରତିଛବି କର

ତୁମେ କେବେ ଭାବିଛ କି ଆମେ ସମସ୍ତେ କାହିଁକି ଭିନ୍ନ ଭିନ୍ନ ଦେଖାଯାଉ, ଯଦିଓ ଆମର ମୁହଁର ଆକାର ସମାନ ଭଳି ଅଛି ଯଥା- ଚକ୍ଷୁ, ଭ୍ରୁଲତା, ନାକ, କାନ ଏବଂ କେଶ । ତମମାନଙ୍କ ସାଙ୍ଗମାନଙ୍କ ମୁଖକୁ ଭଲଭାବରେ ଦେଖ । ତୁମେମାନେ ଜାଣିପାରିବ ଯେ ସେମାନଙ୍କ ମୁଖ ତୁମମାନଙ୍କଠାରୁ କିପରି ଭିନ୍ନ ? ସେମାନଙ୍କର ଆଖି ଛୋଟ ନା କପାଳ ବଡ଼ ? ସେମାନେ ଚଷମା ପିନ୍ଧନ୍ତି କି ? ସେମାନେ କିପରି କେଶ ସଜାନ୍ତି ?

ଏହି କ୍ରିୟାକଳାପ ପାଇଁ ଦୁଇଜଣ ଲେଖାଏଁ ଏକାଠି ବସ ଏବଂ ଡ୍ରଇଂ କାଗଜର ଚାରିଭାଗରୁ ଏକଭାଗ କାଗଜର ଏକ ସିଟ୍ ଉପରେ ତୁମେ ଓ ତୁମ ସାଥୀ ପରସ୍ପରର ପ୍ରତିଛବି ଆଙ୍କ । ପ୍ରତିକୃତି ଚିତ୍ରଟି ସଂପୂର୍ଣ୍ଣ ଚିତ୍ର ହେବା ଆବଶ୍ୟକ ନୁହେଁ । କିନ୍ତୁ ଚିତ୍ରଟି ତୁମ ନିଜସ୍ୱ ଶୈଳୀରେ ହେବା ଆବଶ୍ୟକ । ଏହାର ଅର୍ଥ ତୁମେ ସାଙ୍ଗକୁ ଦେଖି ଯେପରି ଭାବୁଛ ସେହି ଭାବକୁ ଆଙ୍କ ।

**ସୋପାନ ୧ :** ଏକ ମୁହଁର ଆକୃତି କର । ଏହା ଏକ ବୃତ୍ତ, ଅଣ୍ଡାକାର, ଏକ ଗୋଲ କିମ୍ବା ଆୟତାକାର ନିରୀକ୍ଷଣ କର ।

**ସୋପାନ ୨ :** ସେମାନଙ୍କର ମୁହଁର ଅନ୍ୟାନ୍ୟ ବୈଶିଷ୍ଟ୍ୟ ଆଙ୍କ । ଆଖି, ନାକ, ଭ୍ରୂଲତା, ଓଠ, ଥୋଡ଼ିର ଆକୃତି ଏବଂ ଆକାର ଭଲଭାବେ ନିରୀକ୍ଷଣ କର । ଏଥି ସହ କାନ, ଦୁଇ ଆଖିର ମଧ୍ୟ ଭାଗ, କେଶରେଖା ଏବଂ ଭ୍ରୂଲତା ମଧ୍ୟରେ ଦୂରତା ଏବଂ କାନର ଲମ୍ବ ପ୍ରତି ଧ୍ୟାନ ଦିଅ ।

**ସୋପାନ ୩ :** ତୁମର ରେଖାଚିତ୍ର ପ୍ରସ୍ତୁତ ହେବା ପରେ ତୁମେ କେଉଁ ରଙ୍ଗ ବ୍ୟବହାର କରିବାକୁ ଚାହିଁଛ ସେ ବିଷୟରେ ଭାବ ।

**ସୋପାନ ୪ :** ତୁମ ଚିତ୍ର ସଂପୂର୍ଣ୍ଣ କର ଏବଂ ଏ ବିଷୟରେ ତୁମମାନଙ୍କ ସାଥୀମାନଙ୍କ ସହିତ ଆଲୋଚନା କର । ମୁହଁର ବୈଶିଷ୍ଟ୍ୟରେ ସମାନତା ଏବଂ ପାର୍ଥକ୍ୟ ବିଷୟରେ ଆଲୋଚନା କର ।

**ସୋପାନ ୫ :** ତୁମମାନଙ୍କ ଚିତ୍ରଗୁଡ଼ିକୁ ବାହାର ସୀମାରେଖା ସହିତ କାଟି "କଟ୍ ଆଉଟ" ତିଆରି କର ।

**ସୋପାନ ୬ :** ଅନେକ କାଗଜ କିମ୍ବା ଅନ୍ୟ କୌଣସି ସାମଗ୍ରୀକୁ ଯୋଡ଼ି ଏକ ବଡ଼ ପୃଷ୍ଠ ପ୍ରସ୍ତୁତ କର ।


**ସୋପାନ ୭ :** ସମସ୍ତ ଚିତ୍ର ସଂଗ୍ରହ କର ଏବଂ ତୁମ ଶ୍ରେଣୀର ଏକ ଗୋଷ୍ଠୀ ଚିତ୍ର ପ୍ରଦର୍ଶନୀ ପାଇଁ ବ୍ୟବସ୍ଥା କର ।

**ସୋପାନ ୮ :** ପ୍ରତ୍ୟେକ ଚିତ୍ରକୁ ଏକ ନିର୍ଦ୍ଦିଷ୍ଟ ବ୍ୟବଧାନରେ ଲଗାଅ । ଏବେ ତୁମମାନଙ୍କ ଶ୍ରେଣୀର ଚିତ୍ର ପ୍ରଦର୍ଶନୀ ପ୍ରସ୍ତୁତ ।


https://withteachers.in/

## କ୍ରିୟାକଳାପ ୨ : ଶିଳ୍ପୀଙ୍କ ଆଖିରେ

ପ୍ରତିକୃତି ହେଉଛି ଲୋକଙ୍କୁ ଦେଖି ଚିତ୍ରଣ କରିବାର ଏକ ଉତ୍ତମ ଉପାୟ । ପ୍ରତିଛବିରେ ଜଣେ ବ୍ୟକ୍ତିଙ୍କ ମୁହଁ, ମୁଣ୍ଡ, ବେକ ଏବଂ କାନ୍ଧ ଉପରେ ଧ୍ୟାନ ଦିଆଯାଏ, କିନ୍ତୁ ଏଥିରେ ଶରୀରର ଅନ୍ୟାନ୍ୟ ଅଂଶ ମଧ୍ୟ ଅନ୍ତର୍ଭୁକ୍ତ ହୋଇପାରେ । ଶିଳ୍ପୀମାନେ ଲୋକମାନଙ୍କୁ ଅନେକ, ଅନ୍ୟ ଉପାୟରେ ଚିତ୍ରଣ କରିଛନ୍ତି । ନିମ୍ନରେ ଦିଆଯାଇଥିବା ବିଭିନ୍ନ ସମୟର ବୁଦ୍ଧଙ୍କ ପ୍ରତିକୃତି ଦେଖ, ସେଗୁଡ଼ିକର ଶୈଳୀ, ମୁଖମଣ୍ଡଳର ଆକୃତି ପ୍ରଭୃତିରେ ଥିବା ସମାନତା ବା ବିବିଧତା ଉପରେ ତୁଳନା ଓ ଆଲୋଚନା କର ।



*ବୁଦ୍ଧଙ୍କୁ ବିଭିନ୍ନ ସମୟ ଅବଧି ଏବଂ ଶୈଳୀରେ ଚିତ୍ରିତ ଏବଂ ନିର୍ମିତ କରାଯାଇଥିଲା*



କୁଷାଣ ଯୁଗ (ଗାନ୍ଧାର ଶୈଳୀ) ୧୦୦ ଖ୍ରୀଷ୍ଟ ପୂର୍ବରୁ ୪୦୦ ଖ୍ରୀଷ୍ଟାବ୍ଦ

ଗୁପ୍ତ ଯୁଗ (ଅଜନ୍ତା ଶୈଳୀ) ୫୦୦ ଖ୍ରୀଷ୍ଟାବ୍ଦ


କୁଷାଣ ଯୁଗ (ମଥୁରା ଶୈଳୀ) ୩୦୦ ଖ୍ରୀଷ୍ଟାବ୍ଦ

ଗୁପ୍ତଯୁଗ (ସାରନାଥ ଶୈଳୀ) ୫୦୦ ଖ୍ରୀଷ୍ଟାବ୍ଦ

ଥାଙ୍କା ଶୈଳୀ



https://withteachers.in/



## କ୍ରିୟାକଳାପ ୩ : ମୁଁ ହେବାକୁ ଚାହୁଁଛି...

ବଡ଼ ହେଲେ ତୁମେମାନେ କ'ଣ ହେବାକୁ ଇଚ୍ଛା କରୁଛ ? ତୁମେ କ'ଣ ଲୋକମାନଙ୍କୁ ସେମାନଙ୍କର ବଲ୍‌ବ ସଜାଡ଼ିବାରେ ସାହାଯ୍ୟ କରିବାକୁ ଚାହୁଁଛ ନା ଇଚ୍ଛାକରୁଛ ଯେ ଲୋକମାନେ ସୁସ୍ଥ ରୁହନ୍ତୁ ବୋଲି ।

ଏହି ଭୂମିକାଗୁଡ଼ିକୁ ପ୍ରଦର୍ଶନ କରି ନିଜକୁ ଆଙ୍କ । ଯଦି ତୁମେ ଜାଣିପାରୁ ନାହଁ ଯେ ତୁମେମାନେ କେଉଁ ଭୂମିକାରେ ନିଜକୁ ମୁକ୍ତ ଭାବରେ କଳ୍ପନା କରିପାରିବ, ତେବେ ତୁମେମାନେ ଭାବିପାରୁଥିବା ଅନେକ ପସନ୍ଦ ମଧ୍ୟରୁ, ତିନିରୁ ପାଞ୍ଚଟି ଭୂମିକା ଆଙ୍କ । ଶ୍ରେଣୀରେ ମଧ୍ୟ ସମସ୍ତଙ୍କଦ୍ୱାରା ପ୍ରସ୍ତୁତ ଚିତ୍ରଗୁଡ଼ିକ ଦେଖ, ତୁମେ କ'ଣ ଏହି ଚିତ୍ରଗୁଡ଼ିକରେ କିଛି ବୈଚିତ୍ର୍ୟ ଦେଖୁଛ କି ? କିମ୍ବା କିଛି ଅସାଧାରଣ ? ତମେ କେଉଁ ଚିତ୍ରଗୁଡ଼ିକୁ ଆକର୍ଷଣୀୟ ମନେ କରୁଛ ଏବଂ କାହିଁକି ?



https://withteachers.in/





## କ୍ରିୟାକଳାପ ୪ : ପୋଷାକ ଏବଂ ଭୂମିକା

ଜଣେ ବ୍ୟକ୍ତିଙ୍କୁ ଦେଖି ସେ ଚିତ୍ରକର କିମ୍ବା କୃଷକ ତାହା ତମେ କିପର ଚିହ୍ନିବ । ଆମେ ସମସ୍ତ କୃଷକଙ୍କୁ ସମାନ ଭାବରେ କଳ୍ପନା କରୁ ନା ସେଥିରେ କୌଣସି ପାର୍ଥକ୍ୟ ଥାଏ ? ସମାନତା ଏବଂ ପାର୍ଥକ୍ୟ କ'ଣ ? ଆସ ଜାଣିବା ।

ତୁମମାନଙ୍କ ଶ୍ରେଣୀରେ ତିଆରି ହୋଇଥିବା ସମସ୍ତ ଚିତ୍ରକୁ ଦେଖ । କୃଷକଙ୍କ ଲିଙ୍ଗ କ'ଣ ? ସେମାନେ କେତେ ଡେଙ୍ଗା କିମ୍ବା ଗେଡ଼ା ଓ କୃଷକ କ'ଣ ପିନ୍ଧନ୍ତି ?

**ଆଲୋଚନା କରି କଥା ହୁଅ**

୧. ଏହିପରି ଚିତ୍ର ଆଙ୍କିବା ନିଷ୍ପତ୍ତି ତୁମେ କିପରି ନେଇଥିଲ ?

୨. ତୁମେମାନେ ଲିଙ୍ଗଗତ ଭେଦ ଆଧାରରେ କୃଷକମାନଙ୍କୁ ଦେଖିଛ କି ?

୩. ତୁମେମାନେ କୃଷକଙ୍କୁ କେଉଁଠି ଦେଖିଛ ?

୪. ଯଦି ସେମାନଙ୍କର ପୋଷାକ ପରିବର୍ତ୍ତନ କର, ତେବେ ସେମାନେ ଅନ୍ୟ ଚରିତ୍ର ଭଳି ଦେଖାଯିବେ ନାହିଁ କି ?

ପ୍ରଦତ୍ତ ଚିତ୍ରରେ ତୁମେ କେଉଁ ବାଦ୍ୟଯନ୍ତ୍ର ଦେଖିପାରୁଛ ?


ଯେପରି ତୁମେ ତୁମର ପ୍ରାକୃତିକ ପରିବେଶକୁ ପର୍ଯ୍ୟବେକ୍ଷଣ କର ସେହିପରି ଲୋକମାନଙ୍କୁ ଅଧିକ ନିକଟରୁ ନିରୀକ୍ଷଣ କର । ଲକ୍ଷ୍ୟ କର ଯେ ପ୍ରତ୍ୟେକ ବ୍ୟକ୍ତି ସ୍ୱତନ୍ତ୍ର ଏବଂ ସମସ୍ତଙ୍କର ବସ୍ତ୍ର ପରିଧାନରେ ସ୍ୱତନ୍ତ୍ରତା ରହିଥାଏ ।

ତୁମମାନଙ୍କ ଚାରିପାଖରେ ଭିନ୍ନଭିନ୍ନ ଭୂମିକାରେ ଯେକୌଣସି ତିନି ଜଣଙ୍କର ବେଶଭୂଷା ଓ ଆକୃତିକୁ ନିରୀକ୍ଷଣ, ପର୍ଯ୍ୟବେକ୍ଷଣ କରି ଅଙ୍କନ କର ଏବଂ ସେମାନଙ୍କର ଅନ୍ୟ ଭୂମିକାଗୁଡ଼ିକ କଳ୍ପନା କର । ଏବେ ତୁମମାନଙ୍କର ସହପାଠୀଙ୍କଦ୍ୱାରା ପ୍ରସ୍ତୁତ ଚିତ୍ରଗୁଡ଼ିକୁଦେଖ । ତୁମେ ଦେଖୁଥିବା ଚିତ୍ରଗୁଡ଼ିକରେ ଭିନ୍ନଭିନ୍ନ ଲୋକ କେଉଁମାନେ ? ସମସ୍ତ ଲିଙ୍ଗର ଲୋକଙ୍କୁ ଭିନ୍ନଭିନ୍ନ ଭୂମିକାରେ ଚିତ୍ରିତ କରାଯାଇଛି କି ?

ଏହି ଚିତ୍ରଗୁଡ଼ିକୁ କୃଷକଙ୍କ ସହିତ ତୁଳନା କର । ତୁମେ ତୁମର ଧାରଣାକୁ କିପରି ପ୍ରସ୍ତୁତ କଲ ସେଥିରେ କିଛି ପରିବର୍ତ୍ତନ ହୋଇଛି କି ?

**ଜାଣିରଖ :** ତୁମ ପରିବାର ଏବଂ ପଡ଼ୋଶୀଙ୍କ ମଧ୍ୟରେ ଥିବା ଲୋକମାନଙ୍କୁ ପର୍ଯ୍ୟବେକ୍ଷଣ କର । ସେମାନେ କ'ଣ ପିନ୍ଧୁଛନ୍ତି ତାହା ଉପରେ ଧ୍ୟାନ ଦିଅ । ତୁମେ ସେମାନଙ୍କୁ କେଉଁ ଭୂମିକାରେ ଦେଖୁଛ ସେ ସମ୍ବନ୍ଧରେ ଗୋଟିଏ ଚିତ୍ର ଅଙ୍କନ କର । ତୁମେ ଦେଖୁଥିବା ସମାନ ପୋଷାକରେ ସେମାନଙ୍କର ଅନ୍ୟ ଏକ ଚିତ୍ର ଆଙ୍କ । ଏବେ ସେମାନଙ୍କ ମଧ୍ୟରୁ ଜଣକୁ ଏକ ଭିନ୍ନ ଭୂମିକାରେ ଅଙ୍କନ କର । ଏହାକୁ ଅସାଧାରଣ ଏବଂ ପ୍ରେରଣାଦାୟକ ଭାବେ ଚିତ୍ରଣ କର ।

### ତୁମେ ଜାଣିଛ କି ? ଚିତ୍ରଶିଳ୍ପୀ ବିଭୂତି ଭୂଷଣ କାନୁନ୍‌ଗୋ



ଚିତ୍ରଶିଳ୍ପୀ ବିଭୂତି ଭୂଷଣ କାନୁନ୍‌ଗୋ ଓଡ଼ିଶାର ଜଣେ ଖ୍ୟାତନାମା ଚିତ୍ରଶିଳ୍ପୀ । ସେ କଟକର ଚୌଦ୍ୱାର ନିକଟସ୍ଥ ଶାଳଗ୍ରାମ ଠାରେ ଏକ ମଧ୍ୟବିତ୍ତ ପରିବାରରେ ୧୯୨୧ ମସିହା ଡିସେମ୍ବର ୯ ତାରିଖରେ ଜନ୍ମଲାଭ କରିଥିଲେ । ସେ କଲିକତାର ସରକାରୀ କଳା ମହାବିଦ୍ୟାଳୟରେ ବାଣିଜ୍ୟ କଳା ଶିକ୍ଷା ଲାଭ କରିଥିଲେ । ଚିତ୍ର ସହିତ ଓଡ଼ିଶାର ବୟନ ଶିଳ୍ପ କଳାରେ ତାଙ୍କର ଅଗାଧ ପାଣ୍ଡିତ୍ୟ ଥିଲା । କଳା ପ୍ରତି ସମର୍ପଣ ଭାବ ଯୋଗୁଁ ତାଙ୍କ ନାମରେ ସରକାର ଭୁବନେଶ୍ୱରରେ ବିଭୂତି କାନୁନ୍‌ଗୋ ଚାରୁ ଓ କାରୁକଳା ମହାବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ । ତାଙ୍କ ଦ୍ୱାରା ଅଙ୍କିତ ଚିତ୍ରକଳା ମଧ୍ୟରୁ ରାମାୟଣ ଦଶାବତାର, ଦଶମହାବିଦ୍ୟା, ରାମବଳରାମ, ଦୁର୍ଗା ମାଧବ, କାଞ୍ଚିବିଜୟ ପରେ ଓଡ଼ିଶାର ନୌବାଣିଜ୍ୟ ପରମ୍ପରାର ଟେମ୍ପେରାର ଟେମ୍ପେରାଚିତ୍ର ଖୁବ୍ ପ୍ରସିଦ୍ଧି ଲାଭ କରିଥିଲା । ସେ ଓଡ଼ିଶା ଲଳିତକଳା ଏକାଡେମୀ ପୁରସ୍କାର ଲାଭ ସହିତ ଅନେକ ଜାତୀୟ ଓ ରାଜ୍ୟ ସ୍ତରୀୟ ପୁରସ୍କାର ଓ ସମ୍ମାନରେ ଭୂଷିତ ହୋଇଥିଲେ । ଶ୍ରୀ କାନୁନ୍‌ଗୋ ୧୯୮୩ ମସିହା ସେପ୍ଟେମ୍ବର ୩ ତାରିଖରେ ଇହଲୀଳା ସମ୍ବରଣ କରିଥିଲେ ।



https://withteachers.in/


# ଅଧ୍ୟାୟ - ୪ : କାଗଜ କଳା



ଏହି ଅଧ୍ୟାୟରେ ତୁମେ କାଗଜକୁ ଏକ ଆକର୍ଷଣୀୟ କଳା ଉପାଦାନ ଭାବେ ବ୍ୟବହାର କରିପାରିବ ।

ତୁମେ ବିଭିନ୍ନ ପ୍ରକାରର ଉପାୟରେ, ଯେପରିକି ଭାଙ୍ଗିବା (ମୋଡ଼ିବା) Folding, କାଟିବା (Cutting) ଓ ବୁଣିବା (Weaving) ଶିଖିବ ।

ଏଥି ସହିତ, ତୁମେ ଭାରତୀୟ ବିଭିନ୍ନ କଳା ପରଂପରା - ସହିତ । କାଗଜ କାଟିବା ବିଷୟରେ ମଧ୍ୟ ଜାଣିପାରିବ । ତୁମେ ମଧ୍ୟ କାଗଜଦ୍ୱାରା ଅନେକ ସୃଜନାତ୍ମକ କଳାକୃତି କରିପାରିବ ।










https://withteachers.in/



କାଗଜ ସାରସ ପକ୍ଷୀ

## କ୍ରିୟାକଳାପ ୧ : କାଗଜ ଭାଙ୍ଗିବା ବା ମୋଡ଼ିବା

କାଗଜ ଭାଙ୍ଗିବା ବା ମୋଡ଼ିବା କଳାକୁ ଓରିଗାମୀ କୁହାଯାଏ ଏହି କଳା ଜାପାନରୁ ଆରମ୍ଭ ହୋଇ ଏବେ ସାରା ବିଶ୍ୱରେ ପ୍ରସିଦ୍ଧି ଲାଭ କରିଛି ।

ତୁମେ ପୂର୍ବରୁ କାଗଜ ଭାଙ୍ଗିବା ବା ମୋଡ଼ିବାଦ୍ୱାରା କିଛି ଜିନିଷ ବନେଇବା ଶିଖିଥିବ ।


ତୁମେ ''ସଦାକୋ ଏକ ହଜାର କାଗଜର ସାରସ'' ଗଳ୍ପ ଶୁଣିଛ କି ?

ସଦାକୋ ଜାପାନର ଏକ ୧୧ ବର୍ଷର ଝିଅ ଥିଲା । ୧୯୪୫ ମସିହାରେ ହିରୋସୀମା ଉପରେ ଆଣବିକ ବୋମା ବିସ୍ଫୋରଣ ହେବାପରେ ସେ ଗୋଟିଏ ଗୁରୁତର ରୋଗରେ ଆକ୍ରାନ୍ତ ହୋଇଥିଲା । ହସ୍ପିଟାଲରେ ଚିକିତ୍ସା ହେଉଥିବାବେଳେ ତାର ଜଣେ ବନ୍ଧୁ ତାଙ୍କୁ କହିଲା ଯେ ଯଦି ସେ ୧୦୦୦ଟା କାଗଜର ସାରସ ପକ୍ଷୀ ବନେଇ ପାରିବେ ତେବେ ସେ ସୁସ୍ଥ ହୋଇପାରିବ ।

ସଦାକୋ ଭଲ ହେବାର ଆଶା ରଖି ୧୦୦୦ଟା ସାରସ କାଗଜରେ ବନେଇବାକୁ ଆରମ୍ଭ କଲା । ସେ ୬୪୪ଟି ସାରସ କାଗଜରେ ବନାଇବା ପରେ ତାର ମୃତ୍ୟୁ ହୋଇଗଲା । କିନ୍ତୁ ଏହି ଘଟଣା ପାଇଁ ନିଜେ ଏବେ ବିଶ୍ୱରେ ଏକ କିମ୍ବଦନ୍ତୀ ପାଲଟି ଯାଇଛି ।

ଆଜି ବି ସମସ୍ତ ଲୋକ, ଏହି କାଗଜ ସାରସ ପକ୍ଷୀ ବନେଇ ଜାପାନରେ ଥିବା ଶିଶୁ ଶାନ୍ତିପୀଠକୁ ପଠାନ୍ତି । କାଗଜ ସାରସ ଏବେ ଶାନ୍ତିର ପ୍ରତୀକ ହୋଇଯାଇଛି ।

ତୁମେ ବି କାଗଜ ଭାଙ୍ଗି ବହୁତ ଜିନିଷ ବନେଇ ପାରିବ । ତୁମର ଶିକ୍ଷକ ବା ସାଙ୍ଗମାନଙ୍କ ପାଖରୁ ଶିଖ କିପରି କାଗଜରେ ଭିନ୍ନ ଭିନ୍ନ ଜିନିଷ ତିଆରି କରାଯାଏ ।




କାଗଜ ସାରସ ପକ୍ଷୀ ତିଆରି କରିବା ପାଇଁ ନିର୍ଦ୍ଦେଶାବଳୀ



https://withteachers.in/

## କ୍ରିୟାକଳାପ ୨ : କାଗଜ କାଟିବା




'ସଂଝୀ' କାଗଜ କଳା

'ସଂଝୀ' ହେଉଛି ଏକ ପାରଂପାରିକ କଳା, ଯାହା ଉତ୍ତର ପ୍ରଦେଶର ମଥୁରା ଓ ଆଖପାଖ ଅଞ୍ଚଳ ଗୁଡ଼ିକରେ ଅନେକ ଚର୍ଚ୍ଚିତ ଅଟେ । ଏହା ପୂର୍ବରୁ ଅନୁମାନ କରାଯାଏ ଯେ ଏହି କଳା ମୂଳତଃ ରଙ୍ଗୋଲି ପାଇଁ ଷ୍ଟେନ୍‌ସିଲ୍ ଭଳି ବ୍ୟବହାର ହେଉଥିଲା । ଓଡ଼ିଶାର ତାଳପତ୍ରରେ ଜାଲି ତିଆରି ପରମ୍ପରା ପୋଥି ଚିତ୍ରରେ ବ୍ୟବହୃତ ହୁଏ । ସେହିପରି ବିଭିନ୍ନ ପୂଜା ଓ ପର୍ବପର୍ବାଣୀରେ ରଙ୍ଗୀନ କାଗଜ ଝାଲର କାଟି ଘର ଓ ପୂଜା ମଣ୍ଡପ ସଜା ହୋଇଥାଏ । ଆଜିକାଲି ଏହି ଷ୍ଟେନ୍‌ସିଲ୍‌ଗୁଡ଼ିକୁ କାଗଜରେ ବନେଇ ଅତ୍ୟନ୍ତ ସୂକ୍ଷ୍ମ ଭାବେ ବିଭିନ୍ନ ଆକୃତି ଓ ଚିତ୍ରରେ କଟାଯାଉଛି ।

ତୁମେ ନିଜର ଚିତ୍ର ବା ଡିଜାଇନ୍ ପ୍ରସ୍ତୁତ କରି ସରଳ ଷ୍ଟେନ୍‌ସିଲ୍‌ଗୁଡ଼ିକୁ କାଗଜରେ ବନେଇ ପାରିବ ।

ଏହିପରି କାଗଜ କାଟି ଲଣ୍ଠନ ବା ଅନ୍ୟାନ୍ୟ ସାଜସଜ୍ଜା ସାମଗ୍ରୀ ବି ତିଆରି କରିପାରିବ ।

ଏଠାରେ କିଛି ଉପାୟ ଦିଆଯାଇଛି । ନିଜେ ପରୀକ୍ଷଣ କର ଏବଂ ନିଜ ନିଜର ଶ୍ରେଣୀରେ ପରସ୍ପର ସହିତ କାଗଜ କାଟି କଳାକୃତି ତିଆରି କରିବାର ନୂଆ ନୂଆ ଉପାୟମାନ ଆଦାନ ପ୍ରଦାନ କର ।



**ମନେରଖ !** କାଗଜ କାଟିବା ପାଇଁ କଇଁଚି ଏବଂ ଧାରୁଆ ଉପକରଣ ବ୍ୟବହାର କରିବା ସମୟରେ ସମସ୍ତ ସୁରକ୍ଷା ପାଇଁ ସତର୍କତା ଅବଲମ୍ବନ କରିବ ।




**ତୁମେ ଜାଣିଛ କି ?**

ପର୍ବପର୍ବାଣୀ କିମ୍ବା ଯେକୌଣସି ଖୁସିର ଅବସର ସମୟରେ ସୂତାରେ ଝୁଲାଯାଇଥିବା କାଗଜ, କପଡ଼ା କିମ୍ବା ପ୍ଲାଷ୍ଟିକ୍ ସାଜସଜ୍ଜାକୁ ବର୍ଣ୍ଟିଂ କୁହାଯାଏ । ଏଗୁଡ଼ିକ ପ୍ରାୟତଃ ବହୁତ ରଙ୍ଗୀନ ହୋଇଥାଏ ଏବଂ ବିଭିନ୍ନ ଆକୃତି ଏବଂ ଢାଞ୍ଚାରେ କାଟି ଆହୁରି ଭିନ୍ନ ରୂପରେ ସାଜସଜ୍ଜା କରାଯାଇ ପାରିବ ।




https://withteachers.in/

## କ୍ରିୟାକଳାପ ୩ – କାଗଜ ବୁଣା



କାଗଜ ଏକ ଯାଦୁକାରୀ ସାମଗ୍ରୀ । ଏହା ପୂର୍ବ କ୍ରିୟାକଳାପରେ ଦେଖିଥିବା ପରି ସହଜରେ ରୂପ ପରିବର୍ତ୍ତନ କରିପାରିବ । କିଛି କଟା ଏବଂ ମୋଡ଼ିବା ସହିତ, ଏହା ଜୀବଜନ୍ତୁ ଏବଂ କିଛି ବସ୍ତୁରେ ମଧ୍ୟ ରୂପାନ୍ତରିତ ହୋଇପାରେ ।

ଚାଲ କାଗଜର ବୁଣା ବୁଣି କରିବାର ଅନ୍ୟ ଏକ ପଦ୍ଧତି ସହିତ ପରୀକ୍ଷଣ କରି କଳାକୃତି ତିଆରି କରିବା । ଯଦି ତୁମମାନଙ୍କ ଚାରିପାଖରେ ଥିବା ଯେ କୌଣସି କପଡ଼ାକୁ ଭଲ ଭାବରେ ଦେଖିବ ତେବେ ତୁମେମାନେ ଦେଖିପାରିବ ଯେ ଏହା ଛକିକଟା ଢାଞ୍ଚାରେ ମଜଭୁତ ଭାବରେ ସୂତାରେ ବୁଣାଯାଇଥାଏ । ଛକିକଟା ଢାଞ୍ଚାକୁ ରାପ୍ ଏବଂ ୱେଫ୍ଟ ମଧ୍ୟ  କୁହାଯାଏ । ଆସ କାଗଜରେ ଏହା କରିବାକୁ ଚେଷ୍ଟା କରିବା । ଚିତ୍ରଗୁଡ଼ିକୁ ଦେଖି ନିଜେନିଜେ ଆସନ କିମ୍ବା ମସିଣା ବୁଣିବାକୁ ଚେଷ୍ଟା କରିବା । ଓଡ଼ିଶାରେ ତାଳପତ୍ରରେ ମଧ୍ୟ ଏପରି ଆସନ ତିଆରି କରାଯାଏ, ଯାହା ଖୁବ୍ ସୁନ୍ଦର ଓ ମଜବୁତ ହୋଇଥାଏ ।





**ଅଭ୍ୟାସ ଜାରିରଖିବା :** ପ୍ରାକୃତିକ ତନ୍ତୁ, କପା, ପଶମ, ବାଉଁଶ, ଝୋଟ, ତାଳପତ୍ର ଓ ପରିତ୍ୟକ୍ତ କପଡ଼ା ପଟି ଇତ୍ୟାଦି ଅନ୍ୟାନ୍ୟ ସାମଗ୍ରୀ ସଂଗ୍ରହ କରିବା ଓ ସେଥିରେ ଏହିପରି ବୁଣାବୁଣି କରି କଳାକୃତି ତିଆରି କରିବା ।



https://withteachers.in/

# ଅଧ୍ୟାୟ -୫ : ଛାପା ଚିତ୍ର



ଏହି ଅଧ୍ୟାୟରେ, ତୁମେମାନେ ଛାପାଚିତ୍ର ପାଇଁ ମୋହରର ଡିଜାଇନ୍, ଏହାର ଉଦ୍ଦେଶ୍ୟ ଏବଂ କଳାତ୍ମକ ଗୁଣଗୁଡ଼ିକ ବିଷୟରେ ଶିଖିବ । ଇତିହାସରୁ ବିଭିନ୍ନ ପ୍ରକାର ମୋହରର ଡିଜାଇନରୁ ପ୍ରେରଣା ନେଇ, ତୁମ୍ଭେମାନେ ନିଜର ମୋହର ଡିଜାଇନ୍ ତିଆରି କରିବ ଏବଂ ହସ୍ତଶିଳ୍ପ ପାଇଁ ବିଭିନ୍ନ ସାମଗ୍ରୀ ସହିତ ସେଗୁଡ଼ିକୁ ପରୀକ୍ଷଣ କରିବ । ଏହି ପ୍ରକ୍ରିୟାରେ ତୁମ୍ଭେମାନେ କାଗଜ ଏବଂ କପଡ଼ା ଉଭୟରେ ତୁମ୍ଭମାନଙ୍କର ମୋହରର ମଧ୍ୟ ମୁଦ୍ରଣ ବା ଛାପା ଚିତ୍ର କରି ପାରିବ ।

ତୁମ୍ଭେମାନେ ଏହି ପ୍ରକ୍ରିୟାକୁ ପାରଂପାରିକ ବୟନ ଶିଳ୍ପର ବ୍ଲକ ପ୍ରିଣ୍ଟିଂ ସହିତ ତୁଳନା କରିପାରିବ । ବ୍ଲକ ପରି ତୁମର ନିଜସ୍ୱ ଛପା ମୋହର ବ୍ୟବହାର କରି ତୁମ୍ଭେମାନେ କାଗଜ, କପଡ଼ା ଏବଂ ଅନ୍ୟାନ୍ୟ ପୃଷ୍ଠରେ ଛାପା ଚିତ୍ର ସୃଷ୍ଟି କରି ଆକର୍ଷଣୀୟ ଢ଼ାଞ୍ଚା ମଧ୍ୟ ତିଆରି କରିପାରିବ ।









https://withteachers.in/

## କ୍ରିୟାକଳାପ ୧ : ଆସ ମୋହର ଦେଖିବା



ତୁମ୍ଭେମାନେ କେବେ ତୁମ୍ଭମାନଙ୍କର ଶିକ୍ଷକ, ସ୍କୁଲର ପ୍ରଧାନଶିକ୍ଷକ କିମ୍ବା ସ୍କୁଲରେ କାହାକୁ ମୋହର ଏବଂ ରବର ଷ୍ଟାମ୍ପ ବ୍ୟବହାର କରୁଥିବାର ଦେଖିଛ କି ?

ମୋହର ସହିତ କୌଣସି କାଗଜ କିମ୍ବା ଦଲିଲ ଖୋଜିବା ପାଇଁ ଶିକ୍ଷକଙ୍କ ସାହାଯ୍ୟ ନିଅ । ଏହି ପ୍ରଶ୍ନଗୁଡ଼ିକୁ ଆଲୋଚନା କର ଓ ଜାଣ :

୧. ମୋହରରେ କେଉଁ ପ୍ରତିଛବି କିମ୍ବା କ'ଣ ଲେଖା ରହିଛି ?

୨. ମୋହରରୁ କ'ଣ ଜାଣିହୁଏ ?

୩. ମୋହର କ'ଣ ପାଇଁ ବ୍ୟବହୃତ ହୁଏ ?

ମୋହରରେ ଏକ ଚିତ୍ର ପ୍ରତୀକ କିମ୍ବା ଲେଖା ଥାଇପାରେ । ଏହା ଆମକୁ ବ୍ୟକ୍ତି, ସମାଜ, ରାଜ୍ୟ, ଅନୁଷ୍ଠାନ ଏବଂ ଜୀବନ ସମ୍ବନ୍ଧୀୟ ପ୍ରମାଣ । ଦିନଚର୍ଯ୍ୟା, ସାମାଜିକ ସ୍ଥିତି ଏବଂ ବିଶ୍ୱାସ ବିଷୟରେ ସୂଚନା ଦେଇଥାଏ ।

ମୋହରଗୁଡ଼ିକୁ ଦେଖ ଏବଂ ତୁମ୍ଭେମାନେ ଦେଖୁଥିବା ପ୍ରତିଛବି ଏବଂ ପ୍ରତୀକଗୁଡ଼ିକ ପର୍ଯ୍ୟବେକ୍ଷଣ କର । ସେଗୁଡ଼ିକୁ ତୁଳନା କର ଏବଂ ପ୍ରତୀକଗୁଡ଼ିକ କ'ଣ ସୂଚନା ଦିଏ ତାହା ଆଲୋଚନ କର ।

ଲକ୍ଷ୍ୟ କର ଯେ, ଏହି ସମସ୍ତ ମୋହରରେ ବିଭିନ୍ନ ଲିପିରେ କିଛି ଲିଖିତ ଲିପି ସହିତ ଏକ ପ୍ରତୀକାତ୍ମକ ଚିତ୍ର ଅଛି ।






ଇତିହାସର ବିଭିନ୍ନ ସମୟର ମୋହରଗୁଡ଼ିକ



https://withteachers.in/





## କ୍ରିୟାକଳାପ ୨ : କ୍ଷେତ୍ର ପରିଭ୍ରମଣ

ସ୍ଥାନୀୟ ଡାକଘର ପରିଦର୍ଶନ କରନ୍ତୁ ଏବଂ ପୋଷ୍ଟମାଷ୍ଟର କିମ୍ବା ଅନ୍ୟ କୌଣସି ଡାକ ଅଧିକାରୀଙ୍କୁ ଭେଟ, ଯିଏ ତୁମକୁ ଡାକ ସେବାରେ ବ୍ୟବହୃତ ସିଲ୍ ଏବଂ ମୋହର ଦେଖାଇପାରିବେ । ନିମ୍ନଲିଖିତ ଜିନିଷଗୁଡ଼ିକ ପଚାରି ବୁଝନ୍ତୁ ଏବଂ ଲେଖିରଖନ୍ତୁ :

୧) ଷ୍ଟାମ୍ପ ବା ମୋହରରେ ବ୍ୟହବୃତ ସାମଗ୍ରୀ

୨) ଡାକ ସେବା ଚିହ୍ନ (ଲୋଗୋ) କିମ୍ବା ପ୍ରତୀକ

୩) ମୋହର (ସିଲ୍)ରେ ପ୍ରଦାନ କରାଯାଇଥିବା ଅନ୍ୟାନ୍ୟ ସୂଚନା

**ଅଭ୍ୟାସ ଜାରି ରଖ :** ତୁମ୍ଭେମାନେ ପରିବାରର ବୟସ୍କ ସଦସ୍ୟମାନଙ୍କ ସହିତ କଥାବାର୍ତ୍ତା ହୁଅ ସେମାନଙ୍କ ଡକ୍ୟୁମେଣ୍ଟ କିମ୍ବା ଡାକ ଲଫାପା ମାଗ ଯାହା ଉପରେ ମୋହର (ସିଲ୍) ରହିଥିବ । ମୋହର (ସିଲ୍)ର ବିବରଣୀ ପର୍ଯ୍ୟବେକ୍ଷଣ କର ଏବଂ ତୁମେମାନେ ଯେଉଁ ପ୍ରତୀକ ଏବଂ ଲେଖାଗୁଡ଼ିକ ଦେଖୁଛ ସେଗୁଡ଼ିକ ଅବିକଳ ଅଙ୍କନ କର ।

**ପରୀକ୍ଷଣ :** ଯେକୌଣସି ମୁଦ୍ରା ନିଅ । ଏହା ଉପରେ ଏକ କାଗଜ ରଖ ଏବଂ ଏକ ପେନ୍‌ସିଲ୍‌କୁ ଶୁଆଇ ରଖି ଘସ । ମୁଦ୍ରାର ପ୍ରତିଛବି ସ୍ପଷ୍ଟ ଦୃଶ୍ୟମାନ ହେବା ପର୍ଯ୍ୟନ୍ତ କାଗଜ ପୃଷ୍ଠ ଉପରେ ଘସି ଅବିକଳ ଚିତ୍ର ସୃଷ୍ଟ କର ।

## କ୍ରିୟାକଳାପ ୩ :

ତୁମ୍ଭେମାନେ ନିଜ ନିଜର ମୋହର ତିଆରି କର ଏବଂ ଏକ ମୋହରର ବୈଶିଷ୍ଟ୍ୟ ଏବଂ ଉଦ୍ଦେଶ୍ୟ ସହିତ ପରିଚିତ ହୁଅ । ତୁମ୍ଭେମାନେ କ'ଣ ଏହିପରି ଅବିକଳ ମୋହର ତିଆରି କରିବାକୁ ଚାହୁଁ ନାହଁ କି ?

ତୁମ୍ଭମାନଙ୍କୁ ପ୍ରଥମେ ଏହାର ଡିଜାଇନ୍‌ରୁ ଆରମ୍ଭ କରିବାକୁ ପଡ଼ିବ । ଏକ କାଗଜ ଏବଂ ପେନ୍‌ସିଲ ନିଅ, ଏବଂ କିଛି ମୋହରର ଧାରଣା ଏବଂ ପ୍ରସ୍ତୁତି ସ୍କେଚ୍ (ପେନ୍‌ସିଲ୍ ଚିତ୍ର) କରି ରଖ ।

### ସୋପାନ ୧ – ମିଳିଥିବା ଜିନିଷଗୁଡ଼ିକ ସହିତ ପରୀକ୍ଷା କର

କିଛି ମାଟି କିମ୍ବା ମାଟି ପିଣ୍ଡୁଳା ପ୍ରସ୍ତୁତ କର । କିଛି ଛୋଟ ଜିନିଷ ଯେପରିକି ବୋତାମ, ବୋତଲ, ଠିପି, କାଠି, ପତ୍ର, ମୁଦ୍ରା, ଇତ୍ୟାଦି ସଂଗ୍ରହ କର ।

- କିଛି ମାଟିକୁ ଓଦାକରି ଅଟାପରି ଚକଟି ରଖ ।
- ତୁମେମାନେ ସଂଗ୍ରହ କରିଥିବା ଜିନିଷଗୁଡ଼ିକୁ ମାଟି ଉପରେ ଚାପି ଦିଅ ଏବଂ ପରେ ପରେ ତାହାକୁ ଉଠାଇ ସୃଷ୍ଟି ହୋଇଥିବା ଛାପା ବା ପ୍ରିଣ୍ଟକୁ ଦେଖ ।
- କେଉଁ ଜିନିଷଗୁଡ଼ିକ ସ୍ପଷ୍ଟ ଛାପା ସୃଷ୍ଟି କରେ ଏବଂ କାହିଁକି ବିଶ୍ଳେଷଣ କର ।



https://withteachers.in/

An example of original logo

## ସୋପାନ ୨ : ତୁମ ନିଜର ମୋହର ପ୍ରସ୍ତୁତ କର

- ତୁମେମାନେ ଏକ ବ୍ୟକ୍ତିଗତ ପ୍ରତୀକ ତିଆରି କର। ଏହା ଏକ ସହଜ ଚିତ୍ର ହୋଇଥିବ ଯାହା ତୁମର କୌଣସି ଗୁଣାବଳୀକୁ ପ୍ରକାଶ କରୁଥିବ । ଯେପରିକି – ମୁହଁ, ପତ୍ର, ଫୁଲ, ଫଳ, ବସ୍ତୁ, ପଶୁ, ଚିଠି, ଆଇକନ୍ ଇତ୍ୟାଦି । ଏହା ତୁମ ମଧ୍ୟରେ ନିହିତ ଥିବା କିଛି ଗୁଣ କିମ୍ବା ମୂଲ୍ୟକୁ ପ୍ରକାଶ କରିବା ଉଚିତ ଯାହା ତୁମ ପାଇଁ ଗୁରୁତ୍ୱପୂର୍ଣ୍ଣ ହେଉଥିବ ।
- ତୁମ୍ଭମାନଙ୍କର ପରିକଳ୍ପନା (ଡିଜାଇନ୍)କୁ ସରଳ କର ।

## ସୋପାନ ୩ – ତୁମ୍ଭମାନଙ୍କର ମୋହର ତିଆରି କର

୧) ତୁମେ ଦେଖିଥିବା ମୋହର ଏବଂ ସେଗୁଡ଼ିକୁ ତିଆରି କରିବା ପାଇଁ ବ୍ୟବହୃତ ସାମଗ୍ରୀଗୁଡ଼ିକୁ ମନେରଖ ।

୨) ସ୍କୁଲରେ ସହଜରେ ଉପଲବ୍ଧ ବିକଳ୍ପଗୁଡ଼ିକ ବିଷୟରେ ଚିନ୍ତା କର । ଉଦାହରଣ ସ୍ୱରୂପ, କାର୍ଡବୋର୍ଡର ଖଣ୍ଡ, ମାଟି, ଝୋଟ, ରସି, ସ୍ପଞ୍ଜ ଓ ରବର ଇତ୍ୟାଦି ।

୩) ତୁମ୍ଭେମାନେ ଯେଉଁ ସାମଗ୍ରୀରେ କାମ କରିବ ତାହାର ପୃଷ୍ଠକୁ ସମତଳ କର । ମନେରଖ ଯେ ଯଦି ଏକ ମୋହର ଡିଜାଇନ୍‌ର ସମସ୍ତ ଅଂଶ ସମାନ ହୋଇଥାଏ, ତେବେ ଏହାର ଛାପା ସ୍ପଷ୍ଟ ହେବ ।

୪) ଏପରି ଉପକରଣ ବାଛ ଯେଉଁଥିରେ ତୁମ୍ଭେମାନେ ତୁମ୍ଭମାନଙ୍କର ଡିଜାଇନ୍ କାଟିବା, ଖୋଦନ କରିବା ଏବଂ ତାକୁ ଆକୃତି ଦେବାପାଇଁ ସହଜରେ ବ୍ୟବହାର କରିପାରିବ ।

୫) ଯଦି ତୁମ୍ଭମାନଙ୍କର ଢାଞ୍ଚା (ଡିଜାଇନ୍) ଖୋଦନ କରିବା କଷ୍ଟକର ବୋଲି ମନେ କରୁଛ, ତେବେ ଏହାକୁ ସରଳ କର ଏବଂ ତୁମର ଡିଜାଇନ୍ ସମାପ୍ତ କର ।



ସିଲ୍ ତିଆରି ଏବଂ ମୁଦ୍ରଣ କରିବା ପାଇଁ ଛାତ୍ରମାନଙ୍କ ପରୀକ୍ଷଣ


https://withteachers.in/





## ସୋପାନ -୪ - ତୁମମାନଙ୍କର ମୋହର ପରୀକ୍ଷା କର

- ତୁମେମାନେ ମୋହର ମୁଦ୍ରଣ ପାଇଁ ସାମଗ୍ରୀ ଏବଂ ପୃଷ୍ଠ ବାଛ । ଯଦି ମୋହର ଗୋଲାକାର ଏବଂ ସମତଳ ନୁହେଁ, ତେବେ ତୁମେ ଏହାକୁ ପ୍ରଥମ ପରୀକ୍ଷାରେ ବସ୍ତୁ ସହିତ ଯେପରି କରିଥିଲ ସେହିପରି ଏକ ଓଦା କିମ୍ବା ମାଟିର ପିଣ୍ଡୁଳା ଉପରେ ଦବାଇ ପାରିବ ।
- ଯଦି ତୁମମାନଙ୍କର ମୋହର ସମତଳ ତାହେଲେ ସେଥିରେ ରଂଗ କିମ୍ବା କାଳି ପ୍ରୟୋଗ କରିବାକୁ ଚେଷ୍ଟା କର, ଏବଂ ଯେକୌଣସି କାଗଜରେ ଛାପ ।
- ଫଳାଫଳ ଉପରେ ନଜର ରଖ ତୁମ ଇଚ୍ଛାପୂର୍ଣ୍ଣ ହେବା ପର୍ଯ୍ୟନ୍ତ ମୋହର ଡିଜାଇନ୍‌ରେ ପରିବର୍ତ୍ତନ ଏବଂ ଅଧିକ ଉନ୍ନତ କରିପାରିବ ।

## କ୍ରିୟାକଳାପ ୪ : ଛାପା

ବର୍ତ୍ତମାନ, ତୁମର ଏକ ମୋହର (ସିଲ୍) ପ୍ରସ୍ତୁତ ହୋଇ ଯାଇଛି, ଯାହା ବାରମ୍ବାର ବ୍ୟବହାର କରାଯାଇପାରିବ । ଏକ ରବର ଷ୍ଟାମ୍ପ ପ୍ୟାଡ୍‌ରେ କାଳି ଥାଏ । ଯେତେବେଳେ ଆମେ ଷ୍ଟାମ୍ପ ପ୍ୟାଡ୍‌ରେ ରବର ମୋହରକୁ ଦବାଉ, ଏଥିରେ କାଳୀ ଲାଗିଯାଏ, ଯାହା ଚାପି ହୋଇ କାଗଜରେ ଛାପା ସୃଷ୍ଟି ହୁଏ । ଛାପାରେ ବିଭିନ୍ନ ପାରଂପରିକ ପ୍ରକ୍ରିୟାରେ ସମାନ ପ୍ରକ୍ରିୟା ଦେଖାଯାଇପାରେ । ଆସ ହାତ ବ୍ଲକ ଛାପା ପ୍ରକ୍ରିୟା ଦେଖିବା କାରଣ ଏହାର ପ୍ରକ୍ରିୟା ତୁମ୍ଭମାନଙ୍କ ପରିଚିତ ରବର ଷ୍ଟାମ୍ପ ଏବଂ ତିଆରି କରିଥିବା ମୋହର ସହିତ ସମାନ ।

ଏହା ଏକ ଖୋଦିତ କାଠ ବ୍ଲକ । ଯେଉଁ ଅଂଶଗୁଡ଼ିକ ସାମାନ୍ୟ ଉପରକୁ ଉଠିଛି ତାହାକୁ ଲକ୍ଷ୍ୟ କର । ଏହି ବ୍ଲକକୁ କାଠ ଖୋଦନରେ ବିଶେଷଜ୍ଞ ଜଣେ କଳାକାରଙ୍କ ଦ୍ୱାରା ଯତ୍ନର ସହିତ ଖୋଦିତ କରାଯାଇଛି । ଆପଣଙ୍କ ଆଖପାଖରେ ବଢ଼େଇ ଏବଂ କାଠ ଖୋଦନକାରୀ ଅଛନ୍ତି କି ?

ସେମାନଙ୍କୁ ଭେଟ ଏବଂ ଏହି ଚିତ୍ରକୁ ଦେଖାଅ ଏବଂ ସେମାନଙ୍କୁ ପଚାର, ଯେ ଏପରି ବ୍ଲକ କିପରି ଖୋଦନ କରାଯାଇପାରିବ । ବ୍ୟବହୃତ ଉପକରଣ ଦ୍ୱାରା ଏହାକୁ ହାତଖୋଦନ କରିବାକୁ କେତେ ସମୟ ଲାଗିବ ସେ ବିଷୟରେ ପଚାର । ଏହି କାଠ ଖଣ୍ଡ ବ୍ଲକକୁ ଚିତ୍ରରେ ଦର୍ଶା ଯାଇଥିବା ପରି କପଡ଼ା ଉପରେ ମୁଦ୍ରଣ ପାଇଁ ବ୍ୟବହାର କର । ଏହି ବସ୍ତ୍ରଗୁଡ଼ିକୁ ହାତ ବ୍ଲକ ଛାପା ବସ୍ତ୍ର କୁହାଯାଏ ।

ଏକ ହାତ ବ୍ଲକ ଛାପାର ଚିତ୍ର ଦେଖ ଏବଂ ସେହିପରି ସାବଧାନତାର ସହିତ କପଡ଼ା ଉପରେ ତୁମ ରଂଗ ଲଗା ବ୍ଲକକୁ ଓଲଟାଇ ରଖ, ହାତରେ ବ୍ଲକ ଉପରେ ଦବେଇବି । ପରେ ବ୍ଲକ ଉଠାଇ ଦେଖିବଯେ ଛାପା ହୋଇଯାଇଛି । ଏକ ନିରନ୍ତର ଚିତ୍ର ଶୈଳୀ ସୃଷ୍ଟି କରିବା ପାଇଁ ସମାନ ବ୍ଲକ ବାରମ୍ବାର ବ୍ୟବହୃତ ହୁଏ । ପାଖ ଚିତ୍ରରେ ଜଣେ କାରିଗର ହାତ ଓ ବ୍ଲକର ଛାପି ଅଜରାଖ ନାମକ ଏକ ସ୍ୱତନ୍ତ୍ର ବସ୍ତ୍ର ତିଆରି କରୁଛନ୍ତି, ଯାହା ଗୁଜୁରାଟରେ ତିଆରି କରାଯାଏ ।

ତୁମ୍ଭେମାନେ କ'ଣ ଭାବୁଛ ଯେ ତୁମ ମୋହର ବା ବ୍ଲକକୁ ନେଇ ଏହିପରି ଚିତ୍ରଶୈଳୀ ସୃଷ୍ଟି କରିପାରିବ ? ଏହିପରି ଏକ ନିରନ୍ତର ଚିତ୍ର (ପ୍ୟାଟର୍ନ) ପାଇଁ ବ୍ଲକ ତିଆରି କରିପାରିବ । ଏମିତି ଅଳ୍ପ କିଛି ଡିଜାଇନ୍ ତିଆରି କର ଏବଂ ସେଗୁଡ଼ିକୁ କପଡାରେ ଛାପିବାକୁ ଚେଷ୍ଟା କର ।



https://withteachers.in/



# ସଙ୍ଗୀତ

"ଗୀତଂ ବାଦ୍ୟଂ ତଥା ନୃତ୍ୟଂ
ତ୍ରୟଂ ସଙ୍ଗୀତମୁଚ୍ୟତେ ।"

**ଅର୍ଥ :**
ଗୀତ, ବାଦ୍ୟ ଓ ନୃତ୍ୟ, ଏହି ତିନୋଟିର ସମାହାରକୁ ସଙ୍ଗୀତ କୁହାଯାଏ ।

*ସଙ୍ଗୀତ ରତ୍ନାକର*
*ଶ୍ଲୋକ ସଂଖ୍ୟା ୨୧,*
*ସ୍ୱରାଗତାଧ୍ୟାୟ*





https://withteachers.in/

## ଶିକ୍ଷକମାନଙ୍କ ପାଇଁ ଟିପ୍ପଣୀ :

ସଙ୍ଗୀତରେ ସମ୍ବେଦନଶୀଳତା, ସହଯୋଗୀତା ଭାବର ବୃଦ୍ଧି, ଆତ୍ମପ୍ରକାଶ କରିବାର ସୁଯୋଗ ଭଳି ଅନେକ ଅସାଧାରଣ କ୍ଷମତା ରହିଛି । ଏହି ପୁସ୍ତକର ଉଦ୍ଦେଶ୍ୟ ଛାତ୍ରଛାତ୍ରୀମାନଙ୍କୁ ସଂଗୀତ ପ୍ରତି ଉତ୍ସାହ ଓ ସଂଗୀତର ପ୍ରାଥମିକ ଶିକ୍ଷା ଦିଗରେ ପ୍ରବର୍ତ୍ତାଇବା । ବିଶେଷତଃ ପ୍ରାଥମିକ ଅବସ୍ଥାରେ ପିଲାମାନେ ବ୍ୟକ୍ତିଗତ ଭାବରେ କୌଣସି ନିର୍ଦ୍ଦିଷ୍ଟ ଫଳାଫଳ ଉପରେ ଧ୍ୟାନଦେବା ପରିବର୍ତ୍ତେ ଏହି ପୁସ୍ତକରେ ପ୍ରଦତ୍ତ ନିର୍ଦ୍ଦିଷ୍ଟ ଗୀତ ଏବଂ କ୍ରିୟାକଳାପଗୁଡ଼ିକ ଛାତ୍ରଛାତ୍ରୀମାନଙ୍କୁ ଆଗ୍ରହର ସହିତ ଅଂଶ ଗ୍ରହଣ କରିବା ଏବଂ ଉପଭୋଗ କରିବା ପାଇଁ ପ୍ରେରିତ କରିବାରେ ବିଶେଷ ସହାୟକ ହେବ ।

୧. ନିଜ ଗୃହରେ ଗୀତ ଗାଇବା, ବାଦ୍ୟଯନ୍ତ୍ର ବଜାଇବା, ସଙ୍ଗୀତ ଶ୍ରବଣ କରିବା, ସଙ୍ଗୀତ ସୃଷ୍ଟି କରିବା ଆଦି ନିୟମିତ ଅଭ୍ୟାସଗୁଡ଼ିକ କଳାତ୍ମକ ପ୍ରତିଭା ଓ ଦକ୍ଷତାର ବିକାଶରେ ସହାୟକ ହୋଇଥାଏ । ଛାତ୍ରଛାତ୍ରୀମାନଙ୍କୁ ସ୍ୱାଭାବିକ ଭାବରେ ଏହା ଉତ୍ସାହିତ କରିଥାଏ ।

୨. ପିଲାମାନଙ୍କର କଳା ପ୍ରତିଭାର ଅଭିବ୍ୟକ୍ତି ନିମନ୍ତେ ଉତ୍ସାହପୂର୍ଣ୍ଣ ପ୍ରତ୍ୟକ୍ଷ ସାଙ୍ଗୀତିକ କାର୍ଯ୍ୟକ୍ରମର ମଞ୍ଚ ପରିବେଷଣ ଓ ଉପସ୍ଥାପନା ସଂପର୍କରେ ଚିନ୍ତାକରନ୍ତୁ । ଏହି ସଙ୍ଗୀତ କାର୍ଯ୍ୟକ୍ରମ ଆପଣଙ୍କୁ ଏବଂ ଛାତ୍ରଛାତ୍ରୀମାନଙ୍କୁ ପୂର୍ଣ୍ଣ ଆନନ୍ଦ ପ୍ରଦାନ କରିବା ନିମନ୍ତେ ଉଦ୍ଦିଷ୍ଟ ।

ପିଲାମାନଙ୍କ ସମଗ୍ର ଜୀବନରେ ସେମାନଙ୍କ ଭିତରେ , ସଙ୍ଗୀତ ପ୍ରତି ଗଭୀର ଅନୁରାଗ ସୃଷ୍ଟି କରିବା, ଶ୍ରେଣୀ ଗୃହର ଗତାନୁଗତିକ ପାଠ୍ୟକ୍ରମ ପରେ କିପରି ପିଲାମାନେ ସଙ୍ଗୀତାନୁରାଗୀ ହେବେ, ସେଥିପ୍ରତି ଆମେ ଯତ୍ନବାନ ହେବା ଆବଶ୍ୟକ ।

## ଶ୍ରେଣୀ ଗୃହ ପାଇଁ ସାଧନ ସାମଗ୍ରୀ :

୧. ସଙ୍ଗୀତ ଶିକ୍ଷା କିପରି ସହଜ, ସୁଲଭ ଏବଂ ପିଲାମାନଙ୍କୁ ଆନନ୍ଦ ପ୍ରଦାନ କରିବ, ସେହିପରି ଏକ ସ୍ଥାନରେ ଶ୍ରେଣୀଗୃହ ହେବା ଆବଶ୍ୟକ । ଶିକ୍ଷକ ଓ ସଙ୍ଗୀତ ବିଦ୍ୟାର୍ଥୀମାନେ ସେହି ସ୍ଥାନରେ ଏକାଠି ବସି ଅଭ୍ୟାସ କରିବା ପାଇଁ ସୁବିଧାଥିବା ଆବଶ୍ୟକ । ଏଥିପାଇଁ ଚଟାଣରେ ବସି ବା ତଳେ ବସି ସଙ୍ଗୀତ ସାଧନା କରିବା ସବୁଠାରୁ ଉତ୍ତମ ବ୍ୟବସ୍ଥା ଅଟେ । ଯେପରି ଯୋଗ ଶିକ୍ଷା ସମୟରେ ସିଧା ବସି ବିଭିନ୍ନ ଆସନ ଆଦିର ଅଭ୍ୟାସ କରାଯାଇଥାଏ । ସେହିପରି ନିଃଶ୍ୱାସ ପ୍ରଶ୍ୱାସର ସହଜ ଅଭ୍ୟାସ ସହ ସିଧାବସି ଗୀତ ଗାଇବାର ଶିକ୍ଷାଲାଭ କରିଥାନ୍ତି । ଶିକ୍ଷକମାନେ ଗୀତର କଥାବସ୍ତୁକୁ ପରିବେଷଣ କରିବା ପାଇଁ ଆବଶ୍ୟକ ସ୍ଥଳେ ଏହି ବସିବାର ଢଙ୍ଗରେ ପରିବର୍ତ୍ତନ କରି ଅଙ୍ଗପ୍ରତ୍ୟଙ୍ଗ ଚାଳନା ସହିତ ବିଭିନ୍ନ ଭାବଭଂଗୀର ପ୍ରଦର୍ଶନ କରିପାରିବେ । ଏହାଦ୍ୱାରା ସଙ୍ଗୀତ ଶିକ୍ଷା ପ୍ରଦାନ କରାଯାଉଥିବା ଶ୍ରେଣୀଗୃହ ଅଧିକ ରୁଚିକର ଏବଂ ସୃଜନଶୀଳ ହେବା ତତ୍‌ସହିତ ପିଲାମାନଙ୍କର ସଙ୍ଗୀତ କଳାକୌଶଳ ଓ ପରିବେଷଣ ଦକ୍ଷତାରେ ବିକାଶ ସାଧିତ ହେବ ।

୨. ସଙ୍ଗୀତ ଶିକ୍ଷା ଗୃହରେ ଡାକବାଜି ଯନ୍ତ୍ର (Microphone), କମ୍ପ୍ୟୁଟର, ଇଣ୍ଟରନେଟ୍ ସଂଯୋଗ, ଦୃଶ୍ୟଶ୍ରାବ୍ୟର ରେକର୍ଡିଂ ସାମଗ୍ରୀ, ଇଲେକ୍‌ଟ୍ରୋନିକ୍‌ସ ବାଦ୍ୟଯନ୍ତ୍ର ଇତ୍ୟାଦିର ବ୍ୟବସ୍ଥା କରିବା, ତାନପୁରା, ତବଲା ଆଦି ଆପ୍‌ର ଡାଉନଲୋଡ ବ୍ୟବସ୍ଥା ରହିବା ନିତାନ୍ତ ଆବଶ୍ୟକ ।

୩) ସହଜ ସୁଲଭରେ ମିଳୁଥିବା ସାମଗ୍ରୀ ମାଧ୍ୟମରେ ସରଳ ବାଦ୍ୟଯନ୍ତ୍ର ନିର୍ମାଣ କରିବା ନିମନ୍ତେ ଆବଶ୍ୟକୀୟ ଉପାଦାନର ବ୍ୟବସ୍ଥା କରିବା ଜରୁରୀ ।



https://withteachers.in/

୩) ବିଦ୍ୟାଳୟକୁ ସଙ୍ଗୀତଜ୍ଞମାନଙ୍କୁ ନିମନ୍ତ୍ରଣ କରନ୍ତୁ । କଳାକାରମାନଙ୍କ ସହ ମିଶିବା ସହିତ ମନରେ ଆସୁଥିବା କିଛି ପ୍ରଶ୍ନ ପଚାରିବା ଓ କଥୋପକଥନ ଦ୍ୱାରା ଭାବ ବିନିମୟ ନିମନ୍ତେ ପିଲାମାନଙ୍କୁ ଉତ୍ସାହିତ କରନ୍ତୁ ।

୪) ଗୃହରେ ଧାର୍ମିକ ଉତ୍ସବ, ପର୍ବପର୍ବାଣୀ ଆଦି ସାଂସ୍କୃତିକ ଉତ୍ସବ ପାଳନ ସମୟରେ ସଙ୍ଗୀତ ଶିକ୍ଷାର୍ଥୀ, ବିଭିନ୍ନ ପ୍ରକାର ଗୀତ ଶୁଣିବା ନିମନ୍ତେ ଆଗ୍ରହ ପ୍ରକାଶ କରିଥାନ୍ତି । ସେମାନେ ଯଦି ଘରେ ଏହିସବୁ କାର୍ଯ୍ୟକ୍ରମରୁ କୌଣସି ଗୀତ ଶୁଣି ଶିଖିଥାନ୍ତି, ତାହାହେଲେ ସେସବୁ ଗୀତକୁ ଶ୍ରେଣୀ ଗୃହରେ ସେମାନଙ୍କୁ ଗାଇବା ନିମନ୍ତେ କହି ପ୍ରୋତ୍ସାହିତ କରନ୍ତୁ ।

୫) ଦୈନନ୍ଦିନ ଜୀବନରେ ସଙ୍ଗୀତର ବିଭିନ୍ନ ଧାରାର ପ୍ରୟୋଗ କରିବା ପାଇଁ ବହୁ ସୁବିଧା ସୁଯୋଗ ରହିଅଛି । ଛାତ୍ରଛାତ୍ରୀମାନଙ୍କୁ ଆକର୍ଷିତ କରିବା ପାଇଁ ଏକ ସୁନ୍ଦର ମଧୁର ଗୀତ ବା ବାଦ୍ୟଯନ୍ତ୍ରର ଧ୍ୱନି ବଜାଇ ଏ ପ୍ରକାର ଆଗ୍ରହ ସୃଷ୍ଟି କରାଯାଇପାରେ । ଶ୍ରେଣୀଗୃହ ପରିଚାଳନାରେ ବ୍ୟବହୃତ ଘଣ୍ଟାଧ୍ୱନି ପରିବର୍ତ୍ତେ ଏହିପରି ଧ୍ୱନିର ବ୍ୟବହାର କ୍ଷେତ୍ରରେ ଏକ ଅନୁଭବ ନିଆଯାଇପାରେ ।

୬) ଏହି ବିଭାଗରେ ବିଭିନ୍ନ ପ୍ରକାର ଅଭ୍ୟାସ ସହିତ କ୍ରିୟାକଳାପରେ ପ୍ରଦତ୍ତ ଆବଶ୍ୟକତା ଅନୁସାରେ ବିଭିନ୍ନ ପ୍ରକାର ଶୈଳୀର ପ୍ରୟୋଗକୁ ମଧ୍ୟ ଏଥିରେ ସଂଯୋଗ କରାଯାଇପାରେ ।

୭) ଏହି ପୁସ୍ତକରେ ଅନେକ ଗୀତ ଓ କ୍ରିୟାକଳାପ ଦୃଶ୍ୟଶ୍ରାବ୍ୟ ଯନ୍ତ୍ର ମାଧ୍ୟମରେ ପ୍ରଦାନ କରାଯାଇଅଛି । ଏହିଗୁଡ଼ିକୁ ଆପଣଙ୍କ ଉପାଦାନ ଓ ସାଧନ ସାମଗ୍ରୀ ରୂପେ ଆହରଣ କରିବା ନିମିନ୍ତେ ଇଣ୍ଟରନେଟ୍‌ର ସଂପୂର୍ଣ୍ଣ ବ୍ୟବହାର କରିପାରିବେ ।

୪) ବିଦ୍ୟାଳୟ କାର୍ଯ୍ୟକ୍ରମରେ ପରିବେଷଣ ନିମନ୍ତେ ଶବ୍ଦବାହକ ଯନ୍ତ୍ର ଆଦିର ବ୍ୟବସ୍ଥା କରିବା ।

୫) ହାରମୋନିୟମ୍, ଢୋଲକ, ତାବଲା, ତାନପୁରା, କି-ବୋର୍ଡ, ଗିନି, ମାଉଥ୍‌ଅର୍ଗାନ୍, ତାମୋରିନ୍, କମ୍ପନ ସୃଷ୍ଟିକାରୀ ବାଦ୍ୟଯନ୍ତ୍ର, ବେହେଲା, ପଖାଓ୍ୱଜ ଓ ମର୍ଦ୍ଦଳ ଆଦିର ବ୍ୟବସ୍ଥା କରିବେ ।

୬) ଭାରତର ବିଭିନ୍ନ ରାଜ୍ୟରେ ଭିନ୍ନଭିନ୍ନ ଭାଷା ଓ ସଂସ୍କୃତିରେ ପ୍ରଚଳିତ ଥିବା ସଙ୍ଗୀତଧାରା, ସେଗୁଡ଼ିକର ଉତ୍ପତ୍ତିସ୍ଥଳ, ବିଭିନ୍ନ ପ୍ରକାର ଗୀତ, ବାଦ୍ୟ ଆଦିର ଗାୟନ ବାଦନ ଶୈଳୀ ଓ ତାହାର ସଂକ୍ଷିପ୍ତ ପରିଚୟ ନିମିନ୍ତେ ଏକ ଭାରତ ମାନଚିତ୍ରରେ ତାହା ପ୍ରସ୍ତୁତ କରିବା ।



https://withteachers.in/



**ଶିକ୍ଷକଙ୍କ ପାଇଁ ସୂଚନା**

ଏଠାରେ ଅନ୍ୟ ଭାଷାରେ ଲିଖିତ ଗୀତିକବିତା ଯାହା ମାଲାୟାଲାମ ଭାଷାରେ ରଚନା କରାଯାଇଛି ଓ ତାହାର ଉଦାହରଣ ଦିଆଯାଇଛି । ପିଲାମାନେ ଏହି ଭାଷାକୁ ବୁଝି ନପାରିଲେ ମଧ୍ୟ କିପରି ଏହାର ମଧୁର ସ୍ୱର ଏବଂ ତାଳ ସେମାନଙ୍କ ମନରେ ଭାବ ସୃଷ୍ଟି କରିପାରିବ, ସେଥି ନିମନ୍ତେ ଏହି ଗୀତଟିକୁ ଗାନ କରି ତାହାର ଏକ ଉଦାହରଣ ପ୍ରସ୍ତୁତ କରିବେ । ଏହାର ଭାବାର୍ଥ ଅନ୍‌ଲାଇନ୍‌ରେ ଉପଲବ୍ଧ ଅଛି । ନିଜେ ଅଧ୍ୟୟନ କରି ବିଦ୍ୟାର୍ଥୀମାନଙ୍କୁ ଜଣାଇବେ ।

# ଅଧ୍ୟାୟ-୬ : ସଙ୍ଗୀତ ଓ ଭାବ

**ଉଦ୍ଦେଶ୍ୟ :** ଗୀତର ବିଭିନ୍ନ ଅଂଶକୁ ଶୁଣିବା ଓ ବୁଝିବା । ଏଥିରେ ବ୍ୟବହାର କରାଯାଇଥିବା ସଙ୍ଗୀତର ବିଭିନ୍ନ ଉପାଦାନଗୁଡ଼ିକ ଆମ ମନରେ କି ପ୍ରଭାବ ପକାଉଛି, ସଙ୍ଗୀତ ମାଧ୍ୟମରେ ନିଜର ଭାବକୁ କିପରି ପ୍ରକାଶ କରି ଶିଖିବା, ଆସ ତାହା ଜାଣିବାକୁ ଚେଷ୍ଟା କରିବା ।

## କ୍ରିୟାକଳାପ ୧ : ଏହି ଗୀତଟିକୁ ଶୁଣ

**ଭାଷା –** ମାଲାୟାଲାମ

କୁଟ୍ଟାନନ୍ଦନ ପୁଞ୍ଜାଇଲେ
କୋଚୁ ପେନେ କୁଇଲାଲେ
କୋଟ୍ଟୁ ଭେନମ୍ କୁଝାଲ ଭେନମ୍
କୁରଭା ଭେନମ୍




କୁଟ୍ଟାନନ୍ଦନ ପୁଞ୍ଜାଇଲେ ଥିଥାଇଥାକ ଥେଇଥେଇଥୋମ୍
କୋଚୁ ପେନ୍ନେ କୁଇଲାଲେ, ଥିତିଥାରା ଥେଇଥୋମ୍
କୋଟ୍ଟୁ ଭେନମ୍ କୁଝାଲ ଭେନମ୍, କୁରଭା ଭେନମ୍
(ଓ...ଥିଥିଥାରା ଥିଥିଥେଇ ଥିଥାଇତାକ ଥେଇ ଥୋମ୍ ×୪)

ଭରାଭେଲ କନ୍ନାରୁ ଭେନମ୍ କୋଡ଼ି
ଥୋରାଙ୍ଗଲ ଭେନମ୍
ଭିଜୟଶ୍ରୀ ଲାଳି ଥରାଇ ଭରୁନ୍ନୁ ନଜାଙ୍ଗଲ
(ଓ...ଥିଥିଥାରା ଥିଥିଥେଇ ଥିଥାଇଥାକ ଥେଇଥେଇ ଥୋମ୍ ×୪)

କରୁଥା ଚିରାକୁ ଭାଚୁ ଥିଥାଇ ଥାକ ଥେଇଥେଇ ଥୋମ୍
ଅରାୟାନ୍ନା କିଳିପୋଲେ ଥିଥିଥାରା ଥେଇଥୋମ୍
କରୁଥା ଚିରାକୁ ଭେଚୋର ଅରାୟାନ୍ନା କିଳିପୋଲେ
କୁଥିଚ୍ଛୁ କୁଥିଚ୍ଛୁ ପାୟାମ କୁଥିରୋ ପୋଲେ
(ଓ...ଥିଥିଥୋରା ଥିଥିଥାଇ ଥିଥେଇଥାକ
ଥେଇଥେଇ ଥୋମ୍ ×୪)


https://withteachers.in/

## ଭାରତ-ଗୀତିକା



ଏଠାରେ ସଂସ୍କୃତ ଭାଷାରେ ଲିଖିତ ଏକ ଗୀତ ପ୍ରଦାନ କରାଯାଇଛି । ଏହାର ଅଡିଓ ଭିଡିଓଟିକୁ ଦେଖ ଓ ଶୁଣ । ଏହି ଗୀତଟିକୁ ଶୁଣିବା ଓ ବୁଝିବା ପରେ ତୁମମାନଙ୍କ ମନରେ କେଉଁ ପ୍ରକାରର ଭାବନା ସୃଷ୍ଟି ହେଉଛି ବା ତୁମେମାନେ କ'ଣ ଅନୁଭବ କରୁଛ ? ତାହା ତୁମ ଶିକ୍ଷକ, ବାପା-ମାଆ ଓ ସହପାଠୀମାନଙ୍କୁ ଜଣାଅ ।

**ଗୀତ -** ସର୍ବେଷାଂ ନୋ ଜନନୀ ଭାରତ

**ଭାଷା -** ସଂସ୍କୃତ

**ରଚୟିତା -** କବିବର ରାଧାନାଥ ରାୟ

ସର୍ବେଷାଂ ନୋ ଜନନୀ ଭାରତ-ଧରଣୀ-କଳ୍ପଲତେୟମ୍
ଜନନୀ ବତ୍ସଳ ତନୟ ଗଣୈସ୍ତତ୍ ସମ୍ୟକ-ଶର୍ମ ବିଧେୟମ୍
ହିମଗିରି-ସୀମନ୍ତିତ-ମସ୍ତକମିଦମମ୍ବୁଧି-ପରିଗତ ପାର୍ଶ୍ୱମ୍
ଅସ୍ମଦ ଜନ୍ମଦ ମନ୍ମଦ ମନିଶଂ ଶ୍ରୌତ ପୁରାତନ ମାର୍ଷମ୍
ବିଜନିତ ହର୍ଷଂ ଭାରତବର୍ଷଂ ବିଶ୍ୱୋତ୍କର୍ଷନିଦାନମ୍
ଭାରତ ଶର୍ମଣି କୃତମସ୍ମାଭିର୍ନବମିଦମୈକ୍ୟ ବିଧାନମ ।
ଭାରତ ପଙ୍କଜ ଦଳମିଦମୁତ୍କଳ ମଣ୍ଡଳମିତି ବିଦିତଂ ଯତ୍,
ତସ୍ୟ କୃତେ ବୟମତ୍ର ସମେତା ବିହିତାତ୍ରୋତ୍କଳ ସଂସତ୍ ।
ଭାରତମେକା ଗତିରସ୍ମାକଂ ନାପରାସ୍ତି ଭୁବି ନାମ,
ସର୍ବାଦୌ ପରିଷତ୍ କର୍ମଣି ତତ୍ ଭାରତ ମେବ ନମାମଃ ।



### ତୁମେ ଜାଣିଛ କି ?

ଉତ୍କଳ ସମ୍ମିଳନୀରେ ଏହି ଗୀତଟିକୁ ଗାନ କରାଯିବା ପାଇଁ ଏହି ଗୀତିକାଟି ରଚିତ ହୋଇଥିଲା । ପରେ ପରେ ଏହା ବିଭିନ୍ନ କାର୍ଯ୍ୟକ୍ରମରେ ଗାନ କରାଯାଉଅଛି ।

### ଶିକ୍ଷକଙ୍କ ପାଇଁ ସୂଚନା

ଏହି ଗୀତିଟି ଓଡ଼ିଶାର ବରେଣ୍ୟ କବି କବିବର ରାଧାନାଥ ରାୟଙ୍କ ରଚନା ଅଟେ । କବିଙ୍କ ସମ୍ବନ୍ଧରେ ସମ୍ୟକ୍ ସୂଚନା ପ୍ରଦାନ କରି ଏହି ସଂସ୍କୃତ ଭାଷାରେ ରଚିତ ଗୀତଟିର ଭାବାର୍ଥ ଛାତ୍ର ଛାତ୍ରୀମାନଙ୍କୁ ଶୁଣାନ୍ତୁ । ଫଳତଃ ଏହି ଗୀତିଟିର ଶିକ୍ଷା ଗ୍ରହଣ କରିବା ସମୟରେ ସେମାନେ ଅଧିକ ଆଗ୍ରହ ଓ ଉତ୍ସାହ ପ୍ରଦର୍ଶନ କରିବେ ।



https://withteachers.in/

- ଉପରୋକ୍ତ ଗୀତଗୁଡ଼ିକୁ ଶୁଣି ତୁମ ମନରେ କି ପ୍ରକାର ଭାବ ଜାଗ୍ରତ ହେଉଛି ?
- ତୁମ ଅତୀତର ସ୍ମୃତିକୁ ମନେ ପକାଇବା ପାଇଁ ତୁମେ ଏପରି କୌଣସି ଗୀତ ଜାଣିଛ କି ? ଗୀତଟିକୁ ମନେପକାଇ ଗାଅ ।
- ଯଦି ଗୀତର ସାହିତ୍ୟ କଥାବସ୍ତୁ ମନେପଡୁ ନାହିଁ ତେବେ ତାକୁ ହମିଂରେ ବା ଗୁଣୁଗୁଣୁ ହୋଇ ମନେପକାଇ ପାରିବ କି ?



## କ୍ରିୟାକଳାପ ୨ : ସଙ୍ଗୀତ ଏବଂ ଆମର ସ୍ମୃତି

ଆମର ଚିନ୍ତା ଓ ଭାବନାକୁ ପ୍ରଭାବିତ କରିବା ପାଇଁ ସଙ୍ଗୀତର ଏକ ବିଶେଷ ଶକ୍ତି ରହିଅଛି । ସଙ୍ଗୀତ ଶୁଣିବା ଏବଂ ଏହାକୁ ମନେରଖି ତାହାକୁ ସ୍ମରଣ କରି ଗାଇବା ଦ୍ୱାରା ଆମକୁ ଆନନ୍ଦ ମିଳିଥାଏ ।

*ଗୋଟିଏ ଗୀତ ଆମ ଅତୀତର ଏକ ଘଟଣାବଳୀ ସହ ଜଡ଼ିତ ଥିବା ସ୍ମୃତିକୁ ମନେପକାଇବାରେ ସାହାର୍ଯ୍ୟ କରିଥାଏ । ଏହା ସହିତ ଜଡ଼ିତ ବ୍ୟକ୍ତି ବିଶେଷଙ୍କୁ ମଧ୍ୟ ମନେ ପକାଇଥାଏ । ଏଥିରୁ ଜଣାଯାଏ ଯେ ସଙ୍ଗୀତ ସ୍ମୃତିଶକ୍ତିକୁ ଜାଗ୍ରତ କରିବାରେ ମଧ୍ୟ ବିଶେଷ ସହାୟକ ହୋଇଥାଏ ।*

## ଟ୍ରାକ୍‌ରେ (କାରାଓକେ) ଗୀତ ଗାଅ

ବିଭିନ୍ନ ପ୍ରକାର ବିଜ୍ଞାପନରେ ପ୍ରଚାରିତ ଏବଂ ବାଦନ କରାଯାଉଥିବା ଭିନ୍ନଭିନ୍ନ ଗୀତଗୁଡ଼ିକୁ ତୁମ କମ୍ପ୍ୟୁଟର ମାଧ୍ୟମରେ ଶୁଣ ଏବଂ ଏହି ପୁସ୍ତକରେ ସେହିଗୁଡ଼ିକର ଏକ ତାଲିକା ପ୍ରସ୍ତୁତ କର ।

*ତୁମ ପିତା ମାତା ବା ଜେଜେବାପା ଜେଜେମାଆଙ୍କର ପିଲାଦିନର ପ୍ରିୟଗୀତ ସଂପର୍କରେ ପଚାରି ବୁଝ । ଏହିସବୁ ଗୀତ ସହ ସେମାନଙ୍କ ଜୀବନର କେଉଁ ଘଟଣାବଳୀ ସେମାନଙ୍କ ସ୍ମୃତି ସହ ଜଡ଼ିତ ତାହା ପଚାର ।*

**ନିମ୍ନ କୋଠରୀରେ ଏକ ବାଦ୍ୟଯନ୍ତ୍ର ଆଧାରିତ ସଙ୍ଗୀତର ଧ୍ୱନି ବା ଗୀତକୁ ମନେପକାଇ ଲେଖ :-**

ଗୋଟିଏ ପର୍ବପର୍ବାଣୀର ଗୀତ...

______________________

______________________

______________________

______________________

______________________

______________________

______________________

______________________

______________________

______________________

______________________

______________________



https://withteachers.in/

## କ୍ରିୟାକଳାପ ୩ : ଶୁଣ ଏବଂ ଅନୁଭବ କର



ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଆମ ପରିବେଶରେ ଆମେ ସଙ୍ଗୀତର ବିଭିନ୍ନ ଧ୍ୱନି ଶୁଣିବାକୁ ପାଇଥାଉ । ତୁମେ ଯେତେବେଳେ ବିଭିନ୍ନ ପ୍ରକାର ସଙ୍ଗୀତର ଧ୍ୱନି ଶୁଣୁଛ, ତେବେ ତାହାର ଅନୁଭବ ସଂପର୍କରେ ଚିନ୍ତାକର । ସାହାନାଇ, ଢୋଲ, ମଞ୍ଜିରା, ଡମ୍ବରୁ, ଇଡାଇକ୍କା, ବଂଶୀ, ହାରମୋନିୟମ୍, ମର୍ଦ୍ଦଳ ଆଦି ବାଦ୍ୟଯନ୍ତ୍ରର ଧ୍ୱନି ବା କୌଣସି ସୁମଧୁର ଗୀତ ଆଦିର ସ୍ୱରକୁ ମନେପକାଅ । ଏବେ ନିଜକୁ ପ୍ରଶ୍ନ ପଚାର – ଏହିସବୁ ମଧୁର ଧ୍ୱନି ତୁମ ମନରେ କେଉଁ ଭାବ ସୃଷ୍ଟି କରୁଛି ?

ସେହିଗୁଡ଼ିକ ତୁମ ମନରେ ଖୁସି ଭରିଦେଉଛି କି ? ତୁମକୁ ନାଚିବା ନିମନ୍ତେ ପ୍ରେରଣା ଯୋଗାଉଛି କି ? ତୁମ ଅନ୍ତରରେ ଶାନ୍ତି ଭରିବା ସହିତ ତୁମ ମନରେ ନୀରବତା ଆଣି ଦେଉଅଛି କି ? ଅଥବା ତୁମକୁ ଏହିସବୁ ପ୍ରଭାବରେ ପ୍ରଭାବିତ ହେବା ନିମନ୍ତେ ବାଧ କରୁଛି କି ?



ଆମ ଜୀବନରେ ଆମେ ଏହିପରି ଯେତେବେଳେ ମଧୁର ଧ୍ୱନି ସଂପନ୍ନ ଗୀତ ଓ ବାଦ୍ୟର ଧ୍ୱନି ଶୁଣି ଥା'ନ୍ତି, ତାହା ଆମ ହୃଦୟରେ ଶିହରଣ ସୃଷ୍ଟି କରି ବିଭିନ୍ନ ଅନୁଭୂତି ଆଣି ଦେଇଥାଏ । ଏକ ବେହେଲା ବାଦନ କରି ସଙ୍ଗୀତର ବିଭିନ୍ନ ଧ୍ୱନିଗୁଡ଼ିକୁ ତୁମକୁ ଶୁଣାଇ ଦିଆଯାଇଛି । ସେହିପରି ତୁମେ ଚିନ୍ତାକର କିପରି ତୁମ କଣ୍ଠ ସ୍ୱର ମାଧ୍ୟମରେ ବିଭିନ୍ନ ଭାବ ଓ ଏହି ବିଷୟରେ ଅଧିକ ଜ୍ଞାନ, ଯଥା – ଆନନ୍ଦ, ଦୁଃଖ, ଉଚ୍ଚ ଶବ୍ଦକାରୀ କୋଳାହଳ, ନମ୍ର କୋମଳ – କମନୀୟତା ଆଦି ଭାବକୁ ତୁମେ ପ୍ରକାଶ କରିପାରିବ । ଗୋଟିଏ ବାଦ୍ୟଯନ୍ତ୍ରର ବାଦନରୁ ବାହାରୁଥିବା ଧ୍ୱନି ଏହାର ବିଭିନ୍ନ ପ୍ରୟୋଗ ମାଧ୍ୟମରେ ଭିନ୍ନଭିନ୍ନ ଭାବ ସୃଷ୍ଟି କରିବାର କ୍ଷମତା ରଖିଥାଏ ।

ଏବେ ତୁମେ ଗୋଟିଏ ବେହେଲା ବାଦନ ଶୁଣିଲ । ସେହିପରି ଆମ ଦେଶରେ ପ୍ରଚଳିତ ଅନ୍ୟାନ୍ୟ ଲୋକପ୍ରିୟ ବାଦ୍ୟଯନ୍ତ୍ରର ଧ୍ୱନିକୁ ମଧ୍ୟ ଶୁଣିବାକୁ ଚେଷ୍ଟାକର । ଯେପରିକି ବଂଶୀ, ସୀତାର, ସାହାନାଇ, ସାରଙ୍ଗୀ, ବୀଣା, ମର୍ଦ୍ଦଳ, ତବଲା, ମୃଦଙ୍ଗମ୍ ଇତ୍ୟାଦି । ଏହିସବୁ ବାଦ୍ୟ ଯନ୍ତ୍ରରୁ କିପରି ଭିନ୍ନଭିନ୍ନ ଧ୍ୱନିଗୁଡ଼ିକ ବାହାରୁଛି ତାହା ଶୁଣ ଓ ବୁଝିବାକୁ ଚେଷ୍ଟାକର । କିପରି ତାହା ଆମ ମନୋଭାବ, ଭାବାବେଗ, ଭାବ ବା ଉଚ୍ଛ୍ୱାସକୁ ପ୍ରଭାବିତ କରୁଅଛି । ଭାବପ୍ରବଣତା ପ୍ରତ୍ୟେକ ମନୁଷ୍ୟର ଅନ୍ତର୍ନିହିତ ସ୍ୱାଭାବିକ ପ୍ରବୃତ୍ତି ଅଟେ । ଏହା ସମସ୍ତଙ୍କ ଭିତରେ ପ୍ରକାଶିତ ହୋଇଥାଏ । ଆସ କିଛି ବାଦ୍ୟଯନ୍ତ୍ରର ଧ୍ୱନି ଶୁଣି ସେ ସମ୍ବନ୍ଧରେ ଜ୍ଞାନ ଅର୍ଜନ କରିବା । ଧ୍ୱନି ଗୁଡ଼ିକର ସ୍ୱର ତୁମେ ଶୁଣ, ଏହାକୁ ଶୁଣି ତୁମର କି ପ୍ରକାର ଭାବ ସୃଷ୍ଟି ହେଉଛି । ତାହା ଲେଖ ।

୧. ........................................................

୨. ........................................................


୩. ........................................................



https://withteachers.in/

## କ୍ରିୟାକଳାପ ୪ : ସଙ୍ଗୀତ ଚିତ୍ରଣ

ଏ ପର୍ଯ୍ୟନ୍ତ ଯାହା ଆଲୋଚନା କଲେ ସେଥିରୁ ଜଣା ପଡ଼ିଲା ଯେ ପ୍ରତ୍ୟେକ ଗୀତର ଧ୍ୱନି ବା ବାଦ୍ୟଯନ୍ତ୍ରର ସାଙ୍ଗୀତିକ ସଂରଚନା ଗୁଡ଼ିକରେ ଏକ ଗୋଟିଏ କାହାଣୀର କଥାବସ୍ତୁ ରହିଛି । ଏବେ ତୁମେ ଏକ ସଙ୍ଗୀତକୁ ଶୁଣ ଏବଂ ଚିତ୍ରକଳା ମାଧ୍ୟମରେ ତାହାର ରୂପ ପ୍ରଦାନ କର । ରଙ୍ଗ ପେନ୍ସିଲ୍, କଲମ ଅଥବା ରଙ୍ଗର ବ୍ୟବହାର କରି ଚିତ୍ର ଅଙ୍କନ କର । ଦୃଶ୍ୟକଳା ଶିଖାଉଥିବା ଶିକ୍ଷକଙ୍କଠାରୁ ଏ ବିଷୟରେ ପଚାରି ବୁଝ, ଯେତେବେଳେ ତୁମେ ଏହି କ୍ରିୟାଟିକୁ ସଫଳତାର ସହିତ ଶେଷ କରିବ, ଏହା ତୁମକୁ ଅତ୍ୟନ୍ତ ଆନନ୍ଦ ପ୍ରଦାନ କରିବ । ଏହି ଚିତ୍ରର ନାମକରଣ କର ।





https://withteachers.in/



ତାଳି | ଗୋଡ଼ଦ୍ୱାରା ଭୂମିକୁ ଆଘାତ | ପାଦରେ ଧିରେ ଆଘାତ | ଚୁଟ୍‌କି ମାରିବା | ଗୁଣୁଗୁଣୁ | ସୁଷୁରୀ (ସିଟି ବଜାଇବା)

## ଶିକ୍ଷକଙ୍କୁ ସୂଚନା

ଶ୍ରେଣୀରେ ଥିବା ଛାତ୍ରଛାତ୍ରୀମାନଙ୍କୁ ଦୁଇଟି ଦଳରେ ବିଭକ୍ତ କରି ବସାନ୍ତୁ ଓ ସେମାନଙ୍କୁ ସଙ୍ଗୀତ ବିଷୟ ଅନ୍ତର୍ଭୁକ୍ତ କୌଣସି ଏକ କଥାବସ୍ତୁ ଦିଅନ୍ତୁ । ପ୍ରତ୍ୟେକ ଦଳକୁ ସ୍ୱର, ତାଳ, ଲୟ ଆଦିର ବ୍ୟବହାର ପୂର୍ବକ ସଙ୍ଗୀତ ପରିବେଷଣ ନିମିନ୍ତେ ଅନୁମତି ଦିଅନ୍ତୁ । ପରବର୍ତ୍ତୀ ଷଷ୍ଠ ଅଧ୍ୟାୟରେ ବର୍ଣ୍ଣିତ ସ୍ୱରଜ୍ଞାନ ଆଧାରରେ ସେମାନେ ଏହି ଅଧ୍ୟାୟରେ ବର୍ଣ୍ଣିତ କଥାବସ୍ତୁକୁ ବ୍ୟବହାର କରିପାରିବେ ଅଥବା ନିଜସ୍ୱ ଭାବନାର ଦୃଶ୍ୟରେ କୌଣସି ସଙ୍ଗୀତ ରଚନା କରି ଏହାକୁ ବ୍ୟକ୍ତ କରିପାରିବେ ।

## କ୍ରିୟାକଳାପ ୫ : ସଙ୍ଗୀତ ମାଧ୍ୟମରେ ତୁମର ଭାବ ପ୍ରକାଶ ଶୈଳୀ

ଶରୀରର ଅଙ୍ଗପ୍ରତ୍ୟଙ୍ଗ ବ୍ୟବହାର କରି ବିନା ଶବ୍ଦର ପ୍ରୟୋଗରେ ତୁମେ ତୁମର ଭାବକୁ ସଙ୍ଗୀତ ମାଧ୍ୟମରେ ପ୍ରକାଶ କରି ପାରିବ କି ?

ଯେତେବେଳେ ତୁମେ ରାଗିଯାଅ ସେତେବେଳେ କ'ଣ କର ? ଯେତେବେଳେ ତୁମେ ଖୁସି ହୋଇ ଅନାନ୍ଦରେ ବିଭୋର ହୋଇଯାଅ, ସେତେବେଳେ କ'ଣ କର ? ସେହିପରି ଯେତେବେଳେ ତୁମେ ଦୁଃଖ ଅନୁଭବ କର, ସେତେବେଳେ କ'ଣ କର ?

ଏହିସବୁ ଭାବକୁ ବ୍ୟକ୍ତ କରିବା ନିମନ୍ତେ ତୁମେ ତୁମର କଣ୍ଠସ୍ୱର କିମ୍ବା ଶରୀରକୁ ତାଳ ବାଦ୍ୟ ରୂପେ ବ୍ୟବହାର କର ।

(ତାଳି, ଚୁଟୁକୀ, ପଦଚାଳନା, ନିଃଶ୍ୱାସ, ପ୍ରଶ୍ୱାସ ଦ୍ୱାରା ତୁମେ ବିଭିନ୍ନ ଭାବ ପ୍ରକାଶ କରିପାରିବ)

**ପ୍ରଥମ ଦୃଶ୍ୟ**

ମୁଁ ରହୁଥିବା ଘରର ବାହାରେ ଚଢ଼େଇମାନଙ୍କର କିଚିରିମିଚିରି ଶବ୍ଦ ଭାସି ଆସୁଥାଏ । ସେତେବେଳେ ଆମ ବିଦ୍ୟାଳୟ ତରଫରୁ ଆମେ ସବୁ 'ଚିଡ଼ିଆଖାନା' ଦେଖି ବୁଲିବାର ଖବର ପାଇ ମୁଁ ଠିଆ ହୋଇପଡ଼ିଲି ଏବଂ ଖୁସିରେ ଆତ୍ମବିଭୋର ହୋଇଗଲି ସଂଗେସଂଗେ ମୁଁ ଘରର ପୋଷାକପତ୍ର ଥିବା ଆଲମାରୀଟିକୁ ଖୋଲି ମୋ ପସନ୍ଦ ମୁତାବକ ସବୁଠାରୁ ଭଲ ପୋଷାକ ଖୋଜିଲି ତାହା ମୋ ଦେହରେ କିପରି ମାନୁଛି ଜାଣି ଦେଖି ହଁ, ଏଇଟି ମୋ ପାଇଁ ଏକବାର ଠିକ୍ । ମୁଁ ଖୁସିରେ ଏହା ପ୍ରକାଶ କଲି ଏବଂ ବାହାରକୁ ବୁଲିଯିବା ନିମନ୍ତେ ପ୍ରସ୍ତୁତ ହୋଇଗଲି ।

**ଦ୍ୱିତୀୟ ଦୃଶ୍ୟ**

ବହୁତ ଦୂର ଯିବା ପରେ ପରେ ଆମେ ଆମ ଠିକଣା ସ୍ଥାନରେ ପହଂଚିଲୁ । ଆମେ ଯାଉଥିବା ବସ୍‌ଟିକୁ ଗୋଟିଏ ସ୍ଥାନରେ ରଖାଗଲା । ସେହି ସମୟରେ ଶୀତଳ ପବନ କିଛି ସମୟ ପାଇଁ ଗଛଲତାମାନଙ୍କର ପତ୍ରକୁ ହଲାଇ, ସେମାନଙ୍କୁ ନଚାଇ ନଚାଇ ଏକ ଫୁସ୍‌ଫୁସିଆ କଥାର ଶବ୍ଦ ପ୍ରକାଶ କରିବା ପରି ଲାଗିଲା । ଗଛମାନେ ଖୁବ୍ ଲାଜକୁଳା ଓ ସୁନ୍ଦର ଭାବରେ ନଇଁ ପଡୁଥିଲେ ।

**ତୃତୀୟ ଦୃଶ୍ୟ**


ଯେତେବେଳେ ଆମେ ଜଙ୍ଗଲ ଭିତରର ଆହୁରି ଗହନ ସ୍ଥାନକୁ ଗଲୁ, ସେଠାରେ ଆମେ ଅସଂଖ୍ୟ ଜୀବଜନ୍ତୁ, ପଶୁପକ୍ଷୀ, ବୃକ୍ଷରାଜୀ ଦେଖିବାର ସୁଯୋଗ ପାଇଲୁ । ସେମାନଙ୍କ ସହିତ ମିଶିବାର ସୁଯୋଗ ସହିତ ପଶୁପକ୍ଷୀମାନଙ୍କର ଭିନ୍ନ ଭିନ୍ନ ଶବ୍ଦ ଓ ବୃକ୍ଷଲତା ମାନଙ୍କର ମଳୟ ପବନର ଆଘାତରେ ସୃଷ୍ଟି ହେଉଥିବା ଧ୍ୱନି ଅତ୍ୟନ୍ତ ଆନନ୍ଦ ପ୍ରଦାନ କରୁଥିଲା ।



https://withteachers.in/

## ତୁମେ ଜାଣିଛ କି ?

ପଶୁପକ୍ଷୀମାନଙ୍କର ମଧ୍ୟ ଆମ୍ଭମାନଙ୍କ ପରି ବିଭିନ୍ନ ପ୍ରତିକ୍ରିୟା ସହ ଭାବପ୍ରଦର୍ଶନର କ୍ଷମତା ଥାଏ । ସକାଳ ବା ସନ୍ଧ୍ୟା ସମୟରେ ବସାକୁ ଫେରିଲାବେଳେ ତୁମେ କେବେ ପଶୁପକ୍ଷୀମାନଙ୍କର ବିଭିନ୍ନ ଭାବକୁ, ଧ୍ୱନି ବା ରାବ ମାଧ୍ୟମରେ ସେମାନଙ୍କର ଭାବବିନିମୟ ବା କଥାବାର୍ତ୍ତା ଶୁଣିଛ କି ? ଏହାଦ୍ୱାରା ସେମାନେ ପରସ୍ପର ସହିତ ସଂପର୍କ ସ୍ଥାପନ କରି ଶାନ୍ତିଲାଭ କରିଥାନ୍ତି । ଠିକ୍ ସେହିପରି ମଧ୍ୟ ଆମର ସମୁଦ୍ର, ଚିଲିକା ହ୍ରଦ ଓ ଗଙ୍ଗାରେ ବାସ କରୁଥିବା ଜାତୀୟ ଜଳଜୀବ ଡଲ୍‌ଫିନ୍, ଚକ୍ଷୁବିହୀନ ହୋଇଥିଲେ ହେଁ ହୁଇସିଲ୍ ଶବ୍ଦ ଏବଂ ଚୁଟ୍‌କିରୁ ଉତ୍ପନ୍ନ ଶବ୍ଦ ଶୁଣି ସେ ମଧ୍ୟ ତାର ବିଭିନ୍ନ ଭାବର ବାର୍ତ୍ତାକୁ ଆମ୍ଭମାନଙ୍କ ସହିତ ପ୍ରକାଶ କରିଥାଏ । ସମୁଦ୍ରର ସବୁଠାରୁ ବଡ଼ମାଛ, ପୁରୁଷ ଜାତୀୟ ତିମି ମଧ୍ୟ ସେହିପରି ହୁଇସିଲ୍ ସଦୃଶ ଖୁବ୍ ଜୋର୍‌ରେ ଧ୍ୱନି ସୃଷ୍ଟି କରିଥାଏ । ବିଭିନ୍ନ ପ୍ରାଣୀମାନଙ୍କର କଣ୍ଠସ୍ୱରରୁ ନିର୍ଗତ ହେଉଥିବା ଧ୍ୱନି ମାଧ୍ୟମରେ ସେମାନଙ୍କର ଭାବ ବିନିମୟ କରୁଥିବାର ଦୃଶ୍ୟ ଅନୁଧ୍ୟାନ କରିଛକି ? କିଛି ଉଦାହରଣ ଦେଇ ତାହା ଦର୍ଶାଅ ।



## ବିସ୍ତୃତ କ୍ରିୟାକଳାପ

କୌଣସି ଏକ ଆଂଚଳିକ ଲୋକକଥା ବା ଲୋକଗଳ୍ପ ଅଥବା ପଞ୍ଚତନ୍ତ୍ର, ଜାତକ ଆଦି ପୁସ୍ତକରେ ଲିଖିତ କାହାଣୀ ବର୍ଣ୍ଣନା କର । ଏହିସବୁ ଗପ ବା କାହାଣୀର ବର୍ଣ୍ଣନା ଭିତରେ ସଙ୍ଗୀତର କୌଣସି ସ୍ୱର, ତାଳ, ଛନ୍ଦ ଇତ୍ୟାଦି ମୌଳିକ ଉପାଦାନର ସଂଯୋଗ କର । ତାହାକୁ ଗୀତ ମାଧ୍ୟମରେ, ବାଦ୍ୟଯନ୍ତ୍ର ସାହାଯ୍ୟରେ ଉପସ୍ଥାପନା କର । ଦେଖ, ସେ ଗଳ୍ପ ବା କାହାଣୀ ଗୁଡ଼ିକ କିପରି ଜୀବନ୍ତ ହୋଇଉଠୁଛି, ଯାହା କାହାଣୀକୁ ଏକ ନୂଆ ଜୀବନ ଦେଉଛି ।

## କ୍ରିୟାକଳାପ ୬ : ସଙ୍ଗୀତର ମୌଳିକ ଉପାଦାନ ବିଷୟରେ ଶିକ୍ଷା

### ସ୍ୱରର ତାରତା ଏବଂ ଏହାର ବିଧିବିଧାନ

ତୁମେ କେବେ ରାଗିବା ସମୟରେ, କାନ୍ଦିବା ସମୟରେ ବା ଖୁସି ହେଉଥିବା ସମୟରେ ସୃଷ୍ଟି କରୁଥିବା ବିଭିନ୍ନ ଶବ୍ଦ ଓ ସ୍ୱରଗୁଡ଼ିକୁ ଶୁଣିଛ ? ଏହା କୋମଳତା, ଗମ୍ଭୀରତା, ମଧୁରତା, କର୍କଶତା ବା ଖୁବ୍ ଜୋର୍‌ରେ ଶବ୍ଦ ସୃଷ୍ଟି କରି ଏହା ବହୁତ ଦୂରକୁ ଶୁଣାଯାଉଥିବା ତୁମେମାନେ ଅନୁଭବ କରିଛ କି ? ଏହିପ୍ରକାର ସ୍ୱର ବା ଶବ୍ଦର ପ୍ରୟୋଗ ଆମର ବିଭିନ୍ନ ଭାବ ସୃଷ୍ଟିରେ ସହାୟକ ହୋଇଥାଏ । ଏହାକୁ 'PITCH AND ITS DYNAMICS' ବୋଲି କୁହାଯାଏ । ଧ୍ୱନିର ତାରତ ବା Pitch ଯାହାକି ଧ୍ୱନିର ଉଚ୍ଚତା ବା ନିମ୍ନତାକୁ ବୁଝାଇଥାଏ ଏବଂ ଧ୍ୱନିର ତୀବ୍ରତା ଓ ଧୀର ବା କୋମଳତାକୁ DYNAMICS ବୋଲି ବିବେଚନା କରାଯାଏ ।

## ସ୍ୱରଗୀତ

ଏହି ଭିଡିଓଟିକୁ ଦେଖ, ଲକ୍ଷ୍ୟକର ଏବଂ ଏଥିରେ ଥିବା 'ଗୀତସ୍ୱର' ନାମକ ସଙ୍ଗୀତକୁ ଶୁଣ । ଏହି ଗୀତସ୍ୱର ରାଗ - ଶଙ୍କରାଭରଣମ୍ ଅଥବା ରାଗ-ବିଲାବଲ ବ୍ୟବହାର ହେଉଥିବା ସ୍ୱର ଆଧାରରେ ପ୍ରସ୍ତୁତ କରାଯାଇଛି ଏହାକୁ ଗାୟନ କଲାବେଳେ ଏଥିରେ ବ୍ୟବହୃତ ସ୍ୱରମାନଙ୍କ ଭିନ୍ନଭିନ୍ନ ରୂପ ପରିବର୍ତ୍ତନ କ୍ଷେତ୍ରରେ ଉଦ୍ଦିଷ୍ଟ ସଂଯୋଜନା ପ୍ରତି ଧ୍ୟାନ ଦିଅ । ତୁମ ହାତ ପାପୁଲିର ସଂଯୋଗ ଓ ଆଘାତ କରି ଲୟ ବା ତାଳ ପ୍ରଦର୍ଶନ କର ।



(ଧୂମ୍‌ସା)



(ନାଗର)



(ଘଟମ୍)



(ସୀତାର)



(ସାକ୍‌ସୋଫୋନ୍)



https://withteachers.in/

## ତାଳ (Rhythm)



ତାଳ ସର୍ବତ୍ର ବିଦ୍ୟମାନ । ତୁମେ ତୁମ ହୃଦୟର ସ୍ପନ୍ଦନ କେବେ ଶୁଣିଛ କି ? ତୁମେ ଚାଲୁଥିବା ସମୟରେ ତୁମ ଚାଲିବାର ଗତି ବା ବେଗ (ଲୟ)କୁ କେବେ ଅନୁଧାନ କରିଛ କି ? ତୁମର ଜେଜେବାପା, ଜେଜେମାଙ୍କର ଚାଲିବାର ଗତି ବା ଲୟ କିମ୍ବା ତାଳ ଯେ ତୁମ ଗତିଠାରୁ ଅଲଗା ଓ ଭିନ୍ନ ଏହା ଅନୁଭବ କରିଛ କି ? ସଙ୍ଗୀତରେ ବ୍ୟବହୃତ ଧ୍ୱନି, ମାତ୍ରା ଆଦି ସମୟର ସମାନୁପାତିକ ପରିମାପକୁ ତାଳ କୁହାଯାଏ । ସଙ୍ଗୀତରେ ଲୟ ତିନି ପ୍ରକାର ଅଟେ ଯଥା ୧) ବିଳମ୍ବିତ ଲୟ, ୨) ମଧ୍ୟଲୟ ବା ସ୍ୱାଭାବିକ ଗତି ୩) ଦ୍ରୁତ ଲୟ ବା ଚଞ୍ଚଳ ଗତି ।

ଉପରୋକ୍ତ ବାଦ୍ୟଯନ୍ତ୍ରର ଧ୍ୱନିମାନଙ୍କର ପ୍ରତ୍ୟେକ ସ୍ୱର ପରସ୍ପରଠାରୁ ଅଲଗା । କେତେକ ନିମ୍ନସ୍ୱର (Lower pitch) ବା ଧୀର ଶବ୍ଦଯୁକ୍ତ ଆଉ କେତେକ ଉଚ୍ଚସ୍ୱର (High pitch) ଯେପରିକି 'ନାଗରା' ବାଦ୍ୟର ଧ୍ୱନି 'ଘଟମ' ବାଦ୍ୟର ଧ୍ୱନିଠାରୁ ଅଧିକ ଉଚ୍ଚ ଧ୍ୱନି ସୃଷ୍ଟିକାରୀ ଅଟେ । ସେହିପରି ଅନ୍ୟ ବାଦ୍ୟଗୁଡ଼ିକୁ ଜାଣିବାକୁ ଚେଷ୍ଟାକର ।



ଗୁରୁ ବନମାଳୀ ମହାରଣା (ମର୍ଦ୍ଦଳ)



ପ୍ରଫେସର୍ ରରାମହରି ଦାସ (ଓଡ଼ିଶୀ ସଙ୍ଗୀତ)



ଗୁରୁ କେ. ରାମାରାଓ ପାତ୍ର (ବୀଣା)


https://withteachers.in/

## ତୁମେ ଜାଣିଛ କି ?

ସଙ୍ଗୀତରେ ବ୍ୟବହୃତ ସପ୍ତସ୍ୱରମାନଙ୍କ ମଧ୍ୟରୁ କେବଳ ୫ ଗୋଟି ସ୍ୱରର ଭିନ୍ନଭିନ୍ନ ପରିବର୍ତ୍ତିତ ରୂପଥାଏ । ଯଥା – ରେ, ଗା, ମା, ଧା, ନି ଏମାନଙ୍କର ପରିବର୍ତ୍ତିତ ନାମକୁ 'ବିକୃତ' ସ୍ୱର କୁହାଯାଏ । ରେ, ଗା, ଧା, ନି କୁ 'କୋମଳ' ବିକୃତ ସ୍ୱର କୁହାଯାଏ । ଏହି ସ୍ୱର ମଧ୍ୟରେ କେବଳ ମଧ୍ୟମ ସ୍ୱର 'ମା'ର ପରିବର୍ତ୍ତିତ ନାମକୁ ତୀବ୍ର ବିକୃତ ସ୍ୱର କୁହାଯାଏ । ତତ୍ ସହିତ 'ସା' ଏବଂ 'ପା' ଏହି ଦୁଇ ସ୍ୱରର କୌଣସି ରୂପ ପରିବର୍ତ୍ତନ ହେଉନଥିବାରୁ ଏହାକୁ ଅଚଳ ସ୍ୱର କୁହାଯାଏ । ସେହିପରି ରୂପ ଓ ସ୍ଥାନ ପରିବର୍ତ୍ତନ କରୁଥିବା ଅନ୍ୟ ୫ଗୋଟି ସ୍ୱର ଯଥା – ରେ, ଗା, ମା, ଧା, ନି ସ୍ୱରକୁ 'ଚଳସ୍ୱର' କୁହାଯାଇଥାଏ ।

୧. କୋମଳ ସ୍ୱର
   <u>ରେ</u>, <u>ଗା</u>, <u>ଧା</u>, <u>ନି</u>
୨. ତୀବ୍ରସ୍ୱର – ମାଁ
୩. ଚଳସ୍ୱର – ରେ, ଗା, ମା, ଧା, ନି
୪. ଅଚଳସ୍ୱର – ସା ଓ ପା

ଆମ ଶାସ୍ତ୍ରୀୟ ସଙ୍ଗୀତର ବିଭିନ୍ନ ଧାରା ଯଥା – ହିନ୍ଦୁସ୍ତାନୀ ଏବଂ କର୍ଣ୍ଣାଟକୀ ସଙ୍ଗୀତରେ ପ୍ରଚଳିତ ସ୍ୱରଗୁଡ଼ିକର ନାମ ଜାଣିବା । ତତ୍ ସହିତ ଓଡ଼ିଶୀ ସଙ୍ଗୀତରେ ବ୍ୟବହୃତ ସ୍ୱରଗୁଡ଼ିକୁ ମଧ୍ୟ ଜାଣିବା ।

ସଙ୍ଗୀତରେ ସମୁଦାୟ ୧୨ଗୋଟି ସ୍ୱର ଶୁଦ୍ଧ ଓ ବିକୃତ ଭେଦରେ ବ୍ୟବହାର କରାଯାଉଛି । ନିମ୍ନ କୋଠରୀରେ ତାହା ପ୍ରଦାନ କରାଗଲା । ସାଧାରଣ ଭାବରେ ହିନ୍ଦୁସ୍ତାନୀ ଓ କର୍ଣ୍ଣାଟକୀ ସଙ୍ଗୀତରେ ସ୍ୱରର ଉଚ୍ଚାରଣ

### ହିନ୍ଦୁସ୍ଥାନୀ, କର୍ଣ୍ଣାଟକୀ ଏବଂ ଓଡ଼ିଶୀ ସଙ୍ଗୀତରେ ବ୍ୟବହୃତ ସମସ୍ତ ୧୨ ଗୋଟି ସ୍ୱରକୁ ଜାଣିବା

| ହିନ୍ଦୁସ୍ତାନୀ ଏବଂ ଓଡ଼ିଶୀ ସଙ୍ଗୀତ | କର୍ଣ୍ଣାଟକୀ ସଙ୍ଗୀତ |
|---|---|
| ସା – ଷଡ଼ଜ<br>ରେ – କୋମଳ ଋଷଭ<br>ଶୁଦ୍ଧ ଋଷଭ<br>ଗା – ଗୋମଳ (ଗାନ୍ଧାର)<br>ଶୁଦ୍ଧ ଗାନ୍ଧାର<br>ମା – ଶୁଦ୍ଧ ମଧ୍ୟମ<br>ତୀବ୍ର ମଧ୍ୟମ<br>ପା – ପଞ୍ଚମ<br>ଧା – କୋମଳ ଧୈବତ<br>ଶୁଦ୍ଧ ଧୈବତ<br>ନି – କୋମଳ ନିଷାଦ<br>ଶୁଦ୍ଧ ନିଷାଦ | ସା – ଷଡ଼ଜମ୍<br>ରୀ – ରିଷଭମ୍<br>ଶୁଦ୍ଧ ରିଷଭମ୍<br>ଗା – ଗାନ୍ଧାରମ୍<br>ସାଧାରଣ ଗାନ୍ଧାରମ୍<br>ଅନ୍ତର ଗାନ୍ଧାରମ୍<br>ମା – ମଧ୍ୟମମ୍<br>ଶୁଦ୍ଧ ମଧ୍ୟମମ୍<br>ପ୍ରତି ମଧ୍ୟମମ୍<br>ପା – ପଞ୍ଚମମ୍<br>ଦା – ଦୈଭତମ୍<br>ଶୁଦ୍ଧ ଦୈଭତମ୍<br>ଚତୁଃଶ୍ରୁତି ଦୈଭତମ୍<br>ନି – ନିଷାଦମ୍<br>କୈଶିକି ନିଷାଦମ୍<br>କାକଳି ନିଷାଦମ୍ |


https://withteachers.in/

| ହିନ୍ଦୁସ୍ତାନୀ ଓ ଓଡ଼ିଶୀ | କର୍ଣ୍ଣାଟକୀ |
|---|---|
| ସା | ସା |
| ରେ | ରୀ |
| ଗା | ଗା |
| ମା | ମା |
| ପା | ପା |
| ଧା | ଦା |
| ନି | ନି |

ଏହି ସ୍ୱରଗୁଡ଼ିକୁ ଲେଖିବା ସମୟରେ ଆମେ ସା, ରେ, ଗା, ମା, ପା, ଧା, ନି ଏହି ଅନୁସାରେ ଲେଖିବା

ସଙ୍ଗୀତରେ ବ୍ୟବହୃତ ସା, ରେ, ଗା, ମା, ପା, ଧା, ନି ଇତ୍ୟାଦି ସ୍ୱରଗୁଡ଼ିକରେ ସଂଯୋଜନା ମାଧ୍ୟମରେ ଚଳଚ୍ଚିତ୍ର, ସଙ୍ଗୀତ, ଭକ୍ତିଗୀତ, ଆଂଚଳିକ ଗୀତ, ଲୋକ ସଙ୍ଗୀତ ମଧୁର ବାଦ୍ୟଯନ୍ତ୍ରର ସଙ୍ଗୀତ, ଆଦି ସମସ୍ତ ପ୍ରକାରର ସଙ୍ଗୀତ ସଂରଚନା କରାଯାଇଥାଏ ଏବଂ ଗାୟନ ବାଦନ ଆଦି କାର୍ଯ୍ୟକ୍ରମ ପରିବେଷିତ ହେବା ଆମେ ଦେଖିଥାଉ ।

ଭାରତୀୟ ସଙ୍ଗୀତର ପରଂପରାରେ ଆମେ ବିଭିନ୍ନ ପ୍ରକାର ସଙ୍ଗୀତର ଧାରା, ଗାୟନ-ବାଦନ ଶୈଳୀ, ଏଥିରେ ପ୍ରଯୁକ୍ତ ଗୀତ, ବାଦ୍ୟଯନ୍ତ୍ର ଆଦିର ପ୍ରଚଳନ ଥିବାର ଆମେ ଦେଖିଥାଉ, ଯଥା – ହିନ୍ଦୁସ୍ତାନୀ ଓ କର୍ଣ୍ଣାଟକୀ ଶାସ୍ତ୍ରୀୟ ସଙ୍ଗୀତ ତତସହିତ ବିଭିନ୍ନ ପ୍ରାନ୍ତୀୟ ସଙ୍ଗୀତର ଧାରା ଯେପରିକି ଓଡ଼ିଶୀ ସଙ୍ଗୀତ, ଲୋକ ସଙ୍ଗୀତ, ଲଘୁ ଶାସ୍ତ୍ରୀୟ ସଙ୍ଗୀତ, ଭକ୍ତି ସଙ୍ଗୀତ, ଦେଶାତ୍ମବୋଧକ ସଙ୍ଗୀତ, ଚଳଚ୍ଚିତ୍ର ସଙ୍ଗୀତ, ପଲ୍ଲୀ ସଙ୍ଗୀତ ଇତ୍ୟାଦି ।



https://withteachers.in/

## ତୁମେ ଜାଣିଛ କି ?

ଶ୍ରୀମତୀ ଏମ୍.ଏସ୍ ଶୁଭଲକ୍ଷ୍ମୀ କର୍ଣ୍ଣାଟକୀ ଶାସ୍ତ୍ରୀୟ ସଙ୍ଗୀତ କ୍ଷେତ୍ରରେ ଜଣେ ପ୍ରସିଦ୍ଧ ଲୋକପ୍ରିୟ ପ୍ରେରଣାଦାୟୀ ଗାୟିକା ଥିଲେ । ସେ ଭାରତ ସରକାରଙ୍କ ଦ୍ୱାରା ପ୍ରଥମ ସଙ୍ଗୀତ ସାଧିକା ଭାବରେ ଭାରତରତ୍ନ ପୁରସ୍କାର ପ୍ରାପ୍ତ ହୋଇଥିଲେ । କର୍ଣ୍ଣାଟକୀ ସଙ୍ଗୀତ ମଧ୍ୟରୁ ସେ ବହୁତ ଭଜନ ଓ ସଂସ୍କୃତ ଶ୍ଳୋକ ଗାଇଥିଲେ । ସେଗୁଡ଼ିକ ମଧ୍ୟରୁ 'ହରିତ୍ୱମ୍ ହରେ', ଭଜଗୋବିନ୍ଦମ୍ ଏବଂ 'ବୈଷ୍ଣବଜନତୋ' ଗାନ୍ଧିଜୀଙ୍କର ପ୍ରିୟ ଭଜନ ଥିଲା । ସେ ସଙ୍ଗୀତର ସରଳତା, ପବିତ୍ରତା ଓ ମୌଳିକତା ପାଇଁ ଜଣାଶୁଣା ଅଟନ୍ତି । ସେ ଭକ୍ତିପୂର୍ଣ୍ଣ ସଙ୍ଗୀତଗୁଡ଼ିକୁ ନିଜର ସୁମଧୁର ସ୍ୱର ମାଧ୍ୟମରେ ଗାୟନ କରୁଥିଲେ ।



## କ୍ରିୟାକଳାପ ୭ : କଣ୍ଠସ୍ୱର ସାଧନା

ନିମ୍ନରେ ପ୍ରଦତ୍ତ ସ୍ୱରାବଳୀର ପ୍ରତିରୂପକୁ 'ଅଳଙ୍କାର' ଅଥବା ସରଗମ୍ କୁହାଯାଏ ।

ଅଳଙ୍କାର, ଅର୍ଥ ଆଭୂଷଣ ଯେପରିକି ରୂପା ତଥା ମୂଲ୍ୟବାନ ପଥରଦ୍ୱାରା ନିର୍ମିତ ହୋଇଥାଏ । ସଙ୍ଗୀତରେ ସେହିପରି ଅଳଙ୍କାର କହିଲେ ନିର୍ଦ୍ଦିଷ୍ଟକ୍ରମରେ ଏକ ସପ୍ତକ ବା ଏକାଧିକ ସପ୍ତକ (ମନ୍ଦ୍ର-ମଧ୍ୟ-ତାର) ସ୍ୱର ସମୂହକୁ ନେଇ ଆରୋହ ଅବରୋହ କ୍ରମରେ ସୁସଜ୍ଜିତ ଆନନ୍ଦ ପ୍ରଦାନକାରୀ ସ୍ୱର ସଂରଚନାକୁ ଅଳଙ୍କାର କୁହାଯାଏ । ଏହି ଅଳଙ୍କାର ଗୁଡ଼ିକୁ ଶୁଣିବାପାଇଁ ଆନନ୍ଦ ଓ ଶ୍ରୁତି ମଧୁର ଲାଗିଥାଏ ।

୧ - ଏକ ସ୍ୱର ବିଶିଷ୍ଟ ଅଳଙ୍କାର

ଆରୋହ - ସା ରେ ଗା ମା ପା ଧା ନି ସାଁ

ଅବରୋହ - ସାଁ ନି ଧା ପା ମା ଗା ରେ ସା

୨ - ଦୁଇସ୍ୱର ବିଶିଷ୍ଟ-

ଆରୋହ :- ସାରେ, ରେଗା, ଗାମା, ମାପା, ପାଧା, ଧାନି, ନିସାଁ ।

ଅବରୋହ :- ସାଁନି, ନିଧା, ଧାପା, ପାମା, ମାଗା, ଗାରେ, ରେସା ।

୩- ତିନି ସ୍ୱର ବିଶିଷ୍ଟ -

ଆରୋହ :- ସାରେଗା, ରେଗାମା, ଗାମାପା ମାପାଧା, ପାଧାନି, ଧାନିସାଁ ।

ଅବରୋହ :- ସାଁନିଧା, ନିଧାପା, ଧାପାମା, ପାମାଗା, ମାଗାରେ, ଗାରେସା ।

୪ - ଚାରିସ୍ୱର ବିଶିଷ୍ଟ ଅଳଙ୍କାର

ଆରୋହ :- ସାରେଗାମା, ରେଗାମାପା, ଗାମାପାଧା, ମାପାଧାନି, ପାଧାନିସାଁ

ଅବରୋହ :- ସାଁନିଧାପା, ନିଧାପାମା, ଧାପାମାଗା, ପାମାଗାରେ, ମାଗାରେସା

୫- ଆରୋହ

ସା

ସାରେଗା

ସାରେଗାମା

ସାରେଗାମାପା

ସାରେଗାମାପାଧା

ସାରେଗାମାପାଧାନି

ସାରେଗାମାପାଧାନିସାଁ

ଅବରୋହ :-

ସାଁ

ସାଁନି

ସାଁନିଧା

ସାଁନିଧାପା

ସାଁନିଧାପାମା

ସାଁନିଧାପାମାଗା

ସାଁନିଧାପାମାଗାରେ

ସାଁନିଧାପାମାଗାରେସା

୬ - ଆରୋହ :- ସାଗା, ରେମା, ଗାପା, ମାଧା, ପାନି, ଧାସାଁ ।

ଅବରୋହ :- ସାଁଧା, ନିପା, ଧାମା, ପାଗା, ମାରେ, ଗାସାଁ ।

୭ - ଆରୋହ :- ସାଁମା, ରେପା, ଗାଧା, ମାନି, ପାସାଁ ।

ଅବରୋହ :- ସାଁପା, ନିମା, ଧାଗା, ପାରେ, ମାସା ।




https://withteachers.in/

## ତୁମେ ଜାଣିଛ କି ?



'ଭାରତ ରତ୍ନ' ପୁରସ୍କାର ପ୍ରାପ୍ତ ଲତା ମଙ୍ଗେସ୍କର ଭାରତୀୟ ଚଳଚ୍ଚିତ୍ର ସଙ୍ଗୀତ ଜଗତର ଜଣେ ସୁନାମଧନ୍ୟା ଗାୟିକା । ସେ ତାଙ୍କ ସୁମଧୁର କଣ୍ଠରେ ୩୬ଗୋଟି ଭାରତୀୟ ଭାଷାରେ ତଥା ଅନ୍ୟାନ୍ୟ ବିଦେଶୀ ଭାଷାରେ ସଙ୍ଗୀତ ପରିବେଷଣ କରିଛନ୍ତି । ତାଙ୍କ ଶ୍ରୁତିମଧୁର କଣ୍ଠସ୍ୱର ତିନୋଟି ଯାକ ସପ୍ତକରେ ଅତ୍ୟନ୍ତ ସ୍ୱଚ୍ଛନ୍ଦରେ ଗତି କରିପାରେ । ସେ ସୁପ୍ରସିଦ୍ଧ ଦେଶଭକ୍ତି ଗୀତ 'ଏ ମେରେ ୱତନ୍ କେ ଲୋଗୋଁ' ଗାଇଥିଲେ ଯାହା ଭାରତୀୟ ସୈନିକମାନଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ହୋଇଥିଲା ।



ସେହିପରି ଆଚାର୍ଯ୍ୟ ତାରିଣୀ ଚରଣ ପାତ୍ର ଓଡ଼ିଶୀ କଣ୍ଠ ସଙ୍ଗୀତର ଜଣେ ପ୍ରସିଦ୍ଧ କିମ୍ବଦନ୍ତୀ ପୁରୁଷ । ସେ ଏକାଧାରରେ ପଣ୍ଡିତ, ସଙ୍ଗୀତଜ୍ଞ, ସାହିତ୍ୟିକ, କବି, ନାଟ୍ୟକାର, ଅଭିନେତା, ଗାୟକ, ଗବେଷକ, ବୀଣା, ବେହେଲା ଓ ମର୍ଦ୍ଦଳ ବାଦନ ଆଦି ସମସ୍ତ କଳାରେ ପରିପୂର୍ଣ୍ଣ ଥିଲେ ।

## କ୍ରିୟାକଳାପ ୮ : ମେଡ୍‌ଲେ (ବିଭିନ୍ନ ସଙ୍ଗୀତର ମିଶ୍ରଣ ଗୀତ)

ଏକାଧିକ ସଙ୍ଗୀତର ଧ୍ୱନିର ମିଶ୍ରଣ ବା ବିଭିନ୍ନ ଗୀତର ସ୍ୱର ସଂଯୋଜନାର ମିଶ୍ରଣକୁ ନେଇ ଏକତ୍ର ଭାବରେ ପରିବେଷଣ କରୁଥିବା ସଙ୍ଗୀତ ରଚନାକୁ ମେଡ୍‌ଲେ ଗୀତ କୁହାଯାଏ । ଆସ ଆମେ ଏହି ଗୀତ ଶୁଣି ତାହାର ମଜା ନେବା ।

୧) ବିଭିନ୍ନ ଗୀତ ଓ ଧ୍ୱନିର ଭାବକୁ ଚିହ୍ନ । ସେ ଗୀତଟି ତୁମକୁ କେଉଁ ବିଷୟରେ ସୂଚନା ଦେଉଛି ତାହା ଜାଣ । ତୁମେ ଏହି ସମସ୍ତ ଗୀତର ଭାଷା ନ ଜାଣିଥିଲେ ମଧ୍ୟ ଏହିଗୁଡ଼ିକରେ ବାଜୁଥିବା ବାଦ୍ୟଯନ୍ତ୍ରର ଧ୍ୱନି ତୁମକୁ ଏ ସଂପର୍କରେ କିଛି ଭାବନା ପ୍ରଦାନ କରୁଛି କି ?

୨) ଏହି ସଙ୍ଗୀତରେ ବ୍ୟବହୃତ ତାଳ ବା ଲୟ ଆଦି ତୁମକୁ କି ବାର୍ତ୍ତା ପ୍ରଦାନ କରୁଛି ?

୩) ପ୍ରତ୍ୟେକ ଗୀତରେ ବ୍ୟବହୃତ ସାଙ୍ଗୀତିକ ଉପାଦାନ ଅର୍ଥାତ୍ ସ୍ୱର, ରାଗ, ତାଳ, ଲୟ ଆଦିକୁ ଚିହ୍ନିବାକୁ ଚେଷ୍ଟା କର ।

୪) ନିମ୍ନରେ କିଛି ବାଦ୍ୟଯନ୍ତ୍ରର ଚିତ୍ର ଦିଆଯାଇଛି । ପ୍ରତ୍ୟେକ ଗୀତରେ ବ୍ୟବହାର ହେଉଥିବା ବାଦ୍ୟଯନ୍ତ୍ରଗୁଡ଼ିକ ଚିହ୍ନିବାକୁ ଚେଷ୍ଟା କର ।



## ଆସ ଆମେ ଏକ ମେଡ୍‌ଲେ ଗୀତ ଶିଖିବା

ପ୍ରଥମେ ବିଭିନ୍ନ ପ୍ରକାର ଗୀତର ଧ୍ୱନିକୁ ଶୁଣିବା ପାଇଁ ଏକାଠି ହୁଅ ଏବଂ ଶିଖ ।

ଏହି ଅଭ୍ୟାସ ନିମନ୍ତେ ତୁମ ଶ୍ରେଣୀ କକ୍ଷର ପିଲାମାନଙ୍କୁ ଦୁଇଟି ଦଳରେ ବିଭକ୍ତ କର । ପ୍ରତ୍ୟେକ ଦଳ ପାଇଁ ନିର୍ଦ୍ଦିଷ୍ଟ କୌଣସି ଗୀତର ଖଣ୍ଡଗୁଡ଼ିକୁ ବ୍ୟବହାର କରିବାକୁ କୁହ । ଏହି ମେଡ୍‌ଲେ ଗୀତ ସମୂହ ଭାରତର ବିଭିନ୍ନ ସ୍ଥାନରେ ପାଳିତ ହେଉଥିବା ଉତ୍ସବ ଗୀତର ଧ୍ୱନିରେ ସଜ୍ଜିତ ହୋଇଅଛି । ବର୍ତ୍ତମାନ ତାହାକୁ ଶୁଣି ଗାଇବାକୁ ଚେଷ୍ଟା କର । ସେଥିରେ ତାଳି ପକାଅ ଓ ମଜାନିଅ ।

ଇୟର ଫୋନ୍ ଦ୍ୱାରା 'କାରାଓକେ' ମାଧ୍ୟମରେ କୌଣସି ଏକ ମେଡଲେ ଗୀତର ଧ୍ୱନିକୁ ଭଲକରି ଶୁଣ ଓ ଗାଅ ।





https://withteachers.in/



## କ୍ରିୟାକଳାପ ୯ : ମଧୁର ସଙ୍ଗୀତର ଧ୍ୱନି ଏବଂ ତାଳ ମାଧ୍ୟମରେ ଖେଳିବା ।

ସଙ୍ଗୀତର ଲକ୍ଷ୍ୟ ଓ ଉଦ୍ଦେଶ୍ୟଗୁଡ଼ିକ ଏହି ପୁସ୍ତକରେ ଦିଆଯାଇଛି । ଏହି ଆଧାରରେ ପିଲାମାନେ ପ୍ରଦତ୍ତ ଖେଳର ଅଭ୍ୟାସ କିପରି କରିବେ, ତାହା ପ୍ରସ୍ତୁତ କରାଯାଇଛି । ସ୍ଥାନୀୟ ଅଂଚଳର ପରଂପରାରେ ପ୍ରଚଳିତ ସଙ୍ଗୀତର ସାଂସ୍କୃତିକ ଭାବଧାରାର ଛାୟାରେ ନିଜେ କିଛି ଖେଳର ରୂପରେଖ ପ୍ରସ୍ତୁତ କରିପାରିବେ ।

### କ୍ରିୟାକଳାପ - I : କଣ୍ଠସ୍ୱର ଚିହ୍ନିବାର ଜ୍ଞାନ

ଗୋଟିଏ ଛାତ୍ରର ଆଖିରେ ଅନ୍ଧପୁଟୁଳି ବାନ୍ଧିଦିଅନ୍ତୁ ଅଥବା ଆଖି ବୁଜି ବସିବାକୁ କୁହନ୍ତୁ ଏବଂ ଏହି ସମୟରେ ଅନ୍ୟ ଏକ ଛାତ୍ରଟି ଗୋଟିଏ ଜଣାଶୁଣା ମଧୁର ଗୀତ ଯାହା ଶ୍ରେଣୀରେ ଶିକ୍ଷା ପ୍ରଦାନ କରାଯାଇଥିା ତାହା ଗାଇବାକୁ କୁହନ୍ତୁ । ଏବେ ଅନ୍ଧପୁଟୁଳି ବନ୍ଧାଥିବା ଛାତ୍ରଟି ଗୀତଟିର ସ୍ୱର କେଉଁ ପିଲାର କଣ୍ଠରୁ ନିଃସୃତ ହେଉଛି ତାହା ଜାଣିପାରୁଛିକି ନାହିଁ ପଚାରନ୍ତୁ ।

### ଶିକ୍ଷକଙ୍କ ପାଇଁ ସୂଚନା

- ଜାଣନ୍ତୁ ପ୍ରତ୍ୟେକ ଛାତଛାତ୍ରୀଙ୍କ କଣ୍ଠସ୍ୱର ଶୈଳୀ ଏବଂ ଗୀତ ଗାଇବାର ଢଙ୍ଗ ପରସ୍ପରଠାରୁ ଭିନ୍ନ । ପ୍ରଦତ୍ତ କ୍ରିୟାକଳାପ ଅଭ୍ୟାସଦ୍ୱାରା ପିଲାମାନଙ୍କର କଣ୍ଠସ୍ୱର ସମ୍ବନ୍ଧୀୟ ବ୍ୟାବାହାରିକ ଜ୍ଞାନ, କହିବାର ଓ ଗାଇବାର ଢଙ୍ଗ ଆଦି ଜ୍ଞାନର ଅଭିବୃଦ୍ଧି ଘଟିଥାଏ ।
- ପିଲାମାନଙ୍କୁ ସମାଜରେ, ନିଜପରିବାରରେ କିମ୍ବା ବ୍ୟକ୍ତି ବିଭିନ୍ନ ବ୍ୟକ୍ତି ବିଶେଷଙ୍କର କଣ୍ଠସ୍ୱରର ପ୍ରୟୋଗ କରିବାର ଢଙ୍ଗ କିପରି ଅଲଗା ଅଲଗା ତାହାକୁ ଚିହ୍ନିବାକୁ ଦିଅନ୍ତୁ ।
- ବିଭିନ୍ନ ବାଦ୍ୟଯନ୍ତ୍ରର ବ୍ୟବହାର କରି ଭିନ୍ନଭିନ୍ନ ଗୀତର ଧ୍ୱନି ବାଦନ କରି ସେଗୁଡ଼ିକୁ ଚିହ୍ନିବାପାଇଁ କୁହନ୍ତୁ ଏବଂ ବାଦ୍ୟଟିର ନାମ, ବାଦ୍ୟର ଆକୃତି ଆଦି ସଂପର୍କରେ ପ୍ରଶ୍ନ ପଚାରନ୍ତୁ ।





### କ୍ରିୟାକଳାପ - II

କୌଣସି ଏକ ସୁମଧୁର ଗୀତ ଚୟନ କରନ୍ତୁ । ଗୀତ ଗାଇ ପାରୁଥିବା କୌଣସି ଏକ ଛାତ୍ର ବା ଛାତ୍ରୀକୁ ଚୟନ କରନ୍ତୁ । ସେ ଜାଣିଥିବା କିମ୍ବା ପୂର୍ବରୁ ଶ୍ରେଣୀରେ ଶିକ୍ଷାଦାନ ହୋଇଥିବା କୌଣସି ଗୀତର ସ୍ୱରକୁ ହମିଂ ବା ଗୁଣୁଗୁଣୁ ସ୍ୱରରେ ଗାଇବା ପାଇଁ କୁହନ୍ତୁ । ସେହିପରି ଗୀତର ଧ୍ୱନି ଶୁଣି ତାକୁ ଶ୍ରେଣୀର ଅନ୍ୟ ପିଲାମାନେ ମଧ ଜାଣିପାରୁଥିବା ଦରକାର ଯେ, ଏହି ଗୀତଟିର ସ୍ୱର କେଉଁ ଗୀତର ହୋଇଥିବ ।


https://withteachers.in/






## କ୍ରିୟାକଳାପ – III ତାଳ ଓ ଲୟର ଖେଳ

ସର୍ବପ୍ରଥମେ ପିଲାମାନଙ୍କର ଏକ ୩ ଜଣିଆ, ୪ ଜଣିଆ ସେହିପରି ୫,୭, ଆଦି ସଂଖ୍ୟା ବିଶିଷ୍ଟ ଦଳ ଗଠନ କରନ୍ତୁ । ଏବେ ପ୍ରତ୍ୟେକ ଦଳର ଛାତ୍ରସଂଖ୍ୟା ଅନୁସାରେ ତାଳବାଦ୍ୟରେ ବ୍ୟବହୃତ ବାଣୀ ବା ବାଦ୍ୟାକ୍ଷରଗୁଡ଼ିକୁ ପ୍ରତ୍ୟେକ ଦଳର ଜଣଜଣ କରି ଅଲଗା ଅଲଗା କରି ବଣ୍ଟି ଦିଅନ୍ତୁ ।

ଯେପରିକି ତିନିଜଣିଆ ଦଳର ଛାତ୍ରଛାତ୍ରୀମାନଙ୍କୁ ଯଥାକ୍ରମେ ତା, କି, ଟା ଅର୍ଥାତ୍ ଏହିପରି ତା,କି,ଟା ନାମରେ ଚିହ୍ନଟ କରନ୍ତୁ । ଏହି ଦଳର ନାମକୁ ତିସ୍ର ନାମରେ ନାମିତ କର । ଯେଉଁ ତାଳରେ ୩ଗୋଟି ପ୍ରତି ମାତ୍ରାରେ ଅକ୍ଷର ବା ଉକୁଟ ବ୍ୟବହୃତ ହୋଇଥାଏ ତାକୁ ତିସ୍ର ଜାତି ବୋଲି କୁହାଯାଏ ।

ସେହିପରି ଚାରିଜଣିଆ ଦଳ ବିଶିଷ୍ଟ ଧା, ଗେ, ନା, ତି ଆଦି ଅକ୍ଷର ପ୍ରୟୋଗ ସହ ଏହାକୁ ‘ଚତୁରସ୍ର’ ନାମ ଦିଆଯାଉ ।

‘୫’ଜଣ ଛାତ୍ରଛାତ୍ରୀ ଥିବା ଦଳର ନାମ “ଖଣ୍ଡ”

ଏଥିରେ ବ୍ୟବହୃତ ତାଳବାଣୀଗୁଡ଼ିକ ଯଥାକ୍ରମେ ତା, କ, ତା, କି, ଟା ।

‘୭’ ଜଣ ଛାତ୍ରଛାତ୍ରୀ ଥିବା ଦଳର ନାମରେ ତବଲାର ସାତଗୋଟି ବାଣୀ ଯଥା – ତି ତି ନା ଧି ନା ଧି ନା ଏହିପରି ଦିଆଯାଉ ସେହି ଦଳର ନାମକୁ “ମିଶ୍ର” ବୋଲି କୁହାଯିବ ।

‘୯’ ଜଣ ଛାତ୍ର ଛାତ୍ରୀ ଥିବା ଦଳର ନାମ ସଂକୀର୍ଣ୍ଣ ଏବଂ ଏଥିରେ ବ୍ୟବହୃତ ନଅଗୋଟି ତବଲା ବାଣୀ ଯଥାକ୍ରମେ ତା, କ, ଦି, ମି, ତା, କ, ତା, କି, ଟା ଏହି ନାମରେ ପରିଚିତ ଲାଭ କରିବ ।

### ଶିକ୍ଷକଙ୍କ ପାଇଁ ସୂଚନା

ଏହି ଖେଳ ମାଧ୍ୟମରେ ପିଲାମାନଙ୍କର ସଙ୍ଗୀତରେ ବ୍ୟବହୃତ ତାଳ, ଲୟ, ଆବର୍ତ୍ତନ, ତାଳର ଗତି ଆଦି ବିଷୟରେ ଜ୍ଞାନ ବୃଦ୍ଧି ଘଟିଥାଏ । ଏହି ତାଳ, ଲୟ ଖେଳକୁ ବିଦ୍ୟାର୍ଥୀମାନେ ମିଳିତ ଭାବରେ ପ୍ରସ୍ତୁତ କରିପାରିବେ ।

**ବି.ଦ୍ର –** ସଙ୍ଗୀତର ମୌଳିକ ଉପାଦାନ ସ୍ୱର, ତାଳ, କଣ୍ଠସ୍ୱର ସାଧନା, ବିଭିନ୍ନ ଗୀତର ସମ୍ମିଶ୍ରଣରେ ମେଡ୍‌ଲେ ଗୀତ ଆଦିର ବ୍ୟବହାର କରି ତୁମେ ଯେକୌଣସି ସାଙ୍ଗୀତିକ ରଚନା ଆଧାରରେ ନିଜ ନିଜର ଏ ଖେଳ ସୃଷ୍ଟି କରି ପାରିବ । ଏହି ଅଭ୍ୟାସ କାର୍ଯ୍ୟକ୍ରମକୁ ସଂପୂର୍ଣ୍ଣ କରିବା ସହିତ ସଙ୍ଗୀତ ସମ୍ବନ୍ଧୀୟ ଜ୍ଞାନ ବିକାଶ କରିପାରିବ ।






https://withteachers.in/

## ଅଧ୍ୟାୟ-୭ : ସଙ୍ଗୀତମୟ ବାଦ୍ୟଯନ୍ତ୍ର



**ଉଦ୍ଦେଶ୍ୟ –** ସଙ୍ଗୀତ ସଂରଚନାରେ ବାଦ୍ୟଯନ୍ତ୍ରର ବ୍ୟବହାର ପ୍ରସଙ୍ଗ ସଂପର୍କରେ ଜ୍ଞାନ ଆହରଣ ଏବଂ ବିବିଧ ବାଦ୍ୟଯନ୍ତ୍ରର ଭିନ୍ନ ଭିନ୍ନ ବର୍ଗ ସମ୍ବନ୍ଧରେ ପରିଚୟ ପ୍ରଦାନ କରାଯିବା ହସିତ ଉନ୍ନତମାନର ସ୍ୱର ତାଳ ଓ ଲୟର ଶୃଙ୍ଖଳାଗତ ଉପସ୍ଥାପନା ପାଇଁ ବାଦ୍ୟଯନ୍ତ୍ର ବ୍ୟବହାର କରାଯାଇଥାଏ ।

### କ୍ରିୟାକଳାପ ୧ : ସାଙ୍ଗୀତିକ ରଚନାରେ ବାଦ୍ୟଯନ୍ତ୍ରର ଭୂମିକା

**ଗୀତ :- "ଶ୍ୟାମଳୀ ମୀନାକ୍ଷୀ"** ଏହି ଗୀତଟିକୁ ଶୁଣି ଗାଇବାକୁ ଚେଷ୍ଟା କର ।

**ସ୍ୱର ସଂଯୋଜନା –** ମୁଥୁସ୍ୱାମୀ ଦୀକ୍ଷୀତର୍

**ଶ୍ୟାମଳୀ ମୀନାକ୍ଷୀ**

ଶ୍ୟାମଳୀ ମୀନାକ୍ଷୀ  ସୁନ୍ଦରେଶ୍ୱର ସାକ୍ଷୀ
ଶଙ୍କରୀ ଗୁରୁଗୁହା  ସମୁଦ୍‌ଭବେ ଶିବୋବ
ପାମର ମୋଚନୀ  ପଙ୍କଜାଲୋଚନୀ
ପଦ୍ମାସନେ ବାଣୀହରି
ଲକ୍ଷ୍ମୀ ବିନୁତେ ଶାମ୍ଭବୀ
ଶ୍ୟାମଳୀ ମୀନାକ୍ଷୀ

> ପ୍ରତ୍ୟେକ ସଙ୍ଗୀତଜ୍ଞ ଏକାଧାରରେ ଗାଳ୍ପିକ, କଥାକାର ଓ କାହାଣୀକାର ଅଟନ୍ତି । ସଙ୍ଗୀତର ସ୍ୱର ଏବଂ ତାଳକୁ ଭାଷା ରୂପେ ବ୍ୟବହାର କରି ସଙ୍ଗୀତଜ୍ଞ ଆମ ହୃଦୟର କାହାଣୀକୁ ପ୍ରକାଶ କରିପାରନ୍ତି ।
>
> **ପଣ୍ଡିତ ରବିଶଙ୍କର**
>
> ଭାରତରତ୍ନ-ପ୍ରବୀଣ ସୀତାର ବାଦକ

| କ୍ରିୟାକଳାପ | ଶ୍ରେଣୀ କକ୍ଷରେ ଆଲୋଚନା |
|---|---|
| ତୁମ ଶ୍ରେଣୀରେ ଉପଲବ୍ଧ ବାଦ୍ୟଯନ୍ତ୍ର ସାହାଯ୍ୟରେ ଏହି ଗୀତଟିକୁ ଗାଅ ଅଥବା ଶରୀରର ହସ୍ତପଦ ଆଦିରେ ଆଘାତ ଦେଇ ବା ତାଳିଦେଇ ଏହି ଗୀତଟିକୁ ଗାଅ । | ଏବେ କୁହ । ତୁମେ ଗୀତଟିକୁ ଆନନ୍ଦର ସହିତ ଉପଭୋଗ କଲକି ? ଏହି ଗୀତ ଉପସ୍ଥାପନା ସମୟରେ ତୁମର ଶରୀରର ଅଙ୍ଗ ପ୍ରତ୍ୟଙ୍ଗଗୁଡ଼ିକୁ କି ପ୍ରକାରର ସାହାର୍ଯ୍ୟ କରିଛି । |
| ଏବେ ଏହି ଗୀତଟିକୁ ଧ୍ୱନିଶ୍ରବଣର ଅଡିଓ ଟ୍ରାକ୍ ମାଧ୍ୟମରେ ଗାଅ । ଗୋଟିଏ ବେହେଲା ଏବଂ ମୃଦଙ୍ଗମ୍ ବାଦ୍ୟକୁ ସହାୟକ ବାଦ୍ୟରୂପେ ବ୍ୟବହାର କର । | ଗୋଟିଏ ସଙ୍ଗୀତ ରଚନାରେ ବ୍ୟବହୃତ ବାଦ୍ୟଯନ୍ତ୍ରର ପ୍ରୟୋଗ ଓ ତାହାର ପ୍ରଭାବ କେଉଁ ପ୍ରକାର ଅନୁଭବ ସୃଷ୍ଟି କରିଥାଏ ତାହା ପ୍ରକାଶ କର । |
| ବର୍ତ୍ତମାନ ଆଉ ଏକ ନୂତନ ବାଦ୍ୟଯନ୍ତ୍ର ସେଟ୍ ପିଆନୋ ଏବଂ ଡ୍ରମ୍ସରେ ତିଆରି ହୋଇଥିବା ଅଡ଼ିଓ ଟ୍ରାକ୍ ସହିତ ଗାନ କରିବା । | ବିଭିନ୍ନ ପ୍ରକାରର ବାଦ୍ୟଯନ୍ତ୍ର ସହାୟତାରେ ଗୀତ ଗାଇବାରେ ତୁମକୁ ପସନ୍ଦ ଆସୁଛ କି ନାହିଁ ? ଏହି କ୍ରିୟାକଳାପରେ ତୁମକୁ କଣ ଭଲ ଲାଗିଲା କାହିଁକି ଭଲ ଲାଗିଲା କହିବ କି ? |



https://withteachers.in/

### ତୁମେ ଜାଣିଛ କି ?

ଉସ୍ତାଦ ବିସମିଲ୍ଲା ଖାଁ ଜଣେ ପ୍ରସିଦ୍ଧ ସାହାନାଇ ବାଦକ ଅଟନ୍ତି ଯେ କି ଭାରତ ସରକାରଙ୍କ ଦ୍ୱାରା ସାହାନାଇ ବାଦନ ପାଇଁ ସର୍ବୋଚ୍ଚ ପୁରସ୍କାର 'ଭାରତରତ୍ନ' ଉପାଧିରେ ମଣ୍ଡିତ ହୋଇଥିଲେ । ତାଙ୍କରି ଉଦ୍ୟମରେ ପୂର୍ବରୁ ଲୋକ ସଙ୍ଗୀତରେ ବ୍ୟବହାର ହେଉଥିବା ଏହି ପବନଫୁଙ୍କା ବାଦ୍ୟଯନ୍ତ୍ର ଲୋକପ୍ରିୟତା ଲାଭ କରି ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ବାଦ୍ୟଯନ୍ତ୍ରର ମର୍ଯ୍ୟାଦା ଲାଭ କରିଥିଲା । ସେ ସର୍ବଧର୍ମ ସମନ୍ୱୟର ବାର୍ତ୍ତା ବାହକ ଥିଲେ । ଦେଶ ସ୍ୱାଧୀନତା ପାଇବାର ପ୍ରଥମ ପର୍ବରେ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଏହି ମହାନ ସଙ୍ଗୀତଜ୍ଞ ଲାଲକିଲ୍ଲାକୁ ସାହାନଇ ବାଦନ କରିବାପାଇଁ ନିମନ୍ତ୍ରିତ ହୋଇଥିଲେ । ସେ ସାହାନାଇ ବାଦନକରି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ ।



## କ୍ରିୟାକଳାପ ୨ : ସଙ୍ଗୀତ ଶ୍ରବଣ ଓ ଗ୍ରହଣ

ଗୋଟିଏ ବାଦ୍ୟଯନ୍ତ୍ରର ବାଦନ ସାହାଯ୍ୟରେ କୁହାଯାଇଥିବା କାହାଣୀ ବା ଗପ ଶୁଣ । ଏହି ଗଳ୍ପ ପରିବେଷଣର ଭାବ କିପରି ବାଦ୍ୟଯନ୍ତ୍ରର ସହାୟତାଦ୍ୱାରା ଅଧିକ ସମୃଦ୍ଧ ହୋଇଥିଲା ତାହାର ବର୍ଣ୍ଣନା କର ।

ଏହି ବାଦ୍ୟଟିକୁ ବଜାଉଥିବା ସମୟରେ ଗୋଟିଏ ଗପ ଶୁଣ ଏବଂ ଏହାର ପ୍ରଭାବରେ ତୁମ ମନର କେଉଁ କେଉଁ ଭାବ ସୃଷ୍ଟି ହେଉଛି ତାହାକୁ ଲେଖି ରଖ ।



## କ୍ରିୟାକଳାପ ୩ : ବାଦ୍ୟଯନ୍ତ୍ରର ପରିବାର

ସଙ୍ଗୀତରେ ଦୁଇଗୋଟି ମୁଖ୍ୟ ମୌଳିକ ଉପାଦାନର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଅଛି ଯାହାକୁ ଆମେ ସ୍ୱର ଏବଂ ତାଳ ବୋଲି କହିଥାଉ । ବାଦ୍ୟଯନ୍ତ୍ରଗୁଡ଼ିକ ଏହି ଆଧାରରେ ବର୍ଗୀକୃତ ହୋଇଅଛି ।

- ମଧୁର ଧ୍ୱନି ବା ସ୍ୱର ସୃଷ୍ଟିକାରୀ ବାଦ୍ୟଯନ୍ତ୍ର
- ତାଳଲୟ ସୃଷ୍ଟିକାରୀ ବାଦ୍ୟଯନ୍ତ୍ର

ଏହି ପୁସ୍ତକର ପରବର୍ତ୍ତୀ ପୃଷ୍ଠାରେ ବାଦ୍ୟଗୁଡ଼ିକର ବାଦନ ଶୈଳୀ ସମ୍ବନ୍ଧରେ ବର୍ଣ୍ଣନା କରାଯାଇଛି । ଦିଆଯାଇଥିବା ବାଦ୍ୟଯନ୍ତ୍ରର ଚିତ୍ରସବୁ ବାଦ୍ୟଗୁଡ଼ିକର ବର୍ଗୀକରଣ ସିଦ୍ଧାନ୍ତ ବିଷୟରେ ସୂଚାଇବା ନିମନ୍ତେ ଉଦ୍ଦିଷ୍ଟ ।

ଏଠାରେ ଦିଆଯାଇଥିବା ବାଦ୍ୟଯନ୍ତ୍ରକୁ ବାଦ୍ ଦେଇ ତୁମେ ଜାଣିଥିବା ଦୁଇଗୋଟି ବାଦ୍ୟଯନ୍ତ୍ରର ନାମ ଉଲ୍ଲେଖ କର ।

୧) ...........................................................

୨) ...........................................................

ସେହିପରି ସ୍ୱରଝଙ୍କାର ସୃଷ୍ଟି କରୁଥିବା ଆଉ ଦୁଇଟି ବାଦ୍ୟଯନ୍ତ୍ରର ନାମ କହିପାରିବ କି ?

୧) ...........................................................

୨) ...........................................................

ତୁମେ ତାରରେ ଆଘାତ ଦେଇ ବଜାଯାଉଥିବା ୨ଟି ସ୍ୱର ବାଦ୍ୟଯନ୍ତ୍ରର ନାମ କହିପାରିବକି ?

୧) ...........................................................

୨) ...........................................................

ଧାତୁ ନିର୍ମିତ ୨ଟି ତାଳବାଦ୍ୟ ଯନ୍ତ୍ରର ନାମ ଉଲ୍ଲେଖ କରିପାରିବ କି ?

୧) ...........................................................

୨) ...........................................................




https://withteachers.in/

## ତାଳବାଦ୍ୟ



**ତବଲା -** ହାତ ପାପୁଲିର ଅଙ୍ଗୁଠି ସାହାର୍ଯ୍ୟରେ ବାଦନ କରାଯାଏ ।



**ଢୋଲ -** କାଠ ନିର୍ମିତ କାଠିକୁ ହାତରେ ଧରି ଆଘାତ କରି ବାଦନ କରାଯାଇଥାଏ ।



**ନାଗଡ଼ା -** ବଡ଼ବଡ଼ ମଇଁଷି ଶିଙ୍ଘ ବା ତାହା ସଦୃଶ ରବର ଦଣ୍ଡ ସାହାଯ୍ୟରେ ବାଦନ କାରାଯାଉଥିବା ବାଦ୍ୟଯନ୍ତ୍ର ।




**ମର୍ଦ୍ଦଳ -** ମୃଦଙ୍ଗମ୍, ମାଦଲ, ଢୋଲକି, ପଖାଓ୍ବାଜ ଏହିସବୁ ବାଦ୍ୟଯନ୍ତ୍ରକୁ ଅବନଦ୍ଧ ବାଦ୍ୟଯନ୍ତ୍ର କୁହାଯାଇଥାଏ । ଏହି ବାଦ୍ୟଯନ୍ତ୍ର ତିଆରିକରିବା ପାଇଁ ଚମଡ଼ା ଓ ଗଛର କାଠକୁ ବ୍ୟବହାର କରାଯାଇଥାଏ ।



**ମଞ୍ଜିରା -** ଧାତୁ ନିର୍ମିତ ବାଦ୍ୟଯନ୍ତ୍ର ।


ତବଲା


ଢୋଲ


ଧୂମ୍ସାସ


ଘଟମର୍


ପଖାଓ୍ବାଜ


ମର୍ଦ୍ଦଳ

## ସ୍ୱରବାଦ୍ୟ


ଇସ୍‌ରାଜ

ସ୍ୱର ସୃଷ୍ଟିକାରୀ ବାଦ୍ୟଯନ୍ତ୍ରର ୨ଟି ବିଭାଗ ଅଛି ।

ଯଥା - **୧.** ତତ୍ ବା ତାରଦ୍ୱାରା ଆଘାତ ହେଉଥିବା ବାଦ୍ୟଯନ୍ତ୍ର

**୨. ବିତତ୍ -** ବିନା ତାରରେ ବଜାଯାଉଥିବା ବାଦ୍ୟଯନ୍ତ୍ର । ଏହାକୁ ସୁଷିର ବାଦ୍ୟ କୁହାଯାଏ । ମୁଖ୍ୟତଃ ମୁଖଦ୍ୱାରା ଫୁଙ୍କି ଏହି ବାଦ୍ୟଯନ୍ତ୍ରଗୁଡ଼ିକୁ ବାଦନ କରାଯାଏ ।


ସୀତାର

## ଭାରତୀୟ ସଙ୍ଗୀତରେ ବାଦ୍ୟଯନ୍ତ୍ର

ତତ୍ ବାଦ୍ୟଯନ୍ତ୍ରର ଉଦାହରଣ - ୧) ତାନପୁରା, ୨) ସୀତାର, ୩) ବେହେଲା, ୪) ସନ୍ତୁର, ୫) ବୀଣା, ୬) ସ୍ୱରମଣ୍ଡଳ, ୭) ସାରଙ୍ଗୀ ଇତ୍ୟାଦି


ବୀଣା

## ପବନଦ୍ୱାରା ଚାଳିତ ବାଦ୍ୟଯନ୍ତ୍ର


ବଂଶୀ

୧) ବଂଶୀ ୨) ସାହାନାଇ ୩) ଶଙ୍ଖ ୪) ନାଗେଶ୍ୱରମ୍ ୫) ତୁରୀ ୬) ମହୁରୀ ୭) ବିଗୁଲ ଇତ୍ୟାଦି


ଧାତୁ ନିର୍ମିତ ବାଦ୍ୟଯନ୍ତ୍ର, ଯାହା କଠିନ ଧାତୁରେ ନିର୍ମିତ ତାହାକୁ ଘନବାଦ୍ୟ କୁହାଯାଏ । (୧) ଝାଞ୍ଜ, (୨) ଗିନି, (୩) ଘଟମ୍, (୪) କରତାଳ, (୫) ମଞ୍ଜିରା ଇତ୍ୟାଦି ।


ବେହେଲା



https://withteachers.in/

ଏହି ପୃଷ୍ଠାରେ ପ୍ରଦତ୍ତ ଚିତ୍ରଗୁଡ଼ିକୁ ଦେଖି ତୁମେ ଜାଣିଥିବା ଏହି ବର୍ଗର ବାଦ୍ୟଯନ୍ତ୍ରଗୁଡ଼ିକର ନାମ ଖାଲିଥିବା କୋଠରୀରେ ଲେଖ ।

| | ବାଦ୍ୟଯନ୍ତ୍ର | | ବାଦ୍ୟଯନ୍ତ୍ର |
|---|---|---|---|
| ୧. |  ସୀତାର | ୨. |  ସନ୍ତୁର |
| ୩. |  ହାରମୋନିୟମ୍ | ୪. |  ତାନପୁରା |
| ୫. |  ଭାଓଲିନ୍ | ୬. |  ସାହାନାଇ |
| ୭. |  ତବଲା | ୮. |  ସରୋଦ |
| ୯. |  ବଂଶୀ | ୧୦. |  ପଖାଓ୍ବାଜ |



https://withteachers.in/

## କ୍ରିୟାକଳାପ ୪ : ନିଜ ପାଇଁ ବାଦ୍ୟଯନ୍ତ୍ର ତିଆରି କର

'ଜଳତରଙ୍ଗ' ଏକ ମଧୁର ସ୍ୱର ସୃଷ୍ଟିକାରୀ ବାଦ୍ୟଯନ୍ତ୍ର ଅଟେ । ଏହା ସାଧାରଣତଃ ଚିନାମାଟିର କପ୍, କାଚ ନିର୍ମିତ ଗ୍ଲାସ ବା ପିଆଲା ଅଥବା ଧାତୁ ନିର୍ମିତ ପାତ୍ର, କଂସା ବାସନ, ଷ୍ଟିଲ୍ ନିର୍ମିତ କପ୍, ଗ୍ଲାସ୍ ଆଦିର ବ୍ୟବହାର କରି ସଜାଇ ନିର୍ମାଣ କରାଯାଇଥାଏ । ବ୍ୟବହୃତ ପାତ୍ରରେ ସମାନୁପାତିକ ଜଳ ବା କମ୍ ବେଶୀ ଅନୁପାତ ଜଳ ପୂର୍ଣ୍ଣ କରାଯାଇଥାଏ । ଏହିସବୁ ପାତ୍ରଗୁଡ଼ିକ କ୍ରମାନୁସାରେ ସାନରୁ ବଡ଼ ଉଚ୍ଚତା ଅନୁଯାୟୀ ରଖାଯାଇ ତାହାର ଧାରକୁ କାଠିଦ୍ୱାରା ଆଘାତ କରି ଧ୍ୱନି ସୃଷ୍ଟି କରାଯାଇଥାଏ । ଏହା ଉଭୟ ଜଳ ଓ ସ୍ୱର ସୃଷ୍ଟିକାରୀ ବାଦ୍ୟ ଅଟେ । ବାଦ୍ୟ ବର୍ଗୀକରଣ ଅନୁସାରେ ଏହାକୁ ପବନ ଆଘାତରୁ ଉତ୍ପନ୍ନ ସ୍ୱରବାଦ୍ୟ ଓ ତାଳବାଦ୍ୟରେ ଅନ୍ତର୍ଭୁକ୍ତ କରାଯାଇପାରେ । କାଠିଗୁଡ଼ିକ ସାହାଯ୍ୟରେ କାଚପାତ୍ର ବା ଚିନାମାଟିର ପାତ୍ର ଧାରରେ ଆଘାତ ଦେବାଦ୍ୱାରା ଧ୍ୱନି ସୃଷ୍ଟି ହୋଇ ପାତ୍ରର ଜଳ ଅନୁପାତରେ ପାତ୍ରରେ ଖାଲିଥିବା ଶୂନ୍ୟ ସ୍ଥାନରେ ପବନ କମ୍ପିତ ବା ଆନ୍ଦୋଳିତ ହୋଇ ଶବ୍ଦ ତରଙ୍ଗ ସୃଷ୍ଟି କରୁଥିବାରୁ ଏହି ବାଦ୍ୟର ନାମ 'ଜଳ ତରଙ୍ଗ' ଅଟେ ।

ଏବେ ଆସ, ତୁମ ରୋଷେଇ ଘରେ ଉପଲବ୍ଧ ଚିନାମାଟିର କପ୍ ପିଆଲା ଆଦିକୁ ଆନୁପାତିକ ଜଳପୂର୍ଣ୍ଣ କରି ଜଳତରଙ୍ଗ ବାଦ୍ୟଯନ୍ତ୍ର ତିଆରି କରିବା ।

**ଆବଶ୍ୟକୀୟ ସାମଗ୍ରୀ**

ପାଞ୍ଚଗୋଟି ଚିନାମାଟିର ମଜବୁତ୍ ଥିବା 'ପାତ୍ର' ଜଳପୂର୍ଣ୍ଣ ଏକ ବାଲ୍‌ଟି ବା କଂସା । ଦୁଇଗୋଟି ପେନ୍‌ସିଲ୍ ଅଥବା କାଠ ତିଆରି ସରୁ ବାଡ଼ି ।

ବର୍ତ୍ତମାନ ଆସ - ଗୋଟିଏ ଟେବୁଲ୍ ଉପରେ ଏକ ଧାଡ଼ିରେ ଜଳପାତ୍ର ଗୁଡ଼ିକୁ ସଜାଇ ରଖିବା ।

- ଜଳପାତ୍ରଗୁଡ଼ିକରେ କମ୍ ବେଶୀ ଅନୁପାତରେ ଜଳ ଭର୍ତ୍ତି କର
- ତୁମେ ଚାହିଁଲେ ପ୍ରଥମ କପ୍‌ଟିରେ ପୂର୍ଣ୍ଣଜଳ, ଦ୍ୱିତୀୟଟିରେ ତିନି ଚତୁର୍ଥାଂଶ ଜଳ, ତୃତୀୟଟିରେ ଅଧାକପ୍ ଜଳ, ଚତୁର୍ଥଟିରେ ଏକ ଚତୁର୍ଥାଂଶ ଜଳ ପୂର୍ଣ୍ଣ କରି କପ୍ ପିଆଲା ଗୁଡ଼ିକୁ ବ୍ୟବହାର କରିପାରିବ ।
- ଏବେ ଦେଖ, ତୁମ ହାତ ତିଆରି ନିଜର ଏକ ଜଳ ତରଙ୍ଗ ବାଦ୍ୟ ପ୍ରସ୍ତୁତ ହୋଇଗଲା, ଯାହାକୁ ତୁମେ ବଜାଇ ପାରିବ ।
- ଏବେ ଜଳପାତ୍ରର ଉପର ଭାଗରେ ସରୁଧାର ଗୁଡ଼ିକରେ ପେନ୍‌ସିଲ୍ ବା ସରୁକାଠି ବ୍ୟବହାରରେ ଧୀରେଧୀରେ ବା ଜୋର୍‌ରେ ଆଘାତ ଦିଅ । ଦେଖ କିପରି ପ୍ରତ୍ୟେକ ପାତ୍ରରୁ ଭିନ୍ନଭିନ୍ନ ସ୍ୱର ଉତ୍ପନ୍ନ ହେଉଛି ।





https://withteachers.in/

## କ୍ରିୟାକଳାପ ୫ : ଶୁଣ ଏବଂ ଶିଖ

ଭାରତବର୍ଷର ଇଣ୍ଡିଆନ୍ ମ୍ୟୁଜିକ୍ ଏକସ୍‌ପେରିୟେନ୍‌ସ ମିଉଜିୟମ୍ ଦ୍ୱାରା ପ୍ରସ୍ତୁତ ଧ୍ୱନି ମୁଦ୍ରିତ ବୃତ୍ତଚିତ୍ର (Introduction to Instruments of India) (ଭାରତୀୟ ବାଦ୍ୟଯନ୍ତ୍ରର ପରିଚୟ) ଟିକୁ ଦେଖ ଏବଂ ଶୁଣ । ଏହି ଅନୁଷ୍ଠାନଟି ବେଙ୍ଗାଲୁରୁରେ ଅବସ୍ଥିତ । ଏହିସବୁ ବାଦ୍ୟଯନ୍ତ୍ରରୁ ତୁମେ କେଉଁ ବାଦ୍ୟଯନ୍ତ୍ରଟିକୁ ପସନ୍ଦ କଲ ଏବଂ କାହିଁକି ତାହା ଜଣାଅ ? ବାଦ୍ୟଯନ୍ତ୍ରର ବର୍ଗୀକରଣ କିପରି କରାଯାଇଅଛି, ସେ ସଂପର୍କରେ ଲେଖ ।

## କ୍ରିୟାକଳାପ ୬ : ଆସ ଏସବୁ ବିଷୟରେ ପ୍ରକଳ୍ପ ତିଆରି କରିବା

- ସଙ୍ଗୀତ ଓ ବିଜ୍ଞାନ
- କୌଣସି ସ୍ଥାନୀୟ କଳାକାରଙ୍କ ଜୀବନୀ ଓ କୃତିତ୍ୱ ।

### ସାଙ୍ଗୀତିକ ବାଦ୍ୟଯନ୍ତ୍ରର ଯାଦୁଗରୀ ଦୁନିଆ

ସାଙ୍ଗୀତରେ ବ୍ୟବହୃତ ବାଦ୍ୟଯନ୍ତ୍ର ସଙ୍ଗୀତ ସଂପର୍କରେ ଏକ ସମୃଦ୍ଧ ଜ୍ଞାନ ସୃଷ୍ଟି କରିବାରେ ସମର୍ଥ ହୋଇଥାଏ । ଯେଉଁସବୁ ବସ୍ତୁର ସହାୟତାରେ ଏହି ବାଦ୍ୟଯନ୍ତ୍ରଗୁଡ଼ିକ ନିର୍ମିତ ହୋଇଥାଏ, ସେହିଗୁଡ଼ିକର ସାଙ୍ଗୀତିକ ବ୍ୟବହାରକୁ ଦୃଷ୍ଟିରେ ରଖି ଏହି ବାଦ୍ୟଯନ୍ତ୍ର ଗୁଡ଼ିକର ବର୍ଗୀକରଣ କରାଯାଇପାରେ । ତୁମେ ଯେଉଁ ଗୀତଗୁଡ଼ିକୁ ଶୁଣିବାକୁ ଭଲପାଅ, ଯାହା ତୁମ ମନରେ ଆନନ୍ଦ ଆଣି ଦେଇଥାଏ, ସେହି ଗୀତଗୁଡ଼ିକୁ ଶୁଣ । ଏଥିରେ ବ୍ୟବହୃତ ବାଦ୍ୟଯନ୍ତ୍ରଗୁଡ଼ିକୁ ଚିହ୍ନ ଏବଂ ତାହାକୁ ବିଭିନ୍ନ ବିଭାଗ ବା ଶ୍ରେଣୀରେ ବର୍ଗୀକରଣ କର ।



**ପଣ୍ଡିତ ରବିଶଙ୍କର**
(ଭାରତରତ୍ନ ପୁରସ୍କାର ପ୍ରାପ୍ତ)
ସୀତାର ବାଦକ

### ଶିକ୍ଷକମାନଙ୍କୁ ସୂଚନା

ବିଦ୍ୟାଳୟର ପିଲାମାନଙ୍କ ସହ କଳାକାରମାନଙ୍କ ସଂପର୍କ ସ୍ଥାପନ ନିମନ୍ତେ ସ୍ଥାନୀୟ ଆଂଚଳିକ କଳାକାର ବା ଶିଳ୍ପୀମାନଙ୍କୁ ନିମନ୍ତ୍ରଣ କରି ଗୋଟିଏ ସଙ୍ଗୀତ କର୍ମଶାଳାର ଆୟୋଜନ କରିପାରିବେ । ଏହି କାର୍ଯ୍ୟକ୍ରମରେ କଳାକାରମାନେ ଗୀତ ବାଦ୍ୟ ଆଦି ନିଜସ୍ୱ କଳାର କ୍ରିୟା କୌଶଳର ଏକ ପ୍ରତ୍ୟକ୍ଷ ପ୍ରଦର୍ଶନ ପ୍ରସ୍ତୁତ କରିବେ ଏବଂ ଏଥିରେ ପିଲାମାନେ କଳାକାରମାନଙ୍କ ସହିତ ମିଶିବା, ଭାବ ବିନିମୟ କରିବା ନିମନ୍ତେ ସେମାନଙ୍କୁ ଉତ୍ସାହ ପ୍ରଦାନ କରନ୍ତୁ । କଳାକାରମାନଙ୍କୁ ସାଧନା, ସେମାନଙ୍କର ଗୁରୁଙ୍କ ନିକଟରୁ ଶିକ୍ଷାଲାଭର ବିଧି ଅନୁଭୂତି ସଂପର୍କରେ ଜଣାନ୍ତୁ । ପିଲାମାନେ ସେମାନଙ୍କ ସହିତ ମିଶି କଥୋପକଥନ ମାଧ୍ୟମରେ ବିଭିନ୍ନ ତଥ୍ୟ ସମ୍ବନ୍ଧରେ ଅବଗତ ହୁଅନ୍ତୁ । ଆବଶ୍ୟକତା ଅନୁସାରେ ଯଦି ଶିକ୍ଷକ ଥାଆନ୍ତି, ତାହେଲେ କିଛି ନିର୍ଦ୍ଦିଷ୍ଟ ବାଦ୍ୟଯନ୍ତ୍ର ବଜାଇବାର ପ୍ରାଥମିକ କ୍ରିୟା କୌଶଳ ତାଙ୍କଠାରୁ ଶିକ୍ଷାଲାଭ କରିବା ନିମନ୍ତେ ପିଲାମାନଙ୍କୁ ଉତ୍ସାହିତ କରନ୍ତୁ ।


https://withteachers.in/

# ଅଧ୍ୟାୟ - ୮ : ଭାରତୀୟ ସଙ୍ଗୀତରେ ରାଗ ଓ ତାଳ



**ଉଦ୍ଦେଶ୍ୟ :** ଉତ୍ତର ଭାରତୀୟ ଏବଂ ଦକ୍ଷିଣ ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ ପଦ୍ଧତିରେ ତଥା ଅନ୍ୟାନ୍ୟ ପଦ୍ଧତିରେ ପ୍ରଚଳିତ ରାଗ ଓ ତାଳ ବିଷୟରେ ଜାଣିବା ।

## ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ପଦ୍ଧତିରେ ବ୍ୟବହୃତ ତାଳ

### କହରୱା ତାଳ

ମାତ୍ରା-୮ ତାଳି-ଗୋଟିଏ ଯାହା ୧ ମାତ୍ରା ଉପରେ ଦିଆଯାଇଥାଏ ।
ବିଭାଗ-୨ ଖାଲି - ଗୋଟିଏ ଯାହା ୫ ମାତ୍ରାରେ ଦେଖାଯାଇଥାଏ ।

| ତାଳ ଚିହ୍ନଲିପି | X | | | | 0 | | | |
|---|---|---|---|---|---|---|---|---|
| ମାତ୍ରା | ୧ | ୨ | ୩ | ୪ | ୫ | ୬ | ୭ | ୮ |
| ତାଳର ବାଣୀ | ଧା | ଗେ | ନା | କ | ନା | କ | ଧି | ନ |

### ଦାଦରା ତାଳ

ମାତ୍ରା - ୬ ତାଳ : ପ୍ରଥମ ମାତ୍ରା ଉପରେ ପଡ଼େ ।
ବିଭାଗ - ୨ ଖାଲି : ଚତୁର୍ଥ ମାତ୍ରା ଉପରେ ଥାଏ ।

| ତାଳ ଚିହ୍ନଲିପି | X | | | 0 | | |
|---|---|---|---|---|---|---|
| ମାତ୍ରା | ୧ | ୨ | ୩ | ୪ | ୫ | ୬ |
| ତାଳର ବାଣୀ | ଧା | ଧିନ୍ | ନା | ଧା | ତୁ | ନା |

### ତିନ୍ ତାଲ୍ ଅଥବା ତ୍ରୀତାଳ

ମାତ୍ରା-୧୬
ବିଭାଗ-୪

ତାଳି- ୩ଟି ୧, ୫, ୧୩, ମାତ୍ରା ଉପରେ ସ୍ଥିତ
ଖାଲି - ଗୋଟିଏ ୯ ମାତ୍ରା ଉପରେ ସ୍ଥିତ

| ତାଳ ଚିହ୍ନଲିପି | X | | | | 2 | | | | 0 | | | | 3 | | | |
|---|---|---|---|---|---|---|---|---|---|---|---|---|---|---|---|---|
| ମାତ୍ରା | ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ତାଳର ବାଣୀ | ଧା | ଧିନ୍ | ଧିନ୍ | ଧା | ଧା | ଧିନ୍ | ଧିନ୍ | ଧା | ଧା | ତିଁ | ତିଁ | ତା | ତା | ଧିନ୍ | ଧିନ୍ | ଧା |

**ତୁମେ ଜାଣିଛ କି ?**

ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ ପଦ୍ଧତିରେ ବ୍ୟବହୃତ ତାଳର ପ୍ରଥମ ମାତ୍ରାକୁ ସାମ୍ କୁହାଯାଇଥା ।



https://withteachers.in/

## କର୍ଣ୍ଣାଟକୀ ସଙ୍ଗୀତ ପଦ୍ଧତିରେ ତାଳମ୍

କର୍ଣ୍ଣାଟକୀ ସଙ୍ଗୀତରେ ହାତରେ ତାଳଗୁଡ଼ିକୁ ମାତ୍ରାଦ୍ୱାରା ତାଳି ଦେଇ ଗାୟନ ବାଦନ ପରିବେଷଣ କରିବାର କ୍ରିୟାକୁ 'ତାଳମ୍' କୁହାଯାଇଥାଏ । ଏହା ମାତ୍ରା ପ୍ରଦର୍ଶନ କ୍ରିୟା ଅଟେ । ପ୍ରତ୍ୟେକ ତାଳମ୍‌ରେ ନିର୍ଦ୍ଦିଷ୍ଟ ସଂଖ୍ୟକ ମାତ୍ରା ବ୍ୟବହାର ସହ ସେହିଗୁଡ଼ିକୁ ବାରମ୍ବାର ପୁନରାବୃତ୍ତି ମାଧ୍ୟମରେ ବାଦନରେ ପରିବେଷଣ କରାଯାଇଥାଏ ଏହାକୁ 'ତାଳମ୍‌ର ଆବର୍ତ୍ତନ' ବୋଲି କୁହାଯାଏ । ତାଳମ୍ ପ୍ରତ୍ୟେକ ଅଂଶକୁ 'ଅଙ୍ଗମ୍' ବୋଲି କୁହାଯାଏ । ଏହି ଅଙ୍ଗମ୍ ୩ ଭାଗରେ ବିଭକ୍ତ ଯଥା – ୧) ଲଘୁ ୨) ଧୃତ ୩) ଅଣୁ ଧୃତମ୍



## ଓଡ଼ିଶୀ ସଙ୍ଗୀତ ପଦ୍ଧତିରେ ତାଳ

**ମର୍ଦ୍ଦଳ –** ଓଡ଼ିଶୀ ଗୀତ ଓ ନୃତ୍ୟରେ ବ୍ୟବହୃତ ହେଉଥିବା ଏକମାତ୍ର ତାଳବାଦ୍ୟ ମର୍ଦ୍ଦଳ ନାମରେ ପରିଚିତ । ବିଶେଷକରି ଓଡ଼ିଶୀ ସଙ୍ଗୀତର ବିଭିନ୍ନ ପ୍ରବନ୍ଧ ଯଥା:- ଛାନ୍ଦ, ଚମ୍ପୂ, ଚଉତିଶା, ଭଜନ, ଜଣାଣ, ପଲ୍ଲବୀ, ଶ୍ରୀଗୀତଗୋବିନ୍ଦ ସହିତ ଓଡ଼ିଶୀ ରାଗାଙ୍ଗ, ଭାବାଙ୍ଗ, ନାଟ୍ୟାଙ୍ଗ ଓ ଧ୍ରୁବପଦାଙ୍ଗ ପ୍ରବନ୍ଧ ଗୀତ ମାନଙ୍କରେ ମର୍ଦ୍ଦଳ ବାଦନର ସହଯୋଗିତା ଏକାନ୍ତ ଅପରିହାର୍ଯ୍ୟ ଅଟେ । ଯେପରି ହିନ୍ଦୁସ୍ଥାନୀ ସଙ୍ଗୀତରେ ତବଲା ଏବଂ କର୍ଣ୍ଣାଟକୀ ସଙ୍ଗୀତରେ ମୃଦଙ୍ଗମ ବାଦନ କରାଯାଏ ସେହିପରି, ଓଡ଼ିଶୀ ସଙ୍ଗୀତରେ ମର୍ଦ୍ଦଳକୁ ମୁଖ୍ୟ ତାଳ ବାଦ୍ୟ ଭାବରେ ବାଦନ କରାଯାଇଥାଏ । ଓଡ଼ିଶୀ ସଙ୍ଗୀତର ଇତିହାସରେ ମର୍ଦ୍ଦଳ ବାଦନର ଏକ ସୁଦୃଢ଼ ପରମ୍ପରା ରହିଛି । ସମସ୍ତ ପ୍ରକାରର ଆନଦ୍ଧ ବାଦ୍ୟ ମଧ୍ୟରେ ମର୍ଦ୍ଦଳକୁ ଶ୍ରେଷ୍ଠ ସ୍ଥାନ ଦିଆଯାଇଛି । ଖଇର କାଠରେ ତିଆରି କରାଯାଇଥିବା ମର୍ଦ୍ଦଳକୁ ଶ୍ରେଷ୍ଠ ମର୍ଦ୍ଦଳ କୁହାଯାଏ । ଓଡ଼ିଶୀ ସଙ୍ଗୀତରେ ବ୍ୟବହୃତ ହେଉଥିବା ତାଳ ଗୁଡ଼ିକ ମର୍ଦ୍ଦଳର ଗୁରୁଗମ୍ଭୀର ଧ୍ୱନିରେ ପ୍ରକମ୍ପିତ ହୋଇଥାଏ । ସେହି ତାଳ ଗୁଡ଼ିକ ହେଲା- ଏକତାଳି, ରୂପକ, ଖେମଟା, ତ୍ରିପଟା, ଝମ୍ପା, ମଠା, କୁଡୁକ, ଯତି, ଆଡତାଳି, ସରିମାନ, ଆଦିତାଳ ଇତ୍ୟାଦି ।



### ଆସ ଓଡ଼ିଶୀ ସଙ୍ଗୀତ ପଦ୍ଧତିରେ ବ୍ୟବହାର କରାଯାଉଥିବା କେତୋଟି ତାଳ ଶିଖିବା ।

| ତାଳ: ରୂପକ | ମାତ୍ରା:୬ | ଭାଗ ସଂଖ୍ୟା:୨ | ଛନ୍ଦ:୨+୪ | ତାଳି: ୧ ଓ ୩ ମାତ୍ରା | | |
|---|---|---|---|---|---|---|
| ତାଳ ଚିହ୍ନ | x | | ୨ | | | |
| ମାତ୍ରା ସଂଖ୍ୟା | ୧ | ୨ | ୨ | ୪ | ୫ | ୬ |
| ତାଳର ଧରଣ | ଧା | କଡ଼ତାଳ | ଧା | କଡ଼ତାଳ | ତିନ୍ | ଦା |

| ତାଳ: ତ୍ରିପଟା | ମାତ୍ରା:୨ | ଭାଗ ସଂଖ୍ୟା:୩ | ଛନ୍ଦ:୩+୨+୨ | ତାଳି:୧,୪ ଓ ୬ ମାତ୍ରା ଉପରେ | | | |
|---|---|---|---|---|---|---|---|
| ତାଳ ଚିହ୍ନ | x | | | ୨ | | ୩ | |
| ମାତ୍ରା ସଂଖ୍ୟା | ୧ | ୨ | ୩ | ୪ | ୫ | ୬ | ୭ |
| ତାଳର ଧରଣ | ଧେଇ | ତାଥି | ନାକ | ତାଥି | ନାକ | ତାଥି | ନାକ |

| ତାଳ: ଝମ୍ପା | ମାତ୍ରା:୧୦ | ଭାଗ ସଂଖ୍ୟା:୪ | ଛନ୍ଦ:୨+୩+୨+୩ | ତାଳି:୧,୩ଓ୮ ମାତ୍ରା ଖାଳି: ୬ ମାତ୍ରା ଉପରେ ପଡ଼େ | | | | | | |
|---|---|---|---|---|---|---|---|---|---|---|
| ତାଳ ଚିହ୍ନ | x | | ୨ | | | ୦ | | ୩ | | |
| ମାତ୍ରା ସଂଖ୍ୟା | ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ |
| ତାଳର ଧରଣ | ଧାତି | ନାମ୍ | ଧାକ୍ | ଧାତି | ନାମ୍ | ନାତି | ନାମ୍ | ତାକ୍ | ଧାତି | ନାମ୍ |



https://withteachers.in/

## ପରିଭାଷା ସୂଚକ ନାମ

| କର୍ଣ୍ଣାଟକୀ ସଙ୍ଗୀତ | ହିନ୍ଦୁସ୍ଥାନୀ ସଙ୍ଗୀତ |
|---|---|
| ରାଗମ୍ | ରାଗ |
| ଆରୋହଣମ୍ | ଅବରୋହ |
| ଗମକମ୍ | ଗମକ |
| ଲୟମ୍ | ଲୟ |



## ଭାରତୀୟ ସଙ୍ଗୀତରେ ରାଗ

ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତରେ ଆମେ ମୁଖ୍ୟତଃ ଦୁଇଟି ଶୈଳୀର ସଙ୍ଗୀତ ପଦ୍ଧତି ପ୍ରଚଳିତ ଥିବାର ଦେଖିଥାଉ ଯଥା – କର୍ଣ୍ଣାଟକୀ ଶାସ୍ତ୍ରୀୟ ସଙ୍ଗୀତ ପଦ୍ଧତି ବା ଦକ୍ଷିଣ ଭାରତୀୟ ସଙ୍ଗୀତ ପଦ୍ଧତି ଏବଂ ଉତ୍ତର ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ ପଦ୍ଧତି ବା ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ପଦ୍ଧତି । ପୁସ୍ତକର ପୂର୍ବ ପ୍ରକାଶିତ ପୃଷ୍ଠାରେ ଏହି ଉଭୟ ପଦ୍ଧତିରେ ପ୍ରଚଳିତ ସ୍ୱର ତାଳଗୁଡ଼ିକ ସଂପର୍କରେ ଆଲୋଚନା କରାଯାଇଛି । କର୍ଣ୍ଣାଟକୀ ସଙ୍ଗୀତରେ ବୀଣା, ଭାଓଲିନ୍(ବେହେଲା), ବଂଶୀ, ନାଦସ୍ୱରମ୍, ମୃଦଙ୍ଗମ୍, ଘଟମ୍, ମଞ୍ଜିରା ଏବଂ ମୋରସିଙ୍ଗ୍, ଆଦି ବାଦ୍ୟଯନ୍ତ୍ରର ବ୍ୟବହାର କରାଯାଇଥାଏ । କର୍ଣ୍ଣାଟକୀ ଶାସ୍ତ୍ରୀୟ ସଙ୍ଗୀତର ଗୀତ ଗୁଡ଼ିକ ସଂସ୍କୃତ, ତେଲୁଗୁ, କନ୍ନଡ଼, ମାଲାୟଲମ୍ ଏବଂ ତାମିଲ୍ ଭାଷାରେ ସଂଯୋଜିତ ହୋଇଥାଏ ।

ସେହିପରି ହିନ୍ଦୁସ୍ଥାନୀ ସଙ୍ଗୀତରେ ତାନପୁରା, ସୀତାର, ସରୋଦ, ସାରଙ୍ଗୀ, ସନ୍ତୁର, ତବଲା, ପଖାଓ୍ୱାଜ ଆଦି ବାଦ୍ୟଯନ୍ତ୍ରର ବ୍ୟବହାର କରାଯାଇଥାଏ । ଏଥିରେ ବ୍ୟବହୃତ ହେଉଥିବା ଗୀତ ଗୁଡ଼ିକ ହିନ୍ଦୀ, ସଂସ୍କୃତ, ବ୍ରଜଭାଷା ଆଦିରେ ରଚିତ ହୋଇଥାଏ ।

ସେହିପରି ଓଡ଼ିଶୀ ସଙ୍ଗୀତ ପଦ୍ଧତିରେ ତାନପୁରା, ମର୍ଦ୍ଦଳ, ବଂଶୀ, ହାର୍‌ମୋନିୟମ୍, ବେହେଲା ମଞ୍ଜିରା, ରାବଣ ହସ୍ତ (ଅଧୁନା ଲୁପ୍ତ) ଇତ୍ୟାଦି ବାଦ୍ୟଯନ୍ତ୍ର ବ୍ୟବହାର କରାଯାଇଥାଏ । ଏଥିରେ ବ୍ୟବହାର ହେଉଥିବା ଗୀତଗୁଡ଼ିକ ଓଡ଼ିଆ ଭାଷାରେ ସଂଯୋଜିତ ହୋଇଥାଏ । ବିଶେଷକରି ରୀତିଯୁଗୀୟ କବିମାନଙ୍କର ରଚନାବଳୀ ଏଥିରେ ଅଧିକ ପ୍ରୟୋଗ ହୋଇଥାଏ ।

ତୁମେ ଅନ୍‌ଲାଇନ୍‌ରୁ ଏହି ବିଷୟରେ ଭିଡିଓଗୁଡ଼ିକୁ ଦେଖ ଏବଂ ରାଗ ତାଳ ସଂପର୍କରେ ଜ୍ଞାନ ଅର୍ଜନ କର । ସ୍ୱର ସପ୍ତକ ମଧ୍ୟରେ ନିର୍ଦ୍ଧାରିତ ସ୍ୱର ସମୂହ ସ୍ୱରାବଳୀ ଆଧାରରେ ରାଗ ଗଠିତ ହୋଇଥାଏ । ପ୍ରତ୍ୟେକ ସ୍ୱର ସପ୍ତକରେ ସ୍ୱରମାନଙ୍କ କ୍ରମିକ ବ୍ୟବହାର ଦ୍ୱାରା ତଳସ୍ୱରରୁ ଉପର ଆଡକୁ ଗତି କରିବାର କ୍ରିୟାକୁ ଆରୋହ ବା ‘ଆରୋହଣ’ କୁହାଯାଏ । ସେହିପରି ଉପର ସ୍ୱରରୁ ତଳସ୍ୱର ଆଡ଼କୁ କ୍ରମାନ୍ୱୟରେ ଗତି କରିବାର କ୍ରିୟାକୁ ଅବରୋହ ବା ‘ଅବରୋହଣ’ କୁହାଯାଏ । ସ୍ୱରଗୁଡ଼ିକର ବ୍ୟବହାର କରି ଏକ ପାହାଚର ଶ୍ରେଣୀ ତିଆରି ହୋଇଥିବାର କଳ୍ପନା କର । ରାଗ ଅନୁଯାୟୀ ସ୍ୱର ସପ୍ତକରେ ବ୍ୟବହୃତ ସ୍ୱରମାନଙ୍କର ଭିନ୍ନଭିନ୍ନ ପରିବର୍ତ୍ତନ ହୋଇଥାଏ ।

**ସ୍ୱରଲିପି ପଦ୍ଧତି :** ସ୍ୱରଗୁଡ଼ିକୁ ଲେଖି ଚିହ୍ନିବା ନିମନ୍ତେ ଯେଉଁସବୁ ଚିହ୍ନର ବ୍ୟବହାର କରାଯାଇଛି, ତାହାକୁ ସ୍ୱରଲିପି କୁହାଯାଏ, ଯେପରିକି ତାର ସପ୍ତକର ସ୍ୱର ବା ଉଚ୍ଚ ସ୍ୱରଗୁଡ଼ିକୁ ଚିହ୍ନିବା ପାଇଁ ସ୍ୱରର ନାମ ଲେଖି ତାହା ଉପରେ ଗୋଟିଏ (.) ବିନ୍ଦୁ ଚିହ୍ନ ଦିଆଯାଇଥାଏ । ଉଦାହରଣ –ସାଂ ଇତ୍ୟାଦି ।

ସେହିପରି ମଧ୍ୟ ସପ୍ତକର ତଳ ସପ୍ତକ ବା ମନ୍ଦ୍ର ସପ୍ତକରେ ବ୍ୟବହୃତ ନିମ୍ନ ସ୍ୱରଗୁଡ଼ିରେ ଲିପି ସୂଚୀତ କରିବା ନିମନ୍ତେ ସ୍ୱରର ନାମ ଲେଖି ସେଗୁଡ଼ିକର ତଳେ (.) ବିନ୍ଦୁ ଦିଆଯାଇଥାଏ । ଉଦାହରଣ – ନ଼ି

ସ୍ୱାଭାବିକ ସ୍ୱର ସପ୍ତକକୁ “ମଧ୍ୟ ସପ୍ତକ” ସ୍ୱର କୁହାଯାଇଥାଏ । ଏହାକୁ ଚିହ୍ନିତ କରିବା ନିମନ୍ତେ କୌଣସି ଚିହ୍ନ ଦିଆଯାଇ ନଥାଏ । ଯଥା – ସା ରେ ଗା ମା ପା ଧା ନି

**ରାଗର ଜାତି –** ରାଗର ନିର୍ଦ୍ଦିଷ୍ଟ ସ୍ୱର ସମୁଦାୟକୁ ଯେଉଁ ପରିଭାଷା ମାଧ୍ୟମରେ ବ୍ୟକ୍ତ କରାଯାଇଥାଏ । ତାହାକୁ ରାଗର ଜାତି କୁହାଯାଏ । ରାଗର ଆରୋହ ଓ ଅବରୋହରେ ବ୍ୟବହୃତ ହେଉଥିବା ସ୍ୱରମାନଙ୍କର ସଂଖ୍ୟା ଗୁଡ଼ିକୁ ଗଣନା କରାଯାଇ ସଂପୃକ୍ତ ରାଗର ‘ଜାତି’ ନିର୍ଣ୍ଣୟ କରାଯାଇଥାଏ । ରାଗର ଜାତି ମୁଖ୍ୟତଃ ୩ ପ୍ରକାର ଅଟେ । ଯଥା – ଔଡ଼ବ, ଷାଡ଼ବ ଓ ସମ୍ପୂର୍ଣ୍ଣ । କୌଣସି ଗୋଟିଏ ରାଗରେ ଯଦି ୫ଟି ସ୍ୱର ଥାଏ ତାହେଲେ ତାହାକୁ ଔଡ଼ବ ଜାତୀରେ ରାଗ ବୋଲି କୁହାଯାଏ । ସେହିପରି ଯଦି ରାଗରେ ୬ଗୋଟି ସ୍ୱର ଥାଏ, ତାହାକୁ ଷାଡ଼ବ ଏବଂ ୭ଗୋଟି ସ୍ୱର ବ୍ୟବହାର କରାଯାଇଥିଲେ, ତାହାକୁ ‘ସମ୍ପୂର୍ଣ୍ଣ ଜାତିର’ ରାଗ ବୋଲି କୁହାଯାଏ ।


https://withteachers.in/



## କ୍ରିୟାକଳାପ ୧ : ରାଗ -ଭୂପ

**ରାଗ-ଭୂପ –** ଏହାର ଅନ୍ୟନାମ ଭୂପାଳୀ ଅଟେ । ଭୂପ ରାଗରେ ନିମ୍ନଲିଖିତ ସ୍ୱରମାନଙ୍କୁ ବ୍ୟବହାର କରାଯାଇଥାଏ ।

ଆରୋହଣ – ସା ରେ ଗା ପା ଧା ସାଂ

ଅବରୋହ / ଅବରୋହଣ – ସାଂ ଧା ପା ଗା ରେ ସା ।

ରାଗ ହଂସଧ୍ୱନି – ହଂସଧ୍ୱନି ରାଗରେ ନିମ୍ନଲିଖିତ ସ୍ୱର ବ୍ୟବହୃତ ହୋଇଥାଏ ।

ଯଥା – ଆରୋହ / ଆରୋହଣ – ସା ରେ ଗା ପା ନି ସାଂ

ଅବରୋହ / ଅବରୋହଣ – ସାଂ ନି ପା ଗା ରେ ସା

ପ୍ରତ୍ୟେକ ରାଗ ତା'ର ଶାସ୍ତ୍ର ନିର୍ଦ୍ଧାରିତ ବା ସ୍ୱରାବଳୀ ମାଧ୍ୟମରେ ଅଳଙ୍କୃତ ହୋଇ ଉପସ୍ଥାପିତ ହୋଇଥାଏ । ସଂସ୍କୃତ ଭାଷାରେ 'ରାଗ' ଶବ୍ଦର ଅର୍ଥ ହେଲା ଯାହା ମଣିଷର ମନ, ଚିତ୍ତକୁ ରଂଜିତ କରିଥାଏ । ପ୍ରତ୍ୟେକ ରାଗର ସ୍ୱର ଆମ ମନରେ ନିର୍ଦ୍ଦିଷ୍ଟ ଭାବ ସୃଷ୍ଟି କରିବାରେ ସମର୍ଥ ହୋଇଥାଏ । ତାହାକୁ ରସ କୁହାଯାଏ ।

ରାଗ ଓ ରସ ଆଧାରିତ ଭିଡିଓଗୁଡ଼ିକୁ ଅନ୍‌ଲାଇନ୍‌ରେ ଦେଖ, ଶୁଣ ଏବଂ ରାଗ ରସ ସଂପର୍କରେ ଅଧିକ ଜ୍ଞାନ ଅର୍ଜନ କର ।

ଭାରତୀୟ ସଙ୍ଗୀତରେ ସ୍ୱର, ତାଳ, ପଦ, ରାଗ ଆଦି ସାଙ୍ଗୀତିକ ଉପାଦାନ ଗୁଡ଼ିକୁ ନେଇ ସଜାଇ ଯେଉଁ ଗୀତର ରଚନା କରାଯାଇଥାଏ, ତାହାକୁ 'ପ୍ରବନ୍ଧ' ବୋଲି କୁହାଯାଇଥାଏ । ଏହାକୁ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତରେ 'ବନ୍ଦିଶ' ବା 'ବନ୍ଦିଜ୍' ଏବଂ କର୍ଣ୍ଣାଟକୀ ଶାସ୍ତ୍ରୀୟ ସଙ୍ଗୀତରେ କୃତି ବା କୃତିଶ ବୋଲି କୁହାଯାଏ । ସେହିପରି ଓଡ଼ିଶୀ ସଙ୍ଗୀତ ପଦ୍ଧତିରେ ଏହାକୁ 'ପ୍ରବନ୍ଧ' ବୋଲି କୁହାଯାଏ ।

## କ୍ରିୟାକଳାପ ୨ : ରାଗ "ବିଲାବଲ"ରେ ଗୋଟିଏ 'ସ୍ୱରମାଳିକା' ଶିକ୍ଷାକରବା

ରାଗରେ ବ୍ୟବହୃତ ସ୍ୱରଗୁଡ଼ିକୁ ତାଳ ସ୍ୱରବଦ୍ଧ କରି ରଚନା କରାଯାଇପାରେ । ଯେଉଁ ସରଗମ୍ ଗୀତର ପ୍ରସ୍ତୁତି ହୋଇଥାଏ ତାହାକୁ ସ୍ୱରମାଳିକା କୁହାଯାଏ । ଭିନ୍ନ ଭିନ୍ନ ରାଗରେ 'ସ୍ୱରମାଳିକା' ରଚନା କରାଯାଇପାରେ ।

ଏବେ ତ୍ରିତାଳ ବା ତିନ୍‌ତାଲ୍‌ରେ ନିବଦ୍ଧ ରାଗ 'ବିଲାବଲ୍'ର ଏହି ସ୍ୱରମାଳିକାଟିକୁ ଶୁଣ ଓ ଶିଖ

### ସ୍ୱରମାଳିକା

ରାଗ -ବିଲାବଲ୍ — ଆରୋହ – ସା ରେ ଗା ମା ପା ଧା ନି ସାଂ

ତାଳ-ତିନ୍‌ତାଲ — ଅବରୋହ – ସାଂ ନି ଧା ପା ମା ଗା ରେ ସା

ରଚନା – ପାରମ୍ପାରିକ

| ସ୍ଥାୟୀ | | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ସା | ପା | ମା | ଗା | ରେ | ଗା | ରେ | ସା | ସା | ରେ | ସା | ନ଼ି | ଧ଼ା | ନ଼ି | ସା | – |
| ସା | ଗା | ରେ | ମା | ଗା | ପା | ମା | ଗା | ଗା | ମା | ପା | ମା | ଗା | ରେ | ସା | – |
| **ଅନ୍ତରା** | | | | | | | | | | | | | | | |
| ପା | ସାଂ | ନି | ଧା | ପା | ମା | ପା | ଧା | ନି | – | ସାଂ | – | ରେଂ | ରେଂ | ସାଂ | ସାଂ |
| ସାଂ | ରେଂ | ଗାଂ | ରେଂ | ସାଂ | ନି | ଧା | ପା | ସାଂ | ନି | ଧା | ପା | ମା | ଗା | ରେ | ସ |



https://withteachers.in/

## ଆଗ୍ରହ ପ୍ରଦାନକାରି ପରିଭାଷା

ୟମନ ରାଗର ପ୍ରମୁଖ ରସ ରୂପେ ଶୃଙ୍ଗାର ରସକୁ ପ୍ରାଧାନ୍ୟ ଦିଆଯାଇଥାଏ । ଆମେ ବହୁଲୋକ ପ୍ରିୟ ଚଳଚ୍ଚିତ୍ର ଗୀତରେ ଏହି ରାଗ ଆଧାରିତ ଅନେକ ଗୀତ ରଚିତ ହୋଇଥିବାର ଦେଖିଥାଉ । ତୁମେ ଚେଷ୍ଟାକରି ଏହି ରାଗର ସ୍ୱର ଉପରେ ଆଧାରିତ ଅନ୍ୟ କେତେକ ଲୋକପ୍ରିୟ ଗୀତ ଜାଣିବାକୁ ଚେଷ୍ଟା କର । ସେହିଗୁଡ଼ିକୁ ଶୁଣ ଓ ଗାଇବା ଶିଖ ।

## କ୍ରିୟାକଳାପ ୩ : ରାଗ- ୟମନରେ ଗୋଟିଏ ବନ୍ଦୀଶ୍ ଶିଖିବା

ଏହି ଭିଡିଓଟିକୁ ଦେଖ ଏବଂ ୟମନ ରାଗରେ ଏକ ବନ୍ଦିଶ ଶିକ୍ଷାକର ।

ୟମନ ରାଗର ଆରୋହ – ନ଼ି ରେ ଗା ମ୍ା ଧା ନି ସାଂ

କିମ୍ବା – ନ଼ି ରେ ଗା ମ୍ା ପା ଧା ନି ସାଂ

ଏହି ରାଗର ଅବରୋହ ସ୍ୱର – ସାଂ ନି ଧା ପା ମ୍ା ଗା ରେ ସା

ମନେରଖ ଏହି ରାଗରେ ବ୍ୟବହାର କରାଯାଇଥିବା ମା' ସ୍ୱର ତୁମେ ସାଧାରଣ ଭାବରେ ବ୍ୟବହାର କରୁଥିବ ଶୁଦ୍ଧ 'ମା'(ମଧ୍ୟମ) ସ୍ୱରଠାରୁ ଉଚ୍ଚ ଅଟେ । ଏହାର ନାମ ତୀବ୍ର ମା', ଅଟେ । ସ୍ୱରର ଏହି ସାମାନ୍ୟ ପରିବର୍ତ୍ତନ ରାଗର ଭାବ ବା ରସକୁ ମଧ୍ୟ ପ୍ରଭାବିତ କରି ଏକ ଭିନ୍ନ ରୂପ ଦେଇଥାଏ । ବୃନ୍ଦାବନରେ ଶ୍ରୀକୃଷ୍ଣଚନ୍ଦ୍ରଙ୍କର ବଂଶୀ ବାଦନ ଓ ଗୋପୀକାମାନଙ୍କର ସେହି ମଧୁର ଧ୍ୱନି ଶ୍ରବଣ ବିଷୟ ଏହି ଗୀତରେ ବର୍ଣ୍ଣିତ ହୋଇଛି ।

## ରାଗ ୟମନ

## ଛୋଟା ଖୟାଲ – ବନ୍ଦୀଶ୍ – କାହ୍ନା ବାଂଶୁରୀ

**ସ୍ଥାୟୀ –** ଆଜ ବଜାଇ କାହ୍ନା ବାଂଶୁରୀ ମୋହ ଲୟି ସଗରି ବ୍ରଜନାରୀ ପ୍ୟାରି ।

**ଅନ୍ତରା –** ବୃନ୍ଦାବନ କି କୁଞ୍ଜ ଗଲିନ ମେଁ ସଙ୍ଗ ବ୍ରିଖଭାନ ଦୁଲାରୀ ପ୍ୟାରି ।

## ସ୍ୱରଲିପି – ତାଳ – ତ୍ରିତାଳ

### ସ୍ଥାୟୀ

| ୧ X | ୨ | ୩ | ୪ | ୫ ୨ | ୬ | ୭ | ୮ | ୯ ୦ | ୧୦ | ୧୧ | ୧୨ | ୧୩ ୩ | ୧୪ | ୧୫ | ୧୬ |
|---|---|---|---|---|---|---|---|---|---|---|---|---|---|---|---|
| | | | | | | ପା | ପାମ୍ା | ଗାରେ | ସାନି | ଧ଼ା | ନ଼ି | ରେ | ଗାମ୍ା | ପା | ମ୍ା |
| | | | | | | ଆ | ଜ | ବ | ଜା | ଇ | କା | ହ୍ନା | ବାଂଶ | - | ଶୁ |
| ପା | - | ରେ | ରେ | ଗା | - | ପା | ପାମ୍ା | ଗା | ରେ | ସା | ନ଼ି | ରେ | ଗାମ୍ା | ପା | ମ୍ା |
| ରୀ | - | - | - | - | - | ଆ | ଜ | ବ | ଜା | ଇ | କା | ହ୍ନା | ବାଂ | - | ଶୁ |
| ପା | - | ରେ | ରେ | ଗା | ପା | ମ୍ା | ଧା | ପା | - | ମ୍ା | ମ୍ | ଗା | - | ପାମ୍ା | ଗାରେ |
| ରୀ | - | - | - | - | ମୋ | ହ | ଲ | ୟୀ | - | ସ | ଗ | ରୀ | - | ବ୍ରି | ଜ |
| ରେ | ଗା | ରେ | ସା | - | ସା | | | | | | | | | | |
| ନା | - | ରୀ | ପ୍ୟା | - | ରୀ | | | | | | | | | | |

### ଅନ୍ତରା

| ୧ X | ୨ | ୩ | ୪ | ୫ ୨ | ୬ | ୭ | ୮ | ୯ ୦ | ୧୦ | ୧୧ | ୧୨ | ୧୩ ୩ | ୧୪ | ୧୫ | ୧୬ |
|---|---|---|---|---|---|---|---|---|---|---|---|---|---|---|---|
| | | | | | | | | - | ପା | -ସାଂ | ସାଂ | ସାଂ | ସାଂ | ସାଂ | - |
| | | | | | | | | - | ବ୍ରିଂ | -ଦା | - | ବ | ନ | କୀ | - |
| - | ନିଧା | ନି | ରେଂ | ନି | ନିଧା | ପା | - | - | ମ୍ା- | ଧାନି | ସାଂ | ସାଂ | ସାଂ | ସାଂ | - |
| - | କୁଂ | ଜ | ଗ | ଲି | ନି | ମେଁ | - | - | ବ୍ରିଂ | ଦା | - | ଭ | ନ | କି | - |
| - | ନିଧା | ନି | ରେଂ | ନି | ନିଧା | ପା | - | - | ମ୍ା | ଧା | ମ୍ା | ଧାନି | ରେଂନି | ନି | ନିଧା |
| - | କୁଂ | ଜ | ଗ | ଲି | ନି | ମେଁ | - | - | ସ | ଙ୍ଗ | ଲି | ୟେ | - | ବ୍ରି | ଖ |
| ପା | - | ରେ | ରେ | ରେଗା | ପାରେ | ପା | ପାମ୍ା | | | | | | | | |
| ଭା | - | ନ | ଦୁ | ଲା- | ରୀ | ଆ | ଜ | | | | | | | | |



https://withteachers.in/

## ତୁମେ ଜାଣିଛ କି ?

ପ୍ରସିଦ୍ଧ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତଜ୍ଞ ପଣ୍ଡିତ ବିଷ୍ଣୁ ନାରାୟଣ ଭାତଖଣ୍ଡେ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତର ସ୍ୱରଲିପି ପଦ୍ଧତି ସୃଷ୍ଟିକରି ଏହାକୁ କ୍ରମେ ବିକଶିତ କରାଇଥିଲେ । ବୃତ୍ତିରେ ସେ ଥିଲେ ଜଣେ ଓକିଲ, ମାତ୍ର ସେ ଥିଲେ ଅତ୍ୟନ୍ତ ବୁଦ୍ଧିମାନ । ସମଗ୍ର ଭାରତବର୍ଷ ଭ୍ରମଣ କରି ଓ ସଙ୍ଗୀତଜ୍ଞମାନଙ୍କୁ ସାକ୍ଷାତ କରି, ସେ ସେମାନଙ୍କଠାରୁ ରଚିତ ବହୁ ସଙ୍ଗୀତ ରଚନା ସଂଗ୍ରହ କରିଥିଲେ । ଏଥିପାଇଁ ତାଙ୍କୁ ବହୁତ ପରିଶ୍ରମ କରିବାକୁ ପଡ଼ିଥିଲା । ତାଙ୍କ ସଂଗୃହୀତ ବିଭିନ୍ନ ପ୍ରକାର ରଚନାକୁ ସେ ୬ ଭାଗରେ ବିଭକ୍ତ କରି "କ୍ରମିକ ପୁସ୍ତକ ମାଳିକା" ନାମକ ଏକ ପୁସ୍ତକରେ ଉଲ୍ଲେଖ କରି ସ୍ୱରଲିପି ମାଧ୍ୟମରେ ପ୍ରକାଶିତ କରିଥିଲେ ।



## ଗୁରୁଙ୍କର ମହିମା ଉପରେ ୟମନ ରାଗରେ ଗୋଟିଏ ବନ୍ଦିଶ ଶିକ୍ଷା କରିବା ।

**ସ୍ଥାୟୀ -** ଗୁରୁ ବିନ କୈସେ ଗୁନ ଗାୟେ, ଗୁରୁ ନା ମାନେ ତୋ ଗୁନ୍ ନହିଁ ଆୟେ, ଗୁନିୟନ ମେଁ ୱେ ଗୁନି କହାୱେ

**ଅନ୍ତରା -** ମାନେ ତୋ ରିଝାୱେ ସବକୋ ଚରନ ଗହେ ସାଦିକନ କେ ଜବ ଆୱେ ଅଚପଲ ତାଲ ସୁର

**ତାଲ-ତ୍ରୀତାଲ (ତିନ୍‌ତାଲ୍)**

.S' - ନିମ୍ନରେ ଦିଆଯାଇଥିବା ବନ୍ଦିଶ୍ର ସ୍ୱରଲିପିରେ ଇଂରାଜୀ ଅକ୍ଷର ବା ବର୍ଣ୍ଣମାଳାର ଏସ୍ ଭଳି ଦେଖାଯାଉଥିବା ଚିହ୍ନଟି ଗୀତ ବା ସାହିତ୍ୟ କଥାବସ୍ତୁରେ ବ୍ୟବହୃତ ଶବ୍ଦକୁ ପ୍ରସାର କରିବା କ୍ଷେତ୍ରରେ ପ୍ରୟୋଗ ହୋଇଥାଏ ।

. '–'- ବନ୍ଦିଶ୍ର ସ୍ୱରଲିପିରେ ଦିଆଯାଇଥିବା ଏହି ଚିହ୍ନଟି ସ୍ୱରର ପ୍ରସାର କରିବା କ୍ଷେତ୍ରରେ ବ୍ୟବହାର କରାଯାଏ ।

### ସ୍ଥାୟୀ

| ଧା ଧିନ୍ ଧିନ୍ ଧା | ଧା ଧିନ୍ ଧିନ୍ ଧା | ଧା ତିନ୍ ତିନ୍ ତା | ତା ଧିନ୍ ଧିନ୍ ଧା |
|---|---|---|---|
| | | ପା ପା ନି ଧା<br>ରୁ ରୁ ବି ନା | ପା ଧା ପା -<br>କୈଁ - ସେ - |
| ମା̍ ରେ ମା̍ ମା̍<br>ଗୁ ନ ଗା - | ପା - - -<br>ୟେ - - - | ପା ନି ଧା ପା<br>ଗୁ ରୁ ନ ମା | - ମା̍ ଗା ରେ<br>- ନେ ତୋ - |
| ଗା ରେ ଗାମା̍ପା ରେ<br>ଗୁ ନି ନା ହି | ସା ରେ ସା -<br>ଆ - ୟେ - | ସା ସା ରେ ରେ<br>ଗୁ ନି ୟ ନ | ଗା ମା̍ ମା̍ -<br>ମେଁ - ୱେ - |
| ପା ପା - ନି<br>ଗୁ ନିଂ - କା | ମା̍ ଧା ପା -<br>ହା - ୱେ - | | |

### ଅନ୍ତରା

| | | | |
|---|---|---|---|
| | | ପା - ପା ମା̍<br>ମା - ନେ - | ଗା - ରେ -<br>ତୋ - ରି - |
| ଗା ପା ସା̇ ଧା<br>ଝା - ୱେ - | ସା̇ ସା̇ ସା̇ ସା̇<br>ସ ବ କୋ - | ସା̇ ସା̇ ଗା̇ ରେ̇<br>ଚ ର ନ ଗ | ସା̇ ରେ̇ ସା̇ -<br>ହେ - ସା - |
| ନି ଧା ସା̇ ସା̇<br>ଦି - କ ନ | ନି ନି ମା̍ ପା<br>କେ - ଜ ବ | ପା ଗା ପା -<br>ଆ - ୱେ - | ଗା ରେ ସା ସା<br>ଅ ଚ ପ ଲ |
| ସାରେ ଗାଗା ପାଧା ନିସା̇<br>ତା - - ଲ | ନିଧା ପାମା̍ ଗାରେ ସାସା<br>- - - ସୁର | | |



https://withteachers.in/

## ତୁମେ ଜାଣିଛ କି ?

**କର୍ଣ୍ଣାଟକୀ ସଙ୍ଗୀତରେ ତ୍ରିମୂର୍ତ୍ତି**

ତ୍ୟାଗରାଜ, ମୁଥୁସ୍ୱାମୀ ଦିକ୍ଷିତାର ଏବଂ ଶ୍ୟାମା ଶାସ୍ତ୍ରୀ, ଏହି ପ୍ରସିଦ୍ଧ ଶାସ୍ତ୍ରୀୟ ସଙ୍ଗୀତଜ୍ଞ ତ୍ରୟ କର୍ଣ୍ଣାଟକୀ ଶାସ୍ତ୍ରୀୟ ସଙ୍ଗୀତ ପଦ୍ଧତିରେ 'ତ୍ରିମୂର୍ତ୍ତି' ରୂପେ ପରିଚିତ । ସର୍ବଶ୍ରେଷ୍ଠ ସଙ୍ଗୀତ ରଚୟିତା ରୂପେ ଏହି ସଙ୍ଗୀତଜ୍ଞମାନେ କର୍ଣ୍ଣାଟକୀ ଶାସ୍ତ୍ରୀୟ ସଙ୍ଗୀତରେ ପ୍ରୟୋଗ ହେଉଥିବା ସାହିତ୍ୟକୁ ସମୃଦ୍ଧ କରିଥିଲେ । ଏମାନଙ୍କର ସାଙ୍ଗୀତିକ ସୂକ୍ଷ୍ମ ବା ସାଙ୍କେତିକ ନାମ ଯଥାକ୍ରମେ ତ୍ୟାଗରାଜ, ଗୁରୁଗୃହା, ଶ୍ୟାମକୃଷ୍ଣ ଅଟେ ।

ତ୍ୟାଗରାଜଙ୍କ ସଙ୍ଗୀତରେ ଆମେ ଶ୍ରୀରାମଙ୍କର ଯଶକୀର୍ତ୍ତିର ବର୍ଣ୍ଣନା ପାଇଥାଉ । ସଂସ୍କୃତ ବିଦ୍ୱାନ ମୁଥୁସ୍ୱାମୀ ଦିକ୍ଷିତାରଙ୍କ ରଚନା ସମସ୍ତ ଦେବଦେବୀଙ୍କର ଗୁଣ ବନ୍ଦିତ କୀର୍ତ୍ତି ରୂପେ ପ୍ରଚଳିତ । ଦେବୀ 'କାମାକ୍ଷୀ'ଙ୍କର ମହିମା ଓ ଲୀଳା ଶ୍ୟାମା ଶାସ୍ତ୍ରୀଙ୍କର ରଚନା ସାହିତ୍ୟରେ ସମୃଦ୍ଧ ।

## କ୍ରିୟାକଳାପ ୪ : ଓଡ଼ିଶୀ ସଙ୍ଗୀତର ରାଗ-କଲ୍ୟାଣରେ ଏକ ପ୍ରବନ୍ଧ ଶିଖିବା

କଲ୍ୟାଣ ରାଗ ଓଡ଼ିଶୀ ସଙ୍ଗୀତର ଅନ୍ୟତମ ଏକ ଅତି ପ୍ରଚଳିତ ରାଗ । ଏହି ରାଗରେ ତୀବ୍ର ମଧ୍ୟମ ସହିତ ଅନ୍ୟ ସ୍ୱର ଗୁଡ଼ିକ ଶୁଦ୍ଧ ଲାଗେ । କ୍ରିୟାତ୍ମକ ପରିବେଷଣ କାଳରେ "ନିରେଗା", "ମ̍ା ' ଧାନି", "ମ̍ା ଧାସା", ସ୍ୱରସଂଗତି ଅଧିକ ହୋଇଥାଏ । ବିଶେଷ କରି "ନିଗା", "ନିମ̍ା ", "ମ̍ା ନି", ଆଦି ସ୍ୱର ଖଣ୍ଡମାନ ସହିତ "ମ̍ା ନିଧାନିପା", "ସାଗାରେଗାସା" ମଧ୍ୟ ପ୍ରୟୋଗ କରାଯାଇଥାଏ । ବିଶେଷ କରି ଓଡ଼ିଶୀ ସଙ୍ଗୀତ ପଦ୍ଧତିରେ 'ପଢ଼ି' ଗାୟନ କାଳରେ 'ଗା ମ̍ା ଧାନି', ସ୍ୱର ତୁଳନାରେ 'ଗାପାଧାସା' ସ୍ୱର ଅଧିକ ଲାଗେ ।

### କଲ୍ୟାଣ ରାଗର ପ୍ରବନ୍ଧ

**ରଚନା - ବନମାଳୀ    ତାଳ - ରୂପକ (୬ମାତ୍ରା ବିଶିଷ୍ଟ)**

ସ୍ଥାୟୀ : ନ ତେଜିବି ମୁରଲୀ ଧରା
ବାଜୁ ପଛେ ଅପବାଦ ନାଗରା ||୦||

ଅନ୍ତରା : ବାନ୍ଧବି ! ମୋ ଚରିତ ଗାଇ, ହସନ୍ତୁ ବା ତାଳି ବଜାଇ ଯେ
କହିବ ସିନା ମନ ଭଙ୍ଗାଇ, କିଏ ଦେବ ଶ୍ୟାମ ପ୍ରୀତି
ଲଗାଇ ||୧||
ଗୁରୁ ଗୁରୁଜନ ଗଞ୍ଜଣା, ଦେଲେ ଦେବେ ପଛକେ ସିନା
ଏକା ଶ୍ୟାମବନ୍ଧୁ ସଙ୍ଗକାମନା, ହେଲେ ହେବି ଜାତି ପାଟକେ
ମନା ||୨||

ଭଣିତା : ବନମାଳୀ କହେ ଏ ଗିର ମୋହନ ମୋ ହୃଦୟ ହାର
ଏ ପରାଣ ମନ କିଣା ଯାହାର ତା ସ୍ନେହରୁ କି ମୁଁ ହେବି
ବାହାର ? ||୩||

ମେଳ - କଲ୍ୟାଣ
ଆରୋହ - ସା ରେ ଗା ମ̍ା ପା ଧା ନି ସ̇ା
ଅବରୋହ - ସ̇ା ନି ଧା ପା ମ̍ା ଗା ରେ ସା
ଜାତି - ସଂପୂର୍ଣ୍ଣ
ବାଦି - ଗାନ୍ଧାର
ସଂବାଦି - ନିଷାଦ
ଗାୟନ ସମୟ- ରାତ୍ରି ପ୍ରଥମ ପ୍ରହର
ମୁଖ୍ୟ ଅଙ୍ଗ - ନିରୋଗାମ̍ା ପା, ରେଗାରେ, ନ଼ି ରେସା

### ସ୍ୱରମାଳିକା

**ତାଳ-ଖେମଟା**

| ତାଳର ମାତ୍ରା ସଂଖ୍ୟା | ୧ | ୨ | ୩ | ୪ | ୫ | ୬ |
|---|---|---|---|---|---|---|
| ସ୍ଥାୟୀ | ଗା | - | ରେ | ଗା | ମ̍ା | ପା |
| | ରେ | ଗା | ରେ | ନ଼ି | ରେ | ସା |
| | ମ̍ା | ଧା | ନି | ଧା | ପା | ମ̍ା |
| | ରେ | ଗା | ରେ | ନ଼ି | ରେ | ସା |
| | x | | | 0 | | |
| ଅନ୍ତରା: | ମ̍ା | ଗା | ମ̍ା | ଧା | ମ̍ା | ଧା |
| | ସ̇ା | - | ସ̇ା | ନି | ରେ̇ | ସ̇ା |
| | ନି | ରେ̇ | ଗ̇ା | ରେ̇ | ନି | ରେ̇ |
| | ସ̇ା | ନି | ଧା | ନି | ରେ̇ | ସା |
| | ନି | ରେ̇ | ସ̇ା | ନି | ଧା | ପା |
| | ମ̍ା | ଧା | ପା | ମ̍ା | ଗା | ରେ |
| | ନି | ରେ | ଗା | ମ̍ା | ପା | ମ̍ା |
| | ରେ̇ | ଗା | ରେ | ନ଼ି | ରେ | ସା |
| | x | | | 0 | | |



https://withteachers.in/

## ଗାଇବାର କୌଶଳ

ସଙ୍ଗୀତରେ ବ୍ୟବହୃତ ରାଗର ସ୍ୱରମାନଙ୍କୁ ଅଧିକ ସାବଲୀଳ, ସୁନ୍ଦର ଏବଂ ମଧୁର କରିବା ନିମନ୍ତେ 'ଗମକ' ଏକ ସ୍ୱତନ୍ତ୍ର ସ୍ୱର ସାଧନାର ଅଳଙ୍କାର ଅଟେ । ଏଥିରେ ସ୍ୱରଗୁଡ଼ିକର କଂପନ ବା ଆନ୍ଦୋଳନର ବ୍ୟବହାର କରାଯାଇ ସ୍ୱରର ଉଚ୍ଚାରଣ କରାଯାଏ । ସଙ୍ଗୀତ ଶାସ୍ତ୍ରରେ "ସ୍ୱରସ୍ୟ କମ୍ପଃ ଗମକଃ ଶ୍ରୋତୃଚିତ୍ତ ସୁଖାବହ" ଏହିପରି ବର୍ଣ୍ଣନା କରାଯାଇଅଛି ।



## ଓଡ଼ିଶୀ ସଙ୍ଗୀତ ପଦ୍ଧତିର ପ୍ରବନ୍ଧ ପର୍ଯ୍ୟାୟ

ଓଡ଼ିଶୀ ସଙ୍ଗୀତ ପଦ୍ଧତିରେ ମୁଖ୍ୟତଃ ନିମ୍ନଲିଖିତ ପ୍ରବନ୍ଧମାନ ପରିବେଷିତ ହେଉଥିବାର ଦେଖାଯାଏ । ଯଥା- ଓଡ଼ିଶୀ, ଚମ୍ପୂ, ଛାନ୍ଦ, ଚଉତିଶା, ଗୀତଗୋବିନ୍ଦ, ଜଣାଣ, ଭଜନ ଇତ୍ୟାଦି । ଯେତେବେଳେ ଆମେ ଓଡ଼ିଶୀ ସଙ୍ଗୀତ ପରିବେଷଣ କରୁ ସେତେବେଳେ ଏହି ପର୍ଯ୍ୟାୟରେ ସାଧାରଣତଃ ଚାରି ପ୍ରକାରର ବିଶେଷତ୍ୱ ପରିଲକ୍ଷିତ ହୋଇଥାଏ । ତାହାହେଲା- ଧ୍ରୁବପଦାଙ୍ଗ, ରାଗାଙ୍ଗ, ଭାବାଙ୍ଗ ଓ ନାଟ୍ୟାଙ୍ଗ ।

ଓଡ଼ିଶୀ-ରଗାଙ୍ଗ ପର୍ଯ୍ୟାୟ ଓଡ଼ିଶୀ ସଙ୍ଗୀତ ପଦ୍ଧତିର ମୁଖ୍ୟ ପର୍ଯ୍ୟାୟ ଅଟେ । ଏଥିରେ ରାଗ ଗାୟନର ସମସ୍ତ ନିୟମ ପାଳନ କରାଯାଏ । ଏହି ପର୍ଯ୍ୟାୟରେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ କରାଯାଉଥିବା ସମସ୍ତ ପ୍ରକାର ବିସ୍ତାର କାର୍ଯ୍ୟ ଛଅଗୋଟି କ୍ରମରେ କରାଯାଏ ।

ସେଗୁଡ଼ିକ ହେଲା- (୧) ଅନିବଦ୍ଧ ଆଳାପ, (୨) ପ୍ରବନ୍ଧ (୩) ନିବଦ୍ଧ ଆଳାପ (୪) ପଦବିନ୍ୟାସ (୫) ସ୍ୱରବିନ୍ୟାସ (୬) ତାନ୍ ।

## କଲ୍ୟାଣ ରାଗ ପ୍ରବନ୍ଧର ସ୍ୱରଲିପି

| ତାଳର ମାତ୍ରା ସଂଖ୍ୟା | ୧ | ୨ | ୩ | ୪ | ୫ | ୬ |
|---|---|---|---|---|---|---|
| ସ୍ଥାୟୀ | <br>s | <br>s | ଗା<br>ନ | ଗାରେ<br>ତେs | ସା<br>ଜି | ନି̣<br>ବି̣ |
| | ସା<br>ମୁ | ରେ<br>ର | ଗା<br>ଲୀ | ରେ<br>ଧ | ଗା<br>ରା | –<br>s |
| | ଗା<br>ବା | ଗାଧା<br>ଜୁs | ଧା<br>ପ | ପା<br>ଛେ | ମ́ା<br>ଅ | ପା<br>ପ |
| | ଗା<br>ବା | ଗାରେ<br>ଦs | ସା<br>ନା | ସା<br>ଗ | ନି̣ ରେ<br>ରାs | ଗାମ́ା<br>ss |
| | ପାମ́ା<br>ss<br>x | ପା<br>s | <br><br>2 | | | |
| ଅନ୍ତରା: | –<br>s | –<br>s | ଗା<br>ବା | ଗା<br>ନ୍ଧ | ମ́ା<br>ବୀ | ଧା<br>ମୋ |
| | ସ̇ା<br>ଚ | ସ̇ା<br>ରି | ନି<br>ତ | ରେ̇<br>ଗା | ସ̇ା<br>ଇ | –<br>s |
| | –<br>s | –<br>s | ନି<br>ହ | ନି<br>ସ | ଧା<br>ନ୍ତୁ | ପା<br>ବା |
| | ପା<br>ତା | ନିଧା<br>ଲିs | ନି<br>ବ | ସ̇ା<br>ଜା | ନି<br>ଇ | –<br>s |
| | –<br>s | ଗାଗା<br>ଯେକ | –ମ́ା<br>sହି | ପା<br>ବ | ଧା<br>ସି | ଧା<br>ନା |
| | ପା<br>ମ | ପାନି<br>ନs | ଧା<br>ଭ | ପା<br>ଙ୍ଗା | ମ́ା<br>s | ପା<br>ଇ |
| | ଗା<br>କି | ଗାଧା<br>ଏs | ଧା<br>ଦେ | ପା<br>ବ | ମ́ା<br>ଶ୍ୟା | ପା<br>ମ |
| | ଗା<br>ପ୍ରୀ | ଗାରେ<br>ତିs | ସା<br>ଲ | ସା<br>ଗା | ନି̣ ରେ<br>ଇs | ଗାମ́ା<br>ss |
| | ପାମ́ା<br>ss<br>x | ପା<br>s | <br><br>2 | | | |



https://withteachers.in/



## ଶିକ୍ଷକଙ୍କ ପାଇଁ ସୂଚନା

ଆମେ ଏଠାରେ ଭାରତର ବିଭିନ୍ନ ଅଂଚଳରେ ପ୍ରଚଳିତ ଥିବା କେତେଗୁଡ଼ିଏ ଗୀତର ଉଦାହରଣ ପ୍ରସ୍ତୁତ କରିଅଛୁ । ଶିକ୍ଷକମାନଙ୍କୁ ଅନୁରୋଧ ସେମାନେ ସର୍ବନିମ୍ନ ୫ଟି ସଙ୍ଗୀତକୁ ଚୟନ କରି ପିଲାମାନଙ୍କୁ ଶିକ୍ଷାଦେବେ । ଶିକ୍ଷକମାନେ ନିଜ ପସନ୍ଦ ଅନୁସାରେ ନିଜ ଅଂଚଳର ଗୀତ ବା ପିଲାମାନଙ୍କୁ ଆନନ୍ଦ ପ୍ରଦାନ କରୁଥିବା ଗୀତଗୁଡ଼ିକୁ ଶିକ୍ଷାଦାନ ଦେଇପାରିବେ ।

# ଅଧ୍ୟାୟ - ୯ : ବିବିଧ ଗୀତର ମଧୁର ସ୍ୱର

## (ଭାରତୀୟ ସଙ୍ଗୀତରେ ଭିନ୍ନ ଭିନ୍ନ ପ୍ରଦେଶରେ ପ୍ରଚଳିତ ଗୀତର ଏକ ନିଦର୍ଶନ)

**ଉଦ୍ଦେଶ୍ୟ -** ଭାରତ ବର୍ଷର ବିଭିନ୍ନ ଅଂଚଳରେ ପ୍ରଚଳିତ ଥିବା ଭିନ୍ନ ଭିନ୍ନ ଗୀତଗୁଡ଼ିକର ସ୍ୱରଶିକ୍ଷା ଓ ଶ୍ରବଣ ।

**ଗୋଟିଏ ମଣିପୁରୀ ଗୀତ ଶିଖ**

**ହା ଉରିତ ନା ପାଙ୍ଗହି**

**ଭାଷା - ମଣିପୁରୀ**

ହା ଉରିତ ନାପାଙ୍ଗବି, ନମନା କୌବି ତଦାବି
ନାପାନା କୌବି ଖୁମଦାବି
ୟା ହୋଇ ହୋଇ ୟା ହୋଇ ୟା ୟା ତାହୋଇ ହୋଇ
ଉରିତ ନଗାଙ୍ଗବି ଖୁନୁ ଚୌଙ୍କୁଁ
ନା ପାଙ୍ଗି ଫୋଉକା ଆୟମ୍ବା
ୟା ହୋଇ ହାଇ ୟା ହୋଇ ୟା ୟା ତା ହୋଇ ହୋଇ

**ଅର୍ଥ -** ଏଠାରେ ମଣିପୁରୀ ସଂସ୍କୃତିରେ ମଣିଷ, ପ୍ରକୃତି ଓ ଜୀବଜନ୍ତୁ ମାନଙ୍କ ସହିତ ଏକ ବନ୍ଧୁତ୍ୱପୂର୍ଣ୍ଣ ପରମ୍ପରା ସମ୍ବନ୍ଧରେ କୁହାଯାଇଅଛି । ଏଥିରେ ପକ୍ଷୀମାନଙ୍କୁ ଆଧ୍ୟାତ୍ମିକ ସାଂସ୍କୃତିକ ବାର୍ତ୍ତାବହ ରୂପେ ଲୋକଗୀତ ଏବଂ ଲୋକକଥାରେ ସମ୍ବୋଧନ କରାଯାଉଥିବା ଦେଖାଯାଇଥାଏ । ଏଠାରେ ଏକ ପକ୍ଷୀ 'ପୁରିତ' ମଣିପୁରୀ ସଂସ୍କୃତିର ପ୍ରତୀକ ଅଟେ ।

ଏହି ଗୀତର ଅର୍ଥରେ କୁହାଯାଇଛି ଯେ ପୁରିତ ପକ୍ଷୀ ମା' କିମ୍ବା ବାପାଙ୍କ ଡାକକୁ ଶୁଣେ ନାହିଁ । ତୁମେ ହାତ ତାଳିମାରି ତାକୁ ଡାକ । ଏହି ଲାଲ୍ ରଙ୍ଗର ପୁରିତ ପକ୍ଷୀ ଗୋଟିଏ କପୋତ ଭଳି ଦେଖାଯାଏ । ଯାହାର ଶରୀରର ପେଟଅଂଶ ଫୁଲପରି ରହିଥାଏ ଏବଂ ସେ ଆକାଶରେ ବହୁତ ଉଚ୍ଚରେ ଉଡ଼ିପାରେ । ତୁମେ ହାତରେ ତାଳିଦିଅ ଓ ଏହି ପକ୍ଷୀକୁ ଡାକ ।





https://withteachers.in/

## କେରଳର ଏକ ନୌକା ଗୀତ ଶିଖ

କେରଳ ପ୍ରଦେଶରେ ନୌକା ମାଧ୍ୟମରେ ବିଭିନ୍ନ ନଦୀମାନଙ୍କରେ ସାଂସ୍କୃତିକ କାର୍ଯ୍ୟକ୍ରମ ରୂପେ ନୌକା ଚାଳନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ । ଏହି ନୌକାଗୁଡ଼ିକ ସରୁ ସାପ ଆକୃତିର ହୋଇଥା'ନ୍ତି । ଅନେକ ନୌଚାଳକ ନୌକାରେ ବସି ଗୀତ ଗାଇ ତାଳ ଛନ୍ଦରେ ଆହୁଲା ମାଧ୍ୟମରେ ପାଣିରେ ପଛୁଆ ଆଘାତ ଦେଇ ନୌକାଗୁଡ଼ିକୁ ଆଗକୁ ଆଗକୁ ଚଳାଇଥାନ୍ତି । ଏହା ସେମାନଙ୍କର ସାଂସ୍କୃତିକ ଜୀବନରେ ବନ୍ଧୁତା, ଏକତା ସମତା ଭାବ ସୃଷ୍ଟି କରାଇବାରେ ସହାୟକ ହୋଇଥାଏ । ଏହି ନୌକା ଗୀତର ନାମ "ଭାଞ୍ଚିପଟୁ" (ଓ୍ୱାଞ୍ଚିପଟୁ) ଅଟେ ।



## କୁଟ୍ଟାନନ୍ଦନ ପୁଞ୍ଜୟିଲେ

**ଭାଷା** – ମାଲାୟଲାମ୍

କୁଟ୍ଟାନନ୍ଦନ ପୁଞ୍ଜାଇଲେ<br>
କୋଟ୍ଟୁ ପେନ୍ନେ କୁଇଲାଲେ<br>
କୋଟ୍ଟୁଭେନମ୍ କୁଜ୍‌ହାଲ୍ ଭେନମ୍, କୁରଭା ଭେନମ୍<br>
କୁଟ୍ଟାନନ୍ଦନ ପୁଞ୍ଜାଇଲେ, ଥିଥାଇ ଥାକ ଥେଇଥେଇ ଥୋମ<br>
କୋଟ୍ଟୁପେନେ କୁଇଲାଲେ, ଥିତି ଥାରା ଥୋଇଥମ<br>
କୋଟ୍ଟୁ ଭେନମ୍ କୁଜାହାଲା ଭେନମ୍ କୁରଭା ଭେନମ୍<br>
(ଓ... ଥିଥିତାରା ଥିଥିଥାଇ ଥିଥାଇ  ଥାକ ଥେଇ ଥୋମ୍) × ୪<br>
ଭାରଭେଲ କାନାରୁ ଭେନମ୍ କୋଡ଼ି ଥୋରାନଙ୍ଗଲ ଭେନମ୍<br>
ବିଜୟଶ୍ରୀ ଲାଲିଥାରଇ ଭାରୁନୁ ଞ୍ଜଙ୍ଗଲ ଭେନମ୍<br>
ଓ... ଥିଥିଥାରା ଥିଥିଥୋଇ ଥିଥାଇ ଥାକ ଥେଇ ଥୋମ୍) ×୪<br>
କରୁଥା ଚିରାକୁ ବାଟୁ ଥିଥାଇ ଥାକ ଥେଇ ଥେଇ ଥୋମ<br>
ଅରୟଣା କିଳିପୋଲ ଥିଥିତାରା ଥେଇଥୋମ<br>
କରୁଥା ଚିରାକୁ ବେଚର ଅରୟଣା କିଳିପୋଲ<br>
କୁଚିଟୁ କୁଚିଟୁ ପେୟମ୍ କୁଥିରା ପୋଲ<br>
(ଓ... ଥିଥିଥାରା ଥିଥିଥାଇ ଥିଥାଇ ଥାକ ଥେଇ ଥେଇ ଥୋମ୍) ×୪

**ଅର୍ଥ** – ଏହି ଗୀତଟି କୁଟ୍ଟନାଦ ଅଂଚଳର ପ୍ରାକୃତିକ ସୌନ୍ଦର୍ଯ୍ୟ ବର୍ଣ୍ଣନା ଗୀତ ଅଟେ । ଏହି ଗୀତ ଶୁଣିଲେ ନିଜ ଅଂଚଳର ପ୍ରାକୃତିକ ପରିବେଶ ମନେ ପକାଇଦିଏ ଏବଂ ଏଥିରୁ ପ୍ରେରଣା ଲାଭ କରି ଗୀତ ଗାଇବାର ଉତ୍ସାହ ସୃଷ୍ଟି ହୋଇଥାଏ ।



https://withteachers.in/

## ତୁମେ ଜାଣିଛ କି ?

୧୯୨୬ ମସିହାରେ ଆସାମର ସଦିଆ ନାମକ ସ୍ଥାନରେ ଜଣେ ପ୍ରସିଦ୍ଧ ସଙ୍ଗୀତଜ୍ଞଙ୍କ ଜନ୍ମ ହୋଇଥିଲା ଯାହାଙ୍କର ନାମ ଥିଲା ଭୂପେନ ହଜାରିକା । ସେ ଶୁଦ୍ଧ କଣ୍ଠ ନାମରେ ମଧ୍ୟ ପରିଚିତ । ସେ ଏକାଧାରରେ ଜଣେ ପ୍ରସିଦ୍ଧ କବି, ଗୀତିକାର, ଗାୟକ, ସଙ୍ଗୀତଜ୍ଞ, ଅଭିନେତା, ଚିତ୍ରଶିଳ୍ପୀ, ଚଳଚ୍ଚିତ୍ର ନିର୍ଦ୍ଦେଶକ ଶିକ୍ଷାବିତ୍, ପୁସ୍ତକ ପ୍ରକାଶକ, ଆଦି ବିଭିନ୍ନ କ୍ଷେତ୍ରରେ ଜଣେ ବହୁମୁଖୀ ପ୍ରତିଭାଶାଳୀ ବ୍ୟକ୍ତିତ୍ୱ ଥିଲେ । ସେ ସଙ୍ଗୀତ ମାଧ୍ୟମରେ ପ୍ରେରଣା ମୂଳକ କବିତା ଲେଖି ସମାଜର ସଂସ୍କାର ଓ ପରିବର୍ତ୍ତନ କରିବା ପାଇଁ ସେ ତାଙ୍କ ସଙ୍ଗୀତକୁ ଉପଯୋଗ କରୁଥିଲେ । ଜାତୀୟ ସ୍ତରରେ ସେ ବହୁ ସମ୍ମାନର ଅଧିକାରୀ ଥିଲେ । ଏଥିମଧ୍ୟରୁ ଭାରତରତ୍ନ, ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର, ଦାଦା ସାହେବ ଫାଲ୍‌କେ ପୁରସ୍କାର ଆଦି ଅନ୍ୟତମ ।



## ଉତ୍ତରପୂର୍ବ ଅଂଚଳ ଆସାମର ମଧୁର ଗୀତ

## ଏଇ ମାଟିରେ ମୋର ମୋତେ

**ଆସ ଶୁଣିବା ଓ ଶିଖିବା**

**ଭାଷା-ଆସାମୀ (ଅହମିୟା)**

ଏଇ ମାଟିରେ ମୋର ମୋତେ, ମାଟିକେ ସୁମିଲୋ
ଏଇ ମାଟିରେ ଜୀବୋନ ଶୋବି ଆଙ୍କି ଆଙ୍କି ସୋସିଲୋ
ଦୂର ଅକାହାର ରୋହନ କି ଯୋନେ ଲାଗେ ଲାଗେ
ହାଗୋର ତୋଲର ମାନିକ କିୟୋନେ ଲାଗେ ଲାଗେ
ଆନହା ଆନହା
ମାଟିର ବୁକୁଟ ମନୋର ମାଲୋତି ବୁତୋଲନ୍
ମୋନର କୋରୋନିରେ ହୁରର ପାପୋରିରେ ଆଜି
ହୁକୁମାର ଥାପୋନା ହୋଜୁୱା
ହୁନ୍ଦୋର ହୁଜିନର୍
ନୋଟନ୍ ଦ୍ରିଷ୍ଟିକେନ ନୋମୁୱା




**ଅର୍ଥ** – ଏହି ଗୀତରେ ଗାୟକ ପୃଥିବୀକୁ ଭଲ ପାଇବାର ଭାବନାକୁ ଆକାଶର ରଙ୍ଗ ଓ ସମୁଦ୍ରର ମୁକ୍ତା ପାଇବାର ଆନନ୍ଦଠାରୁ ଅଧିକ ବୋଲି ବର୍ଣ୍ଣନା କରିଛନ୍ତି, ଆକାଶର ସୂର୍ଯ୍ୟଙ୍କର ଆଲୋକ ଅଥବା ବନାନୀର ସୌନ୍ଦର୍ଯ୍ୟକୁ ଅନୁଭବ କରି ଗାୟକ ସେଥିରେ ଅତ୍ୟନ୍ତ ମୂଲ୍ୟବୋଧ ଥିବା ପ୍ରକାଶ କରିଛନ୍ତି ।

**ଭାରତର ପୂର୍ବ ଉପକୂଳରେ ଅବସ୍ଥିତ ସୁନ୍ଦର ବେଳାଭୂମି ଓଡ଼ିଶା ପ୍ରଦେଶର ଏକ ଗୀତ ଶିଖିବା**

**ଓଡ଼ିଶା... ମୋ ଓଡ଼ିଶା...**

**ଭାଷା – ଓଡ଼ିଆ**

ଓଡ଼ିଶା... ମୋ ଓଡ଼ିଶା ( ୨ ଥର)
କେଡ଼େ ସୁନ୍ଦର ରାଇଜ ମୋର କେଡ଼େ ମିଠା ମୋ ଭାଷା
ମୋ ଓଡ଼ିଶା... ମୋ ଓଡ଼ିଶା
ନଈ ବଜାଏ ସାହାନାଇ ଏଠି ପବନ ବଜାଏ ଢୋଲ
ଝରଣା ବଜାଏ ବୀଣା ଏଠି ମେଘ ବଜାଏ ମାଦଳ
ଏଇ ପାଣି ମୋ ପାଇଁ ପାଦୁକ, ଏ ମାଟି ମୋ ଚନ୍ଦନ
ସେଇ ଚନ୍ଦନେ ଲେଖାଅଛି ଜୀବନ ଚାଳିଶା... ଓଡ଼ିଶା... ମୋ ଓଡ଼ିଶା ।
ଲଙ୍ଗଳ କଥା ବୁଝୁଛି କ୍ଷେତ କ୍ଷେତ କଥା ବୁଝେ ଚଷା
ଓଡ଼ିଆ ମନ ଓଡ଼ିଆ ପ୍ରାଣ ବୁଝେ ପଖାଳ କଂସା
ସେହି କଂସାରେ ଢେଉ ଖେଳୁଛି ସବୁ ଓଡ଼ିଆଙ୍କ ଆଶା


https://withteachers.in/

## ତୁମେ ଜାଣିଛ କି ?

ଅକ୍ଷୟ ମହାନ୍ତି ସମଗ୍ର ଓଡ଼ିଶାରେ ଖୋକାଭାଇ ଭାବରେ ପରିଚିତ । ଏକାଧାରରେ ସେ ଗାୟକ, ସଙ୍ଗୀତ ସଂଯୋଜକ, ସଙ୍ଗୀତଜ୍ଞ, କବି ଏବଂ ଲେଖକ । ତାଙ୍କୁ ଓଡ଼ିଆ ସଙ୍ଗୀତ ଜଗତର ବାଦଶାହ ବୋଲି କୁହାଯାଇଥାଏ । ଓଡ଼ିଆ ଭଜନ, ଜଣାଣ, ଓଡ଼ିଶୀ ଗୀତ, ଏବଂ ଓଡ଼ିଆ ଚଳଚ୍ଚିତ୍ର ସଙ୍ଗୀତକୁ ତାଙ୍କର ଅବଦାନ ଅତୁଳନୀୟ । ତାଙ୍କ ଜୀବନ ବ୍ୟାପି ସାଧନା ପାଇଁ ତାଙ୍କୁ ଅନେକ ସମ୍ମାନରେ ସମ୍ମାନିତ କରାଯାଇଥିଲା । ଯେପରି ଶ୍ରୀ ଜୟଦେବ ରାଜ୍ୟ ଚଳଚ୍ଚିତ୍ର ସମ୍ମାନ, ଶ୍ରେଷ୍ଠ ସଙ୍ଗୀତ ସଂଯୋଜକ ସମ୍ମାନ, ଶ୍ରେଷ୍ଠ ଗାୟକ ସମ୍ମାନ ଇତ୍ୟାଦି । ତାଙ୍କ ଦ୍ୱାରା ରଚିତ ବିଭିନ୍ନ ପୁସ୍ତକ ଓଡ଼ିଶାର ପାଠକ ମାନଙ୍କ ଦ୍ୱାରା ଗ୍ରହଣୀୟ ହୋଇଛି ।



ସେହି ଆଶାରେ ବୁଣେ ସେ ନିତି ବାଇଚଢ଼େଇ ବସା ।
ଓଡ଼ିଶା... ମୋ ଓଡ଼ିଶା ।
କେଡ଼େ ସୁନ୍ଦର ରାଇଜ ମୋର କେଡ଼େ ମିଠା ମୋ ଭାଷା.... ।

ଏହି ଗୀତଟିର ଅଡିଓ ଭିଡିଓ ଶୁଣି ଗୀତଟିକୁ ଶିଖିବାକୁ ଚେଷ୍ଟାକର ।

**ଅର୍ଥ** – ଏହି ଗୀତଟିରେ ଓଡ଼ିଶାର ଭାଷା, ସଂସ୍କୃତି, ପାଣି, ପବନ, ଖାଦ୍ୟପେୟ, ଜୀବନ ଶୈଳୀ ଏବଂ ଓଡ଼ିଆ ଜାତିର ପରିଚୟ ଆଦି ବିଷୟରେ କୁହାଯାଇଛି ।

## ଆସ ଭାରତର ପଶ୍ଚିମ ପ୍ରାନ୍ତ ଗୁଜୁରାଟ ଭୂମିକୁ ଯିବା ଏବଂ ସେମାନଙ୍କର ଗୀତଟିକୁ ଶିଖିବା

**ଗୀତ – ପୋଟନା ଜ ଜରିଆ ମା**

**ଭାଷା – ଗୁଜୁରାଟୀ**

ପୋଟାନା ଜ ଦରିଆ ମା'
ପୋଟନି ଜ ଦୋବ୍‌କି ଥି
ଜାତନୁ ଅସୁଲ ମୋତି ଲୋ
ଇଭୋ କୋନ ଛେ ଖଲାସି
ମନେ କହି ଦୋନେ
ଏନା ଥାମ ନେ ଥେକାନା
ମନେ ଦେଇ ଦୋ ନେ
ଇଭୋ କୋନଛେ ଖଲାସି
ମନେ କହି ଦୋ ନେ
ଗୋଟି ଲୋ, ତମେ ଗୋଟିଲୋ ଗୋଟିଲୋ

**ଅର୍ଥ** – ଜୀବନ ଗୋଟିଏ ସାଗର ଏବଂ ସେଥିରେ ଆମେ ସମସ୍ତେ ଗୋଟିଏ ନୌକାରେ ଜଣେ ନାଉରିଆ ଦ୍ୱାରା ଯାତ୍ରା କରୁଅଛୁ । ନୌକା ପରିଚାଳନା କରୁଥିବା ପ୍ରତିକାତ୍ମକ ନାଉରିଆଟି ସମସ୍ତଙ୍କ ଜୀବନର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ଜୀବନର ମୂଲ୍ୟବାନ ମୁହୂର୍ତ୍ତଗୁଡ଼ିକୁ ଆମେ କିପରି ଠିକ୍‌ଠିକ୍ ଉପଯୋଗ କରି ମୁକ୍ତା ସଦୃଶ ଧନ ସମ୍ପତ୍ତି ଆଦି ଶ୍ରମ, ସାଧନା ଓ ଅନୁଭବ ମାଧ୍ୟମରେ ପାଇପାରିବା, ତାହା ମାର୍ଗଦର୍ଶନ କରୁଛନ୍ତି ।


https://withteachers.in/

## ଆସ ଗୁଜୁରାଟର ପାରଂପରିକ ଗୀତ "ଗରଓ୍ୱା" ଶିଖିବା

ଗରଓ୍ୱା ଏକ ପାରଂପରିକ ଲୋକଗୀତ ଓ ନୃତ୍ୟ ଅଟେ । ଗୁଜୁରାଟର ଲୋକ ସଂସ୍କୃତିରେ ଲୋକନୃତ୍ୟ ମାଧ୍ୟମରେ ଏହା ନବରାତ୍ରି ଉତ୍ସବରେ ପରିବେଷଣ କରାଯାଇଥାଏ । ଏଥିରେ ପାରଂପରିକ ତାଳବାଦ୍ୟ ଯଥା - ଢୋଲ, ଢୋଲକ, ତବଲା ଏବଂ ଅନ୍ୟ ସବୁ ସ୍ୱର ବାଦ୍ୟଯନ୍ତ୍ର ଯଥା - ହାରମୋନିୟମ୍, ବଂଶୀ ଆଦିର ବ୍ୟବହାର କରାଯାଏ । ହାତରେ ତାଳି ନେବା ସହ ପାଦକୁ ପାଦ ପକାଇ ଦାଣ୍ଡିଆ କାଠି ଧରି ନାଚିଥାନ୍ତି । ଗାୟକ ଓ ବାଦକମାନେ ଉତ୍ସାହର ସହିତ ଏହି ଗରଓ୍ୱା ଗୀତକୁ ନୃତ୍ୟସହ ଗାଇଥାନ୍ତି । ମୁଖ୍ୟତଃ ଗରଓ୍ୱା ଗୀତରେ ଶ୍ରୀକୃଷ୍ଣଙ୍କ ସହ ଭାବ ରଖିବା କଥା ବର୍ଣ୍ଣନା କରାଯାଇଥାଏ । କୃଷ୍ଣଙ୍କ ନାମକୁ ସେମାନେ ଗରଓ୍ୱାରେ କାହ୍ନୁ ବୋଲି



### ଗରଓ୍ୱା ଗୀତ - ତାରି ବାଙ୍କିରେ

ତାରି ବାଙ୍କିରେ ପାଘଲଦି ନୁ
ଫୁମ୍‌ତୁରେ ମନେ ଘୋମତୁ ରେ ଆଟୋ
କୌନ୍‌ଚୁରେ କାନୋଡ଼ା ତାନେ ଆମତୁ
ତାରି ପଗ୍‌ନୁରେ ପାଗରଖୁ ଚାମ
ଫୁମ୍ ତୁରେ ମନେ ଗମତୁରେ ଆଟୋ
କୌନଛୁରେ କାନୋଦା ତାନେ ଆମତୁ
ଫୁମ୍‌ତୁରେ ମାନେ ଗୁମ୍‌ତୁରେ ଆଟୋ
କୌନ୍‌ଚୁରେ କାନୋଦ ତାନେ ଆମଟୋ
ତାରି ବାଙ୍କିରେ ପାଘଲଦି ନୁ...
ଫୁମ୍‌ତୁରେ ମାନେ ଗମତୁରେ ଆଟୋ
କୌମଛୁରେ କାନୁଦା ତାନେ ଆମତୁ


https://withteachers.in/

## ଆସ ଓଡ଼ିଆ ଭାଷାରେ ରଚିତ ଦେଶାତ୍ମବୋଧକ ଓ ପଲ୍ଲୀସ୍ୱର ସଙ୍ଗୀତ ଶିଖିବା



(ଥଉଲି)



(ଚେନ୍ଦା)

### ଦେଶ ବନ୍ଦନା

ରଚନା: କ୍ଷୀରୋଦ ଚନ୍ଦ୍ର ପୋଥାଳ

ଏଇ ଦେଶ ମୋର ସରଗ ସମାନ, ଜନନୀ ଜନମ ଭୂଇଁ
ତାହାରି ସେବାରେ ଜୀବନ ଦେବାକୁ କଦାପି ଭୁଲିବି ନାହିଁ ।୦ ।
ଏଇ ଦେଶ ମାଟି, ଆଲୋକ ପବନ
ତାହାଲାଗି ସିନା ଧରିଛି ଜୀବନ
ଭରିଦେଲା ମୋର ଆଖିରେ ସପନ, ଏ ଦେଶ ପାହାଡ଼ ନଈ ।୧ ।
ଏ ଦେଶ ପୁରାଣ ଗୀତା, ଭାଗବତ
ଶିଖାଇଲା ମୋତେ କହିବାକୁ ସତ
ଏ ଦେଶ ବାପୁଜୀ ଯାଇଅଛି ହଜି ଅହିଂସାର ଜୟ ଗାଇ ।୨ ।
ସେହି ଗାନ୍ଧୀ, ସେହି ଜହର, ସୁଭାଷ
ଦେଇଗଲେ ମୋତେ ଶକତି ସାହସ
ମନେରଖି ସଦା ତାଙ୍କ ଆଦରଶ, ଲଢ଼ିବି ଏ ଦେଶ ପାଇଁ ।୩ ।

### ପଲ୍ଲୀସ୍ୱର ସଙ୍ଗୀତ

ରଚନା- କେଶବକବି କୃଷ୍ଣପ୍ରସାଦ

ଏଇ ମୋ ପଲ୍ଲୀ-ଗାଁରେ ଚାହାଁ
ଏଇ ମୋ ପଲ୍ଲୀ ଗାଁ
ଧୂଳିମଳିର ମାଟି ସରଗ
ଏଇ ମୋ ପଲ୍ଲୀ, ମା'ରେ ଚାହାଁ
ଏଇ ମୋ ପଲ୍ଲୀ ମା' ।୦ ।
ଯୋଡ଼ି ଯାଉଁଳି ଝାମ୍ପୁରାବର କିଆଗୋହିରି ପାଖେ,
ତାଳ ନଡ଼ିଆ ବାହୁଙ୍ଗା ବାଜି ଝଡ଼ ପବନ ଡ଼ାକେ ।
ଦେଉଳେ କାନ୍ଦେ ଘୁମୁରି ପାରା
ଯେଉଁଠି ପଡ଼େ ସକାଳ ଖରା
ଅଣ-ଓସାର ଅରମାବାଟ
ଡାକୁଛି ଫେରି ଆ' ।୧ ।
ବାଉଁଶବଣେ ଡ଼ାହୁକ ଛୁଆ ଗଳିକନ୍ଦିରେ ଲୁଚେ
ଗହଳିତାଟା ଆମ୍ବ ପଣସ ଅଦିନେ କେତେ ପାଚେ
ଜଳପୋଖରୀ ଗୋଳିଆ ଜଳ
ଗାଁ ପିଲା ମୋ ମଳିମହଳ
ଦାନ୍ତ- ନିକୁଟା କୁଡ଼ିଆ ଘର
ଡ଼ାକୁଛି ଫେରିଆ'ରେ ଚାହାଁ ।୨ ।

**ବିଶେଷ ଦ୍ରଷ୍ଟବ୍ୟ :** ଏହି ଗୀତଗୁଡ଼ିକ ଶିକ୍ଷା ସମୟରେ ତୁମେ ଆମ ଦେଶର ପ୍ରତ୍ୟେକ ପ୍ରାନ୍ତର ଗୀତ ଗୁଡ଼ିକର ବିବିଧତା ଓ ବିଚିତ୍ରତା ସଂପର୍କରେ ଜ୍ଞାନ ଅର୍ଜନ କର । ଯେଉଁଥିପାଇଁ ଏହି ଅଧ୍ୟାୟର ନାମ **ବିବିଧତାର ସ୍ୱର** ରଖାଯାଇଛି ।


https://withteachers.in/



(ଚିମ୍‌ଟା)



(ପୁନ୍‌ଗୀ)

## ଶ୍ରୀ ଜଗନ୍ନାଥ ଭଜନ

**ଭାଷା - ଓଡ଼ିଆ**
**ଗୀତ: କୋଠ ଭୋଗଖିଆ ମୋ ଚକା ଆଖିଆ**
**ରଚନା: କ୍ଷୀରୋଦ ଚନ୍ଦ୍ର ପୋଥାଳ**
**ସଙ୍ଗୀତ: ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ**

କୋଠ ଭୋଗ ଖିଆ ମୋ ଚକା ଆଖିଆ
ଉଠ ହେ ପହଡ଼ ଭାଙ୍ଗି
ପଣ୍ଡା ପଡ଼ିହାରୀ କରନ୍ତି ଗୁହାରି
ହେବାକୁ ଚନ୍ଦନ ଲାଗି ।୦ ।

ତୁଳସୀର ମାଳ ଦୟଣାର ଚୂଳ
ଉଭା ଘେନି ଦେବଦାସୀ
ବଡ଼ ସିଂହାରକୁ ବୁଢ଼ା ସିଂହାରୀ ଯେ
ଉଭା ହୋଇଲେଣି ଆସି
ମଣିମା ମଣିମା ଡାକ ପଡ଼ୁଅଛି
ଛାମୁ ଦରଶନ ଲାଗି
ହେବାକୁ ଚନ୍ଦନ ଲାଗି ।୧ ।

ନିଦା ପଥର ହେ ନିଦେ କି ଶୋଇଲ
ଷାଠିଏ ପଉଟି ଖାଇ
ଅନାଥ ଜନଙ୍କ ଡ଼ାକ ନ ଶୁଣୁଛ
ଜଗତର ନାଥ ହୋଇ
ଆରତି ବେଳ ଯେ ଗଡ଼ି ଯାଉଅଛି
ଉଠ ହେ ଛପନ ଭୋଗୀ
ହେବାକୁ ଚନ୍ଦନ ଲାଗି ।୨ ।





## ଚାପ ସଙ୍ଗୀତ

**ଭାଷା - ଓଡ଼ିଆ**
**ଗୀତ: ଦେଖ ଗୋ ରାଧା ମାଧବ ଚାଲି**
**ରଚନା: ବନମାଳୀ**
**ତାଳ : ଖେମଟା**

ଦେଖ ଗୋ ଆଗୋ ସଖି ଦେଖଗୋ
ରାଧା ମାଧବ ଚାଲି ଦେଖଗୋ
ମଣି ବିମାନ ଆସେ ଝୁଲି ଝୁଲି ।୦ ।

ବିବିଧ ବାଜଣା ବୀର କାହାଳୀ
ବିଜେ କଲେ ଗୋପଦାଣ୍ଡ ଉଛୁଳି ।୧ ।

ନରେନ୍ଦ୍ର ସରକୁ କରିଣ ମନ
ଚାପ ଖେଳନ୍ତି ଜଗତ ମୋହନ ।୨ ।

ବୋଲେ ବନମାଳୀ ଶ୍ରୀପଦ ଧ୍ୟାୟୀ
ଚନ୍ଦନ କୁଣ୍ଡେ ପ୍ରବେଶିଲେ ଯାଇ ।୩ ।

### ତୁମେ ଜାଣିଛ କି ?

ଏଠାରେ ଦିଆଯାଇଥିବା ଗୀତ ଦୁଇଟି ଓଡ଼ିଆ ଭାଷାର ରଚିତ, ଶ୍ରୀଜଗନ୍ନାଥଙ୍କୁ ସମର୍ପିତ ହୋଇଥିବା ଏହି ଗୀତ ମଧ୍ୟରୁ ଗୋଟିଏ ଭଜନ ଓ ଅନ୍ୟଟି ଚନ୍ଦନଯାତ୍ରା ସମୟରେ ମଣି ବିମାନରେ ବସି ଝୁଲି ଝୁଲି ଆସୁଥିବା ରାଧାମାଧବଙ୍କ ବିଷୟରେ ବର୍ଣ୍ଣନା କରାଯାଇଅଛି । ବାଦ୍ୟ ଓ ବୀର କାହାଳୀର ତାଳେ ତାଳେ ବଡ଼ ଦାଣ୍ଡରେ ଗହଳ ଚହଳ ଲଗାଇ ନରେନ୍ଦ୍ର ପୋଖରୀକୁ ଚାପ ଖେଳିବାକୁ ଯିବା ସମୟରେ ଏହି ଗୀତଟିକୁ ଗାନ କରାଯାଏ ।



https://withteachers.in/

## ତୁମେ ଜାଣିଛ କି ?

ଆମ ସଂସ୍କୃତି ଓ ପରଂପରାକୁ ନେଇ ଭାରତୀୟ ସଙ୍ଗୀତରେ ଈଶ୍ୱରୀୟ ଚେତନାକୁ ଅନୁଭବ କରାଯାଇଥାଏ । ଏହି ଭକ୍ତି ମାର୍ଗକୁ ଦୃଷ୍ଟିରେ ରଖି ସଙ୍ଗୀତର ବିଭିନ୍ନ ଗାୟନ ଶୈଳୀ ପ୍ରବର୍ତ୍ତନ କରାଯାଇଛି । ଭଜନ, କୀର୍ତ୍ତନ, ଶବଦ, ପ୍ରାର୍ଥନା, ଜଣାଣ ଆଦି ସବୁ ଗୀତକୁ ଭକ୍ତି ସଙ୍ଗୀତ କୁହାଯାଇଥାଏ ।



## ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଭକ୍ତିମାର୍ଗର ସଙ୍ଗୀତ

ତୁମେମାନେ ବିଭିନ୍ନ ଧାର୍ମିକ କାମରେ ବିଭିନ୍ନ ପ୍ରକାରର ଭକ୍ତି ସଙ୍ଗୀତ ଗାନ କରାଯାଉଥିବାର ଶୁଣିଥିବ । ଆସ ମିଳିତ ଭାବରେ ଆମେ ଏହି ଭକ୍ତି ସଙ୍ଗୀତଗୁଡ଼ିକୁ ଶୁଣିବା ଓ ଶିଖିବା ।

**କୀର୍ତ୍ତନ –** ଏହି ଗୀତଟିକୁ ଭାରତରତ୍ନ ଉପାଧିପ୍ରାପ୍ତ କଣ୍ଠଶିଳ୍ପୀ ଭୀମସେନ ଯୋଶୀଙ୍କଦ୍ୱାରା ଗାନ କରାଯାଇଛି ।

ଭାଷା – ମରାଠୀ

ଯେ କା ରଙ୍ଗଲେ ତ୍ୟାସି ହୋନେ ଯୋ ଆପୁଲେ
ଟୋ ଚି ସାଧୁ ଓଡେ ଖାଓ୍ୱା ଦେବ
ଟେଥେଚି ଜାନଓ୍ୱା
ତୁକାମାନେ ସାଙ୍ଗୁ କିଟି ଟୋଚି
ଭଗବାନ ତ୍ୟାଚା ମୂର୍ତ୍ତି

**ଅର୍ଥ –** ଏହି ଗୀତଟି ମରାଠୀ ଭାଷାରେ ଲିଖିତ ଏବଂ ମହାରାଷ୍ଟ୍ରରେ ପ୍ରଚଳିତ । ଏହା ଭକ୍ତି ସଙ୍ଗୀତ ଅନ୍ତର୍ଭୁକ୍ତ ଅଟେ । ଏହି ଗୀତଟି ମହାରାଷ୍ଟ୍ରର ସନ୍ଥ ତୁକାରାମଙ୍କ ଦ୍ୱାରା ରଚିତ ହୋଇଛି । ଯାହାକୁ ଅଭଙ୍ଗ କୀର୍ତ୍ତନ କୁହାଯାଏ । ଏହି ଗୀତରେ ଯେଉଁ ବ୍ୟକ୍ତି ଅନ୍ୟମାନଙ୍କ ଦୁଃଖ ଦୁର୍ଦ୍ଦଶାକୁ ଗଭୀର ଭାବରେ ଅନୁଭବ କରିବା ସହ ସେମାନଙ୍କୁ ସାହାଯ୍ୟ କରିଥାଏ, ସେ ପ୍ରକୃତ ମଣିଷ ଭଗବାନ ସେହି ଦୟାଶୀଳ ମଣିଷଠାରେ ଅଛନ୍ତି ବୋଲି କୁହାଯାଇଛି ।

## ଶବଦ

ନାନକ ଚିନ୍ତା ମତ୍ କରୋ
ଚିନ୍ତା ତିସ୍ ହି ହେ !
ଜାଲ ମେହେ ଯନ୍ତ ଉପାଇୟାଁନ୍
ତିନା ଭି ରୋଜି ଦେ !
ନାନକ ଚିନ୍ତାମତ୍ କରୋ
ଚିନ୍ତା ତିସ ହି ହେ !
ଓଠେ ହତ୍ ନା ଚଲାଇ
ନା କୋ କିରସ୍ କରେ
ସୌଦା ମୁଲ୍ ନା ହୋଭେ
ନା କୋ ଲାୟେ ନା ଦେ !
ଜିଆ କା ଆହାର ଦିଆ,
ଖାନା ଏହୋ କରେ
ଭିଚ ଉପାୟେ ସୟେରା,
ତିନାଭି ସାର କରେ !
ନାନକ ଚିନ୍ତାମତ କରୋ
ଚିନ୍ତା ତିସ୍ ହି ହେ
ଚିନ୍ତା ତିସ୍ ହି ହେ ।

**ଅର୍ଥ** – 'ଶବଦ' ପଞ୍ଜାବ ଅଂଚଳରେ ପଞ୍ଜାବୀ ଲୋକମାନଙ୍କର ଆରାଧନା ସ୍ଥଳୀ ଗୁରୁଦ୍ୱାରରେ ଗୁରୁଙ୍କ ଉଦ୍ଦେଶ୍ୟରେ ସମର୍ପିତ ଭକ୍ତି ସଙ୍ଗୀତ ଅଟେ । ଏହି ଗୀତରେ ଗୁରୁ ନାନକ ଦେବଙ୍କର ଉପଦେଶ ବର୍ଣ୍ଣନା କରାଯାଇଛି । ଯେ କିପରି ସଂସାରରେ ସମସ୍ତେ ସୁଖରେ ରହିବେ, ଚିନ୍ତା ଗ୍ରସ୍ତ ନ ହେବେ ଓ ସମସ୍ତେ ସେହି ସର୍ବଶକ୍ତିମାନ୍‌ଙ୍କ ଉପରେ ବିଶ୍ୱାସ ରଖିବେ । ଗୁରୁ ନାନକ ଉପଦେଶ ଦେଇ କହିଛନ୍ତି ଯେ, ଯେପରିକି ଭଗବାନ ଜଳ ମଧ୍ୟରେ ଉଦ୍ଭିଦ ଓ ପ୍ରାଣୀ ସୃଷ୍ଟି କରିବା ସହ ସେମାନଙ୍କର ବଂଚିବାର ବ୍ୟବସ୍ଥା ମଧ୍ୟ କରିଛନ୍ତି, ଭଗବାନ ସମସ୍ତଙ୍କୁ ବଂଚିବା ନିମନ୍ତେ ଆହାର ଯୋଗାଇଛନ୍ତି । ତେଣୁ ଚିନ୍ତା କରନାହିଁ...


https://withteachers.in/



## ପ୍ରାର୍ଥନା ଗୀତ - ଆହେ ଦୟାମୟ ବିଶ୍ୱବିହାରୀ

**ରଚନା - ରାମକୃଷ୍ଣ ନନ୍ଦ**

**ଭାଷା - ଓଡ଼ିଆ**

**ଗୀତ -** ଆହେ ଦୟାମୟ ବିଶ୍ୱବିହାରୀ, ଘେନ ଦୟା ବହି ମୋର ଗୁହାରି
ଜଳସ୍ଥଳ ବନ ଗିରି ଆକାଶ, ତୁମ ଲୀଳା ସବୁଠାରେ ପ୍ରକାଶ
ତୁମେ ଶୁଭ ବୁଦ୍ଧି ପରା ଶିଖାଅ, ତୁମେ ଭଲବାଟ ପରା ଦେଖାଅ
ମୋର କାମକୁ କରାଅ ସରସ, ମୋର ମୁଖେ ଦିଅ ଚିର ହରଷ
ତୁମ ଚରଣରେ ମୋର ଭକତି, ଦିଅ ବିପଦେ ସାହସ ଶକତି
ଦୟା ବିନୟ ହେଉ ମୋ ଭୂଷଣ, କାହା ମନେ ନଦିଏ ମୁଁ କଷଣ
ଦୁଃଖୀ ଅରକ୍ଷିତ ସେବା କାରଣେ, ବଳ ଦିଅ ମୋ କର ଚରଣେ
ସତ କହିବାକୁ କିଆଁ ଡରିବି, ସତ କହି ପଛେ ମଲେ ମରିବି
ମୋତେ ଏତିକି ଶିଖାଅ ସାଇଁହେ, ମୋର ଧନଜନ ଲୋଡ଼ା ନାହିଁହେ ।

**ଅର୍ଥ -** ଏହି ଗୀତଟି ଓଡ଼ିଶାର ସାଂସ୍କୃତିକ ପରଂପରାର ଭକ୍ତି ସଙ୍ଗୀତ ରୂପେ, ପ୍ରତ୍ୟେକ ଗୃହରେ ଈଶ୍ୱରଙ୍କ ନିକଟରେ ନିଜର ଦୁଃଖ ଜଣାଇବା ନିମିତ୍ତେ, ଅନ୍ତର ଭିତରୁ ଆସୁଥିବା ଭାବନା ମାଧ୍ୟମରେ ପ୍ରକାଶିତ ହୋଇଥାଏ । ଏଥିରେ ଆମର ଜୀବନ କିପରି ଉନ୍ନତ ହେବ, ସୁଖମୟ ହେବ, ଦୁଃଖ କଷ୍ଟ ଦୂର ହେବ, ସମସ୍ତେ ସଂସାରରେ ସୁଖରେ ରହିବେ ଏବଂ ମଣିଷ କିପରି ପରୋପକାର ସହ ଭଲ କର୍ମ କରି ଏ ସଂସାରର ଦୁଃଖକଷ୍ଟରୁ ମୁକ୍ତି ପାଇବ, ବର୍ଣ୍ଣନା କରାଯାଇଛି ।



## ଆସ ଏକ ସୁଫି ଗୀତ ଶିଖିବା

**ଗୀତ -** ମୋ ମିନା ମା'

**ଭାଷା -** ପାର୍ସୀ

ମୋ ମିନା ମା ଦୁଧ୍ ଲେକେ ରେମା ୟାକେ
ୟିସ୍‌ମସା ମା ଦୁଧ୍ ଲେକିନ୍ ଯା ୟାକେ
ଜାମା ଗୁଫ୍‌ତମ ଜାନ୍ ହା ୟେ ସାନ
(ଏହି ସୁଫି ସଙ୍ଗୀତକୁ ଶୁଣ ଓ ଶିଖ ।)

**ଅର୍ଥ -** ଏହା ପାର୍ସୀ ଭାଷାରେ ଜଲ୍ଲାଲଉଦ୍ଦିନ ମହମ୍ମଦ ବଲଖି ଯିଏକି 'ରୁମି' ନାମରେ ପରିଚିତ । ତାଙ୍କଦ୍ୱାରା ଲିଖିତ ଏହି ଗୀତର ଭାବାର୍ଥ କୋରାନ୍‌ରେ ବର୍ଣ୍ଣିତ, ପ୍ରାଚୀନ କଥାବସ୍ତୁ ମିସ୍‌ନଭି ଉପରେ ଆଧାରିତ । ଗୀତଟିର ନାମ "ବିଶ୍ୱାସର ଏକ ଆତ୍ମା" । ଏହି ଗୀତରେ ଆମ ସମସ୍ତଙ୍କ ଭିତରେ ଜଣେ ହିଁ ପରମାତ୍ମା ଅଛନ୍ତି ବୋଲି ଏହି ସତ୍ୟକୁ ଉଲ୍ଲେଖ କରାଯାଇଛି । ଆମେ ବିଶ୍ୱାସର ସହିତ ଆମର ଶାରୀରିକ, ମାନସିକ ଜନିତ ଚେତନାରୁ ବନ୍ଧନମୁକ୍ତ ହେଲେ ସେହି ପରମାତ୍ମାଙ୍କୁ ଜାଣିପାରିବା ଏବଂ ତାଙ୍କ ଶକ୍ତିରେ ଆମ ଜୀବନ ପରିଚାଳିତ ହେଉଛି ବୋଲି ଜାଣି ଆମେ ସମସ୍ତେ ଏକଆତ୍ମା ବୋଲି ବୁଝିପାରିବା ।


https://withteachers.in/



## ଭାରତୀୟ ସଙ୍ଗୀତର ପ୍ରକାର ଭେଦ

ଆମେ ଜାଣିଛୁ ଯେ ଭାରତୀୟ ସଙ୍ଗୀତରେ ବିଭିନ୍ନ ପ୍ରକାର ସଙ୍ଗୀତର ଧାରା, ସଙ୍ଗୀତ ପଦ୍ଧତି, ଗାୟନ ଶୈଳୀ, ବାଦ୍ୟଯନ୍ତ୍ର ଆଦିର ବ୍ୟବହାର ରହିଛି । ଏହାକୁ ଶିକ୍ଷାକରି ଓ ଶୁଣି ଆମ ମନରେ କେବଳ କୌତୁହଳ ସୃଷ୍ଟି ହେଉନାହିଁ, ବରଂ ଆମେ ଜାଣିଲେ ଯେ ଭାରତୀୟ ସଙ୍ଗୀତରେ ଶାସ୍ତ୍ରୀୟ ସଙ୍ଗୀତ, ପ୍ରାନ୍ତୀୟ ସଙ୍ଗୀତ, ଭକ୍ତି ସଙ୍ଗୀତ, ଦେଶଭକ୍ତି ଗୀତ, ଲୋକଗୀତ, ସିନେମା ସଙ୍ଗୀତ ଆଦି ବିଭିନ୍ନ ଗୀତର ଧାରା ପ୍ରଚଳିତ । ଏସବୁ ଗୀତ ସଂପର୍କରେ ଶିକ୍ଷା ଅର୍ଜନ କରି ଆମେ ଆମ ଦେଶର ବିଭିନ୍ନ ପ୍ରାନ୍ତରେ ପ୍ରଚଳିତ ଥିବା ସାଂସ୍କୃତିକ ପରଂପରା ସମ୍ବନ୍ଧୀୟ ଜ୍ଞାନ ମଧ୍ୟ ଅର୍ଜନ କରିପାରିବା ।

ଏବେ ତୁମେ ଏହିସବୁକୁ ଆଉଥରେ ମନେ ପକାଅ ଓ ଗାନକର । ଏହାକୁ ତୁମ ଶ୍ରେଣୀ କକ୍ଷରେ ବା ବିଦ୍ୟାଳୟ ପ୍ରାର୍ଥନା ସଭା, ବିଦ୍ୟାଳୟର ବିଭିନ୍ନ କାର୍ଯ୍ୟକ୍ରମ ବା ସାଙ୍ଗସାଥୀ ଓ ନିଜ ପରିବାରର ସଦସ୍ୟ ମାନଙ୍କ ପାଖରେ ଗୀତଗାଇ ଉପସ୍ଥାପନ କର । ଏହାହିଁ ତୁମମାନଙ୍କୁ ଶିକ୍ଷା ପ୍ରଦାନ କରୁଥିବା ଗୁରୁ ଓ ଶିକ୍ଷକ ମାନଙ୍କ ପାଇଁ ଯଥାର୍ଥ ଉପହାର ଅଟେ ।





https://withteachers.in/

## ଅଧ୍ୟାୟ - ୧୦ : ଗୀତ ରଚନାର କୌଶଳ

**ଉଦ୍ଦେଶ୍ୟ :** ଗୀତର ପଦାବଳୀ ରଚନାକୁ ଗୀତିକବିତା କୁହାଯାଏ । ଏହାକୁ ଇଂରାଜୀରେ Lyrics ବୋଲି କହନ୍ତି । ନିଜର ଭାବନା ଓ କଳ୍ପନା ମାଧ୍ୟମରେ ଗୀତ ଲେଖିବାର କୌଶଳ ଏହି ପ୍ରକ୍ରିୟାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଅଟେ । ଏହି ଭିଡିଓଟିକୁ ଦେଖ ଓ ତୁମେମାନେ କିପରି ଗୀତ ଲେଖିପାରିବ ସେ ବିଷୟରେ ଜ୍ଞାନ ଅର୍ଜନ କର ।

**ବର୍ଣ୍ଣନାତ୍ମକ ଲିଖନ**

ଯେଉଁ ଲେଖାରେ କୌଣସି ବିଷୟବସ୍ତୁ ଜଡ଼ିତ ଥିବ, କାବ୍ୟାବଳୀରେ ଅନୁଭୂତି ସ୍ଥାନ ଆଦିର ବର୍ଣ୍ଣନା ରହିଥାଏ ଏବଂ ତାହାକୁ ଆବୃତ୍ତି କରିବାଦ୍ୱାରା ପାଠକଙ୍କ ମନରେ ବର୍ଣ୍ଣିତ ବିଷୟବସ୍ତୁ ସମ୍ବନ୍ଧରେ ଏକ ସୁନ୍ଦର ଓ ସ୍ପଷ୍ଟ ଦୃଶ୍ୟାବଳୀର ଚିତ୍ର ଝଲସି ଉଠିଥାଏ । ଏହି ସବୁ ଲେଖାକୁ ବର୍ଣ୍ଣନାତ୍ମକ ଲେଖା କୁହାଯାଏ । ଏବେ ତୁମେ ଏ ସଂପର୍କରେ ବୁଝିବାକୁ ଚେଷ୍ଟାକର ।

୧. ତୁମେ ଯେଉଁ ବିଷୟରେ ଲେଖିବାକୁ ଚାହୁଁଛ ତାକୁ ଗଭୀରତାର ସହ ବର୍ଣ୍ଣନା କର, ଯେପରିକି ସେହି ଗୀତରେ ଥିବା ପ୍ରତ୍ୟେକ ବିଷୟବସ୍ତୁ ତୁମ ଶ୍ରୋତାମାନଙ୍କୁ ଆକୃଷ୍ଟ କରିବ ।

୨. ତୁମର ପ୍ରତ୍ୟେକ ସାମର୍ଥ୍ୟକୁ ବ୍ୟବହାର କର ଏବଂ ସେହିଗୁଡ଼ିକୁ ଦେଖିବାରେ, ଅନୁଭବ କରିବାରେ ଓ ତାହାର ମହକ ବିଷୟରେ ବର୍ଣ୍ଣନା କର ।

୩. ତୁମକୁ ଅଜଣା ଥିବା କିଛି ବିଷୟରେ ଚିନ୍ତାକରି ତାହାକୁ ତୁମେ କଳ୍ପନା ମାଧ୍ୟମରେ ରୂପରେଖ ଦିଅ ଓ ବର୍ଣ୍ଣନା କର ।

୪. ତୁମେ ଲେଖୁଥିବା ଗୀତ ବା କବିତା ଅନ୍ୟମାନଙ୍କୁ ଶୁଣାଅ, ଦେଖାଅ ଓ ପଢ଼ାଅ ଏବଂ ଏହା କିପରି ଅଧିକ ଉନ୍ନତ ହୋଇପାରିବ, ସେହିପରି ମତାମତ ଗ୍ରହଣ କର ।

୫. ଅନ୍ୟମାନଙ୍କର ଲେଖାଗୁଡ଼ିକ ପଢ଼, ଏଥିରେ ବର୍ଣ୍ଣନା କରାଯାଇଥିବା ବିଷୟବସ୍ତୁଗୁଡ଼ିକର ବିଭିନ୍ନ ପ୍ରକାର ବର୍ଣ୍ଣନା, ରଚନା, କୌଶଳ ଆଦିର ଅନୁଧ୍ୟାନ କର ଏବଂ ଶିଖ ।

**ଏହି ଭିଡିଓକୁ ଶୁଣ ଓ ଦେଖ :** ତୁମେ କିପରି ବର୍ଣ୍ଣନାତ୍ମକ ଗୀତ ଲେଖିବ ତାହା ଜାଣିବାକୁ ଚେଷ୍ଟା କର ।

### କ୍ରିୟାକଳାପ ୧ : ନିଜେ ଚେଷ୍ଟା କର

ଗୋଟିଏ ବୃକ୍ଷ ବିଷୟରେ ବର୍ଣ୍ଣନା କରି ଲେଖିବା



**କ୍ରିୟାକଳାପ -୨ :** କୌଣସି ଏକ ଲୋକପ୍ରିୟ ଗୀତର ସ୍ୱର ଅନୁସରଣରେ ଗୀତଟିଏ ଲେଖ । ଏହିପରି କିଛି ଭିଡିଓ ଦେଖ ଏବଂ ବୁଝ ଯେ ପୂର୍ବରୁ ଥିବା ଏକ ସଙ୍ଗୀତର ସ୍ୱରରେ ଗୀତିକବିତା ମଧ୍ୟ ଲେଖାଯାଇପାରେ ।

**ଗୀତ ଲେଖିବାର କୌଶଳ :**

ଗୀତ ଲେଖିବା କାର୍ଯ୍ୟ ଏକ ପ୍ରତିଯୋଗିତା ନୁହେଁ ବରଂ ଏହାକୁ ସହଯୋଗିତା ଭାବରେ ଚିନ୍ତା କର ଏବଂ ଅନ୍ୟକୁ ମତାମତ ଦେବା ସମୟରେ ଗଠନମୂଳକ ଓ ସକାରାତ୍ମକ ଭାବ ପ୍ରଦର୍ଶନ କରିବାକୁ ଚେଷ୍ଟା କର ।



https://withteachers.in/

### ଉଦାହରଣ ସ୍ୱରପ -

"Twinkel Twinkle litte star" ଏହି ଗୀତଟିକୁ ଆମେ ବହୁତ ଥର ଶୁଣିଅଛୁ । ଏହା ଜାଣିବା ଏକ ମଜାର ବିଷୟ ଯେ, ଏହି ଗୀତ ସଦୃଶ "Baa Baa Black sheep" ଏବଂ ଇଂରାଜୀ ଭାଷାରେ ABCD ଅକ୍ଷରକୁ ନେଇ ଗୀତ ମଧ୍ୟ ସେହି ସ୍ୱରରେ କରାଯାଇଅଛି ।

ତୁମେ ମଧ୍ୟ ଏହି ଲୋକପ୍ରିୟ ଗୀତ ସ୍ୱରର ଆଧାରରେ ନିଜେ ଏକ ଗୀତ ଲେଖିବାକୁ ଚେଷ୍ଟାକର । ଏହି ଭିଡିଓଟିକୁ ଦେଖ ଶୁଣ ଏବଂ ଏହାକୁ ଉଦାହରଣ ମନେକରି Twinkle Twinkle little star ସ୍ୱର ଆଧାରରେ ଲେଖା ଯାଇଥିବା ଗୀତିକବିତା ସଂପର୍କରେ ଜାଣ ।

## କ୍ରିୟାକଳାପ ୩ :

ଓଡ଼ିଆ ଭାଷାରେ ପ୍ରଚଳିତ ବହୁ ଲୋକପ୍ରିୟ "ଏଇ ଦେଶ ଏଇ ମାଟି" ଗୀତଟି ଶୁଣ ଏବଂ ତୁମ ମନର ଭାବକୁ ନେଇ ନିଜ ଭାଷା ମାଧ୍ୟମରେ ଆଉ ଏକ ଗୀତ ଲେଖ ।

## ମିତ୍ରାକ୍ଷର କବିତା ଆବୃତ୍ତି କରିବା ଶିଖିବା

ମିତ୍ରାକ୍ଷର କବିତାକୁ ଇଂରାଜୀରେ Rhyme ବୋଲି କୁହାଯାଏ । ଏହା ମୁଖ୍ୟତଃ ଛନ୍ଦ-ବଦ୍ଧ ଓ ତାଳ-ବଦ୍ଧ । ଏହାର ଆବୃତ୍ତିଦ୍ୱାରା ଗୀତର ବର୍ଣ୍ଣନା କରିବା, ବିଷୟବସ୍ତୁର ଅର୍ଥ ବୋଧ ହେବା ସହ ଶବ୍ଦ ସଂଯୋଜନା ଜ୍ଞାନ ଏବଂ ପଦର ଛନ୍ଦବଦ୍ଧତା ଆଦି ଜ୍ଞାନର ବୃଦ୍ଧି ଘଟିଥାଏ ।

ଓଡ଼ିଆ ଭାଷା ଏକ କବିତା -

ଚକା ଚକା ଭଉଁରୀ, ମାମୁଁ ଘର ଚଉଁରୀ
ମାମୁଁ ମୋତେ ମାଇଲେ ଦୁଧଭାତ ଖୋଇଲେ
ପିଲାଦିନ ଖେଳ ଗଲା ସରି
ମାମୁଁ ବର ଖୋଜିଲେ ମାଇଁ ଆସି କାନ୍ଦିଲେ
ଆମକୁ ତୁ ଯିବୁ ପର କରି ॥

**Rhyme**

Cat, bat, mat
love above
hand, understand
ଏହି ଭିଡିଓକୁ ଦେଖ ଓ ଶୁଣ

## କ୍ରିୟାକଳାପ ୪ :

### ଆମ ସୌରମଣ୍ଡଳକୁ ନେଇ ଗୀତ ଶୁଣବ

ଓଡ଼ିଆ ଭାଷାରେ ଲିଖିତ ମଧୁସୂଦନ ରାଓଙ୍କ ରଚିତ ଗୀତ
ଆକାଶ ଦିଶେ କି ସୁନ୍ଦର, ତାହାକୁ ରଚିଲେ ଈଶ୍ୱର
ଉଜ୍ଜ୍ୱଳ ସୂର୍ଯ୍ୟ ଚନ୍ଦ୍ର ତାରା, ନୀଳ ସମୁଦ୍ର ବାରି ଧାରା
ପର୍ବତ ନଦୀ ତରୁମାନ, ସୃଜିଲେ ପ୍ରଭୁ ଭଗବାନ
ତାଙ୍କରି ଆଜ୍ଞାରେ ପବନ, ମେଘ ବରଷେ ଘନଘନ

ଏହ ଗୀତଟିକୁ ପ୍ରସିଦ୍ଧ ସଙ୍ଗୀତଜ୍ଞ ପଦ୍ମଶ୍ରୀ ପଣ୍ଡିତ ରଘୁନାଥ ପାଣିଗ୍ରାହୀ ସୁନ୍ଦର ଭାବରେ ଗାଇଛନ୍ତି । ତାହା ଆମେ ଶିଖିବା ଓ ଗାଇବାକୁ ଚେଷ୍ଟାକରିବା ।

**ମନେରଖ :**

Rhyme କୌଶଳ । ମୁଖ୍ୟତଃ ପଦର ଆରମ୍ଭ ଓ ପଦର ଶେଷ ଅକ୍ଷରର ମେଳ ଅନୁସାରେ ଲେଖା ଯାଇଥାଏ । ଏହା ଦୁଇପଦ ବିଶିଷ୍ଟ ବା ଚାରିପଦ ବିଶିଷ୍ଟ ହୋଇପାରେ ।

## କ୍ରିୟାକଳାପ ୫ :

The sky was dark in the morning
The sun did not shine as bright
The day is set for mourning
I miss the warmth of the light

### ସୃଜନ ଶକ୍ତି

ପୂର୍ବରୁ ପ୍ରଚଳିତ ହୋଇଆସୁଥିବା ଅନେକ ପୁରୁଣା ଗୀତଗୁଡ଼ିକ ଅଛି ଯାହାକୁ ଶୁଣିବାକୁ ଓ ଶିଖିବାକୁ ବହୁତ ଭଲ ଲାଗିଥାଏ । ସେହିପରି ଅନେକ ଲୋକ ଅଛନ୍ତି, ଯେଉଁମାନେ ତୁମର ଭାବକୁ ଲେଖା ମଧ୍ୟରେ ପ୍ରକାଶ କରିବାକୁ ଇଚ୍ଛା କରିଥାନ୍ତି । ତାହେଲେ ସେହିପରି ଏକ ଗୀତ ଲେଖ ଏବଂ ସେଥିରେ ନିଜସ୍ୱ ସ୍ୱର ସଂଯୋଜନା କରିବାକୁ ଚେଷ୍ଟା କର ।



https://withteachers.in/

## ଅଧ୍ୟାୟ – ୧୧ : ସଙ୍ଗୀତ ଓ ସମାଜ



**ଉଦ୍ଦେଶ୍ୟ** – ଭିନ୍ନ ଭିନ୍ନ ଭାବଧାରାରେ ଆମ ସମାଜରେ ପ୍ରଚଳିତ ଥିବା ସଙ୍ଗୀତ ଗୁଡ଼ିକୁ ଶୁଣି ସେହି ପ୍ରକାରର ଗୀତ ରଚନା କରିବାର କ୍ଷମତା ସହ ସଙ୍ଗୀତ ମାଧ୍ୟମରେ ନୂତନ ବାର୍ତ୍ତା ଦେଇ ସମାଜକୁ ପରିବର୍ତ୍ତନ କରିବାରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି, ଯେପରିକି ସ୍ୱାଧୀନତା ସଂଗ୍ରାମ ସମୟରେ ଲୋକମାନଙ୍କ ମନରେ ଦେଶପ୍ରେମ ଭାବ ଜାଗ୍ରତ କରି ଇଂରେଜମାନଙ୍କ ବିରୁଦ୍ଧରେ ଛିଡ଼ା ହେବା ପାଇଁ ଆମର ସ୍ୱାଧୀନତା ସଂଗ୍ରାମୀମାନେ ସଙ୍ଗୀତକୁ ବ୍ୟବହାର କରିଥିଲେ ।

## କ୍ରିୟାକଳାପ ୧ : ସଙ୍ଗୀତ ହିଁ ଏକତା



ଆମ ଦେଶରେ ପ୍ରଚଳିତ ଥିବା ଜାତୀୟ ସଙ୍ଗୀତରେ ଆମ ବିବିଧତା ମଧ୍ୟରେ ଏକତାର ଭାବ ସ୍ଥାପନ ହୋଇଅଛି । ତାହା ହିଁ ଭାତରରେ ପ୍ରଚଳିତ "ଜାତୀୟ ସଙ୍ଗୀତ"ର ଏକ ଦୃଷ୍ଟାନ୍ତ । ୧୯୧୩ ମସିହାରେ ମହାନ ସାହିତ୍ୟିକ ରବୀନ୍ଦ୍ରନାଥ ଠାକୁର ଅଣ ୟୁରୋପୀୟମାନଙ୍କୁ ପ୍ରତିହତ ପୂର୍ବକ ତତ୍କାଳୀନ ଗତାନୁଗତିକ ଧାରାକୁ ପରିବର୍ତ୍ତନ କରି ସମସ୍ତ ଭାରତୀୟଙ୍କୁ ଏକ ସୂତ୍ରରେ ବାନ୍ଧିବା ନିମନ୍ତେ ଜାତୀୟ ସଙ୍ଗୀତକୁ ବଙ୍ଗଳା ଭାଷାରେ ରରଚନା କରି ନୋବେଲ୍ ପୁରସ୍କାର ପ୍ରାପ୍ତ ହୋଇଥିଲେ । ଏହା ଭାରତର ବିସ୍ତୀର୍ଣ୍ଣତା ଓ ବିବିଧ ଭୌଗୋଳିକ ପରିବେଶକୁ ବୁଝାଇଥାଏ । ସେହିପରି ସଂସ୍କୃତ ଭାଷାରେ ଲିଖିତ "ବନ୍ଦେ ମାତରମ୍" ବଙ୍ଗଳାର ପ୍ରସିଦ୍ଧ କବି ବଙ୍କିମ ଚନ୍ଦ୍ର ଚାଟାର୍ଜୀଙ୍କଦ୍ୱାରା ଲେଖାଯାଇଥିଲା ।

### ଜାତୀୟ ସଙ୍ଗୀତ

ଜନଗଣ ମନ ଅଧିନାୟକ ଜୟ ହେ, ଭାରତ ଭାଗ୍ୟ ବିଧାତା
ପଞ୍ଜାବ ସିନ୍ଧୁ ଗୁଜୁରାଟ ମରାଠା, ଦ୍ରାବିଡ଼ ଉତ୍କଳ ବଙ୍ଗ
ବିନ୍ଧ୍ୟ ହିମାଚଳ ଯମୁନା ଗଙ୍ଗା, ଉଚ୍ଛଳ ଜଳଧି ତରଙ୍ଗ
ତବ ଶୁଭ ନାମେ ଜାଗେ
ତବ ଶୁଭ ଆଶିଷ ମାଗେ
ଗାଏ ତବ ଜୟଗାଥା
ଜନଗଣ ମଙ୍ଗଳ ଦାୟକ ଜୟ ହେ ଭାରତ ଭାଗ୍ୟ ବିଧାତା
ଜୟ ହେ... ଜୟ ହେ... ଜୟ ହେ...
ଜୟ ଜୟ ଜୟ ଜୟ ହେ... ।

### ବନ୍ଦେ ମାତରଂ

ବନ୍ଦେ ମାତରମ୍ ବନ୍ଦେ ମାତରମ୍
ସୁଜଳାଂ ସୁଫଳାଂ ମଳୟଜ-ଶୀତଳମ୍
ଶସ୍ୟ ଶ୍ୟାମଳାଂ ମାତରମ୍ ।
ଶୁଭ୍ର ଜ୍ୟୋସ୍ନା-ପୁଲକିତ-ଯାମିନିମ୍
ଫୁଲ୍ଲ କୁସୁମିତ-ଦ୍ରୁମଦଳ ଶୋଭିନିମ୍
ସୁହାସିନୀଂ... ସୁମଧୁର ଭାଷିଣୀମ୍
ସୁଖଦାଂ ବରଦାଂ ମାତରମ୍... ।


https://withteachers.in/

## ତୁମେ ଜାଣିଛ କି ?

ବାଦ୍ୟବିନୋଦ ପଣ୍ଡିତ କ୍ଷେତ୍ରମୋହନ କର ସର୍ବ ଭାରତୀୟ ସ୍ତରରେ ପ୍ରତିଷ୍ଠିତ ତବଲା ବାଦକମାନଙ୍କ ମଧ୍ୟରୁ ଅନ୍ୟତମ । ତମେମାନେ ୭ମ ଅଧ୍ୟାୟରେ ଜଳତରଙ୍ଗ ବାଦ୍ୟ କିପରି ତିଆରି କରିବ ଓ ବଜାଇବ ତାହା ଶିଖିଥିଲ । ଏହି ଜଳତରଙ୍ଗ ବାଦନ କରି ଗୁରୁ ପଣ୍ଡିତ କ୍ଷେତ୍ରମୋହନ କର ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟିକରିଥିଲେ । ତବଲା ବାଦନ ସହିତ ମର୍ଦ୍ଦଳ, ଖୋଳ, ଜଳତରଙ୍ଗ ବାଦନ କରି ସମଗ୍ର ଭାରତରେ ସେ ପରିଚିତ ଓ ବିଖ୍ୟାତ । ଶ୍ରୀ ଜଗନ୍ନାଥଙ୍କ ପୀଠସ୍ଥଳ ପୁରୀରେ ଜନ୍ମିତ କ୍ଷେତ୍ରମୋହନ ଅନେକ ବିଶ୍ୱବିଖ୍ୟାତ କଳାକାରମାନଙ୍କ ସହିତ ତବଲା ବାଦନ କରି ଆମ ଓଡ଼ିଶା ପାଇଁ ସୁନାମ ଆଣିଥିଲେ । ତାଙ୍କର ଏହି କୃତୀତ୍ୱ ପାଇଁ ତାଙ୍କୁ ସଙ୍ଗୀତ ନାଟକ ଏକାଡେମୀ ଓ ବିଭିନ୍ନ ପୁରସ୍କାରରେ ଭୂଷିତ କରାଯାଇଥିଲା ।



## କ୍ରିୟାକଳାପ ୨ : ଆମର ମୂଳଦୁଆ

ଆମର ପୁରାତନ ଗ୍ରନ୍ଥ ବେଦ ଓ ଉପନିଷଦ ଆଦି ସମ୍ବନ୍ଧରେ ତୁମେ ନିଶ୍ଚୟ ଶୁଣିଥିବ । ସେହି ଗ୍ରନ୍ଥଗୁଡ଼ିକ ଆମକୁ ଦୟା, ସତ୍ୟ ଓ ଭଲପାଇବାକୁ ପ୍ରେରଣା ଦେଇଥାଏ । କଠୋପନିଷଦରେ ଏକ ପ୍ରେରଣାଦାୟୀ ବାଣୀଟିକୁ ଦେଖ ଏବଂ ଗାଇବା ଶିଖି ଯାହାକି ସ୍ୱାମୀ ବିବେକାନନ୍ଦଙ୍କର ଏକ ପ୍ରିୟବାଣୀ ଅଟେ ।

### ଉତ୍ତିଷ୍ଠତ ଜାଗ୍ରତ

ଉତ୍ତିଷ୍ଠତ ଜାଗ୍ରତ  
ପ୍ରାପ୍ୟ ବରାନ୍ ନିବୋଧତ  
କ୍ଷୁରସ୍ୟ ଧାରା ନିଶିଥ  
ଦୂରତ୍ୟୟା ଦୁର୍ଗମ୍ ପଥସ୍ତତ୍  
କବୟୋତ ବଦନ୍ତି ।

### ଏହାକୁ ଶୁଣ ଏବଂ ଗ୍ରହଣ କର

ବର୍ତ୍ତମାନ ଏହି ଗୀତଟି ଶୁଣ । ତୁମ ମନରେ କ'ଣ ଭାବନା ଜାଗ୍ରତ ହେଉଛି କୁହ ?

## କ୍ରିୟାକଳାପ ୩ : ପରିବର୍ତ୍ତିତ ହୁଅ

ତୁମେ ଉପରେ ବର୍ଣ୍ଣିତ ସମସ୍ତ ଗୀତଗୁଡ଼ିକ ଶୁଣ ଏବଂ ଶିଖ । ଏ ସଂପର୍କରେ ନିଜର ଭାବନାକୁ ଜଡ଼ିତ କର । ତୁମେ କିପରି ସକରାତ୍ମକ ପରିବର୍ତ୍ତନ କ୍ଷେତ୍ରରେ ଜଣେ ସର୍ବଶ୍ରେଷ୍ଠ ବ୍ୟକ୍ତି ରୂପେ ସମାଜରେ ଆଦର୍ଶ ସୃଷ୍ଟି କରିବ ଓ ସମାଜରେ ସଂସ୍କାର ଆଣିବ, ସେ ବିଷୟରେ ଚିନ୍ତାକର ।



Arise ! Awake ! and  
Stop not until the  
goal is reached.

- Swami Vivekananda

ଏହାର ଓଡ଼ିଆ ଭାବାର୍ଥ ହେଲା

**"ଉଠ ! ଜାଗ୍ରତ ହୁଅ ! ଏବଂ ଲକ୍ଷ୍ୟ ହାସଲ ନହେବା ପର୍ଯ୍ୟନ୍ତ ଅଟକି ଯାଅ ନାହିଁ ।"**

**ସ୍ୱାମୀ ବିବେକାନନ୍ଦ**

## କ୍ରିୟାକଳାପ -୪ ଗତାନୁଗତିକ ସଙ୍ଗୀତ ରଚନା ସଂପର୍କରେ ଜ୍ଞାନଲାଭ

ଗତାନୁଗତିକ ସଙ୍ଗୀତ କହିଲେ ଆମ ସଂସ୍କୃତିରେ ବର୍ଣ୍ଣନା ହୋଇଥିବା ପୁରାତନ ସାଧାରଣ କଥାବସ୍ତୁ ଆଧାରରେ ଜାତି, ଧର୍ମ, ବିଶେଷରେ ରଚନା ହୋଇଥିବା ଗୀତଗୁଡ଼ିକୁ ବୁଝାଯାଇଥାଏ । ଏହିସବୁ ଗତାନୁଗତିକ ସଙ୍ଗୀତକୁ ଶୁଣି ସେହି ଆଧାରରେ ନୂତନ ଗୀତମାନ ପରିବର୍ତ୍ତିତ କୌଶଳରେ ଲେଖାଯାଇପାରିବ ।

ନିମ୍ନରେ କେତେକ ଗୀତର ଉଦାହରଣ ଦିଆଯାଇଛି, ତାକୁ ଶୁଣ ଯଦି ତୁମ ପାଇଁ ଏ ଗୀତର ଭାଷା ଅଜଣା ତେବେ ଏହାର ଅନୁବାଦକୁ ପଢ଼ ।

ବବୁଆ କି ମୁର୍ଗି  
ବବୁଆ କି ମୁର୍ଗି ବୋଲେ ନା  
ବବୁଆ କା ମୁର୍ଗା କୁ କା ତୁ କୁ  
ବବୁ କି ମୁର୍ଗି ରୁଠ୍‌ଗେଇ  
ନା ମାନୁ ମାଇ ନା ମାନୁ  
ବାବୁଆ କା ମୁର୍ଗା କ୍ୟୁ ଆକାଡ଼େ ?  
ଉସ୍‌କେ ସିରପର୍ କାଲଗି ହୈ  
ଜିସ୍‌କେ ସିର୍‌ପର ତାଜ୍ ନାହିଁ  
ଭୋ ବେଚାଲି ମୁର୍ଗି ହେ ।



https://withteachers.in/

**ଅନୁବାଦ –** ବାବୁଆର ମୁର୍ଗୀ ବା କୁକୁଡ଼ା ଡାକ ଦିଏନା । ବବୁଆର ମୁର୍ଗା ବା ଗଞ୍ଜା ଡାକ ଦେଉଥିବା ସମୟରେ ବବୁଆର ଗଞ୍ଜା ତାର (ମୁର୍ଗୀ) ଚାରିପାଖେରେ କୁକୁ-କୁ ଡୁଡୁଡୁ-ଡୁ କରି ଗର୍ବରେ ତାର ପଥ ଅଟକାଇଲା ବେଳେ ସେ (ମୁର୍ଗୀ) କହୁଛି, ମୁଁ ମାନିବିନି, ମୁଁ ମାନିବିନି । ବାବୁଆର ଗଞ୍ଜା ଗର୍ବ କରୁଛି କି, କାହିଁକିନା ତା'ର ମୁଣ୍ଡରେ ମୁକୁଟ ଅଛି । ଯାହାର ମୁଣ୍ଡରେ ମୁକୁଟ ନାହିଁ ସେ ସାମାନ୍ୟ ଧରଣର କୁକୁଡ଼ା ଅଟେ ।



ବବୁଆ କା ମୁର୍ଗୀ କ୍ୟୁଁ ଖୁସ୍ ହେ ?
କ୍ୟୁଁ ଖୁସ୍ ହେଁ ?
କ୍ୟୁଁ ଅଣ୍ଡା ଦେତି ହେ, ଦେତି ହେ !

**କାହିଁକି ବାବୁଆର କୁକୁଡ଼ା ଖୁସି ? କାରଣ ସେ ଅଣ୍ଡାଦିଏ**

ସଙ୍ଗୀତ ଆମକୁ ଲୋକମାନଙ୍କୁ ଏକତ୍ରିତ କରିବାରେ ସାହାଯ୍ୟ କରିଥାଏ । କିନ୍ତୁ ଏହା ମଧ୍ୟ ଏକ ଗତାନୁଗତିକ ଧାରା । ଏପରି ଏକ ସଙ୍ଗୀତକୁ ଆବିଷ୍କାର କର ଯାହାକି ତୁମକୁ ଆଗକୁ ଯିବାକୁ ପ୍ରେରଣା ଯୋଗାଇବ । ଏହାକୁ ଶିଖ ଏବଂ ତୁମ ସାଙ୍ଗମାନଙ୍କୁ ଶିଖାଅ । ଏହି ଗୀତର ପୁସ୍ତକଟିଏ ପ୍ରସ୍ତୁତ କରିବା ପାଇଁ ବିଚାର କର । ଏହା ତୁମକୁ ନୂଆ ନୂଆ କାମ କରିବାକୁ ପ୍ରେରଣା ଯୋଗାଇବ ।





https://withteachers.in/



# ନୃତ୍ୟକଳା

"ଯତୋ ହସ୍ତସ୍ତତୋ ଦୃଷ୍ଟିଃ,
ଯତୋ ଦୃଷ୍ଟିସ୍ତତୋ ମନଃ
ଯତୋ ମନଃସ୍ତତୋ ଭାବଃ
ଯତୋ ଭାବଃସ୍ତତୋ ରସଃ ।।"

**ଭାବାର୍ଥ** – ଯେଉଁ ଦିଗରେ ହସ୍ତ ସଂଚାଳିତ ହେବ, ହସ୍ତକୁ ଅନୁସରଣ ପୂର୍ବକ ଦୃଷ୍ଟି ମଧ୍ୟ ସେହି ଦିଗକୁ ଯାଏ, ଯେଉଁ ଦିଗକୁ ଦୃଷ୍ଟି ଯାଏ, ମନ ମଧ୍ୟ ସେଠାକୁ ଯାଏ, ଯୋଉଁଠାରେ ମନ ଏକାଗ୍ରତା ଥାଏ ସେଇଠାରେ ଭାବର ସୃଷ୍ଟି ହୁଏ, ଯେଉଁଠରେ ଭାବ ସୃଷ୍ଟି ହୁଏ ସେଠରେ ରସ ଉତ୍ପନ୍ନ ହୋଇଥାଏ ।





https://withteachers.in/

## ଶିକ୍ଷକଙ୍କ ନିମନ୍ତେ ସୂଚନା

ଛାତ୍ରଛାତ୍ରୀମାନଙ୍କୁ ପର୍ଯ୍ୟାପ୍ତ ଆଲୋକ ଏବଂ ମୁକ୍ତ ବାୟୁ ଚଳପ୍ରଚଳ ହୋଇପାରୁଥିବା ଏକ ଖାଲି ପ୍ରକୋଷ୍ଠ ଯୋଗାଇ ଦିଅନ୍ତୁ । ପିଲାମାନେ ସ୍ୱଚ୍ଛନ୍ଦ ଭାବରେ ଚଳପ୍ରଚଳ କରିବାପାଇଁ ପ୍ରକୋଷ୍ଠଟି ଯଥେଷ୍ଟ ବଡ଼ ହେବା ଉଚିତ । ଛାତ୍ରଛାତ୍ରୀମାନଙ୍କୁ ନେଇ ଦଳ ଗଠନ କରି ଦଳଗତ ଭାବରେ କାର୍ଯ୍ୟ କରିବାକୁ ମାର୍ଗ ଦର୍ଶନ କରନ୍ତୁ ।

**ଶିକ୍ଷାଦାନ ପଦ୍ଧତି**

୧. ପିଲାମାନଙ୍କୁ ଶରୀରର ବିଭିନ୍ନ ଅଂଶ ବିଷୟରେ ଜଣାଇବେ ଏବଂ ସେମାନେ ଗଣ୍ଠି-ଖଞ୍ଜା ଗୁଡ଼ିକର କିପରି ସଂଚାଳନ କରିବେ ସେ ବିଷୟରେ ଆଲୋଚନା କରି ସଚେତନ କରାନ୍ତୁ ।

୨. ଶରୀର ସଂଚାଳନ ସମୟରେ ନିଃଶ୍ୱାସ ପ୍ରଶ୍ୱାସର ଗୁରୁତ୍ୱ ଯଥା – ଅଙ୍ଗ-ପ୍ରତ୍ୟଙ୍ଗକୁ ପ୍ରସାରିତ କରିବା ସମୟରେ ପ୍ରଶ୍ୱାସ ନେବା ତଥା ସଙ୍କୁଚିତ କରିବା ସମୟରେ ନିଃଶ୍ୱାସ ଛାଡ଼ିବା । ନୃତ୍ୟ କିମ୍ବା ଅଙ୍ଗ ସଂଚାଳନ ଜରିଆରେ ଶରୀରକୁ ସୁସ୍ଥ ସବଳ ରଖିବା ।

୩. ଭାରତର ବିଭିନ୍ନ ନୃତ୍ୟ ଶୈଳୀର ପରିଚୟ ଦେବା ଯଥା – ଉଭୟ ଶାସ୍ତ୍ରୀୟ ଓ ଅନ୍ୟାନ୍ୟ ପାରମ୍ପରିକ ଲୋକନୃତ୍ୟ ।

୪. ଭାବ ଏବଂ ଭାବନା ପ୍ରକାଶ କରିବା – ପିଲାମାନଙ୍କୁ ସେମାନଙ୍କ ଭାବକୁ ଅନୁସନ୍ଧାନ ଏବଂ ପ୍ରକାଶ କରିବା ପାଇଁ ଉତ୍ସାହିତ କରନ୍ତୁ । ଭାବନାତ୍ମକ ସୌନ୍ଦର୍ଯ୍ୟତା ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ହୋଇପାରିବ ।

୫. ହାତରେ ଇଙ୍ଗିତ ଭାବବ୍ୟକ୍ତ କରିବାର ଏକ ବିଶେଷ ମାଧ୍ୟମ – ସାଙ୍କେତିକ ଭାଷାର ଗୁରୁତ୍ୱ ଏବଂ ତାହାକୁ ସମ୍ମିଳିତ କରିବା ବିଷୟରେ ସଚେତନ ହେବ ।

୬. ଲିଙ୍ଗଗତ ସମ୍ବେଦନଶୀଳତା ଏବଂ ଲିଙ୍ଗଗତ ଭେଦଭାବକୁ ଦୂର କରିବା ।

୭. କୌଣସି ବିଷୟବସ୍ତୁକୁ ନେଇ ନୃତ୍ୟଶୈଳୀ ମାଧ୍ୟମରେ ସଂରଚନା କରିବା ସମୟରେ ସହଯୋଗ ଏବଂ ସମ୍ମିଳିତ ଭାବରେ କାର୍ଯ୍ୟକରିବା ।

୮. ଭାରତର ସାଂସ୍କୃତିକ ବିବିଧତାକୁ ଦୃଷ୍ଟିରେ ରଖି କାର୍ଯ୍ୟ କରିବା ।

୯. ଭାରତୀୟ ବିଶିଷ୍ଟ ନୃତ୍ୟଶିଳ୍ପୀମାନଙ୍କ ସହ ପରିଚିତ କରାଇବା ।

୧୦. ନୃତ୍ୟ, ଭଙ୍ଗୀ ତଥା ଶରୀର ସଂଚାଳନ ଆଦି ସମଗ୍ର କ୍ରିୟାକଳାପ ପ୍ରତି ଅନୁରାଗ ସୃଷ୍ଟି କରିବା ।



https://withteachers.in/

**ପିଲାମାନେ ଶରୀର ବିଭିନ୍ନ ଅଂଶଗୁଡ଼ିକ ଜାଣିବେ**

**ଅଙ୍ଗ, ପ୍ରତ୍ୟଙ୍ଗ ଓ ଉପାଙ୍ଗ**

**ଅଙ୍ଗ** - ଶିର, ହସ୍ତଦ୍ୱୟ, ବକ୍ଷ, ପାର୍ଶ୍ୱଦ୍ୱୟ, କଟୀତଟ ଓ ପାଦଦ୍ୱୟ,

**ପ୍ରତ୍ୟଙ୍ଗ** - ସ୍କନ୍ଧଦ୍ୱୟ, ବାହୁ, ପୃଷ୍ଠ, ଉଦର, ଊରୁ ଏବଂ ଜଙ୍ଘ

**ଉପାଙ୍ଗ** - ଚକ୍ଷୁ, ଭ୍ରୂପଟ, ଆଖିଡୋଳା, କପାଳ, ନାସିକା, ହନୁ, ଅଧର, ଜିହ୍ୱା, ଦନ୍ତ, ଚିବୁକ ଓ ମୁଖ ।

# ଅଧ୍ୟାୟ -୧୨ : ଚଳଚଞ୍ଚଳତାରେ ମୋ ଶରୀର


ନୃତ୍ୟ ଶ୍ରେଣୀକୁ ଯିବା ପୂର୍ବରୁ ତୁମେମାନେ ସମସ୍ତେ କ'ଣ କରୁଥିଲ ?

- ତୁମ ସାଙ୍ଗସାଥୀମାନଙ୍କ ସହ କଥାବାର୍ତ୍ତା କରୁଥିଲ କି ?
- ତୁମର ଆଙ୍ଗୁଠି ବ୍ୟବହାର କରି ସଂଖ୍ୟାଖେଳ ଖେଳୁଥିଲ କି ?
- ବହି ପଢୁଥିଲ କି ?
- ନିଜେ ନିଜେ ଗୀତ ଗାଉଥିଲ କି ?
- ତୁମେ ଆଉ କ'ଣ ସବୁ କାର୍ଯ୍ୟ କରିପାରିବ ?

ତୁମେ ଯେଉଁସବୁ କାର୍ଯ୍ୟଗୁଡ଼ିକ କରୁଥିଲ ତାହା ତୁମ ଶରୀରର ଛୋଟବଡ଼ ଗତିବିଧି ସହ ଜଡ଼ିତ ଥିବା ତୁମେ ନିଶ୍ଚିତ ଅନୁଧ୍ୟାନ କରିଥିବ ।

ଏହି ଦୁନିଆରେ ସମସ୍ତ ପ୍ରାଣୀ ନିଜ ନିଜ ଶୈଳୀରେ ଚଳପ୍ରଚଳ କରିଥାନ୍ତି । ସମସ୍ତଙ୍କର ନିଜସ୍ୱ ଅବସ୍ଥିତି ଭଙ୍ଗୀ, ଇଙ୍ଗିତ ଏବଂ ଗତିଶୀଳତା ରହିଛି ।

ଗତିଶୀଳତା ହେଉଛି ସ୍ଥିତି, ସ୍ଥାନ କିମ୍ବା ଭଙ୍ଗୀର ପରିବର୍ତ୍ତନ । ଉଦାହରଣ ସ୍ୱରୂପ ବ୍ୟାୟାମ କରିବା, ଗୃହପାଳିତ ପଶୁମାନଙ୍କ ସହ ଖେଳିବା, ସାଇକେଲ୍ ଚଳାଇବା କିମ୍ବା ଅନ୍ୟାନ୍ୟ କାର୍ଯ୍ୟ ଯାହା ତୁମ ଶରୀର ସହିତ ଜଡ଼ିତ ।




ଶରୀରର ଅଙ୍ଗ ପ୍ରତ୍ୟଙ୍ଗ




https://withteachers.in/

## କ୍ରିୟା କଳାପ ୧ : ଦୈନନ୍ଦିନ ଶରୀରର ଗତିବିଧି

ନିଜକୁ ନିଜେ ନିରୀକ୍ଷଣ କରିବ ଯେ ତୁମେ ତୁମ ଘରେ ଓ ବିଦ୍ୟାଳୟରେ କ'ଣ ସବୁ କାର୍ଯ୍ୟକଳାପ ପ୍ରଦର୍ଶନ କର । ଆମେ ପ୍ରତିଦିନ ବିଭିନ୍ନ ପ୍ରକାରର ଶାରୀରିକ ଗତିବିଧି ପ୍ରଦର୍ଶନ କରିଥାଉ । ତଳେ ଦିଆଯାଇଥିବା ଚିତ୍ର ଗୁଡ଼ିକରେ ବିଭିନ୍ନ ଶାରୀରିକ ଗତିବିଧିକୁ ଲକ୍ଷ୍ୟ କର ।





https://withteachers.in/

ବର୍ତ୍ତମାନ ତୁମେ ତୁମର ସମସ୍ତ ଦୈନନ୍ଦିନ କାର୍ଯ୍ୟକଳାପକୁ ମନେ ପକାଇବା  ସହିତ ତୁମ ଶରୀରର ସମସ୍ତ ଅଙ୍ଗ ପ୍ରତ୍ୟଙ୍ଗକୁ ବ୍ୟବହାର କରି ଏହାକୁ ଶ୍ରେଣୀରେ ପ୍ରଦର୍ଶନ କରିବାର ସମୟ ଆସିଛି ।





https://withteachers.in/

## ନୃତ୍ୟର ପ୍ରକାର - ଉତ୍ପତ୍ତି ସ୍ଥାନ, ଭିନ୍ନଭିନ୍ନ ଗଠନ ଏବଂ ଭଙ୍ଗୀ

ଆମ ଦେଶରେ ଦେଖାଯାଉଥିବା ଆଠଟି ଶାସ୍ତ୍ରୀୟ ନୃତ୍ୟର ବିଭିନ୍ନ ପ୍ରକାରର ସ୍ୱତନ୍ତ୍ର ଶୈଳୀ ଅଛି । ଏହି ଶୈଳୀଗୁଡ଼ିକରେ ଭିନ୍ନଭିନ୍ନ ବିଶେଷ ଅଙ୍ଗଚାଳନା ପ୍ରଦର୍ଶିତ ହୋଇଥାଏ, ତାହାକୁ ଭଙ୍ଗୀ କୁହାଯାଏ । ସେହି ନୃତ୍ୟରେ ବ୍ୟବହୃତ ବିଶେଷ ଭଙ୍ଗୀଗୁଡ଼ିକର ଚିତ୍ର ନିମ୍ନୋକ୍ତେ ପ୍ରଦାନ କରାଗଲା ।



ନୃତ୍ୟଶୈଳୀ - କଥାକଲି
ଉତ୍ପତ୍ତିସ୍ଥାନ - କେରଳ
ଭଙ୍ଗୀ - ସମଭଙ୍ଗ



ନୃତ୍ୟଶୈଳୀ- ଓଡ଼ିଶୀ
ଉତ୍ପତ୍ତିସ୍ଥାନ - ଓଡ଼ିଶା
ଭଙ୍ଗୀ - ତ୍ରିଭଙ୍ଗ



ନୃତ୍ୟଶୈଳୀ- ଭାରତନାଟ୍ୟମ୍
ଉତ୍ପତ୍ତିସ୍ଥାନ - ତାମିଲନାଡୁ
ଭଙ୍ଗୀ- ଦ୍ୱିଭଙ୍ଗୀ



ନୃତ୍ୟଶୈଳୀ - କଥକ
ଉତ୍ପତ୍ତିସ୍ଥାନ - ଉତ୍ତର ଭାରତ
ଭଙ୍ଗୀ - ସମଭଙ୍ଗ


https://withteachers.in/

## ନୃତ୍ୟର ପ୍ରକାର ଓ ଶୈଳୀ – ଉତ୍ପତ୍ତି ସ୍ଥାନ, ଭିନ୍ନଭିନ୍ନ ଗଠନ ଏବଂ ଭଙ୍ଗୀ



ନୃତ୍ୟଶୈଳୀ – ମୋହନୀ ଆଟ୍ଟମ୍
ଉତ୍ପତ୍ତିସ୍ଥାନ – କେରଳ
ଭଙ୍ଗୀ – ଅତିଭଙ୍ଗ



ନୃତ୍ୟଶୈଳୀ – ସାତ୍ରିୟ
ଉତ୍ପତ୍ତିସ୍ଥାନ – ଆସାମ
ଭଙ୍ଗୀ – ଅଭଙ୍ଗ




ନୃତ୍ୟଶୈଳୀ – କୁଚିପୁଡ଼ି
ଉତ୍ପତ୍ତିସ୍ଥାନ – ଆନ୍ଧ୍ରପ୍ରଦେଶ / ତେଲେଙ୍ଗାନା
ଭଙ୍ଗୀ – ପୁରୁଷ ନୃତ୍ୟଶିଳ୍ପୀଙ୍କ ସମଭଙ୍ଗୀ ଏବଂ ନାରୀ ନୃତ୍ୟଶିଳ୍ପୀଙ୍କୁ ତ୍ରିଭଙ୍ଗୀରେ ପ୍ରଦର୍ଶିତ କରାଯାଇଛି ।



ନୃତ୍ୟଶୈଳୀ – ମଣିପୁରୀ
ଉତ୍ପତ୍ତିସ୍ଥାନ – ମଣିପୁର
ଭଙ୍ଗୀ – ଅଭଙ୍ଗ


https://withteachers.in/

ଭାରତୀୟ ଶାସ୍ତ୍ରୀୟ ନୃତ୍ୟ ପରମ୍ପରାରେ ଶରୀରର ମଧ୍ୟଭାଗସ୍ଥ ଲମ୍ବା ବା ଦଣ୍ଡାୟମାନ ରେଖାଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ




**ବିଭିନ୍ନ ପ୍ରକାର ଆକୃତି ଏବଂ ସ୍ଥିତି**

ହଁ... ଏଗୁଡ଼ିକ ସେଇ ଭଙ୍ଗୀ ଯାହାକୁ ତୁମେ ନୃତ୍ୟରେ ଅନୁଧ୍ୟାନ କରିଛ ।

## କ୍ରିୟାକଳାପ ୨ : ମେରୁଦଣ୍ଡକୁ ବିବିଧ ପ୍ରକାରରେ ଭାଙ୍ଗିବା ସହ ପଦଚାଳନାକୁ ତା'ସହ ଯୋଡ଼ିବା

ନିଜ ପସନ୍ଦର ଯେକୌଣସି ଭଙ୍ଗୀକୁ ନାମ ସହିତ ପ୍ରଦର୍ଶନ କରିବାର ସମୟ ଆସିଛି । ଯେମିତିକି ତ୍ରିଭଙ୍ଗ, ସମଭଙ୍ଗ, ଦ୍ୱିଭଙ୍ଗ ଇତ୍ୟାଦି ।

ସମଭଙ୍ଗରୁ ଆରମ୍ଭ କରିବା ସହ ତୁମେ ତୁମର ନିଃଶ୍ୱାସ ପ୍ରଶ୍ୱାସ ପ୍ରତି ସଚେତନ ରହି ମେରୁଦଣ୍ଡକୁ ଭାଙ୍ଗ । ଯେତେବେଳେ ଶରୀରକୁ ପ୍ରସାରିତ କରୁଛ ସେଇ ସମୟରେ ପ୍ରଶ୍ୱାସ ନେବ ଏବଂ ସଙ୍କୁଚିତ କରିବା ସମୟରେ ନିଃଶ୍ୱାସ ବାହାରକୁ ଛାଡ ।

ବର୍ତ୍ତମାନ ତୁମର ପ୍ରତ୍ୟେକ ଦିନର କାର୍ଯ୍ୟକଳାପରେ ସୃଷ୍ଟି ହେଉଥିବା ମେରୁଦଣ୍ଡର ବିଭିନ୍ନ ଭାଙ୍ଗ ଗୁଡ଼ିକର ପର୍ଯ୍ୟବେକ୍ଷଣ କର ।

ଏହି କାର୍ଯ୍ୟଗୁଡ଼ିକୁ ୧-୨, ୧-୨ କିମ୍ବା ୧, ୨, ୩, ୪ ଭଳି ସରଳ ମୌଳିକ ପଦଚାଳନା ସହିତ ଯୋଡ଼ିବାକୁ ହେବ ।

ଦୈନନ୍ଦିନର ବିଭିନ୍ନ କାର୍ଯ୍ୟକୁ ମନେ ପକାଅ ଏବଂ ନିଜର ଅଭିଜ୍ଞତା କିମ୍ବା ଅନ୍ୟମାନଙ୍କୁ ଅନୁଧ୍ୟାନ କରି ପାଦଚାଳନା ଗୁଡ଼ିକୁ କ୍ରମାନୁସାରେ ସଂଯୋଜିତ କର ।


https://withteachers.in/

**ଉଦାହରଣ**



ବିଦ୍ୟାଳୟ ଯିବା ପାଇଁ ପ୍ରସ୍ତୁତ ହେବା



ନିଜ ବ୍ୟାଗ ନିଜେ ପ୍ରସ୍ତୁତି କରିବା



ଠିକ୍ ସମୟରେ ପାଠ ପଢ଼ିବାକୁ ବସିବା

ମେରୁଦଣ୍ଡର ଭଙ୍ଗୀଗୁଡ଼ିକ କେଉଁ ଭାବରେ ଭିନ୍ନଭିନ୍ନ ହୋଇଥାଏ ସେ ସଂପର୍କରେ ସାଙ୍ଗସାଥୀଙ୍କ ସହ ଆଲୋଚନା କର ଏବଂ ନିମ୍ନୋକ୍ତ ୪ ମାତ୍ରା ବିଶିଷ୍ଟ ତାଳ (ଧାs କଧ୍ ନାକା ଧିନି) ରେ ଅଙ୍ଗଭଙ୍ଗୀ ପ୍ରଦର୍ଶନ କର ।

ଚାରି କିମ୍ବା ପାଞ୍ଚ ଜଣିଆ ଏକ ଦଳ ଗଠନ କର । ପ୍ରତ୍ୟେକ ଦଳ ଏକ ଅଙ୍ଗ ସଞ୍ଚାଳନ ଗତିବିଧି କ୍ରମରେ କିପରି ମେରୁଦଣ୍ଡର ବିଭିନ୍ନ ଭାଗଙ୍କୁ ମୁଦ୍ରା ବା ଭଙ୍ଗୀରେ ପ୍ରୟୋଗ କରିବେ ତାହା ସ୍ଥିର କର । ତୁମେ ଶିଖିଥିବା ମୌଳିକ ପଦଚାଳନା ଗୁଡ଼ିକୁ ବ୍ୟବହାର କରିବାକୁ ଚେଷ୍ଟା କର ଏବଂ ଶରୀର ସଞ୍ଚାଳନ କରିବା ସମୟରେ ଏହାର ପୁନରାବୃତ୍ତି କରି ଅଭ୍ୟାସ କର ।

**ଉଦାହରଣ**

୧. ଏକ ଭାରୀ ବ୍ୟାଗ୍ ଉଠାଅ
୨. ପବନରେ ଝୁଲୁଥିବା ଲମ୍ବା ଲମ୍ବା ଗଛ
୩. ଶୀତଳ ମୃଦୁ ପବନ ବା ପ୍ରବଳ ପବନ
୪. ବର୍ଷାରେ ଖେଳିବା



ପବନରେ ଦୋହଲୁଥିବା ଏକ ଗଛ



ବହି ଯାଉଥିବା ନଦୀ

ଏହି କ୍ରିୟାକଳାପଟି ତୁମ ଆଗାମୀ ନୃତ୍ୟ ଏବଂ ଅଂଗଭଙ୍ଗୀ ପ୍ରଦର୍ଶନ ପାଇଁ କିଛି ମୌଳିକ ଧାରଣା ଦେବ ।



https://withteachers.in/




## ଅଭିନୟ (Enactment)

ଆସ ନୃତ୍ୟର ଆଉ ଏକ ଉପାଦାନ ସଂପର୍କରେ ଅନୁଧ୍ୟାନ କରିବା ଯାହାକି ଅଭିବ୍ୟକ୍ତି ବା ଭାବ ।

**ଭାବ –** ମନର ଭାବନା ବା ଚିନ୍ତାଧାରାକୁ ମୁଖ ମଣ୍ଡଳ ତଥା ଅଙ୍ଗଭଙ୍ଗୀ ମାଧ୍ୟମରେ ପ୍ରରିପ୍ରକାଶ କରିବାକୁ ଭାବ କୁହାଯାଏ । ଅଭିବ୍ୟକ୍ତି କିମ୍ବା ଭାବଗୁଡ଼ିକ ତୁମ ନିଜର ଭାବନା ଯାହାକି ତୁମ ମୁହଁରେ ଦେଖାଯାଏ କିମ୍ବା ଅନ୍ୟମାନଙ୍କ ଭାବନା ଯାହା ତୁମେ ଦେଖିପାରୁଛ । ସେଗୁଡ଼ିକ ନବରସ ଭାବରେ ପରିଚିତ ଯଥା – ଶୃଙ୍ଗାର (ସୌନ୍ଦର୍ଯ୍ୟ), ହାସ୍ୟ (ହସ, ମଜା), କାରୁଣ (ଦୁଃଖ, ପୀଡ଼ା), ବୀର (ସାହସ), ରୁଦ୍ର (ରାଗ), ଭୟାନକ (ଭୟ), ବୀଭତ୍ସ (ଘୃଣା, ବିରକ୍ତି), ଅଦ୍ଭୁତ (ଆଶ୍ଚର୍ଯ୍ୟ) ଓ ଶାନ୍ତ (ସନ୍ତୋଷ)

## କ୍ରିୟାକଳାପ ୩ : ମୁଖମଣ୍ଡଳଦ୍ୱାରା ବିଭିନ୍ନ ଭାବ ପ୍ରକାଶ ସମ୍ବନ୍ଧୀୟ ଅଭ୍ୟାସ

ତୁମ ସାଙ୍ଗସାଥୀ, ଶିକ୍ଷକ ତଥା ପିତା-ମାତାଙ୍କୁ ଲକ୍ଷ୍ୟ କର,ଅନ୍ତତଃ କିଛି ନା କିଛି ଭାବ ସମସ୍ତଙ୍କ ମୁହଁରେ ପ୍ରକାଶିତ ହେଉଛି । ତାହା ତୁମେ ଜାଣିପାରୁଛ କି ?

ଏହି ଭାବନାଗୁଡ଼ିକ ପ୍ରତି ଧ୍ୟାନ ଦିଅ ଏବଂ ସେମାନଙ୍କ ନାମକୁ ଚିହ୍ନିବାକୁ ଚେଷ୍ଟା କର । ଉଦାହରଣ ସ୍ୱରୂପ, ଚିନ୍ତାଗ୍ରସ୍ତ, ଭୟ, ଆଶ୍ଚର୍ଯ୍ୟ, ଆନନ୍ଦ, କ୍ଷୋଭ, ରାଗ, ହସ, ଦୁଃଖ ଏବଂ ଘୃଣା ଇତ୍ୟାଦି ।

ନୃତ୍ୟ ଶ୍ରେଣୀରେ ଏକତ୍ରିତ ହେବା ପୂର୍ବରୁ ପ୍ରତେକଙ୍କ ମୁଖ ମଣ୍ଡଳରେ ପ୍ରକାଶ ପାଉଥିବା ଭାବ ବିଷୟରେ ମିଳିତ ଭାବରେ ଆଲୋଚନା କର । ତତ୍ ସହିତ ଏକ ବିବରଣୀ ପ୍ରସ୍ତୁତ କରି ଏହାକୁ ନିଜ ଖାତାରେ ଲେଖି ରଖ ।

ତୁମେ କେତେ ପ୍ରକାରର ଭାବକୁ ଚିହ୍ନି ପାରୁଛ ?

ତୁମେ ତୁମର ଭାବକୁ ନବରସ ସହିତ ସଂଯୋଗ କରି ପାରିବ କି ?

ବାଃ ! ପୂର୍ବରୁ ତୁମେ ଏଭଳି କ୍ରିୟାକଳାପ କରିଛ ?

ତୁମେ ତୁମର ଭାବକୁ ମୁଖ ମଣ୍ଡଳ ଓ ଶାରୀରିକ ଭଙ୍ଗୀଦ୍ୱାରା ପରିପ୍ରକାଶ କରି ପାରିବ କି ?

ଭିନ୍ନଭିନ୍ନ ଭାବ ପ୍ରକାଶ କରିବାଦ୍ୱାରା ତୁମେ କିପରି ଅନୁଭବ କଲ ?


https://withteachers.in/

## କ୍ରିୟାକଳାପ ୪ : ହସ୍ତମୁଦ୍ରାର ଅଭ୍ୟାସ

ଭରତମୁନିଙ୍କ ଦ୍ୱାରା ରଚିତ ନାଟ୍ୟଶାସ୍ତ୍ର ଅନୁଯାୟୀ ନୃତ୍ୟର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ପାଇଁ ହସ୍ତ ମୁଦ୍ରା ଗୁଡ଼ିକୁ ବ୍ୟବହାର କରାଯାଏ । ମାତ୍ର ଅଭିନୟରେ ଏହାର ଗୁରୁତ୍ୱ ଅଧିକ, ନୃତ୍ୟର ବିଶେଷ ଭଂଗୀ ମାଧ୍ୟମରେ କାହାଣୀ ଉପସ୍ଥାପନ କରିବାରେ ଏହାର ବିଶେଷ ଗୁରୁତ୍ୱ ରହିଛି । ନିମ୍ନରେ ଦିଆଯାଇଥିବା ହସ୍ତମୁଦ୍ରା ଗୁଡ଼ିକ ନୃତ୍ୟ ସମ୍ବନ୍ଧୀୟ ପ୍ରସିଦ୍ଧ ପୁସ୍ତକ **'ଅଭିନୟ ଦର୍ପଣ'**ରୁ ଅଣା ଯାଇଛି ।

### ଅସଂଯୁକ୍ତ ହସ୍ତ ମୁଦ୍ରା - ଗୋଟିଏ ହାତର ମୁଦ୍ରା


ପତାକ



ତ୍ରିପତାକ


ଅର୍ଦ୍ଧ ପତାକ


କର୍ତ୍ତରୀ ମୁଖ


ମୟୂର


ଅର୍ଦ୍ଧଚନ୍ଦ୍ର



ଅରାଳ


ଶୁକତୁଣ୍ଡ



ମୁଷ୍ଟୀ



ଶିଖର


କପିତ୍ଥ


କଟକାମୁଖ


ସୁଚୀ



ଚନ୍ଦ୍ରକଳା



ପଦ୍ମକୋଷ


ସର୍ପଶୀର୍ଷ


ମୃଗଶୀର୍ଷ


ସିଂହ ମୁଖ



କାଙ୍ଗୁଳ


ଅଳପଦ୍ମ


ଚତୁର


ଭ୍ରମର



ହଂସାସ୍ୟ


ହଂସପକ୍ଷ


ସଂଦଶ


ମୁକୁଳ


ତାମ୍ରଚୂଡ


ତ୍ରିଶୁଳ



https://withteachers.in/


## ସଂଯୁକ୍ତ ହସ୍ତ ମୁଦ୍ରା - (ଉଭୟ ହସ୍ତ ସଂଯୋଗରେ କରାଯାଉଥିବା ମୁଦ୍ରା)


ଯେଉଁ ଭାବ ବା ସାଙ୍କେତିକ ଅର୍ଥ ପ୍ରକାଶ ପାଇଁ ଉଭୟ ହସ୍ତକୁ ସଂଯୋଗ କରି ପ୍ରଦର୍ଶିତ କରାଯାଏ ତାହାକୁ ସଂଯୁକ୍ତ ହସ୍ତମୁଦ୍ରା କୁହାଯାଏ । ଅଭିନୟ ଦର୍ପଣରେ ୨୩ ପ୍ରକାର ସଂଯୁକ୍ତ ହସ୍ତମୁଦ୍ରା ଉଲ୍ଲେଖ କରାଯାଇଛି । ସେଗୁଡ଼ିକ ନିମ୍ନରେ ପ୍ରଦତ୍ତ କରାଯାଇଛି ।



ଅଞ୍ଜଳୀ



କପୋତ



କର୍କଟ


ସ୍ୱସ୍ତିକ


ଡ଼ୋଲୀହସ୍ତ



ପୁଷ୍ପପୁଟ


ଉସଙ୍ଗ


ଶିବଲିଙ୍ଗ


କଟକାବର୍ଦ୍ଧନ


କର୍ତ୍ତରୀ ସ୍ୱସ୍ତିକା


ଶକଟ



ଶଙ୍ଖ


ଚକ୍ର


ସମ୍ପୁଟ


ପାଶ


କୀଳକ


ମତ୍ସ୍ୟ


କୂର୍ମ



ବରାହ


ଗରୁଡ଼


ନାଗବନ୍ଧ


ଖଟ୍ୱା


ଭେରୁଣ୍ଡ


ଅବାହିତା (ଭାରତନାଟ୍ୟମ୍)



https://withteachers.in/

# ନୃତ୍ୟରେ କିଛି ଅସଂଯୁକ୍ତ ହସ୍ତ ମୁଦ୍ରାର ବ୍ୟବହାର ଓ ପ୍ରୟୋଗ

ପାର୍ଶ୍ୱସ୍ଥ ହସ୍ତ ମୁଦ୍ରାଗୁଡ଼ିକୁ ଦେଖି ହସ୍ତମୁଦ୍ରା ବ୍ୟବହାର କରି ବାର୍ତ୍ତାଳାପ କରିବାକୁ ଚେଷ୍ଟା କର ।

୧) ତଳେ ଦିଆଯାଇଥିବା ତାଲିକା ଅନୁସାରେ ହାତର ଇଙ୍ଗିତ ମାଧ୍ୟମରେ ବାକ୍ୟ ଗଠନ କରିବାକୁ ଚେଷ୍ଟା କରିବା ।

୨) ଦଳ ଗଠନ କରି ପରସ୍ପର ସହିତ ଆଲୋଚନା କର ।

**ଉଦାହରଣ –**

ମୁଁ ଘରକୁ ଯାଉଛି




ତୁମେ କୁଆଡ଼େ ଯାଉଛ କି ?




ତୁମେ ପାଣି ପିଅ





**ପତାକ :** ଅଙ୍ଗୁଳି ଗୁଡ଼ିକ ସଂଶ୍ଳିଷ୍ଟ ପ୍ରସାରିତ ହୋଇ ଏବଂ ଅଙ୍ଗୁଷ୍ଠା କୁଞ୍ଚିତ ହେଲେ ତାକୁ ପତାକ କୁହାଯାଏ । ପତାକ ହସ୍ତ ମୁଦ୍ରାର ବ୍ୟବହାର ଓ ପ୍ରୟୋଗ –

ଆଶୀର୍ବାଦ ତଥା ଅଟକାଇବା ପାଇଁ ଓ ଅସ୍ୱୀକାର କରିବା ପାଇଁ ପତାକ ହସ୍ତ ମୁଦ୍ରାର ପ୍ରୟୋଗ କରାଯାଏ ।




**ତ୍ରିପତାକ :** ପତାକ ହସ୍ତରେ ଅନାମିକା ଅଙ୍ଗୁଳି ବକ୍ରିତ ହେଲେ ତାହା ତ୍ରିପତାକ ହସ୍ତ ରୂପେ ପ୍ରଦର୍ଶିତ ହୋଇଥାଏ । ତ୍ରିପତାକ ହସ୍ତ ମୁଦ୍ରାର ବ୍ୟବହାର ଓ ପ୍ରୟୋଗ –

ରାଜା ଏବଂ ଦେବତାଙ୍କ ପାଇଁ ତ୍ରିପତାକ ହାତକୁ ମୁଣ୍ଡ ଉପରେ, ତିଳକ ଲଗାଇବା, ଏବଂ ଗଛ ପାଇଁ ହାତକୁ ପ୍ରଶସ୍ତ ଓ ବିସ୍ତାର କରିବା




**କଟକା ମୁଖ ହସ୍ତ ମୁଦ୍ରାର ବ୍ୟବହାର :** ଫୁଲ ତୋଳିବା, ଖାଇବା, ମୁକ୍ତାମାଳ ଧାରଣ, କିଛି କହିବା ପାଇଁ, ଗୋଟିଏ ହସ୍ତରେ ଏବଂ ଦୁଇ ହସ୍ତ ବ୍ୟବହାର କରି ଫୁଲ ବାନ୍ଧିବା ଓ ଭଜନ ଗାଇବା ପାଇଁ ଓ ମଞ୍ଜିରା ବଜାଇବା ଆଦି ।



**ସୂଚୀ ହସ୍ତମୁଦ୍ରାର ବ୍ୟବହାର :** ଅନ୍ୟକୁ ଇଙ୍ଗିତ କରିବା, ଏକ, ନା କରିବା, ଡାକିବା / ଉଭୟ ହାତରେ ଶିଙ୍ଗ କରିବା, ଚିବୁକ ଉପରେ ରଖି କିଛି ମନେ ପକାଇବା ।



**ସର୍ପଶୀର୍ଷ ହସ୍ତମୁଦ୍ରାର ବ୍ୟବହାର :** ସାପ ଓ କିଛି ଧରି ରଖିବାର ମୁଦ୍ରା



**ହଂସପକ୍ଷ ହସ୍ତମୁଦ୍ରାର ବ୍ୟବହାର :** ନିମନ୍ତ୍ରଣ କରିବା, ଏକ କନ୍ୟାଙ୍କୁ ଦେଖାଇବା, ଏବଂ ଅନ୍ୟର କାନରେ କିଛି ମନ୍ତ୍ରଣା କରିବା ବା ରହସ୍ୟ କହିବା ।



**ଅର୍ଦ୍ଧ ପତାକ :** ତ୍ରିପାତକ ହସ୍ତରେ କନିଷ୍ଠାଙ୍ଗୁଳିକୁ ବକ୍ର କଲେ ଅର୍ଦ୍ଧ ପତାକ ହସ୍ତ ମୁଦ୍ରା କୁହାଯାଏ ।

ଅର୍ଦ୍ଧ ପତାକ ହସ୍ତ ମୁଦ୍ରାର ବ୍ୟବହାର ଓ ପ୍ରୟୋଗ– ଦୁଇ ବୋଲି କହିବା, ଛୁରୀ, ପତାକା, ଗୋପପୁର ଓ ଶୃଙ୍ଗ ଅର୍ଥରେ ଅର୍ଦ୍ଧ ପତାକ ହସ୍ତ ପ୍ରୟୋଗ କରାଯାଏ ।




**ଶୁକତୁଣ୍ଡ :** ଅରାଳ ହସ୍ତରେ ଅନାମିକା ଅଙ୍ଗୁଳି ବକ୍ର କଲେ ତାହା ଶୁକତୁଣ୍ଡ ହସ୍ତ କୁହାଯାଏ ।

ଶୁକତୁଣ୍ଡ ହସ୍ତମୁଦ୍ରାର ବ୍ୟବହାର ଓ ପ୍ରୟୋଗ : ଅସ୍ତ୍ରଶସ୍ତ୍ର, ବଜ୍ରପାତ, ତୀର ମାରିବା ଏବଂ ମୁଣ୍ଡରେ ବସ୍ତ୍ର ପରିଧାନ କରିବା




https://withteachers.in/




**ଶିଖର ହସ୍ତ –** ମୁଷ୍ଟି ହସ୍ତରେ ଅଙ୍ଗୁଷ୍ଠାକୁ ଉନ୍ନତ କଲେ ତାହା ଶିଖର ହୁଏ ।

ଶିଖର ହସ୍ତମୁଦ୍ରାର ବ୍ୟବହାର ଓ ପ୍ରୟୋଗ – ପ୍ରଶ୍ନ କରିବା, ପାଣି ପିଇବା, ଧନୁ ଏବଂ ଶିବଲିଙ୍ଗ ଆଦି ଦର୍ଶାଇବା ।



**ଅଳପଦ୍ମ –** କନିଷ୍ଠାଦି ସମସ୍ତ ଆଙ୍ଗୁଳି ବକ୍ରିତ ହୋଇ ଅଲଗା ଅଲଗା ଭାବରେ ରହିଲେ ତାହା ଅଳପଦ୍ମ ହୁଏ ।

ଅଳପଦ୍ମ ହସ୍ତମୁଦ୍ରାର ବ୍ୟବହାର ଓ ପ୍ରୟୋଗ – କାହିଁକି ପଚାରିବା, ପ୍ରସ୍ଫୁଟିତ ଫୁଲ ପାଇଁ ଦୁଇହସ୍ତ, ପାତ୍ର ଏବଂ ସୂର୍ଯ୍ୟକୁ ଦର୍ଶାଇବା ।



**ତ୍ରିଶୂଳ –** କନିଷ୍ଠ ଓ ଅଙ୍ଗୁଷ୍ଠା କୁଞ୍ଚିତ ହୋଇ ଯୁକ୍ତ ହେଲେ ତ୍ରିଶୂଳ ହୁଏ ।


ତ୍ରିଶୂଳ ହସ୍ତମୁଦ୍ରାର ବ୍ୟବହାର ଓ ପ୍ରୟୋଗ – ଅସ୍ତ୍ର, ତ୍ରିଶୂଳ, ତିନି, ଭୂମି, ସମାନ୍ତରଣ କପାଳରେ ତିଳକ ଲଗାଇବା ପାଇଁ ପ୍ରୟୋଗ କରାଯାଏ ।

ଭାରତୀୟ ସାଂକେତିକ ଭାଷାରେ ଯେଉଁ ଇଙ୍ଗିତ ଗୁଡ଼ିକ ରହିଛି ସେଗୁଡ଼ିକ ପ୍ରାୟତଃ ହସ୍ତମୁଦ୍ରା ସହିତ ସମାନ । ବର୍ତ୍ତମାନ କିଛି ହସ୍ତମୁଦ୍ରା ନିଜ କଳ୍ପନା ଅନୁସାରେ ନିଜକୁ ନିଜେ ଇଙ୍ଗିତ କରିବାକୁ ଚେଷ୍ଟା କରିବା ।



https://withteachers.in/





## କ୍ରିୟାକଳାପ ୫ : ଏକ ଗୀତରେ ନୃତ୍ୟ କର

ତୁମ ମନପସନ୍ଦ ଗୀତ ଗୋଟିଏ ନେଇ ପଦରେ ଏକ ଛୋଟ ନୃତ୍ୟନାଟିକା ସୃଷ୍ଟି କର, ଯେଉଁଥିରେ କି ତୁମେ ଶିଖିଥିବା ବିଭିନ୍ନ ଶାରୀରିକ ଭଙ୍ଗୀ ଓ ପାଦଚାଳନା ଏବଂ ହସ୍ତମୁଦ୍ରାର ପ୍ରୟୋଗ କରିବ ।

ତୁମକୁ ଏହି କ୍ରିୟାକଳାପଟି ମଜା ଲାଗିଲା କି ?

**ଶିକ୍ଷକଙ୍କ ପାଇଁ ଟିପ୍ପଣୀ :** କ୍ରିୟାକଳାପ ପରିଚାଳନା କରିବା ପାଇଁ ୪ କିମ୍ବା ୫ଜଣ ଛାତ୍ରଛାତ୍ରୀଙ୍କୁ ନେଇ ଏକ ଦଳ ଗଠନ କରିବା ଓ ଗୋଟିଏ ଗୀତ ବଜାଇବା କିମ୍ବା ଗୀତ ଶ୍ରେଣୀରେ ଶିକ୍ଷା ଗ୍ରହଣ କରିଥିବା ଗୀତରେ ନୃତ୍ୟ ଅଭ୍ୟାସ କରାଇବେ ।



## କ୍ରିୟାକଳାପ ୬ : ଏକ ଗୀତରେ ନୃତ୍ୟକୁ ପରିକଳ୍ପନା କରିବା

- ପ୍ରତ୍ୟେକ ଦଳ ଗୋଟିଏ ଗୀତର ଦୁଇଟି ଧାଡ଼ି ଚୟନ କରନ୍ତୁ ଯାହାକୁ ସେମାନେ ଗୀତ ଶ୍ରେଣୀରେ ଶିଖିଛନ୍ତି ।
- ଦଳ ମଧ୍ୟରେ ଆଲୋଚନା କର ଏବଂ ଚୟନ କରିଥିବା ଗୀତର ପଦ ବା ଅଂଶକୁ ନୃତ୍ୟ କରିବା ଭଳି ପଦ ଚାଳନା, ଭଙ୍ଗୀ ଓ ହସ୍ତମୁଦ୍ରା ଗୁଡ଼ିକର ପ୍ରୟୋଗ କର ।
- ଛୋଟଛୋଟ ନୃତ୍ୟଅଂଶ ଗୁଡ଼ିକ ଯୋଡ଼ାଯାଇ ଏକ ପୂର୍ଣ୍ଣ ନୃତ୍ୟଖଣ୍ଡ ତିଆରି ହୋଇଥାଏ ତାହାକୁ ନୃତ୍ୟ ସଂଯୋଜନା ବା ସଂରଚନା କୁହାଯାଏ ।

ଗୋଟିଏ ଦଳକୁ ଅନ୍ୟ ଦଳ ସହିତ ମିଶାଇ ସଂପୂର୍ଣ୍ଣ ଗୀତଟିକୁ ଏକାଠି କରି ନିଜର ନୃତ୍ୟ ସଂରଚନାକୁ ପ୍ରଦର୍ଶନ କର ।





https://withteachers.in/

# ଅଧ୍ୟାୟ-୧୩ : ନୃତ୍ୟରେ ପ୍ରତିବନ୍ଧକ ଦୂରୀକରଣ



ନୃତ୍ୟରେ ବେଳେବେଳେ ଜଣେ ନୃତ୍ୟଶିଳ୍ପୀ ନିଜର ଲିଙ୍ଗଗତ ତାରତମ୍ୟକୁ ବାଦ୍ ଦେଇ ବିଭିନ୍ନ ଚରିତ୍ରରେ ନୃତ୍ୟ ପରିବେଷଣ କରିଥାନ୍ତି ଏବଂ କେତେକ ପାରମ୍ପାରିକ ନୃତ୍ୟ ପ୍ରଦର୍ଶନରେ ପୁରୁଷମାନେ ନାରୀ ଚରିତ୍ରରେ ମଧ୍ୟ ଅଭିନୟ କରିଥାନ୍ତି ।

**ଭକ୍ତି ଆନ୍ଦୋଳନ –**

ଭକ୍ତି ଆନ୍ଦୋଳନ ଷଷ୍ଠ କିମ୍ବା ସପ୍ତମ ଶତାବ୍ଦୀରୁ ଆରମ୍ଭ ହୋଇ ସେ ସମୟରେ ଆଞ୍ଚଳିକ ନୃତ୍ୟର ବିକାଶକୁ ପ୍ରଭାବିତ କରିଥିଲା ଯାହା ଆମର ବର୍ତ୍ତମାନ ଶାସ୍ତ୍ରୀୟ ନୃତ୍ୟର ମୂଳକୁ ବିସ୍ତାର କରିଛି ।

ଭକ୍ତି ଆନ୍ଦୋଳନ ସମୟରେ ନୃତ୍ୟଶିଳ୍ପୀମାନେ ମନ୍ଦିର ମାନଙ୍କରେ ପୂଜା ରୀତିନୀତିର ଏକ ଅଂଶ ହୋଇଥିଲେ । ଦକ୍ଷିଣ ଭାରତରେ ଦେବଦାସୀ ଏବଂ ତେଓ୍ୱାଡ଼ିଛି ତଥା ଓଡ଼ିଶାର ମାହାରୀମାନେ ମନ୍ଦିର ଭିତରେ ସିଧା ସଳଖ ଭାବରେ ଦେବତାଙ୍କ ସେବା କରୁଥିଲେ । ୬୪ଟି ରୀତି ନୀତିରେ ଆନୁଷ୍ଠାନିକ ନୃତ୍ୟ ମାଧ୍ୟମରେ ଆସାମର ସତ୍ରସ ଏବଂ ଦକ୍ଷିଣ ଭାରତରେ ଭାଗବତ ରସ ପରିବେଷଣ କରାଯାଏ । ଉତ୍ତର ଭାରତର କଥାକାରମାନେ ଗୀତ ଗାଉଥିଲେ ଏବଂ ଲୋକଙ୍କ ନୈତିକ ମୂଲ୍ୟବୋଧକୁ ବୃଦ୍ଧି କରିବା ପାଇଁ ଭଗବାନ ଶିବଙ୍କ ତାଣ୍ଡବ ପ୍ରଶଂସାର କାହାଣୀଗୁଡ଼ିକୁ ଅଭିନୟ କରୁଥିଲେ ।

ସାଧାରଣ ଲୋକଙ୍କ ପାଇଁ ଭକ୍ତି ଆନ୍ଦୋଳନର ଭାବକୁ ବୁଝିବା ସହଜ ଥିଲା ।



ଗୋଟିପୁଅ ନୃତ୍ୟ



ଗୋଟିପୁଅ ନୃତ୍ୟର ଅଭ୍ୟାସ



https://withteachers.in/





**ଉଦାହରଣ :**

## ଗୋଟିପୁଅ ନୃତ୍ୟ

ଓଡ଼ିଶାରେ ଉତ୍ପତ୍ତି ହୋଇଥିବା ଗୋଟିପୁଅ ନୃତ୍ୟର ଏକ ଭିଡିଓ (ୟୁଟୁବ୍) ଦେଖ ।

ପ୍ରଭୁ ଜଗନ୍ନାଥଙ୍କ ଗୁଣଗାନ ଉଦ୍ଦେଶ୍ୟରେ ମାହାରୀମାନେ ମନ୍ଦିର ଭିତର ପ୍ରାଙ୍ଗଣରେ ନୃତ୍ୟ ପରିବେଷଣ କରୁଥିବାବେଳେ ଗୋଟିପୁଅ ନୃତ୍ୟରେ କିଶୋର ବାଳକମାନେ ସର୍ବସାଧାରଣଙ୍କ ପାଇଁ ନୃତ୍ୟ କରିଥାନ୍ତି । ଏଥିରେ କିଶୋର ବାଳକମାନେ ଝିଅ ବେଶରେ ସାଜସଜ୍ଜା ହୋଇ ପାରମ୍ପାରିକ ଶୈଳୀରେ ନୃତ୍ୟ ପରିବେଷଣ କରନ୍ତି ଏବଂ ଏହି ନୃତ୍ୟରେ ବନ୍ଧ ନୃତ୍ୟ ସହିତ ମିଶ୍ରିତ ନୃତ୍ୟ ଅଭିନୟ କରନ୍ତି । ଏଥିରେ ନୃତ୍ୟ ଶିଳ୍ପୀ ନିଜେ ଗୀତ ଗାଇ ନୃତ୍ୟ ଅଭିନୟ ପ୍ରଦର୍ଶନ କରିଥାନ୍ତି ।

**ଅର୍ଦ୍ଧନାରୀଶ୍ୱର ନୃତ୍ୟ :**

ଚିତ୍ରକଳାରେ ତୁମେ ନୃତ୍ୟ ବେଶରେ ସାଜସଜ୍ଜା ହୋଇଥିବା ଭଗବାନ ଶିବ ଓ ଦେବୀ ପାର୍ବତୀ ଉଭୟ ମିଶ୍ରିତ ମୁହଁଟିଏ ଦେଖି ପାରୁଥିବ ।





https://withteachers.in/

## କର୍ଣ୍ଣାଟକର ଯକ୍ଷଗଣ



ବର୍ତ୍ତମାନ ତୁମେ ଉଭୟ ଲାବଣୀ ଏବଂ ଛଉ ନୃତ୍ୟର ପଦଚାଳନା କରିବାକୁ ଚେଷ୍ଟା କରିପାରିବ । ନୃତ୍ୟଗୁଡ଼ିକ ଯେମିତି ମୋହିନିଆଟମ୍ (ପୂର୍ବରେ କେବଳ ମହିଳାମାନଙ୍କଦ୍ୱାରା ପରିବେଷଣ କରାଯାଉଥିଲା) କଥାକଳି ଏବଂ ଯକ୍ଷଗଣ (ପୂର୍ବରୁ କେବଳ ପୁରୁଷମାନଙ୍କଦ୍ୱାରା ପରିବେଷଣ କରାଯାଉଥିଲା) ନୃତ୍ୟରେ ଆଧୁନିକ ଯୁଗରେ ଲିଙ୍ଗଗତ ପ୍ରତିବନ୍ଧକକୁ ଦୂର କରି ଏଥିରେ ଏକ ବିରାଟ ପରିବର୍ତ୍ତନ ଅଣାଯାଇ ପାରିଛି ।

ଏହା ଧ୍ୟାନ ଦେବା ଜରୁରୀ ଯେ, ନୃତ୍ୟରେ ଏହି ଆଭିମୁଖ୍ୟ ଏବଂ ଗତିବିଧି ଲିଙ୍ଗଭେଦ ଅନୁଯାୟୀ ସୀମିତ ନୁହେଁ । ନୃତ୍ୟଶିଳ୍ପୀମାନେ ଅନେକ ସମୟରେ ବିଭିନ୍ନ ଶୈଳୀରୁ ଉପାଦାନ ଗୁଡ଼ିକ ମିଶ୍ରଣ କରି ପାରମ୍ପରିକ ଲିଙ୍ଗଗତ ଭେଦଭାବର ନିୟମକୁ ଭାଙ୍ଗି ନିଜର ସ୍ୱତନ୍ତ୍ର ଅଭିବ୍ୟକ୍ତି ସୃଷ୍ଟି କରିଥାନ୍ତି ।

ବର୍ତ୍ତମାନ ତୁମେ ଏପରି ଏକ ପର୍ଯ୍ୟାୟକୁ ଆସିଛ ଯେଉଁଠାରେ କି ତୁମକୁ ତୁମ ଅଂଚଳର ନୃତ୍ୟ ଶୈଳୀ ଶିଖିବାକୁ ହେବ ।

### କ୍ରିୟାକଳାପ -୨

ଲୋକନୃତ୍ୟ ପାଇଁ କିଛି ପାଦଚାଳନା ଶିଖିବା । ଆସ ଆବଶ୍ୟକ ଭଙ୍ଗୀଅନୁଯାୟୀ ଶରୀରକୁ ଜୋରଦାର ବା ସରଳତାପୂର୍ଣ୍ଣ ଗତିବିଧିରେ ସଂଚାଳିତ କରିବା ସହିତ ପାଦଚାଳନା ଅଭ୍ୟାସ କରିବା । ଲାବଣୀ, ଭାଙ୍ଗରା ଏବଂ ସମ୍ବଲପୁରୀ ଇତ୍ୟାଦି ନୃତ୍ୟ ଶୈଳୀଗୁଡ଼ିକ ଉଭୟ ପୁଅ ଓ ଝିଅମାନଙ୍କ ଦ୍ୱାରା ଅଭ୍ୟାସ କରାଯାଇପାରେ । ଏହି ନୃତ୍ୟରେ ବ୍ୟବହୃତ ବାହୁ ଏବଂ ହସ୍ତ ସଂଚାଳନ ବିକଶିତ କରିବାକୁ ଚେଷ୍ଟା କର ।

### କ୍ରିୟାକଳାପ - ୩

**ପ୍ରକଳ୍ପ କାର୍ଯ୍ୟ**

ଯୋଗତି ମଞ୍ଜାଶା ହେଉଛନ୍ତି ଜଣେ ପ୍ରଥା ଭାଙ୍ଗୁଥିବା ବ୍ୟକ୍ତିତ୍ୱ ଯିଏକି ଲିଙ୍ଗଗତ ପରିଚୟ ଥିବା ପ୍ରତିବନ୍ଧକୁ ଭାଙ୍ଗି କର୍ଣ୍ଣାଟକରେ ଯୋଗତି ନୃତ୍ୟର ବିକାଶକୁ ପ୍ରଭାବିତ କରିଥିଲେ । ତାଙ୍କ ବିଷୟରେ ଅଧିକ ଜାଣିବାକୁ ଚେଷ୍ଟା କର ଏବଂ ତାଙ୍କର ଏକ ଚିତ୍ର ପ୍ରସ୍ତୁତ କରି ପ୍ରକଳ୍ପ କାର୍ଯ୍ୟ କର ।

**ପ୍ରକଳ୍ପ ଢାଞ୍ଚା** - ପିଲାଦିନର ପ୍ରେରଣାଦାୟକ କାହାଣୀ (ଯଦି କିଛି ଅଛି) ଶିକ୍ଷଣ ଅନୁଭୂତି, ଉପଲବ୍ଧି ଓ ସାମାଜିକ ଯୋଗଦାନ ଇତ୍ୟାଦି ।



https://withteachers.in/





## ନୃତ୍ୟ, ଗଠନ ଏବଂ ତାଳ

ଗଣିତ ଏବଂ ନୃତ୍ୟ ପରସ୍ପର ପରିପୂରକ ।

ନୃତ୍ୟ ମାଧ୍ୟମରେ ଆମେ ଜ୍ୟାମିତିକ ଆକୃତି ପ୍ରଦର୍ଶନ କରି ପାରିବ । ନୃତ୍ୟରେ ଜ୍ୟାମିତିକ ଅଙ୍ଗ ବିନ୍ୟାସ ଏବଂ ଅଙ୍ଗ ସଂଚାଳନ ପ୍ରକ୍ରିୟାଗୁଡ଼ିକ ଗାଣିତିକ ତାଳ ଓ ଲୟବଦ୍ଧ ହୋଇ ଗତିବିଧି ସମ୍ମିଳିତ ହୋଇଥାଏ । ନୃତ୍ୟ ସଂରଚନାରେ ନୃତ୍ୟ ଗଠନ ପାଇଁ ଆମେ ବିଭିନ୍ନ ଜ୍ୟାମିତିକ ଢାଞ୍ଚାର ବ୍ୟବହାର କରିପାରିବା ।

ସାଧାରଣତଃ ତାଳ ଓ ମାତ୍ରା ଗୁଡ଼ିକର ସଂଖ୍ୟା ଗଣିତର ଏକ ଢାଞ୍ଚା ସଦୃଶ ଅଟେ ।

ପରବର୍ତ୍ତୀ କ୍ରିୟା କଳାପରେ ଏହା କରିବାକୁ ଚେଷ୍ଟା କର ।

## କ୍ରିୟାକଳାପ ୪ : ନୃତ୍ୟ ଏବଂ ଜ୍ୟାମିତିକ ଆକୃତି

ନୃତ୍ୟରେ କେତେ ପ୍ରକାରର ଭିନ୍ନଭିନ୍ନ ଜ୍ୟାମିତିକ ଆକୃତିମାନ ପରିବେଷଣ କରାଯାଇପାରେ ?



ତୁମ ହାତ, ବାହୁ ତଥା ପାଦ ଏବଂ ଗୋଡ଼କୁ ବ୍ୟବହାର କରି ପ୍ରଦର୍ଶନ କରାଯାଇପାରେ ।

ଶ୍ରେଣୀରେ ଆଲୋଚନା କର ଏବଂ କିଛି ଜ୍ୟାମିତିକ ଅଙ୍ଗ ସଂଚାଳନ ଓ ଗତିବିଧି କରିବାକୁ ଚେଷ୍ଟା କର ।







https://withteachers.in/



## କ୍ରିୟାକଳାପ ୫ : ତାଳବଦ୍ଧ ଜ୍ୟାମିତି



ବର୍ତ୍ତମାନ ପୂର୍ବ କ୍ରିୟା କଳାପର ସମସ୍ତ ଉପାଦାନ ଯଥା : ହସ୍ତ, ବାହୁ, ପାଦ ଏବଂ ଗୋଡ଼କୁ ସମ୍ମିଳିତ କର ଏବଂ ବିଭିନ୍ନ ତାଳର ଅନ୍ୟାନ୍ୟ ଉପାଦାନ ଗୁଡ଼ିକ ଯୋଡ଼ିବା ସମୟରେ ନୃତ୍ୟରେ ହେଉଥିବା ଜ୍ୟାମିତିକ ଆକୃତି ଗଠନକୁ ଅନୁସନ୍ଧାନ କରିବା ସହିତ ଏହାର ପରୀକ୍ଷଣ କର ।

ତାଳ ହେଉଛି ବିଭିନ୍ନ କ୍ରମପରିବର୍ତ୍ତନ ହୋଇଥିବା ତାଳବଦ୍ଧ ଏକକର ମିଶ୍ରଣ ଅଟେ ବିଭିନ୍ନ ଜ୍ୟାମିତିକ ଢାଞ୍ଚା ଓ ଶୈଳିଗଠନ କରିବାପାଇଁ ପ୍ରଥମେ ଗୋଟିଏ ଦଳ ତିଆରି କର ତତ୍ ସହିତ ବିଭିନ୍ନ ତାଳଗୁଡ଼ିକର ଗାଣିତିକ ପ୍ରକ୍ରିୟାକୁ ମିଶ୍ରଣ କରି ତାହାର କାର୍ଯ୍ୟାନ୍ୱୟନ ପାଇଁ ଚେଷ୍ଟା କର ।

**ଉଦାହରଣ –**

୨ ମାତ୍ରା + ୨ ମାତ୍ରା = ୪ ମାତ୍ରା

୨ ମାତ୍ରା + ୩ ମାତ୍ରା = ୫ ମାତ୍ରା

୨ ମାତ୍ରା + ୪ ମାତ୍ରା = ୬ ମାତ୍ରା

୩ ମାତ୍ରା + ୩ ମାତ୍ରା = ୬ ମାତ୍ରା

୩ ମାତ୍ରା + ୪ ମାତ୍ରା = ୭ ମାତ୍ରା

ଏହି ଗତିବିଧିକୁ ନେଇ କରି ଶ୍ରେଣୀରେ ଆଲୋଚନା କର । ଉକ୍ତ କାର୍ଯ୍ୟ ସହିତ ନୃତ୍ୟ ଓ ଅଭିନୟର କିପରି ସଂପର୍କ ରହିଛି ତାହା ଜାଣିବାକୁ ଚେଷ୍ଟା କର ।


https://withteachers.in/

# ଅଧ୍ୟାୟ-୧୪ : ନୃତ୍ୟର ଗତି ସମନ୍ୱୟ



ଭାରତରେ ପାରମ୍ପରିକ ନୃତ୍ୟ ମଧ୍ୟରେ ଅନେକେ ସମୃଦ୍ଧ ନୃତ୍ୟ ରହିଛି, ଯାହା ଦେଶର ବିବିଧ ସାଂସ୍କୃତିକ ଐତିହ୍ୟ, ସହିତ ଗଭୀର ଭାବରେ ଜଡ଼ିତ । ଏହି ନୃତ୍ୟଗୁଡ଼ିକ କେବଳ ଏକ ଶରୀର ଗତିବିଧିର ଅଭିବ୍ୟକ୍ତି ନୁହେଁ, ବରଂ ଏଥିରେ ଭାବନା ଏବଂ ଆଧ୍ୟାତ୍ମିକତା ମଧ୍ୟ ପରିପ୍ରକାଶ ହୋଇଥାଏ ।

ଶାସ୍ତ୍ରୀୟ ନୃତ୍ୟ କିମ୍ବା ଲୋକ ନୃତ୍ୟ ଏକ ପାରମ୍ପରିକ ନୃତ୍ୟର ଅଂଶ ବିଶେଷ ହୋଇପାରେ । ଆମର ସଂସ୍କୃତିରେ ଥିବା ବିଭିନ୍ନ ନୃତ୍ୟ ଶୈଳୀ ଗୁଡ଼ିକ ପ୍ରକୃତିର ଅନନ୍ୟ ମହକକୁ ପ୍ରସାରିତ କରିଥାନ୍ତି । ଅନେକ ବାଦ୍ୟଯନ୍ତ୍ର, ଉପକରଣ, ଚରିତ୍ର, ବେଶ ପୋଷାକ, ଭାଷା ଏବଂ ସାଂସ୍କୃତିକ ବିଶ୍ୱାସ ରହିଅଛି ଯାହାକି ଅନେକ ଭିନ୍ନଭିନ୍ନ ଗୋଷ୍ଠୀଦ୍ୱାରା ଏହା ପରିବେଷିତ ହୋଇଥାଏ । ଏପରି ପାରଂପରିକ ନୃତ୍ୟ ଆମ ଦେଶ ଓ ଜାତିକୁ ଶୀର୍ଷ ସ୍ଥାନରେ ପହଞ୍ଚାଇବା ସହିତ ସାମାଜିକତା, ନୈତିକତା ଓ ଅଖଣ୍ଡତାକୁ ସୁଦୃଢ଼ କରିଥାଏ ।

ବର୍ତ୍ତମାନ ଆମ ନୃତ୍ୟର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷଣ ଏବଂ ସୁରକ୍ଷା ପ୍ରଦାନ କରିବା ହେଉଛି ଆମର ପ୍ରଧାନ କର୍ତ୍ତବ୍ୟ ।

## କ୍ରିୟାକଳାପ ୧ : ଆମର ପାରଂପରିକ ନୃତ୍ୟ

ତୁମ ଅଞ୍ଚଳର କୌଣସି ପାରମ୍ପରିକ ନୃତ୍ୟ ଏବଂ ତା ସହିତ ଜଡ଼ିତ କୌଣସି ଗୀତକୁ ବାଛ । ସେଥିରେ ବ୍ୟବହୃତ ହେଉଥିବା ବାଦ୍ୟଯନ୍ତ୍ରର ତାଳେ ତାଳେ ନୃତ୍ୟ ପରିବେଷଣ କର ।



ବିହୁ



https://withteachers.in/





**ଉଦାହରଣ-୧**

ଆସାମର ବିହୁ ନୃତ୍ୟରେ ବ୍ୟବହାର ହେଉଥିବା ତାଳ ବାଦ୍ୟଯନ୍ତ୍ରକୁ ଢୋଲ କୁହାଯାଏ । ସେହିପରି ମଇଁଷି ଶିଙ୍ଗରୁ ଏକ ଅନନ୍ୟ ଶୁଶିର ବାଦ୍ୟଯନ୍ତ୍ର ତିଆରି ହୋଇଥାଏ ତାହା ପେପା ନାମରେ ପରିଚିତ ଅଟେ ।

**ଉଦାହରଣ-୨**

ସିଧି ଧମାଲ ନୃତ୍ୟ ଗୁଜୁରାଟର ଏକ ନୃତ୍ୟ ଅଟେ । ଏହି ନୃତ୍ୟ ପ୍ରଦର୍ଶନରେ ଗୋଟିଏ ବଡ଼ (ଡ୍ରମ୍) ବାଦ୍ୟଯନ୍ତ୍ର ବ୍ୟବହାର କରାଯାଇଥାଏ ।

**ଉଦହରଣ-୩**

ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ଲୋକ ନୃତ୍ୟର ନାମ ଡାଲଖାଇ ନୃତ୍ୟ । ଏହି ନୃତ୍ୟ ଶୈଳୀରେ ଆକର୍ଷଣୀୟ ତାଳ ଓ ପାଦ ଚାଳନା ସମସ୍ତଙ୍କୁ ବିମୋହିତ କରିଥାଏ । ଏଥିରେ କୋସଲି ସମ୍ବଲପୁରୀ ଲୋକଗୀତ ସହିତ ପଞ୍ଚବାଦ୍ୟ (ଢୋଲ୍, ତାସା, ନିସାନ, ମୁହୁରୀ ଓ ଝାଞ୍ଜ) ଏହି ପାଞ୍ଚଟି ବାଦ୍ୟଯନ୍ତ୍ରକୁ (ଦୁଲଦୁଲି ମଧ୍ୟ କୁହାଯାଏ) ବ୍ୟବହାର କରାଯାଇଥାଏ ।

**ଉଦାହରଣ -୪**

ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଲୋକନୃତ୍ୟ ମୟୂରଭଞ୍ଜର ଛଉ ନୃତ୍ୟ । ଛଉ ଶବ୍ଦଟି ସେନା ଛାଉଣୀରୁ ଆସିଛି ବୋଲି ବିଭିନ୍ନ ଗବେଷକଙ୍କ ମତ । ମୟୂରଭଞ୍ଜର ଛଉନୃତ୍ୟ ଏକ ସମରକଳା ନୃତ୍ୟ ଅଟେ । ଛଉ ନୃତ୍ୟର ତିନୋଟି ଶୈଳୀ ଅଛି - ଯଥା - ଶରେ଼ଇକଳା ଛଉ, ପୁରୁଲିଆ ଛଉ ଓ ମୟୂରଭଞ୍ଜ ଛଉ । ମୟୂରଭଞ୍ଜ ଛଉ ନୃତ୍ୟରେ ଯେଉଁ ବାଦ୍ୟଯନ୍ତ୍ର ଗୁଡ଼ିକ ବ୍ୟବହାର କରାଯାଏ ସେଗୁଡ଼ିକ - ଢୋଲ, ଧୁମ୍‌ସା, କଡ଼କା, ମହୁରୀ, ଆଦି ପ୍ରମୁଖ ବାଦ୍ୟ ଯନ୍ତ୍ର ଅଟେ ।

ତୁମେ ନୃତ୍ୟ ପରିବେଷଣ କରିବାକୁ ପ୍ରସ୍ତୁତ କି ?

ତେବେ କିଛି ସମୟ ଅପେକ୍ଷା କର ।

ତୁମେ ନୃତ୍ୟରେ କେଉଁ ପ୍ରକାର ଉପକରଣ (ଯଦି କିଛି ଆବଶ୍ୟକ ଅଛି, ଯଥା - ପାତ୍ର, ବାଡ଼ି, ମୁଖା) ବ୍ୟବହାର କରିବ ତାହା ଆଲୋଚନା କରିଛ କି ?

ତୁମେ ନୃତ୍ୟ ପରିବେଷଣ କରିବାକୁ ଯାଉଥିବା ନିର୍ଦ୍ଦିଷ୍ଟ ନୃତ୍ୟରେ ବ୍ୟବହୃତ ପୋଷାକ ବିଷୟରେ ତୁମର ଧାରଣା ଅଛି କି ?

ଆମ ଭାରତୀୟ ସଂସ୍କୃତି ଓ ଐତିହ୍ୟରେ ସମସ୍ତ ନୃତ୍ୟର ମୂଳଦୁଆ ନିହିତ । ନୃତ୍ୟ କେବଳ, ଅଙ୍ଗଭଙ୍ଗୀ, ଗୀତ ଓ ବାଦ୍ୟକୁ ନେଇ ଗଠିତ ନୁହେଁ ବରଂ ବେଶଭୂଷା, ବିଭିନ୍ନ ନୃତ୍ୟ ଉପକରଣ ଅଙ୍ଗସଜ୍ଜା ମେକ୍‌ଅପ୍ ଏବଂ ମଞ୍ଚ ଅବସ୍ଥିତିକୁ ମଧ୍ୟ ଅନ୍ତର୍ଭୁକ୍ତ କରେ ।

## କ୍ରିୟାକଳାପ ୨ (ରୂପସଜ୍ଜା)

ନୃତ୍ୟ ଅଳଙ୍କାର ଏବଂ ଉପକରଣ ତିଆରି । ନୃତ୍ୟରେ ଆବଶ୍ୟକ ଥିବା ଅଳଙ୍କାର ଗୁଡ଼ିକ ବିଷୟରେ ତୁମେ ତୁମ ଦଳ ମଧ୍ୟରେ ଆଲୋଚନା କର । କାର୍ଡବୋର୍ଡ, ରଙ୍ଗୀନ କାଗଜ, ସୁସଜ୍ଜିତ ଫିତା, ସାଜସଜ୍ଜା (ରିବନ) ଆଦିକୁ ବ୍ୟବହାର କରି ନୃତ୍ୟର ଅଳଙ୍କାର ଗୁଡ଼ିକୁ ନିଜେ ତିଆରି କରିବାକୁ ଚେଷ୍ଟା କର ।

ଉଦାହରଣ - ନୃତ୍ୟ ଅଳଙ୍କାରଗୁଡ଼ିକ ହେଲା - କଙ୍କଣ, ପୁଷ୍ପଚୂଡ଼ା, କାପ, ତାୟିତ, ବେଙ୍ଗପାଟିଆ, ଚୂଡ଼ି, ହାର, ହନୁମାନ ମୁଖା ଏବଂ ରାଣୀ ମୁକୁଟ ଇତ୍ୟାଦି ।



https://withteachers.in/

**କ୍ରିୟାକଳାପ ୩ : ତୁମ ପସନ୍ଦର ନୃତ୍ୟ ଅଳଙ୍କାର କିମ୍ବା ଉପକରଣ ଗୁଡ଼ିକର ଚିତ୍ର ଅଙ୍କନ କର ।**

କାଗଜ, ବୁଢ଼ାପଟା ଏବଂ କପଡ଼ା ଇତ୍ୟାଦି ବ୍ୟବହାର କରି ସେଗୁଡ଼ିକୁ ତିଆରି କରିବା ପାଇଁ ଚେଷ୍ଟା କର ।



https://withteachers.in/





## କ୍ରିୟା କଳାପ ୪ : ପରିବେଷଣ ସ୍ଥାନ ସମ୍ବନ୍ଧୀୟ ଜ୍ଞାନ

ଶ୍ରେଣୀରେ ନିମ୍ନଲିଖିତ ବିଷୟରେ ଆଲୋଚନା କର ।

ପ୍ରଦର୍ଶନକୁ ବିଭ୍ରାନ୍ତ ନ କରିବା ଭଳି ମଞ୍ଚରେ ଆବଶ୍ୟକ ଉପକରଣଗୁଡ଼ିକ ସ୍ଥାନିତ କର । ନୃତ୍ୟ କରିବା ପାଇଁ ଆରାମ ଦାୟକ ଅନୁଭବ କରୁଥିବା ପୋଷକ ପ୍ରସ୍ତୁତ (ହାତଗୋଡ଼ ଉଠାଇବା, ବସିବା, ଲମ୍ଫ ପ୍ରଦାନ କରିବା, ଓଲଟିବା (ଭ୍ରମରି)ଇତ୍ୟାଦି କରିବା । ଦୁଇ ପାର୍ଶ୍ୱ ଦେଇ ମଞ୍ଚରୁ ପ୍ରବେଶ ପ୍ରସ୍ଥାନର ବ୍ୟବସ୍ଥା କରିବା ।

(ନାଟ୍ୟକଳା ବିଭାଗର ମଞ୍ଚ ପ୍ରସ୍ତୁତି ଦେଖ)

ବିଭିନ୍ନ ନୃତ୍ୟଶୈଳୀରେ ଭିନ୍ନ ଭିନ୍ନ ବେଶ ପୋଷାକ, କେଶ ସଜ୍ଜା, ନୃତ୍ୟ ଉପକରଣ ଏବଂ ମଞ୍ଚ ସଜ୍ଜା ରହିଛି । ନୃତ୍ୟର ପ୍ରତିଟି ଉପାଦାନ ସମସ୍ତଙ୍କ ପାଇଁ ସ୍ପଷ୍ଟ ହୋଇପାରିଥିବ ବୋଲି ଆଶା କରୁଛୁ । ବର୍ତ୍ତମାନ ପର୍ଯ୍ୟନ୍ତ ତୁମେମାନେ ଛୋଟ ଛୋଟ ଦଳଗୁଡ଼ିକରେ କାମ କରିଛ । ଆଗକୁ ଶ୍ରେଣୀର ସମସ୍ତ ପିଲାଙ୍କୁ ନେଇ ତୁମେ ଏକ ସଂଗୃହୀତ ବଡ଼ ଦଳରେ କାମ କରିବ ।

## ନୃତ୍ୟ ନାଟିକା (ନାଟ୍ୟ)

ଆମେ କେବଳ 'ନୃତ୍ୟ' ଶବ୍ଦ ବିଷୟ ପ୍ରତି ଅବଗତ ଅଛୁ ତା' ନୁହେଁ, 'ନାଟକ' ବିଷୟରେ ମଧ୍ୟ ଜାଣିଛୁ ।

ଯଦି ଆମେ ଉଭୟ ନୃତ୍ୟ ଏବଂ ନାଟକକୁ ଏକାଠି କରିବା ତେବେ ଏହା କାର୍ଯ୍ୟକରି ହେବ କି ?

ନୃତ୍ୟ ନାଟିକା ବା ନାଟ୍ୟ ହେଉଛି ସୃଜନଶୀଳ ଅଭିବ୍ୟକ୍ତିର ଏକ ରୂପ ଯେଉଁଠାରେ ଅଂଶଗ୍ରହଣକାରୀମାନେ ଏକ କାହାଣୀକୁ ଅନୁକରଣ କରି ପଦଚାଳନା, ଶାରୀରିକ ଅଙ୍ଗ, ଭଙ୍ଗୀ ଏବଂ ହସ୍ତମୁଦ୍ରା ବା ଗୀତର ପଦକୁ ବ୍ୟବହାର କରି ନୃତ୍ୟ ଅଭିନୟ ପ୍ରଦର୍ଶନ କରିଥାନ୍ତି ତାହାକୁ ନୃତ୍ୟ ନାଟିକା କୁହାଯାଏ ।





https://withteachers.in/

ନୃତ୍ୟନାଟିକାରେ ପରିବେଷଣକାରୀ ଶିଳ୍ପୀମାନଙ୍କ ମଧ୍ୟରେ ପାରସ୍ପରିକ ସମନ୍ୱୟ, ଭାବ ପରିପ୍ରକାଶ ଏବଂ ସହଯୋଗିତା ରହିବାର ଆବଶ୍ୟକା ରହିଛି ।

**ସମନ୍ୱୟ**



**ଅଭିବ୍ୟକ୍ତି**





ନୃତ୍ୟ ନାଟିକାରେ ଗୋଟିଏ ପରେ ଗୋଟିଏ ଅଙ୍ଗ ଚାଳନା ଏବଂ ଅଭିନୟ ମାଧ୍ୟମରେ ଏକ କାହାଣୀକୁ ଉପସ୍ଥାପନ କରାଯାଇଥାଏ । ନୃତ୍ୟ ନାଟିକା ବିଭିନ୍ନ ବିଷୟବସ୍ତୁ, ସଂସ୍କୃତି କିମ୍ବା ଐତିହାସିକ ଘଟଣାଦ୍ୱାରା ପ୍ରେରିତ ହୋଇପାରେ, ଯାହାକି କଳାତ୍ମକ ଅନୁସନ୍ଧାନ ନିମନ୍ତେ ଏକ ସମୃଦ୍ଧ ଏବଂ ବିବିଧ କ୍ଷେତ୍ର ପ୍ରଦାନ କରିଥାଏ ।



https://withteachers.in/

## କ୍ରିୟାକଳାପ ୫ : ପ୍ରକୃତିର ଏକ କାହାଣୀକୁ ପ୍ରଦର୍ଶନ କରିବା

ପ୍ରକୃତି କିମ୍ବା ପରିବେଶ କିମ୍ବା ସ୍ୱାଧୀନତା ଆନ୍ଦୋଳନ ସହିତ ଜଡ଼ିତ ଏକ କାହାଣୀ ଖୋଜ ଏବଂ ଆଲୋଚନା କର ଯାହା ସମାଜକୁ ଏକ ନୈତିକ ମୂଲ୍ୟବୋଧ ପ୍ରଦାନ କରିଥାଏ ।

**ଉଦାହରଣଗୁଡ଼ିକ -**

କାହାଣୀ ସଂପର୍କିତ-

- ପ୍ଲାଷ୍ଟିକ୍ ବ୍ୟବହାରରୁ ଦୂରେଇ ରହିବା
- ଜଳାଶୟର ସୁରକ୍ଷା
- ମୋବାଇଲ ଫୋନ୍‌ର ଅତ୍ୟଧିକ ବ୍ୟବହାର ନକରିବା
- ଜୈବିକ ପ୍ରଣାଳୀରେ ଚାଷ
- ଶିକ୍ଷାକ୍ଷେତ୍ରରେ ସମାନତା

**ଟିପ୍ପଣୀ -** ଇଂରାଜୀ କିମ୍ବା ଅନ୍ୟ ଭାଷାର ପାଠ୍ୟ ପୁସ୍ତକରୁ ଏକ କାହାଣୀକୁ ବାଛ ।

ଶ୍ରେଣୀରେ ଏକ ଉପଯୁକ୍ତ କାହାଣୀ ବାଛ ଏବଂ ସମସ୍ତଙ୍କ ସହିତ ଆଲୋଚନା କର, ଯେଉ କାହାଣୀରେ ତୁମେ ତୁମର ଆଖପାଖ ପରିବେଶ ପରିସ୍ଥିତି ଏବଂ ସ୍ଥାନୀୟ ଅଂଚଳ ସହିତ ସପର୍କ ରକ୍ଷା କରିପାରିବ ।

ପାଣ୍ଡୁଲିପି ହେଉଛି ଏକ ଲିଖିତ ଦସ୍ତାବିଜ୍ ଯେଉଁଥିରେ ନୃତ୍ୟନାଟିକା ବା ନାଟ୍ୟ ଉପସ୍ଥାପନା କିମ୍ବା ପ୍ରଦର୍ଶନ ପାଇଁ ସଂଳାପ, ଗୀତ, ଅଭିନୟ ଏବଂ ନିର୍ଦ୍ଦେଶନା ଆଦିର ଅବଧାରଣା ଥାଏ ।

ନୃତ୍ୟରେ ସଂଳାପ ପ୍ରାୟତଃ ହସ୍ତମୁଦ୍ରା ଓ ଆଙ୍ଗିକ ଅଭିନୟ ମାଧ୍ୟମରେ ପ୍ରଦର୍ଶିତ ହୋଇଥାଏ ଯଦିଓ ଏଥିରେ ଶବ୍ଦ ମଧ୍ୟ ବ୍ୟବହାର କରାଯାଇ ପାରିବ ।

ଚିନ୍ତା କରିବା -

ଆଲୋଚନା କରିବା -

ଲେଖିବା -

ଏକ ବଛାଯାଇଥିବା କାହାଣୀ କିମ୍ବା କବିତା ଆଧାରରେ ଏକ ପାଣ୍ଡୁଲିପି ଲେଖିବାକୁ ଚେଷ୍ଟା କର ଏବଂ ପରସ୍ପରକୁ ନିଜର ଭାବନା ବ୍ୟକ୍ତ କରି ନୃତ୍ୟନାଟିକା ପ୍ରସ୍ତୁତ କରିବା ପାଇଁ ଚେଷ୍ଟା କର ।

ପାଣ୍ଡୁଲିପି ଲେଖିବା ସମୟରେ ହସ୍ତମୁଦ୍ରା ସହିତ ସଂଳାପ, ଚରିତ୍ର, ବେଶ ପୋଷାକ, ନୃତ୍ୟ ଉପକରଣ ଏବଂ ମଞ୍ଚର ଆବଶ୍ୟକତା ସମ୍ବନ୍ଧରେ ବିଚାର କର ।

ଏହି କ୍ରିୟାକଳାପରେ ତୁମେ କାହାଣୀର ସମସ୍ତ ଚରିତ୍ରକୁ ସଶକ୍ତ କରିବାକୁ ଚେଷ୍ଟା କରୁଛ ।

ନୃତ୍ୟନାଟିକା ପ୍ରଦର୍ଶନ ପାଇଁ ହସ୍ତମୁଦ୍ରା, ପାଦଚାଳନା ଓ ଶରୀରର ଅଙ୍ଗଭଙ୍ଗୀକୁ ଅଭ୍ୟାସ କର । ଗୀତ ପଦଗୁଡ଼ିକ ସହ ହସ୍ତମୁଦ୍ରା ପାଦଚାଳନା, ଅଙ୍ଗଭଙ୍ଗୀ, ଶରୀର ସଞ୍ଚାଳନ ଓ ଉପାଦାନ ଗୁଡ଼ିକର ସମନ୍ୱୟତା ରଖିବା ଅଭ୍ୟାସ କର ।

ଏହା ସହିତ ନାଟ୍ୟରେ ଅନ୍ତର୍ଭୁକ୍ତ ହୋଇଥିବା ବୋଲ୍ ଗୁଡ଼ିକ (ଉଦାହରଣ ସ୍ୱରୂପ - ତା କ ଧି ନି) ଏବଂ ସରଗମ (ପ୍ରାୟତଃ ସଙ୍ଗୀତ ଶ୍ରେଣୀରେ ଶିଖାଯାଇଥାଏ) ବ୍ୟବହାର କର, ଯାହାକି ନାଟ୍ୟରେ ସମ୍ମିଳିତ ହୋଇ ରହିଛି । ନୃତ୍ୟକୁ ଚିହ୍ନିତ କର । ମୁଖମଣ୍ଡଳରେ ଭାବ ପରିପ୍ରକାଶ କରିବାକୁ ଅଭ୍ୟାସ କର ଯାହାକି ନାଟ୍ୟର ଏକ ମୁଖ୍ୟ ଉପାଦାନ । ତୁମ ନାଟ୍ୟର ଏକ ସୁବ୍ୟବସ୍ଥିତ ଫଳାଫଳ ପାଇଁ ସମସ୍ତଙ୍କୁ ମିଳିତ ଭାବରେ କାମ କରିବାକୁ ହେବ ।



https://withteachers.in/



## କ୍ରିୟାକଳାପ ୬ :

ଆସ ସମସ୍ତେ ନାଟ୍ୟ ସଂରଚନା ଏବଂ ପ୍ରଦର୍ଶନ ପାଇଁ ଏକତ୍ରିତ ହେବା। ମିଳିତଭାବେ ଗୋଟିଏ ନାଟ୍ୟ ସଂରଚନା କର ଯେଉଁଠିକି ଦଳଗତ ଭାବେ କାର୍ଯ୍ୟ କରି, ସଂଳାପ, ତାଳବଦ୍ଧ ସଙ୍ଗୀତ ତାଳ, ନୃତ୍ୟ, ପାଦ ଚାଳନା ଏବଂ ଶରୀରର ଅଙ୍ଗଭଙ୍ଗୀକୁ ସମ୍ମିଳିତ କରାଯାଇଥିବ । ନାଟ୍ୟ ସଂରଚନାର ଏହି ପର୍ଯ୍ୟାୟରେ ଆମକୁ ନୃତ୍ୟ ଉପକରଣ, ବେଶ ପୋଷକ, ଅଳଙ୍କାର ତଥା ମଞ୍ଚ ସାଜସଜ୍ଜା ଇତ୍ୟାଦି ଦେଖିବାର ଆବଶ୍ୟକତା ରହିଛି ।



ନୃତ୍ୟ ନାଟିକା ଉପକରଣ ସହିତ ଅଭ୍ୟାସ କର । ଯାହା ଫଳରେ ନାଟ୍ୟ ପରିବେଷଣ ବେଳେ ସହଜରେ ସେଇ ଉପକରଣକୁ ଆୟତ୍ତ କରି ପାରିବ ଏବଂ ସଠିକ୍ ପରିଚାଳନା କରିପାରିବ ।

ନାଟ୍ୟ / ନୃତ୍ୟ ସଂରଚନା ଶେଷ ହେବାପରେ ଏବେ ଅଭ୍ୟାସ କରିବାର ସମୟ ।

ଅଭ୍ୟାସ... ଅଭ୍ୟାସ... ଅଭ୍ୟାସ ଏବଂ

ସଫଳତାର ମୂଳ ମନ୍ତ୍ର ହେଉଛି ଅଭ୍ୟାସ ।

ନାଟ୍ୟ / ନୃତ୍ୟ ଅଭ୍ୟାସ ପରେ ବର୍ତ୍ତମାନ ମଂଚରେ ପୂର୍ବ ଅଭ୍ୟାସ କରିବା ସମୟ ଆସିଛି ।

ଭଲ କାମ–

ତୁମର ଶ୍ରେଣୀ କିମ୍ବା ଅନେକ ଦର୍ଶକଙ୍କ ସମ୍ମୁଖରେ ତୁମର ନାଟ୍ୟ ପ୍ରଦର୍ଶନ କର ।



https://withteachers.in/



## ଅଧ୍ୟାୟ-୧୫ : ଆମ ଅଞ୍ଚଳର ନୃତ୍ୟ

ଆସ ଅମେ ନୃତ୍ୟ ଶିଖିବା ଆରମ୍ଭ କରିବା । ତୁମେ ନୃତ୍ୟ ଯାତ୍ରାରେ ନିଜକୁ ହଜାଇ ଦେଇ ନୃତ୍ୟର ଦୁନିଆରେ ଲମ୍ଫଦେବାକୁ ପ୍ରସ୍ତୁତ ହୁଅ ।

ଆମ ଅଞ୍ଚଳର ନୃତ୍ୟ - ଆଞ୍ଚଳିକ ତାଳ, ଲୟ ଏବଂ ଗତିବିଧିର ଅନୁସନ୍ଧାନ ଓ ବିକାଶ ପାଇଁ ଏଇ ଅଧ୍ୟାୟରେ ସେଇ ମହାନ ନୃତ୍ୟ ଶୈଳୀଗୁଡ଼ିକ ଆବିଷ୍କାର କରାଯାଇଛି ଯାହାକି ଆମ ଦେଶକୁ ରଙ୍ଗମୟ ଏବଂ ଜୀବନ୍ତ କରିଥାଏ । ସର୍ବ ପ୍ରଥମେ ତୁମ ଆଖପାଖରେ ଥିବା ନୃତ୍ୟ ଶୈଳୀ ଉପରେ ଆସ ଅତି ନିକଟରୁ ନଜର ପକାଇବା ।

ଏହି କାର୍ଯ୍ୟକଳାପରେ ତୁମେ ତୁମ ଅଂଚଳରେ ଦେଖିଥିବା ନୃତ୍ୟ ଗୁଡ଼ିକୁ ଆବିଷ୍କାର କରିବ ।

ସମୃଦ୍ଧ ପାରମ୍ପରିକ ଲୋକନୃତ୍ୟ ଶୈଳୀ ଆମ ଅଂଚଳରେ ପାଳିତ ହେଉଥିବା ଆଞ୍ଚଳିକ ଉତ୍ସବଗୁଡ଼ିକରେ ଆକର୍ଷଣ ତାଳବିଧି ପରିଚାଳନାରେ ମନମୁଗ୍ଧକର ଏହି ନୃତ୍ୟ ଗୁଡ଼ିକ ଆମ ସମାଜ ସହିତ ଅଙ୍ଗାଙ୍ଗୀଭାବେ ଜଡ଼ିତ ହୋଇ ରହିଛି ।

### କାର୍ଯ୍ୟକଳାପ-୧
### ଆଞ୍ଚଳିକ ନୃତ୍ୟର ଅନୁସନ୍ଧାନ

ତୁମ ଅଂଚଳରେ ବିଭିନ୍ନ ଆଞ୍ଚଳିକ ନୃତ୍ୟଗୁଡ଼ିକର ନାମର ତାଲିକା ପ୍ରସ୍ତୁତ କର । ସାଙ୍ଗସାଥୀ, ଅଭିଭାବକ ଓ ଶିକ୍ଷକଙ୍କ ସହ ଏ ବିଷୟରେ ଆଲୋଚନା କର ।

କୌଣସି ଏକ ଆଞ୍ଚଳିକ ନୃତ୍ୟ ଚୟନ କର ଏବଂ ସ୍ଥାନୀୟ କଳାକାରମାନଙ୍କୁ ଭେଟିବା ପାଇଁ ଏକ କ୍ଷେତ୍ର ଭ୍ରମଣ କାର୍ଯ୍ୟକ୍ରମର ଆୟୋଜନ କର । ତୁମେ ସେମାନଙ୍କର ଭିଡିଓ ମଧ୍ୟ ଦେଖି ପାରିବ ।

ଯଦି ସମ୍ଭବ, ସେମାନଙ୍କ ସହିତ ଏକ ଛୋଟ କର୍ମଶାଳାର ଆୟୋଜନ କର ଏବଂ ସେହି ଆଞ୍ଚଳିକ ନୃତ୍ୟ ଶୈଳୀ ଗୁଡ଼ିକ ପଛରେ ରହିଥିବା ବିଚାର ଓ ଉଦ୍ଦେଶ୍ୟ ସଂପର୍କରେ ଅବଗତ ହୁଅ । ଏହି ଉପାୟରେ ସେଇ ଆଞ୍ଚଳିକ ନୃତ୍ୟ ଶୈଳୀରେ ଥିବା ଭାବଭଙ୍ଗୀ ଏବଂ କୋମଳତାପୂର୍ଣ୍ଣ ଶାରୀରିକ ଗତିବିଧିକୁ ଶିକ୍ଷା କରିବାକୁ ଚେଷ୍ଟା କର । ଏହି ଉପାୟରେ ତୁମେ ତୁମ ନିଜର ଆଞ୍ଚଳିକ ନୃତ୍ୟ ଶୈଳୀର ଉତ୍କଣ୍ଠାପୂର୍ଣ୍ଣ ଯାତ୍ରାର ଅନୁଭୂତି ପାଇ ପାରିବ ।

ନୃତ୍ୟର ସର୍ବୋତ୍ତମ ଘୂର୍ଣ୍ଣନ, ସୁନ୍ଦର ମୋଡ଼, ଚମତ୍କାର ଅଙ୍ଗଭଂଗୀ, ସୌଷ୍ଠବପୂର୍ଣ୍ଣ ପାଦଚାଳନା, ରଙ୍ଗୀନ ବେଶପୋଷାକ ଏବଂ ମର୍ମସ୍ପର୍ଶୀ ଭାବନାକୁ ପର୍ଯ୍ୟବେକ୍ଷଣ ଓ ଅନୁସନ୍ଧାନ କର ଯାହାକି ସକରାତ୍ମକ ଶକ୍ତିର ପ୍ରତିକ ଅଟେ ।


https://withteachers.in/

ଉଦାହରଣ ସ୍ୱରୂପ ଯାତ୍ରାସ୍ଥଳରେ ନୃତ୍ୟଗୁଡ଼ିକୁ ଦେଖିବା ସମୟରେ ନୃତ୍ୟଶୈଳୀଗୁଡ଼ିକୁ ପର୍ଯ୍ୟବେକ୍ଷଣ କର ।

**ଗୁଜୁରାଟର ଗରବା ନୃତ୍ୟ :**

**(କ) ପରିଚୟ –** ନବରାତ୍ରୀ ପର୍ବ ଯେଉଁଥିରେ ଦେବୀ ଦୁର୍ଗାଙ୍କ ପୂଜା କରାଯାଏ ସେହି ସମୟରେ ଏହି ନୃତ୍ୟ ପରିବେଷଣ କରାଯାଏ । ଏହି ନୃତ୍ୟ ହେଉଛି ସମ୍ପ୍ରଦାୟର ଆତ୍ମା ଓ ଏକତାର ପ୍ରଦର୍ଶନୀ ତଥା ସଂସ୍କୃତି ଏବଂ ପରମ୍ପରାର ଉତ୍ସବ ।

**(ଖ) ନୃତ୍ୟର ଚାରିତ୍ରିକ ଗୁଣ –**

- ଉଜ୍ଜ୍ୱଳ ଏବଂ ସଶକ୍ତ ଉତ୍ସାହପୂର୍ଣ୍ଣ ଅଙ୍ଗଭଙ୍ଗୀ
- ତାଳବଦ୍ଧ କରତାଳି
- ଏକ କୈନ୍ଦ୍ରିକ ବୃତ୍ତରେ ଗତି କରୁଥିବା ନୃତ୍ୟଶିଳ୍ପୀମାନଙ୍କ ଦ୍ୱାରା ସୃଷ୍ଟି ହୋଉଥିବା ବୃତ୍ତାକାର ଢାଞ୍ଚା ।

**(ଗ) ସହଯୋଗିତା (ସଙ୍ଗତ)**

- ପାରମ୍ପରିକ ଲୋକ ସଙ୍ଗୀତ
- ଢୋଲ (ଡ୍ରମ୍), ତବଲା ଏବଂ ଦାଣ୍ଡିଆ ବାଡ଼ି ଭଳି ବାଦ୍ୟଯନ୍ତ୍ର ।

**(ଘ) ବେଶ ପୋଷାକ**

- ମହିଳାମାନଙ୍କ ପାଇଁ ଚାନିଆ ଚୋଲି (ଘାଗ୍ରା)
- ପୁରୁଷମାନଙ୍କପାଇଁ କେଡିୟ-କାଫନି (ଏକ ପ୍ରକାର ଧୋତି ଓ କୁର୍ତ୍ତା)

**ପ୍ରହ୍ଲାଦ ନାଟକ-**

ପ୍ରହ୍ଲାଦ ନାଟକ ଓଡ଼ିଶାର ଗଂଜାମ ଜିଲ୍ଲାରେ ପରିବେଷଣ କରାଯାଉଥିବା ଏକ ଲୋକପ୍ରିୟ ଲୋକନାଟକ ଅଟେ । ଏହାକୁ ପ୍ରଥମେ ଊନବିଂଶ ଶତକରେ ଜଳନ୍ତରର ରାଜା ରାମକୃଷ୍ଣ ଛୋଟରାୟ ରଚନା କରିଥିଲେ । ଏହି ନାଟକରେ ମହାଦେବ ଦାସଙ୍କ ବିଷ୍ଣୁ ଅବତାରୀ ପୁରାଣ ଓ ପ୍ରତିମ୍ୱାର ଦାସଙ୍କ ରଚିତ ନୃସିଂହ ପୁରାଣରେ ବର୍ଣ୍ଣିତ ହିରଣ୍ୟକଶ୍ୟପ ବଧ ବିଷୟ ବସ୍ତୁକୁ ପରିବେଷଣ କରାଯାଇଥାଏ । ଏଥିରେ ହିରଣ୍ୟକଶ୍ୟପ, ପ୍ରହ୍ଲାଦ ଓ ନୃସିଂହ ଆଦି ମୁଖ୍ୟ ଚରିତ୍ର ପ୍ରଦର୍ଶିତ ହୋଇଥାଏ । ଏହି ନାଟକରେ ବ୍ୟବହାର ହେଉଥିବା ବିଭିନ୍ନ ବାଦ୍ୟ ଯନ୍ତ୍ରଗୁଡ଼ିକ ହେଲା –

| | |
|---|---|
| ୧) ମର୍ଦ୍ଦଳ | ୨) ହାର୍‌ମୋନିୟମ୍ |
| ୩) ଗିନି | ୪) ମହୁରୀ |
| ୫) ମଞ୍ଜିରା | |

ଏହି ନାଟକ ଗାଁମାନଙ୍କରେ ସାରା ରାତି ପରିବେଷିତ ହୋଇ ସକାଳୁ ସମାପ୍ତ ହୋଇଥାଏ ।

ବେଶଭୂଷା –(୧) ମୁଣ୍ଡ ଉପରେ ବିଭିନ୍ନ ଆକୃତିର ମେଢ଼ ଆକୃତିର ମୁକୁଟ ।

(୨) ପାରମ୍ପରିକ ବେଶଭୂଷା ପ୍ରତି ଧ୍ୟାନ ଦେଇଥାନ୍ତି ।

**ଅନ୍ୟାନ୍ୟ ନୃତ୍ୟଶୈଳୀ ଗୁଡ଼ିକର ଅନୁସନ୍ଧାନ –**

ଏଠାରେ ତୁମେମାନେ ଦେଶର ଅନ୍ୟାନ୍ୟ ଆଞ୍ଚଳିକ ନୃତ୍ୟ ଶୈଳୀଗୁଡ଼ିକୁ ଅନୁସନ୍ଧାନ କରିବାକୁ ଯାଉଛନ୍ତି, ଏହି ନୃତ୍ୟଯାତ୍ରାରେ ଗୋଟିଏ ମାତ୍ର ଆଞ୍ଚଳିକ ନୃତ୍ୟ ଶୈଳୀକୁ ଶିଖିବା ପରିବର୍ତ୍ତେ ଅନ୍ୟ ନୃତ୍ୟଶୈଳୀ ଗୁଡ଼ିକ ମଧ୍ୟ ଅନୁସନ୍ଧାନ କରିବ ।

## କ୍ରିୟାକଳାପ –

ଅନ୍ୟାନ୍ୟ ଆଞ୍ଚଳିକ ନୃତ୍ୟଶୈଳୀଗୁଡ଼ିକର ଅନୁସନ୍ଧାନ କର ।

ଅନ୍ୟାନ୍ୟ ଆଞ୍ଚଳିକ ନୃତ୍ୟଶୈଳୀଗୁଡ଼ିକର ଭିଡିଓ ଦେଖ ।

ଆସ... ଏକାଠି ବସ ଏବଂ ଅନ୍ୟ ଅଞ୍ଚଳରେ ନୃତ୍ୟ ବିଷୟରେ ଏକ ଫଳପ୍ରଦ ଆଲୋଚନା କର ।


https://withteachers.in/

| ରାଜ୍ୟ | ନୃତ୍ୟର ନାମ | ସହାୟକ ବସ୍ତୁ | ବେଶଭୂଷା | ନୃତ୍ୟର ଅବସର |
|---|---|---|---|---|
| କେରଳ | ଥିରୁଓ୍ୱତୀରା କାଳୀ ମହିଳାମାନଙ୍କଦ୍ୱାରା ପରିବେଷଣ । | ସୁନ୍ଦର ତାଳବଦ୍ଧ ନୃତ୍ୟ ସହିତ କରତାଳି ଓ ସହକାରୀ ଲୋକଗୀତଦ୍ୱାରା ପରିବେଷଣ କରାଯାଇଥାଏ । | ପାରମ୍ପରିକ କେରଳ ଅଳଙ୍କାର ସହିତ ମୁଣ୍ଡ ଏବଂ ଭେଷ୍ଟି ସହିତ ପାରମ୍ପରିକ ଅଳଙ୍କାର । | ଥୁଭାଥୀର, ଶିବରାତ୍ରୀ ଓ ଓଣମ୍ ଏବଂ ଅନ୍ୟାନ୍ୟ ପର୍ବପର୍ବାଣୀ । |
| ଓଡ଼ିଶା | ସାଇଲା ଆଦିବାସୀ ସଂପ୍ରଦାୟ ଦ୍ୱାରା ପରିବେଷଣ । | ଢୋଲ, ନାଗରା ଏବଂ ବଂଶୀ । | ରଙ୍ଗୀନ ଶାଢ଼ି ଏବଂ ଧୋତି । ଆଦିବାସୀ ଅଳଙ୍କାର, ନିର୍ମିତ ଏବଂ ଧାତୁ ଅଳଙ୍କାର । | ଚୈତ୍ରପର୍ବ କୃଷିକାର୍ଯ୍ୟ ଆରମ୍ଭ ସମୟର ଋତୁ ପର୍ବ । |
| କାଶ୍ମୀର | ରୁଫ୍ ମହିଳାମାନଙ୍କ ଏକ ଗୋଷ୍ଠୀଦ୍ୱାରା ପ୍ରଦର୍ଶନ । | ତୁମ୍ବାକିନାରୀ (ଏକ ଛୋଟ କେଟଲ୍‌ଡ୍ରମର) ରୁବାବ (ଏକତାରା ବାଦ୍ୟଯନ୍ତ୍ର) ଏବଂ ହାରମୋନିୟମ୍ । | ରଙ୍ଗୀନ ଏମ୍ବ୍ରୋଡୋରୀ ପୋଷାକ, ଅଳଙ୍କାର, କାନଫୁଲ, ବେକ ହାର ଏବଂ ଚୂଡ଼ି ସହିତ କାଶ୍ମୀର ପୋଷାକ ଫେରେନ୍ । | ଇଝି, ବୈଶାଖୀ, ନଭ୍ରୋଜ-ବିବାହ ଉତ୍ସବ, ଫସଲ ଅମଳ ଉତ୍ସବ ଏବଂ ଅନ୍ୟାନ୍ୟ ସାମାଜିକ ସମାବେଶରେ ପ୍ରଦର୍ଶନ କରାଯାଇଥାଏ । |

ଆମ ଦେଶର ଆଞ୍ଚଳିକ ନୃତ୍ୟଶୈଳୀର ଏକ ତାଲିକା ପ୍ରସ୍ତୁତ କର । ସେମାନଙ୍କ ମଧ୍ୟରୁ ଏଠାରେ କିଛି ରାଜ୍ୟକୁ ଉଦାହରଣ ଭାବରେ ଦର୍ଶାଯାଇଛି । ତୁମେ ବିଭିନ୍ନ ଅଞ୍ଚଳର ବିଭିନ୍ନ ନୃତ୍ୟଶୈଳୀର ସୂଚନାକୁ ଏକ ସାରଣୀ ରୂପରେ ସଜାଡ଼ି ପାରିବ । ଚମତ୍କାର ! ବହୁତ ଭଲ ! ଆସ ଆମର ନୃତ୍ୟଯାତ୍ରାର ପରବର୍ତ୍ତୀ ପର୍ଯ୍ୟାକୁ ଯିବା-



https://withteachers.in/

## ଆଞ୍ଚଳିକ ନୃତ୍ୟ ଶୈଳୀର ତୁଳନା

ତୁମର ନୃତ୍ୟଯାତ୍ରାରେ ତୁମେ ହୁଏତ ଅନେକ ଆଞ୍ଚଳିକ ନୃତ୍ୟଶୈଳୀ ସଂସ୍ପର୍ଶରେ ଆସିଥିବ । ତୁମେ ଉପର ସ୍ତରକୁ ଯିବାକୁ ତୁମର ଅଞ୍ଚଳର ଆଞ୍ଚଳିକ ନୃତ୍ୟଶୈଳୀକୁ ଅନ୍ୟ ଅଞ୍ଚଳର ନୃତ୍ୟ ସହିତ ତୁଳନା କର ।

| ରାଜ୍ୟ | ନୃତ୍ୟର ନାମ | ସହାୟକ ବସ୍ତୁ | ବେଶଭୂଷା | ନୃତ୍ୟର ଅବସର |
|---|---|---|---|---|
| | | | | |
| | | | | |
| | | | | |



https://withteachers.in/

## କ୍ରିୟାକଳାପ -୩ : ଆଞ୍ଚଳିକ ନୃତ୍ୟଶୈଳୀ ଗୁଡ଼ିକର ତୁଳନା -

ଧରାଯାଉ ତୁମେ ରାଜସ୍ଥାନର ଏକ ଆଞ୍ଚଳିକ ନୃତ୍ୟ କାଲବେଲିଆକୁ ବାଛିଲ ।
ବର୍ତ୍ତମାନ ଏହାକୁ ମେଘାଳୟର ନୋଙ୍ଗକ୍ରମ୍ ନୃତ୍ୟ ସହିତ ତୁଳନା କର ।

**ନିମ୍ନରେ ପ୍ରଦର୍ଶିତ ହୋଇଥିବା ଭଳି ଏକ ତୁଳନାତ୍ମକ ତାଳିକା ପ୍ରସ୍ତୁତ କର**

| ନୃତ୍ୟଶୈଳୀ | କାଲବେଲିଆ | ନୋଙ୍ଗକ୍ରମ୍ |
|---|---|---|
| |  |  |
| **ରାଜ୍ୟ** | **ରାଜସ୍ଥାନ** | **ମେଘାଳୟ** |
| **ବେଶଭୂଷା** | ମହିଳାମାନେ ଶରୀରର ଉପରଭାଗର ବସ୍ତ୍ର (ଅଙ୍ଗ୍ରାଖୀ) ଯାହା ଛୋଟ ଦର୍ପଣଦ୍ୱାର ସହିତ ମୁଣ୍ଡ ଉପରେ ଓଢ଼ଣୀ ଏବଂ ଶରୀରର ନିମ୍ନଭାଗରେ ଏବଂ ଲେହେଙ୍ଗା ପିନ୍ଧନ୍ତି । ଯାହାକି ଛୋଟ ଛୋଟ ଦର୍ପଣ କାଚ ସହ ଏମ୍ବ୍ରୋଡରୀ କାମ ହୋଇଥାଏ । | ମହିଳାମାନେ ପାରମ୍ପରିକ ପୋଷାକ ପିନ୍ଧୁଥିବାବେଳେ ପୁରୁଷମାନେ ଉଜ୍ଜ୍ୱଳ ରଙ୍ଗୀନ୍ ପୋଷାକରେ ସଜ୍ଜିତ ହୋଇ ପ୍ରାୟତଃ ଖଣ୍ଡା ଏବଂ ଚମରିଗାଈର ଚୋଟିରୁ ତିଆରି ଚାମର ଧରିଥାନ୍ତି । |
| **ଉଦ୍ଦେଶ୍ୟ** | ଧାର୍ମିକ ରୀତିନୀତି ସହିତ ଜଡ଼ିତ, ପ୍ରାୟତଃ ପୌରାଣିକ କଥାବସ୍ତୁ ଆଧାରିତ ଏବଂ ବିଶେଷକରି ହୋଲି ପର୍ବରେ ଏହି ନୃତ୍ୟ କରାଯାଇଥାଏ । | ଶରତ ଋତୁ ସମୟରେ ପାଳନ କରାଯାଏ ତଥା ପ୍ରଚୁର ମାତ୍ରାରେ ଅମଳ ଏବଂ ଲୋକମାନଙ୍କ ସୁଖ, ସମୃଦ୍ଧି ପାଇଁ ଶକ୍ତିମୟୀ ଦେବୀଙ୍କୁ ପ୍ରସନ୍ନ କରିବା ଉଦ୍ଦେଶ୍ୟରେ ଏହି ନୃତ୍ୟ କରିଥାନ୍ତି । |
| **ପ୍ରଦର୍ଶନକାରୀ** | ପୁରୁଷମାନଙ୍କ ଦ୍ୱାରା ଗୀତ ଏବଂ ମହିଳାମାନଙ୍କଦ୍ୱାରା ନୃତ୍ୟ କରାଯାଇଥାଏ । | ଉଭୟ ପୁରୁଷ ଓ ମହିଳା । |
| **ସହାୟକ ବାଦ୍ୟଯନ୍ତ୍ର / ଗୀତ, ସଙ୍ଗତ** | ପାରମ୍ପରିକ ଲୋକସଂଗୀତ ଏବଂ କାଠରେ ନିର୍ମିତ ଶୁଶିର ବାଦ୍ୟଯନ୍ତ୍ର 'ପୁଙ୍ଗୀ' ତଥା ତାଳବାଦ୍ୟ ଯନ୍ତ୍ର - ଡଫଲୀ, ବୀନ ଓ ଖଞ୍ଜିରା । | ପାରମ୍ପରିକ ସଂଗୀତ ସହିତ ଡ୍ରମ୍ ଏବଂ ପବନ (ଶୁଶିର) ବାଦ୍ୟଯନ୍ତ୍ର ତାଙ୍ଗପୁରୀ |



https://withteachers.in/

| ନୃତ୍ୟଶୈଳୀ | | |
|---|---|---|
| ରାଜ୍ୟ | | |
| ବେଶ ପୋଷାକ | | |
| ଉଦ୍ଦେଶ୍ୟ | | |
| ପ୍ରଦର୍ଶନକାରୀ | | |
| ସହାୟକ ବାଦ୍ୟଯନ୍ତ୍ର /<br>ଗୀତ, ସଙ୍ଗୀତ | | |



https://withteachers.in/

## କ୍ରିୟାକଳାପ ୪ :

**ଆଂଚଳିକ ନୃତ୍ୟଶୈଳୀର ଗୋଟିଏ ପ୍ରକଳ୍ପ** - ତୁମେ କାର୍ଯ୍ୟକଳାପ-୧କୁ ମନେ ପକାଅ, ଯେଉଁଥିରେ କି ଆଞ୍ଚଳିକ ନୃତ୍ୟଶୈଳୀଗୁଡ଼ିକ ଜାଣିବାପାଇଁ ଗୋଟିଏ କ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ।

ଆଞ୍ଚଳିକ ନୃତ୍ୟ ଉପରେ କିଛି ଚିତ୍ର ଅଙ୍କନ କର କିମ୍ୱା ସେହି ସମ୍ବନ୍ଧୀୟ ଚିତ୍ରକୁ ଲଗାଇ ଏକ ପ୍ରକଳ୍ପ କାର୍ଯ୍ୟ ପ୍ରସ୍ତୁତ କର ।

ଗୋଟିଏ ଲୋକଗୀତକୁ ବାଛ (ନୃତ୍ୟ ସମ୍ବନ୍ଧିତ) ଏବଂ ସେହି ଗୀତ ଓ ନୃତ୍ୟ ବିଷୟରେ ଗୋଟିଏ ଟିପ୍ପଣୀ ପ୍ରସ୍ତୁତ କର ।

କୌଣସି ଗୋଟିଏ ବିଶେଷ ନୃତ୍ୟ ଶୈଳୀ ସମ୍ବନ୍ଧୀୟ ହାତତିଆରି କାରୁକଳା ଆଭୂଷଣର ପ୍ରତିରୂପକୁ ଲଗାଅ ।

ପରିଶେଷରେ ତୁମର ପ୍ରକଳ୍ପ କାର୍ଯ୍ୟଟିକୁ ସମସ୍ତ ଶିକ୍ଷକ ଏବଂ ସାଙ୍ଗମାନଙ୍କ ସମ୍ମୁଖରେ ପ୍ରଦର୍ଶିତ କର ।



ଗଦବା ପ୍ରଜାତିର ଆଦିବାସୀ ନୃତ୍ୟ



https://withteachers.in/

## କ୍ରିୟାକଳାପ ୫ :

**ପ୍ରସିଦ୍ଧ ନୃତ୍ୟଶିଳ୍ପୀମାନଙ୍କ ସମ୍ବନ୍ଧରେ ଟିପ୍ପଣୀ** - ତୁମ ମନ ପସନ୍ଦର ପ୍ରସିଦ୍ଧ ଭାରତୀୟ ଶାସ୍ତ୍ରୀୟ ନୃତ୍ୟଶିଳ୍ପୀମାନଙ୍କ ଉପରେ ଏକ ସଂକ୍ଷିପ୍ତ ଟିପ୍ପଣୀ ଲେଖ । ଲେଖାଟି ସୃଜନଶୀଳ ଭାବରେ ଲେଖ ଏବଂ ଏଥି ସହିତ ତାଙ୍କ ଚିତ୍ର ଲଗାଅ । ଏହି କ୍ରିୟାକଳାପରେ ପ୍ରସିଦ୍ଧ ନୃତ୍ୟ ଶିଳ୍ପୀମାନଙ୍କର ଗତିବିଧି, ଅଙ୍ଗଭଙ୍ଗୀ ଏବଂ ହସ୍ତମୁଦ୍ରା ଗୁଡ଼ିକର ଅନୁକରଣ କରିବାକୁ ଚେଷ୍ଟାକର ।


https://withteachers.in/

# ନାଟ୍ୟକଳା

"ଏତ ଦ୍ରସେଷୁ ଭାବେଷୁ
ସର୍ବକ୍ରମକ୍ରିୟାସୁ ଚ
ସର୍ବୋପଦେଶଜନନଂ
ନଟ୍ୟମେତଦଭବିଷ୍ୟତି ।।" ।୧୧୩।

**ଅର୍ଥାତ୍ –** ନାଟକ ହେଉଛି ସମସ୍ତଙ୍କ ପାଇଁ ଶିକ୍ଷଣୀୟ, ଏହା ମଧ୍ୟରେ ଥିବା, ଅଭିନୟ, ଭାବ, ରସ ଓ ପାଠ ସାହିତ୍ୟ, ଆମକୁ ଆମୋଦ ଦେବା ସହିତ ଶିକ୍ଷା ଦେଇଥାଏ ।

ଉତ୍ସ – ନାଟ୍ୟଶାସ୍ତ୍ର – ଅଧ୍ୟାୟ–୧



# ମଧ୍ୟମସ୍ତର ପାଇଁ ନାଟ୍ୟକଳା

**ସୃଜନଶୀଳ, ସକାରାତ୍ମକ ଓ ଆନନ୍ଦଦାୟୀ :**

ନାଟ୍ୟକଳା ଭଳି ଏକ ବିଷୟ ଯାହାକି କାହାଣୀ, ଅଭିବ୍ୟକ୍ତି ଓ କଳ୍ପନା ଶକ୍ତି ଉପରେ ଆଧାରିତ, ଏଥିରେ କୌଣସି ଭୁଲ ଉତ୍ତର ନ ଥାଏ। ଚିରାଚରିତ ଭାବନାଠାରୁ ଆଉ ନୂଆ କିଛି ଭାବି, ଭାବନାମାନଙ୍କୁ ପରୀକ୍ଷା ନିରୀକ୍ଷା କରି ସେଗୁଡ଼ିକୁ ଅଭିନବ ଉପାୟରେ ପରିପ୍ରକାଶ କରିବା ପାଇଁ ଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରିବା ଏକ ଆଦର୍ଶ ପରିବେଶର ଗୁଣ ବା ଲକ୍ଷଣ । ଗୋଟିଏ ଶ୍ରେଣୀଗୃହ, ଯେଉଁଠି ବିଦ୍ୟାର୍ଥୀମାନେ ଥଟ୍ଟା ପରିହାସର ସରବ୍ୟ ନ ହୋଇ ନିଜକୁ ସୁରକ୍ଷିତ ମନେ କରନ୍ତି ଏବଂ ନିଜର ଭାବନାକୁ ସ୍ୱାଧୀନ ଭାବେ ବ୍ୟକ୍ତ କରିପାରନ୍ତି ତାହା ନାଟ୍ୟ ଶ୍ରେଣୀକୁ ଫଳପ୍ରଦ କରିଥାଏ । ଶିକ୍ଷକ ଓ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ସୌହାର୍ଦ୍ଦପୂର୍ଣ୍ଣ ମାନସିକତା ସୃଷ୍ଟି କରି ସହପାଠୀମାନଙ୍କ ମଧ୍ୟରେ ପରସ୍ପର ପ୍ରତି ସମ୍ମାନ ଓ ସହଯୋଗ ନିମନ୍ତେ ଉତ୍ସାହିତ କରିଥାଏ । ଯାହା ସର୍ବାଙ୍ଗ ଶିକ୍ଷାର ପ୍ରତିପାଳନର ରାସ୍ତା ଉନ୍ମୁକ୍ତ କରେ । ଶିକ୍ଷାର୍ଥୀମାନଙ୍କୁ କୌଣସି ବନ୍ଧନଭିତରେ ନ ରଖି ମୁକ୍ତ ଭାବେ ସେମାନେ ନିଜକୁ ପ୍ରକାଶ କରିବା ନିମନ୍ତେ ସେମାନଙ୍କୁ ଉପଯୁକ୍ତ ଆଦର୍ଶ ପରିବେଶ ଯୋଗାଇ ଦେବା ଉଚିତ୍ ।

ସେଥିପାଇଁ ପିଲାମାନେ ନିଜ ଶ୍ରେଣୀ ଗୃହକୁ ଅତି ସୁରକ୍ଷିତ ଭାବନ୍ତି । ଯେଉଁଠି କେହି ତାଙ୍କୁ ଥଟ୍ଟା ପରିହାସ ବା ଅବହେଳା କରିବେ ନାହିଁ ।

ଏହିଭଳି ମାନସିକତା, ପିଲା ଓ ଶିକ୍ଷକଙ୍କ ମଧ୍ୟରେ ରହିଲେ ଶିକ୍ଷା ଫଳପ୍ରଦ ହୋଇ ପାରିଥାଏ, ଉନ୍ନତିର ଚରମ ସୋପାନରେ ପହଞ୍ଚିଥାଏ ।

**ବାସ୍ତବ ଜଗତର ଦକ୍ଷତା ସହିତ ନାଟକକୁ ସମ୍ପର୍କିତ କରିବା :**

ପିଲା ଯେତେବେଳେ, ତା'ର ଚତୁର୍ପାର୍ଶ୍ୱର ପୃଥିବୀକୁ ଅଧିକରୁ ଅଧିକ ବୁଝିବାକୁ ଚେଷ୍ଟାକରେ ଏବଂ ବିଭିନ୍ନ ପରିସ୍ଥିତିର ସମ୍ମୁଖୀନ ହୁଏ ଓ ପୂର୍ବ ଅପେକ୍ଷା ଜଟିଳ ଭାବନାକୁ ପରିଚାଳନା କରିଥାଏ  ସେତେବେଳେ ନାଟ୍ୟକଳା ଅଧିକ ପ୍ରାସଙ୍ଗିକ ହୋଇଥାଏ ଏବଂ ନାଟ୍ୟକଳାରୁ ଶିକ୍ଷିଥିବା ଗୁଣ ଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼େ । ଭାବନାତ୍ମକ ଦକ୍ଷତା ଯେପରି ବିପଦକୁ ମୁକାବିଲା କରିବା, ସାର୍ବଜାନୀନ ଭାଷଣ, ସମସ୍ୟା ସମାଧାନ ଓ ଦଳଗତ କାର୍ଯ୍ୟ ଭଳି ଜୀବନ ଦକ୍ଷତା ଛାତ୍ରମାନଙ୍କୁ ଜଣେ ଅଭିନେତା କିମ୍ବା ନିର୍ଦ୍ଦେଶକ ହେବା ବ୍ୟତୀତ ମଞ୍ଚର ବ୍ୟବହାରିକ ପ୍ରୟୋଗକୁ ଚିହ୍ନିବାରେ ସହାୟକ ହୁଏ ।

**ନାଟ୍ୟ ପ୍ରଦର୍ଶନ ଦେଖିବା :**

ନାଟକ ଦେଖିବାପାଇଁ ପିଲାମାନଙ୍କୁ ଉତ୍ସାହିତ କରିବା ଉଚିତ୍ । ଅତିଥି କଳାକାରମାନଙ୍କୁ ନିମନ୍ତ୍ରଣ କରି ଆଣି ସେମାନଙ୍କ ଅଭିନୟ ଏବଂ ପେଶାଦାର ରଙ୍ଗମଞ୍ଚମାନଙ୍କର ନାଟକ ଦେଖାଇ ଛାତ୍ରମାନଙ୍କ ନିଜ କଳାତ୍ମକ ଇଚ୍ଛା ଓ ଆକାଙ୍କ୍ଷାକୁ ଉତ୍ସାହିତ କରାଗଲେ, ନାଟ୍ୟ ଶିକ୍ଷା ବା ସୃଜନଶୀଳ କଳାର ଉନ୍ନତି ଘଟିବା ସହ ଏହା ସୁଦୂର ପ୍ରସାରୀ ହୋଇପାରେ ।

**ବ୍ୟକ୍ତିଗତ ଶିକ୍ଷା ଶୈଳୀ (ପ୍ରଣାଳୀ) ଗୁଡ଼ିକୁ ଜାଣିବା –**

ଆପଣଙ୍କ ଶ୍ରେଣୀରେ ଶିକ୍ଷାର୍ଥୀମାନଙ୍କର ଭିନ୍ନଭିନ୍ନ ଶିକ୍ଷା ପ୍ରଣାଳୀ ବା ଶୈଳୀକୁ ଚିହ୍ନି, ବୁଝି ଗ୍ରହଣ କରନ୍ତୁ । କେତେକ ଛାତ୍ରଛାତ୍ରୀ କ୍ରିୟାତ୍ମକ ଶିକ୍ଷାରେ ସଫଳ ହେଉଥିବାବେଳେ ଆଉ କେହିକେହି ରଚନା ଓ ଦୃଶ୍ୟ ମାଧ୍ୟମରେ ଶିକ୍ଷା ଲାଭ କରିବାକୁ ପସନ୍ଦ କରିଥାନ୍ତି । ଏଭଳି କ୍ଷେତ୍ରରେ ସେମାନଙ୍କୁ ନିଜନିଜ ଶୈଳୀରେ ପଢ଼ିବାକୁ ସୁଯୋଗ ଦେବ। ଉଚିତ୍ । ଏହା ପିଲାଙ୍କର ମନକୁ ଚାପ ମୁକ୍ତ କରି ସ୍ୱାଧୀନ ଭାବେ ଚିନ୍ତା କରିବା ଓ ସୃଜନଶୀଳ ହେବା ନିମନ୍ତେ ବାଟ ଦେଖାଇ ଦେଇଥାଏ ।

**ସହଭାଗିତାକୁ ଗୁରୁତ୍ୱ :** ନାଟକ ଏକ ସହଭାଗୀ କଳା । ଏକାଧିକ ଲୋକଙ୍କୁ ନେଇ ଏହା କାର୍ଯ୍ୟ କରିଥାଏ । ଏହାଦ୍ୱାରା ବ୍ୟକ୍ତିତ୍ୱର ବିକାଶ ଘଟିଥାଏ । ଏହା କେବଳ ଦଳଗତ ଦକ୍ଷତା ଗଠନ ବା ବୃଦ୍ଧି କରେନାହିଁ, ବରଂ ଛାତ୍ରମାନଙ୍କ ବ୍ୟକ୍ତିଗତ ଚରିତ୍ର ଓ ଯୋଗ୍ୟତା ମଧ୍ୟ ବୃଦ୍ଧି କରିଥାଏ ।

**ସର୍କଲ ଟାଇମ୍ :** ଏହି ଅଭ୍ୟାସକୁ ସବୁ ଶିକ୍ଷକ ସବୁ ଶ୍ରେଣୀରେ ଅନୁସରଣ କରିବା ଉଚିତ୍ । ପ୍ରତ୍ୟେକ ଶିକ୍ଷକ, ଶ୍ରେଣୀରେ ପାଠ ପଢ଼ା ସରିଲା ପରେ ଦଶ ମିନିଟ୍ ସମୟ ଏହି ନାଟ୍ୟ କାର୍ଯ୍ୟକ୍ରମ ପାଇଁ ଦେବା ଉଚିତ୍ । ସବୁ ଶିକ୍ଷକ ଓ ପିଲା ଏକା ସାଙ୍ଗେ ବସି ସ୍ୱଚ୍ଛନ୍ଦରେ ନିଜ ନିଜର ଭାବ ବ୍ୟକ୍ତ କରିଥାନ୍ତି । ପିଲାମାନେ ସ୍ୱାଧୀନ ତଥା ମୁକ୍ତ ଭାବରେ ନିଜର ମନକଥା ପ୍ରକାଶ କରିଥାନ୍ତି । ଏଥିରେ ନମ୍ବର ରଖିବା କିମ୍ବା ଗ୍ରେଡ୍ ପାଇବା ପାଇଁ ଭୟ ନ ଥାଏ । ଶିକ୍ଷକମାନେ ଏହା କେବଳ ଶିକ୍ଷାର୍ଥୀମାନଙ୍କ ପାଇଁ ଅନୌପଚାରିକ ହୋଇଥାଏ । ମାତ୍ର ଶିକ୍ଷକ ନିଜ ପାଇଁ ଟିପ୍ପଣୀ ପ୍ରସ୍ତୁତ କରିବା ଆବଶ୍ୟକ, ଯାହା ପରବର୍ତ୍ତୀ ପାଠ ଯୋଜନାରେ ପ୍ରୟୋଗ କରାଯାଇପାରିବ ।



https://withteachers.in/



# ଅଧ୍ୟାୟ-୧୬ : ରସ ଉନ୍ମୋଚନ

**ଦୃଶ୍ୟ-୧**

**ରସକୁ ବୁଝିବା :** ଆମେ ଯେତେବେଳେ ଆମ ନାଟ୍ୟକଳାର ପ୍ରଥମ ମା'ଙ୍କୁ ପାଠ ଆରମ୍ଭ କରିବାକୁ ଯାଉଛେ, ସେତେବେଳେ ତୁମେ କେମିତି ଅନୁଭବ କରୁଛ ତାକୁ ଗୋଟିଏ ମାତ୍ର ଶବ୍ଦରେ ଲେଖ ।

**ବିଷୟ ପ୍ରବେଶ**

- ଜୀବନରେ ରସ, ନାଟକରେ ରସ ।
- ରସ ବିଷୟରେ ଭାରତୀୟ ଏବଂ ପାଶ୍ଚାତ୍ୟ ମତାମତ
- ମୁଖା ତିଆରି

ଆମେ ବର୍ତ୍ତମାନ ଆବିଷ୍କାର, ପରୀକ୍ଷା ଓ ଭାବ ସହିତ ଖେଳିବା । ଶୁଣିଲେ ମଜା ଲାଗୁଛ ନା ? ଏବେ ସମସ୍ତେ ଗୋଟିଏ ଯାଗାରେ ବସ ।

ନିର୍ଦ୍ଦେଶାବଳୀ - ବର୍ତ୍ତମାନ ପୂର୍ବ ନିର୍ଦ୍ଧାରିତ ସ୍ଥିତିରେ ବସି ରହି ସମସ୍ତେ ମୁଣ୍ଡ ତଳକୁ କର, ଆଖି ବୁଜ । ଧ୍ୟାନ ଦିଅ ।

ତମେମାନେ ଗୋଟେ ଗପ ଶୁଣିବ । ସତର୍କତାର ସହିତ ଶୁଣ । ନିଜକୁ ଗପ ସହିତ ନିମଜ୍ଜିତ କର । କଳ୍ପନା କରିବା ଆରମ୍ଭ କର । କାହାଣୀ ଭିତରେ ସଂପୂର୍ଣ୍ଣ ଭାବେ ନିମଜ୍ଜିତ ହୁଅ । ହଠାତ୍ କାହାଣୀ ବନ୍ଦ ହୋଇଯାଏ ଏବଂ ତମେ ଗୋଟେ ଶବ୍ଦ ଶୁଣ - 'ଚାହିଁ ଦେଖ' । ତମକୁ ସଙ୍ଗେସଙ୍ଗେ ଉପରକୁ ଅନାଇବାକୁ ହବ ଏବଂ କାହାଣୀଟି ଯୋଉଠି ଅଟକି ଥିଲା ସେହି ପରିସ୍ଥିତିର ପ୍ରତିକ୍ରିୟା ପ୍ରକାଶ କରିବ ।

**ମୌଳିକ -** ସାଧାରଣ ପରିସ୍ଥିତି ଯାହା ନାଟକୀୟତାରେ ଶେଷ ହୁଏ ।

**ଉଦାହରଣ -୧**

ସ୍ୱାଭାବିକ ଭାବରେ ବସ
ଭ୍ରମଣରେ ଯିବାପାଇଁ ବିଦ୍ୟାଳୟରେ ଘୋଷଣା ହେଲା ଏବଂ ତୁମେ ଏକଥା ତମ ମା'ଙ୍କୁ ଜଣାଇବାକୁ ଉତ୍ସାହିତ ହୋଇପଡ଼ । ତମେ ରାସ୍ତାରେ ଚାଲୁଛ, ବର୍ଷା ଆରମ୍ଭ ହୁଏ । ତୁମେ ଦୌଡ଼ିବାକୁ ଆରମ୍ଭ ।



ଯେହେତୁ ତୁମେ ଭଲଭାବେ ଦେଖିପାରୁନ
ତମେ ଝୁଣ୍ଟି ପଡ଼ି ନାଳରେ ପଡ଼ିଯାଇଛ...
ବର୍ତ୍ତମାନ... ଚାହିଁ ଦେଖ ।



**ଉନ୍ନତ -** ପ୍ରଥମ ପ୍ରତିକ୍ରିୟା ପରେ କାହାଣୀ ଆହୁରି ଆଗକୁ ଗତି କରେ । ସେମାନେ ଶେଷ ପ୍ରତିକ୍ରିୟାରେ ସ୍ଥାଣୁ ପାଲଟି ଯାଆନ୍ତି ଏବଂ ଶୁଣନ୍ତି... ଏବଂ ଚାହିଁ 'ଦେଖ' ଶୁଣିବା ମାତ୍ରେ ପ୍ରତିକ୍ରିୟା ପ୍ରକାଶ କରନ୍ତି । କାହାଣୀରେ ଅନେକ ମୋଡ଼ ସୃଷ୍ଟି କରାଯାଇପାରେ ଏବଂ ପ୍ରତି ମୋଡ଼ରେ ପ୍ରତିକ୍ରିୟା ସୃଷ୍ଟି କରାଯାଇପାରେ ।


https://withteachers.in/

## ଉଦାହର



### ସ୍ୱାଭାବିକ ଭାବରେ ବସ

ତୁମେ ଜଣେ ରାଜକୁମାରୀ, ଯିଏ ଘୋଡ଼ା ଚଲାଇ ଜଙ୍ଗଲରେ ଯାଉଛି । ତୁମେ ଯେତେବେଳେ ଗୋଟେ ଜଣାଶୁଣା ସ୍ୱର ଶୁଣ, ପଛକୁ ବୁଲି ଅନାଅ । ସେ ମୁହଁ ଅତି ପରିଚିତ ଜଣାଯାଏ ।



ତୁମେ ପ୍ରକୃତରେ ଭାରି କଷ୍ଟରେ ମନେ ପକେଇବାକୁ ଚେଷ୍ଟା କର... ଏବଂ ମନେପକାଅ । ମନେ ପଡ଼ିଲା, ପୂର୍ବ ପୁରୁଷଙ୍କ ଫଟୋରେ ଥିବା ଇଏ ସେହି ଲୋକ, ଯାହାକି ୫୦୦ ବର୍ଷ ତଳର । ବର୍ତ୍ତମାନ... 'ଏବେ ଚାହଁ' !



### ସ୍ଥାଣୁ -

ତୁମେ ତା'ପରେ ଏହି ଲୋକ ପାଖରୁ ଖସି ପଳେଇବାକୁ ଚେଷ୍ଟାକର । କିନ୍ତୁ ସେ ତୁମ ପଛେପଛେ ଆସୁଛି । ତୁମେ ଯୋର୍‌ରେ ଚାଲ... ସେ ଲୋକ ପଥରରେ ଝୁଣ୍ଟି ପଡ଼େ ଏବଂ କିଛି ଗୋଟେ ତା' ପକେଟ୍‌ରୁ ଖସିପଡ଼େ । ଏଇଟା ସେହି ଖେଳନା ଯୋଉଥିରେ ତୁମେ ଗଲାକାଲି ଖେଳୁଥିଲ ! 'ଏବେ ଚାହଁ' !



### ସ୍ଥାଣୁ -

'ଗଲାକାଲିର ମୋ ଖେଳନା ତା' ପାଖକୁ କେମିତି ଗଲା ? ଓଃ ଅପେକ୍ଷା କର... ଏଇଟାକୁ ମୁଁ ଆମ ରାଜପ୍ରାସାଦ ବାହାର ଘାସ ବୁଦା ଭିତରେ ହଜେଇ ଦେଇଥିଲି ।' ତୁମ ଦାଦାପୁଅ ଭାଇ, ଯିଏ ତୁମ ସାଙ୍ଗେ ଖେଳୁଥିଲା ସେ ନିଶ୍ଚେ ଚୋରାଇ ନେଇଛି । ତୁମେ ସାହାସ ସଞ୍ଚୟ କର ଏବଂ ସେ ପିନ୍ଧିଥିବା କୋର୍ଟ୍‌କୁ ଟାଣିଦିଅ, ତାଙ୍କ ଅସଲ ମୁହଁ ଦେଖାଯାଏ । ଇଏ ହିଁ ତୁମର ଚଗଲା-ଦୁଷ୍ଟ ଦାଦାପୁଅ ଭାଇ । 'ଏବେ ଚାହଁ' !

## ପରିବର୍ଦ୍ଧନ :

ପିଲାମାନେ ନିଜେନିଜେ କାହାଣୀ ସୃଷ୍ଟି କରି ବର୍ଣ୍ଣନା କରିବେ ଏବଂ ବର୍ଣ୍ଣନା ସହିତ 'ଅବସ୍ଥାନ', 'ସ୍ଥାଣୁ' ଏବଂ 'ଏବେ ଚାହଁ' କହିବେ । ଅନ୍ୟ ପିଲାମାନେ ଏଗୁଡ଼ିକର ପ୍ରତିକ୍ରିୟା ପ୍ରକାଶ କରିବେ ।



**ସର୍କଲ ଟାଇମ୍**

- ଆଜି ଆମେ ଅନୁଭବ କରିଥିବା ସମସ୍ତ ରସମାନଙ୍କର ତାଲିକା ପ୍ରସ୍ତୁତ କର ।
- କେଉଁଟି ସବୁଠାରୁ ଜଟିଳ ରସ ଥିଲା ? କାହିଁକି ?
- ଏମିତି କିଛି ରସ ଅଛି ଯାହାର ନାମ ତୁମେ ଦେଇପାରିବ ନାହିଁ ? ଏହାକୁ ତୁମେ ବର୍ଣ୍ଣନା କରିପାରିବ କି ?

ତୁମେ ଜାଣ, କେତେଗୁଡ଼ିଏ ପରିସ୍ଥିତିରେ ତୁମେମାନେ ଗୋଟେ ସମୟରେ ଦୁଇ ପ୍ରକାରର ରସ ଅନୁଭବ କର । ଉଦାହରଣ ସ୍ୱରୂପ, ତୁମେ ତୁମ ସାଙ୍ଗମାନଙ୍କ ସହ ଖେଳୁଛ ଏବଂ ସେମାନଙ୍କ ଭିତରୁ ତୁମର ଜଣେ ସାଙ୍ଗ ଗୁନ୍ଦୁରାଇବା ଯୋଗୁ ତୁମେ ହାରି ଯାଇଛ । ଏଇଠି ଦୁଇ ପ୍ରକାର ରସ ପ୍ରକାଶ ଘଟିବ । ପ୍ରଥମେ ତୁମେ ଦୁଃଖ ପ୍ରକାଶ କରୁଛ ହାରିଗଲ ବୋଲି । ଦ୍ୱିତୀୟରେ ରାଗୁଛ, ତୁମ ସାଙ୍ଗ ତୁମକୁ ଠକିକରି ଜିତିଗଲା ବୋଲି ।



https://withteachers.in/



ତୁମେମାନେ କେଉଁ ସହ ରସ ଅନୁଭବ କରିବ, ଯେତେବେଳେ ତୁମେ ଦେଖିବ ଯେ ଗୋଟେ କୁକୁର ଛୁଆ ବର୍ଷାରେ ଭିଜି ଯାଉଛି, କିନ୍ତୁ ତୁମେ ତାକୁ ସାହାଯ୍ୟ କରିବାକୁ ବାହାରକୁ ଯାଇପାରୁନାହଁ କାରଣ ତୁମକୁ ଥଣ୍ଡା ଧରିଛି ଏବଂ ଖୁବ୍ ଜୋର୍‌ରେ ବର୍ଷା ହେଉଛି ।

ଏବଂ

ଆମେ ସମସ୍ତେ ମିଶ୍ର ରସ ଗୁଡ଼ିକ ଭିତର ଦେଇ ଗତି କରିଥାଉ । ବେଳେବେଳେ ତିନୋଟି ରସ ମଧ୍ୟ ହୋଇପାରିଥାଏ । କିନ୍ତୁ ତାହା ଉତ୍ତମ, ଯେତେ ପର୍ଯ୍ୟନ୍ତ ତୁମେମାନେ ସେହି ରସମାନଙ୍କୁ ଅନୁଭବ କରିପାରୁଛ । ଯେହେତୁ ତୁମେମାନେ ବର୍ତ୍ତମାନ ରସ ଗୁଡ଼ିକୁ କେବଳ ଅନୁଭବ କରିବ ନାହିଁ ତା' ସହିତ ସେ ଗୁଡ଼ିକର ନାମ କରଣ ମଧ୍ୟ କରିପାର; ବିଭିନ୍ନ ପରିସ୍ଥିତିରେ ତୁମେମାନେ ତୁମ ଭିତରକୁ ଦେଖି ତୁମେ କ'ଣ ସବୁ ଅନୁଭବ କରୁଛ ତାହା ଜାଣିବା ଗୁରୁତ୍ୱପୂର୍ଣ୍ଣ ।

ଆମେମାନେ ସମସ୍ତେ ପ୍ରତିଦିନ ବହୁତ ପ୍ରକାରର ରସ ଭିତର ଦେଇ ଗତି କରିଥାଉ । ଲୋକମାନେ ଶହଶହ ବର୍ଷ ଧରି ରସ ବିଷୟରେ ଚିନ୍ତା କରି ଆସୁଛନ୍ତି । ଆମେ କେବଳ ଗୋଟିଏ ଖେଳ ଖେଳି ବହୁତ ପ୍ରକାର ରସର ନାମ ଦେଇ ପାରିବା । ଖାଲି ଭାବିଲ ଦେଖି, ବର୍ଷ ବର୍ଷ ଧରି ଏହା ଉପରେ କାମ କରି ସେମାନେ କେତୋଟି ରସର ନାମ ତାଲିକା କରିଥିବେ ! କେତେ ଭାବୁଛ ? କେତୋଟିର ତାଲିକା କରିଥିବେ ? ୫୦ ? ୧୦୦ ? ନା ଆହୁରି ଅଧିକ ? ପ୍ରକୃତରେ ଏହା ନଅଟି !

ମାତ୍ର ନଅଟି ? କେମିତି ? ଆଉ ସବୁ କ'ଣ ହେଲା ? ସେ ଲୋକମାନେ ସବୁ କିଏ ?

ବର୍ଷ ବର୍ଷ ଧରି ପଢ଼ି, ଅନୁଧ୍ୟାନ ଏବଂ ବିଶ୍ଳେଷଣ କରି ଆମ ଦେଶର ମୁନି, ଋଷିମାନେ ଏହି ରସଗୁଡ଼ିକୁ 'ନବରସ'ରେ ବିଭକ୍ତ କରିଛନ୍ତି । ଆମେ ଯେତେ ସବୁ ରସ ବିଷୟରେ ଆଲୋଚନା କରିଛେ ସେସବୁଗୁଡ଼ିକୁ ଏହି ନବରସ ଭିତରେ ସ୍ଥାନିତ କରାଯାଇ ପାରିବ ବୋଲି ତୁମେମାନେ ବିଶ୍ୱାସ କରିପାରୁଛ ? ପ୍ରାଥମିକ ସ୍ତରରେ ଏହା ଦୁଇଟି ମୌଳିକ ଉପାଦାନ ଉପରେ ଆଧାରିତ – ତାହା ହେଲା ଭାବ ଏବଂ ରସ ।

**ଭାବ**

ଏହା ଏକ ଶକ୍ତିଶାଳୀ ମାନସିକ ସ୍ଥିତି ବା ଅବସ୍ଥା । ଏହା ଅନୁଭୂତି, ଭାବନା ଓ ମନବୃତ୍ତି ଉପରେ ଆଧାରିତ । ଏହା ସହଜରେ ପରିବର୍ତ୍ତନ ହୁଏ ନାହିଁ ।

↓ ମାର୍ଗ ଦେଖାଏ

**ରସ**

ଏହା ଭାବର ମହକ ।

ଗୋଟିଏ ଅନ୍ତିମ ଅଭିଜ୍ଞତା ଯାହା କି ଏକ ପରିସ୍ଥିତି, ଅନୁଭବ ବା ଭାବପ୍ରବଣତାରୁ ଅନୁଭୂତ ହୋଇଥାଏ ।



https://withteachers.in/

ତୁମେମାନେ ଏହା କେବେ ଅନୁଭବ କରିଛ କି – ଗୋଟିଏ ପରିସ୍ଥିତିରେ ତୁମର ଅନୁଭବ ତୁମ ସାଙ୍ଗର ଅନୁଭବଠାରୁ ଅଲଗା ହୋଇଥାଏ ବୋଲି ? ଏହାର କାରଣ ହେଉଛି ତୁମ ଦୁଇ ଜଣଙ୍କ ଭିତରେ ସୃଷ୍ଟି ହୋଇଥିବା ଭାବର ପ୍ରଭେଦ । କାରଣ ତୁମର ଭିନ୍ନ ଭାବ (ଅଲଗା ମନୋଭାବ କିମ୍ବା ଭାବନା) ଥିଲା ଏହା ତୁମ ଭିତରେ ଭିନ୍ନ ରସ (ଯେଉଁ ଅଭିଜ୍ଞତା ଅନୁଭବ କରିଥିଲ) ସୃଷ୍ଟି କରିଥିଲା ।



**ଉଦାହରଣ**

୧. ତୁମେ ତୁମ ପ୍ରିୟ ଖେଳର ଏକ ପ୍ରତିଯୋଗିତା ସାଙ୍ଗମାନଙ୍କ ସହିତ ଦେଖୁଛ । ତୁମ ପ୍ରିୟ ଦଳ ଜିତିଛି । ତୁମେ ବହୁତ ଖୁସି ଓ ଉତ୍ସାହିତ ହେଉଛି । ତୁମ ବନ୍ଧୁ ଖୁସି ହେଉଛି କିନ୍ତୁ ଏତେଟା ଉତ୍ସାହିତ ହୋଇପାରୁ ନାହିଁ । କାରଣ ତା'ର ପ୍ରିୟ ଖେଳାଳି ଭଲ ଖେଳିପାରିଲା ନାହିଁ । ଏହା ହାସ୍ୟ ଓ କରୁଣ ରସକୁ ପ୍ରକାଶ କଲା ।

୨. ତୁମେ ତୁମ ସାଙ୍ଗ ସହିତ ବସି ମଧ୍ୟାହ୍ନ ଭୋଜନ କରୁଛ । ଆଉ ଜଣେ ସାଙ୍ଗ ଆସି ଥଟ୍ଟା କରି ବିଭିନ୍ନ କଥା କହି ହସିହସି ପଳାଇଛି । ତୁମେ ବିରକ୍ତ ହୋଇଛ କିନ୍ତୁ ସେ କଥାକୁ ପଛରେ ପକେଇ କହୁଛ; 'କିଏ ଖାତିର କରୁଛି' । ତୁମ ବନ୍ଧୁ ବହୁତ ଆଘାତ ପାଇବା ଭଳି ଗୋଟେ କୋଣରେ ବସି କାନ୍ଦୁଛି ।



ଏହି ଦୁଇଟିଯାକ ପରିସ୍ଥିତିରେ ଯଦି ବି ସମାନ ଅବସ୍ଥା ରହିଛି, କିନ୍ତୁ କେଉଁ ଭାବ ଏବଂ ଅନୁଭୂତି (ରସ) ସୃଷ୍ଟି ହେବ ତାହା ତୁମ ମୌଳିକ ମନୋଭାବ କିମ୍ବା ଭାବନା (ଭାବ) ଉପରେ ନିର୍ଭର କରେ । ରସ ତୁମର ଭାବ ଉପରେ ନିର୍ଭର କରେ ।

ଭାରତର ମହାଋଷିମାନେ ଭାବ ଏବଂ ମଣିଷର ମନ ବିଷୟରେ କାର୍ଯ୍ୟ କଲାବେଳେ ଏହି କଥାକୁ ଚିନ୍ତା କରିଥିଲେ । ସେମାନ ତାଙ୍କର ପାଠକୁ ଆଧାର କରି । ରସ (ଆମର ଅନୁଭୂତି)କୁ ନବରସରେ ବିଭକ୍ତ କରିଥିଲେ ।





https://withteachers.in/

ବର୍ତ୍ତମାନ ଆମେ ଆଲୋଚନା କରିଥିବା ଭାବ ଗୁଡ଼ିକୁ ତୁମେମାନେ ନବରସମାନଙ୍କ ଭିତରୁ ଗୋଟିଏ ସହିତ ସଂଯୋଗ କର । ଏହା କରିବାକୁ ଚେଷ୍ଟା କର ।

**ନବରସ ଖେଳ**

ନବରସକୁ ଭଲ ଭାବେ ଜାଣିବା ପାଇଁ ଆମେ ଏକ ଖେଳ ଖେଳିବା । ଗୋଟେ ଘର ଭିତରେ ଏକ ବୃତ୍ତ ଆଙ୍କ । ଏହାକୁ ନଅ ଭାଗରେ ବିଭକ୍ତ କରି ସେଥିରେ ନବରସର ନାମ ଲେଖ । ଏକ ସଙ୍ଗୀତ ବାଜିଲେ ତୁମେମାନେ ଏହି ବୃତ୍ତ ଚାରିପାଖେ ଘୂରିବ । ସଙ୍ଗୀତ ଯେତେବେଳେ ବନ୍ଦ ହେବ ଯେଉଁ ରସ ପାଖେ ଯିଏ ଥିବ, ସେହି ରସଟିକୁ ସିଏ ପ୍ରକାଶ କରିବ । ଯେଉଁ ଶିକ୍ଷାର୍ଥୀ ରସର ନାମ କହି ନ ପାରିବେ ସିଏ ବୃତ୍ତରୁ ବାହାରି ଯିବେ । ପୁଣି ସଙ୍ଗୀତ ବାଜିବ ଏବଂ ପୂର୍ବପରି ଖେଳ ଚାଲିବ । ଅନ୍ୟ ଉପାୟରେ ଚଟାଣ ଉପରେ ବୃତ୍ତ ବଦଳରେ ନଅଟି ଚାରିକୋଣିଆ କୋଠରି ଆଙ୍କି ସେଥିରେ ନବରସର ନାମ ଲେଖି ମଧ୍ୟ ତୁମେମାନେ ଖେଳି ପାରିବ ।

ଏହି ରସତତ୍ତ୍ୱ ପ୍ରଦର୍ଶନ କଳାର ବିଶାଳ କର୍ମ ପରିସର ଭିତରେ ଏକ ଅତି ଛୋଟିଆ ଅଂଶ । ଏଥିରେ ଅତି ସାଧାରଣ କାହାଣୀ ପଢ଼ିବାଠାରୁ ଆରମ୍ଭ କରି କଳା ମାଧ୍ୟମରେ ମୋକ୍ଷ ପ୍ରାପ୍ତିର ସମ୍ଭାବନା ପର୍ଯ୍ୟନ୍ତ ସବୁ ରହିଛି ।






https://withteachers.in/

## ଏହା ସବୁ କିପରି ସୃଷ୍ଟି ହେଲା ତାହାର ଏକ ସୁନ୍ଦର କାହାଣୀ, ଏହାକୁ ନଟ୍ୟୋପ୍ତତ୍ତି (ପରିବେଷଣ କଳାର ଜନ୍ମ) କୁହାଯାଏ ।



୧

ବ୍ରହ୍ମା, ସମସ୍ତ ଦେବତାମାନଙ୍କ ଈଶ୍ୱର ଦେଖିଲେ, ଦେବତାମାନେ ନିରୁତ୍ସାହିତ ଓ ଅଳସୁଆ ହୋଇ ଯାଇଥିଲେ । କିଛି ନ କରି ସମୟ ନଷ୍ଟ କରୁଥିଲେ ।




୨

ବ୍ରହ୍ମା ତା' ପରେ ଋଗ୍‌ବେଦରୁ ପାଠ୍ୟ ବା ସଂଳାପ, ଯଜୁର୍ବେଦରୁ ଅଙ୍ଗଭଙ୍ଗୀ ବା ଅଭିନୟ, ସାମବେଦରୁ ସଙ୍ଗୀତ ଏବଂ ଅଥର୍ବ ବେଦରୁ ରସ ସଂଗ୍ରହ କଲେ ।



୩

ଚାରି ବେଦର ସାରାଂଶରୁ ସେ ଏକ ନୂତନ ତଥା ଅଭିନବ ବେଦ ସୃଷ୍ଟି କଲେ । ଯାହା କି ନାଟ୍ୟବେଦ । ଦେବତାମାନେ ଏହାକୁ ଆଦରରେ ପସନ୍ଦ କରି ବ୍ୟବହାର କରିବେ ବୋଲି ଆଶା କରି ଏହାକୁ ବ୍ରହ୍ମା ସେମାନଙ୍କୁ ଦିଅନ୍ତି ।




୪

କିନ୍ତୁ ଦେବତାମାନେ ନାଟ୍ୟବେଦରୁ କିଛି ବୁଝି ନ ପାରି ଦ୍ୱନ୍ଦ୍ୱରେ ପଡ଼ନ୍ତି ।




୫

ତେଣୁ ବ୍ରହ୍ମା ବୁଦ୍ଧିମାନ ଋଷି ଭରତମୁନିଙ୍କୁ ଡାକି ସମସ୍ତେ ଏହାକୁ ବୁଝି ପାରିବା ଭଳି ସରଳ କରିବାକୁ କୁହନ୍ତି ।



୬

ତାହାପରେ ଭରତମୁନି ନାଟ୍ୟ ଶାସ୍ତ୍ର ରଚନା କରନ୍ତି । ନାଟ୍ୟଶାସ୍ତ୍ରର ପ୍ରୟୋଗ ପାଇଁ ତାଙ୍କ ୧୦୦ ପୁତ୍ରଙ୍କୁ ଏକାଠି କରି ଏହାର ପରିବେଷଣ କରନ୍ତି ।



୭


ଦେବତାମାନେ ପରିବେଷଣାତ୍ମକ କଳା ବା ନାଟକ ଦେଖି ଆନନ୍ଦିତ ହେଲେ । ସେମାନେ ପ୍ରଶଂସା ଅଜାଡ଼ି ପକାଇଲେ ଏବଂ ଏହାକୁ ନିଜ ଜୀବନରେ ଅଭ୍ୟାସ କଲେ ।

ଏହି କାହାଣୀ ଆମକୁ କହେ ଯେ ନାଟ୍ୟଶାସ୍ତ୍ର ହେଉଛି ପରିବେଷଣ କଳା ବିଷୟର ଏକ ପୁସ୍ତକ । ଚାରି ବେଦରୁ ଜ୍ଞାନ ସଂଗ୍ରହ ସହିତ ଆହୁରି ଅନେକ କିଛି ଏଥିରେ ଭରି ରହିଛି । ଏହାକୁ ପଞ୍ଚମ ବେଦ ମଧ୍ୟ କୁହାଯାଏ । ନାଟ୍ୟୋତ୍ପତ୍ତି କାହାଣୀରୁ ନାଟ୍ୟଶାସ୍ତ୍ର ପୁସ୍ତକ ପ୍ରକୃତରେ ଆରମ୍ଭ ହୁଏ । ଯଦି ତୁମେମାନେ ଏହି କାହାଣୀ ପଢ଼ିଛ ତା'ମାନେ ତୁମେ ନାଟ୍ୟଶାସ୍ତ୍ର ପଢ଼ିବା ଆରମ୍ଭ କରିଛ । ପରବର୍ତ୍ତୀ ଶ୍ରେଣୀରେ ଏହି ବିଷୟରେ ଆହୁରି ଅଧିକା ଜାଣିପାରିବା ।



https://withteachers.in/

## ଦୃଶ୍ୟ ୨ : ରସ ଆବିଷ୍କାର




ଆମ ଭିତରର ଭାବନା କିଭଳି ଭାବରେ ଆମ ମୁହଁର ପ୍ରତିଟି ଅଂଶ ମାଧ୍ୟମରେ ପ୍ରକାଶିତ ହୁଏ ସେ କଥା ଆମେ ଜାଣିଲେ । ଆମର ଭାବ ଅନୁଯାୟୀ, ଆମ ମୁଖ ମଣ୍ଡଳରେ ଏହା ପ୍ରକାଶ ପାଇଥାଏ । କେବଳ ମୁଖ ମଣ୍ଡଳ ନୁହେଁ, ଆମ ଦେହରେ ଆହୁରି ଦୁଇଟି ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଅଛି ଯାହା ଆମକୁ ଆମ ଭାବ ପ୍ରକାଶ କରିବାରେ ସାହାଯ୍ୟ କରେ । ସେ ହେଲା, ଆମ ସ୍ୱର ଏବଂ ଆମ ଶରୀରର ଭାଷା । ଚାଲ ସେହି ନବରସକୁ ଆମେ ସ୍ୱର ଓ ଶରୀରର ଭାଷା ମାଧ୍ୟମରେ ପ୍ରକାଶ କରିବାକୁ ଚେଷ୍ଟା କରିବା ।

ଆମେ ବର୍ତ୍ତମାନ ପୂର୍ବର ସେହି ଗୁରୁତ୍ୱପୂର୍ଣ୍ଣ ଖେଳ ଖେଳିବା । କିନ୍ତୁ ଏଥର ତୁମେ ଯେତେବେଳେ ଶୁଣିବ, ଏବେ 'ଚାହଁ' ତୁମେ ତୁମ ସ୍ୱର ଓ ଶରୀରର ଭାଷା ମାଧ୍ୟମରେ ପ୍ରତିକ୍ରିୟା ପ୍ରକାଶ କରିବ । ମଜା ଲାଗୁଛି ନା ?

**ନିର୍ଦ୍ଦେଶାବଳୀ** : ଏହାର ନିୟମିତ ସ୍ଥିତି ହେଲା ଯେମିତି ସ୍ୱାଭାବିକ ଭାବରେ ବସିଥିଲ ସେମିତି ବସ । ମୁଣ୍ଡ ତଳକୁ କର, ଆଖି ବନ୍ଦ କର, ଧ୍ୟାନ ଦିଅ ।

### ଉଦାହରଣ

**ଆଉ ଏକ ରସ ପାଇଁ ସାଧାରଣ ଚିତ୍ରମାନ ଆଙ୍କି ରସର ନାମ ଦିଅ** ____________________

### ରୌଦ୍ର - ରାଗ କିମ୍ବା କ୍ରୋଧ

| ମୁଖଭାବ | ଶରୀରର ଭାଷା | ଉଭୟକୁ ମିଶାଇ | ମୁଖଭାବ | ଶରୀରର ଭାଷା | ଉଭୟକୁ ମିଶାଇ |
|---|---|---|---|---|---|
|  |  |  | | | |



https://withteachers.in/

କାହାଣୀକୁ ମନଧ୍ୟାନ ଦେଇ ଶୁଣ । କାହାଣୀ ଭିତରେ ସମ୍ପୂର୍ଣ୍ଣ ନିମଜ୍ଜିତ ହୁଅ । ହଠାତ୍ କାହାଣୀ ବନ୍ଦ ହେଇଯିବ ଆଉ ତୁମେ ଶୁଣିବ ଏବେ 'ଚାହଁ' । ତୁମକୁ ସାଙ୍ଗେସାଙ୍ଗେ ମୁଣ୍ଡ ଉପରକୁ କରିବାକୁ ହେବ ଏବଂ ତୁମେ ତୁମର ସ୍ୱର ଏବଂ କ୍ରିୟା ମାଧ୍ୟମରେ ପରିସ୍ଥିତିର ପ୍ରତିକ୍ରିୟା ପ୍ରକାଶ କରିବ ।

**ମୌଳିକ :** ସାଧାରଣ ପରିସ୍ଥିତିର ଉପସ୍ଥାପନା ନାଟକୀୟ ପ୍ରତିକ୍ରିୟାରେ ଶେଷ ।

**ଉନ୍ନତ :** ପ୍ରଥମ ପ୍ରତିକ୍ରିୟାପରେ କାହାଣୀ ଚାଲୁ ରହେ । ସେମାନେ ଶେଷ ପ୍ରତିକ୍ରିୟାରେ ସ୍ଥିର ପାଲଟିଯାଇ ଶୁଣନ୍ତି... ଏବଂ 'ଏବେ ଚାହଁ' ଶୁଣି ପ୍ରତିକ୍ରିୟା ପ୍ରକାଶ କରନ୍ତି । ପ୍ରତିକ୍ରିୟା ପ୍ରକାଶ ନିମନ୍ତେ କାହାଣୀରେ ଅନେକ ମୋଡ଼ ରଖାଯାଇପାରେ । ପିଲାମାନେ ନିଜେ ଗପ କହିବେ । ତା' ଭିତରେ ଅବସ୍ଥାନ, ସ୍ଥିର ଏବଂ 'ଏବେ ଚାହଁ' ପ୍ରଭୃତି ଯେତେବେଳେ କହିବେ ଅନ୍ୟମାନେ ତାହାର ପ୍ରତିକ୍ରିୟା ପ୍ରକାଶ କରିବେ ।

ଏହା ବିସ୍ମୟକର ଯେ ତୁମେମାନେ କେବଳ ରସମାନଙ୍କୁ ଚିହ୍ନୁ ନାହଁ ବରଂ ସେଗୁଡ଼ିକୁ ନିଜ ସ୍ୱର, ମୁଖ ମଣ୍ଡଳ ଓ ଶରୀରର ଭାଷା ମାଧ୍ୟମରେ ପ୍ରକାଶ ମଧ୍ୟ କରୁଛ । ସେହିଭଳି ଆମେ ଖୋଜି ବୁଲୁଥିଲେ ଯେ ଭାରତୀୟ ପଣ୍ଡିତମାନେ ଶହଶହ ବର୍ଷ ଆଗରୁ କିଭଳି ଭାବଗୁଡ଼ିକୁ ଦେଖି ବିଶ୍ଳେଷଣ କରୁଥିଲେ ଏବଂ ନବରସର ଆବିଷ୍କାର କରିଥିଲେ । ଆମେ ବର୍ତ୍ତମାନ ଦେଖିବା ଅନ୍ୟ ଦେଶମାନଙ୍କରେ ନାଟ ପରିବେଷଣ ସମୟରେ ଭାବ, ରସ ଗୁଡ଼ିକୁ ସେମାନେ କିଭଳି ଦେଖନ୍ତି ।



## ସର୍କଲ୍ ଟାଇମ୍


- ଆମେ ଆଜି ଯେତେ ପ୍ରକାରର ଭାବ ଅନୁଭବ କଲେ ତାହାର ଏକ ତାଲିକା ପ୍ରସ୍ତୁତ କର ।
- ଯେତେବେଳେ ସ୍ୱର ଓ ଅଭିନୟ ମିଶାଇଲେ, ଏହା ସହଜ ହେଲା ନା ? ନା କେବଳ ମୁଖମଣ୍ଡଳର ଭାବ ପ୍ରଦର୍ଶନ ସହଜ ଥିଲା ?
- ଏମିତି କିଛି ଭାବ-ରସ ଅଛି ଯାହାର ନାମ ତୁମେ ଦେଇପାରିବ ନାହଁ । ଏହାକୁ ତୁମେ ତୁମ ସ୍ୱର ଅଙ୍ଗଭଙ୍ଗୀ ବା ଅଭିବ୍ୟକ୍ତି ମାଧ୍ୟମରେ ଅଭିନୟ କରି ପାରିବ କି ?
- ଦିନକ ଭିତରେ ନିଜେ ଅନେକ ଥର ଅନୁଭବ କରୁଥିବା ଭାବ-ରସ ଗୁଡ଼ିକୁ ଅନୁଧ୍ୟାନ କର ।



https://withteachers.in/



ଏହା ମାପ ଅନୁଯାୟୀ ନୁହେଁ
ଏହା ଏକ କଳା



ଡାଇଓନିସସ୍
ଗ୍ରୀକ୍ ଆମୋଦ ପ୍ରମୋଦର ଦେବତା

**ବ୍ୟକ୍ତି ବା ଘଟଣାର ପ୍ରଶଂସା କରି ଗାଇବା ପାଇଁ ଉଦ୍ଦିଷ୍ଟ ଏକ ପ୍ରକାରର କବିତା ।**

ଭାରତଠାରୁ ଆହୁରି ଅଧିକ ପ୍ରାଚୀନ ପରିବେଷଣ କଳା ହେଉଛି, ଗ୍ରୀକ୍ ଥିଏଟର୍ । ଖ୍ରୀଷ୍ଟ ପୂର୍ବ ପ୍ରାୟ ପଞ୍ଚମ ଶତାବ୍ଦୀ ବେଳକୁ ସେଠାରେ ନାଟକର ଉତ୍ପତ୍ତି ହୋଇଥିଲା । ଡାଇଓନିସସ୍, ତାଙ୍କ ଆମୋଦ ପ୍ରମୋଦର ଦେବତା । ସେ ମଧ୍ୟ ଗ୍ରୀକ୍ ଦେଶର ମୁଖ୍ୟ ଫସଲ ଅଙ୍ଗୁରର ରକ୍ଷକ । ଭଲ ଫସଲ ଅମଳ ହେବାର ଦାୟିତ୍ୱ ତାଙ୍କ ଉପରେ ନିର୍ଭର କରିଥାଏ । ସେଥିପାଇଁ ସେହି ଦିନଠାରୁ ସେଠାକାର ଲୋକମାନେ ତାଙ୍କ ଦେବତାଙ୍କୁ ଖୁସି କରିବାକୁ ଡାଇଓନିସିଆନ୍ ଉତ୍ସବ ପାଳନ କରି ଆସୁଛନ୍ତି । ଏଥିରେ ସେମାନେ ତାଙ୍କ ଡାଇଓନିସସ୍ ଦେବତାଙ୍କୁ ପ୍ରଶଂସା କରି ସ୍ତୁତି ଗାନ କରିଥାନ୍ତି । ଏହି ଦଳଗତ ଗାୟନକୁ ଡିଥିରାମ୍ବ ବୋଲି କୁହାଯାଏ । ଏହି ସ୍ତୁତି ସଙ୍ଗୀତ ଗାନ ହେଉଥିବାବେଳେ ପ୍ରଥାର ଏକ ଅଂଶ ଅନୁସାରେ ଗୋଟିଏ ଛେଳିକୁ ବଳି ଦିଆଯାଉଥିଲା ।

ଛେଳିକୁ ବଳି ଦିଆଯିବା ପ୍ରଥା ପାଳନ ସମୟରେ ବୋଲା ଯାଉଥିବା ଗୀତ ବା ଓଡ (ode)କୁ 'ଟ୍ରାଗୋଡିଆ' (ଟ୍ରାଗ୍-ଓଡ଼ିଆ) କୁହାଯାଏ । ଯାହାର ଅର୍ଥ 'ଛେଳି ବା ଛାଗଳ ସଙ୍ଗୀତ' ଯେଉଁଥିରୁ ଟ୍ରାଜେଡି ଶବ୍ଦର ଉତ୍ପତ୍ତି ହୋଇଛି ।

ଏହାକୁ ଆଧାର କରି ରଚିତ ହୋଇଥିବା କାହାଣୀର ଅଭିନୟ ଦ୍ୱାରା ଉପସ୍ଥାପନା ହିଁ ପ୍ରଥମ ନାଟକ ଥିଲା । ସେଗୁଡ଼ିକ ସବୁ କରୁଣ ବା ଦୁଃଖଦ ନାଟକ । ନାଟକର ମୁଖ୍ୟ ଚରିତ୍ର ଦଣ୍ଡ ପାଉଥିଲା କିମ୍ବା ମୃତ୍ୟୁବରଣ କରୁଥିବାରୁ ସେଗୁଡ଼ିକ ଭୟାବହ ଏବଂ ଦୁଃଖରେ ଶେଷ ହେଉଥିଲା ।

ଅଧିକରୁ ଅଧିକ ଏହିଭଳି କାହାଣୀମାନ ମଞ୍ଚସ୍ଥ ହେଉଥିଲା ଏବଂ ବହୁବର୍ଷ ପରେ ପ୍ରାୟତଃ ଖ୍ରୀଷ୍ଟପୂର୍ବ ଚତୁର୍ଥ ଶତାବ୍ଦୀ ବେଳକୁ ନାଟକର କାହାଣୀରେ ପରିବର୍ତ୍ତନ ଦେଖାଦେଲା । କାହାଣୀ ଆମୋଦଦାୟକ ହୋଇ ହସ ଖୁସିରେ ଶେଷ ହେଲା । ଏହା ହାସ୍ୟ ବା କମେଡି ନାଟକର ଆରମ୍ଭ ଥିଲା । ଟ୍ରାଜେଡି ଭଳି କମେଡିର ଉତ୍ପତ୍ତି ଗ୍ରୀକ୍ ଶବ୍ଦ 'କମୋସ୍' (ଆନନ୍ଦ ଉପଭୋଗ) ଏବଂ 'ଓଡିଆ' (ସଙ୍ଗୀତ) । ହାସ୍ୟ ନାଟକ ଗୁଡ଼ିକ ସୁଖାନ୍ତ ବା ହସଖୁସିରେ ଶେଷ ହୁଏ । ଏଥିରେ ମଣିଷ, ପଶୁ ଏବଂ ଦେବତାମାନଙ୍କର ଉପାଦାନ ଭରି ରହିଥାଏ । ଏଥି ସହିତ ନାଚ, ଗୀତ ଓ ନାଟ୍ୟକାର କିମ୍ବା ଦର୍ଶକମାନଙ୍କ ସହିତ ସିଧା ସଳଖ ସଂଳାପ ବା କଥାବାର୍ତ୍ତା ସ୍ଥାନ ପାଇଥାଏ ।



ଗୋଟିଏ ଗ୍ରୀକ୍ ନାଟକ


https://withteachers.in/

ମୁଖା ଗ୍ରୀକ୍ ନାଟକର ଏକ ମୁଖ୍ୟ ଅଂଶ । କରୁଣ ନାଟକ ପ୍ରଦର୍ଶନ ସହିତ ସେମାନେ ମୁଖା ପିନ୍ଧିବାର କାରଣ ଯୋଡ଼ି ହୋଇ ରହିଥିଲା ।

କରୁଣ ତଥା ଦୁଃଖପୂର୍ଣ୍ଣ ନାଟକ ଗୁଡ଼ିକ ପ୍ରକୃତରେ ବହୁତ ଭୟାବହ ଓ ଦୁଃଖମୟ । ଗ୍ରୀକ୍‌ର ମଣିଷମାନେ କ'ଣ ସବୁବେଳେ ଦୁଃଖରେ କାନ୍ଦିବାକୁ ଭଲ ପାଉଥିଲେ ? ନା - ଏହା ତାଙ୍କ ଭିତରେ ଚାପି ହୋଇ ରହିଥିବା ଯନ୍ତ୍ରଣା ଓ ଭାବନାରୁ ସେମାନଙ୍କୁ ମୁକ୍ତ କରିଥାଏ । ଏହାକୁ କାଥାରସିସ୍ କୁହାଯାଏ ।

ମୁଖା ଅଭିନେତା ବଦଳରେ ଚରିତ୍ର ସହିତ ସମ୍ପର୍କିତ କରିବାରେ ସାହାଯ୍ୟ କରେ ।

ତୁମେମାନେ ମଧ୍ୟ ବହୁତ ପ୍ରକାରର ମୁଖା ବହୁ ଜାଗାରେ ଦେଖିଥିବ, ନୁହେଁ କି ? କିନ୍ତୁ ସେଗୁଡ଼ିକ କାହାର ପ୍ରତିନିଧିତ୍ୱ କରନ୍ତି ବୋଲି ଭାବ ? ଆମେ ଯାହାସବୁ ପଢ଼ିଲେ ସେଥିରୁ ଏକଥା ତମେମାନେ ଅନୁମାନ କରିପାର ।



## କରୁଣ ଓ ହାସ୍ୟ

ତା'ହେଲେ, ପରବର୍ତ୍ତୀ ସମୟରେ ଏହିସବୁ ମୁଖାକୁ ଦେଖି ଏହା ପଛରେ ଥିବା କାହାଣୀକୁ ଜାଣିପାରିବ ।




### ସର୍କଲ ଟାଇମ୍

୧. ଗୋଟିଏ ପରିସ୍ଥିତିକୁ ହୃଦୟଙ୍ଗମ କରିବାରୁ ତୁମେ ତା'ର ଭାବ ଏବଂ ରସ ଗୁଡ଼ିକୁ କିପରି ଅନୁଧ୍ୟାନ କଲ ତାହାର ଉଦାହରଣ ଦିଅ ।
୨. ଆମ ପ୍ରାଚୀନ ଭାରତୀୟ ନାଟ୍ୟଶାସ୍ତ୍ରର ନବରସ ସହିତ ପ୍ରାଚୀନ ଗ୍ରୀକ୍‌ର କରୁଣ-ହାସ୍ୟର କ'ଣ ସମ୍ପର୍କ ରହିଛି ତାକୁ ସଂଯୋଗ କରିବାକୁ ଚେଷ୍ଟା କର ।
   - କେଉଁ ରସଗୁଡ଼ିକ କରୁଣ ଓ ହାସ୍ୟ ଅନ୍ତର୍ଭୁକ୍ତ ହୋଇପାରିବ ?
   - ଏହାଠାରୁ କ'ଣ ଆହୁରି ଅଧିକ ଭାବ, ରସ ଅଛି ଯାହା ଏହି ବିଭାଗରେ ଅନ୍ତର୍ଭୁକ୍ତ ହୋଇପାରିବ ନାହିଁ ? ?
୩. ସାରାଦିନ ତୁମର କାର୍ଯ୍ୟ ଭିତରେ ଅନୁଭବ କରିଥିବା ଭାବ ବା ରସ ଗୁଡ଼ିକର ନାମକରଣ କର ।
୪. ତୁମେ ଯେତେବେଳେ ଗୋଟେ ଗପ ବା ଉପନ୍ୟାସ ବହି ପଢୁଛ ସେତେବେଳେ ତୁମେ ଅନୁଭବ କରୁଥିବା ଭାବ ବା ରସ ଗୁଡ଼ିକୁ ଲେଖି ରଖ ।


https://withteachers.in/

## କ୍ରିୟା କଳାପ - ମୁଖା ଓ ଭାବ, ରସ



ଅଧାମୁଖା



ପୂର୍ଣ୍ଣାଙ୍ଗ ମୁଖା

ଚାଲ ମୁଖା ମାଧ୍ୟମରେ ଭାବ, ରସ ଆବିଷ୍କାର କରିବା । ଆମେ ସାଧାରଣତଃ ଆମର ମୁହଁ ବା ମୁଖମଣ୍ଡଳ ମାଧ୍ୟମରେ ଭାବ ପ୍ରକାଶ କରିଥାଉ । ହେଲେ ମୁଖା ପିନ୍ଧିଦେଲେ ଆମର ମୁହଁ ଢାଙ୍କି ହୋଇଯାଏ । ମୁହଁ ଦ୍ୱାରା ଭାବ ପ୍ରକାଶ ହୋଇଥାଏ । ମୁଖା କିପରି ଭାବ ପ୍ରକାଶ କରିପାରିବ ?

ମୁଖା ହିଁ ଭାବ ଓ ଚରିତ୍ର ଯାହାକୁ ପିନ୍ଧି ତୁମେ ଅଭିନୟ କରିପାର !

ଯଦିଓ ବହୁପ୍ରକାରର ମୁଖା ଅଛି ଆମେ ସେଥିରୁ ଦୁଇ ପ୍ରକାର ମୁଖାର ଆବିଷ୍କାର କରିବା ।

ସତର୍କ ରୁହ କଇଁଚିରେ କାଟିବା ଓ ରଙ୍ଗ ଦେବାବେଳେ ତୁମେ ତୁମ ଶିକ୍ଷକଙ୍କ ପରାମର୍ଶ ଅନୁସାରେ ସେଗୁଡ଼ିକୁ ବ୍ୟବହାର କର ।

**କାର୍ଡ଼୍‌ବୋର୍ଡ଼୍ ମୁଖା (ଅଧା) :** (କାର୍ଡ଼୍‌ବୋର୍ଡ଼୍, କଇଁଚି, ଅଠା ଓ ରଙ୍ଗ)

- କାର୍ଡ଼୍‌ବୋର୍ଡ଼୍ ଉପରେ, ଏକ ମୁହଁର ରେଖାଚିତ୍ର ଆଙ୍କ । ମୁହଁର ବାମ ଓ ଡାହାଣ ଦୁଇ ପାଖ ସମାନ ମାପର ହେବାପାଇଁ କାଗଜଟିକୁ ମଝିରୁ ଭାଙ୍ଗି ଦିଅ । (ଚିତ୍ରକୁ ଦେଖ)
- ସେଥିରେ ନାକ, ଆଖିର ଚିହ୍ନ ଦିଅ ବା ଆଙ୍କ । ଏଭଳି କଲେ ନାକର ଦୁଇପାଖ, ଦୁଇପାଖ ଆଖି ଓ କାନ ସମାନ ମାପର ହୋଇପାରିବ । ଏଥିରେ ଆଖି, ନାକ, କାନର ଚିତ୍ର ଓ ଶୈଳୀ କିମ୍ବା ଅତି ଆବଶ୍ୟକୀୟ ଗୁଣ ବା ଅଂଶ ଆଙ୍କିପାର ।
- ଅଠା ଓ ରଙ୍ଗୀନ୍ କାଗଜ ସାହାଯ୍ୟରେ ମୁହଁର ଅଧିକ ତଥା ବିଶେଷ ଗୁଣଗୁଡ଼ିକୁ ସୃଜନଶୀଳ ଭାବେ ଯୋଗ କର ।
- କାର୍ଡ଼ବୋର୍ଡ଼ଟିକୁ ମୋଡ଼ି ମୁହଁ ଆକାରର କରିବା ପାଇଁ ସେଥିରୁ ଗୋଟିଏ କୋଣ କାଟି ବାହାର କରିଦିଅ ଏବଂ ସେଥିରେ ଅଠା ଲଗାଇଦିଅ ।
- କାନ ପାଖରେ ଦୁଇଟି ଛୋଟ କଣା କରିଦେଲେ ସୂତା କିମ୍ବା ଇଲାଷ୍ଟିକ୍ ବାନ୍ଧିବା ପାଇଁ ସୁବିଧା ହେବ ।



କାଗଜକୁ ମଝିରୁ ମୋଡ଼ି ସେଥିରେ ବାହ୍ୟ ସୀମାରେଖା ଅଙ୍କନ କର ।



କଇଁଚିରେ ବାହ୍ୟ ସୀମାରେଖା ଅନୁସାରେ କାଟ ।



କାର୍ଡ଼ବୋର୍ଡ଼କୁ ସାମାନ୍ୟ ବଙ୍କେଇବା ପାଇଁ ଟେବୁଲ୍ ଧାର ବ୍ୟବହାର କର ।



ରଙ୍ଗ, କଉଡ଼ି, ସାମୁକା, ପକ୍ଷୀଙ୍କ ପର, କାଇଁଚ କିମ୍ବା ତମେ ଚାହୁଁଥିବା ଅନ୍ୟାନ୍ୟ ଉପକରଣ ସାହାଯ୍ୟରେ ମୁଖାକୁ ସଜାଅ ।



https://withteachers.in/



**କାଗଜମୁଖା (ପୂର୍ଣ୍ଣାଙ୍ଗ) :** (ପୁରୁଣା ଖବର କାଗଜ, ଗୋଟେ ବେଲୁନ୍, ଅଠା, କଇଁଚି, ରଙ୍ଗ - )

- କିଛି କାଗଜ ବା ଖବର କାଗଜକୁ ଖଣ୍ଡ ଖଣ୍ଡ କରି ଚିରି ପାଣିରେ ଭିଜାଅ । ଏହାକୁ ଅତି ଯତ୍ନର ସହିତ ବେଲୁନ୍ ଉପରେ ଚିକ୍‌କଣ ଭାବେ ପକାନ୍ତୁ ।
- ଚିତ୍ରରେ ଯେପରି ଦର୍ଶା ଯାଇଛି ସେହିପରି ଅଧା ବେଲୁନ୍‌କୁ କାଗଜଦ୍ୱାରା ଆବୃତ କର । କାଗଜ ଗୁଡ଼ିକ ବେଲୁନ୍‌ର ସୀମା ଉପରେ ଲାଗି ରହିବ । ମୁହଁରେ ଅନ୍ୟ କିଛି ବିଶେଷ ଗୁଣ ଚିହ୍ନ ସୃଷ୍ଟି କରିବା ପାଇଁ ପୁଣି ଓଦା କାଗଜ ବେଲୁନ୍ ଉପରେ ପ୍ରୟୋଗ କର ।
- ବେଲୁନ୍ ଉପରର କାଗଜ ସମ୍ପୂର୍ଣ୍ଣ ଶୁଖିଗଲା ପରେ, ପୁଣି ଓଦା କାଗଜ ପ୍ରୟୋଗ କରି ଶୁଖିବାକୁ ଅପେକ୍ଷା କର । ପୁଣି ଓଦା କାଗଜ ଲଗାଅ ତମେ ଚାହୁଁଥିବା ମୁଖା ତିଆରି ହେବା ପର୍ଯ୍ୟନ୍ତ । ଏଥିପାଇଁ ପ୍ରାୟ ତିନି ଦିନ ଲାଗିଯାଇପାରେ ।
- ଏବେ ବେଲୁନ୍‌ଟିକୁ ଫଟେଇଦିଅ । ତମେ ଚାହୁଁଥିବା ମୁଖାଟି ପାଇଯିବ ।
- ଏବେ ମୁଖାକୁ ଚରିତ୍ର ଅନୁଯାୟୀ ରଙ୍ଗ କର, ଭିନ୍ନଭିନ୍ନ ରଙ୍ଗ ବ୍ୟବହାର କରି ଭିନ୍ନଭିନ୍ନ ଭାବ ଓ ଅଭିବ୍ୟକ୍ତି ସୃଷ୍ଟି କରି ମୁଖାକୁ ବ୍ୟବହାର କର ।

ବିଭିନ୍ନ ଉଦ୍ଦେଶ୍ୟରେ ମୁଖା ବ୍ୟବହାର କରାଯାଇପାରେ । ପରିବେଷଣ କଳାରେ ବିଭିନ୍ନ ସଂସ୍କୃତି ଓ ନାଟ୍ୟ ପରମ୍ପରା ଅନୁଯାୟୀ ମୁଖାର ବ୍ୟବହାର ଭିନ୍ନଭିନ୍ନ ହୋଇଥାଏ । ପରିବେଷଣ କଳାର ଚରିତ୍ର ଚିତ୍ରଣ ହେଉ ବା ସାଂସ୍କୃତିକ ପ୍ରତୀକ ହେଉ କିମ୍ବା ଅନ୍ୟ କିଛି ଗଭୀର ଅର୍ଥ ସୃଷ୍ଟି ପାଇଁ ମୁଖା ଏକ ଶକ୍ତିଶାଳୀ ଓ ବହୁମୁଖୀ ଉପକରଣ । ଭାରତ ବର୍ଷରେ ପ୍ରାୟ ୫୦ ପ୍ରକାରର ଶାସ୍ତ୍ରୀୟ ମୁଖା ଦେଖିବାକୁ ମିଳେ ।



ବେଲୁନ ଉପରେ ଓଦା କାଗଜ ଖଣ୍ଡ ୫-୬ ପରସ୍ତର । ଶେଷ ପରସ୍ତଟି ଅଠାରେ ଲଗାଯିବ ।



ସମ୍ପୂର୍ଣ୍ଣ ଶୁଖିଗଲା ପରେ ବେଲୁନ୍‌କୁ ଫଟେଇ ବାହାର କରିଦିଅ ।



ଜଣେ ବୟସ୍କଙ୍କର ସାହାଯ୍ୟରେ ବାହ୍ୟ ସୀମାରେଖା ଗୁଡ଼ିକୁ କାଟି ସଠିକ୍ ରୂପ ଓ ଆକାର ଦିଅ ।



ରଙ୍ଗ କିମ୍ବା ଅନ୍ୟ କୌଣସି ଉପାଦାନ ସାହାଯ୍ୟରେ ଏହାକୁ ସଜାଅ ।



https://withteachers.in/

## ଦଳଗତ କ୍ରିୟା କଳାପ

- ୩-୪ ଜଣ ଛାତ୍ରଙ୍କର ଗୋଟିଏ ଲେଖାଏଁ ଦଳ ଗଠନ କର ।
- ନବରସରୁ ଗୋଟିଏ ରସ ନିଅ ।
- ତୁମ ସ୍ଥାନୀୟ ସଂସ୍କୃତିର ଗୋଟେ ଶୈଳୀ ଚିହ୍ନଟ କର ।
- ସେହି ରସର ଏକ ମୁଖା ତୁମ ସ୍ଥାନୀୟ ସାଂସ୍କୃତିକ ଶୈଳୀରେ ତିଆରି କର ।

**ଟିପ୍ପଣୀ :** ତୁମେ କ'ଣ ତିଆରି କରିବ ବାଛ -

- କାର୍ଡ୍‌ବୋର୍ଡ୍‌ର ସଂପୂର୍ଣ୍ଣ ମୁଖା
- ବେଲୁନ୍ ଦ୍ୱାରା କାଗଜମୁଖା

### ଉଦାହରଣ

**ସଂସ୍କୃତି :** ଏଥିରେ ଆଦିବାସୀ ଶୈଳୀ ଏବଂ ମହାରାଷ୍ଟ୍ରର ୱାର୍‌ଲି ଚିତ୍ରକଳା ରହିଛି ।

**ରସ :** ଭ୍ରୁଲତା ଓ ଆଖିରୁ କ୍ରୋଧ ବା ରୌଦ୍ର ରସ ଦେଖିବାକୁ ମିଳୁଛି ।



ଏଠାରେ କେତେକ ଉଦାହରଣ ଦିଆଯାଇଛି-

| ଭାବ ପ୍ରଦର୍ଶନ | |
|---|---|
|  ଆନନ୍ଦ |  କ୍ରୋଧ |

| ସଂସ୍କୃତି ପ୍ରଦର୍ଶନ | |
|---|---|
|  ପୁରୁଲିଆ ଛଉ (ପଶ୍ଚିମ ବଙ୍ଗ) |  ଚାମ୍ (ଲଦାକ୍) |





https://withteachers.in/



# ଅଧ୍ୟାୟ-୧୭ : ଆସ ସଜାଇବା

## ମଞ୍ଚ କୌଶଳ ୧

ସାଜସଜ୍ଜା ରାଇଜରେ
ଗପ କହେ ରୂପ ସଜ୍ଜା
ମୁହଁରେ ତୂଳୀର ପରଶ
ଖୋଲି ଦିଏ ଭାବର ଓଢ଼ଣା
ପୋଷାକରେ ଆବୃତ୍ତ ଝଲମଲ ଚରିତ୍ର
ମଞ୍ଚରେ ମଞ୍ଚକଳା ସୁସଜ୍ଜିତ କରେ
ଏକ ସ୍ୱର୍ଗୀୟ ଦୃଶ୍ୟକାବ୍ୟ ।

### ବିଷୟ ପ୍ରବେଶ

- ରୂପସଜ୍ଜା ଓ ପୋଷାକ ତିଆରି ।
- ମଞ୍ଚ
- ନାଟ୍ୟ ରଚନା

## ଦୃଶ୍ୟ : ୩ ନାଟ୍ୟ ପ୍ରଯୋଜନା

ଆମେ ଦେଖୁ ଯେ, ଗୋଟିଏ ସଫଳ ନାଟକରେ ସମସ୍ତେ ଅଭିନେତାମାନଙ୍କୁ ପ୍ରଶଂସା କରନ୍ତି । କିନ୍ତୁ, ଅଭିନେତାମାନଙ୍କର ଦର୍ଶକଙ୍କ ଉପରେ ପୂର୍ଣ୍ଣ ପ୍ରଭାବ ବିସ୍ତାର ନିମନ୍ତେ ଆହୁରି ଅନେକ ବିଭାଗର ପ୍ରଚେଷ୍ଟା ଓ କର୍ମ ମହତ୍ତ୍ୱପୂର୍ଣ୍ଣ । ଆମେ ବର୍ତ୍ତମାନ ନିମ୍ନୋକ୍ତ ବିଭାଗ ଗୁଡ଼ିକୁ ଆବିଷ୍କାର କରିବା -

- ରୂପସଜ୍ଜା
- ପୋଷାକ ତିଆରି
- ମଞ୍ଚର ଅଂଶ ବିନ୍ୟାସ-ବିଭାଜନ

ତୁମର ମୁହଁକୁ ହିଁ ଦର୍ଶକମାନେ ପ୍ରଥମେ ଦେଖି ତୁମ ବିଷୟରେ ଜାଣନ୍ତି । ଜଣେ ଅଭିନେତା ମଞ୍ଚ ଉପରେ ବିଶ୍ୱସନୀୟ ରୂପେ ଦେଖାଯିବା ପାଇଁ ସର୍ବ ପ୍ରଥମେ ରୂପସଜ୍ଜାକୁ ଗୁରୁତ୍ୱ ଦିଆଯାଇଥାଏ ।

### ରୂପସଜ୍ଜା

ଅଭିନେତାମାନଙ୍କ ମୁହଁରେ ରଙ୍ଗ ଲାଗିଥିବା ତୁମେ କେବେ ଦେଖିଛ ? କେହି କେହି ଭଲ ଦେଖାଯାଆନ୍ତି ତ ଆଉ କେହି କେହି ଭୟଙ୍କର ଆଉ କେହି କେହି ମଜାଳିଆ ଦେଖାଯାଆନ୍ତି । ଏହା ମୁଖ ବା ରୂପ ସଜ୍ଜା ଦ୍ୱାରା ହିଁ ସମ୍ଭବ ହୋଇପାରିଥାଏ । ନାଟକର ଭୂମିକା ବା ଚରିତ୍ର ଅନୁସାରେ ଏହାସବୁ ଆଗରୁ ଯୋଜନା କରାଯାଇଥାଏ । ମଞ୍ଚରେ ଅଭିନୟ କରୁଥିବା ସମସ୍ତ ଅଭିନେତା, ପୁରୁଷ, ନାରୀ, ବୟସ ଏବଂ ଗୋଷ୍ଠୀ ନିର୍ବିଶେଷରେ ରୂପ ସଜ୍ଜା ନେବା ଆବଶ୍ୟକ ।

ତମେ ପଚାରିପାର, କିନ୍ତୁ କାହିଁକି ? କାହିଁକି ରୂପ-ସଜ୍ଜା ଆବଶ୍ୟକ ? ଆମେ ଦୈନନ୍ଦିନ ଜୀବନରେତ ଏପରି ମୁହଁକୁ ସଜାଇ ନଥାଉ ତେବେ ଏହା ମଞ୍ଚପାଇଁ ଏତେ ଆବଶ୍ୟକ ହୁଏ କାହିଁକି ?



https://withteachers.in/



ଏଇ ହେଲା ତୁମ ଉତ୍ତର –

୧. **ସ୍ପଷ୍ଟ ଏବଂ ଦୂରକୁ ଦେଖାଯିବାକୁ :** ମୁଖ ବା ରୂପ ସଜ୍ଜା ମୁହଁର ଗୁଣକୁ ବୃଦ୍ଧି କରି ଏହାର ଭାବ ଓ ଅଭିବ୍ୟକ୍ତିକୁ (ଅଭିନୟକୁ) ବହୁ ଦୂରକୁ ଦେଖାଇବାରେ ସାହାଯ୍ୟ କରିଥାଏ । ଦୂରରେ ବସିଥିବା ଦର୍ଶକମାନେ ଏହାକୁ ଦେଖିପାରନ୍ତି ।

୨. **ରୂପାନ୍ତର :**
ରୂପସଜ୍ଜା ଅଭିନେତାଙ୍କ ଚରିତ୍ରକୁ ରୂପାନ୍ତରିତ କରିବାରେ ଏକ ଶକ୍ତିଶାଳୀ ଉପକରଣ । ଏହା ଅଭିନେତାଙ୍କୁ ବୃଦ୍ଧ, ଯୁବକ କିମ୍ବା ଭୂମିକା ପାଇଁ ଆବଶ୍ୟକ ଅନ୍ୟ କୌଣସି ଅଂଶକୁ ସଜାଇବା ସହିତ ଅଭିନୟର ସର୍ବାଙ୍ଗୀନ ବିଶ୍ୱାସନୀୟତା ବୃଦ୍ଧି କରିଥାଏ ।

୩. **ମୁଖର ଅଭିବ୍ୟକ୍ତିକୁ ପ୍ରଗାଢ଼ କରିବା :**
ରୂପସଜ୍ଜା, ଆଖି, ପାଟି ଆଦି ମୁହଁର ମୁଖ୍ୟ ଅଂଶ ଗୁଡ଼ିକୁ ରୂପସଜ୍ଜା ମାଧ୍ୟମରେ ଗୁରୁତ୍ୱପୂର୍ଣ୍ଣ କରାଇବାରେ ସାହାଯ୍ୟ କରିଥାଏ । ଫଳରେ ମୁହଁର ସୂକ୍ଷ୍ମାତିସୂକ୍ଷ୍ମ ଭାବ ମଧ୍ୟ ଦର୍ଶକମାନଙ୍କୁ ଦେଖାଯାଏ ।

୪. **ଆଲୋକ ସହିତ ସମନ୍ୱୟ :**
ମଞ୍ଚ ଆଲୋକ ଉଜ୍ଜ୍ୱଳ ହୋଇପାରେ ଏବଂ ଅଭିନେତା ବା ଚରିତ୍ରମାନଙ୍କ ଚର୍ମର ପ୍ରାକୃତିକ ରଙ୍ଗକୁ ବିକୃତ ବିବର୍ଣ୍ଣ କରିବାର ସମ୍ଭାବନା ଥାଏ । ଅଭିନେତାମାନେ ମଞ୍ଚ ଆଲୋକରେ ଅତି ଧଳା ଦେଖାଯିବା ଯିବା କିମ୍ବା ସମ୍ପୂର୍ଣ୍ଣ କଳା ଦେଖା ନ ଯିବାପାଇଁ ରୂପସଜ୍ଜା ପ୍ରଦାନ କରାଯାଇଥାଏ ।

୫. **ଐତିହାସିକ ଏବଂ ନାଟକୀୟ ଶୈଳୀ :**
ବିଭିନ୍ନ ନାଟକରେ ଶୈଳୀର ଆବଶ୍ୟକତା ଅନୁଯାୟୀ ରୂପସଜ୍ଜା କରାଯାଇଥାଏ । ସେହି ଶୈଳୀମାନଙ୍କ ସହିତ ସମନ୍ୱୟ ରକ୍ଷା କରିବା ପାଇଁ ରୂପସଜ୍ଜା ଆବଶ୍ୟକ ହୋଇଥାଏ । ଏହା ଅଭିନେତାଙ୍କୁ ନିର୍ଦ୍ଦିଷ୍ଟ ସମୟ ସୀମା, ସଂସ୍କୃତି କିମ୍ବା ନିର୍ଦ୍ଦେଶକଙ୍କ ମନରେ ଥିବା ଅତିକାଳ୍ପନିକ ଜଗତ ସହିତ ଯୋଡ଼ି ଦେଇ ପାରିଥାଏ ।

ମୌଳିକ ଭାବରେ ଜଣେ ମଞ୍ଚ ଅଭିନେତା ସୁନ୍ଦର ଦେଖାଯିବାକୁ କିମ୍ବା ସୌନ୍ଦର୍ଯ୍ୟବୋଧ ଦୃଷ୍ଟିରୁ ତାଙ୍କର ରୂପସଜ୍ଜା କରାଯାଇ ନ ଥାଏ । ଯେହେତୁ ଏହା ଗୋଟିଏ ନାଟ୍ୟ ପରିବେଷଣର ସଫଳତା ନିମନ୍ତେ ବହୁ ଭାବରେ ସହଯୋଗ କରିଥାଏ ତେଣୁ ଏହା ଏକ ପ୍ରୟୋଗାତ୍ମକ ଏବଂ କଳାତ୍ମକ ଆବଶ୍ୟକତା । ଗୋଟେ ନାଟ୍ୟ ପ୍ରଯୋଜନାରେ ଏହା ଅଭିନେତାମାନଙ୍କୁ ଦର୍ଶକମାନଙ୍କ ସହିତ ମନଲାଖି ସମ୍ପର୍କ ସ୍ଥାପନ କରିବାରେ, ଚରିତ୍ର ଚିତ୍ରଣରେ ଏବଂ ସମ୍ପୂର୍ଣ୍ଣ ଦୃଶ୍ୟର ପ୍ରଭାବ ସୃଷ୍ଟି ନିମନ୍ତେ ମଧ୍ୟ ସହଯୋଗ କରିଥାଏ ।


ନାଟକ ଏବଂ ଭୂମିକାର ଆବଶ୍ୟକତା ଅନୁସାରେ ବିଭିନ୍ନ ପ୍ରକାରର ରୂପସଜ୍ଜା ରହିଛି ।

- **ସିଧାସଳଖ ରୂପସଜ୍ଜା :** ମୁହଁର ମୌଳିକ ଅଂଶଗୁଡ଼ିକୁ ସାଧାରଣ ଭାବେ ପ୍ରଗାଢ଼ କରିବା ।
- **ଚାରିତ୍ରିକ ରୂପସଜ୍ଜା :** ବୟସ, ବୃତ୍ତି, ବ୍ୟକ୍ତିତ୍ୱ ଏବଂ ପରିସ୍ଥିତିର ଗୁଣ ଚିହ୍ନମାନଙ୍କୁ ଦର୍ଶା ଯାଇଥାଏ ।
- **ସ୍ୱତନ୍ତ୍ର ରୂପସଜ୍ଜା :** ମୁହଁରେ ଖଣ୍ଡିଆ ହେବା, ଘା' ହେବା, କଟା ଚିହ୍ନ ବା ମୁଣ୍ଡରେ ଶିଂଘ ଆଦି ଖଞ୍ଜିବାକୁ ସ୍ୱତନ୍ତ୍ର ରୂପସଜ୍ଜା କୁହାଯାଏ ।



https://withteachers.in/

ଉପରୋକ୍ତ ବର୍ଣ୍ଣନାକୁ ଆଧାର କରି ଚିତ୍ର ଗୁଡ଼ିକୁ ଦେଖି କେଉଁ ପ୍ରକାରର ରୂପସଜ୍ଜା ହୋଇଛି ଚିହ୍ନଟ କର ଓ ଲେଖ



- **ଅତିକାଳ୍ପନିକ ବା ଭାବାତ୍ମକ ରୂପସଜ୍ଜା :** ଏଭଳି ରୂପସଜ୍ଜା ମୁହଁରେ ବିଭିନ୍ନ ଅସାଧାରଣ ରଙ୍ଗର ପ୍ରଲେପ ଦେଇ ସ୍ୱତନ୍ତ୍ର ଅପରିଚିତ ଚରିତ୍ର ସୃଷ୍ଟି କରିଥାଏ ।
- **ମୁକାଭିନୟ ବା ଢାଞ୍ଚା ଅନୁଯାୟୀ ରୂପସଜ୍ଜା :** ଏଭଳି ରୂପସଜ୍ଜା ଦ୍ୱାରା ମୁହଁ ବଳିଷ୍ଠ, ଆକର୍ଷଣୀୟ ତଥା ନିରପେକ୍ଷ ବା ଭାବଲେସ ଶୂନ୍ୟ ମନେ ହୋଇଥାଏ ।

ସର୍ବ ପ୍ରଥମେ ମୁହଁକୁ ହିଁ ଦର୍ଶକମାନେ ଦେଖିଥାନ୍ତି । ଏହା ପରବର୍ତ୍ତୀ ଗୁରୁତ୍ୱପୂର୍ଣ୍ଣ ଜିନିଷ ହେଲା ପୋଷାକ, ଅଳଙ୍କାର ଓ ହସ୍ତ ଉପକରଣ । ଜଣେ ଅଭିନେତା ପିନ୍ଧିଥିବା ପୋଷାକ ମାଧ୍ୟମରେ ହିଁ ତାଙ୍କ ଚରିତ୍ର ଚିତ୍ରିତ ହୋଇଥାଏ । ତେଣୁ ମଞ୍ଚରେ ଅଭିନୟ କରୁଥିବା ସମସ୍ତ ଚରିତ୍ରମାନଙ୍କ ନିମନ୍ତେ କ'ଣ ଜରୁରୀ –

**ପୋଷାକ :** ଆମେମାନେ ଭିନ୍ନଭିନ୍ନ ସ୍ଥାନ ଓ ସମୟରେ ଭିନ୍ନଭିନ୍ନ ପୋଷାକ ପିନ୍ଧିଥାଉ । ତୁମେ ଘରେ ପିନ୍ଧୁଥିବା ପୋଷାକଠାରୁ ତୁମର ସ୍କୁଲ ପୋଷାକ ଭିନ୍ନ ହୋଇଥାଏ । ସେହିଭଳି ଗାଁ'ରେ ଗୋଟେ ଉତ୍ସବରେ ମନ୍ଦିର ଯିବାକୁ ଯେଉଁ ପୋଷାକ ପିନ୍ଧିଥାଅ ତାହା ମଧ୍ୟ ରାତିରେ ଶୋଇବା ସମୟର ପୋଷାକଠାରୁ ଅଲଗା ହୋଇଥାଏ । ଠିକ୍ ତ ?

ଠିକ୍ ସେମିତି ନାଟକର ଚରିତ୍ରମାନେ ବିଭିନ୍ନ ଚରିତ୍ରପାଇଁ ବିଭିନ୍ନ ପ୍ରକାରର ପୋଷାକ ପିନ୍ଧିଥାନ୍ତି । ଏହା ନାଟକର ଚରିତ୍ରମାନଙ୍କୁ ଚିହ୍ନି ସେମାନଙ୍କ ସହିତ ସମ୍ପର୍କ ସ୍ଥାପନ କରିବାପାଇଁ ଦର୍ଶକମାନଙ୍କୁ ସାହାଯ୍ୟ କରିଥାଏ ।

ଯେହେତୁ ବିଭିନ୍ନ ପ୍ରକାରର ପୋଷାକ ଅଛି ଆମକୁ ତାହା ଭିତରୁ ଆମ ଆବଶ୍ୟକତା ଅନୁସାରେ ବାଛିବାକୁ ପଡ଼େ । ଚରିତ୍ର ଗଠନ ପାଇଁ କେଉଁ ପୋଷାକ ଆବଶ୍ୟକ ସେ କଥା ପ୍ରଥମେ ନିଷ୍ପତ୍ତି ନେବାକୁ ପଡ଼ିବ । ପୋଷାକ ତିଆରି ଆରମ୍ଭ କରିବାପାଇଁ ଏଠାରେ କେତେକ କଥା ଲେଖାଯାଉଛି – ଏହି ବିଭାଗ ଅନୁସାରେ ପୋଷାକ ତିଆରି କରାଯାଏ ।

- **ପୁରୁଷ ଓ ନାରୀଙ୍କପାଇଁ ପୋଷାକ :** ପୁରୁଷ ଓ ନାରୀମାନଙ୍କ ପାଇଁ ଅଲଗା ଅଲଗା ପୋଷାକ ତିଆରି ହୋଇଥାଏ ।
- **ଚରିତ୍ରଙ୍କ ବୟସ :** ଚରିତ୍ରମାନେ ନିଜର ବୟସ ଅନୁସାରେ ପୋଷାକ ପିନ୍ଧିଥାନ୍ତି ।
- **ନାଟକର ସମୟ :** ଗୋଟିଏ ସଂସ୍କୃତିର ପୋଷାକ ପରିଚ୍ଛଦ ସମୟ ଅନୁସାରେ ରୂପ ନେଇ ସମୟର ଅଗ୍ରଗତି ସହିତ ବଦଳି ଚାଲେ । (ଜିନ୍ ପ୍ୟାଣ୍ଟ୍ ବା ଅନ୍ୟ କୌଣସି ପ୍ୟାଣ୍ଟ୍ ମହାରାଜା ଶିବାଜୀଙ୍କ ସମୟରେ ନ ଥିଲା ।)
- **କାହାଣୀର ଭୌଗୋଳିକ ଅବସ୍ଥିତି :** ଭିନ୍ନ ଭିନ୍ନ ସ୍ଥାନ ତଥା ଦେଶ ଓ ଭିନ୍ନଭିନ୍ନ ସଂସ୍କୃତି ସହିତ ପୋଷାକ ଜଡ଼ିତ ହୋଇଥାଏ । (କର୍ଣ୍ଣାଟକର ବା ଆମ ଓଡ଼ିଶାର ପାରମ୍ପାରିକ ପୋଷାକ ଆମ ପଡ଼ୋଶୀ ରାଜ୍ୟ ବଙ୍ଗଳାର ପାରମ୍ପାପରିକ ପୋଷାକଠାରୁ ଭିନ୍ନ ହୋଇଥାଏ ।)
- **ଚରିତ୍ରର ବୃତ୍ତି :** ପୋଲିସ, ସୈନିକ, ଓକିଲ ଓ ଡାକ୍ତରଙ୍କ ପୋଷାକ ଅଲଗା ଅଲଗା ହୋଇଥାଏ ।



https://withteachers.in/



- **ଚାରିତ୍ରିକ ଗୁଣ :** ଚାରିତ୍ରିକ ଗୁଣ ଅନୁସାରେ ଜଣେ ମଇଳା କିମ୍ବା ସଫା, ସୁନ୍ଦର ପୋଷାକ ପିନ୍ଧିଥାନ୍ତି ।

**ଉପରୋକ୍ତ ଉପାଦାନଗୁଡ଼ିକୁ ଆଧାର କରି କି ଭଳି ଭାବରେ ପୋଷାକ ତିଆରି ହେବ :**

**କନା ବା ଉପାଦାନ :** ନାଟକର ସମୟ ଓ ଭୌଗୋଳିକ ଅବସ୍ଥିତି ବା ସ୍ଥାନକୁ ମିଶାଇ ପୋଷାକ ତିଆରି କରାଯାଏ । (କାହାଣୀଟି ପ୍ରାଚୀନ ଭାରତର ହିମାଳୟରେ ବର୍ଣ୍ଣିତ ହୋଇଥିଲେ ସେଠାକାର ଚରିତ୍ରମାନଙ୍କୁ ସିନ୍ଥେଟିକ୍ ସିଫନ୍ ପୋଷାକ ପିନ୍ଧାଇବା ସମ୍ଭବ ନୁହେଁ । କାରଣ ପ୍ରାଚୀନ ଭାରତରେ ସିଫନ୍ କନା ନ ଥିଲା ଏବଂ ଏହି କନା ହିମାଳୟର ଶୀତ ପାଗ ସହିତ ଖାପ ଖାଇବ ନାହିଁ ।)

**ରଙ୍ଗ :** ରଙ୍ଗ ଅନେକ କଥା ସୂଚାଇ ଦିଏ । ଯେମିତିକି :

- ସମୟସୀମା (ବୈଦିକ ସଭ୍ୟତାର ଏକ ଦୃଶ୍ୟ ନିମନ୍ତେ ନିଅନ୍ ନୀଳ ରଙ୍ଗ ସାଧାରଣତଃ ବ୍ୟବହାର କରାଯାଏ ନାହିଁ ।)
- ଚରିତ୍ରର ପୋଷାକରେ ଥିବା ପ୍ରତ୍ୟେକ ରଙ୍ଗ ଅର୍ଥ ପ୍ରକାଶ କରିଥାଏ । (ଖଳ ଚରିତ୍ରର ପୋଷାକରେ କଳା ରଙ୍ଗ ବ୍ୟବହାର ହୋଇଥାଏ ।)
- ସଂସ୍କୃତି ଅନୁସାରେ ରଙ୍ଗ ବ୍ୟବହାର ହୋଇଥାଏ । (ଦୁଃଖ କିମ୍ବା ଶବ ସତ୍କାର ସମୟରେ ନାଲି ରଙ୍ଗ ବ୍ୟବହାର କରାଯାଏ ନାହିଁ ।)

**ଶୈଳୀ ଓ ପ୍ରଣାଳୀ :** କେତେ ପ୍ରକାରର ପୋଷାକ ଥାଏ ଯାହା କେବଳ ରାଜକୀୟତା ନିମନ୍ତେ ଉପଯୁକ୍ତ । ଆଉ କେତେକ ପୋଷାକ ଆଦିବାସୀ ବା ଜନଜାତିମାନଙ୍କ ପାଇଁ ହୋଇଥିବାବେଳେ ଆଉ କେତେ ଗ୍ରାମ ପରିବେଶ ସାଙ୍ଗେ ମିଶି ରହିଥାଏ ।

**ଅଳଙ୍କରଣ :** ଅଳଙ୍କାର, ଉପକରଣ ଯେମିତିକି ମୁକୁଟ, ଓଢ଼ଣୀ, ଅଣ୍ଟା ବେଲ୍ଟ, ବ୍ୟାଗ୍, କାନଫୁଲ ଏବଂ ଅନ୍ୟାନ୍ୟ ଗହଣାଗାଣ୍ଠି । ଏସବୁ ଚରିତ୍ରର ଗୁଣ ଅନୁସାରେ ଚରିତ୍ରମାନଙ୍କୁ ପିନ୍ଧିବାକୁ ଦିଆଯାଇଥାଏ ।

**ପୋଷାକ ଆଧାରରେ ଚରିତ୍ର ବିଷୟରେ ଯାହା ବୁଝୁଛ ଚିତ୍ରଗୁଡ଼ିକର ନିମ୍ନରେ ଥିବା ସ୍ଥାନରେ ଲେଖ ।**











https://withteachers.in/







## କ୍ରିୟା କଳାପ : ତୁମେ ଡିଜାଇନ୍ କର !

ଡିଜାଇନ୍‌ର ପ୍ରଥମ ପାହାଚ ହେଉଛି ଯୋଜନା ଏବଂ ତାହା ଚିତ୍ର ମାଧ୍ୟମରେ ହୋଇଥାଏ ।


୧. **ରୂପସଜ୍ଜା ପାଇଁ ଯୋଜନା :** ନିମ୍ନରେ ଥିବା ଚରିତ୍ର-ମାନଙ୍କରେ ଚୁଟି,ପଗଡ଼ି ଓ ମୁକୁଟର ଚିତ୍ର ଆଙ୍କି ସେଥିରେ ରୂପସଜ୍ଜା ପାଇଁ ରଙ୍ଗ ଦେଇ ଚରିତ୍ର ଚିତ୍ରଣ କର । ଏହାକୁ ତୁମେମାନେ ତୁମ ଲେଖା ଖାତାରେ ବାରମ୍ବାର ଚେଷ୍ଟା କରିପାରିବା ।

ନିଜ ସ୍ୱାଧୀନ ଇଚ୍ଛାରେ ଏହାକୁ ଯେତେ ସମ୍ଭବ ସୃଜନଶୀଳ ଓ ଆକର୍ଷଣୀୟ କର । ମୁକୁଟ, ପଗଡ଼ି, ଟୋପି ଓ କେଶସଜ୍ଜା ଆଦିର ବ୍ୟବହାର କର । ନିଶ୍ଚିତ ହୁଅ ଯେ ତୁମେ ଏହାକୁ ଏପରି ରୂପ ଦେବ ଯେମିତି କି ପ୍ରକୃତରେ ଏମିତିଆ ଜଣେ ମଣିଷ ଆଗରୁ ଥିଲେ । (ଯେମିତିକି ଗାନ୍ଧୀ, ସୁବାସ ଚନ୍ଦ୍ର ବୋଷ ଇତ୍ୟାଦି) ଏହା ଯେତେ ସମ୍ଭବ ସରଳ କିନ୍ତୁ ସଠିକ୍ ଦେଖାଯିବା ଦରକାର ।

**ଉଦାହରଣ :**

| ଚନ୍ଦ୍ରଗୁପ୍ତ ମୌର୍ଯ୍ୟ | ଲୋକନୃତ୍ୟ ଶିଳ୍ପୀ | ସୁବାସ ଚନ୍ଦ୍ର ବୋଷ | ଚନ୍ଦ୍ର ଦେବ |
|---|---|---|---|
|  |  |  |  |


https://withteachers.in/







**୨. ପୋଷାକ ତିଆରିର ପ୍ରଣାଳୀ :** ଯେଉଁଭଳି ଉପାୟରେ ଆମେ ରୂପସଜ୍ଜା କରିଲେ ସେହିପରି ବର୍ତ୍ତମାନ ପୋଷାକ ମଧ୍ୟ ତିଆରି କରିବା । ତୁମେମାନେ ପୂର୍ବ ଚିତ୍ରରେ ଯେମିତି ଚରିତ୍ରମାନଙ୍କର ରୂପସଜ୍ଜା କଲ ଠିକ୍ ସେହିପରି ନିମ୍ନରେ ଥିବା ଚରିତ୍ରମାନଙ୍କ ନିମନ୍ତେ ପୋଷାକ ପରିକଳ୍ପନା କରି ତିଆରି କର ।

ସମୟସୀମା, କର୍ମ ପ୍ରକୃତି, ରଙ୍ଗ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଜିନିଷ ସବୁକୁ ମନଭିତରେ ରଖ । ଚିତ୍ରରେ ଯେମିତି ଦର୍ଶାଯାଇଛି ସେମିତି ତୁମେ ଚିତ୍ର ଆଙ୍କିପାର କିମ୍ବା କନାକୁ କାଟି ଅଠା ଲଗାଇ ପୋଷାକର ପରିକଳ୍ପନା କରିପାର ।





**ଉଦାହରଣ :**

| ଚନ୍ଦ୍ରଗୁପ୍ତ ମୌର୍ଯ୍ୟ | ଲୋକନୃତ୍ୟ ଶିଳ୍ପୀ | ସୁବାସ ଚନ୍ଦ୍ର ବୋଷ | ଚନ୍ଦ୍ର ଦେବ |
|---|---|---|---|
|  |  |  |  |



https://withteachers.in/

ପୋଷାକ ହେଲା, ରୂପସଜ୍ଜା ସରିଲା କିନ୍ତୁ ତମେ ନାଟ ମଞ୍ଚସ୍ଥ କରିବ କୋଉଠି ?

ପ୍ରଶ୍ନ ଭିତରେ ଉତ୍ତର ରହିଛି !

**ମଞ୍ଚ ବିଷୟରେ ଜାଣିବା କଥା :** ଥିଏଟର ଶବ୍ଦଟି ଗ୍ରୀକ୍ ନାଟକ ମଞ୍ଚସ୍ଥ ହେଉଥିବା ସ୍ଥାନ 'ଥିଏଟ୍ରୋନ୍'ରୁ ଉତ୍ପତ୍ତି ହୋଇଛି ।

## ଗୋଟିଏ ମଞ୍ଚ ଉପରେ !

ତୁମେ ଯେଉଁଠି ଅଭିନୟ କରିବ ତାହାକୁ ମଞ୍ଚ କୁହାଯାଏ । ନାଟକର ଇତିହାସରୁ ଜଣାଯାଏ ଯେ ଅଭିନୟ ପାଇଁ ବହୁତ ପ୍ରକାରର ମଞ୍ଚ ଅଛି ।

ଭାରତୀୟ ନାଟ୍ୟଗୃହ ବା ପ୍ରେକ୍ଷାଗୃହଠାରୁ ଆରମ୍ଭ କରି ପାହାଡ଼ କଟାଯାଇ ତିଆରି ହୋଇଥିବା ଗ୍ରୀକ୍ ଦେଶର 'ଥିଏଟ୍ରୋନ୍' ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ନାଟକ ମଞ୍ଚସ୍ଥ ହୋଇ ଆସୁଛି । ଦୃଶ୍ୟ ସଜ୍ଜିତ ଗ୍ଲୋବ୍ ଥିଏଟର୍ ଠାରୁ ପଥପ୍ରାନ୍ତ ପର୍ଯ୍ୟନ୍ତ ଏବଂ ଶେଷରେ ଆଧୁନିକ ଏକମୁଖୀ ଆବଦ୍ଧ ରଙ୍ଗମଞ୍ଚ, ଯାହାକୁ ପ୍ରୋସିନିୟମ୍ ରଙ୍ଗମଞ୍ଚ ବୋଲି କୁହାଯାଏ । ବର୍ତ୍ତମାନର ନାଟକ ଗୁଡ଼ିକ ସାଧାରଣତଃ ଏହି ପ୍ରୋସିନିୟମ୍ ରଙ୍ଗମଞ୍ଚରେ ପରିବେଷଣ ନିମନ୍ତେ ଲୋକପ୍ରିୟତା ଲାଭ କରିଛି ।

## ପ୍ରୋସିନିୟମ୍ ବା ଏକମୁଖୀ ରଙ୍ଗମଞ୍ଚ :

ଏହି ପ୍ରୋସିନିୟମ୍ ରଙ୍ଗମଞ୍ଚର ଉତ୍ପତ୍ତି ସିଧାସଳଖ ବିଜ୍ଞାନର ଅଗ୍ରଗତି ଓ ବିଦ୍ୟୁତ୍ ଶକ୍ତି ଓ ଆଲୁଅ ବଲ୍‌ବ୍‌ର ଉଦ୍ଭାବନ ସହିତ ଜଡ଼ିତ ।

ପ୍ରାଚୀନ କାଳରେ ଖୋଲା ସ୍ଥାନରେ, ଦିନରେ ସୂର୍ଯ୍ୟଙ୍କ ଆଲୋକରେ କିମ୍ବା ରାତିରେ ବଡ଼ ତେଲଦୀପ କିମ୍ବା ମଶାଲ ଆଲୁଅ ସାହାଯ୍ୟରେ ମଞ୍ଚକୁ ଆଲୋକିତ କରି ନାଟ ମଞ୍ଚସ୍ଥ କରାଯାଉଥିଲା । ପରେ, ବିଦ୍ୟୁତ ଶକ୍ତି ଏବଂ ଆଲୋକ ବଲ୍‌ବ୍ ସାହାଯ୍ୟରେ ଆଲୋକର ଅନେକ ଦିଗ ଓ ପ୍ରଖରତାକୁ ନିୟନ୍ତ୍ରଣ କରାଯାଇ-ପାରିଲା ।

ଏହା ଆବଦ୍ଧ ରଙ୍ଗମଞ୍ଚରେ ନାଟକ ପରିବେଷଣ କରିବାରେ ସହଯୋଗ କଲା । ଯେଉଁଠିକି ଟାଣଖରା, ଥଣ୍ଡା ପବନ କିମ୍ବା ପ୍ରବଳ ବର୍ଷା ନାଟକ ମଞ୍ଚସ୍ଥ ହେବାକୁ ବନ୍ଦ କରିପାରିଲା ନାହିଁ ।

## ମଞ୍ଚର ବିଭିନ୍ନ ଅଂଶ

**ପାର୍ଶ୍ୱ ଉଇଙ୍ଗ୍‌ସ୍ :** ମଞ୍ଚର ଦୁଇ ପାଖରେ ଉପରୁ ତଳକୁ ଝୁଲା ହୋଇଥିବା କଳା ରଙ୍ଗର କନାକୁ ଉଇଙ୍ଗ୍‌ସ୍ କୁହାଯାଏ । ଯାହା ଅଭିନେତାମାନଙ୍କର ମଞ୍ଚ ପ୍ରବେଶ ଓ ପ୍ରସ୍ଥାନରେ ସାହାଯ୍ୟ କରେ ।

**ଆପ୍ରୋନ୍ :** ଏହା ମଞ୍ଚ ସମ୍ମୁଖ ଭାଗରେ ଥିବା ଏକ ଅର୍ଦ୍ଧ ଗୋଲାକାର ଅଂଶ । ଯାହା ମଞ୍ଚରୁ ଦର୍ଶକଙ୍କ ଆଡ଼କୁ ସମ୍ପ୍ରସାରିତ ହୋଇଥାଏ । ଏହି ସ୍ଥାନରେ ଫୁଟ୍ ମାଇକ୍ରୋଫୋନ୍(Foot Microphone) ଓ ଫୁଟ୍ ଲାଇଟ୍ (Foot Light)କୁ ସ୍ଥାପିତ କରାଯାଇଥାଏ ।

**ପ୍ରୋସିନିୟମ୍ :** ଏହା ଏକ ବକ୍ରାକାର ଫ୍ରେମ୍ ଯାହା ପ୍ରୋସିନିୟମ୍ ମଞ୍ଚକୁ ଘେରି ରହିଥାଏ ।

**ସାଇକ୍ଲୋରମା :** ଏହା ଏକ ଖୁବ୍ ଲମ୍ବା ଓ ଉଚ୍ଚା ଈଷତ୍ ନୀଳ କିମ୍ବା ଧଳା ରଙ୍ଗର ମୋଟା ଟାଣୁଆ କନା ଯାହା ମଞ୍ଚର ପଛ ପାଖ କାନ୍ଥକୁ ଲାଗି ମଞ୍ଚର ଗୋଟିଏ ପାଖରୁ ଅନ୍ୟ ପାଖଯାଏ ଲମ୍ବା କରି ବନ୍ଧା ଯାଇଥାଏ । ଏହା ଉପରେ ଆଲୋକ ସମ୍ପାତ କରି ଆକାଶ, ବାଦଲ, ସକାଳ, ସଞ୍ଜ, ପାଣି ଆଦି ସୃଷ୍ଟି କରାଯାଇପାରେ ।



https://withteachers.in/




## ମଞ୍ଚର ବିଭିନ୍ନ ଭାଗ

C - ସେଣ୍ଟର୍ - କେନ୍ଦ୍ର

CR - ସେଣ୍ଟର୍ ରାଇଟ୍ - କେନ୍ଦ୍ରର ଡାହଣ

CL - ସେଣ୍ଟର୍ ଲେଫ୍ଟ - କେନ୍ଦ୍ରର ବାମ

DR - ଅପ୍ ରାଇଟ୍ - ଅଗ୍ରର ଡାହାଣ

UC - ଅପ୍ ସେଣ୍ଟର - ଅଗ୍ରର କେନ୍ଦ୍ର

UL - ଅପ୍ ଲେଫ୍ଟ - ଅଗ୍ରର ବାମ

DR - ଡାଉନ୍ ରାଇଟ୍ - ନିମ୍ନର ଡାହାଣ

DC - ଡାଉନ୍ ସେଣ୍ଟର୍ - ନିମ୍ନର କେନ୍ଦ୍ର

DL - ଡାଉନ୍ ଲେଫ୍ଟ - ନିମ୍ନର ବାମ

**କ୍ରିୟାକଳାପ :**

ଏଥିରେ ଯାହା ଯାହା ଶିକ୍ଷା ଦିଆଯାଇଛି ସେ ସବୁକୁ ଏକାଠି କରି ନିମ୍ନୋକ୍ତ ଅଭ୍ୟାସ ଗୁଡ଼ିକୁ କର ।

୧. ତୁମର ଗୋଟିଏ ଛୋଟିଆ ପ୍ରିୟ କାହାଣୀ ନିଅ ।

୨. ସେଥିରୁ ତୁମର ଦୁଇଟି ଚରିତ୍ରଙ୍କୁ ବାଛି ସେମାନଙ୍କ ପୋଷାକ ଏବଂ ରୂପସଜ୍ଜା ତିଆରି କର । (ନିଜ ମନରୁ ତିଆରି କର । ତମେ ପଢ଼ିଥିବା ଗପ ବହିରୁ ଅନୁକରଣ କର ନାହିଁ)

୩. ଚିତ୍ରରେ ଥିବା ପାର୍ଶ୍ୱ ଉଇଙ୍ଗସ୍ ସହିତ ଥାଇ କାର୍ଡ଼୍‌ବୋର୍ଡ଼୍‌ରେ ଏକ ମଞ୍ଚ ପ୍ରସ୍ତୁତ କର । (ଏହାକୁ ଦଳଗତ ଭାବେ ଗଠନ କରାଯାଇପାରେ)

୪. ମଞ୍ଚରେ ଦୃଶ୍ୟପଟ୍ଟ ଏବଂ ମଞ୍ଚ ଉପକରଣ (ଚୌକି, ଟେବୁଲ୍, ଗଛ, କୁଡ଼ିଆଘର ଆଦି) ରଖି କିଭଳି ଏକ ଦୃଶ୍ୟ ଅଭିନୟ କରିପାରିବ ଯୋଜନା କର ।

ନଚେତ୍ ତୁମ ବହିରେ ଥିବା ଏହାର ଚିତ୍ରଟିକୁ ଆଙ୍କ ।






https://withteachers.in/

## ଦୃଶ୍ୟ ୪ : ଠିକ୍ ଲେଖ

**ଗୋଟିଏ ରଚନା ଗାଳ୍ପିକର ତୂଳୀ,**
**ଶବ୍ଦରେ ପୃଥିବୀର ଚିତ୍ର ଆଙ୍କେ**
**ଚରିତ୍ରମାନଙ୍କୁ ନିମନ୍ତ୍ରଣ କରେ ନାଚିବାକୁ**
**ଏବଂ ଯାଦୁକାରୀ ସୃଷ୍ଟି କରେ**
**ଦର୍ଶକଙ୍କ ମନ ମୋହେ ।**


**କାହାଣୀ**


The Tortoise and the Owl

Once upon a time, in a forest far far away, there lived
tortoise. It had lived for so many years in the same forest that it
everything about it. All the animals came to the wise tortoise for
guidance. The tortoise knew that nobody else in the entire forest
much knowledge as the tortoise.

One day in the same tree as the tortoise lived, there was a
of its hollows. Nobody had heard of that sound befor
They waited and waited for a whole
they saw an OWL!

**ପାଣ୍ଡୁଲିପି କଥପୋକଥନା**


(Scene 1: Kitchen - Day)

(Three children, Ria, Aryan, and Kiaan, are sitting
gadgets. Aji, an elderly woman, is cooking traditional dishes

Aryan: Aji... what boring dish are you making today?

Aji: (excitedly) I'm making akki roti with vegetables. You can eat it
ghee and coconut chutney.

Ria: (rolling eyes) Aji, why do you always cook such old-fashion
something modern for a change?

ଗୋଟିଏ ସୁଦୃଢ଼ କୋଠାପାଇଁ ତାହାର ନିଅଁ ବା ମୂଳଦୁଆ ଗୁରୁତ୍ୱପୂର୍ଣ୍ଣ । ଠିକ୍ ସେମିତି ଗୋଟିଏ ଭଲ ପାଣ୍ଡୁଲିପି ଏକ ସଫଳ ନାଟକର ମୂଳଦୂଆ । ଉପଯୁକ୍ତ ପାଣ୍ଡୁଲିପି ସବୁ ସୃଜନ ଓ ଉନ୍ନତି ନିମନ୍ତେ ଉପଯୁକ୍ତ ଆଧାର ସୃଷ୍ଟି କରିଥାଏ ।

ପ୍ରଥମେ ସାଧାରଣତଃ ନାଟକରେ ବ୍ୟବହାର ହେଉଥିବା ଶବ୍ଦ ବା ବିଶେଷ ଭାବ ପ୍ରକାଶ କରୁଥିବା ପଦ ଗୁଡ଼ିକୁ ବୁଝିବାକୁ ଚେଷ୍ଟା କରିବା । କାହାଣୀ, ନାଟକ, ପାଣ୍ଡୁଲିପି, ସଂଳାପ କ'ଣ ସବୁ ସମାନ ? ନା !

ନାଟକ ହେଉଛି ଜୀବନ୍ତ ଆକାରରେ କୁହାଯାଉଥିବା ଗୋଟିଏ କାହାଣୀ । ଚରିତ୍ରମାନେ ଏଠି ଜୀବନ୍ତ ଭାବେ ଚଳପ୍ରଚଳ ହୁଅନ୍ତି ଓ ନାଟକର ଘଟଣା ଗୁଡ଼ିକ ତୁମ ସମ୍ମୁଖରେ ଘଟିଥାଏ । କିନ୍ତୁ ଏହା ଯେ ପର୍ଯ୍ୟନ୍ତ ରଚିତ ବା ପାଣ୍ଡୁଲିପି ଆକାରରେ ରହିଛି,ସେ ପର୍ଯ୍ୟନ୍ତ ଏହା ଗପ କିମ୍ବା କାହାଣୀ ସହିତ ସମାନ ନୁହେଁ ।

ତା'ହେଲେ ନାଟକର ପାଣ୍ଡୁଲିପି ଓ ଗପ ମଧ୍ୟରେ ପ୍ରଭେଦ କ'ଣ ?

## କ୍ରିୟାକଳାପ (ଶ୍ରେଣୀ ଗୃହରେ)

### କାହାଣୀ ଗଠନର ପ୍ରଣାଳୀ :

ସମସ୍ତେ ଗୋଲାକାର ଭାବେ ବସ (ଗୋଲାକାର ଭାବେ ବସିବାପାଇଁ ସମ୍ଭବ ନ ହେଲେ ନିଜେ ବସିଥିବା ସ୍ଥାନରେ ବସି ରୁହ) ଶିକ୍ଷକ ପ୍ରଥମେ ଗୋଟିଏ ବାକ୍ୟ କହିବେ । ତାହା ପରେ ତୁମେମାନେ ଜଣକ ପରେ ଜଣେ ଗୋଟିଏ ଗୋଟିଏ ବାକ୍ୟ କହି କହି କାହାଣୀଟିଏ ତିଆରି କରିବ । ତୁମ ପୂର୍ବରୁ ତୁମର ଯୋଉ ସାଥୀ କହୁଛନ୍ତି ତାଙ୍କର ଶେଷ ବାକ୍ୟକୁ ଭଲଭାବରେ ମନଦେଇ ଶୁଣ । ତାହାପରେ ଭାବିଚିନ୍ତି ତୁମ ବାକ୍ୟଟି କୁହ । କାହାଣୀଟିକୁ ପୂର୍ଣ୍ଣାଙ୍ଗ କରିବାକୁ ତରବର ହୁଅନାହିଁ । କାହାଣୀଟିକୁ ଆକର୍ଷଣୀୟ ଏବଂ ଜଟିଳ କରିବାକୁ ଚେଷ୍ଟା କର ।

**ପ୍ରାଥମିକ :** ସମସ୍ତେ ଗୋଟିଏ ମାତ୍ର ବାକ୍ୟ କହିବ ଏବଂ ସମସ୍ତେ କହିବାର ସୁଯୋଗ ପାଇବା ଆବଶ୍ୟକ । ଶେଷ ଆଡ଼କୁ ଥିବା ପିଲାମାନେ ନିଶ୍ଚିତ ହେବା ଦରକାର ଯେ ସେମାନେ ଏହି କାହାଣୀକୁ ପୂର୍ଣ୍ଣାଙ୍ଗ କରିବେ ।

**ଆଲୋଚନା :** ଏହା କ'ଣ ଏକ ଆକର୍ଷଣୀୟ କାହାଣୀ ଥିଲା ? ଏହା କୋଉଠି ବିରକ୍ତିକର ଲାଗୁଛି ବୋଲି ତୁମେମାନେ ଭାବୁଛ କି ? ତୁମେମାନେ କହିପାରିବ କି କାହାଣୀ କାହାକୁ କୁହାଯାଏ ? ଏହା କ'ଣ ଏକ ନାଟକର ପାଣ୍ଡୁଲିପି ସହିତ ସମାନ ?

ତୁମେ କାହାଣୀ ଓ ନାଟକର ପାଣ୍ଡୁଲିପି ମଧ୍ୟରେ କ'ଣ କ'ଣ ପ୍ରଭେଦ ଦେଖିଲ ? ତାହା ଭିତରୁ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରଭେଦ ଗୁଡ଼ିକୁ ଉଲ୍ଲେଖ କର ।


https://withteachers.in/

**କାହାଣୀ** ଏକ ରଚନା କିମ୍ବା କେତେକ ଘଟଣାବଳୀ, ଅଭିଜ୍ଞତା କିମ୍ବା ଦୁଃସାହସିକ କାର୍ଯ୍ୟ, ବାସ୍ତବ ବା କାଳ୍ପନିକ ହୋଇଥାଏ । ଏହା ବିଶେଷ କରି କ୍ରମ ଅନୁସାରେ ସୁନ୍ଦର ଭାବେ ଗୁନ୍ଥା ହୋଇଥିବା କେତେଗୁଡ଼ିଏ ଘଟଣାର ସମଷ୍ଟି । ଯାହା ସମୟକ୍ରମେ ଉନ୍ମୋଚିତ ହୋଇଥାଏ । ଏଥିରେ ପ୍ରାୟତଃ ବିଭିନ୍ନ ଆହ୍ୱାନର ସମ୍ମୁଖୀନ ହେଉଥିବା ଚରିତ୍ରମାନେ ସ୍ଥାନ ପାଇଥାନ୍ତି । ଯେଉଁମାନେ କି ରୂପାନ୍ତରିତ ହୁଅନ୍ତି ଏବଂ ନାଟକର ସର୍ବାଙ୍ଗୀନ ଉନ୍ନତିରେ ସାହାଯ୍ୟ କରନ୍ତି ।

**କଥୋପକଥନ** ଦୁଇ କିମ୍ବା ଅଧିକ ବ୍ୟକ୍ତିଙ୍କ ମଧ୍ୟରେ କ୍ରିୟା ପ୍ରତିକ୍ରିୟାର ମୌଖିକ ଆଦାନ ପ୍ରଦାନ । ଏହା ଏକ ସାମାଜିକ ଏବଂ ଭାବପ୍ରକାଶ, ବା ସମ୍ପର୍କ ରକ୍ଷା କରିବାର ପ୍ରଣାଳୀ । ଯେଉଁଠି ଅଂଶ ଗ୍ରହଣକାରୀମାନେ ନିଜ ନିଜର ପାଳି ଅନୁସାରେ ଶୁଣନ୍ତି, କୁହନ୍ତି । ସଂଳାପରେ ବ୍ୟସ୍ତ ରୁହନ୍ତି ଯାହାକି ସାଧାରଣତଃ, ନିୟମାନୁଯାୟୀ କିମ୍ବା ସଙ୍ଗଠିତ ଭାବେ ରଚନା କରାଯାଇଥାଏ ।

ଲକ୍ଷ୍ୟକଲେ ଦେଖାଯାଏ, କାହାଣୀ ପଙ୍କ୍ତି ପରେ ପଙ୍କ୍ତି ବର୍ଣ୍ଣନା ହୋଇଥାଏ । କିନ୍ତୁ ନାଟକ ପାଣ୍ଡୁଲିପିରେ କଥୋପକଥନ ଗୁଡ଼ିକ ରଚିତ ହୋଇଥାଏ ।

ମୁଁ ନିଶ୍ଚିତ ଯେ ତୁମେମାନେ ପ୍ରତିଦିନ ଘରେ, ରାସ୍ତାରେ, ବିଦ୍ୟାଳୟରେ – ସବୁ ଜାଗାରେ ଲୋକମାନେ କଥାବାର୍ତ୍ତା ହେଉଥିବା ଦେଖୁଥିବ ବା ଶୁଣୁଥିବ । ତୁମେ ଦେଖିଥିବା ଏକ ଦୋକାନୀ ଓ ଗରାଖ ମଧ୍ୟରେ କଥାବାର୍ତ୍ତାକୁ ଲେଖ ।

**ଗରାଖ :** ______________________

______________________

**ଦୋକାନୀ :** ______________________

______________________

**ଗରାଖ :** ______________________

______________________

**ଦୋକାନୀ :** ______________________

______________________

ଏହି କଥାବାର୍ତ୍ତାକୁ ଯଦି ଅଧିକ ସମୟ ଧରି ଚଳେଇ ରଖିବାକୁ ଚାହୁଁଛ ତେବେ ତୁମେ ତୁମ ଖାତାରେ ଅଧିକ ଲେଖିରଖ । ତୁମେ ଯେତେ ଅଧିକା ଚାହଁ ସେତେ ଅଧିକା ଲେଖିପାର ।

ଶୁଭେଚ୍ଛା ! ତୁମେ ତୁମ ପ୍ରଥମ ପାଣ୍ଡୁଲିପି ଲେଖିଛ !




ଆମେ ବର୍ତ୍ତମାନ ପରବର୍ତ୍ତୀ ସୋପାନକୁ ଯିବା । ଯଦି ତୁମେ ଯତ୍ନର ସହିତ ଅନୁଧ୍ୟାନ କରିବ ଜାଣିପାରିବ ଯେ ତୁମେ ଯେଉଁ ପାଣ୍ଡୁଲିପି ଲେଖିଛ ତାହା ତୁମେ ଦେଖିଥିବା ନାଟକ କିମ୍ବା ଶୁଣିଥିବା କାହାଣୀଠାରୁ ଭିନ୍ନ । କ'ଣ ସେଥିରେ ଅଭାବ ଅଛି ?




https://withteachers.in/

**ଆସ ନାଟକର ପାଣ୍ଡୁଲିପି ବା କାହାଣୀର ତିନିଗୋଟି ସ୍ତର ବିଷୟରେ ଜାଣିବା ।**

| ଆରମ୍ଭ | ମଧ୍ୟ | ସମାପ୍ତ |
|---|---|---|
| କୋଉମାନେ ଚରିତ୍ର ?<br>କୋଉଠୁ ଓ କେତେବେଳେ ?<br>ଚରିତ୍ରମାନେ କ'ଣ ଚାହାନ୍ତି ? | ତାଙ୍କ ମଧ୍ୟରେ କ'ଣ ସମସ୍ୟା ରହିଛି ?<br>ତାଙ୍କ ମଧ୍ୟରେ କ'ଣ କ'ଣ ସବୁ ଘଟୁଛି ?<br>ସେମାନେ ଏହା ପ୍ରତି କି ଭଳି ପ୍ରତିକ୍ରିୟା ପ୍ରକାଶ କରନ୍ତି ? | ସମସ୍ୟାର ସମାଧାନ ହେଲା କି ?<br>କିଏ ଏବଂ କେମିତି ସମସ୍ୟାର ସମାଧାନ କଲା ?<br>ଶେଷ ପରିଣତି ବା ପରିସମାପ୍ତି କ'ଣ ହେଲା ? |






**ଆରମ୍ଭ**
ଠେକୁଆ ଓ କଇଁଚ ଦୌଡ଼ୁଛନ୍ତି ।



**ମଧ୍ୟ**
ଠେକୁଆ ବିଶ୍ରାମ ନିଏ ।
କଇଁଚ ତାକୁ ଅତିକ୍ରମ କରିଯାଏ ।



**ସମାପ୍ତ**
ଦୌଡ଼ରେ କଇଁଚ ଜିତିଯାଏ ।
ଠେକୁଆ ନିରାଶ ହୁଏ ।

ତୁମେମାନେ ଯଦି ମଧ୍ୟକୁ ଲକ୍ଷ୍ୟ କରିବ ସେଠି 'ସମସ୍ୟା' ଉପୁଜୁଛି । ଏହା ଗୋଟିଏ କାହାଣୀ ବା ପାଣ୍ଡୁଲିପିର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଅଂଶ । ଏହାକୁ ଦ୍ୱନ୍ଦ୍ୱ କୁହାଯାଏ ।

ଠେକୁଆ କଇଁଚ ପରି ଲୋକପ୍ରିୟ ଗପରେ ଦ୍ୱନ୍ଦ୍ୱ କିପରି ବ୍ୟବହାର ହୋଇଛି ତାହାର ଏହି ନିଦର୍ଶନ ଦିଆଯାଇଛି ।

**ଦ୍ୱନ୍ଦ୍ୱ** – ଏହା ଚରିତ୍ରମାନଙ୍କ ମଧ୍ୟରେ ସଂଘର୍ଷ, ବିବାଦ ଓ ମତାନ୍ତର ଆଦି ଉପାଦାନ ଯାହା ନାଟକର ଗତିରେ ବାଧା ବିଘ୍ନ ସୃଷ୍ଟି କରେ ଏବଂ କାହାଣୀକୁ ଆଗକୁ ଆଗେଇ ନେଇଯାଏ । ଦ୍ୱନ୍ଦ୍ୱ ହେଉଛି କାହାଣୀ କହିବାର ଏକ ମୌଳିକ ଉପାଦାନ । ଏହା ଯେହେତୁ ଆହ୍ୱାନ, ସଂଶୟ ଓ ବିରୋଧୀ ଶକ୍ତିମାନଙ୍କୁ ଉପସ୍ଥାପନ କରିଥାଏ । ଯାହାକୁ ଚରିତ୍ରମାନେ ନିଶ୍ଚିତ ଭାବେ ସମାଧାନ କରିଥାନ୍ତି । ଏହି ଉତ୍ତେଜନା ନାଟକ ରଚନାରେ ଚରିତ୍ରମାନଙ୍କର ଉନ୍ନତି ସାଧନ କରିବା ସହିତ ଦର୍ଶକଙ୍କ ମନରେ ଆଗ୍ରହ, ଆକର୍ଷଣ ସୃଷ୍ଟି କରିବା ନିମନ୍ତେ ଆବଶ୍ୟକ ।



https://withteachers.in/

## ଉଦାହରଣ ୧– ବିନା ଦ୍ୱନ୍ଦ୍ୱରେ କଥୋପକଥନ

**ଗରାଖ :** ନମସ୍କାର ! ମୋ ଭଉଣୀର ଜନ୍ମଦିନ ପାଇଁ ମୋର ଚକୋଲେଟ୍ ଦରକାର ।
**ଦୋକାନୀ :** ଠିକ୍ ଅଛି ତମେ କୋଉ ଚକୋଲେଟ୍ ଚାହୁଁଛ ?
**ଗରାଖ :** ମୋ ଭଉଣୀ ଭାନିଲା ବାସ୍ନା ଥିବା ଚକୋଲେଟ୍ ଭଲପାଏ ।
**ଦୋକାନୀ :** ଆମର ତିନି ପ୍ରକାରର ଚକୋଲେଟ୍ ଅଛି । ସାଧା ଭାନିଲା, ବାଦାମ ଯୁକ୍ତ ଭାନିଲା ଏବଂ ୱାଫର୍ସ୍ ଯୁକ୍ତ ଭାନିଲା –
**ଗରାଖ :** ମୁଁ ବାଦାମ ଯୁକ୍ତ ଭାନିଲା ନେବି ।
**ଦୋକାନୀ :** ଏଇଟାକୁ କ'ଣ ଉପହାର ଜରିରେ ଗୁଡ଼ାଇବାକୁ ଚାହୁଁଛ ?
**ଗରାଖ :** ହଁ ।
**ଦୋକାନୀ :** ନିଅ ଉପହାର ଜରିରେ ଗୁଡ଼ା ହୋଇଥିବା ଚକୋଲେଟ୍ । ୫୦ ଟଙ୍କା ଦିଅ ।
**ଗରାଖ :** ଏଇ ଆପଣଙ୍କ ଟଙ୍କା । ଧନ୍ୟବାଦ ।



**ଏବେ ଦେଖିବା ଦ୍ୱନ୍ଦ୍ୱ କିପରି ପ୍ରଭେଦ ସୃଷ୍ଟି କରୁଛି ।**

## ଉଦାହରଣ ୨ – ଦ୍ୱନ୍ଦ୍ୱ ସହକାରେ କଥୋପକଥନ ।



**ଗରାଖ :** ନମସ୍କାର ! ମୋ ଭଉଣୀର ଜନ୍ମଦିନ ପାଇଁ ଗୋଟେ ଚକୋଲେଟ୍ ଦରକାର ।
**ଦୋକାନୀ :** ଠିକ୍ ଅଛି । କି ଚକୋଲେଟ୍ ?
**ଗରାଖ :** ମୋ ଭଉଣୀ ଭାନିଲା ଚକୋଲେଟ୍ ଭଲପାଏ ।
**ଦୋକାନୀ :** ଆମ ପାଖରେ କେବଳ ତିନି ପ୍ରକାରର ଚକୋଲେଟ୍ ଅଛି । ସାଧା, ଷ୍ଟ୍ରବେରୀ ଆଉ କାରାମେଲ୍ ।
**ଗରାଖ :** ଓଃ, ମୋ ଭଉଣୀ କିନ୍ତୁ ଭାନିଲା ଭଲପାଏ । ହଉ ଠିକ୍ ଅଛି । ମତେ କାରାମେଲ୍ ଚକୋଲେଟ୍ ଦିଅ ଆଉ ଦୟାକରି ଗୋଟେ ଉପହାର କାଗଜରେ ଏହାକୁ ସଜେଇ ଗୁଡ଼ାଇ ଦିଅ ।
**ଦୋକାନୀ :** ଓଃ, ଉପହାର କାଗଜ ସରିଯାଇଛି । ମୁଁ ଏହାକୁ ଗୋଟେ ସାଧାରଣ ମାଟିଆ କାଗଜରେ ସଜେଇ ବାନ୍ଧି ଦେଇ ପାରେ କି ?
**ଗରାଖ :** ନା– ପ୍ରଥମେ ମୁଁ ଚାହୁଁଥିବା ଭାନିଲା ଚକୋଲେଟ୍ ତମ ପାଖେ ନାହିଁ । ପୁଣି ଉପହାର କାଗଜ ବି ନାହିଁ । ମୁଁ ଅନ୍ୟ ଦୋକାନକୁ ଯାଉଛି । ଏଠୁ କିଛି ନେବିନି ।
**ଦୋକାନୀ :** ଓହୋ... ଅପେକ୍ଷା କର । ମୁଁ ଚେଷ୍ଟା କରୁଛି । (ଫୋନ୍‌ରେ କାହା ସାଙ୍ଗେ କଥା ହୋଇସାରି–) କିଛି ବ୍ୟସ୍ତ ହୁଅନି । ଭାନିଲା ଚକୋଲେଟ୍ ଓ ଉପହାର କାଗଜ ସବୁ ମିଳିଗଲା । ଆମ ସଂଗ୍ରହ କକ୍ଷରୁ ଆସୁଛି । ଏମିତିଆ ଅସୁବିଧାପାଇଁ ଦୁଃଖିତ ।
**ଗରାଖ :** ନା ନା, କିଛି ଅସୁବିଧା ନାହିଁ । ଧନ୍ୟବାଦ ।


https://withteachers.in/

ଉଦାହରଣ ୧ରେ ଦ୍ୱନ୍ଦ୍ୱ ନ ଥିବା ଆକର୍ଷଣ ହୀନ ବିରକ୍ତିକର କଥୋପକଥନ ଅପେକ୍ଷା, ଉଦାହରଣ ୨ର 'ଦ୍ୱନ୍ଦ୍ୱ' ଯୁକ୍ତ କଥୋପକଥନ କିଛି ଭାବ, ରସ, ନାଟକ ସୃଷ୍ଟି କଲା କି ? ଏହିପରି ଭାବରେ ତୁମେ ତୁମ ସମ୍ପୂର୍ଣ୍ଣ ନାଟକକୁ ଆକର୍ଷଣୀୟ କରିପାର ।

ବର୍ତ୍ତମାନ, ନିଜ କାହାଣୀକୁ ଆଉ ଥରେ ଭଲ ଭାବରେ ପଢ଼ିନିଅ । ତୁମେ ଲେଖିଥିବା ଦୋକାନୀ ଓ ଗରାଖଙ୍କ ଭିତରର କଥୋପକଥନରେ ଦ୍ୱନ୍ଦ୍ ଅଛି କି ନାହିଁ ଠିକ୍ କରି ଦେଖ । ତୁମେ ଯୋଉ କାହାଣୀ ଗଢ଼ିବା ଖେଳ ଖେଳୁଥିଲ ସେଥିରେ ଦ୍ୱନ୍ଦ୍ୱ ଥିଲା କି ? ଆସ ଆଉଥରେ ସେହି ଖେଳ ଖେଳିବା ।

## କ୍ରିୟାକଳାପ (ଶ୍ରେଣୀ ଗୃହରେ - ଚାଲୁରହେ)

ଆସ କାହାଣୀ ଗଢ଼ିବା ଖେଳର ଦ୍ୱିତୀୟ ଭାଗକୁ ଯିବା ।

**ନିର୍ଦ୍ଦେଶାବଳୀ :** ସମସ୍ତେ ଗୋଲାକାର ଭାବେ ବସ (ସେପରି ସମ୍ଭବ ନହେଲେ ନିଜେ ନିଜେ ବସିଥିବା ସ୍ଥାନରେ ବସି ରୁହ) । ଶିକ୍ଷକ ପ୍ରଥମେ ଗୋଟିଏ ବାକ୍ୟ କହିବେ । ତାହାପରେ ତୁମେମାନେ ଜଣକ ପରେ ଜଣେ ଗୋଟିଏ ଗୋଟିଏ ବାକ୍ୟ କହିକହି କାହାଣୀଟିଏ ତିଆରି କର । ତୁମ ପୂର୍ବରୁ ତୁମର ଯୋଉ ସାଥୀ କହୁଛନ୍ତି ତାଙ୍କର ଶେଷ ବାକ୍ୟକୁ ଭଲ ଭାବରେ ମନ ସ୍ଥିରକରି ଶୁଣ । ତାହାପରେ ଭାବି ଚିନ୍ତି ତୁମ ବାକ୍ୟଟି କୁହ ।

କାହାଣୀକୁ ପୂର୍ଣ୍ଣାଙ୍ଗ କରିବାକୁ ତରବର ହୁଅନାହିଁ । ତାହାକୁ ଆକର୍ଷଣୀୟ ଏବଂ ଜଟିଳ କରିବାକୁ ଚେଷ୍ଟା କର ।

**ଉନ୍ନତ :** ୧୦-୧୫ ଟି କାଗଜ ଚିଠାରେ ମନକୁମନ ନିମ୍ନରେ ଦିଆଯାଇଥିବା ବାକ୍ୟାଂଶ ଗୁଡ଼ିକୁ ଲେଖ - 'ନାୟକ ଭୁଲି ଯାଆନ୍ତି କହିବାକୁ' କିମ୍ବା 'ଏହି ଚରିତ୍ର ବହୁତ କ୍ଷୁଧାର୍ତ୍ତ' କିମ୍ବା 'ହଠାତ୍ ଆଲୁଅ ଲିଭିଗଲା' । ଏ ଗୁଡ଼ିକ କାହାଣୀକୁ ମୋଡ଼ି, ବଙ୍କେଇ ଆକର୍ଷଣୀୟ କରିବାରେ ସାହାଯ୍ୟ କରେ । ବୃତ୍ତିଗତ ଭାଷାରେ ତମେମାନେ ବର୍ତ୍ତମାନ ଏହାକୁ 'ଦ୍ୱନ୍ଦ୍ୱ' ବୋଲି ଜାଣ ।

ଆଗଭଳି ପୁଣି ଗୋଟିଏ ଗୋଟିଏ ବାକ୍ୟ ମିଶାଇ କାହାଣୀ ତିଆରି କର । ପ୍ରତ୍ୟେକ ଦଶ ଧାଡ଼ି ପରେ ତୁମେ ଗୋଟିଏ ଲେଖାଏଁ କାଗଜ ଉଠାଇ ଆଣ । ସେଇଠି କାହାଣୀର ମୋଡ଼ ଅଛି । ତମେ ତାହାକୁ କାହାଣୀରେ ମିଶାଇ ଦିଅ । ସବୁବେଳେ ଆରମ୍ଭ-ମଧ୍ୟ ଓ ଶେଷକୁ ଭଲ ଭାବରେ ଧ୍ୟାନ ଦିଅ । ଶେଷକୁ ଥିବା ପିଲାମାନଙ୍କୁ ଦ୍ୱନ୍ଦ୍ୱର ସମାଧାନ କରି କାହାଣୀ ଶେଷ କରିବାକୁ ହେବ ।

ଏହି ଖେଳକୁ ଯେତେ ଥର ପାରୁଛ ଖେଳ । ପିଲାମାନେ ଯେଉଁ କ୍ରମରେ କହୁଛନ୍ତି ତାକୁ ବଦଳାଇ ଦିଅ । ଏହା ପିଲାମାନଙ୍କୁ କାହାଣୀର ସ୍ରୋତ ବା ବେଗ, ଦ୍ୱନ୍ଦ୍ୱ ଓ ତାହାର ସମାଧାନ ଆଦି ସହିତ ଆତ୍ମୀୟତା ସୃଷ୍ଟି କରିବାରେ ସାହାଯ୍ୟ କରିବ । ମୌଳିକତା ବିଷୟରେ ଏହିଭଳି ଜ୍ଞାନ ଯୋଗୁଁ ବର୍ତ୍ତମାନ ତୁମେମାନେ କେତେକ ଗୁରୁତର ପାଣ୍ଡୁଲିପି ରଚନା କରିପାରିବ ।

ତୁମେ ତୁମ ନିଜ ନାଟକ ରଚନା କରିବାପାଇଁ ଏଠାରେ କେତୋଟି ସରଳ ଉପାୟ ବର୍ଣ୍ଣନା କରାଯାଇଛି । ପ୍ରଥମେ ତୁମ ଆଗରେ ତିନିଟି ଭାଗର ବର୍ଣ୍ଣନା ଲେଖ -



https://withteachers.in/

| ଆରମ୍ଭରୁ ଆରମ୍ଭ କର | ତୁମେ ଏହାପରେ ମଧ୍ୟଭାଗ ବିଷୟରେ ଭାବି ପାର | ଶେଷରେ ସମାପ୍ତ |
|---|---|---|
| ଚରିତ୍ର ସବୁ କିଏ (ସେମାନଙ୍କ ନାମ, ବୟସ, ବୃତ୍ତି ଇତ୍ୟାଦି) ? କେଉଁଠି, କେତେବେଳେ ଏହା ଘଟୁଛି ? | ଦ୍ୱନ୍ଦ୍ୱ କ'ଣ ?<br>ଏହା କିପରି ସୃଷ୍ଟି ହେଲା ?<br>ଚରିତ୍ରମାନେ କ'ଣ କରୁଛନ୍ତି ? | ଦ୍ୱନ୍ଦ୍ୱ କିପରି ସମାଧାନ ହେଉଛି ?<br>• ଚରିତ୍ରମାନଙ୍କର କ'ଣ ସବୁ ଘଟୁଛି ?<br>• ଉପସଂହାର । |
| ଏହା ସହିତ ତମେ ଚରିତ୍ରମାନଙ୍କର କଥୋପକଥନ ମଧ୍ୟ ରଚନା କରିପାରିବ | | |

| ଆମ ସମୟର ଲୋକପ୍ରିୟ ଲେଖକ | |
|---|---|
| କାହାଣୀ ଓ ଉପନ୍ୟାସ (ଲେଖକ) | ନାଟକ (ନାଟ୍ୟକାର) |
| ଫକୀର ମୋହନ ସେନାପତି<br>ସୁଧାମୂର୍ତ୍ତି<br>ଆର୍.କେ ନାରାୟଣ<br>ରସ୍କିନ୍ ବଣ୍ଡ୍ । | ରବୀନ୍ଦ୍ର ନାଥ ଟାଗୋର<br>ସେଲ୍ ସିଲ୍ଭରଷ୍ଟେନ୍<br>ତାରୋ ୟାଶିମା |

ବିଭିନ୍ନ ଲେଖକଙ୍କର ରଚନା ପଢ଼ିଲେ ଏହା ନିଜ ରଚନା ନିମନ୍ତେ ତୁମକୁ ପ୍ରେରଣା ଯୋଗାଇବା ସହିତ ଲେଖିବାର ଉପାୟ ଓ ଭାବନା କଳ୍ପନା ମଧ୍ୟ ଯୋଗାଇ ଦେଇପାରେ ।

ତୁମେ ଯେ କୌଣସି ଗପ ପଢୁଛ ବା ସିନେମା ଦେଖୁଛ, ସେଥିରେ ଉପରୋକ୍ତ ତିନି ଭାଗକୁ ଚିହ୍ନଟ କର । ଆରମ୍ଭ, ମଧ୍ୟ ଓ ସମାପ୍ତ । ଆହୁରି ମଧ୍ୟ ଦେଖ ଦ୍ୱନ୍ଦ୍ୱ କିପରି ସୃଷ୍ଟି ହେଲା ଓ କେମିତି ଏହାର ସମାଧାନ ହୋଇ ସମାପ୍ତ ହେଲା, ଏହାକୁ ବିସ୍ତୃତ ଭାବେ ଲେଖ –

| ଗପ ବା ସିନେମାର ନାମ | କାହାଣୀର ବିଭିନ୍ନ ବିଭାଗ |
|---|---|
| ______ | ଆରମ୍ଭ ______ |
| ______ | ମଧ୍ୟ (ଦ୍ୱନ୍ଦ୍ୱ) ______ |
| ______ | ସମାପ୍ତ ______ |



ଲେଖିଚାଲ ! ଖୁସିରେ ଲେଖ ।





https://withteachers.in/



## ଅଧ୍ୟାୟ -୧୮ : ନାଟ୍ୟଦଳ ସହ

ଦଳେ କଳାକାରମାନଙ୍କ ସହିତ ଏକାଠି ବାସ କରିବା କଥା କଳ୍ପନା କର । ଯୋଉଁମାନେ ସବୁଦିନ କେବଳ ନାଟ ପ୍ରଦର୍ଶନ କରି ସେମାନଙ୍କ ଜୀବିକା ଉପାର୍ଜନ କରନ୍ତି । ତୁମେ ସବୁଦିନ ନାଟ ଅଭ୍ୟାସ କରିବ, ମୁହଁକୁ ସଜାଇ, ପୋଷାକ ପିନ୍ଧି ସବୁଦିନ ନାଟକ ପ୍ରଦର୍ଶନ କରିବ ! ନାଟକ ପ୍ରଦର୍ଶନ ପାଇଁ ତୁମେ ସେମାନଙ୍କ ସାଙ୍ଗେ ଖାଇବ, ଖେଳିବ, ଶୋଇବ ଏବଂ ବିଭିନ୍ନ ସ୍ଥାନକୁ ଭ୍ରମଣ ମଧ୍ୟ କରିବ ।

ଏହିଗୁଡ଼ିକୁ କମ୍ପାନୀ ଥିଏଟର୍ (ପେଶାଦାର ରଙ୍ଗମଞ୍ଚ) କୁହାଯାଉଥିଲା । ଏଗୁଡ଼ିକ ଅଷ୍ଟାଦଶ, ଊନବିଂଶ ଓ ବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ବଞ୍ଚି ରହିଥିଲେ । ବହୁତ କମ୍ ନାଟ୍ୟଦଳ ଏବେଯାଏଁ ମଧ୍ୟ ତିଷ୍ଠି ରହିଛନ୍ତି ।

ଆସ ବର୍ତ୍ତମାନ ପ୍ରାୟ ଦେଖିବାକୁ ମିଳୁ ନ ଥିବା ଏହି ଆକର୍ଷଣୀୟ ପେଶାଦାର ରଙ୍ଗମଞ୍ଚ ବିଷୟରେ ଟିକେ ଆଖି ବୁଲେଇନେବା ।

କମ୍ପାନୀ ଥିଏଟର୍ ବା ପେଶାଦାର ରଙ୍ଗମଞ୍ଚ କହିଲେ ସାଧାରଣତଃ କେବଳ ନାଟକ ପରିବେଷଣ କରୁଥିବା ଦଳେ ବୃତ୍ତିଗତ କଳାକାର ବା ନାଟ୍ୟ ଦଳମାନଙ୍କୁ ବୁଝାଏ । ଏହିଭଳି ବୃତ୍ତିଗତ ତଥା ପେଶାଦାର ନାଟ୍ୟଦଳ ପ୍ରାୟ ୧୭୦୦ ମସିହା ବେଳକୁ କୋଲକାତାରେ ଗଢ଼ି ଉଠିଥିଲା । ବ୍ୟକ୍ତିଗତ ଓ ବୃତ୍ତିଗତ ଆବଶ୍ୟକତା ଅନୁସାରେ ବହୁ ସଂଖ୍ୟକ ଆତ୍ମନିର୍ଭରଶୀଳ ଲୋକ ଏଥିରେ ଥାଆନ୍ତି ।

ଏହି ଦଳ ଗୁଡ଼ିକରେ ସମସ୍ତେ ଥାଆନ୍ତି ରୂପସଜ୍ଜାକାର, ପୋଷାକ କାରୀଗର, ମଞ୍ଚ ନିର୍ମାଣକାରୀ, ଚିତ୍ରକର, ଆଲୋକ ପରିଚାଳକ, ଅଭିନେତା, ସଙ୍ଗୀତ ନିର୍ଦ୍ଦେଶକ, ନୃତ୍ୟ ଦଳ, କଣ୍ଠ ସଙ୍ଗୀତ ଓ ବାଦ୍ୟଯନ୍ତ୍ର ଶିଳ୍ପୀ, ଗୀତିକାର, ନାଟ୍ୟକାର, ନାଟ୍ୟ

### ବିଷୟ ପ୍ରବେଶ

- ଭାରତୀୟ ପେଶାଦାର ରଙ୍ଗମଞ୍ଚ ବିଷୟରେ ଧାରଣା ।
- ଲୋକପ୍ରିୟ ନାଟ୍ୟଦଳ ଓ ସେମାନଙ୍କ ପତନ ।



ନାଟ୍ୟ ପରିବେଷଣ ଶେଷରେ ପେଶାଦାର ନାଟ୍ୟ ଦଳ



https://withteachers.in/



ପାର୍ଶି ନାଟକ ମଣ୍ଡଳୀ

ନିର୍ଦ୍ଦେଶକ, ପରିଚାଳକ, ହିସାବ ରକ୍ଷକ, ରାନ୍ଧୁଣିଆ ଦଳ, ତମ୍ବୁ ନିର୍ମାଣକାରୀ ଓ ଅନ୍ୟାନ୍ୟ ବହୁ କାରୀଗର ମଧ୍ୟ ଥାଆନ୍ତି ।

ପ୍ରାୟ ସମୟରେ ଏଥିରେ ଶିଶୁ କଳାକାରଙ୍କଠୁ ଆରମ୍ଭ କରି ସାରା ପରିବାରର ଲୋକମାନେ ମଧ୍ୟ କାମ କରୁଥିଲେ । ସେମାନେ ଏକାଠି ହୋଇ ନାଟ ପରିବେଷଣ କରୁଥିଲେ ଏବଂ ସାରା ଜୀବନ ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ଘୂରି ବୁଲୁଥିଲେ ।

ମହାରାଷ୍ଟ୍ରର ବମ୍ବେରେ 'ପାର୍ଶି କମ୍ପାନୀ ଥିଏଟର' ଦଳମାନେ ସର୍ବ ପ୍ରଥମ ପେଶାଦାର ନାଟ୍ୟଦଳ ଭାବେ ୧୮୫୦ ଦଶକରୁ ୧୯୩୦ ଦଶକ ପର୍ଯ୍ୟନ୍ତ ବୁଲି ବୁଲି ନାଟ ପରିବେଷଣ କରୁଥିଲେ ।

'ପାର୍ଶି ନାଟକ ମଣ୍ଡଳୀ' ହେଉଛି ପ୍ରଥମ ପେଶାଦାର ନାଟ୍ୟଦଳ । ସେମାନେ ୧୮୫୩ ମସିହାରେ ତାଙ୍କ ପ୍ରଥମ ନାଟକ ରୁସ୍ତମ୍ ଜାବୋଲି ଏବଂ ସୋହାରବ ପରିବେଷଣ କରିଥିଲେ । ପରେ ପରେ ରାଜା ଆଫ୍ରାସିଆବ, ରୁସ୍ତମ୍ ପହେଲ୍‌ୱାନ୍ ଏବଂ ପଦସାହ ଫରେଦୁନ ଆଦି ନାଟକ ପରିବେଷଣ କରିଥିଲେ । ୧୮୬୦ ମସିହା ବେଳକୁ ମୁମ୍ବାଇରେ ୨୦ରୁ ଅଧିକା ପାର୍ଶି ନାଟ୍ୟ ଦଳ ଗଠନ ହୋଇସାରିଥିଲା ।

ତାଙ୍କର ଏହି ଏକମୁଖୀ ବା ପ୍ରୋସିସିନିୟମ ରଙ୍ଗମଞ୍ଚ ଶୈଳୀ ଭାରତର ଅନ୍ୟ ରାଜ୍ୟମାନଙ୍କୁ ନାଟ ପରିବେଷଣ ନିମନ୍ତେ ପ୍ରେରଣା ଯୋଗାଇଥିଲା । ଫଳରେ ମହାରାଷ୍ଟ୍ରର ଅନ୍ୟାନ୍ୟ ଅଞ୍ଚଳ, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ ଆଦି ବହୁ ସ୍ଥାନରେ ପେଶାଦାର ରଙ୍ଗମଞ୍ଚ ଗଠି ଉଠିଲା ।

**ଲୋକପ୍ରିୟ ନାଟ୍ୟଦଳ, ସେମାନଙ୍କ ମଞ୍ଚନ ଓ କାହାଣୀ**

**ସୁରଭି** ଥିଏଟର୍ ବା ଶ୍ରୀ ଭେଙ୍କଟେଶ୍ୱର ନାଟ୍ୟ ମଣ୍ଡଳୀ ୧୮୮୫ ମସିହାରେ ଆନ୍ଧ୍ର ପ୍ରଦେଶରେ ଗଠନ ହୋଇଥିଲା । ତାଙ୍କର ପ୍ରଥମ ନାଟକ ଥିଲା କୀଚକ ବଧ । ଏହା ଏକ ପାରିବାରିକ ନାଟ୍ୟ ଦଳ ଥିଲା । ସେମାନେ ହିନ୍ଦୁ ପରମ୍ପରା ଓ ଇତିହାସକୁ ଆଧାର କରି ରଚିତ ହୋଇଥିବା ନାଟକ ଗୁଡ଼ିକୁ ଅଧିକ ମଞ୍ଚସ୍ଥ କରୁଥିଲେ । ଅଳ୍ପ କେତେକ ଦଳ ମଧ୍ୟରୁ ଏହି ସୁରଭି ଥିଏଟର ୧୪୦ ବର୍ଷ ଧରି ବଞ୍ଚି ରହିଛି ।

ସୁରଭି ଥିଏଟର ଏବେ ମଧ୍ୟ ମଞ୍ଚସ୍ଥ କରୁଥିବା ନାଟକଗୁଡ଼ିକ ହେଲା, ଶ୍ରୀକୃଷ୍ଣ ଲୀଳା, ଜୟ ପାତାଳ ଭୈରବୀ, ଭକ୍ତ ପ୍ରହଲ୍ଲାଦ, ମାୟାବଜାର, ଶ୍ରୀଭେଙ୍କେଟେଶ୍ୱର ଉଭବମ୍ ଏବଂ ବାଲନାଗମ୍ମା ।

**କର୍ଣ୍ଣାଟକ ନାଟକ ମଣ୍ଡଳୀ** ସୁରଭି ଥିଏଟର ଫ.୧୮୭୪ ମସିହାରେ କର୍ଣ୍ଣାଟକର ଗଦକ ନାମକ ଗୋଟିଏ ଜାଗାରେ ଗଢ଼ି ଉଠିଥିଲା । ସକ୍ଳେରେ ବାଲାଚାର୍ଯ୍ୟ (ସନ୍ଥ କବି) ଏହି ନାଟକ ମଣ୍ଡଳୀର ପୃଷ୍ଠପୋଷକ ଥିଲେ । ଏହି ନାଟ୍ୟ ମଣ୍ଡଳୀର ନାଟକ କୀଚକ, ବାଣାସୁର ଏବଂ ବସ୍ତ୍ରହରଣ ବହୁ ଲୋକପ୍ରିୟ ହୋଇଥିଲା ।

ପାଖାପାଖି ସେହି ସମୟ ବେଳକୁ ହାଲ୍‌ସଙ୍ଗୀ ନାଟକ ମଣ୍ଡଳୀ କର୍ଣ୍ଣାଟକର ବିଜାପୁର ଜିଲ୍ଲାର ହାଲ୍‌ସଙ୍ଗୀଠାରେ ଆରମ୍ଭ ହୋଇଥିଲା ।



ସୁରଭି ଥିଏଟର୍‌ର ନାଟକଗୁଡ଼ିକରେ ଜାଦୁକରୀ, ଜୀବନ୍ତ ଏବଂ ତର୍କ ବିହୀନ ଚମତ୍କାରୀତା ନିମନ୍ତେ ଭାରି ଜଣାଶୁଣା ।



https://withteachers.in/

ଶ୍ରୀମତୀ ପରିଣୟ, ମଦଳସା ପରିଣୟ, ଦ୍ରୌପଦୀ ବସ୍ତ୍ରହରଣ ଓ ଭୌମାସୁର ବଧ ପ୍ରଭୃତି ନାଟକ ଭେଙ୍କନ୍ନାଚାର୍ଯ୍ୟ ଅଗଲାଗଡିଙ୍କ ଦ୍ୱାରା ରଚିତ ହୋଇ ବହୁ ପ୍ରଶଂସିତ ହୋଇଥିଲା ।

ମହୀଶୂରର ମହାରାଜା ଏହି ପରିବେଷଣାତ୍ମକ କଳା ବା ନାଟକକୁ ଉତ୍ସାହିତ କରିବାକୁ ସେହି ନାଟ୍ୟ ଦଳକୁ ପ୍ରୋତ୍ସାହନ ଦେଉଥିଲେ ।

**ଶ୍ରୀ ଚନ୍ନବସଓ୍ୱେଶ୍ୱର ନାଟକ ମଣ୍ଡଳୀ** ବା ପ୍ରସିଦ୍ଧ **ଗୁବ୍‌ବି** କମ୍ପାନୀ କର୍ଣ୍ଣାଟକର ଏକ ସୁନାମଧନ୍ୟ ନାଟ୍ୟ ମଣ୍ଡଳୀ । ତାହାଙ୍କର ଲୋକପ୍ରିୟ ନାଟକ ସଧାରାମେ, ସୁଭଦ୍ରା, ହେମାରେଡ୍ଡୀ ମାଲ୍ଲାମ୍ମା ଆଦି ପ୍ରାୟ ସବୁବେଳେ ଭରପୂର ଦର୍ଶକରେ ମଞ୍ଚସ୍ଥ ହେଉଥିବାବେଳେ ନାଟକ ଭିତରୁ ଅନ୍ୟତମ । ଦିନ ଦିନ ଧରି ଲୋକମାନେ ଧାଡ଼ିରେ ଅପେକ୍ଷା କରୁଥିଲେ ଟିକେଟ୍ କିଣି ନାଟ ଦେଖିବାପାଇଁ ।

**ଏହି ଦଳର କେତେକ ସ୍ୱତନ୍ତ୍ର ଗୁଣ –**

- ଏହି ଦଳ ସର୍ବ ପ୍ରଥମେ ନାରୀମାନଙ୍କୁ ଅଭିନୟ କରିବାକୁ ସୁଯୋଗ ଦେଇଥିଲେ ।
- ପ୍ରସିଦ୍ଧ କନ୍ନଡ଼ ଅଭିନେତା ଡ. ରାଜକୁମାର ଏହି ଦଳରୁ ତାଙ୍କ ନାଟ୍ୟ ଜୀବନ ଆରମ୍ଭ କରିଥିଲେ ।
- କର୍ଣ୍ଣାଟକର ପ୍ରସିଦ୍ଧ ନାଟ୍ୟ ନିର୍ଦ୍ଦେଶକ ବି.ଭି.କାରାନ୍ଥ ମଧ୍ୟ ତାଙ୍କର ନାଟ୍ୟ ଜୀବନ ଏହିଠାରୁ ଆରମ୍ଭ କରିଥିଲେ ।



ଗୁବ୍‌ବି କମ୍ପାନୀ



https://withteachers.in/







## ବର୍ତ୍ତମାନ ଅବସ୍ଥା

ଭାରତର ଏହି କମ୍ପାନୀ ଥିଏଟର୍ ବା ପେଶାଦାର ରଙ୍ଗମଞ୍ଚର ଯୁଗ ଆମ ଦେଶ ସ୍ୱାଧୀନ ହେବା ପରେ ଧୀରେଧୀରେ କ୍ଷୟ ହୋଇ ଆସିଲାଣି । ଏଭଳି କ୍ଷୟ ହେବାର ଅନେକ କାରଣ ରହିଛି ।

- ନାଟ୍ୟ ଦଳ ଗୁଡ଼ିକ ଆବଶ୍ୟକ ଅର୍ଥ ଯୋଗାଡ଼ କରିପାରିଲେ ନାହିଁ ।
- ଚଳନ୍ତି ଆଧୁନିକ କଳା କୌଶଳ ଭାରି ଶକ୍ତିଶାଳୀ ପ୍ରତିଯୋଗୀ ହୋଇ ଛିଡ଼ା ହେଲା ।
- କେତେକ ନାଟ୍ୟ ଦଳ ଅସ୍ୱାସ୍ଥ୍ୟକର ହାସ୍ୟକୁ ଆଶ୍ରା କରିବା ଫଳରେ ନାଟକର ବିଷୟବସ୍ତୁ ଏବଂ କାହାଣୀ ପରିବାର ମାନଙ୍କଠାରୁ ଦୂରେଇଗଲା ।
- ସୌଖୀନ ନାଟ୍ୟଦଳ ଗୁଡ଼ିକ ଗଢ଼ି ଉଠିଲା ସେମାନଙ୍କ ନାଟକ ଦର୍ଶମାନଙ୍କୁ ଭଲ ଲାଗିବାରୁ ସେମାନେ ଲୋକପ୍ରିୟ ହୋଇଉଠିଲେ ।

## ଭାରତର ବ୍ୟବସାୟିକ ରଙ୍ଗମଞ୍ଚ :

ବର୍ତ୍ତମାନ କମ୍ପାନୀ ବା ପେଶାଦାର ରଙ୍ଗମଞ୍ଚ ହ୍ରାସ ପାଇଛି । ଏବେ ମଧ୍ୟ ଅନେକ ବ୍ୟବସାୟିକ ନାଟ୍ୟ ଦଳ ବହୁ ଉଚ୍ଚ ମାନର ନାଟକ ପରିବେଷଣ କରୁଛନ୍ତି । ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଉନ୍ନତି ସହିତ ନାଟକର କଳାକୌଶଳ ମଧ୍ୟ ଉନ୍ନତି ହେବା ଫଳରେ ନାଟକ ମଧ୍ୟ ଉନ୍ନତ ଓ ରୁଚିପୂର୍ଣ୍ଣ ହୋଇପାରୁଛି ।



ଆମ ଓଡ଼ିଶାର କଟକ ଜିଲ୍ଲା ମାହାଙ୍ଗାଠାରେ ବିଶିଷ୍ଟ ନାଟ୍ୟକାର ଓ ନିର୍ଦ୍ଦେଶକ ଜଗନ୍ ମୋହନ ଲାଲା ୧୮୭୭ ମସିହାରେ ଓଡ଼ିଆ ଭାଷାର ପ୍ରଥମ ଆଧୁନିକ ନାଟକ 'ବାବାଜୀ' ରାଧାକାନ୍ତ ମଂଚରେ ପରିବେଷଣ କରିଥିଲେ । ଏହାର ପରବର୍ତ୍ତୀ ସମୟରେ ଆହୁରି କେତେକ ନାଟ୍ୟଦଳ ଆମ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଗଢ଼ି ଉଠି ନାଟକ ମଞ୍ଚସ୍ଥ କଲେ । କାଳକ୍ରମେ ବିଂଶ



https://withteachers.in/

ଶତାବ୍ଦୀର ଅନ୍ନପୂର୍ଣ୍ଣା ଥିଏଟର୍ -ବି ଏବଂ -ଏ, କଳାଶ୍ରୀ ଥିଏଟର୍, ଓଡ଼ିଶା ଥିଏଟର ଜନତା ଥିଏଟର ଆଦି ବ୍ୟବସାୟିକ ନାଟ୍ୟଦଳ ସବୁ ଗଢ଼ି ଉଠି ନିୟମିତ ନାଟକ ପ୍ରଦର୍ଶନ ଆରମ୍ଭ କରିଥିଲେ । ଏହାକୁ ଓଡ଼ିଆ ନାଟକର ସୁବର୍ଣ୍ଣ ଯୁଗ ଭାବେ ପରିଚିତ ।



ଭଦ୍ରକର ମୋଗଲ ତାମସା



ଗଞ୍ଜାମର ପ୍ରହଲ୍ଲାଦ ନାଟକ



ବରଗଡର ଧନୁଯାତ୍ରା

ତୁମେମାନେ ଆଧୁନିକ ଓଡ଼ିଆ ନାଟକ ବିଷୟରେ ଜାଣିବା ସମୟରେ ଆମ ରାଜ୍ୟର ମୌଳିକ ଦେଶୀୟ ଲୋକ ନାଟ କଥା ଭୁଲିଯିବା ଉଚିତ ନୁହେଁ । ଓଡ଼ିଶା ଲୋକ ନାଟକର ଏକ ଗନ୍ତାଘର କହିଲେ ଅତ୍ୟୁକ୍ତି ହେବନାହିଁ । ଯୁଗଯୁଗ ଧରି ଏହି ସମୃଦ୍ଧ ଲୋକ ନାଟ ଗୁଡ଼ିକ ଲୋକମାନଙ୍କୁ ମନୋରଞ୍ଜନ ଯୋଗାଇଦେବା ସହିତ ସେମାନଙ୍କୁ ଶିକ୍ଷିତ କରିବାରେ ସାହାଯ୍ୟ ମଧ୍ୟ କରି ଆସୁଛି । ଏହି ଉତ୍କଳୀୟ ଲୋକ ନାଟ୍ୟ କଳାମାନଙ୍କ ମଧ୍ୟରେ ରାମଲୀଳା, କୃଷ୍ଣଲୀଳା, ପାଲା, ଦାସକାଠି, ଘୋଡ଼ାନାଟ, ଧୁଡୁକି ବା ଘୁଡୁକି ନାଟ, ଦଣ୍ଡ ନାଟ, ଦଧି ନାଟ, ଦ୍ୱାରୀ ନାଟ ବା ଭାରତ ଲୀଳା ବା ସୁଭଦ୍ରା ପରିଣୟ, ରାଧାପ୍ରେମ ଲୀଳା, ରାସ ଲୀଳା, ସୁଆଙ୍ଗ ଓ କଣ୍ଢେଇ ନାଠି ଆଦି ଅନ୍ୟତମ । ଏଗୁଡ଼ିକ ଆମର ଗର୍ବ ଓ ଗୌରବ ।

ଓଡ଼ିଶାର ପ୍ରସିଦ୍ଧ ଲୋକନାଟ ମୋଗଲ ତାମସା, ପ୍ରହଲ୍ଲାଦ ନାଟକ ଏବଂ ଧନୁଯାତ୍ରା ଅତି ଲୋକପ୍ରିୟ ।


ମୋହନ ସୁନ୍ଦର ଦେବ ଗୋସ୍ୱାମୀ 'ରାସ ଲୀଳା' ମଞ୍ଚସ୍ଥ ଜନ ମାନସରେ ଭକ୍ତିରସ ପ୍ଲାବନ କଲି ରାଜ୍ୟ ତଥା ରାଜ୍ୟ ବାହାରେ ସୁନାମ ଅର୍ଜନ କରିଥିଲେ । ସେ ମଧ୍ୟ ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର 'ସୀତାବିବାହ'ର ନିର୍ମାତା ନିର୍ଦ୍ଦେଶକ ।

ଆମ ରାଜ୍ୟର ଲୋକ ନାଟକ ଗୀତିନାଟ୍ୟ ମଧ୍ୟ ବେଶ୍ ଲୋକପ୍ରିୟ । ଏଥି ନିମନ୍ତେ ଗଣକବି ବୈଷ୍ଣବ ପାଣି ସ୍ମରଣୀୟ । ତାଙ୍କ ପରବର୍ତ୍ତୀ ସମୟର ନାଟ୍ୟକାର ଗୋପାଳ ଛୋଟରାୟ ମଧ୍ୟ ଅନେକ ଗୀତିନାଟ୍ୟ ରଚନା କରିଛନ୍ତି ।

୧୯୬୦ ଦଶକରେ ଓଡ଼ିଶାର ଲୋକନାଟକ ଗୁଡ଼ିକର ପୁନଃଉଦ୍ଧାର ଏବଂ ରକ୍ଷଣାବେକ୍ଷଣ ନିମନ୍ତେ ଧୀରେନ୍ ଦାଶଙ୍କ ଅବଦାନ ସ୍ମରଣୀୟ ହୋଇ ରହିବ । ଗଣକବି ବୈଷ୍ଣବ ପାଣିଙ୍କ ଗୀତିନାଟ୍ୟ ଗୁଡ଼ିକୁ ବିଂଶ ଶତାବ୍ଦୀର ୬୦ ଦଶକରୁ ମଞ୍ଚସ୍ଥ କରାଇବାର ଗୁରୁ ଦାୟିତ୍ୱ ସେ ବହନ କରିଥିଲେ ।

ଗୀତିନାଟ୍ୟ ତଥା ଅନ୍ୟାନ୍ୟ ଲୋକ ନାଟକଗୁଡ଼ିକର ପ୍ରଚାର ପ୍ରସାର ନିମନ୍ତେ ଆକାଶବାଣୀ କେନ୍ଦ୍ର ଓ ଦୂରଦର୍ଶନ କେନ୍ଦ୍ରର ଅବଦାନ ମଧ୍ୟ ଅନେକ । ସର୍ବୋପରି ରାଜ୍ୟର ବିଦ୍ୟାଳୟମାନଙ୍କର ଶିକ୍ଷକ, ଯେଉଁମାନେ କି ଛାତ୍ରଛାତ୍ରୀମାନଙ୍କୁ ନିର୍ଦ୍ଦେଶନା ଦେଇ ବିଦ୍ୟାଳୟମାନଙ୍କରେ ଗୀତିନାଟ୍ୟ ମଞ୍ଚସ୍ଥ କରୁଥିଲେ ପିଲାମାନଙ୍କ ମଧ୍ୟରେ ଗୀତିନାଟ୍ୟ ପ୍ରତି ଆଗ୍ରହ ସୃଷ୍ଟି କରୁଥିଲେ ସେମାନଙ୍କୁ ଶତଶତ ପ୍ରଣାମ ।

ଆମ ଦେଶ ସ୍ୱାଧୀନ ହେବା ପୂର୍ବରୁ ଆମ ରାଜ୍ୟରେ ଅନେକ ରାଜାମାନଙ୍କର ମଧ୍ୟ ରଙ୍ଗମଞ୍ଚ ଥିଲା ଏବଂ ସେଠାରେ ନାଟକ ମଞ୍ଚସ୍ଥ ହେଉଥିଲା ।




ଗଣକବି ବୈଷ୍ଣବ ପାଣି
୧୮୮୨-୧୯୫୬



ମୋହନ ସୁନ୍ଦର ଦେବଗୋସ୍ୱାମୀ
୧୮୯୨-୧୯୪୮



ଗୋପାଳ ଛୋଟରାୟ
୧୯୧୬-୨୦୦୩



ଧୀରେନ୍ ଦାଶ
୧୯୨୭-୧୯୯୨



https://withteachers.in/



## ବିଷୟ ପରିଚୟ

- ହାତ କଣ୍ଢେଇ
- କାଠି ଓ ଛାୟା କଣ୍ଢେଇ
- ଭାରତୀୟ କଣ୍ଢେଇ ନାଚ
- ସ୍ୱର ପରିବର୍ତ୍ତନ

# ଅଧ୍ୟାୟ – ୧୯ : ଛାଇ ଆଉ ସୂତାର କଥା – କଣ୍ଢେଇ ନାଚ

ଆମେ ସମସ୍ତେ ଖେଳନା କଣ୍ଢେଇ, କାର୍ ଏବଂ ରକେଟ୍ ଆଦି ସହିତ ଖେଳି ବହୁ ପ୍ରକାରର ଚରିତ୍ର ଓ କାହାଣୀ ତିଆରି କରିଛେ । ଆମର ଏହି ଛୋଟ ଖେଳନା ଦ୍ୱାରା ବହୁ ଲୋକଙ୍କୁ ତାଙ୍କର ଅସୁବିଧାରୁ ରକ୍ଷା କରିଛେ କିମ୍ବା ସ୍ୱପ୍ନ ରାଜ୍ୟରେ ଦୁଃସାହସିକତା ଦେଖାଇଛେ । ଏହାକୁ ହିଁ ପ୍ରକୃତରେ କଣ୍ଢେଇ ନାଚ କୁହାଯାଏ ।

ପ୍ରାଣହୀନ କଣ୍ଢେଇ କିମ୍ବା ସେହିଭଳି ପ୍ରତିନିଧିମାନଙ୍କୁ ବ୍ୟବହାର କରି ଯେଉଁ ପରିବେଷଣ କଳା ସୃଷ୍ଟିହୁଏ ତାକୁ କଣ୍ଢେଇ ନାଚ କୁହାଯାଏ । କଣ୍ଢେଇ ନଚଉଥିବା ଲୋକ ତାଙ୍କ ହାତକୁ ବୁଲେଇ, ସୂତା କିମ୍ବା କାଠି ସାହାଯ୍ୟରେ କଣ୍ଢେଇ ସବୁକୁ ନଚେଇ ଦର୍ଶକଙ୍କ ଆଗରେ କାହାଣୀ କୁହନ୍ତି । ସେମାନଙ୍କ ମନୋରଞ୍ଜନ କରିବା ସହିତ ବିଭିନ୍ନ ବାର୍ତ୍ତା ମଧ୍ୟ ପରିବେଷଣ କରିଥାନ୍ତି ।

## ଦୃଶ୍ୟ ୫ : ହାତ କଣ୍ଢେଇ – ଆଙ୍ଗୁଳି, ମୋଜା ଏବଂ ଗ୍ଲୋଭ୍

କଣ୍ଢେଇ ବିଭିନ୍ନ ରୂପ ଓ ଆକାର ପ୍ରକାରର ହୋଇଥାଏ । କଣ୍ଢେଇ କେମିତି ଦେଖାଯିବ ତାହାର କୌଣସି ନିର୍ଦ୍ଦିଷ୍ଟ ନିୟମ ନାହିଁ । କଣ୍ଢେଇ କେମିତି ସୁନ୍ଦର ବା ଅଭିନବ ଦେଖାଯିବ ତାହା ତୁମ ନିଜର ସୃଜନ ପରିକଳ୍ପନା ଉପରେ ନିର୍ଭର କରେ । ଏବେ ଆରମ୍ଭ କରିବା, ସବୁଠାରୁ ସରଳ ଓ ସହଜ ହେଲା ତୁମ ନିଜ ହାତ ତିଆରି କଣ୍ଢେଇ ।

ତୁମେ ଚାହୁଁଥିବା ଚରିତ୍ରମାନଙ୍କର, ବିଶେଷ କରି ତୁମର ପରିବାରର ଲୋକ କିମ୍ବା ସାଙ୍ଗସାଥୀଙ୍କ ମୁହଁର ସରଳ ଚିତ୍ର ତିଆରିକର ଏବଂ ସେମାନଙ୍କୁ କଥା କହିବାକୁ ଦିଅ !

ଅନ୍ୟ ଉପାୟରେ, କାଗଜରେ ତୁମେ ତୁମ ହାତରେ କାଗଜ ଉପରେ ତୁମ ଚରିତ୍ର ତିଆରି କରିପାରିବ ।



ଏବେ ଆଉ ଗୋଟେ ପାଦ ଆଗକୁ ଯିବା ଏବଂ ସରଳ ଆଙ୍ଗୁଠି କଣ୍ଢେଇ ତିଆରି କରିବା ।

କଇଁଚି ସାହାଯ୍ୟରେ କାଗଜକୁ କାଟି ସେଥିରେ ଅଠା ଲଗାଇ କପ୍ ତିଆରି କର ତାକୁ ତୁମ ଆଙ୍ଗୁଠିରେ ପିନ୍ଧି ସେଥିରେ ବିଭିନ୍ନ ମୁହଁ, ହାତ ଓ ପାଦର ଚିତ୍ର ଆଙ୍କ । ବର୍ତ୍ତମାନ ତୁମେ ଚରିତ୍ରମାନଙ୍କର ନାଁ' ଦେଇ ନିଜେ ନିଜେ କାହାଣୀ ସୃଷ୍ଟି କରିପାର ।



ସରଳ ଆଙ୍ଗୁଳି କଣ୍ଢେଇ



https://withteachers.in/

ଯେହେତୁ କଣ୍ଢେଇ ତିଆରି କରିବାର କୌଣସି ସୀମା କିମ୍ବା ନୀତି ନିୟମ ନାହିଁ ତୁମେ ବିଭିନ୍ନ ଉପାୟରେ ତୁମର କଣ୍ଢେଇକୁ ଜୀବନ୍ତ ରୂପେ ତିଆରି କରିବାକୁ ଚେଷ୍ଟା କର ।



ପଶୁ ଚରିତ୍ର



ସ୍ୱତନ୍ତ୍ର ଚରିତ୍ର



ପୁରାଣ ଓ ଇତିହାସର ଚରିତ୍ର



ତମ ଆଙ୍ଗୁଳିକୁ ଗୋଡ଼ ଭଳି ବ୍ୟବହାର କର



https://withteachers.in/

## ମୋଜା ଓ ଗ୍ଲୋଭ କଣ୍ଢେଇ

ଆଉ ଏକ ଉପାୟରେ ମଧ୍ୟ କଣ୍ଢେଇ ତିଆରି କରିବ ଯୋଉଁଥିରେ କି ତୁମେ ତୁମ ନିଜ ପରିକଳ୍ପନା ସହିତ ଆହୁରି ଅନେକ କିଛି ମିଶାଇ ଦେଇପାରିବ । ତାହା ହେଉଛି ମୋଜା କିମ୍ବା ଗ୍ଲୋଭ୍ କଣ୍ଢେଇ ।

ଏଠାରେ ତୁମେ ନିଜେ ନିଜେ ସରଳ ମୋଜା କଣ୍ଢେଇ ତିଆରି କରିବାର ଉପାୟ ଉଲ୍ଲେଖ ହୋଇଛି ।

ନିମ୍ନରେ ମୋଜା ଓ ଗ୍ଲୋଭ୍ କଣ୍ଢେଇ ଚିତ୍ର ଦିଆଯାଇଛି । ଏହାକୁ ନାମ ଦେଇ ନିଜେ ନିଜର ସଂଳାପ ରଚନା କର ।



| | | | | |
|---|---|---|---|---|
| ଘରେ ଥିବା ଯେକୌଣସି ମୋଜା ନିଅ । | ନିଜ ହାତରେ ଭଲ ଭାବେ ପିନ୍ଧ । | ଚାରି ଆଙ୍ଗୁଳି ଚାରି-ପଟେ ଗୋଟେ ରବର୍ ବ୍ୟାଣ୍ଡ ବାନ୍ଧି ଦିଅ ଓ ବୁଢ଼ା ଆଙ୍ଗୁଠିକୁ ତଳେ ଅଲଗା କରି ରଖ । | ଅନ୍ୟ ପକ୍ଷରେ ତୁମେ ଅଗପଟ କାଟି ୪ କଣ୍ଢେଇର ପାଟି ତିଆରି କର । ତା' ଭିତରେ କାର୍ଡ୍‌ବୋର୍ଡ୍ ଦେଇ ସଜାଇଦିଅ । | ଏହାର ଉପର ଭାଗରେ ଆଖି, ଜିଭ, ଚୁଟି, ନାକ ଓ ଅନ୍ୟାନ୍ୟ ଅଙ୍ଗ ଯାହା ଚାହଁ ଲଗାଇଦିଅ । |



ଗ୍ଲୋଭ୍ କଣ୍ଢେଇଙ୍କ କଥୋପକଥନ ଲେଖ



ଆଙ୍ଗୁଳି କଣ୍ଢେଇଙ୍କ କଥୋପକଥନ ଲେଖ

## କ୍ରିୟାକଳାପ

**ଦୁଇଟି ଚରିତ୍ର ସୃଷ୍ଟି କର ।** ନିଜ ପରିକଳ୍ପନାକୁ ବ୍ୟବହାର କର । ଏହା ମଣିଷ, ପଶୁ କିମ୍ବା ଅନ୍ୟ ଏକ ବ୍ରହ୍ମାଣ୍ଡର ମଣିଷ ହୋଇଥାଇପାରେ । ଏମିତି ବି ହୋଇପାରେ, ତୁମେ ବାଘ ସହିତ ଭୂତ ବା ଜଣେ ବୃଦ୍ଧ ସହିତ ଗୋଟିଏ କୁକୁର ସଂଯୋଗ କରି ସେମାନଙ୍କ ସଂଳାପ ଲେଖିପାର ।

**ଚାରିତ୍ରିକ ଗୁଣଗୁଡ଼ିକୁ ଲେଖ,** ଗୋଟିଏ ନାମ ଏବଂ ରସର ନାମ ଦିଅ । ସେଗୁଡ଼ିକ ହାସ୍ୟ ରସାତ୍ମକ ନା ରୌଦ୍ର ନା କରୁଣ ? କଥାବାର୍ତ୍ତା ଗୁଡ଼ିକୁ ଗୋଟିଏ ନିର୍ଦ୍ଦିଷ୍ଟ ଶୈଳୀରେ ଲେଖ ।

**ଗୋଟିଏ ସରଳ କଥୋପକଥନ ଲେଖ ।** ଗୋଟିଏ ପାଣ୍ଡୁଲିପିର ତିନିଗୋଟି ଭାଗ କଥା ମନେ ଅଛି ? ନିଶ୍ଚିତ ହୁଅ ଯେ ଦୁଇଟି ଚରିତ୍ରଙ୍କ କଥାବାର୍ତ୍ତା ଯେପରି ଗୋଟେ ପରିସ୍ଥିତି ଓ ଦ୍ୱନ୍ଦ୍ୱ ସୃଷ୍ଟି କରିବ ।

## ପ୍ରଦର୍ଶନ ସମୟ

ଏହାକୁ ତୁମ ଶ୍ରେଣୀରେ କିମ୍ବା ପରିବାର ସଦସ୍ୟଙ୍କ ଆଗରେ ପ୍ରଦର୍ଶନ କର । ତୁମେ ବର୍ତ୍ତମାନ ଜଣେ କଣ୍ଢେଇନାଚ କଳାକାର ।



ମୋଜା କଣ୍ଢେଇଙ୍କର କଥପୋକଥନ ଲେଖ



https://withteachers.in/

## ଭାରତର ହାତ କଣ୍ଢେଇ

ତୁମେ ପରବର୍ତ୍ତୀ କଣ୍ଢେଇ ନାଚ ପ୍ରଦର୍ଶନର ନୂଆ ନୂଆ ବିଷୟ ଭାବୁଥିଲାବେଳେ ଆସ ଜାଣିବା ଆମ ଦେଶର କେଉଁ ସବୁ ରାଜ୍ୟ କଣ୍ଢେଇ ନାଚ ସହିତ ସମ୍ପୃକ୍ତ ।

### ୧. ସଖୀ କଣ୍ଢେଇ ଓ ସଖୀନାଚ - ଓଡ଼ିଶା

- କାଠ, କନା, କାଗଜ ମଣ୍ଡ ପ୍ରଭୃତିରେ ତିଆରି । ମୁହଁ ଗୁଡ଼ିକ ଭାରି ଉଜ୍ଜ୍ୱଳ ଓ ହସହସ ।
- ସେମାନେ ନାଚ ଗୀତ ଓ ହାସ୍ୟ ରସ ସୃଷ୍ଟି କରନ୍ତି ।
- ଓଡ଼ିଶାର ପର୍ବ ପର୍ବାଣିରେ ଏହା ଅଂଶ ଗ୍ରହଣ କରି ଲୋକମାନଙ୍କୁ ଆମୋଦ ପ୍ରମୋଦ ଯୋଗାଇଥାଏ ।
- ଆମ ରାଜ୍ୟର ମାଗୁଣି ଚରଣ କୁଅଁର ସଖୀ କଣ୍ଢେଇ ନାଚ ପାଇଁ ଖୁବ୍ ପ୍ରସିଦ୍ଧ । ସେଥିପାଇଁ ସେ ସମ୍ମାନସ୍ପଦ ପଦ୍ମଶ୍ରୀ ଉପାଧିରେ ମଧ୍ୟ ଭୂଷିତ ହୋଇଛନ୍ତି ।



### ୨. ପଭାକଥକଳି ପଭାକୁଟୁ - କେରଳ


- କେରଳର ରଙ୍ଗୀନ୍ କଥାକଳି ନୃତ୍ୟଦ୍ୱାରା ପ୍ରଭାବିତ ।
- ଏହା କାଠରେ ତିଆରି ଏବଂ ସୂକ୍ଷ୍ମ କନା ଓ ଗହଣାରେ ସଜ୍ଜିତ ।
- ସେମାନେ ସାଧାରଣତଃ ରାମାୟଣ ଓ ମହାଭାରତର କାହାଣୀ ପରିବେଷଣ କରିଥାନ୍ତି ।



### ୩. ପୁତୁଲ୍ ନାଚ - ବଙ୍ଗଳା

- ମାଟିରେ ତିଆରି ହୋଇଥାଏ ଏବଂ ଏକ ଅନନ୍ୟ ଶୈଳୀରେ ଗପ କହିଥାଏ ।
- ପ୍ରାୟତଃ ସେମାନେ କୃଷ୍ଣରାଧାଙ୍କ କାହାଣୀ ଏବଂ ସାମ୍ପ୍ରତିକ ଘଟଣାର କାହାଣୀ ମଧ୍ୟ କୁହନ୍ତି ।
- ସେମାନେ ତାଳରେ ତାଳି ମାରନ୍ତି ଏବଂ ପରସ୍ପରକୁ ମାଳା ପିନ୍ଧାନ୍ତି ।







https://withteachers.in/

## କଣ୍ଢେଇ ନାଚର ସଂକ୍ଷିପ୍ତ ସୂଚନା

- ଭାରତରେ କଣ୍ଢେଇ ନାଚ ପ୍ରାୟ ତିନି ହଜାର ବର୍ଷ ପୁରୁଣା । ଋଷି ବ୍ୟାସଙ୍କ ଦ୍ୱାରା ଏହି ବିଷୟରେ ଅତି ମଜା ଓ ମହତ୍ୱପୂର୍ଣ୍ଣ କାହାଣୀ ଭଗବତ ପୁରାଣରେ ରଚିତ ହୋଇଛି । ଏଥିରେ କାଠ କଣ୍ଢେଇ ସୂତା ସାହାଯ୍ୟରେ ନିୟନ୍ତ୍ରିତ ହଉଥିଲା ବୋଲି ଉଲ୍ଲେଖ ଅଛି ।
- କୃଷକମାନେ ଚାଷ କାମ ସାରି ଏହି କଣ୍ଢେଇ ନାଚ ଦେଖି ସେମାନଙ୍କ କ୍ଲାନ୍ତି ଦୂର କରୁଥିଲେ ।

## ଦୃଶ୍ୟ ୬ : କାଠି ଓ ଛାୟା କଣ୍ଢେଇ ନାଚ

ଏହା ଏକ ପ୍ରକାରର କଣ୍ଢେଇ ନାଚ ଯେଉଁଥିପାଇଁ କେତେକ ପ୍ରାଥମିକ ପ୍ରସ୍ତୁତି ଦରକାର । ଏହା ତୁମେ ତୁମ ଶ୍ରେଣୀଗୃହ କିମ୍ବା ତୁମ ଘରେ ତିଆରି କରିପାର । ତୁମର କିଛି ସାଧାରଣ ଉପକରଣ ଆବଶ୍ୟକ ଯାହା ତୁମେ ତୁମ ଚାରିପାଖରୁ ପାଇପାରିବ ।

ତୁମେ ହାତ କଣ୍ଢେଇ ଓ ମୋଜା କଣ୍ଢେଇ ନିଜେ ନିଜେ ତିଆରି କରିବା ପାଇଁ ତୁମ ସହିତ ତୁମ ସାଙ୍ଗମାନେ ମଧ୍ୟ ଥିବା ଦରକାର । ତେଣୁ ଯାଅ, ଖୋଜ ତମ କଣ୍ଢେଇ ତିଆରି ଦଳକୁ । ଶ୍ରେଣୀକୁ ଗୋଟିଏ ଗୋଟିଏ ପାଞ୍ଚ ଛଅ ଜଣିଆ ଦଳରେ ଭାଗ କରିବାକୁ ହେବ । ପ୍ରତ୍ୟେକ ଦଳ ସେମାନେ ବର୍ଣ୍ଣନା କରିବାକୁ ଚାହୁଁଥିବା ଗୋଟିଏ ଗୋଟିଏ ତତ୍ତ୍ୱ ବା କାହାଣୀ ବାଛିବେ । ସବୁ ଦଳ ତିନି କିମ୍ବା ଚାରି ଜଣ ଚରିତ୍ର ଥିବା ଗୋଟିଏ ଗୋଟିଏ ସରଳ ପାଣ୍ଡୁଲିପି ରଚନା କର । ତାହାପରେ ଏକାଠି ମିଶି କଣ୍ଢେଇ ତିଆରି କର ।

### କାଠି କଣ୍ଢେଇ

କାଠି କଣ୍ଢେଇ ତିଆରି କରିବା ସବୁଠୁ ସହଜ ଏବଂ ଏହା ପିଲାମାନଙ୍କୁ ଅନେକ ଆନନ୍ଦ ଦେଇଥାଏ ।

- ତୁମ କାହାଣୀରେ ଥିବା ସମସ୍ତ ଚରିତ୍ରର ଚିତ୍ର ଆଙ୍କି ସେଥିରେ ରଙ୍ଗ ଦେଇ ସଠିକ୍ ଆକାରରେ କାଟ ।
- ଛଅ ଇଞ୍ଚ କିମ୍ବା ତାହାଠାରୁ ଅଧିକ ଲମ୍ବର କାଠି ପ୍ରସ୍ତୁତ କର । ଏହା ଗଛର ଅଗ ଡାଳ କିମ୍ବା ଆଇସ୍‌କ୍ରିମ୍ କାଠି କିମ୍ବା ମଜଭୁତ କାର୍ଡ଼୍‌ବୋର୍ଡ଼୍‌ରେ ମଧ୍ୟ ତିଆରି ହୋଇପାରିବ ।
- କାଠିର ଗୋଟିଏ ମୁଣ୍ଡରେ ଚରିତ୍ରମାନଙ୍କର ଚିତ୍ରକୁ ଭଲ ଭାବରେ ଅଠାରେ ଲଗାଇଦିଅ ଓ ଅନ୍ୟ ଭାଗକୁ ତୁମ ହାତରେ ଧର ଯେମିତିକି କଣ୍ଢେଇଟି ଆର ପାଖରେ ରହିବ । (ନିମ୍ନ ଚିତ୍ରକୁ ଦେଖ) ।

ତୁମ କାଠି କଣ୍ଢେଇଗୁଡ଼ିକ ପ୍ରସ୍ତୁତ ହୋଇଗଲେ ।



### କଣ୍ଢେଇ ନାଚ ପାଇଁ ଫ୍ରେମ୍

ଗୋଟିଏ କାର୍ଡ଼୍‌ବୋର୍ଡ଼୍‌କୁ ବଡ଼ ଆୟତାକାରରେ କାଟ, ଯେମିତିକି ତୁମେ ତିଆରି କରିଥିବା ସମସ୍ତ କଣ୍ଢେଇ ତାହା ଭିତରେ ଠିକ୍ ଭାବରେ ଖାପ ଖାଇ ପାରୁଥିବେ ।



https://withteachers.in/







**ଇଚ୍ଛାଧୀନ :**

ତୁମ ପାଣ୍ଡୁଲିପି ଅନୁସାରେ ତୁମେ ତୁମର ଆୟତାକାର ଫ୍ରେମ୍‌କୁ ସୁନ୍ଦର ସୁନ୍ଦର ଚିତ୍ର ଦ୍ୱାରା ସଜାଅ । ଏହାର ପଛ ପାଖରେ ବା ପୃଷ୍ଠ ଭୂମିରେ ଗୋଟେ ଜଙ୍ଗଲ ବା ରାସ୍ତାର ଚିତ୍ର ରଖିପାର । ବର୍ତ୍ତମାନ ତୁମେ ପ୍ରଦର୍ଶନ ନିମନ୍ତେ ପ୍ରସ୍ତୁତ । ପ୍ରତ୍ୟେକ ଦଳର ସଦସ୍ୟମାନେ ଗୋଟିଏ ଚରିତ୍ର ନେଇ ନାଚ ପ୍ରଦର୍ଶନ କରିପାରିବେ ।

ବର୍ତ୍ତମାନ ତମର କାଠି କଣ୍ଢେଇ ନାଚ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇଯାଇଛି । ଛାୟା କଣ୍ଢେଇ ନାଚ ଆଉ ମାତ୍ର ଗୋଟିଏ ପାଦ ଆଗରେ ।

## ଛାୟା କଣ୍ଢେଇ ନାଚ

ଆଗରୁ ଆୟତାକାରରେ କାଟିଥିବା କାର୍ଡ୍‌ବୋର୍ଡ୍ ଫ୍ରେମ୍‌ରେ ଗୋଟିଏ ଧଳାକନା ଲଗାଇ ଦିଅ ଏବଂ ଟର୍ଚ୍ଚ୍ ଆଲୁଅ ଭଳି ଗୋଟିଏ ଏକମୁଖୀ ଆଲୋକ ବ୍ୟବହାର କର । ଛୟା କଣ୍ଢେଇ ନାଚ ପାଇଁ କେତୋଟି ମନେ ରଖିବା କଥା –

- ତୁମେ ଦୃଢ଼ ନିଶ୍ଚିତ ହୁଅ ଯେ, ଆଲୋକ ଯେମିତି ଅଧିକ ବିସ୍ତାରିତ ନ ହୁଏ । କାରଣ ଏହା ଛାୟାଗୁଡ଼ିକୁ ସ୍ୱଷ୍ଟ ଓ ତୀକ୍ଷ୍ଣ ଭାବେ ଦେଖାଇବାରେ ସାହାଯ୍ୟ କରିଥାଏ । ତେଣୁ ଆଲୋକ ବତୀ ବା ଆଲୋକର ଉତ୍ସକୁ ଏକ ସ୍ଥିର ଚଟାଣରେ ରଖ ଯେପରି ଏହା ବୁଲିଯିବ ନାହିଁ ।
- ଚରିତ୍ରର ତୀକ୍ଷ୍ଣ ଧାର ଗୁଡ଼ିକ ଚରିତ୍ରର ଗଠନକୁ ବୁଝାଇ ଥାଏ । ଯେହେତୁ ଏହା ଛାଇ ହୋଇ ଦେଖାଯାଏ, ତେଣୁ ଏଥିରେ ରଙ୍ଗ ବା ଅନ୍ୟାନ୍ୟ ସାଜସଜ୍ଜା କିଛି ଦେଖାଯାଏ ନାହିଁ । ତୀକ୍ଷ୍ଣ ଧାର ଗୁଡ଼ିକ ହିଁ ଦର୍ଶକମାନଙ୍କ ମନରେ ଚରିତ୍ରର ଧାରଣା ସୃଷ୍ଟି କରିବ ।

ତୁମେ ତୁମ ମାର୍ଗରେ କର୍ମ କରି ଛାୟା କଣ୍ଢେଇ ମାଧ୍ୟମରେ କାହାଣୀ ସୃଷ୍ଟି କରିବାକୁ ଚେଷ୍ଟା କଲାବେଳେ ଆସ ଦେଖିବା, ଆମ ଦେଶରେ ଏହି ଛାୟା କଣ୍ଢେଇ ନାଚ କ୍ଷେତ୍ରରେ କେତେ ଉନ୍ନତି କରିଛି ।











https://withteachers.in/

## ଭାରତର ଛାୟା ଓ କାଠି କଣ୍ଢେଇ

ଆମ ଦେଶରେ ଛାୟା କଣ୍ଢେଇ ନାଚ ପ୍ରାୟ ଦୁଇ ହଜାର ବର୍ଷ ଧରି ପ୍ରଚଳିତ ହୋଇ ଆସୁଛି । ରାମ ଓ କୃଷ୍ଣଙ୍କ କାହାଣୀ ଏଥିରେ ସବୁଠୁ ଅଧିକ ଲୋକପ୍ରିୟ । ନିମ୍ନରେ ଥିବା ଚିତ୍ରଗୁଡ଼ିକୁ ଦେଖ, ଆମ ଶିଳ୍ପୀମାନେ କିଭଳି ଆକର୍ଷଣୀୟ ଓ ସୁନ୍ଦର ଛାୟା କଣ୍ଢେଇ ତିଆରି କରିଛନ୍ତି । ଏଥିରୁ ଆମ କଳାକାରମାନଙ୍କର ଦକ୍ଷତା ସ୍ପଷ୍ଟ ଭାବେ ଜଣା ପଡ଼ିଯାଉଛି ।

| ୧. ଆନ୍ଧ୍ର ପ୍ରଦେଶ ଓ ତେଲେଙ୍ଗାନାର ଥୋଲୁ ବୋମ୍ମଲତା | ୨. ତୋଗାଲୁ କର୍ଣ୍ଣାଟକର ବୋମ୍ମେୟାତା | ୩. ଓଡ଼ିଶାର ରାବଣ ଛାୟା | |
|---|---|---|---|
| • ଚମଡ଼ାର ଅତି ସୂକ୍ଷ୍ମ କଣ୍ଢେଇ ଭାରି ଯତ୍ନରେ କଟା ହୋଇ ରଙ୍ଗ ଦିଆ ହୋଇଛି ।<br>• ପ୍ରକୃତରେ ଏହି କଣ୍ଢେଇ ଗୁଡ଼ିକ ଭାରି ଭଲ ଭାବେ ନାଚି ପାରନ୍ତି ।<br>• ହନୁମାନଙ୍କ ବିଷୟରେ କାହାଣୀ ଗୁଡ଼ିକ ଏହି ପ୍ରକାରର କଣ୍ଢେଇ ନାଚ ମାଧ୍ୟମରେ ବହୁତ ଆମୋଦଦାୟକ ହୋଇଥାଏ ।<br> | • ଏଗୁଡ଼ିକ ଚମଡ଼ାରେ ତିଆରି ହୋଇ ରଙ୍ଗ ଦିଆଯାଇଥାଏ ।<br>• ଏଥିରେ ପାର୍ଶ୍ୱ ଓ ସମ୍ମୁଖ ଭାଗ ଚରିତ୍ର ଆଖି ସହିତ ଅଙ୍କା ହୋଇଥାଏ ।<br>• କଣ୍ଢେଇ ନାଚର କଳାକାରମାନେ ଗୀତ ଓ ଧ୍ୱନି ମାଧ୍ୟମରେ ଚରିତ୍ର ଗୁଡ଼ିକୁ ଜୀବନ୍ତ କରିବା ସହିତ କାହାଣୀକୁ ଆକର୍ଷଣୀୟ କରି ତୋଳିଥାନ୍ତି ।<br> | • ଏହି ଶୈଳୀରେ ସୁନ୍ଦର ସୁନ୍ଦର କଳା ଓ ଧଳା କଣ୍ଢେଇଥାଏ ।<br>• କଣ୍ଢେଇଗୁଡ଼ିକ ରାମାୟଣର କାହାଣୀ ବର୍ଣ୍ଣନା କରିଥାନ୍ତି ।<br>• ଏଥିରେ ରାବଣ କଣ୍ଢେଇଟି ଅନ୍ୟ କଣ୍ଢେଇ ଗୁଡ଼ିକ ଅପେକ୍ଷା ୧ ଫୁଟ ଅଧିକ ଉଚ୍ଚା ହୋଇଥାଏ ।<br>• କାଠିନନ୍ଦ ଦାସ, କୋହ୍ଲ ଚରଣ ସାହୁ ଏବଂ ଡ. ଗୌରାଙ୍ଗ ଚରଣ ଦାଶ ଏହି କଳା କ୍ଷେତ୍ରରେ ବିଶେଷ ସୁଖ୍ୟାତି ଅର୍ଜନ କରିଛନ୍ତି ।<br> |  |



https://withteachers.in/



## କ୍ରିୟାକଳାପ - ନିଜର କଣ୍ଢେଇ ନାଚ ତିଆରି କର

କଣ୍ଢେଇ - ପ୍ରସ୍ତୁତ ✓

ଫ୍ରେମ୍ - ପ୍ରସ୍ତୁତ ✓

ପଛପାଖ ପରଦା - ପ୍ରସ୍ତୁତ ✓

ପାଣ୍ଡୁଲିପି - ପ୍ରସ୍ତୁତ ✓

କିନ୍ତୁ ସଂଳାପ କିଏ କହିବ ? କଣ୍ଢେଇ କ'ଣ କଥା କହି ପାରିବେ ? ନା ! ତୁମେ କହିପାରିବ ? ହଁ ! କିନ୍ତୁ ସେ ସଂଳାପ ଗୁଡ଼ାକ ତ ସବୁ ତମେ କହିଲା ଭଳିଆ ଶୁଣାଯିବ । ତୁମ କଥା କେମିତି ତୁମ ଚରିତ୍ର ଭଳିଆ ଶୁଣାଯିବ ?

### ଏହାର ଉତ୍ତର ହେଉଛି :
### ସ୍ୱର ସଞ୍ଚାଳନ ବା ସଂଳାପ ଉଚ୍ଚାରଣ

କଣ୍ଢେଇ ନାଟରେ ସ୍ୱର ସଞ୍ଚାଳନର ଅର୍ଥ ହେଉଛି କଣ୍ଢେଇଙ୍କ ଭାବ କିମ୍ବା ସିଏ କହୁଥିବା କାହାଣୀ ସହିତ ମେଳ ଖାଇବା ଭଳି ଭିନ୍ନଭିନ୍ନ ସ୍ୱର ପ୍ରଦାନ କରିବା । ତେଣୁ ତମ କଣ୍ଢେଇ ଯେତେବେଳେ ଖୁସି ଥାଏ ସେତେବେଳେ ତୁମେ ଆନନ୍ଦ ଏବଂ ଉଚ୍ଚ ସ୍ୱରରେ ସଂଳାପ ପ୍ରକାଶ କର । ଯଦି ଏହା ଭୟାବହ ଅଲୌକିକ କାହାଣୀ କହୁଥାଏ, ତୁମେ ତୁମ ସ୍ୱରକୁ କମେଇ - କ୍ଷୀଣ କରି ରହସ୍ୟମୟ ଶୁଣାଯିବା ପରି କୁହ । ଏହି ଭଳି ଭାବରେ ତୁମେ ବିଭିନ୍ନ ସ୍ୱରରେ କଥା କହି ବିଭିନ୍ନ ଚରିତ୍ର ପରି ଛଳନା କରିବ ।

ତୁମେ ତୁମ କଣ୍ଢେଇ ସହିତ ଏହିପରି କଲେ କାର୍ଯ୍ୟକ୍ରମ ବା ପ୍ରଦର୍ଶନକୁ ଆକର୍ଷଣୀୟ ଏବଂ ଆମୋଦଦାୟକ କରିପାରିବ ।

ତୁମେ ଦୁଇଟି ଚରିତ୍ର ପାଇଁ ସ୍ୱର ଦେବାବେଳେ ଏପରି ସ୍ୱର ପରିବର୍ତ୍ତନ କରିବା ବହୁତ ଗୁରୁତ୍ୱପୂର୍ଣ୍ଣ । ଗୋଟିଏ ପ୍ରକାରର ସ୍ୱରରେ ଦୁଇଟି ଚରିତ୍ରର କଥୋପକଥନ ବା ସଂଳାପ ଶୁଣିବାକୁ ଦର୍ଶକମାନଙ୍କୁ ବିରକ୍ତ ଲାଗିବନି କି ? ତାହା ପୁଣି ତୁମର ନିତିଦିନିଆ ସ୍ୱର ପରି ଶୁଣାଯାଉଥିବ ! ତେଣୁ ଦୁଇଟି ଯାକ ଚରିତ୍ରଙ୍କ ସ୍ୱର ଅଲଗା ଅଲଗା ଶୁଣାଯିବା ଦରକାର । ସେହିସବୁ ପୁଣି ତୁମ ନିଜ ସ୍ୱରଠାରୁ ମଧ୍ୟ ଅଲଗା ଶୁଣାଯାଉଥିବ ।

ଏହା ସବୁ ପ୍ରକାରର କଣ୍ଢେଇ ନାଚ ପାଇଁ ସମାନ । ଏହା ମୋଜା କଣ୍ଢେଇ ହେଉ କିମ୍ବା ଗ୍ଲୋଭ୍ କଣ୍ଢେଇ ହେଉ କିମ୍ବା ଛାୟା କଣ୍ଢେଇ । ତୁମକୁ ସ୍ୱର ସାଧନା କରିବାକୁ ହେବ । ସ୍ୱର ପରିବର୍ତ୍ତନ କୌଶଳ ଶିଖିବାକୁ ହେବ । ମନେରଖ ତୁମ ସ୍ୱର ଯେପରି କଣ୍ଢେଇମାନେ ଯୋଉ ଚରିତ୍ରରେ ଅଭିନୟ କରୁଛନ୍ତି ସେହି ଚରିତ୍ର ଅନୁସାରେ ହେଇପାରିବ ।

ଉଦାହରଣ : ଜଣେ ବୃଦ୍ଧଙ୍କର ସ୍ୱର ଅତି ଦୃଢ଼ ଓ ଚିକ୍କାର କଲାଭଳି ଉଚ୍ଚ ସ୍ୱର ହୋଇ ନ ପାରେ ।

କଣ୍ଢେଇ ନାଚ ପାଇଁ ତୁମ ପାଣ୍ଡୁଲିପିରୁ ସଂଳାପ ଗୁଡ଼ିକୁ ତୁମେ ତିଆରି କରିଥିବା କଣ୍ଢେଇମାନଙ୍କ ଚରିତ୍ର ଅନୁସାରେ ଅଭ୍ୟାସ କର । ବର୍ତ୍ତମାନ ତୁମେ କଣ୍ଢେଇ ନାଚ ପରିବେଷଣ ପାଇଁ ପ୍ରସ୍ତୁତ । ଦର୍ଶକମାନଙ୍କୁ ପ୍ରସ୍ତୁତ କର... ଯାଅ !



https://withteachers.in/

**କଣ୍ଢେଇ ନାଚ ବିଷୟରେ କେତେକ ସୂଚନା**

- ଭାରତୀୟ ରାଜା କୃଷ୍ଣଦେବରାୟ ଏବଂ ବିକ୍ରମାଦିତ୍ୟ ଏହି କଣ୍ଢେଇ ନାଚକୁ ବହୁତ ଭଲ ପାଉଥିଲେ । ତେଣୁ ଏଥିପାଇଁ ସେ ନିଜର ସ୍ୱତନ୍ତ୍ର ପ୍ରେକ୍ଷାଗୃହ ନିର୍ମାଣ କରିଥିଲେ ।
- କଣ୍ଢେଇ ନାଚ ସାମାଜିକ ସଚେତନତା ସୃଷ୍ଟି ପାଇଁ ଏକ ଉପାଦେୟ ମାଧ୍ୟମ । ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଲିଙ୍ଗଗତ ପ୍ରଭେଦ, ସୁରକ୍ଷିତ ଓ ଅସୁରକ୍ଷିତ ସ୍ପର୍ଶର ପ୍ରକାରଭେଦ ବିଷୟରେ ସଚେତନତା ଏହା ମାଧ୍ୟମରେ ସୃଷ୍ଟି କରାଯାଇପାରେ ।
- ବର୍ତ୍ତମାନ ଭାରତୀୟ କଣ୍ଢେଇନାଚ ପରମ୍ପରାକୁ ବଞ୍ଚାଇ ରଖିବା ନିମନ୍ତେ ବହୁ ନୂଆ ନୂଆ କଳା ଓ ବୈଷୟିକ ଜ୍ଞାନ କୌଶଳ ପ୍ରୟୋଗ କରି ଏହାକୁ ଆହୁରି ଅଧିକ ଆକର୍ଷଣୀୟ କରାଯାଉଛି ।

**ଏହିସବୁ କଣ୍ଢେଇଗୁଡ଼ିକ ପାଇଁ ସ୍ୱର ସୃଷ୍ଟି କରି ସେହି ସ୍ୱରରେ ନିମ୍ନରେ ଲେଖା ହୋଇଥିବା ଧାଡ଼ିଗୁଡ଼ିକୁ କୁହ ।**

"ତୁମେ ତୁମର ମଧ୍ୟାହ୍ନ ଭୋଜନ ଖାଇସାରିଲଣି ?"



"ମୁଁ ଉଦ୍ୟାନରେ ଖେଳିବାକୁ ଚାହେଁ ।"



"ଆଜ୍ଞା ! ଆପଣ ମୋ ସହିତ ଗୋଟେ ଦୌଡ଼ ପ୍ରତିଯୋଗିତାରେ ଯିବେ କି ?"



"ତମେ ମୋ ସାଙ୍ଗେ ଖେଳିବାକୁ ଚାହଁ କି ?"







https://withteachers.in/




# ଅଧ୍ୟାୟ ୨୦ : ଉପସଂହାର

ତୁମେମାନେ ଯାହା ଯାହା ସବୁ ଶିକ୍ଷା ଲାଭ କଲ ସେହି ଗୁଡ଼ିକୁ ଗୋଟିଏ ପ୍ରକଳ୍ପରେ ଏକତ୍ର କରି ରଖିବା ଭାରି ମଜା ପଦକ୍ଷେପ । ଏହା ତୁମେ ନିଜେ କିମ୍ବା ମିଳିତ ଭାବରେ କରିପାର ।

ଏହି କ୍ରିୟାକଳାପ ମଧ୍ୟ ତୁମମାନଙ୍କୁ କଣ୍ଢେଇ ନାଚ କରିବା ନିମନ୍ତେ ଏକ ସରଳ ଉପାୟ ଶିକ୍ଷା ଦିଏ । ଯଦି ତୁମେମାନେ ନାଟକ ପରିବେଷଣ ନ କରିପାର ତେବେ କଣ୍ଢେଇ ନାଚ ପରିବେଷଣ କରିପାରିବ । ଏହାକୁ ପ୍ରସ୍ତୁତ କରି ପ୍ରଥମେ ଶ୍ରେଣୀର ସାଙ୍ଗମାନଙ୍କ ସମ୍ମୁଖରେ ଉପସ୍ଥାପନ କର ।

## ୧. ପାଣ୍ଡୁଲିପି

ଗୋଟିଏ ରସକୁ ଆଶ୍ରା କରି ଦୁଇ ତିନି ଜଣ ଚରିତ୍ରଙ୍କ ମଧ୍ୟରେ ଗୋଟିଏ ସରଳ କଥୋପକଥନ ରଚନା କର । ନିଶ୍ଚିତ ହୁଅ ଯେ ତମେ ଲେଖିଥିବା କଥୋପକଥନରେ ମୁଖ୍ୟତଃ ତୁମେ ବାଛିଥିବା ରସଟି ଅଛି । ଉଦାହରଣ ସ୍ୱରୂପ ତୁମେ ବାଛିଥିବା ରସଟି ହେଉଛି ରୌଦ୍ର । ତିନିଜଣଙ୍କ ମଧ୍ୟରୁ, ମୁଖ୍ୟ ଚରିତ୍ର କ୍ଷଣକୋପୀ ହୋଇଥାଇପାରନ୍ତି କିମ୍ବା ତାଙ୍କ କ୍ରୋଧ କିପରି ବହୁ ସମସ୍ୟା ସୃଷ୍ଟି କରିପାରେ ସେହି ବିଷୟରେ ଅନ୍ୟ ଦୁଇଜଣ ଆଲୋଚନା କରୁଥାଇ ପାରନ୍ତି ।




## ୨. ରୂପସଜ୍ଜା ଓ ପୋଷାକ ତିଆରି

ଦ୍ୱିତୀୟ ଅଙ୍କରେ ଯେପରି କରିଥିଲ ସେହିପରି ତୁମ ପାଣ୍ଡୁଲିପିରେ ଥିବା ଚରିତ୍ରମାନଙ୍କର ରୂପସଜ୍ଜା ଏବଂ ପୋଷାକର ପରିକଳ୍ପନା କର ।





https://withteachers.in/

## ୩. ମଞ୍ଚ ସଜ୍ଜା :

କାର୍ଡ଼ବୋର୍ଡ଼ କାଟିକରି ସେଥିରେ ଏକ ମଞ୍ଚର ଆକୃତି ତିଆରି କର । ତାକୁ ବ୍ୟବହାର କରି ସେଥିରେ ଦୃଶ୍ୟପଟ୍ଟ ଖଞ୍ଜିବା ସହିତ କେଉଁଠି କେଉଁ ଉପକରଣ ରହିବ ତାହାର ଯୋଜନା ମଧ୍ୟ ପ୍ରସ୍ତୁତ କର ।

ଏହି ଯୋଜନା ଅନୁସାରେ ତମେ ତମ ଶ୍ରେଣୀ ଗୃହରେ ଚୂଡ଼ାନ୍ତ ପ୍ରଦର୍ଶନର ଯୋଜନା କର ଯେଉଁଠି କି ତମେ ମଞ୍ଚ ତିଆରି କରି ମଞ୍ଚ ଉପକରଣ ଗୁଡ଼ିକୁ ଯଥା ସ୍ଥାନରେ ସଜାଡ଼ି ରଖି ସାଙ୍ଗମାନଙ୍କ ସହିତ ପାଣ୍ଡୁଲିପିକୁ ଅଭିନୟ କରି ଦେଖାଇବ ।



### ଆଲୋଚନା ଓ ମତାମତ ଗ୍ରହଣ

ନାଚ ଉପସ୍ଥାପନ କିମ୍ବା ପରିବେଷଣ ପରେ, ଶ୍ରେଣୀର ସହପାଠୀମାନଙ୍କ ସହିତ ବସି ନାଟକର ପ୍ରତ୍ୟେକ ବିଭାଗ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କର । ଏହା ପ୍ରତ୍ୟେକ କଳାକାରଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ।

୧. ପାଣ୍ଡୁଲିପି – ସେମାନେ ସମସ୍ତେ କାହାଣୀଟିକୁ ବୁଝି ପାରିଲେ କି ? ଦ୍ୱନ୍ଦ୍ୱ ଓ ସମାଧାନ ସ୍ପଷ୍ଟ ଓ ପରିଷ୍କାର ଥିଲା କି ?

୨. ପୋଷାକ ଓ ରୂପସଜ୍ଜା – ଏହା ଠିକ୍ ଥିଲା କି ? ଚରିତ୍ର ଅନୁସାରେ ଏହା ଠିକ୍ ଥିଲା କି ? ଏହା ଚରିତ୍ରର ଗୁଣକୁ ବୃଦ୍ଧି କରୁଥିଲା ନା ବିଘ୍ନ ସୃଷ୍ଟି କରୁଥିଲା ?

## ୪. କଣ୍ଢେଇ ନାଚ

ତୁମ ଯୋଜନା ଅନୁସାରେ ପୋଷାକ ପିନ୍ଧିଥିବା ଚିତ୍ରର ବାହ୍ୟରେଖାକୁ କାଟିଦିଅ ଏବଂ ଏହାର ଏକ ପାଖରେ ଗୋଟେ କାଠି ଅଠାରେ ଲଗାଇ ଦିଅ । ସବୁ ଚରିତ୍ରପାଇଁ ଏହିଭଳି କର । ବର୍ତ୍ତମାନ କାଠି କଣ୍ଢେଇ ସବୁ ପ୍ରସ୍ତୁତ ହୋଇଗଲେ ।

ବର୍ତ୍ତମାନ ତୁମର ସେହି ସମାନ ମଞ୍ଚକୁ କଣ୍ଢେଇ ନାଚ ପାଇଁ ବ୍ୟବହାର କରିପାର ।



୩. ମଞ୍ଚ – ମଞ୍ଚରେ ସମସ୍ତ ଉପକରଣ ସଠିକ୍ ଭାବେ ବ୍ୟବହାର ହୋଇଛି କି ?

୪. ଆଉ କ’ଣ କରିଥିଲେ ଆମର ସର୍ବାଙ୍ଗୀନ ପ୍ରଦର୍ଶନ ଆହୁରି ଭଲ ହୋଇ ପାରିଥାନ୍ତା ?

ପ୍ରତ୍ୟେକ ଅନୁକୂଳ ଓ ପ୍ରତିକୂଳ ମନ୍ତବ୍ୟକୁ ସମାନ ଭାବରେ ଗ୍ରହଣ କର । ଦୋଷ ତ୍ରୁଟି ଗୁଡ଼ିକୁ ସୁଧାରି ନେଲେ ଭବିଷ୍ୟତରେ ଏହି ନାଟକ ପରିବେଷଣ ବେଳେ ପୂର୍ବର ଦୋଷ ତ୍ରୁଟି ଗୁଡ଼ିକ ପୁନର୍ବାର ଆଉ ଘଟିବ ନାହିଁ । ଫଳରେ ନାଟକ ଆହୁରି ଭଲ ହୋଇପାରିବ ।



https://withteachers.in/



ତମେମାନେ ଗୋଟିଏ
ନାଟ୍ୟ ମଞ୍ଚନ ପ୍ରକ୍ରିୟାର ମୌଳିକ ଉପାୟଗୁଡ଼ିକୁ ଏବେ
ଶିଖିଲ । କିନ୍ତୁ ଆଗକୁ ଆହୁରି ଅଛି । ଏହାପରେ ତୁମେ ଆହୁରି ବିସ୍ତୃତ ଉପାୟ ଭିତରକୁ
ଦୃଷ୍ଟି ନିକ୍ଷେପ କରି ଜାଣିବ ତମେ କେମିତି ତମ ନାଟ୍ୟ ରଚନା ଓ ପରିବେଷଣକୁ ଉନ୍ନତ କରିବ । ଯାହା
ଫଳରେ ତମ ନାଟକ ବୃତ୍ତିଗତ କଳାକାରମାନଙ୍କ ନାଟକ ଭଳି ଦେଖାଯିବ । ଏହା ପୂର୍ବ ଅପେକ୍ଷା ନିଶ୍ଚୟ ଅଧିକ
ଉତ୍ସାହଜନକ ଓ ଆକର୍ଷଣୀୟ ହେବ ।

ମୁକ୍ତ ଭାବେ ଲେଖ ଓ ନିଜ ସାଙ୍ଗ ବା କଣ୍ଢେଇମାନଙ୍କ ସହ ଅଧିକ ଲେଖା ପ୍ରସ୍ତୁତକର ଓ ଛୋଟ ଛୋଟ କାର୍ଯ୍ୟକ୍ରମ କର । ତୁମେ ପଢ଼ିଥିବା
ଗପ କିମ୍ବା ଦେଖିଥିବା ସିନେମାର କାହାଣୀକୁ ବ୍ୟବହାର କରିପାର କିମ୍ବା ନିଜେ ମଧ୍ୟ ନିଜର ନୂଆ ପରିକଳ୍ପନା କରିପାର ।

ଯେହେତୁ ଏହାର ଆରମ୍ଭ ଭାଗରେ ବର୍ଣ୍ଣିତ ନାଟ୍ୟଶାସ୍ତ୍ରର ପଙ୍କ୍ତି କହେ, ନାଟକ କେବଳ ତୁମକୁ ପରିବେଷଣ କଳା ବିଷୟରେ ଶିକ୍ଷା ଲାଭ
କରିବା ନିମନ୍ତେ ସାହାଯ୍ୟ କରେ ନାହିଁ ବରଂ ଗୁରୁତ୍ୱପୂର୍ଣ୍ଣ ଜୀବନ ଦକ୍ଷତା ତିଆରି କରେ, ଯାହା ତମେ ଭବିଷ୍ୟତରେ ଆବଶ୍ୟକ କରିବୁ ।
ତେଣୁ ଏହି ସୁନ୍ଦର ତଥା ବିସ୍ମୟକର କଳାର ବ୍ୟବହାର କରି ନିଜକୁ ଆବିଷ୍କାର କର । ଆତ୍ମବିଶ୍ୱାସର ସହିତ ନୂଆ ନୂଆ କଳ୍ପନା
ଗୁଡ଼ିକୁ ମଞ୍ଚସ୍ଥ କରିବାକୁ ଚେଷ୍ଟା କର । ନୂଆ ନୂଆ କାହାଣୀ ସୃଷ୍ଟି କରି ସେଗୁଡ଼ିକୁ ଉପସ୍ଥାପନ କଲାବେଳେ,
ମନେରଖ – ହସ, ମଜା କର ।

**ଖୁସିରେ ତିଆରି କର ଚାଲ ଆମେ ଆଉଥରେ ଦେଖା ହେବା ପର୍ଯ୍ୟନ୍ତ ।**



https://withteachers.in/

## ସମସ୍ତ କଳାରୂପ ଗୁଡ଼ିକର ଏକତ୍ରିକରଣ



ଆମେ ସମସ୍ତେ ଜାଣୁ ଯେ ଆମେ ବହିର ଶେଷ ଭାଗରେ ପହଞ୍ଚିଛେ । ସମସ୍ତ ଚାରିଟି ଯାକ କଳା ରୂପ ବିଭିନ୍ନ ବିଭବ ବିଷୟରେ ଆମେ ଶିକ୍ଷା ଲାଭ କରିଛେ । ବର୍ତ୍ତମାନ ସେହି ସବୁକୁ ଏକାଠି କରିବା । ମାତ୍ର ଗୋଟିଏ କ୍ରିୟା କଳାପ ଭିତରେ ଆମେ କେମିତି ସବୁଗୁଡ଼ିକୁ ଏକାଠି କରିପାରିବା ସେ ବିଷୟରେ ଏବେ ଆମେ ଶିକ୍ଷା କରିବା ।

ସର୍ବପ୍ରଥମେ ଗୋଟେ କାହାଣୀ ନବା, ତାହା ପରେ ଆମେ ଜାଗା ଖୋଜି ବାହାର କରିବା ଏବଂ ସେହିଠାରେ ଆମେ ଗୋଟିଏ ନିର୍ଦ୍ଦିଷ୍ଟ କଳାରୂପର ଉପାଦାନ ଗୁଡ଼ିକୁ କଳାତ୍ମକ ଭାବରେ ସଂଯୋଜିତ କରିପାରିବା ।

ମଜା ଲାଗୁଛି ନା ? ତୁମେମାନେ ଅନୁଭବ କଲ କି, ଏହି ଡାହାଣ ପଟେ ଥିବା ଛୋଟ ଗପରେ, ସବୁ କଳାବିଧା ଗୁଡ଼ିକ ଏକାଠି ଗୁନ୍ଥା ହୋଇଛି ବୋଲି ? ସେଗୁଡ଼ିକୁ ଜାଣିବାକୁ ଚେଷ୍ଟା କରିବା ?

ମୋହର – ଏହି ପୁସ୍ତକର ଦୃଶ୍ୟକଳା ଅଧ୍ୟାୟରେ ତୁମେ ଏହାକୁ ତିଆରି କଲ ।

ସ୍ଥାନୀୟ ଏବଂ ଆଞ୍ଚଳିକ ଗୀତ ଓ ନାଚ – ସଙ୍ଗୀତ ଓ ନୃତ୍ୟ ଶ୍ରେଣୀରେ ତୁମେମାନେ ଏହା ଅନେକ ଶିକ୍ଷା କରିଚ ।

ନାଟ୍ୟ କ୍ରିୟା କଳାପରେ ତୁମେମାନେ ସଂଳାପ ସହିତ ଆନନ୍ଦ, ଭୟ ଓ ଆଶ୍ଚର୍ଯ୍ୟ ଆଦି ଭାବ ଗୁଡ଼ିକୁ ଅଭିବ୍ୟକ୍ତ କରିବା ଶିଖିଛ । ବର୍ତ୍ତମାନ ଏହାସବୁ କେମିତି ସୃଷ୍ଟି ହେବ ସେ କଥା ମଧ୍ୟ ତୁମେମାନେ ଜାଣ ।

**କାହାଣୀର ଉଦାହରଣ :**

ଦୁଇଜଣ ସାଙ୍ଗ ଜଙ୍ଗଲ କଡ଼ରେ ଖେଳୁଥିଲେ, ଏବଂ ଗୋଟେ ରହସ୍ୟମୟ ମୋହର ପାଇଲେ । ଯୋଉଥିରେ କି ଗୋଟେ ଗୁପ୍ତ ଚିହ୍ନ ଥିଲା । ଗୁପ୍ତ ଚିହ୍ନକୁ ଖୋଜି ଜାଣିବା ପାଇଁ ସେମାନେ ଦୁଃସାହସର ସହିତ ଲାଗି ପଡ଼ିଲେ । କିନ୍ତୁ କିଛି ପାଇଲେ ନାହିଁ ଏବଂ ଅନୁଭବ କଲେ ଯେ ସେମାନେ ଜଙ୍ଗଲ ଭିତରେ ହଜି ଯାଇଛନ୍ତି । ସେମାନେ ପ୍ରାୟତଃ ସେଥିରୁ ଓହରି ଆସିବାକୁ ପ୍ରସ୍ତୁତ ହୋଇ ସାରିଥିଲେ । ସେଠାକାର କେତେକ ମୂଳ ବାସିନ୍ଦା ତାଙ୍କ ଦେବତାଙ୍କ ସମ୍ମୁଖରେ ନାଚ କରୁଥିବା ଦେଖିଲେ । ପିଲା ଦୁଇଜଣ ଧରା ପଡ଼ିଗଲେ । ସେ ଲୋକମାନେ ଉଭୟଙ୍କୁ ତାଙ୍କ ଗାଁ'କୁ ନେଇଗଲେ । ପିଲାମାନେ ଭାରି ଡରି ଯାଇଥିଲେ ଏବଂ ସେଠାରୁ ଖସି ପଳାଇ ଆସିବାକୁ ଯୋଜନା କଲେ । ଠିକ୍ ସେମାନେ ଖସି ଆସିବା ବେଳକୁ, ସେମାନେ ଦେଖିଲେ ଯେ ଗାଁ'ର ସବୁତକ କୁଡ଼ିଆ ଦେଖିବାକୁ ଏହି ମୋହର ପରି । ସେମାନେ ସେମାନଙ୍କ ମୋହରଟିକୁ ସେ ଲୋକମାନଙ୍କୁ ଦେଖାଇଲେ ଏବଂ କୌଣସିମତେ ସେମାନଙ୍କୁ ବୁଝାଇଦେଲେ ଯେ ସେମାନେ ଜଙ୍ଗଲ ଭିତରୁ ମୋହରଟି ପାଇଲେ ଏବଂ ହଜିଗଲେ । ସେମାନଙ୍କର ପବିତ୍ର ମୋହରକୁ ଦେଖିସାରି ଜଙ୍ଗଲର ସମସ୍ତ ଗ୍ରାମବାସୀ ସେମାନଙ୍କ ସହିତ ବନ୍ଧୁତା ସ୍ଥାପନ କରିବାକୁ ପୁଲକିତ ହୋଇ ଉଠିଲେ । ସେମାନେ ଏ ଦୁହିଁଙ୍କୁ ଚାରିଆଡ଼ ବୁଲାଇ ଦେଖାଇଲେ ଏବଂ କହିଲେ ସେମାନେ ପୃଥିବୀକୁ ସେମାନଙ୍କ ଦେବତା ଭାବରେ ପୂଜା କରନ୍ତି ।



https://withteachers.in/

### ତୁମେମାନେ ଜାଣ କି

ପଞ୍ଚ (ପାଞ୍ଚ) ତତ୍ତ୍ୱ (ଉପାଦାନ) କିମ୍ବା ପଞ୍ଚ ତତ୍ତ୍ୱ ଗୁଡ଼ିକ ହେଲା ପାଞ୍ଚଟି ମୌଳିକ ଉପାଦାନ । ଏଗୁଡ଼ିକ ହେଲା ପୃଥିବୀ, ଜଳ, ଅଗ୍ନି, ବାୟୁ ଓ ଆକାଶ ।



ତୁମେ ବର୍ତ୍ତମାନ ବୁଝିପାରିଲ, କେତେ ସୁନ୍ଦର ଭାବରେ ସେସବୁକୁ ଏକାଠି ଯୋଡ଼ି ଆମେ କେମିତି ଗୋଟେ କାହାଣୀ ତିଆରି କରିପାରିଲେ । ଠିକ୍ ଅଛି, ଆଗେଇ ଚାଲ ଏବଂ ନିଜେନିଜେ ସୃଷ୍ଟି କର ।

ବିଷୟଟି ହେଲା ପଞ୍ଚତତ୍ତ୍ୱ 'ପୃଥିବୀ ଓ ପାଣି' । ପଞ୍ଚତତ୍ତ୍ୱ ହେଉଛି ପ୍ରକୃତିର ପାଞ୍ଚଟି ଉପାଦାନ ।

## ବ୍ୟକ୍ତିଗତ କ୍ରିୟାକଳାପ

ବର୍ତ୍ତମାନ ଏହି ଦୁଇଟି ଉପାଦାନ ବିଷୟରେ ଆଲୋଚନା କର – ପୃଥିବୀ ଓ ଜଳ ।

ପ୍ରଥମେ କ୍ଷେତ୍ର ଗୁଡ଼ିକୁ ଚିହ୍ନଟ କର ଅର୍ଥାତ୍ ସମସ୍ୟାର କ୍ଷେତ୍ର ଯାହାକୁ ଆମେ ବିଭିନ୍ନ କଳା ରୂପମାନଙ୍କ ମଧ୍ୟରେ ଦର୍ଶେଇ ପାରିବା । ଉଦାହରଣ ସ୍ୱରୂପ, ଆମେ ଯଦି ମାଟି ପ୍ରଦୂଷଣକୁ ବାଛିବା ତାହା ହେଲେ ଆମେ ଫୋଟୋ କିମ୍ବା ପ୍ରଚାରପତ୍ର (ଦୃଶ୍ୟକଳା) ମାଧ୍ୟମରେ ଗୋଟିଏ ପ୍ରଚାର କରିପାରିବା । ଆମେ ଗୋଟେ ପ୍ରେରଣା ଦାୟକ ଗୀତ ରଚନା କରି ଶକ୍ତିଶାଳୀ ସଙ୍ଗୀତ ମାଧ୍ୟମରେ ସଂଯୋଜନା କରିବା ଏବଂ ଏହି ଗୀତ ତାଳରେ ମଧ୍ୟ ନୃତ୍ୟ ଅଭ୍ୟାସ କରିପାରିବା । ଏକ ଛୋଟ ବ୍ୟଙ୍ଗ ନାଟକ, ନାଟକ କିମ୍ବା ପଥପ୍ରାନ୍ତ ନାଟକ କରି ଏଥିରେ ଉପରୋକ୍ତ ସମସ୍ତ କଳାର ଉପାଦାନ ଗୁଡ଼ିକୁ ସେଥିରେ ସଂଯୋଜିତ କରିବା ।

ସଙ୍ଗୀତ, ନାଟକ, ନୃତ୍ୟ ଏବଂ ଦୃଶ୍ୟକଳା ବିଷୟରେ ଥିବା ତୁମର ଜ୍ଞାନ ଓ ଦକ୍ଷତାକୁ ବ୍ୟବହାର କରି ଗୋଟିଏ ପ୍ରକଳ୍ପ ବିକାଶ କରାଅ ଯାହା ମାଧ୍ୟମରେ ପୃଥିବୀ ଏବଂ ଜଳ ସମ୍ପର୍କରେ ତୁମମାନଙ୍କ ପରିକଳ୍ପନା ଧାରଣା, ଭାବ-ରସ ଏବଂ ଉଦ୍‌ବେଗକୁ ପ୍ରକାଶ କରିପାରିବ ।

ତୁମେ ଯେତେବେଳେ ଗୋଟିଏ ଭିନ୍ନ ଉପାୟରେ ଗୋଟିଏ କଳାକୁ ପ୍ରକୃତିର ପାଞ୍ଚ ଉପାଦାନ (ପଞ୍ଚଭୂତ) ସହିତ ସଂଯୋଜିତ କରିବାକୁ ଚିନ୍ତା କରୁଛ ତୁମେ ଏହି କ୍ରିୟା କଳାପକୁ କ୍ରମାଗତ ଭାବେ କରିଚାଲ । ତୁମେ ଯେତେବେଳେ ଏହିସବୁ ସଂଯୋଜନା ବିଷୟରେ ଭାବି ଚାଲୁଛ, ଆମେ ହସ ମଜାର କ୍ରିୟାକଳାପ ଭିତରେ ଦଳଗତ ଭାବେ କାର୍ଯ୍ୟ ଆରମ୍ଭ କରିବା ଯାହା ଏକ ଖେଳ ଭାବେ ଖେଳାଯାଇପାରିବ ।

| ଉପାଦାନ | ନାଟକର ଉପାଦାନ (ରସ, ଅଭିନୟ, ଶବ୍ଦ) | ସଙ୍ଗୀତର ଉପାଦାନ (ଧ୍ୱନି, ତାଳ, ରସ, ଶବ୍ଦ) | ନୃତ୍ୟର ଉପାଦାନ (ତାଳ, ଗତି, ଭାବ ପ୍ରକାଶ) | ଦୃଶ୍ୟ କଳାର ଉପାଦାନ (ଗାର, ଆକାର, ରଙ୍ଗ, ଅବୟବ) |
|---|---|---|---|---|
| ପୃଥିବୀ ଓ ଜଳ | | | | |



https://withteachers.in/

## ଦଳଗତ କ୍ରିୟାକଳାପ

ମନେରଖ ଯେ ତୁମେ ଯେଉଁ ଉପାୟରେ ଉପାଦାନ ଗୁଡ଼ିକୁ ସଂଯୋଜିତ କର ତାହା ତମ ସାଙ୍ଗମାନେ ଯେପରି ଉପାଦାନମାନଙ୍କୁ ସଂଯୋଜିତ କରୁଛନ୍ତି ତାହାଠାରୁ ଭିନ୍ନ ହୋଇପାରେ । ତୁମର କଳ୍ପନା ବା ବୁଦ୍ଧି ଅନୁସାରେ ଏହି ସରଣୀଟିକୁ ପୂରଣ କର । ଯଦି ତୁମେମାନେ ଲେଖିବାପାଇଁ କିମ୍ବା ଚିତ୍ର କରିବାପାଇଁ ଅଧିକ ସ୍ଥାନ ଆବଶ୍ୟକ କର ତମ୍ଭେ ତୁମ ଖାତା କିମ୍ବା ଅଲଗା କାଗଜରେ କରିପାର ।

ବ୍ୟକ୍ତିଗତ କ୍ରିୟାକଳାପ ପରି ପୃଥିବୀ ଓ ଜଳ ସଙ୍କ୍ରାନ୍ତୀୟ ବିଷୟ କିମ୍ବା ଗୋଟେ ସମସ୍ୟା କିମ୍ବା ଦାବୀ ଗୁଡ଼ିକୁ ବାଛ । ଏଠାରେ ତୁମର ତେଜସ୍ୱୀ ମନ ନିମନ୍ତେ କେତେକ ଚିନ୍ତା ଉଦ୍ରେକକାରୀ ବିଷୟ ରହିଛି । ତୁମେ ମାଟିର ଗୁଣ କିମ୍ବା ତୁମ ଅଞ୍ଚଳର ପିଇବା ପାଣିର ଉତ୍ସ କିମ୍ବା ତୁମ ଚାରିପାଖେ ଥିବା ପ୍ରାକୃତିକ ସମ୍ପଦ ବିଷୟରେ ଭାବିଛ ? ତୁମେ ଗୋଟେ ପୋଖରୀ, ହ୍ରଦ, କିମ୍ବା ନଦୀ ଏବଂ ଏହାର ଜୀବଜଗତ କିମ୍ବା ଏବେ ଦେଖିଥିବା ପର୍ବତମାଳା, ଜଳ ପ୍ରପାତର ସୌନ୍ଦର୍ଯ୍ୟ ବର୍ଣ୍ଣନା କରିପାରିବ ?

ତୁମେ ଜଳ ବିନା ଗୋଟେ ଦିନର ପରିକଳ୍ପନା କରିପାରିବ ? ଅତି ଅପରିଷ୍କାର ଏବଂ ପ୍ରଦୂଷିତ ମାଟିରେ ବାସ କରିବା କଥା ଚିନ୍ତା କରିପାରିବ ? ଠିକ୍ ଅଛି, ଆମେ ସବୁବେଳେ ଚେଷ୍ଟା କରିବା ଏବଂ କଳା ମାଧ୍ୟମରେ କେତେକ ସକାରାତ୍ମକ ପରିବର୍ତ୍ତନ ଆଣିପାରିବା । କାରଣ କଳା କେବଳ ଗୋଟେ ଦକ୍ଷତା ବିକାଶ ନୁହେଁ ବରଂ ଏହା ସାମାଜିକ ପରିବର୍ତ୍ତନ ଓ ସଂସ୍କାର ଆଣିବାପାଇଁ ଏକ ବଳିଷ୍ଠ ମାଧ୍ୟମ । କଳା ଜ୍ଞାନ ଆମ ଭିତରେ ସବୁ ବିଷୟରେ ସଚେତନତା ଓ ସମ୍ବେଦନଶୀଳତା ସୃଷ୍ଟି କରେ, କାରଣ ଆମେ ଛୋଟଛୋଟ ଜିନିଷକୁ, ସୌନ୍ଦର୍ଯ୍ୟକୁ ଏବଂ ଆମ ଚାରିପଟର ପରିବର୍ତ୍ତନକୁ ପ୍ରଶଂସା କରିବା ଆରମ୍ଭ କରିଛୁ ।

ବର୍ତ୍ତମାନ, କେତେକ ମାନସିକ ବ୍ୟାୟାମ ନିମନ୍ତେ ତୁମେମାନେ ପ୍ରସ୍ତୁତ କି ?

### ନିର୍ଦ୍ଦେଶାବଳୀ

୧. ପାଞ୍ଚଟି ଥାକର ଚିଠା ପ୍ରସ୍ତୁତ କର । ପ୍ରତି ଥାକର ଚିଠା ଗୁଡ଼ିକର ଏକ ନିର୍ଦ୍ଦିଷ୍ଟ କଳାରୂପର ବିଷୟାକ କ୍ରିୟାକଳାପ ସମ୍ପର୍କରେ ଲେଖା ହୋଇଛି । (କ୍ରିୟାକଳାପ ନିମନ୍ତେ ନିମ୍ନରେ ଥିବା ତାଲିକା ବ୍ୟବହାର କର ।)

୨. ପ୍ରତି ଦଳରେ ୧୦-୧୨ ଜଣ ସଭ୍ୟ ରଖି ଶ୍ରେଣୀକୁ ଦୁଇ ତିନି ଭାଗରେ ବିଭକ୍ତ କର । ପ୍ରତି ଦଳ ସେମାନଙ୍କ କର୍ମର ପରିସର ଭାବରେ ପୃଥିବୀ କିମ୍ବା ଜଳକୁ ଚୟନ କରନ୍ତି ।

୩. ପ୍ରତି ଦଳର ଜଣେ ପ୍ରତିନିଧି ପ୍ରତି ଥାକରୁ ଗୋଟିଏ ଲେଖାଏଁ ଚିଠା ଉଠାଅ । ଫଳରେ ପ୍ରତି ଦଳଙ୍କ ନିକଟରେ ନାଟକ, ସଙ୍ଗୀତ, ଦୃଶ୍ୟକଳା ଏବଂ ନୃତ୍ୟ ବିଷୟରେ ଗୋଟିଏ କରି କ୍ରିୟାକଳାପ ରହିପାରିବ ।

   ସମସ୍ତ କଳା ରୂପ ଗୁଡ଼ିକୁ ଏକତ୍ର କରିବା ନିମନ୍ତେ 'ମୂଲ୍ୟବୋଧ' ଲେଖାଥିବା ଏକ ଚିଠା ବ୍ୟବହାର କରାଯାଇପାରେ ।

୪. ବର୍ତ୍ତମାନ, ତୁମମାନଙ୍କ ଦଳ ସହିତ ବସି ସମସ୍ତ କଳାରୂପ ଗୁଡ଼ିକୁ ଏକାଠି କରି ଗୋଟିଏ ସମନ୍ୱିତ ପ୍ରକଳ୍ପ ବିକଶିତ କରାଅ । ତୁମେ ନିଜର ପ୍ରଯୋଜନା ସୃଷ୍ଟି କରି ଶ୍ରେଣୀର ପିଲାମାନଙ୍କ ଆଗରେ ଉପସ୍ଥାପନ କରାଅ ।



https://withteachers.in/

## କ୍ରିୟାକଳାପ

| ନାଟକ | ସଙ୍ଗୀତ | ଦୃଶ୍ୟକଳା | ନୃତ୍ୟ | ମୂଲ୍ୟବୋଧ |
|---|---|---|---|---|
| ମୁଖା ତିଆରି | ଗୀତ ରଚନା ଏବଂ ସ୍ୱର ସଂଯୋଜନା | ପଙ୍କ ଏବଂ ମାଟି କିମ୍ବା ଜଳ ରଙ୍ଗ ଆଦି ଉପାଦାନ ସାହାଯ୍ୟରେ କଳାକୃତି ସୃଷ୍ଟି କର | କେବଳ ପଦ ଚାଳନା ଏବଂ ଅଭିବ୍ୟକ୍ତିର ବ୍ୟବହାର କର | ସହନଶୀଳତା |
| କଣ୍ଢେଇ ନାଚ | ତୁମ ଚାରିପାଖରେ ଥିବା ବସ୍ତୁମାନଙ୍କରୁ ଧ୍ୱନି ସୃଷ୍ଟିକର । | ପ୍ରାକୃତିକ ରଙ୍ଗ ବ୍ୟବହାର କର । | ପୃଥିବୀ ଓ ଜଳ ସହିତ ସଂପର୍କିତ ଗୋଟିଏ ଲୋକ ନୃତ୍ୟର ନାମ ଉଲ୍ଲେଖ କର | ସାଂସ୍କୃତିକ ସମ୍ବେଦନା |
| ପୋଷାକ ଓ ରୂପସଜ୍ଜା ପରିକଳ୍ପନା | ଯେ କୌଣସି ବାଦ୍ୟଯନ୍ତ୍ର ସାହାଯ୍ୟରେ ଉପାଦାନ ସହିତ ସମ୍ପର୍କିତ ରସ ସୃଷ୍ଟି | କଳା ସୃଷ୍ଟି ନିମନ୍ତେ ଉପାଦାନ ସମ୍ପର୍କିତ ଚଟାଣ କିମ୍ବା ଉପକରଣ ବ୍ୟବହାର କର | କେବଳ ହସ୍ତ ଭଙ୍ଗୀ ଓ ମୁଦ୍ରା ବ୍ୟବହାର କର | ନିଃସ୍ୱାର୍ଥପର କର୍ମ |
| ଚରିତ୍ର ଓ ସଂଳାପ ସାହାଯ୍ୟରେ ନାଟ୍ୟ ରଚନା | ତୁମେ ଶିଖିଥିବା ଜଣେ ପ୍ରସିଦ୍ଧ ସଙ୍ଗୀତ ଶିଳ୍ପୀଙ୍କ ଗୀତ ଉଲ୍ଲେଖ କର | ଉପାଦାନ ସହିତ ସମ୍ପର୍କିତ ଅବ୍ୟବହୃତ ବୋତଲ କିମ୍ବା ପାଇପ୍ ଗୁଡ଼ିକୁ ପୁନଃ ବ୍ୟବହାର କର | ଗୀତ କିମ୍ବା ସଂଗୀତ ସାହାଯ୍ୟରେ ଗୋଟିଏ ନୃତ୍ୟ ସଂଯୋଜନା କର | ସ୍ୱଚ୍ଛତା |



https://withteachers.in/

# ମୂଲ୍ୟାୟନ

କଳା ଶିକ୍ଷାରେ, ଛାତ୍ରଛାତ୍ରୀମାନଙ୍କର ସୃଜନ ଦକ୍ଷତା ଏବଂ କଳାତ୍ମକ ଅଭିବୃଦ୍ଧିକୁ ବୁଝି ତାହାର ଲାଳନ ପାଳନ ନିମନ୍ତେ ମୂଲ୍ୟାୟନ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । କଳା ଶିକ୍ଷାର ମୂଲ୍ୟାୟନ ପାରଂପାରିକ ବିଷୟ ପରି ନ ହୋଇ, ପିଲାମାନଙ୍କର ସୃଜନଶୀଳତା, ଦୋଷଗୁଣ ବିଚାର ପୂର୍ବକ ଚିନ୍ତା କରିବା, ବୈଷୟିକ ଦକ୍ଷତା ଏବଂ ଅଭିବ୍ୟକ୍ତ କରିବାର କ୍ଷମତା ଆଦି ବହୁବିଧ ଦକ୍ଷତା ଉପରେ ଗୁରୁତ୍ୱ ଦେଇଥାଏ । ଏହିସବୁ ମୂଲ୍ୟାୟନ ପ୍ରକ୍ରିୟା କେବଳ ପିଲାମାନଙ୍କର ଅଗ୍ରଗତି କିମ୍ବା କଳା ନିପୁଣତା ମାପିବା ନିମନ୍ତେ ଉଦ୍ଦିଷ୍ଟ ନୁହେଁ ବରଂ ଏହା ମଧ୍ୟ ସେମାନଙ୍କୁ ଅନୁସନ୍ଧାନ, ଆତ୍ମ ଅଭିବ୍ୟକ୍ତି ଏବଂ କଳାର ଗଭୀର ମୂଲ୍ୟାୟନ ନିମନ୍ତେ ଉତ୍ସାହିତ କରିଥାଏ ।

# ମୂଲ୍ୟାୟନ ପ୍ରକ୍ରିୟା

ଯେହେତୁ ଏହି ମୂଲ୍ୟାୟନ ପ୍ରକ୍ରିୟା ମୂଳତଃ ଦକ୍ଷତା ଉପରେ ଆଧାରିତ, ଏହା ପିଲାମାନଙ୍କର 'ଠିକ୍ କିମ୍ବା ଭୁଲ୍' ଉପରେ ନିର୍ଭର କରେ ନାହିଁ । ତେଣୁ ଏଥିପାଇଁ ପ୍ରଶ୍ନପତ୍ର ଏବଂ ଲିଖିତ ଉତ୍ତର ଦ୍ୱାରା 'ପରୀକ୍ଷା କରା ନ ଯିବା ଗୁରୁତ୍ୱପୂର୍ଣ୍ଣ । ଏହି ପରୀକ୍ଷା କଳାଶିକ୍ଷାର ନିୟମିତ ପାଠ୍ୟକ୍ରମରେ ବ୍ୟବହୃତ ହେଉଥିବା ପ୍ରକ୍ରିୟାର ଉଦ୍ଦେଶ୍ୟକୁ ସଂମ୍ପୂର୍ଣ୍ଣ ନଷ୍ଟ କରିଦେବାର ସମ୍ଭାବନା ରହିଛି । ଦକ୍ଷତା ପୁସ୍ତିକା, କାର୍ଯ୍ୟଦକ୍ଷତାର ସମୀକ୍ଷା, ପ୍ରକଳ୍ପ ଆଧାରିତ ମୂଲ୍ୟାଙ୍କନ ଏବଂ ଆତ୍ମ ମୂଲ୍ୟାୟନ ଆଦି ବିଭିନ୍ନ ମୂଲ୍ୟାୟନ ପଦ୍ଧତି ଗୋଟିଏ ଛାତ୍ରର ଅନନ୍ୟ କଳାତ୍ମକ ଯାତ୍ରା ବିଷୟରେ ଅନ୍ତର୍ଦୃଷ୍ଟି ପ୍ରଦାନ କରିପାରିବ ।

ନିମ୍ନଲିଖିତ ପୃଷ୍ଠା ଗୁଡ଼ିକ ଉଭୟ ଗଠନ ମୂଳକ ଏବଂ ସମାପ୍ତି ସୂଚକ ମୂଲ୍ୟାୟନର ଗୋଟିଏ ପ୍ରକ୍ରିୟା ସୂଚାଇ ଦିଏ । ପତ୍ୟେକ ବିଷୟରେ ମୂଲ୍ୟାୟନ ନିମନ୍ତେ ଗୋଟିଏ ୫ଟି କ୍ରମପର୍ଯ୍ୟାୟର ମୂଲ୍ୟାୟନ ପଦ୍ଧତି ଉଲ୍ଲେଖ ହୋଇଛି । ଏହା ଶିକ୍ଷକ, ମା' ବାପା, ଏବଂ ଶିକ୍ଷାର୍ଥୀମାନଙ୍କୁ ପିଲାର ଅଗ୍ରଗତି ବିଷୟରେ ସୂକ୍ଷ୍ମ ଭାବରେ ଜାଣିବା ନିମନ୍ତେ ସକ୍ଷମ କରିବ ।

୫ଟି କ୍ରମ ପର୍ଯ୍ୟାୟକୁ ଚିହ୍ନିତ କରିବା ପାଇଁ ନିମ୍ନରେ ଦିଆଯାଇଥିବା ସାରଣୀକୁ ବ୍ୟବହାର କରାଯାଇପାରେ । ପ୍ରତ୍ୟେକ କ୍ରିୟା କଳାପ ନିମନ୍ତେ ବିସ୍ତୃତ ଭାବରେ ରୁବ୍ରିକ୍ସକୁ ବିକଶିତ କରାଯାଇପାରେ ।

ଉଭୟ ପରିମାଣିକ ମୂଲ୍ୟାୟନ ରୁବ୍ରିକ୍ସ ଆଧାରିତ (ମାର୍କ କିମ୍ବା ଗ୍ରେଡ୍) ଗୁଣାତ୍ମକ ମୂଲ୍ୟାୟନ (ଶିକ୍ଷକଙ୍କ ଦ୍ୱାରା ପିଲାଙ୍କର ବ୍ୟବହାର, ଆଗ୍ରହ, ଅଗ୍ରଗତି ଏବଂ ରୁବ୍ରିକ୍ସରେ ସୂଚିତ ହୋଇ ନ ଥିବା ଅନ୍ୟାନ୍ୟ ଦିଗ ଆଦିର ପର୍ଯ୍ୟବେକ୍ଷଣ)କୁ ଏକତ୍ର କରିବା ଗୁରୁତ୍ୱପୂର୍ଣ୍ଣ ଅଟେ ।

ଗଠନ ମୂଳକ (Formative) ମୂଲ୍ୟାୟନ ପ୍ରତ୍ୟେକ ଶ୍ରେଣୀର ପର୍ଯ୍ୟବେକ୍ଷଣ ଉପରେ ଆଧାରିତ ହେଉଥିବାବେଳେ ସମାପ୍ତି ସୂଚନ (Summative) ମୂଲ୍ୟାୟନ ନିମନ୍ତେ ସମ୍ପୂର୍ଣ୍ଣ ଗୋଟିଏ ଦିନ ଆବଶ୍ୟକ ହୋଇଥାଏ । ଏହି ମୂଲ୍ୟାୟନର ପ୍ରସ୍ତୁତିରେ ସ୍ଥାନ, ସାମଗ୍ରୀ, ଯନ୍ତ୍ରପାତି, ହାତ ଯନ୍ତ୍ରପାତି ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ଉପକରଣ ଗୁଡ଼ିକ ସଙ୍ଗ୍ରହ ଓ ସଙ୍ଗଠିତ ହୋଇଥାଏ । ଶିକ୍ଷାର୍ଥୀମାନଙ୍କୁ କୌଣସି କାର୍ଯ୍ୟ କରିବାକୁ କୁହା ଯାଉଯାଉ ସେମାନଙ୍କୁ ସେହିଠାରେ ତତ୍କ୍ଷଣାତ୍ କିଛି ସୃଷ୍ଟି କରିବାକୁ ପଡ଼େ ।



https://withteachers.in/

| ଛାତ୍ରର ଶିଖିବାର ସ୍ତର | ସାଂଖ୍ୟିକ ସ୍ତର | ଗ୍ରେଡ |
|---|---|---|
| ପ୍ରାରମ୍ଭ | ୧ | E |
| ବିକଶିତ | ୨ | D |
| ଆଶାଜନକ | ୩ | C |
| ନିପୁଣ | ୪ | B |
| ଉତ୍କୃଷ୍ଟ | ୫ | A |

ମାନ ନିର୍ଦ୍ଧାରଣର ମାନଦଣ୍ଡ ବିଦ୍ୟାଳୟ ଶିକ୍ଷାପାଇଁ ଜାତୀୟ ପାଠ୍ୟକ୍ରମ ଢ଼ାଞ୍ଚା ୨୦୨୩ (NCF-SE-2023) ପାଠ୍ୟକ୍ରମ ଲକ୍ଷ୍ୟ ଓ ଦକ୍ଷତା ଉପରେ ପର୍ଯ୍ୟବେସିତ ।



https://withteachers.in/

## ଗଠନମୂଳକ ମାନନିର୍ଦ୍ଧାରଣ

| ଶୈକ୍ଷିକ ଲକ୍ଷ୍ୟ | ଦକ୍ଷତା | ସାଧାରଣ ମାନଦଣ୍ଡ | ଦୃଶ୍ୟ କଳାରେ ନିର୍ଦ୍ଦିଷ୍ଟ ଶିକ୍ଷଣ ଫଳାଫଳ | ଅଧ୍ୟାୟ | ଶିକ୍ଷକ | ଶିକ୍ଷାର୍ଥୀ |
|---|---|---|---|---|---|---|
| ୧. | ୧.୧ | ପ୍ରତିଦିନ ଅଭିଜ୍ଞତାର ଅଭିବ୍ୟକ୍ତି | ୧. ପ୍ରତିଦିନର ପର୍ଯ୍ୟବେକ୍ଷଣକୁ ଆଧାର କରି କଳାକୃତି ସୃଷ୍ଟି କରିବେ ।<br>୨. ରଙ୍ଗ, ରସ ମଧ୍ୟରେ ଥିବା ସମ୍ପର୍କ ବିଷୟରେ ଆଲୋଚନା କରିବେ ।<br>୩. ରଙ୍ଗ ସହିତ ଭାବକୁ ବା ରସକୁ ସଂଯୋଗ କରିବେ । | ୧,୨,୩<br>୨<br>୨ | | |
| | ୧.୨ | ସହଭାଗିତା ଓ ଦଳଗତ କାର୍ଯ୍ୟ | ୪. ମଣିଷ ମାନଙ୍କ ପ୍ରତିଛବି ଅଙ୍କନ କରିବା ସମୟରେ ସମଭାବ ସମ୍ପନ୍ନ ବନ୍ଧୁ ମାନଙ୍କ ସହିତ ସହଭାଗିତା ରଖି କାର୍ଯ୍ୟକରିବେ ।<br>୫. କଳାକର୍ମ କଲାବେଳେ ଏବଂ ତାହାକୁ ପ୍ରଦର୍ଶନ କରିବା ବେଳେ ଦିନେ ପାଇଁ ଜଣଙ୍କୁ ସାହାଯ୍ୟ ସହଯୋଗ କରିବେ । | ୩<br>ସମସ୍ତ | | |
| ୨. | ୨.୧ | ଗତାନୁଗତିକ ବା ଚିରାଚରିତ ଶୈଳୀକୁ ଚିହ୍ନିବା । | ୬. ପ୍ରକୃତି ଚିତ୍ରଣରେ ବ୍ୟବହୃତ ହେଉଥିବା ଗତାନୁଗତିକ ଶୈଳୀ ଗୁଡ଼ିକୁ ଚିହ୍ନିବେ ।<br>୭. ମଣିଷ ମାନଙ୍କ ଚିତ୍ର ଆଙ୍କିବା ସମୟରେ ଲିଙ୍ଗଗତ ଗତାନୁଗତିକତାକୁ ଚିହ୍ନିବେ । | ୨.୩<br>୩ | | |
| | ୨.୨ | ପରିକଳ୍ପନା ଓ ସୃଜନଶୀଳତା | ୮. ବସ୍ତୁ, ପ୍ରକୃତି ଓ ମଣିଷ ମାନଙ୍କୁ ପୁଙ୍ଖାନୁପୁଙ୍ଖ ଭାବେ ଆତ୍ମିୟତା ସହାକାରେ ନିରୀକ୍ଷଣ କରିବେ ।<br>୯. ବିଭିନ୍ନ ଲିଙ୍ଗ ଓ ରଙ୍ଗରୂପର ଲୋକମାନଙ୍କୁ ବିଭିନ୍ନ ଚରିତ୍ରରେ ଚିତ୍ରଣ କରିବେ ।<br>୧୦. ନିଜସ୍ୱ ଶୈଳୀ-ପ୍ରଣାଳୀ ସୃଷ୍ଟି କରିବେ ଏବଂ କାଗଜ କାରିଗରୀ ଓ ମୁଦ୍ରା ନିର୍ମାଣ କରିବେ । | ୧,୨,୩<br>୩<br>୪,୫ | | |



https://withteachers.in/

| ଶୈକ୍ଷିକ ଲକ୍ଷ୍ୟ | ଦକ୍ଷତା | ସାଧାରଣ ମାନଦଣ୍ଡ | ଦୃଶ୍ୟ କଳାରେ ନିର୍ଦ୍ଧିଷ୍ଟ ଶିକ୍ଷଣ ଫଳାଫଳ | ଅଧ୍ୟାୟ | ଶିକ୍ଷକ | ଶିକ୍ଷାର୍ଥୀ |
|---|---|---|---|---|---|---|
| ୩. | ୩.୧ | ଉପକରଣ, ହସ୍ତଯନ୍ତ୍ର ଓ କୌଶଳ ଗୁଡ଼ିକର ପ୍ରୟୋଗ | ୧୧. ପେନ୍‌ସିଲ ଦ୍ୱାରା (ଛାୟାଲୋକ) ଛାଇ ଓ ଆଲୁଅ ସୃଷ୍ଟି କରିବେ । | ୧.୨ | | |
| | | | ୧୨. ନିତିଦିନିଆ ବସ୍ତୁଗୁଡ଼ିକର ଚିତ୍ର ଆଙ୍କିବା ସମୟରେ ସେଥିରେ ଗଭୀର ଭାବଧାରାର ପ୍ରୟୋଗ କରିବେ । | ୧ | | |
| | | | ୧୩. ଯେକୌଣସି ରଙ୍ଗ ମାଧ୍ୟମରେ ରଙ୍ଗ କଲାବେଳେ ମୂଳ ରଙ୍ଗର ପାଣିଚିଆ (Tint) ଓ ଗାଢ଼ ରଙ୍ଗ (Shade) ସୃଷ୍ଟି କରିବେ । | ୨ | | |
| | | | ୧୪. କଳାକର୍ମ ପାଇଁ ବିଭିନ୍ନ କିସମର ରଙ୍ଗ ଓ ବହିଃପୃଷ୍ଠ (Surface) କୁ ପରୀକ୍ଷା କରିବେ । | ୨ | | |
| | | | ୧୫. ନିଜସ୍ୱ ଛାପା (Stamp) ଓ ମୁଦ୍ରା ବ୍ୟବହାର କରି ଚିତ୍ର ସୃଷ୍ଟି କରିବେ । | ୫ | | |
| | ୩.୨ | ପ୍ରସ୍ତୁତି ଠାରୁ ଆରମ୍ଭ କରି ପ୍ରଦର୍ଶନ, ପର୍ଯ୍ୟନ୍ତ କଳାକର୍ମର ପ୍ରକ୍ରିୟା । | ୧୬. ଫ୍ଲିପ୍ ପୁସ୍ତକ, କାଗଜ କାରିଗରୀ କିମ୍ବା ପ୍ରାକୃତିକ ରଙ୍ଗ ତିଆରି କଲାବେଳେ କ୍ରମ ଅନୁସରଣ କରିବେ । | ୧,୨,୪ | | |
| | | | ୧୭. ମୁଦ୍ରା ତିଆରି କଲାବେଳେ ବିଷୟକୁ ପରିବର୍ତ୍ତନ କରି ପରୀକ୍ଷା ନିରୀକ୍ଷା କରିବେ । | ୫ | | |
| ୪. | ୪.୧ ଓ ୪.୨ | ସ୍ଥାନୀୟ ଓ ଆଞ୍ଚଳିକ କଳାଶୈଳୀ ଓ ଚିତ୍ରକର ମାନଙ୍କ ବିଷୟରେ ଜ୍ଞାନ । | ୧୮. ବିଭିନ୍ନ ଶୈଳୀର ବୁଦ୍ଧଙ୍କ ମୁଖ ଆକୃତିକୁ ତୁଳନା କରିବେ । | ୩ | | |
| | | | ୧୯. ପାରମ୍ପରିକ ରୀତିରେ ବ୍ୟବହୃତ ହେଉଥିବା ଉପକରଣ, ହସ୍ତ ଯନ୍ତ୍ରପାତି ଏବଂ ବହିଃପୃଷ୍ଠ (ଝଙ୍କଲବମର) ବିଷୟରେ ଆଲୋଚନା କରିବେ । | ୨ | | |
| | | | ୨୦. ଚିତ୍ରକର ମାନଙ୍କ ନାମ, ସେମାନଙ୍କ କଳା ପରମ୍ପରାକୁ ମନେପକେଇ ସେମାନଙ୍କ କଳାକୃତିକୁ ବର୍ଣ୍ଣନା କରିବେ । | ସମସ୍ତ ଅଧ୍ୟାୟ ପାଇଁ | | |
| ଦୃଶ୍ୟକଳାରେ ମଧ୍ୟବର୍ତ୍ତୀକାଳୀନ ମାନନିର୍ଦ୍ଧାରଣର ହାରାହାରି ନମ୍ବର | | | | | | |
| ଦୃଶ୍ୟକଳାରେ ସମାପ୍ତି ସୂଚକ ମାନନିର୍ଦ୍ଧାରଣର ହାରାହାରି ନମ୍ବର | | | | | | |



https://withteachers.in/

| ଶୈକ୍ଷିକ ଲକ୍ଷ୍ୟ | ଦକ୍ଷତା | ସାଧାରଣ ମାନଦଣ୍ଡ | ସଙ୍ଗୀତର ନିର୍ଦ୍ଦିଷ୍ଟ ଶିକ୍ଷଣ ଫଳାଫଳ | | ଅଧ୍ୟାୟ | ଶିକ୍ଷକ | ଶିକ୍ଷାର୍ଥୀ |
|---|---|---|---|---|---|---|---|
| ୧. | ୧.୧ | ପ୍ରତିଦିନ ଅଭିଜ୍ଞତା ଗୁଡ଼ିକର ଅଭିବ୍ୟକ୍ତି । | ୧. | ସ୍ୱର ଓ ଶରୀର ବାଦ୍ୟ ମାଧ୍ୟମରେ ରସ ଗୁଡ଼ିକୁ ବର୍ଣ୍ଣନା କରିବେ । (ଉଦାହରଣ ସ୍ୱରୂପ ଉଦ୍‌ବେଗ, ଭୟ, ବିସ୍ମୟ, ଆନନ୍ଦ, କ୍ରୋଧ ଆଦି ଭାବସହିତ ସମ୍ପର୍କିତ) | ୬ | | |
| | | | ୨. | ଭିନ୍ନ ଭିନ୍ନ ରସ ପ୍ରକାଶ କରୁଥିବା ଗୀତ ଗୁଡ଼ିକୁ ଚିହ୍ନଟ କର ସେହିଗୁଡ଼ିକର ବାଖ୍ୟା କରିବେ । | ୬ | | |
| | | | ୩. | ସ୍ୱରର ତୀବ୍ରତା, ଲୟ, ତାଳ, ଓ ରସ ଗୁଡ଼ିକ ମଧ୍ୟରେ ଥିବା ସମ୍ପର୍କ ବିଷୟରେ ଆଲୋଚନା କରିବେ । | ୬ | | |
| | ୧.୨ | ସହଭାଗିତା ଓ ଦଳଗତ କାର୍ଯ୍ୟ । | ୪. | ସମମନୋଭାବ ସମ୍ପନ୍ନ ସାଙ୍ଗମାନଙ୍କ ସହିତ ମିଶି ଗୋଟିଏ ସରଳ ବିଷୟ ରଚନା କରି, ଶିଖିଥିବା ସଙ୍ଗୀତର ଉପାଦାନ ଓ ଗୀତ ଆଦିକୁ ବ୍ୟବହାର କରି ତାହାର ଦୃଶ୍ୟପଟକୁ ଅଭିବ୍ୟକ୍ତ କରିବେ । | ୬ | | |
| | | | ୫. | ବିଭିନ୍ନ ବିଷୟୟାନୁଭିତ୍ତିକ ରସଯୁକ୍ତ ଗୀତ ଗୁଡ଼ିକର ତାଲିକା ପ୍ରସ୍ତୁତ କରିବେ । | ୬,୭ | | |
| | ୨.୧ | ଗତାନୁଗତିକତାକୁ ଚିହ୍ନିବା । | ୬. | ସଙ୍ଗୀତରେ ଗତାନୁଗତିକତାର ଉଦାହରଣ ଦେବେ । | ୧୦ | | |
| | | | ୭. | ଆମ ଦେଶର ସାଂସ୍କୃତିକ ବିଭିନ୍ନତାକୁ ଉତ୍ସାହର ସହିତ ପାଳନ (ସ୍ମରଣୀୟ) କରିବା ପାଇଁ ଗୀତ ବୋଲିବେ ଏବଂ ଆଲୋଚନା କରିବେ । | ୧୦ | | |
| ୨. | | | ୮. | ସେମାନଙ୍କୁ ବ୍ୟକ୍ତିଗତ ଭାବେ ଯେଉଁ ଗୀତ ଗୁଡ଼ିକ ପ୍ରେରଣା ଯୋଗାଇବାରେ ସାହାଯ୍ୟ କରେ ସେହି ଗୁଡ଼ିକୁ ଆଲୋଚନା କରିବେ । | ୧୧ | | |
| | ୨.୨ | ପରିକଳ୍ପନା ଓ ସୃଜନଶୀଳତା | ୯. | ଗୋଟିଏ ବିଷୟକୁ ଆଧାର କରି ସରଳ ଗୀତ ରଚନା କରିବାର ପ୍ରଚେଷ୍ଟା କରିବେ । | ୧୦ | | |
| | | | ୧୦. | ଯେକୌଣସି ଗୀତର ମୁଖ୍ୟରସ ଚିହ୍ନିବେ ଓ ତାହାର କାରଣ ଗୁଡ଼ିକୁ ଆଲୋଚନା କରିବେ । | ୧୦ | | |
| | | | ୧୧. | ସାଙ୍ଗମାନଙ୍କ ସହିତ ମିଶି ବିଭିନ୍ନ ସରଳ ବାଦ୍ୟ ଯନ୍ତ୍ର ମାନ ସୃଷ୍ଟି କରି ଦଳଗତ ପରିବେଷଣ ସମୟରେ ସେହିଗୁଡ଼ିକୁ ବ୍ୟବହାର କରିବେ । | ୭ | | |



https://withteachers.in/

| ଶୈକ୍ଷିକ ଲକ୍ଷ୍ୟ | ଦକ୍ଷତା | ସାଧାରଣ ମାନଦଣ୍ଡ | ସଙ୍ଗୀତର ନିର୍ଦ୍ଦିଷ୍ଟ ଶିକ୍ଷଣ ଫଳାଫଳ | ଅଧ୍ୟାୟ | ଶିକ୍ଷକ | ଶିକ୍ଷାର୍ଥୀ |
|---|---|---|---|---|---|---|
| ୩. | ୩.୧ | ଉପକରଣ, ହସ୍ତ ଯନ୍ତ୍ରପାତି ଏବଂ କୌଶଳ ଗୁଡିକର ବ୍ୟବହାର | ୧୨. ବାଦ୍ୟଯନ୍ତ୍ର ଗୁଡିକୁ ଚିହ୍ନିବେ ଏବଂ ସମ୍ଭବ ହେଲେ କାଠ, ଧାତୁ, ତାର ଓ ମାଟି ପାତ୍ରକୁ ଆଧାର କରି ବାଦ୍ୟଯନ୍ତ୍ର ନିର୍ମାଣ କରିବେ । | ୭ | | |
| | | | ୧୩. ତିଆରି କରିଥିବା କିମ୍ବା ଶ୍ରେଣୀ ଗୃହରେ ଥିବା ବାଦ୍ୟ ଯନ୍ତ୍ର ଗୁଡିକର ଉପାଦେୟତା ଅନୁସାରେ (ସ୍ୱର ମାଧୁର୍ଯ୍ୟ ଓ ତାଳ) ଶ୍ରେଣୀ ବିଭାଜନ କରିବେ । | ୭ | | |
| | | | ୧୪. ସଙ୍ଗୀତ ପରିବେଷଣ ପାଇଁ ଅନ୍‌ଲାଇନ୍‌ରୁ କାରାଓକେ କିମ୍ବା ସଙ୍ଗୀତ ଟ୍ରାକ୍ ଶିଖିବେ ଓ ବ୍ୟବହାର କରିବେ । | ୯ | | |
| | ୩.୨ | ପ୍ରସ୍ତୁତି ଠାରୁ ଆରମ୍ଭ କରି ଉପସ୍ଥାପନା ପର୍ଯ୍ୟନ୍ତ ଥିବା କର୍ମ ପ୍ରକ୍ରିୟା | ୧୫. ବିଭିନ୍ନ ଧର୍ମୀୟ ପରମ୍ପରାରୁ ଅଧ୍ୟୟନ କରିଥିବା ଭିନ୍ନ ଭିନ୍ନ ପ୍ରକାରର ଗୀତଗୁଡ଼ିକୁ ପରିବେଷଣ କରିବେ । | ୯ | | |
| | | | ୧୬. ସାଙ୍ଗମାନଙ୍କ ସହିତ ମିଶି ସ୍ଥାନୀୟ ଗୀତ କିମ୍ବା ଭାରତ ବର୍ଷର ବିଭିନ୍ନ ଅଞ୍ଚଳର ଗୀତ ଗୁଡିକୁ ବାଛିବେ । | ୯ | | |
| | | | ୧୭. ଗୀତଗୁଡ଼ିକୁ ଉପକ୍ରମ ସହ ଦର୍ଶକଙ୍କ ସମ୍ମୁଖରେ ପରିବେଷଣ କରିବା ସହିତ ଏଗୁଡ଼ିକୁ ଚୟନ କରିବାର କାରଣ କହିବେ । | ୯ | | |
| ୪. | ୪.୧ ଓ ୪.୨ | ସ୍ଥାନୀୟ ଓ ଆଞ୍ଚଳିକ ସଙ୍ଗୀତ ଶୈଳୀ ଏବଂ ସଙ୍ଗୀତ ଶିଳ୍ପୀ ମାନଙ୍କ ବିଷୟରେ ଜ୍ଞାନ ଆହାରଣ । | ୧୮. ଉତ୍ତର ଓ ଦକ୍ଷିଣ ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ ଭିତରେ ଥିବା ପ୍ରଭେଦ ଗୁଡିକୁ ଚିହ୍ନଟ କରିବେ । | ୮ | | |
| | | | ୧୯. ଓଡ଼ିଶୀ ଓ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ଗାନ କରିବାକୁ ଚେଷ୍ଟା କରିବେ । | ୮ | | |
| | | | ୨୦. ସ୍ଥାନୀୟ ଓ ଜାତୀୟ ସ୍ତରର ସଙ୍ଗୀତଜ୍ଞ ମାନଙ୍କ ନାମ ମନେପକେଇ ସେମାନଙ୍କ ସଙ୍ଗୀତ କଳା ବିଷୟରେ ବର୍ଣ୍ଣନା କରିବେ । | ୮ | | |
| ସଙ୍ଗୀତରେ ମଧ୍ୟବର୍ତ୍ତୀକାଳୀନ ମାନନିର୍ଦ୍ଧାରଣର ହାରାହାରି ନମ୍ବର | | | | | | |
| ସଙ୍ଗୀତରେ ସମାପ୍ତି ସୂଚକ ମାନନିର୍ଦ୍ଧାରଣର ହାରାହାରି ନମ୍ବର | | | | | | |



https://withteachers.in/

| ଶୈକ୍ଷିକ ଲକ୍ଷ୍ୟ | ଦକ୍ଷତା | ସାଧାରଣ ମାନଦଣ୍ଡ | ନୃତ୍ୟ ଓ ଗତିର ନିର୍ଦ୍ଦିଷ୍ଟ ଶିକ୍ଷଣ ଫଳାଫଳ | ଅଧ୍ୟାୟ | ଶିକ୍ଷକ | ଶିକ୍ଷାର୍ଥୀ |
|---|---|---|---|---|---|---|
| ୧. | ୧.୧ | ନିତିଦିନିଆ ଅଭିଜ୍ଞତାର ଅଭିବ୍ୟକ୍ତ | ୧. ପ୍ରତିଦିନ ନିୟମିତ ଭାବେ ଅଙ୍ଗଭଙ୍ଗୀ (ଗତି) ପ୍ରଦର୍ଶନ କରିବେ । | ୧୨ | | |
| | | | ୨. ନିତିଦିନ (କ୍ରିୟା) ପ୍ରଦର୍ଶନ ନିମନ୍ତେ ଅଙ୍ଗଭଙ୍ଗୀ ସହିତ ତାଳର ମିଶ୍ରଣ-ସଂଯୋଗ କରିବେ । | ୧୨ | | |
| | | | ୩. ଚତୁଃପାର୍ଶ୍ୱରେ ଥିବା ନୃତ୍ୟ ଶୈଳୀ ଚିହ୍ନି ତା ସହ ପରିଚିତ ହେବେ। | ୧୪ | | |
| | ୧.୨ | ସହଭାଗିତା ଓ ଦଳଗତ କାର୍ଯ୍ୟ । | ୪. ସାଙ୍ଗମାନଙ୍କ ସହିତ ମିଶି ଗତି-ବେଗ, କ୍ରମ ଗୁଡ଼ିକୁ ସଂଯୋଜନା କରିବେ । | ୧୨ | | |
| | | | ୫. ତାଳ ଓ ଗତି ଦ୍ୱାରା ବିଭିନ୍ନ ଜ୍ୟାମିତିକ ଆକାର ସୃଷ୍ଟି କରିବେ । | ୧୩ | | |
| | ୨.୧ | ଗତାନୁଗତିକତାକୁ ଚିହ୍ନିବା । | ୬. ଲିଙ୍ଗଗତ ଗତାନୁଗତିକତା ଯାହା ସବୁ ନୃତ୍ୟପାଇଁ ଆହ୍ୱାନ ସେହି ବିଷୟରେ ବର୍ଣ୍ଣନା କରିବେ । | ୧୩ | | |
| | | | ୭. ସମସ୍ତ ପ୍ରକାର ନୃତ୍ୟ ଓ ଗତି ଅଭ୍ୟାସ କରିବା ପାଇଁ ଚେଷ୍ଟା କରିବା ନିମନ୍ତେ ମୁକ୍ତ ମାନସିକତା ପ୍ରଦର୍ଶନ କରିବା । | ୧୩ | | |
| | | | ୮. ନୃତ୍ୟରେ ଥିବା ବାଧା ବିଘ୍ନ ଅତିକ୍ରମ କରିବାକୁ ଆଧାର କରି ଏକ ପ୍ରକଳ୍ପ ଉପସ୍ଥାପନ କରିବେ । | ୧୩ | | |
| ୨. | ୨.୨ | କଳ୍ପନା ଓ ସୃଜନଶୀଳତା | ୯. ହସ୍ତ ଚାଳନା ବ୍ୟବହାର କରି ସରଳ ସୂଚନା ଓ ବାକ୍ୟସବୁ ସୃଷ୍ଟି କରିବା । | ୧୨ | | |
| | | | ୧୦. ନୃତ୍ୟ ଭଙ୍ଗୀରେ ଥିବା ବିଭିନ୍ନ ଜ୍ୟାମିତିକ ଆକାର ଗୁଡ଼ିକୁ ପରିକଳ୍ପନା କରିବେ । | ୧୩ | | |
| | | | ୧୧. ନୃତ୍ୟ ନିମନ୍ତେ ଆବଶ୍ୟକ ହେଉଥିବା ଉପକରଣ ଓ ଅଳଙ୍କାର ଗୁଡ଼ିକୁ କଳ୍ପନା କରି ତିଆରି କରିବେ । | ୧୪ | | |



https://withteachers.in/

| ଶୈକ୍ଷିକ ଲକ୍ଷ୍ୟ | ଦକ୍ଷତା | ସାଧାରଣ ମାନଦଣ୍ଡ | ନୃତ୍ୟ ଓ ଗତିର ନିର୍ଦ୍ଦିଷ୍ଟ ଶିକ୍ଷଣ ଫଳାଫଳ | ଅଧ୍ୟାୟ | ଶିକ୍ଷକ | ଶିକ୍ଷାର୍ଥୀ |
|---|---|---|---|---|---|---|
| ୩. | ୩.୧ | ଉପକରଣ, ହସ୍ତ ଯନ୍ତ୍ରପାତି ଏବଂ କୌଶଳ ଗୁଡ଼ିକର ବ୍ୟବହାର | ୧୨. ମେରୁଦଣ୍ଡକୁ ବକ୍ରଭାବରେ ବ୍ୟବହାର କରି ଅଙ୍ଗଭଙ୍ଗୀ ପ୍ରଦର୍ଶନ କରିବେ । | ୧୨ | | |
| | | | ୧୩. ନବରସ ଅଧାରରେ ମୁଖ ଭାବ ଦ୍ୱାରାରସ ସୃଷ୍ଟି କରିବେ | ୧୨ | | |
| | | | ୧୪. ଉପକରଣ ରଖିବେ, ପ୍ରବେଶ ଓ ପ୍ରସ୍ଥାନ ନିମନ୍ତେ ପରିବେଷଣ ସ୍ଥଳକୁ ଚିହ୍ନଟ କରିବେ ଓ ପରିଚିତ ହେବେ । | ୧୩ | | |
| | | | ୧୫. ବିଭିନ୍ନ ନୃତ୍ୟ ଶୈଳୀ ଗୁଡ଼ିକରେ ଥିବା ଗତି, ଅଙ୍ଗଭଙ୍ଗୀ ଓ ଭାବଭଙ୍ଗୀ ମଧ୍ୟରେ ଥିବା ସମାନତା ସହିତ ପରିଚିତ ହେବେ । | ୧୪ | | |
| | ୩.୨ | ପ୍ରସ୍ତୁତି ଠାରୁ ଆରମ୍ଭ କରି ଉପସ୍ଥାପନା ପର୍ଯ୍ୟନ୍ତ ଥିବା କର୍ମ ପ୍ରକ୍ରିୟା | ୧୬. ବାଦ୍ୟଯନ୍ତ୍ର ସହିତ ଅଙ୍ଗଭଙ୍ଗୀ ଓ ନୃତ୍ୟରେ ବ୍ୟବହୃତ ଉପକରଣ ଗୁଡ଼ିକୁ ନେଇ ସମାନ୍ତରାଳ ଭାବରେ ନୃତ୍ୟ ପରିବେଷଣ କରିବେ । | ୧୪ | | |
| | | | ୧୭. ଦିଆ ଯାଇଥିବା ଗୋଟିଏ ବିଷୟ ଆଧାରରେ ସରଳ ନାଟକର ଲିପି ପ୍ରସ୍ତୁତ କରିବେ । | ୧୪ | | |
| | | | ୧୮. ସଙ୍ଗୀତ ସହିତ ମୁଦ୍ରା, ଗତି ଓ ମୁଖଭାବ ଅଭ୍ୟାସ କରି ଉପସ୍ଥାପନ କରିବେ । | ୧୪ | | |
| ୪. | ୪.୧ ଓ ୪.୨ | ସ୍ଥାନୀୟ ଓ ଆଞ୍ଚଳିକ ସଙ୍ଗୀତ ଶୈଳୀ ଏବଂ ସଙ୍ଗୀତ ଶିଳ୍ପୀ ମାନଙ୍କ ବିଷୟରେ ଜ୍ଞାନ ଆହାରଣ । | ୧୯. ଭାରତର କେତେକ ଶାସ୍ତ୍ରୀୟ ନୃତ୍ୟ ଶୈଳୀର ନାମ କହିବେ । | ୧୨ | | |
| | | | ୨୦. ଲୋକ ନୃତ୍ୟ ଗୁଡ଼ିକରେ ଥିବା ଲିଙ୍ଗଗତ କ୍ଷିତିନିୟମକୁ ବିଶ୍ଳେଷଣ କରିବେ । | ୧୩ | | |
| | | | ୨୧. ଭାରତର ବିଭିନ୍ନ ପ୍ରଦେଶରେ ଥିବା ନୃତ୍ୟ ଶୈଳୀ ଗୁଡ଼ିକର ତୁଳନା କରିବେ । | ୧୫ | | |
| ନୃତ୍ୟରେ ମଧ୍ୟବର୍ତ୍ତୀକାଳୀନ ମାନନିର୍ଦ୍ଧାରଣର ହାରାହାରି ନମ୍ବର | | | | | | |
| ନୃତ୍ୟରେ ସମାପ୍ତି ସୂଚକ ମାନନିର୍ଦ୍ଧାରଣର ହାରାହାରି ନମ୍ବର | | | | | | |



https://withteachers.in/

| ଶୈକ୍ଷିକ ଲକ୍ଷ୍ୟ | ଦକ୍ଷତା | ସାଧାରଣ ମାନଦଣ୍ଡ | ନାଟକରେ ନିର୍ଦ୍ଦିଷ୍ଟ ଶିକ୍ଷଣ ଫଳାଫଳ | ଅଧ୍ୟାୟ | ଶିକ୍ଷକ | ଶିକ୍ଷାର୍ଥୀ |
|---|---|---|---|---|---|---|
| ୧. | ୧.୧ | ସାଧାରଣ ମାନଦଣ୍ଡ<br>ନିତିଦିନ ଅଭିଜ୍ଞତାର ଅଭିବ୍ୟକ୍ତି | ୧. ନୂଆ ନୂଆ ଶବ୍ଦ ଖୋଜି ବାହାର କରି ସେହିଗୁଡ଼ିକର ଚିନ୍ତାଧାରା ଓ ରସ ଗୁଡ଼ିକୁ ଅଭିବ୍ୟକ୍ତ କରିବେ । | ୧୬, ୧୭ | | |
| | | | ୨. ଯେଉଁସବୁ ପରିସ୍ଥିତି ଗୁଡ଼ିକରେ ସେମାନଙ୍କ ନିତିଦିନଆ ଜୀବନର ଦ୍ୱନ୍ଦ ରହିଥାଏ ସେହିଗୁଡ଼ିକୁ ଚିହ୍ନି ସେଥିରୁ ଗୁଣ ଗ୍ରହଣ କରିବେ । | ୧୬, ୧୭ | | |
| | | | ୩. ପ୍ରତ୍ୟେକ ଦିନର ଅଭିଜ୍ଞତା ସହିତ ନବରସ ଗୁଡ଼ିକୁ ସଂଯୋଜିତ କରିବେ । | ୧୬ | | |
| | ୧.୨ | ସହଭାଗିତାକୁ ଦଳଗତ କାର୍ଯ୍ୟ । | ୪. ସାଙ୍ଗମାନଙ୍କ ସହିତ ମିଶି ଏକ ନାଟକ ପରିବେଷଣ କରିବେ । | ୧୭, ୧୯ | | |
| | | | ୫. ଦୁଇ ବା ଅଧିକ ଚରିତ୍ର ଦ୍ୱାରା  କଣ୍ଢେଇ ନାଚ ପ୍ରଦର୍ଶନ କରିବେ । | ୧୯, ୨୦ | | |
| ୨. | ୨.୧ | ଗତି ଗତିକତାକୁ ଚିହ୍ନିବା | ୬. ଗୋଟିଏ କାହାଣୀର ଚରିତ୍ରମାନଙ୍କ ବିଶେଷ ଗୁଣ ଗୁଡ଼ିକୁ ଚିହ୍ନିବେ । | ୧୭ | | |
| | | | ୭. ସବୁ ପ୍ରକାର ଚରିତ୍ର ମାନଙ୍କର ପୋଷାକ ଓ ରୂପସଜ୍ଜା ପରିକଳ୍ପନା କରିବେ । | ୧୭ | | |
| | ୨.୨ | ପରିକଳ୍ପନା ଓ ସୃଜନଶୀଳତା | ୮. ପରିସ୍ଥିତି, ଦୃଶ୍ୟ ଓ ଚରିତ୍ର ମାନଙ୍କୁ ସୂକ୍ଷ୍ମ ବିସ୍ତୃତ ଭାବେ ପରିକଳ୍ପନା କରିବା । | ୧୭ | | |
| | | | ୯. ପରିସ୍ଥିତି ଓ ସରଳ କାହାଣୀ କଳ୍ପନା କରି ପ୍ରତିକ୍ରିୟା ପ୍ରକାଶ କରିବେ । | ୧୬ | | |
| | | | ୧୦. ସ୍ଥାନୀୟ ସଂସ୍କୃତି ଓ ନିଜସ୍ୱ ପରିକଳ୍ପନାରେ ରସକୁ ଆଧାରକରି ମୁଖାର ତିଆରି କରିବେ । | ୧୬ | | |



https://withteachers.in/

| ଶୈକ୍ଷିକ ଲକ୍ଷ୍ୟ | ଦକ୍ଷତା | ସାଧାରଣ ମାନଦଣ୍ଡ | ନାଟକରେ ନିର୍ଦ୍ଦିଷ୍ଟ ଶିକ୍ଷଣ ଫଳାଫଳ | ଅଧ୍ୟାୟ | ଶିକ୍ଷକ | ଶିକ୍ଷାର୍ଥୀ |
|---|---|---|---|---|---|---|
| ୩. | ୩.୧ | ଉପକରଣ, ହସ୍ତ ଯନ୍ତ୍ରପାତି ଓ କୌଶଳର ବ୍ୟବହାର | ୧୧. ବିଭିନ୍ନ ପ୍ରକାରର କଣ୍ଢେଇ ତିଆରି କରିବେ (ଆଙ୍ଗୁଠି, ମୋଜା, କାଠି ଓ ଛାୟା କଣ୍ଢେଇ) | ୧୯ | | |
| | | | ୧୨. ପୋଷାକ, ରୂପସଜ୍ଜା, ମଞ୍ଚସଜ୍ଜା ସୃଷ୍ଟି କରି ଗୋଟିଏ ନାଟକ ପ୍ରଯୋଜନା ସହିତ ସେହିଗୁଡିକୁ ସଂଯୋଜିତ କରିବେ । | ୧୭,୧୯, ୨୦ | | |
| | | | ୧୩. କାଗଜ ଓ କାର୍ଡବୋର୍ଡ ସାହାଯ୍ୟରେ ବିଭିନ୍ନ ପ୍ରକାରର ମୁଖା ତିଆରି କରିବେ । | ୧୬ | | |
| | | | ୧୪. ଚରିତ୍ରମାନଙ୍କ ସ୍ୱର ସଞ୍ଚାଳନ ନିମନ୍ତେ ପରୀକ୍ଷା ନିରୀକ୍ଷା କରିବେ । | ୧୯ | | |
| | | | ୧୫. ମୁହଁର ଅଭିବ୍ୟକ୍ତି, ସ୍ୱର ଓ ଅଭିନୟ ଦ୍ୱାରା ରସ ପରିବେଷଣ କରିବେ । | ୧୬ | | |
| | ୩.୨ | ପ୍ରସ୍ତୁତି ଠାରୁ ଆରମ୍ଭ କରି ପରିବେଷଣ ପର୍ଯ୍ୟନ୍ତ କର୍ମ ପ୍ରକ୍ରିୟା | ୧୬. କାହାଣୀ ଗୁଡିକ ସଂକ୍ଷିପ୍ତ କରି ସେଗୁଡିକୁ ସଂଳାପ ଓ କଥୋପକଥନକୁ ପରିବର୍ତ୍ତନ କରିବେ । | ୧୭,୧୯, ୨୦ | | |
| | | | ୧୭. ଆରମ୍ଭ ମଧ୍ୟ ଓ ଶେଷ ଥିବା ଏକ କାହାଣୀ ଗଠନ କରିବେ । | ୧୭,୧୯,୨୦ | | |
| | | | ୧୮. ଗଣି ଓ ସଂଳାପ ପ୍ରକ୍ଷେପ ଅଭ୍ୟାସ କରିବେ । | ୧୯, ୨୦ | | |
| | | | ୧୯. ଦର୍ଶକ ମାନଙ୍କ ନିମନ୍ତେ, ଏକ ପୂର୍ଣ୍ଣାଙ୍ଗ ନାଟକ ଉପସ୍ଥାପନ କରିବେ । | ୧୯, ୨୦ | | |
| ୪. | ୪.୧ ଓ ୪.୨ | ସ୍ଥାନୀୟ ତଥା ଆଞ୍ଚଳିକ ନାଟ୍ୟଶୈଳୀ ଓ କଳାକାର ମାନଙ୍କୁ ବିଷୟରେ ଜ୍ଞାନ ଆହାରଣ । | ୨୦. ବିଭିନ୍ନ ପ୍ରକାରର କାହାଣୀ ଓ ପୋଷାକ ଭିତରେ ଥିବା ଭିନ୍ନତା ଗୁଡିକୁ ଚିହ୍ନଟ କରିବେ । | ୧୮, ୧୯ | | |
| | | | ୨୧. ବିଭିନ୍ନ ପେଶାଦାର ତଥା ବ୍ୟବସାୟୀକ ରଙ୍ଗମଞ୍ଚ ଗୁଡିକୁ ଜାଣିବେ । | ୧୮ | | |
| | | | ୨୨. ସାମ୍ପ୍ରତିକ ନାଟକକୁ ପେଶାଦାର-ବ୍ୟବସାୟୀକ ରଙ୍ଗମଞ୍ଚ ଓ ପାରମ୍ପରିକ କଣ୍ଢେଇ ନାଚ ସହିତ ତୁଳନା କରିବେ । | ୧୮, ୧୯ | | |
| ନାଟ୍ୟକଳାର ମଧ୍ୟବର୍ତ୍ତୀକାଳୀନ ମାନନିର୍ଦ୍ଧାରଣର ହାରାହାରି ନମ୍ବର | | | | | | |
| ନାଟ୍ୟକଳାର ସମାପ୍ତି ସୂଚକ ମାନନିର୍ଦ୍ଧାରଣର ହାରାହାରି ନମ୍ବର | | | | | | |



https://withteachers.in/

# ସମାପ୍ତି ସୂଚକ ମାନନିର୍ଦ୍ଧାରଣ

| ଦୃଶ୍ୟକଳା | ସମାପ୍ତିସୂଚକ ମାନନିର୍ଦ୍ଧାରଣର ଉଦାହରଣ | ମାନନିର୍ଦ୍ଧାରଣ ନିମନ୍ତେ ମାନଦଣ୍ଡ |
|---|---|---|
| **ବ୍ୟକ୍ତିଗତ କାର୍ଯ୍ୟ** | • ଗୁଡ଼ି କହିଲେ ତୁମେ କ'ଣ ବୁଝ ?<br>• ତୁମ ପସନ୍ଦ ମୁତାବକ ଆକାର ଅନୁସାରେ ଗୋଟିଏ ଗୁଡି ତିଆରି କର । (ନିୟମିତ ବା ଅନିୟମିତ ଆକାରର)<br>• ତୁମ ପରିବେଶରୁ ମିଳୁଥିବା ସାମଗ୍ରୀ ଗୁଡିକୁ ବାଛି ଗୁଡି ତିଆରି କର ।<br>• ତୁମକୁ ଖୁସି କରିପାରୁଥିବା ଚିତ୍ରାଙ୍କନରେ ଏହାକୁ ରଙ୍ଗ କିମ୍ବା କୋଲାଜ୍ କରି ବ୍ୟବହାର କର ।<br>• ଏଥିରେ ଏକ ଦଉଡି ସଂଯୋଗ କର ଯେପରି ଏହା ପବନରେ ଝୁଲିବା ସହିତ ଉଡିପାରିବ । | • ପ୍ରତିଦିନ କରୁଥିବା କାର୍ଯ୍ୟର ଅଭିଜ୍ଞତାକୁ ନେଇ ନିଜର ଭାବନାକୁ ପ୍ରକାଶ କରିବ । ଭାବନାରେ କଳ୍ପନା ଓ ସୃଜନଶୀଳତା ସ୍ଥାନ ପାଇବ ।<br>• ସେମାନଙ୍କ ଅବଧାରଣା ନିମନ୍ତେ ଉପଯୁକ୍ତ ସାମଗ୍ରୀ ଚୟନ କରିବେ ।<br>• ଉପଯୁକ୍ତ କୌଶଳର ଉପସ୍ଥାପନ କରିବା ସହିତ ବିଭିନ୍ନ ସମସ୍ୟା ଓ ତାହାର ସମାଧାନ ଦିଗରେ ଏହାକୁ ପ୍ରୟୋଗ କରିବେ । |
| ଗୋଷ୍ଠୀଗତ କାର୍ଯ୍ୟ (୩-୪) | • ତୁମେମାନେ ତିଆରି କରିଥିବା ଗୁଡି ସମୂହର ପ୍ରଦର୍ଶନ ପାଇଁ ଏକ ଉପଯୁକ୍ତ ସ୍ଥାନ ଚିହ୍ନଟ କର ।<br>• ପ୍ରଦର୍ଶନୀରେ ତୁମର ଗୁଡି ସମୂହକୁ ଦେଖିବା ଓ ତାହା ବିଷୟରେ ଆଲୋଚନା ବା ଟିପ୍ପଣୀ ପ୍ରଦାନ କରିବାକୁ ତୁମର ସାଙ୍ଗସାଥୀ ମାନଙ୍କୁ କୁହ । | • ସହଯୋଗ ଏବଂ ଦଳଗତ କାର୍ଯ୍ୟ ।<br>• ସମାଲୋଚନା ମୂଳକ ଚିନ୍ତାଧାରା । |
| **ସଙ୍ଗୀତ** | **ସମାପ୍ତିସୂଚକ ମାନନିର୍ଦ୍ଧାରଣର ଉଦାହରଣ** | **ମାନନିର୍ଦ୍ଧାରଣ ନିମନ୍ତେ ମାନଦଣ୍ଡ** |
| **ବ୍ୟକ୍ତିଗତ କାର୍ଯ୍ୟ** | • କୌଣସି ଏକ ଗୀତ ବାଜିବାର ଶୁଣି ଛାତ୍ରଛାତ୍ରୀମାନେ ସେହି ଗୀତଟିର ପ୍ରମୁଖ ଭାଗକୁ ଚିହ୍ନଟ କରିବେ ।<br>• ଗୀତରେ ବ୍ୟବହାର କରାଯାଉଥିବା ଓ ଅନୁସୃତ ହେଉଥିବା ସ୍ୱରର ତୀବ୍ରତା, ଲୟ ବା ଗତିଶୀଳ ଏବଂ ଗୀତିକବିତା ସହିତ ବିଭିନ୍ନ ବାଦ୍ୟଯନ୍ତ୍ରର ସହଯୋଗିତାରେ, ପରିବେଷଣ ହେଉଥିବା ସଙ୍ଗୀତରୁ, କିପରି ପ୍ରକାଶ ପାଏ, ତାହା ଆଲୋଚନା କରବେ ।<br>• ତୁମେ ଶୁଣୁଥିବା ଗୀତରେ ବ୍ୟବହୃତ ତାଳର ଢ଼ାଞ୍ଚା ବା ଶୈଳୀକୁ ଅନୁସରଣ କରି ନିଜ ଶରୀରକୁ ତାଳବାଦ୍ୟ ଭାବେ ବ୍ୟବହାର କରି ସେହି ତାଳଚକ୍ରର ଢ଼ାଞ୍ଚା ସୃଷ୍ଟି କର । | • ବିଭିନ୍ନ ଭାବ ଓ ରସ ସମ୍ବନ୍ଧରେ ଜ୍ଞାନ ରଖିବେ ।<br>• ସଂଗୀତରେ ବ୍ୟବହୃତ ବିଭିନ୍ନ ଉପାଦାନ ଓ ଭାବନା ସହିତ ତାହାର ସଂଯୋଗ ବିଷୟରେ ଆଲୋଚନା କରିବେ ।<br>• ତାଳ ସୃଷ୍ଟି କରିବା ପାଇଁ ଚଟାଣରେ ପାଦକୁ ଆଘାତ ଦେବା, ତାଳିମାରିବା କିମ୍ବା ତାଳବାଦ୍ୟ ଦ୍ୱାରା ତାଳ ପକେଇବା ଆଦି କାର୍ଯ୍ୟ କରିବେ ।<br>• ତାଳର ସରଳ ଢ଼ାଞ୍ଚା ତିଆରି କରିବେ । |
| ଗୋଷ୍ଠୀଗତ କାର୍ଯ୍ୟ (୩-୪) | • ଛାତ୍ରଛାତ୍ରୀ ମାନେ ଏକ କାହାଣୀ ଚୟନ କରିବେ । ସେହି କାହାଣୀର କଥାବସ୍ତୁକୁ ଜୀବନ୍ତ କରିବା ପାଇଁ ସେଥିରେ ସଙ୍ଗୀତ ସଂଯୋଜନା କରିବେ । | • ସଙ୍ଗୀତକୁ ଚୟନ କରିବା କ୍ଷେତ୍ରରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିବେ ।<br>• ଦର୍ଶକଙ୍କ ସମ୍ମୁଖରେ ନିଜର ଚୂଡାନ୍ତ ପ୍ରସ୍ତୁତିକୁ ପରିବେଷଣ କରିବେ । |
| **ନୃତ୍ୟ** | **ସମାପ୍ତିସୂଚକ ମାନନିର୍ଦ୍ଧାରଣର ଉଦାହରଣ** | **ମାନନିର୍ଦ୍ଧାରଣ ନିମନ୍ତେ ମାନଦଣ୍ଡ** |
| | • ଏକ ଭାବନାର ପ୍ରଦର୍ଶନ କରି ସେଥିପାଇଁ ଉଦ୍ଦିଷ୍ଟ ରସ ସହିତ ତାହାକୁ ମିଳନ କର ।<br>• ପ୍ରଦାନ କରାଯାଇଥିବା ଦୁଇଟି କିମ୍ବା ତିନିଗୋଟି ହସ୍ତମୁଦ୍ରା ପ୍ରଦର୍ଶନ କର ।<br>• ଗୋଟିଏ କଳ୍ପନାକାରୀ ହସ୍ତ ମୁଦ୍ରା ସୃଷ୍ଟି କର । | • ଚଳନ ବା ଗତି ନିମନ୍ତେ ନିଜର ଶରୀରକୁ କାଳ୍ପନିକ ଭାବେ ବ୍ୟବହାର କରିବେ ।<br>• ନିଜର ମେରୁଦଣ୍ଡକୁ ନୃତ୍ୟକ୍ଷେତ୍ରରେ ବଙ୍କାକରି ଦେଖାଇବେ ।<br>• ତାଳ ଅନ୍ତରାଳରେ ପାଦକୁ ଚଟାଣରେ ତାଳକୁ ତାଳ ସହିତ ମିଳାଇ ପକାଇବେ ।<br>• ପାଦ ଓ ବାହୁର ସମନ୍ୱୟ ରକ୍ଷା କରିବେ । |
| ଗୋଷ୍ଠୀଗତ କାର୍ଯ୍ୟ (୩-୪) | • ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କର ।<br>• ନୃତ୍ୟ ଏବଂ ତାଳର ବାକ୍ୟାଂଶ (ବାକ୍ୟ ଓ ତାହାର ଉଚ୍ଚାରଣ)ଗୁଡ଼ିକୁ ହସ୍ତମୁଦ୍ରା ସହାୟତାରେ ପରସ୍ପର କଥୋପକଥନ ଓ ଯୋଗାଯୋଗ କର । | • କାଳ୍ପନିକ ଭାବେ ଶରୀରକୁ ବିଭିନ୍ନ ଭଙ୍ଗୀ ପାଇଁ ବ୍ୟବହାର କରିବେ ।<br>• ବ୍ୟବହୃତ ହେଉଥିବା ମେରୁଦଣ୍ଡର ଭଙ୍ଗୀ ଗୁଡ଼ିକୁ ଦେଖାଇବେ ।<br>• ପାଦରେ ତାଳ ଦେବେ । • ହାତ ଓ ପାଦର ସମନ୍ୱୟ କରିବେ।<br>• ନୃତ୍ୟ ନିର୍ଦ୍ଦେଶନା ବା ସଂଯୋଯନା କ୍ଷେତ୍ରରେ ପରସ୍ପରକୁ ସହଯୋଗ କରିବେ । |



https://withteachers.in/

| ନାଟକ | ସମାପ୍ତିସୂଚକ ମାନନିର୍ଦ୍ଧାରଣର ଉଦାହରଣ | ମାନନିର୍ଦ୍ଧାରଣ ନିମନ୍ତେ ମାନଦଣ୍ଡ |
|---|---|---|
| **ବ୍ୟକ୍ତିଗତ କାର୍ଯ୍ୟ** | • ଶିକ୍ଷକ ସ୍ଥିରିକୃତ ହୋଇଥିବା କୌଣସି ଭାବ ବା ରସ ଶିକ୍ଷାର୍ଥୀଙ୍କୁ ପ୍ରଦାନ କରିବେ ।<br>• ଶିକ୍ଷାର୍ଥୀ ଏହାକୁ ନେଇ କୌଣସି ନାମ ଥିବା ଚରିତ୍ର ସୃଷ୍ଟି କରିବେ ।<br>• ଦୁଇଟି ଅବସ୍ଥା ବା ପରିସ୍ଥିତିକୁ ନେଇ ସେହି ଚରିତ୍ର ମାଧ୍ୟମରେ ସମାନ ଭାବନା ସୃଷ୍ଟିକରାଯାଇ ପାରିବ ଏଡା ଲେଖବେ କିମ୍ବା ବର୍ଣ୍ଣନା କରିବେ ।<br>• ସେହି ସମାନ ଚରିତ୍ର ପାଇଁ ପୋଷାକ ସଜ୍ଜା ଓ ମେକଅପ୍ ପ୍ରସ୍ତୁତି କରିବେ । | • ଭାବ ଓ ରସ ସମ୍ବନ୍ଧୀୟ ଜ୍ଞାନ ଅର୍ଜନ କରିବେ ।<br>• ଜୀବନରେ ହେଉଥିବା ଏହାର ପ୍ରୟୋଗକୁ ତା'ସହିତ ସଂଯୋଗ କରିବେ ଓ ତାହାକୁ ବୁଝିବେ ।<br>• ଏହାକୁ ଆତ୍ମବିଶ୍ୱାସର ସହିତ ଉପସ୍ଥାପନ କରିବେ । (ଏହା ମୌଖିକ କିମ୍ବା ଲିଖିତ ହୋଇପାରେ) |
| ଗୋଷ୍ଠୀଗତ କାର୍ଯ୍ୟ (୩-୪) | • ଆରମ୍ଭ -ମଧ୍ୟ-ଶେଷ କ୍ରମରେ ଓ ସ୍ୱଷ୍ଟ ଭାବରେ କଥୋପକଥନ ସହିତ ଏକ ସରଳ କାହାଣୀ ଲେଖିବା ।<br>• ସେହି କାହାଣୀର ଦୁଇଟି ଚରିତ୍ରକୁ ପ୍ରତିନିଧିତ୍ୱ କରିବା ପାଇଁ ମୁଖା ତିଆରି କରିବା । | • ସ୍ୱତଃସ୍ଫୁର୍ତ୍ତ ଭାବେ ବିଭିନ୍ନ ସମସ୍ୟାର ସମାଧାନ କରିବେ ।<br>• ଦଳଗତ ଭାବେ କାର୍ଯ୍ୟ କରିବେ ଏବଂ ତାହାର ନେତୃତ୍ୱ ନେବେ ।<br>• ଦସ୍ତାବିଜ (ସ୍କ୍ରିପ୍ଟ) ଏବଂ ମୁଖା (ମାସ୍କ) ବିଷୟରେ ଜାଣିବେ ଓ ବୁଝିବେ । |

| ମଧ୍ୟବର୍ତ୍ତୀ କାଳୀନ ମାନନିର୍ଦ୍ଧାରଣର ନମ୍ବର | ଗଠନ ମୂଳକ ମାନନିର୍ଦ୍ଧାରଣର ହାରାହାରି ନମ୍ବର | ସମାପ୍ତିସୂଚକ ମାନନିର୍ଦ୍ଧାରଣର ନମ୍ବର | ସମୁଦାୟ ନମ୍ବର |
|---|---|---|---|
| ଦୃଶ୍ୟକଳା | | | |
| ସଙ୍ଗୀତ | | | |
| ନୃତ୍ୟ | | | |
| ନାଟକ | | | |
| କଳା ଶିକ୍ଷାରେ ସମୁଦାୟ ନମ୍ବର | | | |
| ଛାତ୍ରଛାତ୍ରୀଙ୍କ ଦକ୍ଷତା ଉପରେ ମତାମତ | | | |
| ଉନ୍ନତି ଆବଶ୍ୟକ ହେଉଥିବା ଦିଗ ଉପରେ ମତାମତ | | | |

| ସମାପ୍ତି ସୂଚକ ମାନନିର୍ଦ୍ଧାରଣର | ଗଠନ ମୂଳକ ମାନନିର୍ଦ୍ଧାରଣର ହାରାହାରି ନମ୍ବର | ସମାପ୍ତିସୂଚକ ମାନନିର୍ଦ୍ଧାରଣର ନମ୍ବର | ସମୁଦାୟ ନମ୍ବର |
|---|---|---|---|
| ଦୃଶ୍ୟକଳା | | | |
| ସଙ୍ଗୀତ | | | |
| ନୃତ୍ୟ | | | |
| ନାଟକ | | | |
| କଳା ଶିକ୍ଷାରେ ସମୁଦାୟ ନମ୍ବର | | | |
| ଛାତ୍ରଛାତ୍ରୀଙ୍କ ଦକ୍ଷତା ଉପରେ ମତାମତ | | | |
| ଉନ୍ନତି ଆବଶ୍ୟକ ହେଉଥିବା ଦିଗ ଉପରେ ମତାମତ | | | |



https://withteachers.in/



## ଆମ ଜାତୀୟ ସଙ୍ଗୀତ

"ଜନ-ଗଣ-ମନ-ଅଧିନାୟକ ଜୟ ହେ
ଭାରତ-ଭାଗ୍ୟ-ବିଧାତା
ପଞ୍ଜାବ-ସିନ୍ଧୁ-ଗୁଜୁରାଟ-ମରାଠା
ଦ୍ରାବିଡ଼ ଉତ୍କଳ ବଙ୍ଗ
ବିନ୍ଧ୍ୟ-ହିମାଚଳ-ଯମୁନା ଗଙ୍ଗା
ଉଚ୍ଛଳ ଜଳଧି ତରଙ୍ଗ
ତବ ଶୁଭ ନାମେ ଜାଗେ
ତବ ଶୁଭ ଆଶିଷ ମାଗେ
ଗାହେ ତବ ଜୟ ଗାଥା
ଜନଗଣ-ମଙ୍ଗଳ ଦାୟକ ଜୟ ହେ,
ଭାରତ ଭାଗ୍ୟ ବିଧାତା,
ଜୟ ହେ ଜୟ ହେ ଜୟ ହେ,
ଜୟ ଜୟ ଜୟ ଜୟ ହେ ।"



https://withteachers.in/